# ବିଶ୍ୱାସର ଭିତ୍ତି

(୧)

''ଚିନୁଭାଇ, ତୁମର ମନେ ଅଛି, ବହୁତ ଦିନ ତଳେ ତୁମେ କହୁଥିଲ ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗ ସମର୍ପଣରେ ଆରମ୍ଭ ହୁଏ । ଏହି ସମର୍ପଣ ପୁଣି ମା'ଙ୍କୁ କରିବା ସହଜ । ଏଇ ସମର୍ପଣର ମାର୍ଗ ବହୁତ ସହଜ ହେଲେ ବି ଏଥିରେ ଶେଷ ପର୍ଯ୍ୟନ୍ତ ଯାଇ ପୂର୍ଣ୍ଣତା ଲାଭ କରିବା ସେତେ ସହଜ ନୁହେଁ । ଏଥିପାଇଁ ଦରକାର ଆଉ ପାଞ୍ଚଟି ଗୁଣ । ତେଣୁ ସମର୍ପଣର ସଂକଳ୍ପ ନେବା ପରେ ଆମକୁ ସେଇ ପାଞ୍ଚଟି ଗୁଣର ମଧ୍ୟ ଅଧିକାରୀ ହେବାକୁ ହେବ । ସେଥିରୁ ପ୍ରଥମ ଗୁଣ 'ଆନ୍ତରିକତା' ବିଷୟରେ କହିଛ, ଏବେ ତା'ପର ଗୁଣଟି ବିଷୟରେ କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଓ ତୁ ସେ ଦିନର ସେଇ ମୂଳ କଥା ମନେ ରଖିଛୁ ! ସିଏତ ବହୁତ ଦିନର କଥା ହେଲାଣି । ୧୯୮୦ ମସିହା ଅଗଷ୍ଟରେ ଏ କଥା ଆରମ୍ଭ କରିଥିଲେ । ସେଇ ବର୍ଷ ସେପ୍‌ଟେମ୍ବରଠାରୁ ଆନ୍ତରିକତା ସମ୍ବନ୍ଧେ ଆଲୋଚନା ଚାଲିଥିଲା । ମଝିରେ ଏଇ ଗତ ୫ ମାସ ହେଲା 'ତାମିଲ କବିତାର ମେଘ – ସୁବ୍ରମନ୍ୟମ୍ ଭାରତୀ'ଙ୍କ ବର୍ଷା ଫଳରେ ସେ ଆଲୋଚନା ବନ୍ଦ ହୋଇଯାଇଥିଲା । ବୋଧହୁଏ ଆନ୍ତରିକତାର ପରବର୍ତ୍ତୀ ଗୁଣଟି ଆଲୋଚନାର ପରିସରକୁ ଆସିବାକୁ ଚାହୁଁଥିଲା । ତେଣୁ ମଝିରେ ଏପରି ଘଟିଲା । ତା' ନ ହେଲେ 'ଆନ୍ତରିକତା'ର ଆଲୋଚନା ବନ୍ଦ ହେବା ସମ୍ଭବ ନ ଥିଲା । ଠିକ୍ ଅଛି, ଆଚ୍ଛା ତୋର ମନେ ଅଛି ସେ ପାଞ୍ଚଟି ଗୁଣର ନାମ କ'ଣ ?'' ପଚାରିଲା ଚିନ୍ମୟ ।

''ଠିକ୍ କାହାପରକୁ କିଏ ମୋର ତାହା ଭଲ କରି ମନେ ନାହିଁ । ତୁମେ କହିଦିଅ ।''

''ସେ ପାଞ୍ଚଟି ଗୁଣ ହେଉଛି କାଠଚଂପା ଫୁଲର ପାଞ୍ଚଟି ପାଖୁଡ଼ା । ଯାହାର ନାମ ମା' ଦେଇଛନ୍ତି ପଞ୍ଚବିଧ ମନସ୍ତାତ୍ତ୍ୱିକ ପୂର୍ଣ୍ଣତା । ପ୍ରଥମଟି ହେଉଛି 'ଆନ୍ତରିକତା ବା ସ୍ୱଚ୍ଛତା', ଦ୍ୱିତୀୟଟି ହେଉଛି 'ବିଶ୍ୱାସ ବା ଆସ୍ଥା', ତୃତୀୟଟି ହେଉଛି 'ଭକ୍ତି ବା କୃତଜ୍ଞତା', ଚତୁର୍ଥଟି ହେଉଛି 'ସାହସ ବା ଅଭୀପ୍‌ସା', ପଞ୍ଚମଟି ହେଉଛି 'ସହିଷ୍ଣୁତା ବା ଅଧ୍ୟବସାୟ' ।''

''ତେବେ ଆଜି ଦ୍ୱିତୀୟ ଗୁଣ ସେଇ 'ବିଶ୍ୱାସ' ବିଷୟରେ କୁହ ।''

''ଆମ ଜୀବନରେ ବିଶ୍ୱାସର ସ୍ଥାନ ବହୁତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱାସ ନ ଥିଲେ ଆମେ କିଛି ନୂଆ କଥା କରିପାରିବା ନାହିଁ । ତୁ ଏଥର ତୁମ ସ୍କୁଲର ତୁମ ଗ୍ରୁପ୍‌ରେ ଉଚ୍ଚଡ଼ିଆଁ (High Jump)ରେ ଯେଉଁ ନୂଆ ରେକର୍ଡ଼ କଲୁ, ତାହା କ'ଣ କରିପାରିବୁ ବୋଲି ଆଗରୁ ଜାଣିଥିଲୁ ? କିନ୍ତୁ ତୋର ବିଶ୍ୱାସକୁ ନେଇ ଅଭ୍ୟାସ କରିକରି ଆଜି ତୁ ନୂଆ ରେକର୍ଡ଼ ସୃଷ୍ଟି କରିବାକୁ ସମର୍ଥ ହୋଇପାରିଲୁ । କିନ୍ତୁ ତୋର ସାଙ୍ଗ ରଶ୍ମିରେଖାର କ'ଣ ହେଲା ? ସେତ ଉଚ୍ଚଡ଼ିଆଁ ଅଭ୍ୟାସ ବି କରିପାରିଲା ନାହିଁ । ପ୍ରଥମରୁ ଭୟ କଲା । ନିଜ ଉପରେ ତା'ର ବିଶ୍ୱାସ ଆସିଲା ନାହିଁ ଯେ ସିଏ ତାହା କରିପାରିବ । ସେମିତି ବୈଜ୍ଞାନିକମାନେ ଯେଉଁ ନୂଆ ନୂଆ କଥା, ନୂଆ ନୂଆ ତଥ୍ୟସବୁ ଆବିଷ୍କାର ଓ ଉଦ୍ଭାବନ କରୁଛନ୍ତି, ସେସବୁ କ'ଣ ସେମାନେ ଆଗରୁ ଜାଣିଛନ୍ତି ? ନା ଦେଖିଛନ୍ତି ? କିନ୍ତୁ ପ୍ରଥମରୁ ବିଶ୍ୱାସ ନେଇ ଗବେଷଣା ଆରମ୍ଭ କରି ଶେଷରେ ଜୟଯୁକ୍ତ ହେଉଛନ୍ତି । ଯେଉଁମାନେ ପର୍ବତ ଆରୋହଣ କରୁଛନ୍ତି ସେମାନେ କ'ଣ ଜାଣିଛନ୍ତି ସେମାନେ ତା'ର ଶିଖରରେ ପହଞ୍ଚିବେ କି ନାହିଁ ? କେଉଁ ବାଟଦେଇ ଯିବେ ? କିପରି ଯିବେ ? କିନ୍ତୁ ଆରମ୍ଭରୁ ସେମାନେ ବିଶ୍ୱାସ ଓ ଭରସା ସହ ଯାତ୍ରା କରୁଛନ୍ତି । ବିଶ୍ୱାସ ନ ଥିଲେ ଆଦୌ ଯାତ୍ରା ଆରମ୍ଭ କରିପାରନ୍ତେ ନାହିଁ । ଯେଉଁମାନେ ଆଜି ଯାଇ ଚନ୍ଦ୍ରପୃଷ୍ଠରେ ଓହ୍ଲାଇଲେଣି ସେମାନେ କ'ଣ ଆଗରୁ ଜାଣିଥିଲେ ଯେ ସେଠାକୁ କିପରି ଯାଇହେବ ? କିନ୍ତୁ ସେମାନେ ବିଶ୍ୱାସର ସହ ଆଗେଇ ଯିବାରୁ ଦିନେ ସଫଳ ହେଲେ । ତା' ନ



ହୋଇଥିଲେ କେବେବି ସେମାନେ ଚନ୍ଦ୍ରପୃଷ୍ଠକୁ ଯାଇପାରି ନ ଥା'ନ୍ତେ । ଠିକ୍ ସେହିପରି ଯେଉଁମାନେ ଭଗବାନଙ୍କ ଲାଗି ସାଧନା କରନ୍ତି ସେମାନେ ତ ସମସ୍ତେ ପ୍ରଥମରୁ ଭଗବାନଙ୍କୁ ଦେଖି ନ ଥା'ନ୍ତି କି ଉପଲବ୍ଧି କରି ନ ଥା'ନ୍ତି କି ତାଙ୍କର ସ୍ପର୍ଶ ଟିକିଏ ବି ପାଇ ନ ଥା'ନ୍ତି । ଏପରିକି ଜଣେ ଜଣେ ଜୀବନସାରା ସାଧନା କରି କରି ବି ପାଇପାରନ୍ତି ନାହିଁ । କିନ୍ତୁ ସେଇ ଏକ ଅଜଣା, ଅଦେଖା, ଦୁଷ୍ପ୍ରାପ୍ୟ ବସ୍ତୁ ଲାଗି ମଣିଷ ଘର, ପରିବାର, ନିଜର ଜାଗତିକ ସୁଖସ୍ୱାଚ୍ଛନ୍ଦ୍ୟ, ଏପରିକି ଆହାର, ନିଦ୍ରା, ଜୀବନ ବି ତ୍ୟାଗ କରିବାକୁ ଟିକିଏ କୁଣ୍ଠାବୋଧ କରେ ନାହିଁ । ଏହା କିପରି ହୁଏ ? ଏହା କେବଳ ଏଇ ବିଶ୍ୱାସ ଯୋଗୁହିଁ ସମ୍ଭବ ହୋଇଥାଏ । ଅନ୍ଧାରରେ ଆଲୋକ-ବର୍ତ୍ତିକା ଭଳି ଏଇ ବିଶ୍ୱାସହିଁ ଅନ୍ଧକାରମୟ ଅଜଣା ପଥରେ ଅଜଣା ଲକ୍ଷ୍ୟ ଆଡ଼କୁ ନେଇଚାଲେ । କୌଣସି କଥା ଲାଭ କରିବା କିଂବା ହାସଲ କରିବା ପୂର୍ବରୁ ବିଶ୍ୱାସହିଁ ଆମ ମନରେ ଆଶା ସଂଚାର କରିଥାଏ ।

''ବସନ୍ତ ଋତୁ ଆସିବା ପୂର୍ବରୁ ଆମେ ଯେପରି ଚୋରା ମଳୟର ସ୍ପର୍ଶ ଅନୁଭବ କରିପାରୁ, ଫୁଲଟିଏ ଫୁଟିବା ଆଗରୁ ଛୋଟ କଳିକାଟିଏ ଯେପରି ସୃଷ୍ଟି ହୁଏ, ସୂର୍ଯ୍ୟ ଉଦୟ ହେବା ଆଗରୁ ତାଙ୍କର ଅସ୍ପଷ୍ଟ ଆଭା ଯେପରି ପୂର୍ବାକାଶରେ ଉକୁଟି ଉଠେ ଠିକ୍ ସେମିତି ଆମେ ଆମ ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ ତାହା ପ୍ରାପ୍ତ ହେବାର ଅସ୍ପଷ୍ଟ ଇଙ୍ଗିତ ବିଶ୍ୱାସରୁହିଁ ମିଳିଥାଏ । ସେଇଥିଲାଗି ଶ୍ରୀଅରବିନ୍ଦ କହିଛନ୍ତି :

"Faith is indeed Knowledge giving the ignorance an intimation of itself previous to its own manifestation, it is the gleam sent before by the yet unrisen Sun.''
''ବାସ୍ତବରେ ବିଶ୍ୱାସ ହେଉଛି ଏକ ଇଙ୍ଗିତ ବା ସୂଚନା ଯାହାକି ଜ୍ଞାନ ନିଜର ପ୍ରକାଶ ପୂର୍ବରୁ ଅଜ୍ଞାନତାକୁ ଦେଇଥାଏ । ଏହା ହେଉଛି ଉଦୟ ଅପେକ୍ଷାରେ ଥିବା ସୂର୍ଯ୍ୟଙ୍କ ପ୍ରେରିତ ଅସ୍ପଷ୍ଟ ଆଭା ।'

''ବିଶ୍ୱାସ କୌଣସି ବିଚାର ଯୋଗେ, ଯୁକ୍ତି-ପ୍ରମାଣ ଯୋଗେ ଆସି ନ ଥାଏ । ଯଦିଓ ମନ ଏହାର ଏକ କ୍ରିୟାର ଭୂମି ତଥାପି ଏହା ମନରୁ ଆସି ନ ଥାଏ । ବିଶ୍ୱାସ ଆତ୍ମାର ଏକ ଗୁଣ । ଏହା ଯେତେବେଳେ ଆସେ ସେତେବେଳେ ଏହାକୁ ଯଥାର୍ଥ ବୋଲି ପ୍ରମାଣିତ କରିବା ପାଇଁ ବାହାରେ କିଛି ଯୁକ୍ତି ନ ଥିଲେ ବି, ସମସ୍ତେ ଏହାର ବିରୋଧ କରୁଥିଲେ ବି, ଏପରିକି ନିଜର ମନ ବି – ତଥାପି ବ୍ୟକ୍ତି ତା'ର ବିଶ୍ୱାସରେ ଅଟଳ ରହେ । ଆଶ୍ଚର୍ଯ୍ୟ ଏଇ ବିଶ୍ୱାସ । ଜୀବନରେ ତା'ର ବିଶ୍ୱାସ କାର୍ଯ୍ୟକାରୀ ନ ହୋଇ ପାରିଲେ ବି ଶେଷ ପର୍ଯ୍ୟନ୍ତ ବ୍ୟକ୍ତି ନିଜର ବିଶ୍ୱାସକୁ ଛାଡ଼ିପାରେ ନାହିଁ । ମୁହୂର୍ତ୍ତକ ଲାଗି ଯଦି ସନ୍ଦେହ ଅବିଶ୍ୱାସ ଆସି ତାକୁ ଢାଙ୍କିଦିଏ, ପୁଣି ସେ ମେଘ ଆଢୁଆଳରୁ ସୂର୍ଯ୍ୟ ଉଙ୍କିମାରିଲା ପରି ଉଙ୍କିମାରେ । ଲକ୍ଷ୍ୟପ୍ରାପ୍ତିର ବିଶ୍ୱାସରୁ ବ୍ୟକ୍ତି ଯେଉଁ ଆନନ୍ଦ ପାଏ, ଖାଲି ସେତିକିହିଁ ତା' ଜୀବନକୁ ସରସ ସୁନ୍ଦର କରି ବଞ୍ଚାଇ ରଖିବା ପାଇଁ ଯଥେଷ୍ଟ ହୁଏ ।

''ଶ୍ରୀଅରବିନ୍ଦ କହନ୍ତି ଏଇ ବିଶ୍ୱାସ ଚାରିଟି ସ୍ତରରେ ଭିନ୍ନ ଭିନ୍ନ କାର୍ଯ୍ୟ କରିଥାଏ । ମନ ସ୍ତରରେ 'ମାନସିକ ବିଶ୍ୱାସ' ସନ୍ଦେହ ବିରୁଦ୍ଧରେ ସଂଗ୍ରାମ କରି ଆମକୁ ଯଥାର୍ଥ ଜ୍ଞାନ ଦିଗରେ ଉନ୍ମୁକ୍ତ ହେବା ପାଇଁ ସାହାଯ୍ୟ କରେ । ପ୍ରାଣ ସ୍ତରରେ 'ପ୍ରାଣିକ ବିଶ୍ୱାସ' ବିରୋଧୀ ଶକ୍ତିଙ୍କ ଆକ୍ରମଣକୁ ବ୍ୟର୍ଥ କରି ଓ ସେମାନଙ୍କୁ ପରାସ୍ତ କରି ଆମକୁ ଯଥାର୍ଥ ଆଧ୍ୟାତ୍ମିକ ସଂକଳ୍ପ ଓ କର୍ମ ଦିଗରେ ଉନ୍ମୁକ୍ତ କରେ । ଦେହ ସ୍ତରରେ 'ଦୈହିକ ବିଶ୍ୱାସ' ଆମକୁ ସମସ୍ତ ଭୌତିକ ଅଜ୍ଞାନତା, ଜଡ଼ତା ଅଥବା ଦୁଃଖଯନ୍ତ୍ରଣା ମଧ୍ୟରେ ସୁଦୃଢ଼ ରଖି ଯଥାର୍ଥ ଚେତନାର ପ୍ରତିଷ୍ଠା ଦିଗରେ ଉନ୍ମୁକ୍ତ ରଖିବାରେ ସାହାଯ୍ୟ କରେ । ଚୈତ୍ୟ ସ୍ତରରେ 'ଚୈତ୍ୟିକ ବିଶ୍ୱାସ' ବା 'ଅନ୍ତରାତ୍ମିକ ବିଶ୍ୱାସ' ଆମକୁ ଭଗବାନଙ୍କ ପ୍ରତ୍ୟକ୍ଷ ସ୍ପର୍ଶଲାଭ ଦିଗରେ ଉନ୍ମୁକ୍ତ ରଖେ ଓ ତାଙ୍କୁ ସମର୍ପଣ କରିବାରେ ଓ ତାଙ୍କ ସହ ମିଳିତ ହେବାରେ ସାହାଯ୍ୟ କରେ । ଏଇ ଶେଷ ବିଶ୍ୱାସକୁ କେନ୍ଦ୍ରୀୟ ବିଶ୍ୱାସ ବା ଅସଲ ବିଶ୍ୱାସ କୁହାଯାଏ । ମନ-ପ୍ରାଣ-



ଶରୀର ସ୍ତର ଅବିଶ୍ୱାସ ଓ ସନ୍ଦେହର କଳା ବଉଦରେ ଢାଙ୍କି ହୋଇଗଲେ ବି ବିଶ୍ୱାସର ସୂର୍ଯ୍ୟ ଏଇ ଚୈତ୍ୟକେନ୍ଦ୍ରରେ ଚିରଜାଜ୍ୱଲ୍ୟମାନ ରହିଥା'ନ୍ତି । ସନ୍ଦେହ, ଅବିଶ୍ୱାସରୂପକ ବିରୋଧୀ ଆକ୍ରମଣ ଘୁଞ୍ଚିଯିବା ପରେ ପୁଣି ଆମ ଲକ୍ଷ୍ୟପ୍ରାପ୍ତିର ପଥରେ ସେ ଉଦୟ ହୁଅନ୍ତି । ଆମକୁ ଆଶା, ଆଶ୍ୱାସନାରେ ଭରିଦିଅନ୍ତି, ପଥ ଦେଖାଇ ନେଇଚାଲନ୍ତି ।

''କିନ୍ତୁ ମା କହନ୍ତି ଏଇ ବିଶ୍ୱାସ ସହ ଆସ୍ଥା ନ ଥିଲେ ବିଶ୍ୱାସ ଫଳପ୍ରଦ ହୁଏ ନାହିଁ । ସନ୍ଦେହରେ ବି ପରିଣତ ହୋଇପାରେ । ଭଗବାନ ଅଛନ୍ତି ବୋଲି ଖାଲି ବିଶ୍ୱାସ କଲେ ଚଳିବ ନାହିଁ । ସେ ଯେ ଆମର ପ୍ରାର୍ଥନା ଶୁଣୁଛନ୍ତି, ଆମରି ଭିତରେ ଅଛନ୍ତି, ଆମ ପାଇଁ ଯାହା ଭଲ ତାହା କରୁଛନ୍ତି – ଏ ଆସ୍ଥା ତାଙ୍କ ଉପରେ ରଖିବାକୁ ହେବ । ନହେଲେ ମୋହନର ଶିକ୍ଷକଙ୍କ ପରି ହେବାକୁ ହେବ ।''

''ମୋହନର ଶିକ୍ଷକଙ୍କର କ'ଣ ହେଲା କି ?'' ପଚାରିଲା ଅନୁରକ୍ତା ।

''ମୋହନ ବୋଲି ଥିଲା ଗୋଟିଏ ବହୁତ ଗରିବ ପିଲା । ତା'ର ବାପା ମରିଯାଇଥାଏ । ଘରେ ତାର ଖାଲି ମାଆଟିଏ । ସେ ଗାଁର ଅନ୍ୟମାନଙ୍କ ଘରେ କାମ କରି ଯାହା କିଛି ପାଏ ସେଥିରେ ମାଆ ପୁଅ ଦୁଃଖକଷ୍ଟରେ ଚଳନ୍ତି । ମୋହନର କିନ୍ତୁ ବହୁତ ଇଚ୍ଛା ସେ ସ୍କୁଲରେ ପଢ଼ିବ । ପାଖରେ ସ୍କୁଲ ନାହିଁ । ସ୍କୁଲକୁ ଯିବାକୁ ହେଲେ ଏକ ପାହାଡ଼ିଆ ଜଙ୍ଗଲ ବାଟ ଦେଇ ବହୁ ଦୂର ଯିବାକୁ ହେବ । ତା'ଛଡ଼ା ଦୁଇବେଳା ପେଟକୁ ଦୁଇମୁଠା ଖାଇବା ଲାଗି ବି ହାତରେ ପଇସା ନାହିଁ । ତେଣୁ ମା' ଯେତେ ମନାକଲେ ବି ସେ ମାନୁ ନ ଥାଏ । ଏକା ଜିଦ୍ । ଶେଷକୁ ଏକଥା ସେ ଗାଁର ଜଣେ ଦରଦୀ ଲୋକଙ୍କ କାନରେ ପଡ଼ିଲା । ସେ ମୋହନ ପ୍ରତି ଦୟାକରି ତା'ର ନାମ ସ୍କୁଲରେ ଲେଖାଇ ଦେଲେ । ମୋହନ ସ୍କୁଲକୁ ଗଲା । ତା' ଆନନ୍ଦ କହିଲେ ନସରେ । ବହିପତ୍ରଟିଏ ପାଖରେ ନାହିଁ ବୋଲି ଚିନ୍ତା ବି ନାହିଁ । ଶିକ୍ଷକ ଯାହା ପଢ଼ାନ୍ତି

ମନଦେଇ ଶୁଣେ । ସାଙ୍ଗ ପିଲାଙ୍କଠାରୁ ବହିପତ୍ର ମାଗିଯାଚି ଚଳାଇ ନିଏ । ଦିନେ ତାଙ୍କ କ୍ଲାସରେ ଶିକ୍ଷକ ଭକ୍ତ ପ୍ରହ୍ଲାଦଙ୍କ ବିଷୟ ପଢ଼ାଉ ଥିଲେ । ପ୍ରହ୍ଲାଦ ଜନ୍ମରୁ ହରିଭକ୍ତ । କିନ୍ତୁ ବାପା ତାଙ୍କର ରାକ୍ଷସମାନଙ୍କର ରାଜା ହିରଣ୍ୟକଶିପୁ ଭଗବାନଙ୍କୁ ମାନେ ନାହିଁ । ପୁଅର ହରିଭକ୍ତି ଦେଖି ତା'ର ବାପା ଯେତେ ତାକୁ ମନାକଲା ତାଙ୍କୁ ଭକ୍ତି ଉପାସନା ନ କରିବା ଲାଗି, ପୁଅ କିନ୍ତୁ ବାପ କଥା ରଖିପାରିଲେ ନାହିଁ । ପ୍ରହ୍ଲାଦଙ୍କର ହରିଭକ୍ତି ଦିନକୁ ଦିନ ବଢ଼ିବାକୁ ଲାଗିଲା । ଏଥିରେ ହିରଣ୍ୟକଶିପୁ ରାଗି ତାଙ୍କୁ ବିଭିନ୍ନ ଉପାୟରେ ମାରି ଦେବାକୁ ଚେଷ୍ଟା କଲା । କିନ୍ତୁ ତା'ର ସବୁ ଉପାୟ ବ୍ୟର୍ଥ ହେଲା । ଭଗବାନ ତାକୁ ସବୁଥିରୁ ରକ୍ଷାକଲେ । ଦିନେ ହିରଣ୍ୟକଶିପୁ ପୁଅର ଆଚରଣରେ ପ୍ରଚଣ୍ଡ କ୍ରୋଧାନ୍ୱିତ ହୋଇ କହିଲା, 'କାହିଁ ତୋ ହରି, ଦେଖା !' ବାଳକ ପ୍ରହ୍ଲାଦ ପାଖରେ ଥିବା ଖୁମ୍ବକୁ ଦେଖାଇ କହିଲେ, 'ମୋ ହରି ଏହା ଭିତରେ ବି ଅଛନ୍ତି ।' କ୍ରୋଧରେ ହିରଣ୍ୟକଶିପୁ ଖୁମ୍ବକୁ ଗୋଟାଏ ଗୋଇଠା ମାରିବା ମାତ୍ରେ ସେଥିରୁ ଭଗବାନ ଭୟଙ୍କର ନରସିଂହ ରୂପ ଧାରଣ କରି ବାହାରି ହିରଣ୍ୟକଶିପୁକୁ ନିଜ ଜଂଘରେ ପକାଇ ନଖରେ ଚିରି ମାରିଦେଲେ ଓ ପ୍ରହ୍ଲାଦଙ୍କୁ ଆଶୀର୍ବାଦ କରି ପୁଣି ଉଭେଇ ଗଲେ ।

''ମୋହନ ଶିକ୍ଷକଙ୍କଠାରୁ ଏ କାହାଣୀଟି ଶୁଣି ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ପ୍ରହ୍ଲାଦ କିପରି ଜାଣିଲେ ଭଗବାନ ସେ ଖମ୍ବରେ ଅଛନ୍ତି ବୋଲି ?' ଶିକ୍ଷକ କହିଲେ, 'ଖାଲି ଖମ୍ବରେ ନୁହେଁ, ପ୍ରହ୍ଲାଦଙ୍କର ବିଶ୍ୱାସ ଥିଲା ଭଗବାନ ସବୁଆଡ଼େ ସବୁଥିରେ ଅଛନ୍ତି । ତେଣୁ ହଠାତ୍ ବାପା ପଚାରିବା ମାତ୍ରେ ଖମ୍ବଟିକୁ ଦେଖାଇ କହିଦେଲେ – ମୋ ହରି ଏହାରି ଭିତରେ ଅଛନ୍ତି । ଯିଏ ଭଗବାନଙ୍କ ଉପରେ ବିଶ୍ୱାସ ରଖେ, ତାଙ୍କୁ ଭକ୍ତି କରେ, ଭଗବାନ ସବୁବେଳେ, ସବୁ ସ୍ଥାନରେ ତା' ଡାକ ଶୁଣନ୍ତି ।'

''ଶିକ୍ଷକଙ୍କଠାରୁ ଏକଥା ଶୁଣି ମୋହନ ତା' ନିଃସହାୟ ଜୀବନରେ ଯେପରି ଏକ ସହାୟ ପାଇଲା । ଜଙ୍ଗଲ ବାଟ ଦେଇ ଘରକୁ ଫେରିଲାବେଳେ



ଯଦି ତାକୁ ଡରମାଡ଼େ ସେ ଭଗବାନଙ୍କୁ ପ୍ରାର୍ଥନା କରେ । ତା'ର ସରଳ ବିଶ୍ୱାସର ପୂର୍ଣ୍ଣ ପ୍ରାର୍ଥନା ଭଗବାନ ଶୁଣନ୍ତି । ଗୋଟିଏ ବାଳକ ବେଶରେ ଆସି ତାକୁ ବଣ ପାରି କରାଇ ଦିଅନ୍ତି । ତାଙ୍କର ସାନ୍ନିଧ୍ୟ, ତାଙ୍କର ସ୍ପର୍ଶ ମୋହନକୁ ବହୁତ ଆନନ୍ଦ ଦିଏ । ମୋହନ ତା ମାଆ ଆଗରେ ଏକଥା କୁହେ । ମା' ତା'ର ଭଗବାନଙ୍କ ପ୍ରତି ନୀରବ କୃତଜ୍ଞତାରେ ଅଶ୍ରୁଢାଳେ, ମନେ ମନେ ଖୁସି ହୁଏ ଓ ମୋହନ ସମ୍ବନ୍ଧେ ନିଶ୍ଚିନ୍ତ ବି ହୁଏ । ମୋହନ ତା'ର ସେଇ ବାଳକ ଭଗବାନଙ୍କୁ ଜଙ୍ଗଲ-ଭାଇ ବୋଲି ଡାକେ । ତା'ର ଯେତେବେଳେ ଯାହା ନିହାତି ଦରକାର ଜଙ୍ଗଲ-ଭାଇ ତାକୁ ଦିଅନ୍ତି । ଖାଲି ଜଙ୍ଗଲଟା ଛଡ଼ା ଜଙ୍ଗଲ ବାହାରକୁ କେବେ ତା' ସାଥିରେ ଯାଆନ୍ତି ନାହିଁ । ଯିବା ଆବଶ୍ୟକ ବି ନ ଥାଏ । ଥରେ ସ୍କୁଲରେ ସରସ୍ୱତୀ ପୂଜା ହେଉଥିଲା । ପୂଜା ଓ ଖିଆପିଆ ସାରି ପିଲାମାନେ ଘରକୁ ଫେରୁ ଫେରୁ ବହୁତ ବିଳମ୍ବ ହୋଇଗଲା । ପ୍ରାୟ ସନ୍ଧ୍ୟା ହୋଇ ଯାଇଥିଲା । ସମସ୍ତଙ୍କ ଘର ସ୍କୁଲ ଆଖପାଖରେ ଥିଲା । କେବଳ ମୋହନ ଘର ଥିଲା ବହୁତ ଦୂର । ପିଲାମାନେ ସ୍କୁଲରୁ ଚାଲିଯିବା ପରେ ଶିକ୍ଷକଙ୍କର ମନେପଡ଼ିଲା – ଆରେ, ମୋହନକୁ ସ୍କୁଲରେ ରଖି ଦେଇଥିଲେ ହୋଇଥା'ନ୍ତା । ବିଚରା ସଞ୍ଜବୁଡ଼ଟାରେ ଜଙ୍ଗଲ ବାଟ ଦେଇ ଏତେ ଦୂର କିପରି ଯିବ ? କିନ୍ତୁ ସେତେବେଳକୁ ତାକୁ ଫେରାଇ ଆଣିବା ଆଉ ସମ୍ଭବ ନ ଥିଲା । ସାରାରାତି ଶିକ୍ଷକ ମୋହନ ଚିନ୍ତାରେ ବ୍ୟସ୍ତ ହୋଇ କଟାଇଲେ । କାରଣ ମୋହନର ପଢ଼ାପଢ଼ି ଓ ଆଚରଣ ଯୋଗୁ ସେ ତାକୁ ବହୁତ ଭଲ ପାଉଥିଲେ । ତା' ଆରଦିନ ସକାଳେ ସ୍କୁଲରେ ମୋହନକୁ ଦେଖିବା ପାଇଁ ସେ ଉତ୍କଣ୍ଠିତ ହୋଇ ଅପେକ୍ଷା କରିଥା'ନ୍ତି । ଏଇ ସମୟରେ ମୋହନ ସବୁଦିନ ଭଳି ତା'ର ସ୍ୱାଭାବିକ ଢଙ୍ଗରେ ଆସି ସ୍କୁଲରେ ପହଞ୍ଚିଲା । ମୋହନକୁ ଦେଖି ଶିକ୍ଷକ ଟିକିଏ ଆଶ୍ୱସ୍ତ ହେଲେ । ତାକୁ ପାଖକୁ ଡାକି ପଚାରିଲେ, 'କାଲି ସନ୍ଧ୍ୟାରେ ଏକାଟିଆ କିପରି ଜଙ୍ଗଲ ବାଟ ଦେଇ ଘରକୁ ଗଲୁ ?'

''ମୋହନ କହିଲା, 'କାଇଁ, ମୋ ଜଙ୍ଗଲ-ଭାଇ ମୋତେ ବଣ ପାର କରାଇ ଘର ପାଖରେ ଛାଡ଼ିଦେଇ ଆସିଲା ।'

''ଶିକ୍ଷକ ପଚାରିଲେ, 'ତୋ ଜଙ୍ଗଲ-ଭାଇ କିଏ ?' ମୋହନ ମୂଳରୁ ସବୁ କଥା କହିଲା । କିପରି ସେ ଶିକ୍ଷକଙ୍କଠାରୁ ପ୍ରହ୍ଲାଦଙ୍କ କଥା ଶୁଣି ଜଙ୍ଗଲରେ ଗଲାବେଳେ ଭଗବାନଙ୍କୁ ପ୍ରାର୍ଥନା କରେ । ଭଗବାନ ତା ପ୍ରାର୍ଥନା ଶୁଣି ତାକୁ ସାହାଯ୍ୟ କରିବା ଲାଗି ସୁନ୍ଦର ବାଳକଟିଏ ପଠାନ୍ତି । ସେଇ ବାଳକକୁ ସେ ଜଙ୍ଗଲ-ଭାଇ ବୋଲି ଡାକେ ।

''ଶିକ୍ଷକ ଏକଥା ନିଶ୍ଚିତରେ ଘଟୁଚି ବୋଲି ଜାଣିଲେ ବି ବିଶ୍ୱାସ କରି ପାରିଲେ ନାହିଁ । ସତରେ ଯେ ଭଗବାନ ଗୋଟିଏ ଗରିବ ବାଳକର ଡାକରେ ଗୋଟିଏ ବାଳକ ବେଶରେ ଆସି ତାକୁ ସାହାଯ୍ୟ କରିପାରନ୍ତି ଏକଥା ତାଙ୍କ କଳ୍ପନାରେ ବି ଆସିଲା ନାହିଁ । ସେ ମୋହନକୁ କହିଲେ, 'ମୋହନ, ମୋତେ ତୋ ଜଙ୍ଗଲ-ଭାଇକୁ ଦେଖାଇ ଦେବୁ ?' ମୋହନ କହିଲା, 'ହଁ, ଆଜି ମୋ ସଙ୍ଗରେ ଗଲେ ଦେଖାଇ ଦେବି ।'

''ସେଦିନ ସ୍କୁଲ ଛୁଟି ପରେ ଶିକ୍ଷକ ମୋହନ ସଙ୍ଗେ ଗଲେ । ଜଙ୍ଗଲ ପଡ଼ିଲା । ମୋହନ ତା ଜଙ୍ଗଲ-ଭାଇକୁ ଡାକିଲା । କେହି ଆସିଲେ ନାହିଁ । ଆହୁରି କେତେ ଡାକିଲା । ତା' ଶିକ୍ଷକ ତାକୁ ଦେଖିବାକୁ ଆସିଛନ୍ତି ବୋଲି ବଡ଼ ପାଟିରେ କହିଲା । କିନ୍ତୁ କାହାରି ଆସିବା ଦେଖାଗଲା ନାହିଁ । ଶିକ୍ଷକଙ୍କ ସନ୍ଦେହ ଆହୁରି ବଢ଼ିଗଲା । ସେ କହିଲେ, 'କାହିଁ ତୋ ଜଙ୍ଗଲ-ଭାଇ ? ମୁଁ ଜାଣେ ଏପରି କଥା କ'ଣ କେବେ ହୋଇପାରେ ?' ଏକଥା ମୋହନକୁ ବହୁତ ବାଧିଲା । ସେ ଭାବିଲା ଶିକ୍ଷକ ତାକୁ ମିଛୁଆ ବୋଲି ଭାବୁଛନ୍ତି । ତା' ଜଙ୍ଗଲ-ଭାଇ ଉପରେ ତା'ର ଅଭିମାନ ଆସିଲା । ସେ କଇଁ କଇଁ ହୋଇ କାନ୍ଦି ପକାଇଲା । ଏତିକିବେଳେ ଶୂନ୍ୟରୁ ଏକ କୋମଳ ସୁଲଳିତ କଣ୍ଠସ୍ୱର ଭାସି ଆସିଲା – 'ମୋହନ, ବ୍ୟସ୍ତ ହଅନା, ତୋ ଜଙ୍ଗଲ-ଭାଇ ସବୁବେଳେ ତୋ ପାଖେ ପାଖେ ଅଛି । ତୋର ସରଳ ବିଶ୍ୱାସ ନିକଟରେ ସେ ବନ୍ଧା । କିନ୍ତୁ ତୋର ଶିକ୍ଷକଙ୍କର ଯଦିଓ ଭଗବାନ ଅଛନ୍ତି ବୋଲି ବିଶ୍ୱାସ ଅଛି ତଥାପି ସେ ଯେ ମଣିଷର ଡାକରେ ରୂପନେଇ ତାକୁ ସାହାଯ୍ୟ କରିପାରନ୍ତି



ଏ ଆସ୍ଥା କି ଭରସା ତାଙ୍କର ନାହିଁ । ସେଥିଲାଗି ସେ ତୋ ସାଙ୍ଗରେ ଥିବାରୁ ମୁଁ ଦେଖା ଦେଇ ପାରୁ ନାହିଁ ।'

''ଏତିକି ଶୁଣିବା ପରେ ଶିକ୍ଷକ ମୋହନକୁ କୁଣ୍ଢାଇ ପକାଇ କହିଲେ, 'ମୋହନ ତୋ ଯୋଗୁ ମୋ ଜୀବନ ଆଜି ସାର୍ଥକ ହେଲା । ମୁଁ ଭଗବାନଙ୍କ କଣ୍ଠସ୍ୱର ଶୁଣିପାରିଲି । ଆଉ ମୋ ଜୀବନର ଭୁଲ ବୁଝିପାରିଲି । ତୁ ଆଜି ମୋର ଆଖି ଫିଟାଇ ଦେଲୁ । ମୁଁ ତୋର ଶିକ୍ଷାଗୁରୁ ହେଲେ କ'ଣ ହେଲା, ତୁ ଆଜିଠାରୁ ମୋର ଦୀକ୍ଷାଗୁରୁ ।' ମୋହନ ଶିକ୍ଷକଙ୍କ ପାଦତଳେ ପଡ଼ି କହିଲା, 'ନା, ନା, ଆମ ସମସ୍ତଙ୍କ ଗୁରୁ ସେଇ ଜଙ୍ଗଲ-ଭାଇ ।' ''

''ଛୋଟ ପିଲାଙ୍କର ବିଶ୍ୱାସ ବଡ଼ ମଣିଷଙ୍କ ବିଶ୍ୱାସ ଅପେକ୍ଷା ବହୁତ ସରଳ, ବହୁତ ସ୍ୱଚ୍ଛ ନା ?'' ପଚାରିଲା ଅନୁରକ୍ତା ।

''ହଁ, ଛୋଟପିଲା ଯାହାକୁ ବିଶ୍ୱାସ କରିଯିବେ ତାକୁ ସତ ବୋଲି ମଣିବେ । ବଡ଼ ମଣିଷଙ୍କର ବୁଦ୍ଧିବିଚାର ବହୁତ ବିକାଶ ହୋଇ ଥିବାରୁ ସେମାନଙ୍କ ମନରେ ବିଶ୍ୱାସ ଆସିଲେ ତା' ସଙ୍ଗେ ସଙ୍ଗେ ଅବିଶ୍ୱାସ ବି ଆସେ । ସେମାନେ ନାନା ବିଚାର, ଯୁକ୍ତିତର୍କ ନିଜ ଭିତରେ କରିଚାଲନ୍ତି । ବିଶ୍ୱାସ ତାଙ୍କର ଏକନିଷ୍ଠ ଓ ଦୃଢ଼ୀଭୂତ ହୋଇପାରେ ନାହିଁ । ବିଶ୍ୱାସଟା ଖାଲି ମନର ଗୋଟାଏ ଅଭ୍ୟାସବଶତଃ ରହିଯାଏ । ସେଥିରେ ଆସ୍ଥା ନ ଥାଏ କି ଭରସା ନ ଥାଏ ।

''ଇଉରୋପର ଗୋଟିଏ କଥା । ସେଠାକାର ଗୋଟିଏ ଅଞ୍ଚଳରେ ଥରେ ବହୁଦିନଧରି ବର୍ଷା ହେଲା ନାହିଁ । ସେଠାରେ ଯେଉଁ ଲୋକମାନେ ଥିଲେ, ସେମାନେ ସବୁ ଖ୍ରୀଷ୍ଟ ଧର୍ମର । ଥରେ ସ୍ଥିର ହେଲା ବର୍ଷା ଲାଗି ସେମାନେ ଚର୍ଚ୍ଚରେ ଉପାସନା କରିବେ । ସବୁ ଧର୍ମପ୍ରାଣ ଲୋକ ଚର୍ଚ୍ଚକୁ ଆସିଲେ । ସେମାନଙ୍କ ସହ ଗୋଟିଏ ଛୋଟ ବାଳକ ବି ଆସିଥିଲା । ସେ ବର୍ଷା ପାଇଁ ପ୍ରାର୍ଥନା ହେବ ଜାଣି ଘରୁ ଗୋଟିଏ ଛତା ନେଇ ଆସିଥିଲା । ତାକୁ ଦେଖି ସମସ୍ତେ ହସିଲେ, ଥଟ୍ଟା କଲେ । ସେ ବୁଝିପାରିଲା ନାହିଁ କାହିଁକି ସେମାନେ ତାକୁ ଥଟ୍ଟା କରୁଛନ୍ତି । ବର୍ଷା ପାଇଁ ପ୍ରାର୍ଥନା ହେଲେ ତ ବର୍ଷା ନିଶ୍ଚୟ ହେବ ।

ତେଣୁ ତା'ର ଛତା ଆଣିବାରେ ଦୋଷ କ'ଣ ? ସତକୁ ସତ ସେ ଛୋଟ ପିଲାଟିର ବିଶ୍ୱାସ ସତ ହେଲା । ଉପାସନା ପରେ ପ୍ରବଳ ବର୍ଷା ହେଲା । ସମସ୍ତେ ଓଦାହୋଇ ଘରକୁ ଫେରିଲେ । ସେ କିନ୍ତୁ ମହା ଆନନ୍ଦରେ ଛତା ଧରି ଯାଉଥାଏ । ଯେଉଁମାନେ ତାକୁ ଥଟ୍ଟା କରୁଥିଲେ ସେମାନେ ଲଜ୍ଜିତ ହେଲେ । ଏତେ ଧର୍ମପ୍ରାଣ ଲୋକ ବର୍ଷାଲାଗି ବିଶ୍ୱାସ ନେଇ ଉପାସନା କରିବାକୁ ଆସିଥିଲେ, କିନ୍ତୁ ସେ ଛୋଟ ପିଲାଟିକୁ ଛାଡ଼ି ଦେଲେ କାହାରି ଦୃଢ଼ ଆସ୍ଥା ନ ଥିଲା ଯେ ସତରେ ବର୍ଷା ହେବ । ତେଣୁ –

ବିଶ୍ୱାସର ମାଟିରେ ଯଦି
ଆସ୍ଥାଜଳ ନାହିଁ
ସାଧନା-ବୀଜ କିପରି କହ
ଅଙ୍କୁର ହେବ ତହିଁ ?''

## ସବୁକିଛିର ଅନ୍ତରରେ ଓ ପଶ୍ଚାତରେ ସେ ଅଛନ୍ତି

## (୨)

''ଆଚ୍ଛା, ଆମ ଗାଁ କପିଳ ମଉସା ଆଉ ପରୀକ୍ଷିତ ଦାଦା – ଏ ଦୁହେଁ କେତେ ଠାକୁରଭକ୍ତ । ଗାଁରେ ଠାକୁରଙ୍କ କାମ କିଛି ହେଲେ ଆଗ ବାହାରି ପଡ଼ିବେ । ଚାନ୍ଦା ଭେଦା ଆଦାୟ କରିବାଠାରୁ ଆରମ୍ଭ କରି ସମସ୍ତ କାମ କେଡ଼େ ଆଗ୍ରହ ଓ ଶ୍ରଦ୍ଧାର ସହ କରିବେ । ଯେତେ ଯୁଆଡୁ ସାଧୁ ସନ୍ନ୍ୟାସୀ ଆସିବେ ତାଙ୍କୁ ନେଇ ଘରେ କେତେ ଆଦର ଯତ୍ନ ସହକାରେ ଖୁଆଇ ପିଆଇ ଛାଡ଼ିବେ । ଭଗବାନଙ୍କ ଭଜନ କୀର୍ତ୍ତନ କରୁଥିଲାବେଳେ ଖାଇବା ପିଇବା ନିଜ ଦେହ ପର୍ଯ୍ୟନ୍ତ ବି ଭୁଲିଯିବେ । ଆଖିରୁ ଧାର ଧାର ଲୁହ ବହିଯାଉଥିବ । କାହାର କିଛି ବିପଦ ଆପଦ ପଡ଼ିଲେ କି ରୋଗବ୍ୟାଧି ହେଲେ କହିବେ ଠାକୁରଙ୍କ ଉପରେ ବିଶ୍ୱାସ ରଖ, ଠାକୁରଙ୍କୁ ଡାକ ସବୁ ଠିକ୍ ହୋଇଯିବ । ତାଙ୍କ କଥା ଶୁଣି ଅନେକ ଲୋକ ଆଶା ଆଶ୍ୱାସନା ପାଆନ୍ତି । ଆମ ପାଠଚକ୍ରକୁ ବି ବେଳେବେଳେ ଆସନ୍ତି । ମାଶ୍ରୀଅରବିନ୍ଦଙ୍କ ଫଟୋରେ ଫୁଲ ଧୂପ ଦିଅନ୍ତି । ତାଙ୍କୁ ଭକ୍ତି ସମ୍ମାନ କରନ୍ତି । କହନ୍ତି ଠାକୁର ସବୁବେଳେ ନୂଆ ନୂଆ ରୂପରେ ଏ ପୃଥିବୀକୁ ଉଦ୍ଧାର କରିବାକୁ ଆସନ୍ତି । ଶ୍ରୀମା ଶ୍ରୀଅରବିନ୍ଦ ଏ ଯୁଗରେ ସେଇଥିପାଇଁ ଆସିଛନ୍ତି । ସେମାନେ ରୂପାନ୍ତର ଫୁପାନ୍ତର କିଛି ବୁଝନ୍ତି ନାହିଁ । କହନ୍ତି ଯିଏ ରାମ, ସେଇ କୃଷ୍ଣ, ସେଇ ବୁଦ୍ଧ, ସେଇ ମହମ୍ମଦ, ସେଇ ଯୀଶୁ, ସେଇ ଶ୍ରୀମା ଶ୍ରୀଅରବିନ୍ଦ । ସବୁ ଠାକୁର-ଠାକୁରାଣୀ ସମାନ । ସେମାନେ ବେଶୀ କିଛି ପାଠଶାଠ ପଢ଼ି ନାହାନ୍ତି କି ସଭାସମିତିରେ ବକ୍ତୃତା ଦେଇ ପାରନ୍ତି ନାହିଁ । ଠାକୁରଙ୍କ ଉପରେ କିଏ ଅବିଶ୍ୱାସ କଲେ ସେମାନଙ୍କ ସହ ବିଶେଷ ଯୁକ୍ତି କରିପାରନ୍ତି ନାହିଁ; ଚିଡ଼ି ପଳାଇ ଯାଆନ୍ତି । କେତେ ସରଳ ଆଉ କେତେ

ଜୋରଦାର ସେମାନଙ୍କର ବିଶ୍ୱାସ ! କିନ୍ତୁ ଗତବର୍ଷ ହଇଜା ଆସିଲା । ଆମ ଗାଁର ଆଉ ଅନ୍ୟସବୁ ଗାଁର କେତେ ଲୋକ ମରିଗଲେ । ମାତ୍ର ପରୀକ୍ଷିତ ଦାଦାଙ୍କର କି ତାଙ୍କ ପରିବାରର କିଛି ହେଲା ନାହିଁ, ଅଥଚ କପିଳ ମଉସାଙ୍କ ପରିବାର ହଇଜାରେ ପୂରା ପଦା ହୋଇଗଲେ । ଶେଷକୁ ସେ ନିଜେ ବି ସେଥିରୁ ରକ୍ଷା ପାଇଲେ ନାହିଁ । ଏପରି କିପରି ହେଲା ? ତାଙ୍କର କ'ଣ ଭଗବାନଙ୍କ ଉପରେ ବିଶ୍ୱାସ ନ ଥିଲା ? ପରୀକ୍ଷିତ ଦାଦାଙ୍କ ପରି ସିଏ କାହିଁକି ରକ୍ଷା ପାଇଲେ ନାହିଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ମୁଁ ଶୁଣିଛି ପରୀକ୍ଷିତ ଦାଦା କହୁଥିଲେ ଯେତେବେଳେ ହଇଜା ଆସିଲା କପିଳ ମଉସା କହିଲେ ଏଇତ ସାକ୍ଷାତ୍ ଠାକୁରାଣୀ ଆସିଛନ୍ତି । ଗାଁକୁ ପଦା ନ କରି ଛାଡ଼ିବେ ନାହିଁ । ପରୀକ୍ଷିତ ଦାଦା ଯେତେ କହିଲେ ଇଏ ଠାକୁରାଣୀ କାହିଁକି ହେବେ ? ଠାକୁର-ଠାକୁରାଣୀ କ'ଣ ମଣିଷକୁ ଏପରି ରୋଗ ଦୁଃଖରେ ମାରନ୍ତି ? ବରଂ ତାଙ୍କର ଆଶ୍ରୟ ନେଲେ ରୋଗ-ଦୁଃଖ କଟିଯାଏ । କପିଳ ମଉସା ତାଙ୍କ କଥା ଜମା ଶୁଣିଲେ ନାହିଁ । କହିଲେ, 'କରି କରାଉଥାଏ ମୁହିଁ, ମୋ ବିନା ଆନଗତି ନାହିଁ ।' ସବୁ ଭଗବାନ କରୁଛନ୍ତି । ତାଙ୍କଛଡ଼ା ଆଉ କିଛି ନାହିଁ । ଏ ହଇଜାକୁ ସେଇ ଆଣିଛନ୍ତି ଆମ ଗାଁକୁ ପଦା କରିବାକୁ । ତାଙ୍କ ରାଗ କବଳରୁ ରକ୍ଷାପାଇବା ବଡ଼ କଷ୍ଟ । ଏହା କହି ଭୟରେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଗାଁରେ କୀର୍ତ୍ତନ, ଯଜ୍ଞ, ଭୋଗରାଗ ଆଦିର ବ୍ୟବସ୍ଥା କଲେ । ବାହାରେ ଏସବୁ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କଲେ କ'ଣ ହେଲା, ଭିତରେ ଖାଲି ଭୟରେ ଥରୁଥାଆନ୍ତି । ତାଙ୍କର ପ୍ରଭାବ ତାଙ୍କ ପରିବାର ଉପରେ ପଡ଼ିଲା । ସେମାନେ ବି ଭୟରେ ଥରହର ହେଲେ । ଫଳରେ ଖୁବ୍ ସହଜରେ ହଇଜା ସେମାନଙ୍କୁ ଆକ୍ରମଣ କଲା ଓ ସମସ୍ତେ ମୃତ୍ୟୁ ମୁଖରେ ପଡ଼ିଲେ ।''

''ଭୟ କଲେ ରୋଗ ହେବାର ନ ଥିଲେ କ'ଣ ହୋଇଯିବ ?'' ପଚାରିଲା ଅନୁରକ୍ତା ।



''ହଁ, ଭୟ ତ ରୋଗବ୍ୟାଧିକୁ ଶରୀରରେ ପ୍ରବେଶ କରାଇବାର ବାଟ । କପିଳ ମଉସା ଭାବିଲାପରି ସେଗୁଡ଼ାକ ପ୍ରକୃତରେ ଭାଗବତ ଶକ୍ତି ନୁହଁନ୍ତି । ଯେଉଁମାନେ ରୋଗବ୍ୟାଧି, ଦୁଃଖଯନ୍ତ୍ରଣା, ନାନା ପ୍ରକାର ବିପର୍ଯ୍ୟୟ, ଦୁର୍ଘଟଣା ଆଦି ସୃଷ୍ଟି କରନ୍ତି ସେମାନେ ହେଉଛନ୍ତି ଭଗବାନଙ୍କ ବିରୋଧୀ ନିମ୍ନପ୍ରାଣ ସ୍ତରର ସତ୍ତା । ଯେପର୍ଯ୍ୟନ୍ତ ବ୍ୟକ୍ତିର ଭଗବାନଙ୍କ ଉପରେ ବିଶ୍ୱାସ ଓ ସାହସ ଥାଏ, ସେପର୍ଯ୍ୟନ୍ତ ସେମାନେ ତା' ଭିତରେ ପ୍ରବେଶ କରିପାରନ୍ତି ନାହିଁ । ସାମାନ୍ୟ ଭୟ ବ୍ୟକ୍ତି ମଧ୍ୟରେ ପ୍ରବେଶ କଲେ ସେମାନେ ପ୍ରବେଶ କରିବାର ସୁଯୋଗ ପାଆନ୍ତି । ଭୟ ଆସିବାର ଅର୍ଥ ହେଉଛି ଭଗବାନଙ୍କ ଉପରେ ବିଶ୍ୱାସ ଥିଲେ କ'ଣ ହେବ, ସେ ଯେ ରକ୍ଷାକରି ପାରିବେ – ଏ ଆସ୍ଥା ବ୍ୟକ୍ତିର ନ ଥାଏ । ତା' ଛଡ଼ା ରୋଗବ୍ୟାଧିକୁ ବି ସେ ଭଗବାନଙ୍କ କାର୍ଯ୍ୟ ବୋଲି ଭାବେ । ଆସ୍ଥାହୀନ ବିଶ୍ୱାସ ଯୋଗୁ ଭୟ ଆସିବାର ସୁଯୋଗ ପାଏ । ଆଉ ଏଇ ଭୟ ଅକାଳରେ ବ୍ୟକ୍ତିର ଆୟୁଷ ସମାପ୍ତ କରିଦିଏ । ଏଇ ସମ୍ବନ୍ଧେ ଗୋଟିଏ କଥା ଶୁଣିବୁ ?''

''କ'ଣ କୁହ ।''

''ବାଟୋଇଟିଏ ଚାଲି ଚାଲି ଗୋଟିଏ ଦୂର ସହରକୁ ଯାଉଛି । ପଛରୁ ଶୁଣିଲା ଘୋଡ଼ା ଟାପୁର ଶବ୍ଦ । ଫେରି ଚାହିଁଲା । ଦେଖିଲା ବେଳକୁ ଗୋଟାଏ କାଳିଆ କୁତ୍ସିତ ଲୋକ ଘୋଡ଼ାରେ ଚଢ଼ି ଆସୁଛି । ପଚାରିଲା, 'ଆଜ୍ଞା କୁଆଡ଼େ ଯିବେ ?' ସେ ଲୋକଟି କହିଲା, 'ମୁଁ ହେଉଛି ପ୍ଲେଗ ରୋଗ । ମୋତେ ଯମରାଜା ପଠାଇଛନ୍ତି, ଏ ସହରରୁ କାଲିସୁଦ୍ଧା ଦଶ ହଜାର ଲୋକଙ୍କ ଜୀବନ ନେବାକୁ । ସେଇଥିଲାଗି ମୁଁ ସହର ଆଡ଼କୁ ଯାଉଛି । ଏହା କହି ଘୋଡ଼ା ଝପଟାଇ ସେ ଚାଲିଗଲା । ତା' ପରଦିନ ବାଟୋଇଟିର ବାଟ ସରି ନ ଥାଏ । ଦେଖିଲା ସେ କାଳିଆ କୁତ୍ସିତ ଲୋକଟା ବହୁତ ଖୁସି ହୋଇ ଆଗ ଅପେକ୍ଷା ଜୋରରେ ଘୋଡ଼ା ଝପଟାଇ ଫେରୁଛି । ସେ ଯେମିତି ତା'ପାଖ ହୋଇଗଲା ପଚାରିଲା, 'କ'ଣ ଆପଣଙ୍କ କାମ ହୋଇଗଲା ? ସହରରୁ ଦଶ

ହଜାର ଲୋକ ମରିଗଲେ ?' ଲୋକଟି ତା'ର କୁତ୍ସିତ କଦାକାର ମୁହଁରେ ବିଜୟସୂଚକ ଭୟଙ୍କର ବିକୃତ ହସ ଫୁଟାଇ କହିଲା, 'ଦଶ ହଜାର ପାଇଁ ଯାଇଥିଲି ସତ, କିନ୍ତୁ ତିରିଶ ହଜାର ଜୀବନ ନେଇଆସିଲି ।'

''ଏହା ଶୁଣି ବିସ୍ମୟରେ ପଥିକଟିର ଆଖି ଦୁଇଟି ବଡ଼ ବଡ଼ ହୋଇଗଲା । କହିଲା, 'କିପରି ? ଦଶହଜାର ପାଇଁ ଯାଇ ତିରିଶ ହଜାର କିପରି ନେଇ ଆସିଲେ ? ଯେଉଁମାନଙ୍କର ସିନା ଆୟୁଷ ପୂରିଥିବ ସେଇମାନେ ମରିବେ, ଅନ୍ୟମାନେ କିପରି ମଲେ ?'

''ଘୋଡ଼ା ସବାରଟି ଆହୁରି ବିକଟାଳ ହସ ହସି କହିଲା, 'ଦଶ ହଜାରଙ୍କର ତ ମରିବାର ଥିଲା, ପ୍ଲେଗ ରୋଗରେ ମଲେ । ଆଉ କୋଡ଼ିଏ ହଜାର ପ୍ଲେଗ ରୋଗ ବ୍ୟାପିଲାଣି ବୋଲି ଶୁଣି ଭୟରେ ମରିଗଲେ । ଏମିତି ତିରିଶ ହଜାର ହୋଇଗଲେ ।' ଏହା କହି ଘୋଡ଼ା ଝପଟାଇ ସେ ଚାଲିଗଲା ।''

''ପରୀକ୍ଷିତ ଦାଦାଙ୍କର ବିଶ୍ୱାସ ହୃଦୟରେ ଥିଲା । ତାଙ୍କ ବିଶ୍ୱାସ ସହ ମିଶି ରହିଥିଲା ଭଗବାନଙ୍କ ଶକ୍ତି ଉପରେ ଅଖଣ୍ଡ ଆସ୍ଥା । ସେ ଅନୁଭବ କରୁଥିଲେ ଏସବୁ ରୋଗବ୍ୟାଧି ବିଶୁଦ୍ଧ ଭାବେ ଭଗବାନଙ୍କ କାରସାଦି ନୁହେଁ । ତାଙ୍କ ଭଗବାନ ଏଡ଼େ ହୀନ, କୁତ୍ସିତମନା ନୁହଁନ୍ତି । ବରଂ ତାଙ୍କର ଶକ୍ତି ଅଛି ନିମିଷକ ମଧ୍ୟରେ ଏସବୁ ହୀନ କୁତ୍ସିତତା ମଧ୍ୟରୁ ମଣିଷକୁ ରକ୍ଷାକରିବାକୁ, ଯଦି ତା'ର ତାଙ୍କ ଶକ୍ତି ଉପରେ ଦୃଢ଼ ବିଶ୍ୱାସ ଓ ଆସ୍ଥା ଥାଏ । କିନ୍ତୁ କପିଳ ମଉସାଙ୍କର ବିଶ୍ୱାସ ଥିଲା ମନର, ଯୁକ୍ତିବୁଦ୍ଧିର । ସେ ବିଶ୍ୱାସ କରୁଥିଲେ ଯେ ଭଗବାନ ଅଛନ୍ତି । ଭଗବାନ ସବୁକିଛିର ସୃଷ୍ଟିକର୍ତ୍ତା । ତାଙ୍କ ବିନା ଆଉକିଛି ନାହିଁ । ତେଣୁ ଯେତେବେଳେ ହଇଜା ଲାଗିଲା ସେ ତାଙ୍କର ମନର ଯୁକ୍ତିଅନୁସାରେ ବିଚାର କଲେ ଯେ ଇଏବି ଭଗବାନଙ୍କର କାର୍ଯ୍ୟ । କାରଣ ତାଙ୍କ ଛଡ଼ା ତ ଆଉକିଛି ନାହିଁ । ତାଙ୍କ ଗାଁଟିକୁ ପଦା କରିବା ପାଇଁ ଭଗବାନ ହଇଜା ରୋଗକୁ ପଠାଇଛନ୍ତି । ତେଣୁ ଭଗବାନ ତାଙ୍କ ଦୃଷ୍ଟିରେ କ୍ରୁର, ନିଷ୍ଠୁର ରାକ୍ଷସ ପରି ହୋଇଗଲେ । ତାଙ୍କ ମନର ବିଶ୍ୱାସକୁ ତାଙ୍କ ବିଚାର ଭୁଲ



ଦିଗରେ ନେଇଗଲା । ଭଗବାନଙ୍କୁ ରକ୍ଷକ ପରିବର୍ତ୍ତେ ସେ ଭକ୍ଷକ ଦୃଷ୍ଟିରେ ଦେଖିଲେ । ତାଙ୍କ ମଧ୍ୟରେ ଭୟ ପ୍ରବେଶ କରିବାର ସୁଯୋଗ ପାଇଲା । ଫଳରେ ତା'ର ପରିଣାମ ସେ ନିଜେ ନୁହଁ, ତାଙ୍କର ସମଗ୍ର ପରିବାର ଭୋଗ-କଲେ ।

''ସେଇଥି ଯୋଗୁଁ ମା କହିଛନ୍ତି ... 'there are people who assert that they have an unshakable faith in the Divine; they say – It is the Divine that is doing everything, can do everything. All that happens in me or in others, every where, is the work of the Divine and His only – But if they follow their thoughts with some logic, they will begin after a time to accuse the Divine of the most frightful misdeeds, of all the evils happening in the world. They will make Him truly a Demon, cruel and frightening... if they do not have trust. ଅର୍ଥାତ୍, 'ଲୋକେ ଅଛନ୍ତି ଯେଉଁମାନେ ଜୋର ଦେଇ କହନ୍ତି ଯେ ସେମାନଙ୍କର ଭଗବାନଙ୍କ ଉପରେ ଏକ ଅବିଚଳିତ ବିଶ୍ୱାସ ଅଛି । ସେମାନେ କହନ୍ତି – ଏକମାତ୍ର ଭଗବାନହିଁ ସବୁକିଛି କରୁଛନ୍ତି ଓ ସବୁକିଛି କରିପାରନ୍ତି । ଯାହାକିଛି ମୋ ମଧ୍ୟରେ କି ଅନ୍ୟମାନଙ୍କ ମଧ୍ୟରେ ଚାରିଆଡ଼େ ଘଟୁଛି, ତାହା କେବଳ ତାଙ୍କରି କାର୍ଯ୍ୟ । ଯଦି ସେମାନେ ସେମାନଙ୍କ ବିଚାରକୁ କିଛିଟା ଯୁକ୍ତିସହ ଅନୁସରଣ କରନ୍ତି ତେବେ କିଛିକାଳ ପରେ ସେମାନେ ଜଗତରେ ଘଟୁଥିବା ସବୁଠାରୁ ଭୟଙ୍କର ଅପକର୍ମ ତଥା ସମସ୍ତ ମନ୍ଦକର୍ମ ନିମନ୍ତେ ଭଗବାନଙ୍କୁ ଦୋଷ ଦେବା ଆରମ୍ଭ କରିବେ । ତାଙ୍କୁ ସତକୁ ସତ ଏକ ନିଷ୍ଠୁର ଭୟଙ୍କର ଅସୁରରେ ପରିଣତ କରିବେ... ଯଦି ସେମାନଙ୍କର ଆସ୍ଥା ନ ଥାଏ ।' ''

''ଯଦି ଜଗତର ସମସ୍ତ କର୍ମ ଭଗବାନଙ୍କ ଦ୍ୱାରା ନ ହେଉଛି

ତେବେ କାହିଁକି କୁହାଯାଏ ଯେ ଭଗବାନ ସବୁକିଛି । ତାଙ୍କ ବିନା ଜଗତରେ ଆଉ କିଛି ନାହିଁ ? ସତରେ କ'ଣ ସେ ସବୁକିଛି ନୁହଁନ୍ତି ? ସବୁ କିଛି କରାଉ ନାହାନ୍ତି ?'' ପଚାରିଲା ଅନୁରକ୍ତା ।

''ହଁ, ସେ ସବୁକିଛି, ତାଙ୍କ ବିନା ଆଉ କିଛି ନାହିଁ । ସବୁକିଛିର ଅନ୍ତରରେ, ପଶ୍ଚାତରେ ସେ ଅଛନ୍ତି । ସବୁକିଛି ତାଙ୍କ ଭିତରେ ରହିଛି । କିନ୍ତୁ ସବୁକିଛି ଯେ ତାଙ୍କର ଅବିମିଶ୍ରିତ କାର୍ଯ୍ୟ ତା ନୁହେଁ କି ଅବିମିଶ୍ରିତ ରୂପ ତା' ନୁହେଁ । ଆଗରୁ ଆମେ କଥାବାର୍ତ୍ତା ହୋଇଥିଲେ ଯେ ଯେତେବେଳେ ଭଗବାନ ସୃଷ୍ଟି ନିମନ୍ତେ ଚାରିମହାଶକ୍ତିଙ୍କୁ ପଠାଇଲେ ସେମାନେ ସ୍ୱେଚ୍ଛାଚାରୀ ହୋଇ ସେମାନଙ୍କୁ ପଠାଯାଇଥିବା ଉଦ୍ଦେଶ୍ୟର ବିପରୀତ ଆଚରଣ କଲେ । ସେଇଠୁ ଆରମ୍ଭହେଲା ଭଗବତ୍ ବିରୋଧୀ କାର୍ଯ୍ୟ । ଏସବୁକୁ ସଜାଡ଼ିବା ନିମନ୍ତେ ଭଗବାନ ପୁଣି ତାଙ୍କର ସ୍ୱତନ୍ତ୍ର ପ୍ରତିନିଧି ରୂପେ ଦେବତାମାନଙ୍କୁ ପୃଥିବୀକୁ ପଠାଇଲେ । ସେଇ ଦିନଠାରୁ ସେ ଅସୁର ଓ ଏ ଦେବତାମାନଙ୍କ ମଧ୍ୟରେ ପୃଥିବୀରେ ଲଢ଼େଇ ଲାଗି ରହିଛି । ତେଣୁ ମୂଳ ଦୃଷ୍ଟିରେ ଦେଖିଲେ ଭଗବାନ ସବୁକିଛିର ସୃଷ୍ଟିକର୍ତ୍ତା, କିନ୍ତୁ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଦେଖିଲେ ଅନେକ କଥା ତାଙ୍କ ଇଚ୍ଛାର ବିପରୀତ ଘଟୁଛି, ଅନେକ ରୂପ ତାଙ୍କ ରୂପର ବିରୂପ ଭାବେ ପ୍ରକାଶ ପାଉଛି । ତେଣୁ ସବୁକିଛି ତାଙ୍କର ସିଧାସଳଖ କାର୍ଯ୍ୟ ଓ ସିଧାସଳଖ ରୂପ ବୋଲି ଭାବିବା ଭୁଲ ।''

''ଯଦି ଆମର କିଛି ଖରାପ ଘଟିଲା, କି ଆମେ ରୋଗବ୍ୟାଧିରେ ପଡ଼ିଲୁ, ତାକୁ ଆମେ ଭଗବାନଙ୍କ ଇଚ୍ଛା ବୋଲି ଧରିନେଲେ ଆମର କ'ଣ କିଛି କ୍ଷତି ହୁଏ ?'' ପୁଣି ପଚାରିଲା ଅନୁରକ୍ତା ।

''ସେ ସବୁ ନିର୍ଭର କରେ, କି ମନୋଭାବର ସହ ଆମେ ଆମ ଜୀବନର ରୋଗ, ଦୁର୍ଘଟଣାକୁ ଭଗବାନଙ୍କ ଇଚ୍ଛା ବୋଲି ଧରିନେଉଛୁ । ଆମେ ଦୁଃଖ କଷ୍ଟ କି ରୋଗରେ ପଡ଼ିଥିବା ସମୟରେ ଯଦି ଭାବୁ ଆମ ଭିତରର କିଛି ଦୁର୍ବଳତାକୁ ଜଣାଇ ଦେବା ପାଇଁ, ତାକୁ ସଂଶୋଧନ କରିବା ପାଇଁ ଓ



ତାଙ୍କରି ଆଡ଼କୁ ଆମକୁ ଆହୁରି ଅଧିକ ଭାବରେ ନେଇଯିବା ପାଇଁ ଭଗବାନ ଏସବୁ ବିରୋଧୀ ଶକ୍ତିର ଆକ୍ରମଣକୁ ବାଧା ଦେଇ ନାହାନ୍ତି ଓ ଆମେ ଯେତିକି ସହିପାରିବୁ ସେତିକି ପରିମାଣରେ ଏମାନଙ୍କୁ ଅନୁମତି ଦେଇଛନ୍ତି ଓ ଆମେ ଯେତେବେଳେ ଆମ ମନ, ପ୍ରାଣ, ଶରୀରରେ ଆବଶ୍ୟକୀୟ ଅଗ୍ରଗତି କରିବୁ, ସେତେବେଳେ ଏସବୁ ଆମଠାରୁ ଦୂରେଇଯିବ । ଆମେ ଯେତେବେଳେ ସଂପୂର୍ଣ୍ଣ ରୂପେ ତାଙ୍କ ସମ୍ବନ୍ଧେ ସଚେତନ ହୋଇଉଠିବୁ ଓ ତାଙ୍କୁ ଅବିକୃତ ରୂପେ ପ୍ରକାଶ କରିପାରିବୁ ସେତେବେଳେ ଏସବୁ ବାଧାବିଘ୍ନ ଆଉ ଆମ ପାଖକୁ ଆସିବ ନାହିଁ କି ଆସିବା ଦରକାର ପଡ଼ିବ ନାହିଁ, ଏପରିକି ମୃତ୍ୟୁ ମଧ୍ୟ — ତେବେ ଆମ ଜୀବନର ସମସ୍ତ ସଙ୍କଟ ସଂପଦରେ ଓ ଦୁର୍ଯୋଗ ସୁଯୋଗରେ ପରିଣତ ହେବ । କାରଣ ଆମର ଯଥାର୍ଥ ମନୋଭାବ ଫଳରେ ତାଙ୍କ ନିକଟରେ ଆମ ସତ୍ତା ଅଧିକରୁ ଅଧିକ ସମର୍ପିତ ଓ ଉନ୍ମୀଳିତ ହେବାକୁ ଲାଗେ ଓ ପରିଶେଷରେ ତାଙ୍କରି ଶକ୍ତି ଆମକୁ ବାଧାବିଘ୍ନମୁକ୍ତ କରି ପୂର୍ବାପେକ୍ଷା ଆହୁରି ଶୁଦ୍ଧ, ଆହୁରି ଦୃଢ଼, ଆହୁରି ଶକ୍ତିଶାଳୀ କରି ଗଢ଼େ । ସବୁକିଛି ଭିତରେ ଆମେ ତାଙ୍କରି ପ୍ରେମ, କରୁଣା, ଆଶା, ଆଶ୍ୱାସନାର ସ୍ପର୍ଶ ଲାଭ କରିପାରୁ । ତା' ନ କରି ଆମେ ଯଦି ଭାବୁ ଭଗବାନ ନିଜେ ଏସବୁ ଦୁଃଖ, କଷ୍ଟ, ଦୁର୍ଯୋଗ କରିଛନ୍ତି, ତେବେ ତାଙ୍କର ରକ୍ଷାକାରୀ ଶକ୍ତି ଉପରୁ ଆମର ବିଶ୍ୱାସ ଓ ଭରସା ତୁଟିଯାଏ, ଆମେ ବିପଦରେ ସ୍ଥିର, ଶାନ୍ତ ନ ରହିପାରି ବିରୋଧୀ ଶକ୍ତିଙ୍କ କବଳରେ ପଡ଼ି ଛଟପଟ ହୋଇ ନିଜକୁ ଆହୁରି ଦୁଃଖ, କଷ୍ଟ, ଯନ୍ତ୍ରଣା ଓ ପତନ ମଧ୍ୟକୁ ଠେଲିଦେଉ । ଧୂଳିକଣାଟିଏ ପରି ଅସୁବିଧା ଆମକୁ ପର୍ବତ ପ୍ରମାଣେ ବୋଧହୁଏ ଓ ଶେଷକୁ ଆମକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିଦେବାକୁ ବି ପଛାଏ ନାହିଁ । ଅନ୍ୟ ପକ୍ଷରେ ଭଗବାନଙ୍କ ସୁରକ୍ଷା ଓ କରୁଣା ଉପରେ ଦୃଢ଼ ବିଶ୍ୱାସ ପର୍ବତ ପ୍ରମାଣେ ବାଧାକୁ ଧୂଳିକଣାଟିଏ ପରି ବୋଧ କରାଏ ଓ ଆମର ଅବକ୍ଷୟ ନ ଘଟାଇ ଅଭିବୃଦ୍ଧି ସାଧନ କରେ ।

''ଆଜି ଏତିକି । ପୁଣି ଆରଥରକୁ ।''

''ଖାଲି ଗୋଟିଏ ଛୋଟିଆ କବିତାଟିଏ କହି ବନ୍ଦ କର ।''

''ଆଚ୍ଛା ହଉ, କହୁଛି –

ଭଗବାନଙ୍କର ଇଚ୍ଛାରେ ଯେବେ
ଚାଲିବ ସୃଷ୍ଟି,
ନ ରହିବ ଆଉ ଦୁଃଖକଷ୍ଟର
ନିଷ୍ଠୁର ଯଷ୍ଟି ।
ଆନନ୍ଦୁ ଆନନ୍ଦେ ଜ୍ଞାନରୁ ଜ୍ଞାନକୁ
ଚାଲିବ ସଂସାର ତାଙ୍କରି ଦିଗେ
ପ୍ରଗତି କରି,
ଦୁଃଖକଷ୍ଟର ଅନୁଭୂତି ହେବ
କାହିଁ କେଉଁ ଯୁଗ ପୁରାତନ କଥା
ସପନ ପରି ।''

## କିଏ ସେହି ଡାକ୍ତର ?

### (୩)

''ଶୁଣିଛ ଚିନୁଭାଇ, ଆମ ସାଇ ନିଶି ଖୁଡ଼ି ପଡ଼ିଯାଇ ତା' ଅଣ୍ଟା ଭାଙ୍ଗି ଯାଇଛି ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ନା, ମୁଁ ସକାଳୁ ଉଠି ଚାଲିଯାଇଥିଲି ବହୁଦୂର ଦଉଡ଼ିବା ଲାଗି । ଫେରି ତ କିଛି ଶୁଣି ନାହିଁ ! କେଉଁଠି ପଡ଼ି ତା' ଅଣ୍ଟା ଭାଙ୍ଗିଗଲା ?'' କହିଲା ଚିନ୍ମୟ ।

''ସକାଳେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲା । ଗାଧୋଇସାରି ଉଠୁଥିଲା । ସବୁବେଳେ ତ ସିଏ ପାଗଳୀଙ୍କ ଭଳି ମନକୁ ମନ ଗୁଣୁଗୁଣୁ ହୋଇ କ'ଣ କହି ହେଉଥିବ । ସେମିତି ଗୁଣୁଗୁଣୁ ହୋଇ ଅନ୍ୟମନସ୍କ ଭାବେ ବୋଧହୁଏ ପାହାଚରେ ଉଠୁଥିଲା । ପଥର ପାହାଚଗୁଡ଼ାକ ତ ଶିଉଳି ଲାଗି ଖସଡ଼ା ହେଇଛି । ଗୋଡ଼ ଖସିଗଲା ଯେ ପଡ଼ିକରି ବିଚାରୀର ଅଣ୍ଟାଭାଙ୍ଗି ଯାଇଛି । ବହୁତ କଷ୍ଟ ପାଉଛି ।''

''ଅଦ୍ଭୁତ ମଣିଷଟାଏ ସିଏ !''

''ହଁ, ସତରେ ସିଏ ଅଦ୍ଭୁତ ମଣିଷଟାଏ । ତା'ର ତ କିଛି ପିଲାପିଲି ନାହାନ୍ତି । ବିଭିନ୍ନ ପ୍ରକାର ରୋଗ ହେଉଛି ବୋଲି କହି ସବୁବେଳେ କୁନ୍ଥଉଥିବ । ଯେତେ ଦେବାଦେବୀ ସମସ୍ତଙ୍କ ପୂଜା କରିବ । ଚଉରାମୂଳେ ସଞ୍ଜ ଦେଲାବେଳେ, ତୁଳସୀମୂଳେ ପାଣି ଦେଲାବେଳେ କ'ଣ ଗାଡ଼ରୁମାଡ୍ରୁ ହୋଇ ଅଧଘଣ୍ଟାଏ ପର୍ଯ୍ୟନ୍ତ କହିହେଉଥିବ । ସାଇ ପିଲାଏ ଠିଆ ହୋଇ ସବୁ ଶୁଣୁଥିବେ । ତା'ର କିନ୍ତୁ କାହାରି ପ୍ରତି ନିଘା ନ ଥିବ । ମୁହଁରେ ତା'ର କେତେବେଳେ ହସ ନ ଥିବ । ଯାହା ସହିତ କଥାବାର୍ତ୍ତା ହେବ, ଖାଲି ନିଜର ଦୁଃଖ କାହାଣୀ କହି

ବସିବ । କହିବ ମୋଠାରୁ ଦୁଃଖୀ ସଂସାରରେ କେହି ନାହାନ୍ତି । ତାକୁ ଯଦି କେହି କହିବ, 'ଏତେ ଠାକୁରଙ୍କୁ ପୂଜା କରୁଛୁ, ତୋ ଦୁଃଖ କ'ଣ କେହି ଶୁଣୁ ନାହାନ୍ତି ?' କହିବ, 'ମୋ ଦୁଃଖ କେହି ଦୂର କରିପାରିବେ ନାହିଁ ଲୋ ଝିଅ । ମୋ ଦୁଃଖ କ'ଣ ସହଜ ଦୁଃଖ ! ଠାକୁର ଦୂର କରିବାର ହୋଇଥିଲେ ମୁଁ ଏତେଦିନ ଯାଏ ଦୁଃଖ ଭୋଗୁଥା'ନ୍ତି ! ସମସ୍ତେ କହନ୍ତି ଠାକୁର ସମସ୍ତଙ୍କର ମଙ୍ଗଳ କରନ୍ତି ବୋଲି । କିନ୍ତୁ ମୋ ଦୁଃଖ ଦୂର କଲାବେଳକୁ ତାଙ୍କର ଶକ୍ତି କାହିଁ ? ଦୁନିଆ ଯାକର ଦୁଃଖ ମୋ ଉପରେ ନଦିଛନ୍ତି । କୋଉଦିନ ଏ ସଂସାରରୁ ନେଇଯିବେ ସେଇ ଦିନକୁ ଅପେକ୍ଷା କରିଛି ।' ଆଚ୍ଛା, ନିଶିଖୁଡ଼ିର ତ ଠାକୁରଙ୍କ ଉପରେ ଏତେ ବିଶ୍ୱାସ । ଅଧିକାଂଶ ସମୟ ତା'ର ବାର ବ୍ରତ ଓ ତେର ଓଷାରେ ଯାଉଛି । ତଥାପି ସେ ସବୁବେଳେ ଏତେ ଦୁଃଖୀ କାହିଁକି ? ତା' ମୁହଁରେ ଟିକିଏ ହସ କେବେ ତ ମୁଁ ଦେଖି ନାହିଁ ।''

''ଠାକୁରଙ୍କ ଉପରେ କ'ଣ ଖାଲି ବିଶ୍ୱାସ ରଖିଲେ ହେବ । ତା' ସହ ଭରସା ଥିବା ଦରକାର । ଗତଥର ଆମେ ଦେଖିଥିଲେ କପିଳମଉସାଙ୍କର ଠାକୁରଙ୍କ ଉପରେ ବିଶ୍ୱାସ ଥିଲା, କିନ୍ତୁ ଭରସା ନ ଥିବାରୁ ହଇଜା କବଳରୁ ସେ ନିଜେ କିଂବା ନିଜର ପରିବାର ରକ୍ଷା ପାଇପାରିଲେ ନାହିଁ । ସେ ଭାବିଲେ ଭଗବାନ ସବୁକିଛି ସୃଷ୍ଟି କରୁଛନ୍ତି, ଏ ରୋଗ, ଦୁଃଖ, ଯନ୍ତ୍ରଣା ସେଇ ବି ସୃଷ୍ଟି କରିଛନ୍ତି । ତାଙ୍କ ଆଖିରେ ଭଗବାନ ବି ନିଷ୍ଠୁର, ନିର୍ଦୟ, ଅସୁର ଭଳି ହୋଇଉଠିଲେ । ତେଣୁ ରକ୍ଷା କରିବାକୁ ଡାକିବେ କାହାକୁ ? ଏଠାରେ ନିଶି ଖୁଡ଼ିର ବି ଭଗବାନ ଅଛନ୍ତି ବୋଲି ବିଶ୍ୱାସ ଅଛି, ହେଲେ ତା'ର ଭଗବାନଙ୍କ ଶକ୍ତି ଉପରେ ଭରସା ନାହିଁ । ଭଗବାନ ଯେ ସର୍ବଶକ୍ତିମାନ, ଚାହିଁଲେ ମୁହୂର୍ତ୍ତକରେ ସେ ସବୁକିଛି କରିଦେଇ ପାରିବେ ଏ ଆସ୍ଥା ତା'ର ନାହିଁ । ସେ ଭାବୁଛି ତା' ଦୁଃଖ ଦୁନିଆର ସବୁଠୁ ବଳେ । ତା'ର ଦୁଃଖକୁ କାହାରି, ଏପରିକି ସ୍ୱୟଂ ଭଗବାନଙ୍କର ବି ମୋଚନ କରିବାର ଶକ୍ତି ନାହିଁ । ତେଣୁ ସେ କିପରି ଦୁଃଖରୁ ମୁକ୍ତ ହେବ ? ମା ଏଇଆକୁ କହନ୍ତି ବିଶ୍ୱାସର ଦ୍ୱିତୀୟ ପ୍ରତିବନ୍ଧକ ।



ସେ କହନ୍ତି ଏଇ ଭଳି ଲୋକମାନେ କହିଥା'ନ୍ତି – 'Yes, I have faith in the Divine, but this world, I know well what it is. First of all, I suffer so much, I am very unhappy, much more unhappy than all my neighbours (for you are always much more unhappy than your neighbour). Indeed life is wicked with me. But then the Divine being divine, being all goodness and generosity and harmony, how is it that I am so unhappy ? He must be powerless, otherwise being so good, how can He let me suffer so much !'

'ହଁ, ମୋର ଭଗବାନଙ୍କ ଉପରେ ବିଶ୍ୱାସ ଅଛି, କିନ୍ତୁ ଏଇ ଜଗତ୍, ଇଏ କ'ଣ ତ ମୁଁ ଭଲ ଭାବରେ ଜାଣେ । ପ୍ରଥମ କଥା, ମୁଁ ବହୁତ ଯନ୍ତ୍ରଣା ଭୋଗ କରୁଛି, ମୁଁ ବହୁତ ଦୁଃଖୀ, ମୋର ସମସ୍ତ ପଡ଼ୋଶୀଙ୍କ ଅପେକ୍ଷା ମୁଁ ଅଧିକ ଦୁଃଖୀ (କାରଣ ସବୁବେଳେ ତୁମେ ତୁମ ପଡ଼ୋଶୀଙ୍କ ଅପେକ୍ଷା ଅଧିକ ଦୁଃଖୀ ହୋଇଥାଅ) । ବାସ୍ତବରେ ଜୀବନ ମୋ ପାଇଁ ବହୁତ କ୍ରୂର । କିନ୍ତୁ ଭଗବାନ ଯଦି ସତରେ ଭଗବାନ, ସର୍ବକଲ୍ୟାଣମୟ, ଉଦାରତାଭରା ସର୍ବସଙ୍ଗତିଯୁକ୍ତ, ତେବେ ମୁଁ ଏତେ ଦୁଃଖୀ ହେଲି କିପରି ? ସେ ନିଶ୍ଚୟ ଶକ୍ତିହୀନ, ନଚେତ୍ ଏତେ କଲ୍ୟାଣମୟ ହୋଇ, କିପରି ସେ ମୋତେ ଏତେ ଯନ୍ତ୍ରଣା ଭୋଗ କରିବାକୁ ଦେଇ ପାରନ୍ତେ !'

''ଏଇ ବିଶ୍ୱାସ ଆଉ ଭରସା ସମ୍ପର୍କରେ ତୋ'ରି ଭଳି ଦୁଇଟି ପିଲାଙ୍କ କଥା ଶୁଣିବୁ ?''

''ହଁ, କୁହ ।''

''କଟକ ସହର ଭଳି ସହରଟିଏ । ସେ ସହରରେ ଥାଆନ୍ତି ଖୁବ୍ ଜଣେ ନାମଜାଦା ଡାକ୍ତର । ସେ ହେଉଛନ୍ତି ଅସ୍ଥି ବିଭାଗର ଡାକ୍ତର । ଆମ ଦେହର ହାଡ଼ରେ କିଛି ରୋଗ ଥିଲେ କି ତାହା ଭାଙ୍ଗିଗଲେ ସେ ତା'ର

ଚିକିତ୍ସା କରନ୍ତି । ଯୋଗକୁ ତାଙ୍କର ଥରେ ଜାଆଁଳା ଝିଅ ହେଲେ । ଦୁହେଁ ଯାକ ଏକ ସମୟରେ ପୋଲିଓ ରୋଗରେ ଆକ୍ରାନ୍ତ ହେଲେ । ପ୍ରତ୍ୟେକଙ୍କର ଦୁଇଟି ଯାକ ଗୋଡ଼ ଆଉ ଚଳିଲା ନାହିଁ । ଯେତେ ଯାହା ଚେଷ୍ଟା କରାଗଲା କିଛି ହେଲା ନାହିଁ । ଦୁହିଁଙ୍କର ଦୁଇ ଗୋଡ଼ର ଅସ୍ଥିର ଗଠନ ଠିକ୍ ଭାବେ ହୋଇପାରିଲା ନାହିଁ । ତେଣୁ ଦୁହେଁ ଠିକ୍‌ଭାବେ ଚାଲିପାରିଲେ ନାହିଁ । ଦୁହିଁଙ୍କୁ ଅନ୍ୟକେହି ଧରି ନେବାଆଣିବା କରିବାକୁ ହେଲା । ଦୁହିଁଙ୍କ ପାଇଁ ଦୁଇଟି ଠେଲାଗାଡ଼ି ମଧ କରି ଦିଆଗଲା । ସେଇଥିରେ ତାଙ୍କୁ ବସାଇ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଠେଲି ନିଆଯାଏ ।

''ଝିଅ ଦୁଇଟି ଦେଖିବାକୁ ବହୁତ ସୁନ୍ଦର । ପଢ଼ାପଢ଼ି ବି କଲେ । ଜଣକ ନାଁ ଅନିମା, ଡାକନ୍ତି ଅନି; ଆଉ ଜଣକ ନାମ ସୁନିମା, ଡାକନ୍ତି ସୁନି । ପିଲାଦିନୁ ବୁଢ଼ୀମା'ଙ୍କ ପାଖରୁ ଓ ବୋଉ ପାଖରୁ ସବୁ ରାମାୟଣ, ମହାଭାରତ କାହାଣୀ ଶୁଣି ଦୁହିଁଙ୍କର ଠାକୁରଙ୍କ ଉପରେ ବହୁତ ବିଶ୍ୱାସ । ଏବେ ସେମାନେ ନିଜେ ବି ପଢ଼ାପଢ଼ି କଲେଣି । ଅନେକ ସୁନ୍ଦର ସୁନ୍ଦର ଗପ ବହି ବାପା ତାଙ୍କର ଆଣି ଦିଅନ୍ତି । ସେମାନେ ଛବି ଦେଖନ୍ତି, ପଢ଼ନ୍ତି ଓ ସେଥିରୁ ଅନେକ କଥା ଶିଖନ୍ତି । ଆଉ ତ କିଛି ସେମାନେ କରିପାରନ୍ତି ନାଇଁ, ତେଣୁ ଅନେକ ସମୟରେ ପଢ଼ନ୍ତି, କେତେବେଳେ ଛବି ଆଙ୍କନ୍ତି, ବୁଣାବୁଣି ଓ ଅନ୍ୟାନ୍ୟ ହାତକାମ ଶିଖନ୍ତି ।

''ବାପାମା'ଙ୍କର ଏଇ ଦୁହିଁଙ୍କ ଛଡ଼ା ଆଉ ପିଲାପିଲି କିଛି ନ ଥା'ନ୍ତି । ତେଣୁ ସବୁ ସ୍ନେହ ସେଇ ଦୁଇଜଣଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଥାଏ । ସେମାନଙ୍କୁ ଦେଖି ପିଲାମାନଙ୍କ ଅଭାବ ଭୁଲିଗଲେ ବି ସେମାନଙ୍କ ଭବିଷ୍ୟତ୍ ନେଇ ବାପା ବୋଉ ସବୁବେଳେ ଚିନ୍ତିତ ଥାଆନ୍ତି । ଅନେକ ସମୟରେ ବୋଉ ତାଙ୍କର ନିର୍ଜନରେ ତାଙ୍କ ଲାଗି ଆଖିରୁ ଲୁହ ଗଡ଼ାଏ । କେତେ ଠାକୁରଙ୍କୁ କେତେ କ'ଣ ଯାଚେ ତାଙ୍କୁ ଭଲ କରିଦେବା ପାଇଁ । ବାପା ତାଙ୍କର ଡାକ୍ତରୀ ଦୃଷ୍ଟିରୁ ଯାହା ବ୍ୟବସ୍ଥା କରିବା କଥା ସେଥିରେ ଟିକିଏ ବି ହେଳା କରୁ ନ



ଥା'ନ୍ତି । କିନ୍ତୁ କାହିଁ ? ଆସି ୭-୮ ବର୍ଷ ହେଲାଣି ସେମାନଙ୍କର ଅବସ୍ଥାର କିଛି ଉନ୍ନତି ହେଲା ନାହିଁ । ସେମାନଙ୍କ ଆଗରେ କେବେ ବାପା କି ବୋଉ ଦୁଃଖ କରନ୍ତି ନାହିଁ । ସବୁବେଳେ ସେମାନଙ୍କୁ ଉତ୍ସାହ ଦିଅନ୍ତି ଯେ ସେମାନେ ଭଗବାନଙ୍କ ଦୟାରୁ ଭଲ ହୋଇଯିବେ ।

''ଅନିର ଭଗବାନଙ୍କ ଉପରେ ବିଶ୍ୱାସ ଥିଲେ ବି ତା'ର ଏତେବଡ଼ ରୋଗଟାକୁ ଯେ ସେ ଭଲ କରିଦେବେ ଏ ଧାରଣା ତା ମନକୁ ପ୍ରବେଶ କରିପାରୁ ନ ଥାଏ, କିନ୍ତୁ ସୁନି ମନରେ ଏକ ପ୍ରଚ୍ଛନ୍ନ ଦୃଢ଼ ବିଶ୍ୱାସ ଥାଏ ଯେ ଭଗବାନ ଯିଏ ସର୍ବଶକ୍ତିମାନ ତାଙ୍କ ପକ୍ଷରେ କୌଣସି କଥା ଅସମ୍ଭବ ନୁହେଁ । ସେ ଇଚ୍ଛା କଲେ ନିଶ୍ଚୟ ତା'ର ଗୋଡ଼ ଭଲ ହୋଇଯିବ ।

''ଅନି ଓ ସୁନିଙ୍କର ମାମୁଙ୍କର ବି ଗୋଟିଏ ଝିଅ ଥାଏ । ତା' ନାମ ତନିମା । ତାକୁ ଡାକନ୍ତି 'ତନି' ବୋଲି । ସେ ଭାରି ଦୁଷ୍ଟ । ଡିଆଁଡେଇଁ ଖେଳାଖେଳିରେ ଧୁରନ୍ଧର । ସେ ଅନି ଓ ସୁନିଙ୍କୁ ବହୁତ ଭଲପାଏ । ବେଳେବେଳେ ତାଙ୍କୁ ଗାଡ଼ି ଭିତରୁ ଘୋଷାରି ନେଇ ତା' ସହ ଦୌଡ଼ିବାକୁ କହେ । ସେ ଘରକୁ ଫେରିଗଲେ ଅନି, ସୁନି ବହୁତ ଦୁଃଖ କରନ୍ତି । ଥରେ ତାଙ୍କ ମାମୁଙ୍କ ଘର ପାଖରେ ବିକଳାଙ୍ଗ ପିଲାମାନଙ୍କ ଲାଗି ଏକ ତାଲିମ ଶିବିର ଖୋଲିଲା । ସେଠାରେ ଅନ୍ଧ, ଛୋଟା, ବିଭିନ୍ନ ଶାରୀରିକ ବିକୃତି ଥିବା ପିଲାମାନଙ୍କୁ ସରକାରଙ୍କ ପକ୍ଷରୁ ରଖାଯାଇ ସେମାନଙ୍କୁ ଭଲ କରିବା ପାଇଁ ଚେଷ୍ଟା କରାଯିବା ସହ ସେମାନଙ୍କୁ ବିଭିନ୍ନ କାମ ମଧ ଶିଖାଗଲା । ଅନି ଓ ସୁନିଙ୍କ ମାମୁ ଥରେ ଆସି ଦୁଇଜଣଙ୍କୁ ସେଠାକୁ ନେବା ଲାଗି କହିଲେ । ସୁନି ଶୁଣି ଖୁସି ହୋଇଗଲା ଓ ସଙ୍ଗେ ସଙ୍ଗେ ଯିବାକୁ ବାହାରିଲା । ଅନି ମଧରେ କିନ୍ତୁ କିଛି ଆଗ୍ରହ ଦେଖାଗଲା ନାହିଁ । କାରଣ ସେ ଧରି ନେଇଥିଲା ଯେ ତା' ରୋଗକୁ କେହି ଭଲ କରିପାରିବେ ନାହିଁ । ବାପାମା' ବି ଭିତରୁ କେତେକ ପରିମାଣରେ ଚାହୁଁଥା'ନ୍ତି ଝିଅ ଦୁହିଁଙ୍କୁ ସେଠାକୁ ପଠାଇବାକୁ । ପୁଣି କେତେକ ପରିମାଣରେ ତାଙ୍କୁ ପାଖଛଡ଼ା କରିବାକୁ ଚାହୁଁ ନ ଥା'ନ୍ତି । ତା'ଛଡ଼ା ସେମାନଙ୍କର

ପୂରା ବିଶ୍ୱାସ ଆସୁ ନ ଥାଏ ଯେ ଏମାନେ ଆଉ ଭଲ ହେବେ । ଏହିପରି ସେମାନଙ୍କର ଇଚ୍ଛା ଅନିଚ୍ଛାର ଭିତର ଦେଇ ସୁନି କିନ୍ତୁ ଜିଦ୍ ଧରିଲା ଯିବ ବୋଲି । କିଛି ନ ହେଲେ ତନି ସହ କିଛି ସମୟ କଟାଇବା ଲାଗି ସୁଯୋଗ ପାଇବ ତ । ଶେଷକୁ ଅନି ବାପା-ମା'ଙ୍କ ପାଖରେ ରହିଲା । ସୁନି ତା ମାମୁ ସାଙ୍ଗରେ ସେହି ତାଲିମ ଶିବିରକୁ ଗଲା । ସେଠାରେ ତାକୁ ବହୁତ ଭଲ ଲାଗିଲା । ଅନେକ କାମ କରି ଶିଖିଲା । ନିଜ ଉପରେ ନିଜେ ନିର୍ଭର କରିବାର ଆତ୍ମବିଶ୍ୱାସ ଆସିଲା । କିନ୍ତୁ ତାର ଯେଉଁ ପ୍ରଧାନ ଆଶା – ସେ ଅନ୍ୟମାନଙ୍କ ଭଳି ସ୍ୱଚ୍ଛନ୍ଦରେ ଚାଲିପାରିବ, ସେ ଆଶା ପୂରଣ ହେଲା ନାହିଁ କି ସେ ଦିଗରେ ସେ କିଛି ଉନ୍ନତି ଲକ୍ଷ୍ୟ କଲା ନାହିଁ । ତଥାପି ସେ ବିଶ୍ୱାସ ହରାଇ ନ ଥାଏ । ତା' ଅନ୍ତରରୁ ସବୁ ସମୟରେ ଯେପରି କିଏ ନୀରବ ଗୋପନରେ କହୁଥାଏ ଯେ ସେ ଭଗବାନଙ୍କ ଦୟାରୁ ଆନ୍ତରିକ ଉଦ୍ୟମ କଲେ ନିଶ୍ଚୟ ଦିନେ ଭଲ ହୋଇଯିବ । ତା'ର ଏ ବିଶ୍ୱାସକୁ ତନି ଆହୁରି ବଢ଼ାଇ ଦେଉଥାଏ । ଛୁଟି ଦିନମାନଙ୍କରେ ସେ ସୁନି ପାଖକୁ ଆସେ । ବାପାଙ୍କ ସହ ତାକୁ ପାଖରେ ଥିବା ବଣପାହାଡ଼ ଆଡ଼କୁ ବୁଲାଇବାକୁ ନେଇ ଯାଏ । ସେଠାରେ ସେମାନେ ପିକ୍‌ନିକ୍ କରନ୍ତି, ଗୀତ ବୋଲନ୍ତି, ଗପ ଶୁଣନ୍ତି, କୋଳି ଖାଆନ୍ତି, ପ୍ରଜାପତି ଧରନ୍ତି – କେତେ କ'ଣ ମଜା କରନ୍ତି । ପାହାଡ଼ି ଝରଣାର ଅବିରାମ କୁଳୁ କୁଳୁ ଶବ୍ଦ, ଶାଗୁଆ ଗଛଲତାର ମନୋରମ ଦୃଶ୍ୟ ଓ ସୁଶୀତଳ ଛାଇ, ରଙ୍ଗବେରଙ୍ଗର ଚଢ଼େଇମାନଙ୍କର ସୁମଧୁର କଣ୍ଠସ୍ୱନ ଓ ଏଡାଳରୁ ସେଡାଳ ଫୁର୍‌ଫୁର୍ ଉଡ଼ା, ପାହାଡ଼ି ବନ୍ୟ ପ୍ରକୃତିର ପ୍ରଶାନ୍ତ ଗମ୍ଭୀରତା, ହାତ ପାହାନ୍ତାରେ ଖଟା ମିଠା କେତେ ଜାତିର ପାଚିଲା କୋଳିର ପେନ୍ଥା ଓ ସର୍ବୋପରି ତନିର ବନ୍ୟ ହରିଣୀ ଭଳି ଚଳଚଞ୍ଚଳ ଭାବ ସୁନିକୁ ଭୁଲାଇ ଦିଏ ତା' ନିଜର ଅସମର୍ଥତା । ବେଳେବେଳେ ସେ ଉଠିପଡ଼େ ତନି ସହ ଦଉଡ଼ି ଯିବାପାଇଁ । କିନ୍ତୁ ଗୋଡ଼ ଦୁଇଟି ତାକୁ ଅନୁମତି ଦିଅନ୍ତି ନାହିଁ । ତନି କିନ୍ତୁ ତାକୁ ଛାଡ଼େ ନାହିଁ । ସତେ ଯେମିତି ତା'ର କିଛି ହୋଇ ନାହିଁ । ସେ ଭଲ ପିଲାଟିଏ ଭାବି ତାକୁ ଗାଡ଼ି



ଭିତରୁ ଘୋଷାରି ନେଇ ଯାଏ । କିଛି ବାଟ ଚଲାଇ ନିଏ, କିନ୍ତୁ ସୁନି ଆଉ ପାରେ ନାହିଁ, ମାମୁଁ ତା'ର ପୁଣି ତାକୁ ନେଇ ଆସି ଗାଡ଼ିରେ ବସାଇ ଦିଅନ୍ତି । ସୁନି ସେଇ ତାଲିମ ଶିବିରରେ ସବୁବେଳେ ଏଇ ଛୁଟି ଦିନକୁ ଅପେକ୍ଷା କରିଥାଏ । ଘରୁ ଆସିବାର ଦଶମାସ ଖଣ୍ଡେ ହୋଇଗଲାଣି । ଠିକ୍ ତା'ର ଜନ୍ମଦିନ ପରେ ଆସିଥିଲା । ଆଉ ଦୁଇ ମାସ ଗଲେ ବର୍ଷେ ପୂରିଯିବ । ସୁନିକୁ କିନ୍ତୁ ଏଠାରେ ମାସଗୁଡ଼ାକ ଦିନଭଳି ଲାଗୁଛି । ତାକୁ ଜଣାପଡୁ ନାହିଁ ସେ ଏତେ ଦିନ ହେଲା ଆସିଲାଣି ବୋଲି । ଖାଲି ବେଳେବେଳେ ଯାହା ଅନି କଥା ଓ ବାପା ବୋଉଙ୍କ କଥା ମନେ ପଡ଼ି ଟିକିଏ ଦୁଃଖ ଲାଗେ । ବୁଢ଼ୀମା' ତ ଅନେକ ଦିନୁ ମରିଗଲାଣି । କିନ୍ତୁ ତା'ର ଏ ଦୁଃଖ ତନିର ଆକ୍ରମଣ ଆଗରେ କୁଆଡ଼େ ପାଣି ଫୋଟକା ଭଳି ଫାଟିଯାଏ । ତନିର ଝିଙ୍କା ଓଟରାରେ ସେ କିଲିବିଲିଆ ହୋଇ ପଡ଼େ । ନିଜକୁ ନିଜେ ଭୁଲିଯାଏ ।

''ଆଜି ରବିବାର । ତନି ବହୁତ ବେଳାବେଳି ବାପାଙ୍କୁ ଧରି ଆସି ତାଲିମ ଶିବିରରେ ପହଞ୍ଚି ଯାଇଛି । ସଙ୍ଗରେ ତାଙ୍କର କେତେ ସୁନ୍ଦର ସୁନ୍ଦର ଖାଦ୍ୟପଦାର୍ଥ, ଖେଳଣା, ବହି ଆଦି ରହିଛି । ସୁନିକୁ ଗାଡ଼ିରେ ନେଇ ସେମାନେ ଚାଲିଲେ ତାଙ୍କର ସେଇ ପରିଚିତ ବଣପାହାଡ଼ ଆଡ଼କୁ । ଗାଡ଼ିରୁ ଓହ୍ଲାଇବା ସମୟରେ ବାପା ଯେତେବେଳେ ସୁନିର ଠେଲା ଗାଡ଼ିଟିକୁ ବାହାର କଲେ, ତନି ତାଙ୍କୁ ମନା କଲା । କହିଲା, 'ନା, ସୁନି ଆଜି ମୋ ସଙ୍ଗରେ ଚାଲି ଚାଲି ଯିବ । ବାପା କେତେ ବୁଝାଇଲେ ଯେ ସେ ତୋ ସଙ୍ଗରେ ଚାଲିପାରିବ ନାହିଁ, କିନ୍ତୁ ସେ କିଛି ମାନିଲା ନାହିଁ । ବାପା ଜାଣନ୍ତି, ତା' ଭଳି ଜିଦ୍‌ଖୋର ଝିଅକୁ ସେ ନିଜେ ନ ବୁଝିଲେ ତାକୁ ବେଶୀ ବୁଝାଇବା ନିରର୍ଥକ । ତେଣୁ ସେ ପ୍ରସ୍ତୁତ ହୋଇଗଲେ, ଦରକାର ପଡ଼ିଲେ ସୁନିକୁ କାଖେଇ କିଂବା କାନ୍ଧରେ ବସାଇ ନେଇଯିବେ ଓ ନେଇ ଆସିବେ । କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଏକ ଅଦ୍ଭୁତ କଥା ଘଟିଲା । ଗାଡ଼ିରୁ ଓହ୍ଲାଇ ସୁନି ତନିର ହାତ ଧରି କିଛିବାଟ ଖୁବ୍ ଭଲ ପିଲାପରି ଚାଲିଗଲା । ମାମୁ ତା'ର ଆନନ୍ଦ ଆଉ ବିସ୍ମୟରେ ସ୍ତମ୍ଭୀଭୂତ

ହୋଇଗଲେ । କିନ୍ତୁ ବେଶୀବାଟ ସୁନି ଯାଇ ପାରିଲା ନାହିଁ । ଅଳ୍ପ ବାଟ ଯାଇ ବସିପଡ଼ିଲା । କିନ୍ତୁ ଏଇ ଅଳ୍ପବାଟ ତା' ମନରେ ବହୁ ବାଟର ସ୍ୱପ୍ନ ଆଙ୍କିଦେଲା । ସେ ନିଜେ ବି ବିସ୍ମିତ ହୋଇଗଲା, କିପରି ଏହା ଘଟିଲା ବୋଲି । ଭଗବାନଙ୍କ ପ୍ରତି ଅନ୍ତର ତା'ର ଏକ ଗାଢ଼ ଆନନ୍ଦ ଓ କୃତଜ୍ଞତାରେ ଭରିଗଲା । ତନି କିନ୍ତୁ କିଛି ଆଶ୍ଚର୍ଯ୍ୟ ହେଉ ନ ଥାଏ । ଏହା ଯେପରି ତା' ପକ୍ଷରେ ସ୍ୱାଭାବିକ କଥା । ସେ ସୁନି ବସିପଡ଼ିବାରୁ ତାକୁ ଘୋଷାଡ଼ି ପକାଇଲା ଉଠିବାକୁ । କିନ୍ତୁ ଏଇ ସମୟରେ ବାପା ତା'ର ବାଧା ଦେଇ ପାହାଡ଼ର ସେଇ ଝରଣା କୂଳ ପର୍ଯ୍ୟନ୍ତ ସୁନିକୁ କାଖେଇ ନେଇଗଲେ । ସେଇଥିରେ ତନିର କେତେ ଗୋଡ଼ଛଟା, କାନ୍ଦ ଯେ କାହିଁ ତାକୁ ତା' ସଙ୍ଗରେ ଚାଲିବାକୁ ବାପା ଛାଡୁ ନାହାନ୍ତି । କିନ୍ତୁ ପାହାଡ଼ ଉପରେ ତାଙ୍କ ଖେଳଜାଗାରେ ପହଞ୍ଚିଲେ ଆଜି ଆଉ ଛାଡ଼ିବ ନାହିଁ ବୋଲି ମନେ ମନେ ସଂକଳ୍ପ କଲା । ପାହାଡ଼ ଉପରେ ତାଙ୍କ ପରିଚିତ ଜାଗାରେ ଆସି ପହଞ୍ଚିଗଲେ । ସୁନିକୁ ମାମୁ କାଖରୁ ଓହ୍ଲାଇ ଦେଲେ । ଓହ୍ଲାଇ ଦେବା ମାତ୍ରେ ତନି ତା' ହାତ ଧରି ନେଇ ତାକୁ ଚଲାଇନେଲା । ଏଥର ବି କିଛିବାଟ ସୁନି ଚାଲିଗଲା । ତନିର ବାପା ଭିତରେ ଖୁସି ହେଲେ ବି ଆଶଙ୍କା କଲେ କାଳେ ହଠାତ୍ ବେଶୀ ଗୁଡ଼ାଏ ଚାଲିଲେ ସୁନିର ବେଶୀ କିଛି ଖରାପ ହେବ, ତେଣୁ ତାଙ୍କୁ ଗପ ଇତ୍ୟାଦି କହି, କୋଳି ଇତ୍ୟାଦି ଦେଇ ଭୁଲାଇ ଅନେକ ସମୟ ପାଖରେ ବସାଇଲେ । ବଣର କେତେ ଜୀବଜନ୍ତୁଙ୍କ କଥା କହିଲେ । ତନି ଜୀବଜନ୍ତୁଙ୍କ କଥା ଶୁଣି ତା' ଦୁଷ୍ଟାମି ଭୁଲି ବାପାଙ୍କ ପାଟିରୁ କଥାଗୁଡ଼ାକ ପିଇଯିବା ପରି ତାଙ୍କ ମୁହଁକୁ ଚାହିଁ ରହିଲା । କୌଣସି ମତେ ବାପା ଖିଆପିଆ ଶେଷକରି ଦୁହିଁଙ୍କୁ ଧରି ଘରକୁ ଫେରିଲେ । ଆଜି ତାଙ୍କ ମନର ଆନନ୍ଦ କହିଲେ ନ ସରେ । ଚୁପ୍‌ଚୁପ୍ କରି ତାଲିମ ଶିବିରର ପରିଚାଳକଙ୍କୁ ଏକଥା ଜଣାଇ ଦେଲେ ।

''ଏଣିକି ଦେଖାଗଲା ଛୁଟିଦିନ ଛଡ଼ା ଅନ୍ୟ ଦିନମାନଙ୍କରେ ବି ସମୟ ପାଇଲେ ତନି ଓ ତା' ବାପା ଆସି ଶିବିରରେ ପହଞ୍ଚି ସୁନିକୁ



ନେଇଯାଉଛନ୍ତି । ସୁନି ଏବେ ବେଶ୍ ଭଲ ଚାଲିପାରିଲାଣି । ଯଦିଓ ତନି ଭଳିଆ ନୁହେଁ, ତଥାପି ପାହାଡ଼ ଉପରକୁ କିଛି ବାଟ ଉଠିଯାଇ ପାରୁଛି । ପାହାଡ଼ର ସମତଳ ଅଞ୍ଚଳରେ ଦୁହେଁ ଧାଁଦଉଡ଼ କରି ଖେଳୁଛନ୍ତି । କୋଳି ଖାଉଛନ୍ତି, ପ୍ରଜାପତି ଓ ଗୁଣ୍ଡୁଚିମୂଷା ପଛରେ ଗୋଡ଼ାଉଛନ୍ତି, ଝରଣାର ପାଣିକୁ ହାତରେ ଆଣି ଫିଙ୍ଗା ଫିଙ୍ଗି ହଉଛନ୍ତି । ଏବେ ସୁନି ବହୁତ ଖୁସି ଜଣାପଡୁଛି କାରଣ ତା'ର ବାପା ଚିଠି ଦେଇଛନ୍ତି ଯେ ତା'ର ଜନ୍ମଦିନକୁ ସିଏ ଅନି ଓ ତା'ର ବୋଉକୁ ଧରି ଆସୁଛନ୍ତି । ଜନ୍ମଦିନ ତା'ର ଆଉ ମାତ୍ର ଦଶଦିନ ପରେ । ମେ ମାସ ପହିଲାରେ ।

''ଚାହୁଁ ଚାହୁଁ କୁଆଡ଼େ ଦଶଟି ଦିନ କଟିଗଲା । ମେ ମାସର ପ୍ରଥମ ସକାଳ ଆସି ପହଞ୍ଚିଗଲା । ତା'ସହ ସୁନି ଜୀବନର ମଧ୍ୟ ନୂତନ ଅଧ୍ୟାୟ । ଶିବିର ଗେଟ୍ ନିକଟରେ କାରର ହର୍ଣ୍ଣ ଶୁଭିଲା । ପ୍ରଥମ କାରରୁ ଓହ୍ଲାଇ ପଡ଼ିଲେ ସୁନିର ବାପା, ବୋଉ ଓ ଅନ୍ୟଟିରୁ ତା'ର ମାମୁ ସହ ତନି । ପ୍ରଥମ କାରଟି ଭିତରେ ବସିଥାଏ ଅନି । ଏଇ ସମୟରେ ଝିଅଟିଏ ଦଉଡ଼ି ଆସି ସୁନିର ବାପାଙ୍କୁ କୁଣ୍ଢାଇ ପକାଇଲା ।''

''କିଏ ସେଇ ଝିଅ ?'' ପଚାରିଲା ଅନୁରକ୍ତା ।

''ସୁନିର ବାପା ବି ଆଶ୍ଚର୍ଯ୍ୟ ହୋଇଗଲେ କିଏ ସେଇ ଝିଅ ? ଆଖି ତାଙ୍କର ଚିହ୍ନିଥିଲେ ବି ମନ ତାଙ୍କର ବିଶ୍ୱାସ କରିପାରୁ ନ ଥାଏ । ସୁନିର ବୋଉର ଅବସ୍ଥା ବି ସେଇପରି । ସମସ୍ତେ ସମସ୍ତଙ୍କ ମୁହଁକୁ କାବା ହୋଇ ଚାହୁଁଛନ୍ତି । ଇଏ ଯେ ସେଇ ପୋଲିଓ ରୋଗଗ୍ରସ୍ତା ସୁନି – ଏକଥା କେହି କହିବାକୁ ସାହସ କରିପାରୁ ନାହାନ୍ତି । ଏ ଅବସ୍ଥା ଦେଖି ସୁନିର ମାମୁ ମନେ ମନେ ହସୁଥାଆନ୍ତି । କିଛି ସମୟ ନିର୍ବାକ୍, ନିସ୍ପନ୍ଦ ଅବସ୍ଥାରେ କଟିଯିବାପରେ ତନି ଆଉ ଏପରି ନୀରବ ହୋଇ ବେଶୀ ସମୟ ଠିଆ ହେବାକୁ ପସନ୍ଦ କଲା ନାହିଁ । ସମସ୍ତଙ୍କ ଚେତନାକୁ ଦୋହଲେଇ ଦେଇ କହିଉଠିଲା, 'କ'ଣ ସୁନି, ପ୍ରସ୍ତୁତ ହୋଇ ଆସିଛୁତ ପାହାଡ଼ ଉପରକୁ ଯିବା ଲାଗି ? ଆଜି ତ ତୋ

ଜନ୍ମଦିନରେ ସେଇ ପାହାଡ଼ ଉପରେ ପିକ୍‌ନିକ୍ ହେବାର କଥା ଥିଲା । ଆମେ ତ ସବୁ ଜିନିଷ ଧରି ଆସିଛୁ ।' ଏଇ ସମୟରେ ସୁନି ତା' ବାପାଙ୍କୁ ଛାଡ଼ି ବୋଉକୁ କୁଣ୍ଢାଇ ପକାଇଲା । ଏଥର ଆଉ କାହାରି ସନ୍ଦେହ ରହିଲା ନାଇଁ ଯେ ସିଏ ତାଙ୍କରି ସୁନି । ଆନନ୍ଦରେ ବାପାବୋଉଙ୍କ ଆଖିରୁ ଲୁହ ଝରି ପଡ଼ିଲା । ସୁନି ଏ ପର୍ଯ୍ୟନ୍ତ ଅନିକୁ ଦେଖି ନ ଥିଲା । କାରରେ ଅନିକୁ ଦେଖି ତାକୁ ବି ଯାଇ କୁଣ୍ଢାଇ ପକାଇଲା ।

''ସୁନିର ବାପା ତା' ମାମୁଙ୍କୁ କହିଲେ, 'କାହିଁ, ତୁମେ ତ ଏକଥା ମୋ ପାଖକୁ ଜମା ଲେଖି ନ ଥିଲ ?' ମାମୁଁ କହିଲେ, 'ଲେଖିଥିଲେ ତୁମେ ଆଜି କ'ଣ ଏତେ ଆନନ୍ଦ ଆଉ ବିସ୍ମୟ ଅନୁଭବ କରିଥା'ନ୍ତ ! ମୁଁ ତ ଜାଣିଥିଲି ତୁମେ ଦିନେ ଆସି ସ୍ୱଚକ୍ଷୁରେ ଦେଖିବ, ଲେଖିବା ଦରକାର କ'ଣ ଥିଲା ? ଏଇ ସମୟରେ ତନିର ଗୋଡ଼ କଚଡ଼ା, ମୁହଁ ଛଅଁଡ଼ା ଓ ଗର୍ଜନ ଶୁଭିଲା – 'ଚାଲ, ଏତେ ଡେରି କରୁଛ କାହିଁକି ?' 'ସୁନିର ବାପା-ବୋଉ ଶିବିରର ପରିଚାଳକଙ୍କ ନିକଟରେ କୃତଜ୍ଞତା ଜଣାଇ ତାଙ୍କର ଅନୁମତି ନେଇ ଚାଲିଲେ ପାହାଡ଼ ଉପରକୁ । ସୁନିର ପାହାଡ଼ ଚଢ଼ା ଦେଖି ଅନି ଓ ତା' ବାପା-ବୋଉ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ । ପାହାଡ଼ ଉପରେ ସେଦିନ କେତେ ମଜା ହେଲା । ସମସ୍ତଙ୍କର ଅନ୍ତର ଆନନ୍ଦରେ ଉଛୁଳି ପଡୁଥିଲା । କିନ୍ତୁ ଜଣେ ଟିକିଏ ଅବସନ୍ନ ଜଣାପଡୁଥିଲା । ସେ ଜଣକ ହଉଛି ଅନି । ତା ମନରେ କେତେ ଚିନ୍ତା । ମନେ ପଡୁଥାଏ ତା'ର ସୁନିର କଥା । ସୁନି ସବୁବେଳେ କହେ – 'ଭଗବାନ ସର୍ବଶକ୍ତିମାନ । ସେ ଇଚ୍ଛା କଲେ ମୁହୂର୍ତ୍ତକେ ଆମେ ଭଲ ହୋଇପାରିବା । ମୋର କାହିଁକି ଅନ୍ତର କହୁଛି ତାଙ୍କରି ଦୟାରୁ ମୁଁ ଦିନେ ସଂପୂର୍ଣ୍ଣ ଭଲ ହୋଇଯିବି ।' କିନ୍ତୁ ସୁନିର କଥାକୁ ଅନି ସେତେବେଳେ ବିଶ୍ୱାସ କରିପାରୁ ନ ଥିଲା । ଏବେ ଆଖିରେ ଦେଖି ତା' ମନରେ ଅବଶୋଷ ଆସୁଛି । ଭାବୁଛି ଖାଲି ଭଗବାନଙ୍କ ଉପରେ ଏକ ସହଜ, ସରଳ ଅଥଚ ଦୃଢ଼ ବିଶ୍ୱାସ ରଖି ସୁନି ଆଜି କେତେ ଆଗେଇ ଯାଇଛି ଆଉ ସିଏ ସେଇସବୁ ଗୁଣର



ଅଭାବରୁ କେତେ ପଛରେ । କିନ୍ତୁ ତା'କୁ ବେଶୀ ସମୟ ଚିନ୍ତା କରିବାକୁ ଦେଲା ନାହିଁ ତନି । ଝିଙ୍କାଓଟରା, ହଲାପଟା କରି ତାକୁ ଅଥୟ କରିଦେଲା । ତା'ରି ଭିତରେ ଅନି ଭୁଲିଗଲା ନିଜକୁ ଓ ନିଜର ଅସାମର୍ଥ୍ୟକୁ । ନିଜ ଅଜାଣତରେ ସେ ମିଶିଗଲା ଏକ ଆନନ୍ଦର ତରଙ୍ଗ ମଧ୍ୟରେ ।'

''ପେଟଭରି ଖାଦ୍ୟ, ମନଭରି ଆନନ୍ଦ ଓ ପ୍ରାଣଭରି ପୁଲକ ନେଇ ସମସ୍ତେ ଫେରିଲେ । ସୁନିକୁ ଧରି ତା' ବାପା-ବୋଉ ଘରକୁ ଫେରିବା ପୂର୍ବରୁ ଚାହିଁଲେ ସୁନିର ଡାକ୍ତରକୁ ଦେଖା କରିବାକୁ । ସୁନି କହିଲା ମୋ ଡାକ୍ତର ତ ଏଇଠି ଅଛି । ଦେଖା କରିବାକୁ ଯିବ କ'ଣ ? ସମସ୍ତେ ଆଶ୍ଚର୍ଯ୍ୟ ହୋଇ ସେ କିଏ ବୋଲି ପଚାରିବା ଭଙ୍ଗୀରେ ଚାହିଁ ରହିଲେ । 'ଜାଣିନା, ଏଇ ମୋର ଡାକ୍ତର' କହି ତନିକୁ କୁଣ୍ଢାଇ ପକାଇଲା । ଦୁହେଁ କାନ୍ଦି ପକାଇଲେ । ସୁନିର ବାପାବୋଉ ତନିକୁ କୋଳ କଲେ । ଶେଷକୁ କଥା ହେଲା ଅନି ସେହି ଶିବିରରେ ରହିବ । ଅନିର ଏଥର ଆଉ କିଛି ଆପତ୍ତି ନ ଥିଲା । ଖାଲି ଯାହା ବାପା-ବୋଉଙ୍କଠାରୁ ଦୂରରେ ରହିବା ଲାଗି ମନରେ ଯାହା ଦୁଃଖ । ସୁନିର ଜନ୍ମଦିନରେ ଉପହାର ଦେବାପାଇଁ ତା' ବାପା ଆଣିଥିବା ନୂଆ ଠେଲାଗାଡ଼ି ଓ ବାଡ଼ି ଅନି ପାଖରେ ପଡ଼ି ରହିଲା । ବିଦାୟ ବେଳରେ ସମସ୍ତଙ୍କ ଆଖିରେ ଲୁହ । କିନ୍ତୁ ଦୁଃଖର ନୁହେଁ ଖାଲି ସୁନିକୁ ଛାଡ଼ି । ସୁନି ତନିକୁ ବାରଂବାର କୁଣ୍ଢାଇ ପକାଇ କାନ୍ଦି କାନ୍ଦି କହୁଥାଏ – 'ତନି, ତୁ ମୋର ସବୁବେଳେ ମନେ ପଡ଼ିବୁ ।' କିନ୍ତୁ ତନି ଏସବୁରେ ବିଚଳିତ ନ ହୋଇ ଠେଲା ଗାଡ଼ିଟିରେ ବସିଥିବା ତା'ର ନୂତନ ଶିକାର ଅନିକୁ ଏକାଲୟରେ ଚାହିଁ କେତେ କ'ଣ ଯୋଜନା କରିଯାଉଥାଏ । ସତେ ଯେପରି ଏଇକ୍ଷଣି ତା' ହାତଧରି ତାକୁ ଗାଡ଼ିରୁ ଭିଡ଼ିଆଣି ଦଉଡ଼ିବ ପାହାଡ଼ ଉପରକୁ ।''

## ନୈରାଶ୍ୟର ଘନ ଅନ୍ଧାର ମଧ୍ୟରେ

## (୪)

''ଆଚ୍ଛା ଚିନୁ ଭାଇ, ଆମର ଏଠାରେ ଯେଉଁ 'ପାଓ୍ୱାର' ଫୁଟବଲ କ୍ଲବ ଅଛି ସେଥିରେ ଶ୍ୟାମଳ ଆଉ ବିମଳ ଦୁହେଁ ସେଣ୍ଟର ଫରଓ୍ୱାର୍ଡ଼ରେ ଖେଳୁଥିଲେ । ଦୁହେଁ ଥିଲେ ଦଳର ସବୁଠାରୁ ଭଲ ଖେଳାଳୀ । ଅବଶ୍ୟ ଶ୍ୟାମଳର ସ୍ୱାସ୍ଥ୍ୟର ଗଠନ ଓ ଖେଳ-କୌଶଳ ବିମଳଠାରୁ ଅପେକ୍ଷାକୃତ ଉନ୍ନତ ଥିଲା । ଆଖପାଖ କ୍ଲବଗୁଡ଼ିକ ମଧ୍ୟରେ ଆମ କ୍ଲବ ଚମ୍ପିଆନ ହେବାରେ ଏ ଦୁହେଁହିଁ ଦାୟୀ । ଥରେ ନୁହେଁ ଏମାନେ ଲାଗଲାଗ ତିନିଥର ଆମ 'ପାଓ୍ୱାର' କ୍ଲବକୁ ଚମ୍ପିଆନ କରିଛନ୍ତି । ସେବର୍ଷ ଆମ ଜିଲ୍ଲା ତରଫରୁ ଖେଳିବା ପାଇଁ ଏ ଦୁହେଁ ମନୋନୀତ ହୋଇଥିଲେ । କିନ୍ତୁ ଶେଷ ବଛାବଛିରେ ଏମାନଙ୍କ ନାମ କଟିଗଲା । ସେଇ ଦିନଠାରୁ ଶ୍ୟାମଳର କ'ଣ ହେଲା, ସେ ଖେଳ ବିଲ୍‌କୁଲ୍ ଛାଡ଼ିଦେଲା । କିନ୍ତୁ ବିମଳ ପୂର୍ବ ଭଳି ଖେଳିଚାଲିଲା । ତା'ପର ବର୍ଷ ସେ ଆମ ଜିଲ୍ଲା ଦଳ ପାଇଁ ବଛା ହୋଇଥିଲା । ସୁନ୍ଦର ଖେଳିବାରୁ ରାଜ୍ୟଦଳ ଓ ରାଜ୍ୟଦଳରୁ ବର୍ତ୍ତମାନ ଆମ ଜାତୀୟ ଦଳରେ ଖେଳିବା ପାଇଁ ସ୍ଥାନ ପାଇଲାଣି । ଅଥଚ ଶ୍ୟାମଳ ଯିଏକି ତା'ଠାରୁ ଅପେକ୍ଷାକୃତ ଭଲ ଖେଳୁଥିଲା ବୋଲି ସମସ୍ତେ କହୁଥିଲେ, ସେ ବର୍ତ୍ତମାନ ଘରେ ତା' ଭାଇକୁ ବ୍ୟବସାୟରେ ସାହାଯ୍ୟ କରୁଛି । ସେ' ତ ଖେଳୁଥିଲେ ଏବେ ଆମ ଜାତୀୟ ଦଳରେ ନିଶ୍ଚୟ ଖେଳନ୍ତାଣି । ଏତେ ସୁନ୍ଦର ଖେଳୁଥିଲା, ହଠାତ୍ କାହିଁକି ଖେଳ ଛାଡ଼ିଦେଲା ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ମୁଁ ଶ୍ୟାମଳକୁ ଜାଣେ । ବହୁତ ସୁନ୍ଦର ଖେଳୁଥିଲା । ଖେଳୁଥିଲେ ବର୍ତ୍ତମାନ ଜାତୀୟ ଦଳରେ ଖେଳନ୍ତାଣି । କିନ୍ତୁ ଯେତେବେଳେ ଜିଲ୍ଲାଦଳରେ



ଖେଳିବା ପାଇଁ ତାକୁ ବାଛିଲେ ନାହିଁ, ସେତେବେଳେ ସେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଲା । ତାକୁ ବିମଳ ଯେତେ ବୁଝାଇଲା ଯେ, 'ଏବର୍ଷ ସିନା ଆମେ ବଛା ହେଲେ ନାହିଁ; କିନ୍ତୁ ଆହୁରି ଭଲ ଖେଳିଲେ ଭଗବାନଙ୍କ ଦୟାରୁ ପୁଣି ଆର ବର୍ଷକୁ ବଛା ହେବା । ଖେଳ ଛାଡ଼ିବା କାହିଁକି ? ଆମେ ତ ଆଜି ଜିଲ୍ଲା ଦଳରେ ବଛା ହେବାପାଇଁ କି ମ୍ୟାଚ୍ ଜିତିବାପାଇଁ ଖାଲି ଖେଳୁନେ । ଆମେ ଖେଳୁଛେ ଆମ ଶରୀରର ଗଠନରେ ପୂର୍ଣ୍ଣତା ଓ ଖେଳରେ ମଧ୍ୟ ଅଧିକରୁ ଅଧିକ ଦକ୍ଷତା ଓ ତ୍ରୁଟିଶୂନ୍ୟତା ହାସଲ କରିବା ପାଇଁ । ଆମେ ଯଦି ଅଭିମାନ କରି ଖେଳ ଛାଡ଼ିଦେବା ଆମର ଏ ଲକ୍ଷ୍ୟ, ଏପରିକି ଯେଉଁ ଜିଲ୍ଲାଦଳପାଇଁ ବଛା ହୋଇ ପାରିଲେ ନାହିଁ ବୋଲି ଖେଳ ଛାଡୁଛେ, ସେ ଲକ୍ଷ୍ୟ କିଛି ବି ପୂରଣ ହୋଇପାରିବ କି ?' କିନ୍ତୁ ଶ୍ୟାମଳକୁ ହତାଶା ଆଉ ନୈରାଶ୍ୟର ରାକ୍ଷସ ଏପରି ଗ୍ରାସ କରିଥିଲା ଯେ ସେ ବିମଳର କୌଣସି କଥାକୁ ଗ୍ରହଣ କରିପାରିଲା ନାହିଁ । କହିଲା, 'ନା ଭାଇ, ମୋର ଆଉ ଜମା ଖେଳିବାରେ ସ୍ପୃହା ନାହିଁ । ମୁଁ ଏତେ ଯୋଗ୍ୟ ନୁହେଁ ଯେ ଜିଲ୍ଲାଦଳ ପାଇଁ ବଛା ହୋଇପାରିବି । ମୁଁ ଅଯୋଗ୍ୟ ବୋଲି ଭଗବାନ ମୋତେ ଜିଲ୍ଲାଦଳ ଲାଗି ମନୋନୀତ କରାଇ ଦେଲେ ନାହିଁ । ମୋ ଦ୍ୱାରା ବାସ୍ତବରେ ଶାଗ ବି ସିଝିବ ନାହିଁ । ମୋତେ ଭାଇ ଆଉ ବାଧ୍ୟ କରନା ।'

''ଖେଳ ଛାଡ଼ିବା ପରଠାରୁ ଅନେକ ଦିନ ସେ ଚିନ୍ତାମଗ୍ନ ଓ ବେକାର ହୋଇ କଟାଇଲା । ଶେଷକୁ ଏବେ ତା'ଭାଇ ବହୁତ ବୁଝାବୁଝି କରି ତାକୁ ବ୍ୟବସାୟରେ ପୂରାଇଛି । ହେଲେ ବ୍ୟବସାୟରେ ବି ମନୋଯୋଗ ଦେଇ ପାରୁ ନାହିଁ । ଖାଲି ଗଧପେଲା ଭଳି ଯେକୌଣସି ପ୍ରକାରେ ସମୟ କଟାଇ ଦେଉଛି । ଭାବୁଛି ଜୀବନଟା ତା'ର ନିଷ୍ଫଳ, ନିରର୍ଥକ । ଭଗବାନଙ୍କୁ ସେ ବିଶ୍ୱାସ କରେ, କିନ୍ତୁ ଭଗବାନ ଯେ ତାକୁ ଭଲ ପାଆନ୍ତି, ସାହାଯ୍ୟ କରନ୍ତି ଏ ଆସ୍ଥା ତା'ର ନ ଥାଏ । ସେ ଭାବେ ତା'ଭଳି ନିରର୍ଥକ ବ୍ୟକ୍ତିକୁ ଭଗବାନ ବି ତ୍ୟାଗ କରିଛନ୍ତି ।

''ଭଗବାନଙ୍କ ପ୍ରତି ତା'ର ବିଶ୍ୱାସ ସହ ଆସ୍ଥା ଓ ଭରସା ଥିଲେ ସେ ନିଜକୁ ଏପରି ଛୋଟ, ନିରର୍ଥକ, ଅଯୋଗ୍ୟ ମନେ କରନ୍ତା ନାହିଁ ।

ସବୁବେଳେ ଭଗବାନଙ୍କ ସାହାଯ୍ୟ, ପ୍ରେମ ଓ କୃପା ତାକୁ ପ୍ରେରଣା, ଉତ୍ସାହ ଓ ଶକ୍ତି ଯୋଗାଇ ପାରନ୍ତା । ଏପରିକି ବାରଂବାର ବିଫଳତା ମଧ୍ୟରେ ବି । ଆମେ ପୂର୍ବେ ଯେଉଁ କପିଳ ମଉସାଙ୍କ କଥା ଆଲୋଚନା କରିଥିଲେ ସେଥିରେ ଆମେ ଦେଖିଥିଲେ ତାଙ୍କର ଠାକୁରଙ୍କ ଉପରେ ବିଶ୍ୱାସ ଥିଲା, କିନ୍ତୁ ଭରସା ନ ଥିବାରୁ ହଇଜାକବଳରୁ ସେ ନିଜେ କିଂବା ନିଜର ପରିବାର ରକ୍ଷାପାଇ ପାରିଲେ ନାହିଁ । ସେ ଭାବିଲେ ଭଗବାନ ସବୁକିଛି ସୃଷ୍ଟି କରୁଛନ୍ତି – ଏ ରୋଗ, ଦୁଃଖ, ଯନ୍ତ୍ରଣା ବି ସେଇ ସୃଷ୍ଟି କରିଛନ୍ତି । ତାଙ୍କ ଆଖିରେ ଭଗବାନ ବି ନିଷ୍ଠୁର, ନିର୍ଦ୍ଦୟ, ଅସୁର ଭଳି ହୋଇଉଠିଲେ । ତେଣୁ ରକ୍ଷା କରିବାକୁ ସେ ଡାକିବେ କାହାକୁ ? ଏପରି ମନୋଭାବ ଥିଲା ବିଶ୍ୱାସ କ୍ଷେତ୍ରରେ ପ୍ରଥମ ପ୍ରତିବନ୍ଧକ । ତା'ପରେ ଆମେ ନିଶିଖୁଡ଼ି କଥା ଦେଖିଲେ । ତା'ର ଭଗବାନ ଅଛନ୍ତି ବୋଲି ବିଶ୍ୱାସ ଅଛି, ହେଲେ ତାଙ୍କର ଶକ୍ତି ଉପରେ ଭରସା ନାହିଁ । ଭଗବାନ ଯେ ସର୍ବଶକ୍ତିମାନ, ଚାହିଁଲେ ମୁହୂର୍ତ୍ତକରେ ସେ ସବୁକିଛି କରିଦେଇ ପାରିବେ – ଏ ଆସ୍ଥା ତା'ର ନ ଥିଲା । ସେ ଭାବୁଥିଲା ତା' ଦୁଃଖ ଦୁନିଆର ସବୁଠୁ ବଳେ । ତା'ର ଦୁଃଖକୁ କାହାରି, ଏପରିକି ସ୍ୱୟଂ ଭଗବାନଙ୍କର ବି ମୋଚନ କରିବାର ଶକ୍ତି ନାହିଁ । ତେଣୁ ସେ ଦୁଃଖରୁ କେବେ ମୁକ୍ତ ହୋଇପାରୁ ନ ଥିଲା । ଏପରି ମନୋଭାବ ଥିଲା ବିଶ୍ୱାସ-କ୍ଷେତ୍ରରେ ଦ୍ୱିତୀୟ ପ୍ରତିବନ୍ଧକ । ଏଠାରେ ଆମର ଶ୍ୟାମଳର ଭଗବାନଙ୍କ ଉପରେ ବିଶ୍ୱାସ ଥିଲେ କ'ଣ ହେଲା, ସେ ଯେ ବିଫଳତାରେ ଭାଙ୍ଗିପଡ଼ି ନିଜକୁ ନିରର୍ଥକ ଅଯୋଗ୍ୟ ମନେକରୁଛି ଓ ତା'ଦ୍ୱାରା ଭଗବାନଙ୍କର କିଛି କାର୍ଯ୍ୟ ହୋଇପାରିବ ନାହିଁ ଓ ସେ ତାକୁ ତ୍ୟାଗ କରିଛନ୍ତି ବୋଲି ଭାବୁଛି – ଏହା ବିଶ୍ୱାସ କ୍ଷେତ୍ରରେ ଅନ୍ୟ ଏକ ତୃତୀୟ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରେ । ସେଇଥିପାଇଁ ମା କହିଛନ୍ତି :

'I speak of people who have what might be called a wrong or excessive modesty or humility : they say – surely the Divine has rejected me, I am good for nothing,



He can do nothing with me, I have only to give up the game, for He finds me unworthy of Him – Then unless you add to your faith a total and complete trust in the Divine Grace, you shall have difficulties.'

'ମୁଁ ସେଇଭଳି ଲୋକମାନଙ୍କ କଥା କହୁଛି ଯେଉଁମାନଙ୍କର, ଯାହାକୁ କୁହାଯାଏ ପ୍ରମାଦପୂର୍ଣ୍ଣ ଅଥବା ଅତିଶୟ ବିନୟୀ ଭାବ ବା ନମ୍ରତା ଥାଏ : ସେମାନେ କହନ୍ତି – ନିଶ୍ଚୟ ଭଗବାନ ମୋତେ ତ୍ୟାଗ କରିଛନ୍ତି, ମୁଁ କିଛି କାମର ନୁହେଁ, ମୋତେ ନେଇ ସେ କିଛି କରିପାରିବେ ନାହିଁ, ମୋତେ ଚେଷ୍ଟାଟିକୁ ଛାଡ଼ି ଦେବାକୁ ହେବ, କାରଣ ସେ ମୋତେ ତାଙ୍କ ଲାଗି ଅଯୋଗ୍ୟ ବୋଲି ଜାଣି ସାରିଛନ୍ତି – ଏପରି କ୍ଷେତ୍ରରେ ତୁମେ ତୁମ ବିଶ୍ୱାସ ସହ ଭଗବାନଙ୍କ କୃପା ଉପରେ ଏକ ପରିପୂର୍ଣ୍ଣ ତଥା ସର୍ବାଙ୍ଗୀନ ଆସ୍ଥା ସ୍ଥାପନ ନ କଲେ ତୁମକୁ ଅସୁବିଧା ଭୋଗ କରିବାକୁହିଁ ହେବ ।'

''ଶ୍ୟାମଳ ଖାଲି ଜିଲ୍ଲାଦଳ ଲାଗି ପ୍ରଥମଥର ପାଇଁ ବଛାହୋଇ ନ ପାରିବାରୁ ଏତେ ଭାଙ୍ଗି ପଡ଼ିଲା, ନିଜକୁ ଏତେ ତୁଚ୍ଛ, ଅପଦାର୍ଥ ତଥା ଅଯୋଗ୍ୟ ମନେକଲା, ଅଥଚ ତା'ରି ଭଳି ଜଣେ ଖେଳାଳୀ ଦୁର୍ଘଟଣାର ସମ୍ମୁଖୀନ ହୋଇ ଶାରୀରିକ ଦୃଷ୍ଟିରୁ ଖେଳପାଇଁ ସଂପୂର୍ଣ୍ଣ ଅଯୋଗ୍ୟ ହେବାପରେ ବି ପୁଣି କିପରି ଭଗବାନଙ୍କ କୃପା ଉପରେ ଅଟଳ ବିଶ୍ୱାସ ରଖି ନିଜକୁ ଏକ ସୁଦକ୍ଷ, ଶକ୍ତିଶାଳୀ ଖେଳାଳୀରେ ପରିଣତ କରିଛି ତାହା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ।''

''ଦୁର୍ଘଟଣା ଘଟି କ'ଣ ହୋଇଥିଲା ତାଙ୍କର ? ସେଇ ଖେଳାଳୀଙ୍କ କଥା କୁହ ।'' କହିଲା ଅନୁରକ୍ତା ।

''୧୯୬୯ ମସିହାର କଥା । ଭିଏତ୍‌ନାମ ଦୁଇଭାଗରେ ବିଭକ୍ତ ହୋଇଥାଏ । ଦକ୍ଷିଣ ଭିଏତ୍‌ନାମ ଓ ଉତ୍ତର ଭିଏତ୍‌ନାମ । ଏ ଦୁଇ ଭିଏତ୍‌ନାମର କଳହରେ ଆମେରିକା ପଶି ଦକ୍ଷିଣ ଭିଏତ୍‌ନାମକୁ ସୈନ୍ୟ ପଠାଇ ସାହାଯ୍ୟ କରୁଥାଏ । ଆମେରିକାର ସୈନ୍ୟମାନଙ୍କୁ ଦକ୍ଷିଣ ଭିଏତ୍‌ନାମରୁ ହଟାଇବା ପାଇଁ

ଉତ୍ତର ଭିଏତ୍‌ନାମର ଗରିଲାସୈନ୍ୟମାନେ ଲୁଚି ଛପି ଅତର୍କିତ ଭାବେ ଆକ୍ରମଣ କରୁଥା'ନ୍ତି । ଦିନେ ବଡ଼ିସକାଳୁ ଆମେରିକାର ଏକ ପଦାତିକ ବାହିନୀ ଗୋଟିଏ ଜଙ୍ଗଲରେ ସେମାନଙ୍କ ଡିଉଟି କରୁଥା'ନ୍ତି । ସକାଳର ସେଇ ନୀରବତା ଭଙ୍ଗକରି ହଠାତ୍ ଅଚାନକ ଭାବେ ଉତ୍ତର ଭିଏତ୍‌ନାମର ଏକ ବିରାଟ ବାହିନୀର ବନ୍ଧୁକସବୁ ଗର୍ଜିଉଠିଲା । ରକି ବ୍ଲିଏର୍‌ର ଜଙ୍ଘରେ ଗୋଟିଏ ଗୁଳିପଶି ବାହାରିଗଲା । ରକି ଯନ୍ତ୍ରଣାରେ ଟଳି ପଡ଼ିଲା, ଟଳି ପଡୁ ପଡୁ ତା' ଗୋଡ଼ ପାଖରେ ଗୋଟିଏ ହାତବୋମା ମଧ୍ୟ ଫୁଟିଉଠିଲା । ହାତ ବୋମାଟିର ଗୁଳିଗୁଡ଼ିକ ତା'ର ଦୁଇଗୋଡ଼ ମଧ୍ୟରେ ଗଳିଗଲା । ବାମଗୋଡ଼ ଅପେକ୍ଷା ଡାହାଣ ଗୋଡ଼ଟି ତା'ର ବେଶୀ ଆଘାତପ୍ରାପ୍ତ ହେଲା । ଡାହାଣ ଗୋଡ଼ର ଅଧିକାଂଶ ଅସ୍ଥି ଚୂରମାର ହୋଇଗଲା । ସଙ୍ଗେ ସଙ୍ଗେ ତାକୁ ତାଙ୍କ ଦଳର ଜଣେ ସୈନିକ ଦୁଇ ମାଇଲ ଦୂରରେ ଥିବା ଉଦ୍ଧାରକାରୀ ହେଲିକେପ୍‌ଟର ନିକଟକୁ ନେଇଗଲା ।

''ହେଲିକେପ୍‌ଟରଟି ସଙ୍ଗେ ସଙ୍ଗେ ତାକୁ ଫିଲ୍‌ଡ୍ ହସ୍‌ପିଟାଲକୁ ନେଇଗଲା । ସେଠାରେ ଥିବା ଡାକ୍ତର ତାକୁ ପରୀକ୍ଷା କରି କହିଲେ ଯେ ତୁମକୁ ସାରା ଜୀବନ ଛୋଟେଇ ଛୋଟେଇ ଚାଲିବାକୁ ପଡ଼ିବ । ତୁମେ ଆଉ ଜୀବନରେ କେବେ ଫୁଟ୍‌ବଲ୍ ଖେଳିପାରିବ ନାହିଁ ।

''ରକି ବ୍ଲିଏର ଥିଲା ଆମେରିକାର ପିଟ୍‌ସ ବର୍ଗ ଷ୍ଟିଲର ଫୁଟ୍‌ବଲ୍ ଟିମ୍‌ର ଜଣେ ପ୍ରସିଦ୍ଧ ଖେଳାଳୀ । ଆମେରିକା ସରକାର ତାକୁ ଦକ୍ଷିଣ ଭିଏତ୍‌ନାମ ପଠାଇବା ପୂର୍ବରୁ ଫୁଟ୍‌ବଲ୍ ଥିଲା ତା'ର ପ୍ରିୟ ଖେଳ । ସେଠାରୁ ଫେରି ପୁଣି ସେହି ଟିମ୍‌ରେ ଯୋଗ ଦେଇଥା'ନ୍ତା । କିନ୍ତୁ ସବୁ ଡାକ୍ତର ଯିଏ ତାକୁ ଦେଖିଲେ ସେଇ ଏକା ନୈରାଶ୍ୟଜନକ ମନ୍ତବ୍ୟ ଦେଲେ ।

''କିନ୍ତୁ ରକି ଏଥିରେ ଦବିଗଲା ନାହିଁ । ସେ ଏକ ରକ୍ ପରି ଅଟଳ ରହିଲା । ଡାକ୍ତରମାନେ ତା'ର ଶାରୀରିକ ଅବସ୍ଥାକୁ ଦେଖି ସେପରି ମନ୍ତବ୍ୟ ଦେଇଥିଲେ । କେହି ତା' ମଧ୍ୟରେ ଥିବା ଅଟଳ ଈଶ୍ୱରବିଶ୍ୱାସ, ଦୃଢ଼-ସଂକଳ୍ପ ଓ ଅଦମନୀୟ ସାହସ କଥା ବିଚାର କରି ନ ଥିଲେ । କାରଣ ଏସବୁ ଗୁଣକୁ



ଦେଖିବା ଲାଗି ସେମାନଙ୍କ ପାଖରେ ତ କୌଣସି ଯନ୍ତ୍ର ନ ଥିଲା । ରକି ଜୀବନରେ ଏପରି ହତାଶାର ସମ୍ମୁଖୀନ ହେବା ନୂଆ ନ ଥିଲା । ସ୍କୁଲ ଜୀବନରେ ସେ ଥିଲା ଚମତ୍କାର ଫୁଟ୍‌ବଲ୍ ଓ ବାସ୍କେଟବଲ ଖେଳାଳୀ । ତା'ର ଏକପ୍ରକାର ଅସ୍ଥିରୋଗ ଦେଖା ଦେବାରୁ ଡାକ୍ତରମାନେ ତାକୁ ବହୁବର୍ଷ ପର୍ଯ୍ୟନ୍ତ ଖେଳାଖେଳି ବନ୍ଦ କରି ଦେବାକୁ ପରାମର୍ଶ ଦେଲେ । କିନ୍ତୁ ରକିର ଭଗବାନଙ୍କ ଉପରେ ବିଶ୍ୱାସ ଓ ଦୁର୍ଦ୍ଦମନୀୟ ଇଚ୍ଛାଶକ୍ତି ନିକଟରେ ଡାକ୍ତରମାନଙ୍କ ପରାମର୍ଶ ନିରର୍ଥକ ବୋଧ ହେଲା । ମାତ୍ର ଗୋଟିଏ ବର୍ଷ ମଧ୍ୟରେ ରକି ପୂର୍ଣ୍ଣ ସୁସ୍ଥ ହୋଇ ସ୍କୁଲ ଟିମ୍‌ରେ ପୂର୍ବପରି ଖେଳିବାକୁ ଲାଗିଲା ।

''ବର୍ତ୍ତମାନ ଗୁଳି ଆଘାତରେ ରକିର ଗୋଡ଼ର ହାଡ଼ଗୁଡ଼ିକ ନଷ୍ଟ ହୋଇ ଯାଇଥିଲେ ବି ସେ ଏହାକୁ ତା'ର ଭଗବାନଙ୍କ ଶକ୍ତି ଓ ସାହାଯ୍ୟ ଉପରେ ବିଶ୍ୱାସ ଓ ସାହସ, ଧୈର୍ଯ୍ୟ ତଥା ସଂକଳ୍ପଶକ୍ତି ନିମନ୍ତେ ଏକ ପରୀକ୍ଷାରୂପେ ଗ୍ରହଣ କରିନେଲା । ଶ୍ୟାମଳର ଆଘାତ ଅପେକ୍ଷା ରକିର ଆଘାତ ଥିଲା ସାଂଘାତିକ ଯେଉଁଥିରୁ କି ସାଧାରଣ ଲୋକ କେବେ ଉଦ୍ଧାର ପାଇପାରେ ନାହିଁ । ଶ୍ୟାମଳର ତ ଆଘାତ ସାମାନ୍ୟ ମାନସିକ ଥିଲା । ତଥାପି ଶ୍ୟାମଳ ଭଳି ରକି କେବେ ଭାଙ୍ଗି ପଡ଼ି ନାହିଁ । ନିଜକୁ ନିରର୍ଥକ, ଅପଦାର୍ଥ, ଭଗବାନଙ୍କ କୃପା ଓ ସାହାଯ୍ୟର ଅଯୋଗ୍ୟ ବୋଲି ମନେ କରି ନାହିଁ ।

''ରକି ଦେଶକୁ ଫେରି ଆସିଛି । ଦୁର୍ଦ୍ଦମନୀୟ ଇଚ୍ଛାଶକ୍ତି ନେଇ, ଡାକ୍ତରମାନଙ୍କର କୌଣସି ପରାମର୍ଶକୁ ଭ୍ରୂକ୍ଷେପ ନ କରି ଭଗବାନଙ୍କ ଦୟାରୁ ପୁଣି ସେ ପୂର୍ବଭଳି ସୁଦକ୍ଷ ଖେଳାଳୀ ହୋଇପାରିବାର ସ୍ୱପ୍ନ ଦେଖୁଛି । ପାଦ ଦୁଇଟି ତା'ର ପୁଣି ଫୁଟ୍‌ବଲ୍‌ର ମଧୁର, କଠିନ ସ୍ପର୍ଶ ନିମନ୍ତେ ପାଗଳ ହୋଇଉଠିଛି । ଏକ ଖୁବ୍ ଯନ୍ତ୍ରଣାଦାୟକ ଅପରେସନ ପରେ ସେ ଦୀର୍ଘଦିନ ବିଛଣାରେ ପଡ଼ି ରହିଛି । ତା'ପରେ ତା'ର ଗୋଡ଼ ଦୁଇଟିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ନିମନ୍ତେ ସମସ୍ତ ଚିକିତ୍ସା ବ୍ୟର୍ଥ ହୋଇଛି । ରକି ହସ୍‌ପିଟାଲରୁ ଫେରି ଏଣିକି ନିଜ ଉଦ୍ୟମରେ ଲାଗିଯାଇଛି, ଏଥିରେ ତାକୁ ତା'ର

ପିଟରସ୍‌ବର୍ଗ ଷ୍ଟିଲର ଫୁଟବଲ ଦଳର କର୍ମକର୍ତ୍ତାମାନେ ବହୁତ ସାହାଯ୍ୟ ଓ ଉତ୍ସାହ ଦେଇଛନ୍ତି ।

''ରକି ଧୀରେ ଧୀରେ କ୍ରଚ୍ ସାହାଯ୍ୟରେ ଚାଲିବା ଅଭ୍ୟାସ କରି ତା'ପରେ ସକାଳୁ ଦଉଡ଼ିବା ଅଭ୍ୟାସ ଆରମ୍ଭ କରି ଦେଲା । ଉପରବେଳା ଭାରୋତ୍ତୋଳନ ଓ ଅନ୍ୟାନ୍ୟ ବ୍ୟାୟାମ ସହ ରାତ୍ରିରେ ଅନ୍ଧବାଟକୁ ଖୁବ୍ ଦ୍ରୁତଗତିରେ ଦଉଡ଼ିବା ଆରମ୍ଭ କରିଦେଲା । ଅସ୍ଥିର ଗଠନ ଧୀରେ ଧୀରେ ତା'ର ସ୍ୱାଭାବିକ ହୋଇଉଠିଲା, ନୂତନ ମାଂସ ପେଶୀର ବିକାଶ ଘଟିଲା । ପିଟରସ୍‌ବର୍ଗ ତାଲିମଦାତାମାନେ ସବୁପ୍ରକାରେ ତାକୁ ସାହାଯ୍ୟ କଲେ । କିଛିଦିନପରେ ରକି ନୂତନ ଶକ୍ତି, ନୂତନ ସାମର୍ଥ୍ୟ ନେଇ ତା' ଫୁଟବଲ ଦଳରେ ଯୋଗଦେଲା । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ପୂର୍ବ ଅପେକ୍ଷା ଆହୁରି ଦକ୍ଷତାର ସହ ଖେଳିପାରିଲା ।

''ରକି ଥିଲା ବହୁତ ଧର୍ମପ୍ରାଣ । ସେ କହେ,– ନୈରାଶ୍ୟର ଘନ ଅନ୍ଧକାର ମଧ୍ୟରେ ଭଗବାନଙ୍କ ଉପରେ ବିଶ୍ୱାସହିଁ ତାକୁ ଆଶାର କ୍ଷୀଣ ଆଲୋକ ଦେଖାଇ ଆରୋଗ୍ୟଲାଭ କରିବାରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ଭିଏତ୍‌ନାମର ସେହି ଯନ୍ତ୍ରଣାଦାୟକ ଅନୁଭୂତିକୁ ସେ କହେ – ସାହସର ସହ ବିପଦର ସମ୍ମୁଖୀନ ହୋଇ ଆହୁରି ଦୃଢ଼ ଓ ଆହୁରି ଶକ୍ତିଶାଳୀ ହେବା ନିମନ୍ତେ ଏହା ଥିଲା ଭଗବାନଙ୍କର ତା' ପ୍ରତି ଏକ କୃପା । ଅଦ୍ଭୁତ ଏଇ ଅହେତୁକି ବିଶ୍ୱାସର ଫଳ ଓ ଶକ୍ତି !

ତେଣୁ, କହିବାନି କେବେ
ମୁଁ ଯେ ନିରର୍ଥକ
ଅପଦାର୍ଥଟାଏ ଖାଲି,
ଭଗବାନ ମଧ
ତେଜିଛନ୍ତି ମତେ
ଜାଣି ମୋ' ଦ୍ୱାରା
କିଛି ହେବ ନାହିଁ ବୋଲି ।''

## ହରିନାମ ବିହ୍ୱଳା ପତ୍ନୀ

## (୫)

''ଆଚ୍ଛା ଚିନୁଭାଇ, ଆମେ ସିନା ମାଟି ଭିତରେ ପାଣି ଅଛି ବୋଲି ଦେଖୁଥିବାରୁ ଆମର ବିଶ୍ୱାସ ଆସୁଛି ଯେ ମାଟି ଭିତରେ ପାଣି ଅଛି । ନିଆଁରେ ପାଣି ପକାଇଲେ ତାହା ଲିଭିଯିବାର ଦେଖିବାରୁ ଆମର ବିଶ୍ୱାସ ଆସୁଛି ଯେ ନିଆଁରେ ପାଣି ପକାଇଲେ ତାହା ଲିଭିଯିବ । କାଠକୁ ନିଆଁରେ ପକାଇଲେ ତାହା ଜଳୁଥିବାର ଦେଖିବାରୁ ଆମର ବିଶ୍ୱାସ ଆସିଯାଇଛି ଯେ କାଠକୁ ନିଆଁରେ ପକାଇଲେ ତାହା ଜଳିବ । କିନ୍ତୁ କୌଣସି କଥା ନ ଦେଖି ନ ଜାଣି କିପରି ତାହା ଉପରେ ବିଶ୍ୱାସ ଆସେ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''କୋଉ କଥା ନ ଜାଣି, ନ ଦେଖି କିପରି ବିଶ୍ୱାସ ଆସେ ବୋଲି ପଚାରୁଛୁ ?'' ପଚାରିଲା ଚିନ୍ମୟ ।

''ଏଇ ଭଗବାନଙ୍କ କଥା । ମୁଁ ବି ତ ତାଙ୍କୁ ସତରେ ଅଛନ୍ତି ବୋଲି ଦେଖି ନାହିଁ କି ଜାଣି ନାହିଁ । କିନ୍ତୁ ମୋ ଭିତରେ ତ ସେ ଅଛନ୍ତି ଓ ତାଙ୍କୁ ଆନ୍ତରିକ ଭାବରେ ଡାକିଲେ ସେ ଆମର ଡାକ ଶୁଣିବେ ବୋଲି ମୋର ବିଶ୍ୱାସ ଅଛି । ଏପରି କେମିତି ହେଲା ?''

''ତୁ ଯେଉଁ କଥା କହିଲୁ ଯେ ମାଟି ଭିତରେ ପାଣି ଥିବାର, ନିଆଁରେ ପାଣି ପକାଇଲେ ଲିଭି ଯିବାର ଓ କାଠକୁ ନିଆଁରେ ପକାଇଲେ ଜଳିବାର ଉପରେ ଯେଉଁ ବିଶ୍ୱାସ ତାହା ଆମେ ଏସବୁକୁ ଦେଖିଥିବାରୁ ଆସୁଛି – ତାହା ଠିକ୍ । ଏସବୁ ସ୍ଥୂଳ କଥା ନ ଦେଖିଲେ ବିଶ୍ୱାସ ଆସେ ନାହିଁ । ତା'ଛଡ଼ା ଏସବୁ କଥାକୁ ଜଣେ ଦେଖିଲେ ସମସ୍ତଙ୍କୁ ପରୀକ୍ଷା କରି ଦେଖାଇ ଦେଇପାରିବ । ଏଠାରେ ବିଶ୍ୱାସ ଆମର ପ୍ରତ୍ୟକ୍ଷ ଜ୍ଞାନ ଉପରେ ପ୍ରତିଷ୍ଠିତ ।

ଜ୍ଞାନ ଉପରେ ପ୍ରତିଷ୍ଠିତ ହେଲେ ବିଶ୍ୱାସ ପ୍ରକୃତରେ ସୁଦୃଢ଼ ହୁଏ । କିନ୍ତୁ ଭଗବାନଙ୍କ କ୍ଷେତ୍ରରେ କଥାଟା ଭିନ୍ନ । ସେ ଏସବୁ ପଦାର୍ଥ ଭଳି ସ୍ଥୂଳ, ସୀମିତ, ଅଚଳ ନୁହଁନ୍ତି । ଯଦିଓ ସ୍ଥୂଳ ବି ତାଙ୍କରି ରୂପ, ଆମେ କିନ୍ତୁ ଚାହୁଁଛୁ ଏହି ସ୍ଥୂଳ ପଶ୍ଚାତରେ ଥିବା ତାଙ୍କର ସେହି ସୂକ୍ଷ୍ମ ସ୍ୱରୂପକୁ ଉପଲବ୍ଧି କରିବାକୁ । ତେଣୁ ତାଙ୍କୁ ଦେଖିବାକୁ ହେଲେ ଚେତନାରେ ପ୍ରସ୍ତୁତି ଦରକାର । ଜଣେ ତାଙ୍କୁ ଦେଖିଲେ ଯେ ସମସ୍ତଙ୍କୁ ମାଟି ଭିତରେ ପାଣିକୁ ଦେଖାଇ ପାରିଲା ଭଳି ଦେଖାଇ ପାରିବ ତାହା ନୁହେଁ । ତା'ଛଡ଼ା ସ୍ଥୂଳ ବସ୍ତୁ ଭଳି ସେ'ତ ସୀମିତ କିଂବା ଅଚଳ ନୁହଁନ୍ତି ଯେ ତାଙ୍କୁ ଆମେ ସଂପୂର୍ଣ୍ଣରୂପେ ଦେଖିପାରିବୁ । ସକଳ ରୂପ ତାଙ୍କରି ରୂପ, ସକଳ ନାମ ତାଙ୍କରି ନାମ । ସେ ପୁଣି ସମସ୍ତ ନାମ-ରୂପର ଊର୍ଦ୍ଧ୍ୱରେ । ସେ ଅନାମ, ଅନନ୍ତ, ଅସୀମ । ସେ ନିତ୍ୟ, ନିରନ୍ତର ପରିବର୍ତ୍ତନଶୀଳ । ପୁଣି ସକଳ ପରିବର୍ତ୍ତନର ଊର୍ଦ୍ଧ୍ୱରେ । ତେଣୁ ତାଙ୍କୁ ଜଣେ ଗୋଟିଏ ରୂପରେ ଦେଖିଲେ ତ ଆଉ ଜଣେ ଅନ୍ୟ ରୂପରେ ଦେଖୁଛି । ଜଣେ ତାଙ୍କୁ ଆନନ୍ଦମୟ ରୂପେ ଅନୁଭବ କଲାବେଳକୁ ଆଉଜଣେ ଶକ୍ତିମୟ ରୂପେ ଅନୁଭବ କରୁଛି । ତେଣୁ ସ୍ଥୂଳ ବସ୍ତୁ ଭଳି ପରୀକ୍ଷା ପ୍ରମାଣ କରି ସମସ୍ତଙ୍କୁ ଭଗବାନଙ୍କୁ ଦେଖାଇ ହେବ ନାହିଁ । ସେପରି ହୋଇପାରିବ ଯେତେବେଳେ ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ସଂପୂର୍ଣ୍ଣ ରୂପାନ୍ତରିତ ହେବ ଓ ଏ ପୃଥିବୀରେ ନୂତନ ଅତିମାନସ ଜୀବ ସୃଷ୍ଟି ହେବ । ସେତେବେଳେ ଭଗବାନଙ୍କୁ ନିରାବରଣ ରୂପେ ସ୍ଥୂଳ ଚକ୍ଷୁରେ ସମସ୍ତେ ଦେଖିପାରିବେ ।

''କିନ୍ତୁ ତା' ପୂର୍ବରୁ ଭଗବାନଙ୍କ ଉପରେ ବିଶ୍ୱାସ, ତୁ ଯେପରି କହିଲୁ, ସ୍ୱତଃସ୍ଫୂର୍ତ୍ତ ରୂପରେ ବ୍ୟକ୍ତିର ଅନ୍ତରରୁ ଆସିଥାଏ । କାରଣ ସେ ସମସ୍ତଙ୍କ ଅନ୍ତରରେ ଅଛନ୍ତି । ତାଙ୍କରି ପ୍ରଭାବରେ ବ୍ୟକ୍ତି ଭଗବାନଙ୍କୁ ନ ଦେଖିଲେ ବି ସ୍ୱତଃସ୍ଫୂର୍ତ୍ତ ରୂପରେ ତାଙ୍କ ଉପରେ ବିଶ୍ୱାସ ଆସିଥାଏ ।''

''ସେ ଯଦି ସମସ୍ତଙ୍କ ଅନ୍ତରରେ ଅଛନ୍ତି ତେବେ ସମସ୍ତଙ୍କର କାହିଁକି ତାଙ୍କ ଉପରେ ବିଶ୍ୱାସ ଆସେ ନାହିଁ ?'' ପଚାରିଲା ଅନୁରକ୍ତା ।



''ସମସ୍ତଙ୍କ ଅନ୍ତରରେ ସେ ଥିଲେ ବି ସମସ୍ତଙ୍କ ମନ-ପ୍ରାଣ ଉପରେ ତାଙ୍କର ସମାନ ପ୍ରଭାବ ନ ଥାଏ । ଯେଉଁମାନେ ବିବର୍ତ୍ତନରେ ଯେତେ ଅଗ୍ରଗତି କରିଛନ୍ତି ସେମାନଙ୍କ ଅନ୍ତରସ୍ଥ ଏଇ ଭଗବାନ ବା ଅନ୍ତରାତ୍ମା ସେତେ ବିକାଶ ଲାଭ କରିଛନ୍ତି ଓ ମନ-ପ୍ରାଣ ଉପରେ ତାଙ୍କର ପ୍ରଭାବ ସେତିକି ପରିମାଣରେ ପଡ଼ିଛି । ଯେଉଁମାନେ ବିବର୍ତ୍ତନରେ ବିଶେଷ ଅଗ୍ରଗତି କରିପାରି ନାହାନ୍ତି, ସେମାନଙ୍କ ମନ-ପ୍ରାଣ ଅନ୍ତରସ୍ଥ ଭଗବାନଙ୍କୁ ଏକ ଢାଙ୍କୁଣି ଭଳି ଘୋଡ଼ାଇ ରଖିଛନ୍ତି । ତେଣୁ ସେମାନେ ତାଙ୍କର ପ୍ରଭାବ ବିଶେଷ ଅନୁଭବ କରିପାରନ୍ତି ନାହିଁ । ତାଙ୍କର ପ୍ରଭାବ ନ ଆସିଲେ ଭଗବାନଙ୍କ ଉପରେ ବିଶ୍ୱାସ କୁଆଡୁ ଆସିବ ? ପ୍ରକୃତରେ ସେଇ ନିଜେହିଁ ନିଜ ଉପରେ ବିଶ୍ୱାସ ଆଣିଥା'ନ୍ତି । ଆମେ ଭାବୁ ଆମେ ବିଶ୍ୱାସ କରୁଛୁ ବୋଲି । ସେଇଥି ପାଇଁ ମା କହିଛନ୍ତି – 'Faith is a spontaneous knowledge in the psychic.' 'ଚୈତ୍ୟପୁରୁଷଙ୍କ ମଧ୍ୟରେ ବିଶ୍ୱାସ ଏକ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ।'

''ଭଗବାନଙ୍କ ଉପରେ ବିଶ୍ୱାସ, ଭକ୍ତି ଆପେ ଅନ୍ତର ମଧ୍ୟରୁ ଆସିଥାଏ । ନଚେତ୍ ପରୀକ୍ଷା, ପ୍ରମାଣ, ବିଚାର ଆଦି ଦ୍ୱାରା ତାକୁ ଆଣିବା ତ ସହଜ ନୁହେଁ । ଶୁଣିବୁ ଜଣେ ନାରୀଙ୍କର ଭଗବାନଙ୍କ ଉପରେ ସ୍ୱତଃସ୍ଫୂର୍ତ୍ତ ଅଟଳ ବିଶ୍ୱାସର ପରିଣାମ ?''

''ହଁ, କୁହ ।''

''ଗଙ୍ଗାନଦୀ ତୀରରେ ଥିଲା ଗୋଟିଏ ଗ୍ରାମ । ନାମଟି ତା'ର ନଦୀୟା । ସେଇ ଗ୍ରାମରେ ଥିଲେ ଜଣେ ଖୁବ୍ ଧାର୍ମିକ ବ୍ରାହ୍ମଣ । ତାଙ୍କ ନାମ ମାଧବାଚାର୍ଯ୍ୟ । ସେ ଖୁବ୍ ଶାନ୍ତ, ଶିଷ୍ଟ ଓ ଦୟା, କ୍ଷମା, ଉଦାରତା ତଥା ଭଗବତ୍ ଭକ୍ତିରେ ତାଙ୍କ ହୃଦୟ ସବୁବେଳେ ପରିପୂର୍ଣ୍ଣ । ତାଙ୍କ ମନଲାଖି ସ୍ତ୍ରୀଟିଏ ମଧ୍ୟ ସେ ପାଇଥିଲେ । ସେ ଯେପରି ସୁନ୍ଦରୀ ସେହିପରି ପତିବ୍ରତା ଓ ଧାର୍ମିକା । ସ୍ୱାମିସେବା ଛଡ଼ା, ସାଧୁମାନଙ୍କର ସେବା ଓ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଛଡ଼ା ଅନ୍ୟ କିଛି ସେ ଜାଣି ନ ଥିଲେ ।

''କିଛିଦିନ ଅନ୍ତେ ଦୁଇ ପ୍ରାଣୀଙ୍କର ଏକ ପୁତ୍ରସନ୍ତାନ ଜାତ ହେଲା । ପୁଅଟି ବି ଦେଖିବାକୁ ବହୁତ ସୁନ୍ଦର । ବ୍ରାହ୍ମଣ-ବ୍ରାହ୍ମଣୀଙ୍କର ଆନନ୍ଦ କହିଲେ ନ ସରେ । ଭଗବାନଙ୍କ ଦୟାରୁ ବହୁତ ଆନନ୍ଦରେ ସେମାନଙ୍କର ସମୟ କଟିଯାଉ ଥାଏ । ଦିନକର କଥା । ସଂନ୍ଧ୍ୟା ସମୟ । ଚୈତନ୍ୟ ମହାପ୍ରଭୁ ତାଙ୍କର ଦଳବଳ ଧରି ନଦୀୟା ଦାଣ୍ଡରେ ଝାଞ୍ଜ, ମୃଦଙ୍ଗ ଓ ଅନ୍ୟାନ୍ୟ ବାଜା ବଜାଇ ନାମସଂକୀର୍ତ୍ତନ କରି ଚାଲିଥା'ନ୍ତି । ମାଧବାଚାର୍ଯ୍ୟ ଭଗବାନଙ୍କ ସୁମଧୁର ନାମ କୀର୍ତ୍ତନ ଶୁଣି ଆଉ ରହିପାରିଲେ ନାହିଁ । ଆସି ସଂକୀର୍ତ୍ତନ ଦଳରେ ଯୋଗଦେଲେ । ସ୍ତ୍ରୀ ତାଙ୍କର ଘରେ ରନ୍ଧାବଢ଼ାରେ ଲାଗିଥା'ନ୍ତି । କୋଳରେ ଥାଏ ତାଙ୍କର ଛ'ମାସର ଶିଶୁପୁତ୍ର । ଚୂଲିରେ ହାଣ୍ଡି ବସିଥାଏ । ପରିବା କାଟିବା ଲାଗି ପନିକିଟାକୁ ଚୂଲି ପାଖରେ ପକାଇ ଗୋଟିଏ କଅଁଳିଆ ଲାଉଟିଏ ଆଣି କାଟିବାକୁ ବସିଲେ । ଏଇ ସମୟରେ ଦାଣ୍ଡରେ ଚୈତନ୍ୟଙ୍କ ହରିନାମ ସଂକୀର୍ତ୍ତନ ତାଙ୍କ କାନରେ ବାଜିଲା । ହରିପ୍ରେମରେ ସେ ଭୁଲିଗଲେ ନିଜକୁ ଓ ନିଜେ କ'ଣ କରୁଛନ୍ତି । ଭାବବିହ୍ୱଳ ହୋଇ ହାତରୁ କେତେବେଳେ ତାଙ୍କର ଲାଉଫଳଟି ଖସିପଡ଼ିଛି । ସେ କୋଳରେ ଥିବା ନିଜ ପୁଅକୁ ଲାଉଫଳ ମନେକରି କାଟି ହାଣ୍ଡିରେ ପକାଇବାରେ ଲାଗିଛନ୍ତି । ପିଲାର କାନ୍ଦ, ଲୁଗାପଟା, ହାତ ରକ୍ତସରସର ହେଲାଣି, ସେଥିପ୍ରତି ନଜର ନାହିଁ । ତା'ପରେ ଭଲକରି ଚୂଲିରେ ଜାଳ ଲଗାଇ ଦେଇ ସଂକୀର୍ତ୍ତନ ଶୁଣୁ ଶୁଣୁ ମୂର୍ଚ୍ଛିତ ହୋଇ ପଡ଼ିଛନ୍ତି ।

''ଏକଥା ଅନ୍ତର୍ଯ୍ୟାମୀ ପ୍ରଭୁ ଜାଣିପାରିଲେ । ମାଧବାଚାର୍ଯ୍ୟ ସଂକୀର୍ତ୍ତନରେ ଭୋଳ ଥିବା ସମୟରେ ତାଙ୍କ ମନରେ ଏପରି ଭାବ ସୃଷ୍ଟି କଲେ ଯାହାଫଳରେ ସେ ଘରକୁ ଫେରିବାକୁ ଇଚ୍ଛାକଲେ । ଘରକୁ ଫେରି ଦେଖିଲେ ସ୍ତ୍ରୀ ତାଙ୍କର ରକ୍ତ ଜରଜର ହୋଇ ମୂର୍ଚ୍ଛାଯାଇ ପଡ଼ିଛନ୍ତି । ତାଙ୍କୁ ଚେତା କରାଇ ପୁତ୍ର କାହିଁ ଓ ଏସବୁ ରକ୍ତ କୁଆଡୁ ଆସିଲା ବୋଲି ପଚାରିଲେ । ସ୍ତ୍ରୀ ତାଙ୍କର କାବାହୋଇ ଚୂଲି ପାଖକୁ ଯାଇ ଦେଖିଲେ ଯେ ଲାଉଟା ତଳେ ପଡ଼ିଛି, ହାଣ୍ଡିରୁ ମାଂସ ସିଝାର ଗନ୍ଧ ଆସୁଛି । ସବୁକଥା ସେ ଜାଣିପାରିଲେ



ଓ କାନ୍ଦିକାନ୍ଦି ଯାହା ଘଟିଛି ତାହା ସ୍ୱାମୀଙ୍କ ଆଗରେ କହିଲେ ।''

''ସ୍ୱାମୀ ତାଙ୍କର କ'ଣ କଲେ ? ତାଙ୍କ ଉପରେ ବହୁତ ବିରକ୍ତ ହୋଇଥିବେ !'' ପଚାରିଲା ଅନୁରକ୍ତା ।

''ନା, ନା, ସ୍ୱାମୀ ବିରକ୍ତ ହେବେ କ'ଣ ? ସେ କ'ଣ ସାଧାରଣ ସ୍ୱାମୀ ହୋଇଛନ୍ତି ? ସେ'ତ ନିଜେ ପ୍ରଭୁଭକ୍ତ । ଆଉ ସେଇ ଭକ୍ତିର ନିଶା ସେ କ'ଣ ଜାଣନ୍ତି ନାହିଁ ଯେ ସ୍ତ୍ରୀ ଉପରେ ବିରକ୍ତ ହେବେ ? ଓଲଟି ସେ ସ୍ତ୍ରୀଙ୍କୁ ବହୁତ ଭାଗ୍ୟବତୀ କହି ପ୍ରଶଂସା କଲେ । ହରିନାମ ଶୁଣି ଯିଏ ଏପରି ବାହ୍ୟଜ୍ଞାନଶୂନ୍ୟା ହୋଇ ଯାଉଛି ସେପରି ସ୍ତ୍ରୀକୁ ପାଇ ତା'ଙ୍କ ଜୀବନ ଧନ୍ୟ ହୋଇଛି ବୋଲି ସେ କହିଲେ । ପୁତ୍ର ଲାଗି ଦୁଃଖ ନ କରି ତାକୁ ପ୍ରଭୁଙ୍କ ଇଚ୍ଛା ବୋଲି ଧରିନେବାକୁ ସ୍ତ୍ରୀଙ୍କୁ ବୁଝାଇଲେ ।

''କିନ୍ତୁ ତାଙ୍କ ସ୍ତ୍ରୀଙ୍କ ମନରେ ହଠାତ୍ ଏକ ପ୍ରେରଣା ଆସିଲା । ତାଙ୍କ ହୃଦୟରୁ ଯେପରି କିଏ କହିଲା ଯେଉଁ ପ୍ରଭୁଙ୍କ ନାମ ଶୁଣି ସେ ଚେତାଶୂନ୍ୟ ହୋଇ ପୁଅକୁ ହରାଇଛନ୍ତି ସେଇ ପ୍ରଭୁଙ୍କ କୃପାରୁ ପୁଣି ତାଙ୍କ ପୁଅ ନିଶ୍ଚୟ ଫେରିଆସିବ । ସେ ହାଣ୍ଡିକୁ ମୁଣ୍ଡରେ ମୁଣ୍ଡାଇ ଦୃଢ଼ ବିଶ୍ୱାସ ସହ ସ୍ୱାମୀଙ୍କୁ ଧରି ଚୈତନ୍ୟ ମହାପ୍ରଭୁ ଯେଉଁଠି ନାମ ସଂକୀର୍ତ୍ତନ କରୁଥିଲେ ସେଠି ପହଞ୍ଚିଲେ । ହାଣ୍ଡିଟିକୁ ସେଠି ଥୋଇଦେଇ ସମସ୍ତ କଥା କହିଲେ । ଏକଥା ଶୁଣି ସେଠାରେ ଥିବା ସମସ୍ତ ସାଧୁ ମାଧବାଚାର୍ଯ୍ୟଙ୍କ ସ୍ତ୍ରୀଙ୍କୁ ପ୍ରଶଂସା କରିବାରେ ଲାଗିଲେ ଓ ତାଙ୍କରି ପରି ସେମାନେ ହରିନାମ ରସରେ ବିହ୍ୱଳ ହୋଇପାରନ୍ତୁ ବୋଲି ଅଭୀପ୍ସା କଲେ । ଚୈତନ୍ୟଦେବ ଆଚାର୍ଯ୍ୟଙ୍କ ପତ୍ନୀଙ୍କୁ ସାନ୍ତ୍ୱନା ଦେଇ ହାଣ୍ଡିଟିକୁ ଆଣି ସମସ୍ତଙ୍କ ମଝିରେ ରଖି ସେଥିରେ ଗୋଟିଏ ତୁଳସୀ ପତ୍ର ପକାଇ ଦେଲେ । ତା'ପରେ ସମସ୍ତେ ପିଲାଟିର ଜୀବନଦାନ ନିମନ୍ତେ ପ୍ରଭୁଙ୍କୁ ପ୍ରାର୍ଥନା କରି ନାମ-ସଂକୀର୍ତ୍ତନ କରିବାରେ ଲାଗିଲେ । କିଛି ସମୟ ପରେ ହାଣ୍ଡି ଭିତରୁ ଛୁଆର କାନ୍ଦଣା ଶୁଭିଲା । ସମସ୍ତେ ଭଗବାନଙ୍କ ମହିମା ଦେଖି ଆଶ୍ଚର୍ଯ୍ୟ ଓ ଖୁସି ହେଲେ । ଚୈତନ୍ୟଦେବ ହାଣ୍ଡି ଭିତରୁ ପିଲାଟିକୁ ଆଣି ତା' କାନରେ

କିଛି ମନ୍ତ୍ର କହି ତା'ର ନାମ କୃପାଚାର୍ଯ୍ୟ ଦେଲେ ଓ ତା' ମାଆ ହାତରେ ତାକୁ ଟେକି ଦେଲେ । ଆନନ୍ଦ ଗଦ୍‌ଗଦ୍ ଚିତ୍ତରେ ଚୈତନ୍ୟ ମହାପ୍ରଭୁଙ୍କୁ ପ୍ରଣାମ କରି ମାଧବାଚାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ପୁଅକୁ ଧରି ଘରକୁ ବାହୁଡ଼ିଲେ । ଘରେ ମାଧବାଚାର୍ଯ୍ୟ ତାଙ୍କ ପତ୍ନୀଙ୍କୁ କହିଲେ ଭଗବାନଙ୍କ ପ୍ରତି ତୁମର ଖାଲି ପ୍ରେମଭକ୍ତି ନୁହଁ, ତାଙ୍କ ଉପରେ ତୁମର ବିଶ୍ୱାସ ଏପରି ଅଟଳ, ତାହା ମୁଁ ଆଜି ପର୍ଯ୍ୟନ୍ତ ଜାଣି ନ ଥିଲି । ଭଗବାନ ଆମଠାରୁ କ୍ଷଣକ ଲାଗି ପୁଅକୁ ଛଡ଼ାଇ ନେଇ ପୁଅ ସହ ଆମକୁ ତାଙ୍କର ଅପାର କୃପା ପ୍ରଦାନ କଲେ । ଜୀବନ ଆମର ସାର୍ଥକ ହେଲା ।

## ବିଶ୍ୱାସ ବଳେ ମୂର୍ଖ ଜ୍ଞାନୀ

## (୬)

''ତୁ ଜାଣୁ ମା କହିଛନ୍ତି, 'Faith is a certitude which is not necessarily based on experience and knowledge.' 'ବିଶ୍ୱାସ ହେଉଛି ଏକ ନିଶ୍ଚୟତା ଯାହାକି ସବୁବେଳେ ଅଭିଜ୍ଞତା ତଥା ଜ୍ଞାନ ଉପରେ ପ୍ରତିଷ୍ଠିତ ହୋଇ ନ ଥାଏ ।' ଜଣେ ଜଣେ ଲୋକଙ୍କ ମନ ଏତେ ସରଳବିଶ୍ୱାସୀ ଯେ ସେଥିରେ ଆଦୌ ସନ୍ଦେହ କି ପ୍ରଶ୍ନ ପଶିପାରେ ନାହିଁ । ସେମାନେ ହଠାତ୍ ଯେଉଁ କଥାକୁ ବିଶ୍ୱାସ କରିଯାଆନ୍ତି ଆଉ ହର ବ୍ରହ୍ମା ହେଲେ ବି ତାଙ୍କୁ ସେଥିରୁ ଟଳାଇ ପାରନ୍ତି ନାହିଁ । ଅତି ଅବାନ୍ତର କଥା ଉପରେ ବିଶ୍ୱାସ କରି ବି ସେମାନେ ଅଲୌକିକ ଫଳ ପାଆନ୍ତି । ଏପରିକି ବିଷକୁ ଅମୃତ ବୋଲି ବିଶ୍ୱାସ କରି, ତାଙ୍କ ବିଶ୍ୱାସ ଅନୁଯାୟୀ ଫଳ ବି ପାଇଥା'ନ୍ତି ।'' କହିଲା ଚିନ୍ମୟ ତା ଛୋଟ ଭଉଣୀ ଅନୁରକ୍ତାକୁ ।

''ମୂର୍ଖକୁ ଜ୍ଞାନୀ ବୋଲି ବିଶ୍ୱାସ କଲେ କ'ଣ ମୂର୍ଖଟା ଜ୍ଞାନୀ ହୋଇଯାଏ ?'' ପଚାରିଲା ଅନୁରକ୍ତା ।

''ମୂର୍ଖ ଜ୍ଞାନୀ ହେଉ କି ନ ହେଉ, ଯିଏ ତାକୁ ଯଥାର୍ଥରେ ଜ୍ଞାନୀ ବୋଲି ବିଶ୍ୱାସ କରିଥାଏ ସିଏ ଜ୍ଞାନୀଠାରୁ ଯେଉଁ ଫଳ ପାଇବାର କଥା ସେଇ ମୂର୍ଖଠାରୁ ବି ପାଇଥାଏ ।''

''ସେଇଭଳି ଗୋଟିଏ କଥା କୁହ ଯିଏ ମୂର୍ଖକୁ ଜ୍ଞାନୀ ବୋଲି ଭାବି ସେଇ ଅନୁଯାୟୀ ଫଳ ଲାଭ କରିଛି ।'' କହିଲା ଅନୁରକ୍ତା ।

''ହଉ ଶୁଣ । ବହୁଦିନ ତଳର କଥା । ଇନ୍ଦୁପୁର ବୋଲି ଗୋଟିଏ ଗାଁ ଥାଏ । ଗାଁର ଉତ୍ତର ମୁଣ୍ଡକୁ ଗାଁଠାରୁ ଟିକିଏ ଛାଡ଼ି ଥାଏ ଗୋଟିଏ ବିରାଟ

ବରଗଛ । ପାଖରେ ବିରାଟ ପଡ଼ିଆ । ବରଗଛ ତଳେ କେହି ଜଣେ ପରୋପକାରୀ ବ୍ୟକ୍ତି ଗୋଟିଏ କୁଅ ଖୋଳି ଦେଇ ଥାଆନ୍ତି । କୂଅମୂଳରେ ବାଉଁଶ ନଳୀଟିରେ ଦଉଡ଼ିଟିଏ ଲାଗି ସବୁବେଳେ ପଡ଼ିଥାଏ । ଖରାରେ ତରାରେ କେହି ଆସିଲେ କୂଅରୁ ସେଇ ବାଉଁଶ ନଳୀରେ ପାଣି କାଢ଼ି ପିଅନ୍ତି ଆଉ ଗହଳିଆ ବରଗଛର ସୁଶୀତଳ ଛାଇରେ ବସି ଝାଳମାରି, ଦମ୍‌ନେଇ, ପୁଣି ନିଜ ନିଜ ବାଟରେ ନିଜ କାମରେ ଯାଆନ୍ତି । ଥରେ ଥରେ ରାତିରେ ଗାଁର ଲୋକମାନେ ମିଳି ବରଗଛମୂଳେ ଆନନ୍ଦ-ଉତ୍ସବ, ରନ୍ଧାବଢ଼ା ଓ ଖିଆପିଆ ବି କରନ୍ତି ।

''ଦିନେ କୁଆଡୁ ଜଣେ ବାବାଜି ଆସି ସେ ବରଗଛ ମୂଳେ ପହଞ୍ଚିଲେ । ପାଖ ଆଖ ଗାଁକୁ ଭିକ୍ଷା କରିଯାଆନ୍ତି, ଫେରି ସେହି ବରଗଛମୂଳେ ଆଶ୍ରୟ ନିଅନ୍ତି । ୨/୩ ମାସ ରହିବାପରେ ବର୍ଷାଦିନ ଆସିଲା । ଧୀରେ ଧୀରେ ଗାଁ ଲୋକମାନଙ୍କର ବାବାଜିଙ୍କ ସଙ୍ଗେ ଭାବନାବ ବଢ଼ିଗଲାଣି । ସେମାନେ ବାବାଜିଙ୍କ ପାଇଁ ବରଗଛ ତଳେ ଗୋଟିଏ ଛୋଟ ଟୁଙ୍ଗିଘର ତିଆରି କରିଦେଲେ । ବାବାଜି ଏବେ ସେଠି ସ୍ଥାୟୀ ହୋଇଗଲେ । କିଛିଦିନ ପରେ ତାଙ୍କ ନିକଟରେ ଜଣେ ଚେଲା ଆସି ଜୁଟିଲା । ସେ ବାବାଜିଙ୍କଠାରୁ ଦୀକ୍ଷା ନେଇ ସେଇ ବରଗଛମୂଳେ ରହିଲା । ଚେଲାଟି ବହୁତ ସରଳ । ବାବାଜିଙ୍କୁ ସେ ବହୁତ ଭକ୍ତି ଓ ଶ୍ରଦ୍ଧା କରେ । ସାକ୍ଷାତ୍ ଭଗବାନ ବୋଲି ବିଚାରେ । ତା' ସରଳ ମନରେ ସେ ଧରି ନେଇଥାଏ ଯେ ବାବାଜି ଯାହା ଚାହିଁବେ ତାହା କରିପାରିବେ । ତାଙ୍କର ଅସାଧ୍ୟ ବୋଲି କିଛି ନାହିଁ । କିନ୍ତୁ ନିଜ ପାଇଁ ସେ କେବେ କିଛି ବାବାଜିଙ୍କଠାରୁ ଚାହିଁ ନାହିଁ । ବେଳେବେଳେ ବାବାଜି ଓ ସେ ଏକତ୍ର ଭିକ୍ଷା କରିବାକୁ ଯାଆନ୍ତି । ବେଳେବେଳେ ସେ ବାବାଜିଙ୍କୁ ଟୁଙ୍ଗିରେ ରହିବାକୁ କହି ଏକା ଭିକ୍ଷା କରିବାକୁ ଯାଏ । ବେଳେବେଳେ ଦୁହେଁ ଭିନ୍ନ ଭିନ୍ନ ଜାଗାକୁ ଭିକ୍ଷା କରିବାକୁ ଯାଆନ୍ତି ।

''ଦିନକର କଥା । ଦୁହେଁ ଗାଁ-ଦାଣ୍ଡରେ ଭିକ୍ଷା ଉଦ୍ଦେଶ୍ୟରେ



ଯାଉଛନ୍ତି । ଗୋଟିଏ ଘରୁ କାନ୍ଦବୋବାଳିର ଶବ୍ଦ ଶୁଭିଲା । କଥା ହେଉଛି କ'ଣ ନା ସେ ଘରର ମାଲିକଙ୍କର ଏକମାତ୍ର ପୁଅ ମରିଯାଇଛି । ବିବାହର ବହୁତ ବର୍ଷପରେ କେତେ ଦିଅଁ ଦେବତାଙ୍କୁ ଡାକି ପଅୁଟିଏ ହେଇଥିଲା । ହଠାତ୍ ତାକୁ ଧନୁଷ୍ଟଙ୍କାର ବୋଲି ଗୋଟିଏ ବାତ ମାରିଲା । ସେଥିରେ ସେ ମରିଗଲା । ତେଣୁ ବାପ-ମାଆଙ୍କର ଦୁଃଖ କହିଲେ ନ ସରେ । ରାତିରୁ ପୁଅ ମରିଥିଲେ ବି ଦିନ ଆସି ଦଶଟା ହେଲାଣି, ତଥାପି ପୁଅକୁ ସତ୍କାର ଲାଗି ଛାଡୁ ନ ଥା'ନ୍ତି । ହଠାତ୍ ଏ ବାବାଜି ଓ ତାଙ୍କ ଚେଲାଙ୍କ ଉପରେ ନଜର ପଡ଼ିଯିବାରୁ ଭାସିଯାଉଥିଲା ଲୋକ କୁଟାଖିଅକୁ ଆଶ୍ରାକରି ଧରି ପକାଇଲା ଭଳି ପିଲାଟିର ବାପ ଦଉଡ଼ିଆସି ବାବାଜିଙ୍କ ଗୋଡ଼ତଳେ ଲମ୍ବହୋଇ ପଡ଼ିଗଲା । ଆଉ ଉଠିଲା ନାହିଁ । କହିଲା, 'ମୋ ପୁଅକୁ ଯେମିତି ହେଲେ ବାବା ବଞ୍ଚାଇ ଦିଅ । ନ ହେଲେ ତୁମରି ପାଦତଳେ ଏ ଜୀବନ ବିସର୍ଜନ କରିବି ।'

''ବାବାଜି ମହା ଅଡୁଆରେ ପଡ଼ିଲେ । ଭିକ୍ଷାକରି ସେ ଆନନ୍ଦରେ ଜୀବନ କଟାଉଥିଲେ । ଏମିତି ଘଟଣାର ସେ କେବେ ସମ୍ମୁଖୀନ ହେଇ ନ ଥିଲେ । ସେ ଭଲକରି ଜାଣନ୍ତି ମଲାପିଲାକୁ ବଞ୍ଚାଇ ଦେବାର ଶକ୍ତି ତାଙ୍କର ନାହିଁ । ତେଣୁ ସେ ଯେତେ ମନାକଲେ ବି ଏ କାମ ସେ ପାରିବେ ନାହିଁ, ପିଲାର ବାପ ତାଙ୍କୁ ଛାଡ଼ିଲା ନାହିଁ । ଶେଷକୁ ପିଲାକୁ ଧରି ପିଲାର ମାଆ ବି ଆସି ତାଙ୍କ ପାଦତଳେ ବସିଲା । ବାବାଜିଙ୍କୁ ବହୁତ ଅପ୍ରସ୍ତୁତ ଲାଗୁଥାଏ । ଚେଲାଟି କିନ୍ତୁ ଭାବୁଥାଏ ବାବା ଚାହିଁଲେ ସଙ୍ଗେ ସଙ୍ଗେ ପିଲାଟିକୁ ବଞ୍ଚାଇ ଦେଇ ପାରିବେ । ତାଙ୍କର ସେ କ୍ଷମତା ଅଛି । ତେଣୁ ସେ ବାପାମାଆଙ୍କର ଦୁଃଖ ସହି ନ ପାରି ଦାଣ୍ଡରୁ ସେମାନଙ୍କୁ ଘରକୁ ଆସିବା ଲାଗି କହିଲା । ସମସ୍ତେ ଘର ଭିତରକୁ ଆସିଲେ । ବାବାଜି ମନେ ମନେ ଚେଲା ଉପରେ ବହୁତ ବିରକ୍ତ ହେଲେ ବି ବାହାରେ କିଛି କହିପାରୁ ନ ଥା'ନ୍ତି । ବାବାଜିଙ୍କୁ ଆସନ ଦିଆଗଲା । ବାବାଜି ରାଗ ଆଉ ଭୟରେ ଚୁପ୍ ହୋଇ ବସିଥା'ନ୍ତି । ଚେଲାଟି ଦୁଃଖରେ କାନ୍ଦୁଥିବା ବାପମାଆଙ୍କୁ ମଲାପିଲାଟିକୁ ଅଗଣାରେ ଶୁଆଇ

ଦେବାକୁ କହିଲା । ସେମାନେ ସେଇଆ କଲେ । ସମସ୍ତଙ୍କ ମନରେ ଆଶା ଆଉ ଆଶଙ୍କା । ସତେ କ'ଣ ବାବାଜିଙ୍କ ଶକ୍ତି ବଳରେ ପିଲାଟି ବଞ୍ଚିବ । ଚେଲାଟି ମନରେ କିନ୍ତୁ ଟିକିଏ ବି ସନ୍ଦେହ ନ ଥାଏ । ସିଏ ଯେମିତି ଏସବୁ କାମରେ ବାବାଜିଙ୍କ ଶକ୍ତି ଅନେକବାର ଦେଖିଛି ସେମିତି ଆଚରଣ କରୁଥାଏ ।

''ପିଲାଟିକୁ ଅଗଣାରେ ଶୁଆଇ ଦିଆଯିବା ପରେ ଚେଲାଟି ବାବାଜିଙ୍କୁ ପ୍ରଣାମ କରି 'ଦୁଃଖୀ ପିତାମାତାଙ୍କ ଉପରେ କୃପା କରନ୍ତୁ ପ୍ରଭୁ !' ବୋଲି କହି ତାଙ୍କ ପାଦଧୂଳି ଆଣି ପିଲାଟି ଶରୀରରେ ବୋଳିଦେଲା । ସମସ୍ତେ ନୀରବ ନିଶ୍ଚଳ ହୋଇ ଚାହିଁ ରହିଥା'ନ୍ତି । ବାପମାଆଙ୍କର ବି କାନ୍ଦ ବନ୍ଦ । ମୁହୂର୍ତ୍ତକ ମଧ୍ୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ପିଲାଟି ହଲଚଲ୍ ହେବାକୁ ଲାଗିଲା ଓ ଧୀରେ ଧୀରେ ଆଖି ମଳିମଳି ଉଠି ବସିଲା । କ'ଣ ଘଟିବ ବୋଲି ଉତ୍କଣ୍ଠିତ ହୋଇ ଅପେକ୍ଷା କରିଥିବା ଲୋକମାନଙ୍କର ରୁଦ୍ଧ ଆବେଗ ହଠାତ୍ ଫାଟି-ପଡ଼ିଲା । ବାବାଜିଙ୍କ ଜୟ ଧ୍ୱନିରେ ଗାଁ ଦାଣ୍ଡ ଉଛୁଳି ପଡ଼ିଲା । ଆନନ୍ଦ-ପୁଲକିତ ବାପମାଆ ନବଜୀବନ ପାଇଥିବା ପୁଅଟିକୁ ଧରି ବାବାଜିଙ୍କ ପାଦତଳେ ଗଡ଼ାଇ ଦେଇ ନିଜେ ବି ଗଡ଼ିଗଲେ । ବାବାଜି କାଠଭୂତ ଭଳି ବସି ଏସବୁ ବଲବଲ କରି ଦେଖୁଥା'ନ୍ତି । ତାଙ୍କୁ ଲାଗୁଥାଏ ସେ ଯେପରି ସ୍ୱପ୍ନ ଦେଖୁଛନ୍ତି ।''

''ସତରେ କ'ଣ ବାବାଜିଙ୍କ ଶକ୍ତି ଯୋଗୁ ପିଲାଟି ବଞ୍ଚି ନ ଥିଲା ?'' ବିସ୍ମୟ-ବିସ୍ଫାରିତ ନୟନରେ ଚାହିଁ ପଚାରିଲା ଅନୁରକ୍ତା ।

''ଟିକିଏ ରହ । ବଳେ ତୁ ଜାଣି ପାରିବୁ ନାହିଁ ଯେ ଇଏ ବାବାଜିଙ୍କ ଶକ୍ତି କି ଚେଲାର ଅକପଟ ଦୃଢ଼ ସରଳ ବିଶ୍ୱାସର ଶକ୍ତି ।''

''ଆଚ୍ଛା ହଉ ହଉ । କୁହ ସେଇଠୁ କ'ଣ ହେଲା ?''

''ସେଇଠୁ କ'ଣ ହେଲା ନା ମହା ଆଡ଼ମ୍ବରରେ ଲୋକମାନେ ସେ ବାବାଜି ଓ ତାଙ୍କ ଚେଲାକୁ ଆଣି ବରଗଛ ତଳ ଟୁଙ୍ଗିରେ ଛାଡ଼ିଦେଇ ଗଲେ । କଥା ହେଲା ବାବାଜି ଓ ତାଙ୍କ ଚେଲାଙ୍କ ପାଇଁ ଗୋଟିଏ କୋଠା ତିଆରି କରିଦିଆଯିବ । ବାବାଜିଙ୍କ ଗର୍ବ ଏଣିକି କହିଲେ ନ ସରେ । ସେ ଯେ ସାଧନା



କରି ଏତେ ଶକ୍ତି ଲାଭ କଲେଣି ଏକଥା ତାଙ୍କୁ ମାଲୁମ ନ ଥିଲା । ଏବେ ଚେଲା ଉପରେ ବେଶୀ ଗୁରୁପଣିଆ ଜାହିର କଲେ । ତା'ଠାରୁ ଟିକିଏ ଦୂରେଇ ଦୂରେଇ ମଧ୍ୟ ରହିଲେ । କାରଣ ଭାବିଲେ ତା'ଙ୍କ ଶକ୍ତିକୁ କାମରେ ଲଗାଇ ଚେଲାଟା କାଳେ ତା'ଙ୍କଠାରୁ ବେଶୀ ନାମଜାଦା ହୋଇଯିବ ! ଚେଲା ସବୁକିଛିକୁ ଗୁରୁଙ୍କ କୃପା ଭାବି ଆନନ୍ଦରେ ଚଳିଯାଉଥାଏ ।

''ଦିନେ ଗୁରୁଙ୍କ ମୁଣ୍ଡକୁ ଗୋଟିଏ ଚିନ୍ତା ଢୁକିଲା । ସେ ଭିକ୍ଷା ନମିତ୍ତ ଚେଲା ସହିତ ନ ଯାଇ ନିଜେ ଅଲଗା ବାହାରିଲେ । ଚେଲା ବିନା ଆପତ୍ତିରେ ଗୁରୁଙ୍କ ଆଜ୍ଞା ମାନି ଅଲଗା ଗାଁକୁ ଗଲା । ଗୁରୁଙ୍କ ଉଦ୍ଦେଶ୍ୟ ଥିଲା ଯେ ନିଜର ଯାହାକିଛି ଅଲୌକିକ ଶକ୍ତି ଅଛି ତାହା ନିଜେ ଲୋକଙ୍କୁ ଦେଖାଇ ଏକା ସମ୍ମାନର ଅଧିକାରୀ ହେବେ । ଚେଲାକୁ ଆଉ ମଝିରେ ପୂରାଇ ସମ୍ମାନରୁ ଭାଗ ଦେବେ ନାହିଁ । ଏଇଆ ଭାବି ଏକୁଟିଆ ସେ ଖୁବ୍ ଗୁରୁଗମ୍ଭୀର ଭାବରେ ଜଣେ ଖୁବ୍ ବଡ଼ ସାଧୁଭଳି ଠାଣି ଦେଖାଇ ଗାଁ ଦାଣ୍ଡରେ ଚାଲିଥା'ନ୍ତି । ଏତିକିବେଳେ କେତେକ ଛୋଟପିଲା ଖେଳୁ ଖେଳୁ ତାଙ୍କ ଭିତରୁ ଜଣେ ବାବାଜିଙ୍କୁ ନ ଦେଖି ଦଉଡ଼ି ଆସିବାବେଳେ ତାଙ୍କ ସହ ପିଟି ହୋଇଗଲା । ହଠାତ୍ ବାବାଜି କୋପାନଳ ହୋଇ ତା'କୁ ମାରିଲେ ଗୋଟିଏ ବ୍ରହ୍ମଚାପୁଡ଼ା । ଚଟକଣାଟି ଖୁବ୍ ଜୋରରେ ତା' କାନ ମୁଣ୍ଡାରେ ବାଜିଲା କି କ'ଣ, ଏକା ଚଟକଣାକେ ପିଲାଟି ମାଟିକାମୁଡ଼ି ତଳେ ପଡ଼ିଲା ଯେ ଆଉ ଉଠିଲା ନାହିଁ । ପାଖଆଖରୁ ଲୋକମାନେ ସବୁ ଦଉଡ଼ି ଆସିଲେ, ପିଲାଟିକୁ ଯେତେ ଉଠାଇଲେ, ତା' କାନ ଫୁଙ୍କିଲେ, ମୁହଁରେ ପାଣି ଛାଟିଲେ ସେ ଆଉ ଉଠିଲା ନାହିଁ । ଏ ଘଟଣାରେ ଲୋକମାନେ ବାବାଜିଙ୍କ ଉପରେ ଉତ୍ତ୍ୟକ୍ତ ହୋଇଉଠିଲେ । ବାବାଜି କିନ୍ତୁ ଦରହସିତ ବଦନରେ ଅଧା ଆଖିବୁଜି, ହାତ ଟେକି ଆଶୀର୍ବାଦ ଦେବା ଭଙ୍ଗୀରେ ଠିଆ ହୋଇଥା'ନ୍ତି । ଉତ୍ତ୍ୟକ୍ତ ଲୋକମାନେ ତାଙ୍କୁ ବେଢ଼ିଯାଇ ପଚରା-ଉଚରା କରିବାରୁ ସେ ଅଭୟ ବାଣୀ ଶୁଣାଇ କହିଲେ, 'ପିଲାକୁ ତା' ଘର ଅଗଣାକୁ ନେଇଚାଲ । ସେଇଠି ଆମେ ତାକୁ ପୁଣି ଜୀବନ୍ୟାସ ଦେବା ।' ସମସ୍ତେ ମଲା ପିଲାଟିକୁ ନେଇ ତା'

ଘର ଅଗଣାରେ ଶୁଆଇ ଦେଲେ । ବାବାଜିଙ୍କୁ ବସିବା ଲାଗି ଗୋଟିଏ ଆସ୍ଥାନ ଦିଆଗଲା ।

''ବାବାଜି ଆସ୍ଥାନ ଉପରେ ତଳକୁ ଗୋଡ଼ ଲମ୍ୱେଇ ଖୁବ୍ ଥାଟ୍‌ରେ ଆଉ ଟିକିଏ ଆଖି ବୁଜିଦେଇ ବସିଲେ । ପାଦ ଦୁଇଟି ଅଣେଇ କରି ରଖିଥାଆନ୍ତି ଯେମିତି ତଳିପା ଦୁଇଟି ଦେଖାଯିବ । ତା'ପରେ କାନ୍ଦୁଥିବା ପିଲାର ମାଆକୁ ନିଜ ପାଦ ଦୁଇଟି ଦେଖାଇ ଦେଇ ଠାରି କହିଲେ, 'ଝିଅ, ଏ ପାଦରୁ ଧୂଳି ନେଇ ପୁଅ ଦେହରେ ବୋଳି ଦେ । ସଙ୍ଗେ ସଙ୍ଗେ ସେ ଉଠିବସିବ । ପିଲାର ମାଆ କାନ୍ଦକୁ ଚାପି ଖୁବ୍ ଭକ୍ତିର ସହ ବାବାଜିଙ୍କୁ ପ୍ରଣାମ କରି ତାଙ୍କ ତଳିପାରୁ ଧୂଳି ନେଇ ପୁଅ ଦେହରେ ବୋଳିଲା । କିନ୍ତୁ କାହିଁ, କେତେ ସମୟ ଲୋକମାନେ ଅପେକ୍ଷା କଲେ କିଛି ହେଲା ନାହିଁ । ପିଲାଟି ଟିକିଏ ହଲିଲା ବି ନାହିଁ । ତା'ପରେ ପିଲାର ବାପ ବାବାଜିଙ୍କ ପାଦଧୂଳି ନେଇ ପିଲା ଦେହରେ ବୋଳିଲା । କିଛି ହେଲା ନାହିଁ । ତାଙ୍କର ବନ୍ଧୁବାନ୍ଧବମାନେ ବି ନେଇ ବୋଳିଲେ, କାହିଁରେ କିଛି ହେଲା ନାହିଁ । ଶେଷକୁ ବାବାଜି ନିଜେ ଉଠିଯାଇ ପିଲା ଦେହରେ ନିଜ ଗୋଡ଼ ଲଗାଇଲେ । ସେଥିରେ ବି କିଛି ହେଲା ନାହିଁ । ଏଥିରେ ଲୋକମାନେ ବେଶୀ ଉତ୍ୟକ୍ତ ହୋଇ ବାବାଜିଙ୍କୁ ମାରିବାକୁ ବସିଲେ । ବାବାଜି ଏ କାଣ୍ଡ ଦେଖି ଭୟରେ ଖାଲି ବରଡ଼ାପତ୍ର ପରି ଥରୁଥା'ନ୍ତି । ଏତିକି ବେଳେ ତାଙ୍କ ମୁଣ୍ଡକୁ ଗୋଟାଏ ବୁଦ୍ଧି ଜୁଟିଗଲା । ସେ କହିଲେ, 'ଅମୁକ ଗାଁକୁ ମୋ ଚେଲା ଭିକ୍ଷା କରିବାକୁ ଯାଇଛି । ତା'କୁ ଟିକିଏ ଡକାଅ ତ ।' ସଙ୍ଗେ ସଙ୍ଗେ ଲୋକ ସେ ଗାଁକୁ ଦଉଡ଼ି ଯାଇ ଚେଲାକୁ ନେଇ ଆସିଲେ । ଚେଲା ଆସି ସବୁ କଥା ଶୁଣି ଓ ବାବାଜିଙ୍କ ଅବସ୍ଥା ଦେଖି କାନ୍ଦି ପକାଇଲା । ବାବାଜିଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା, 'ପ୍ରଭୁ, ଆପଣ ଏ ଛାର ଚେଲାଟା ଲାଗି ଆଜି ଏତେ ଦୁଃଖ ଅପମାନ ସହିଲେଣି ! ଆପଣ ଇଚ୍ଛା କଲେ କ'ଣ ବା ନ କରି ପାରିବେ ! କିନ୍ତୁ ଆପଣଙ୍କର ଏଇ ଅଧମ ଚେଲାକୁ ବଡ଼ କରିବାକୁ ଯାଇ ଏଇ ସାମାନ୍ୟ କଥାକୁ ନିଜେ ନ କରି ତା'କୁ ଡକାଇ ପଠାଇଛନ୍ତି । ହଉ, ଯାହା ହେବାର



ହେଲାଣି, ଆପଣ ଆସ୍ଥାନ ଉପରେ ବସନ୍ତୁ ।' ବାବାଜି ଭୟରେ ଆଉ ଆସ୍ଥାନ ଉପରକୁ ଯାଉ ନ ଥା'ନ୍ତି । କିନ୍ତୁ ଚେଲାଟି ଜୋର କରି ନେଇ ତାଙ୍କୁ ବସାଇ ଦେଇ ଅତ୍ୟନ୍ତ ଭକ୍ତିର ସହ ତାଙ୍କ ପାଦରୁ ଧୂଳି ଆଣି ତାଙ୍କରି ନାମ ସ୍ମରଣ କରି ପିଲା ଦେହରେ ବୋଳି ଦେବାର ଅଳ୍ପ ସମୟ ପରେ ପିଲାଟି ଆଖି ମଳି ମଳି ଉଠିଲା । ଏ ଘଟଣାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ବାବାଜି ଓ ତାଙ୍କ ଚେଲାଙ୍କୁ ଖୁବ୍ ସମ୍ମାନର ସହ ବିଦାୟ ଦେଲେ । ସେଇ ଦିନଠାରୁ ବାବାଜି ମନେମନେ କାନ ମୋଡ଼ି ହୋଇ ଆଉ ଏପରି ବଦ୍‌ସାହସ କେବେବି କରି ନାହାନ୍ତି । କାରଣ ସେ ଜାଣି ପାରିଲେ ନିଜ ଶକ୍ତିର ଦଉଡ଼ କେଉଁ ପର୍ଯ୍ୟନ୍ତ । ବରଂ ଅନ୍ତରରେ ଏଣିକି ଚେଲାକୁ ଭୟ, ଶ୍ରଦ୍ଧା ଓ ଭକ୍ତି କରିବାକୁ ଲାଗିଲେ ।''

''ଆଚ୍ଛା, ସେ ଚେଲାର ଏତେ ବିଶ୍ୱାସ ! ସେ ବାବାଜିର କିଛି ଶକ୍ତି ନ ଥାଇ ବି ନିଜ ବିଶ୍ୱାସ ଯୋଗୁ ତା'ର ପାଦଧୂଳି ନେଇ ଦୁଇ ଦୁଇଟା ମଲା ପିଲାଙ୍କୁ ବଞ୍ଚାଇ ଦେଲା ! ଶକ୍ତି ନ ଥିବା ସାମାନ୍ୟ ଧୂର୍ତ୍ତ ମଣିଷ ଉପରେ ବିଶ୍ୱାସ କରି ତ ଏପରି ଅସମ୍ଭବକୁ ସମ୍ଭବ କରି ହଉଛି, ଆଉ ସର୍ବଶକ୍ତିମାନ ଭଗବାନଙ୍କ ଉପରେ ସେଇ ବିଶ୍ୱାସରୁ କାଣିଚାଏ ରଖିଲେ କ'ଣ ବା ନ ହୋଇ ପାରିବ !'' କହିଲା ବିସ୍ମିତା ଅନୁରକ୍ତା ।

''ସେଇଥି ପାଇଁ ତ କୁହାଯାଏ, ବିଶ୍ୱାସ ବଳରେ ବ୍ୟକ୍ତି ପର୍ବତ ବି ଟାଳି ଦେଇ ପାରିବ । ଜଗତର ଯେତେସବୁ ବଡ଼ ବଡ଼ ନୂଆ କାମ ସବୁ ବିଶ୍ୱାସ ବଳରେ ହେଉଛି ନା, ସେସବୁକୁ କ'ଣ କେହି ଆଗରୁ ଦେଖି ଜାଣି କରିଛି ?''

''ଆଚ୍ଛା, ଯେଉଁଭଳି କଥାଟିଏ କହିଲ ସେଇଭଳି ଆଉ ଗୋଟିଏ କଥା କୁହ ।'' ଅନୁନୟ ଭରା ସ୍ୱରରେ କହିଲା ଅନୁରକ୍ତା ।

''ନା, ଆଜି ଆଉ ସମୟ ନାହିଁ, ପୁଣି କାଲିକୁ ମନେପକାଇ ଦବୁ ଯେ ସେଇଭଳି କଥାଟାଏ ପୁଣି କହିବାକୁ ଚେଷ୍ଟା କରିବି । ଆଜି ପାଇଁ ବିଦାୟ !''

# ଅମନ୍ତ୍ର ବି ମନ୍ତ୍ର ହୁଏ

## (୭)

''କାଲି ତୁମେ ଯେଉଁ କିଛି ଜ୍ଞାନ ଓ କିଛି ଶକ୍ତି ନ ଥିବା ସେଇ ବାବାଜି ଓ ତା'ର ସରଳବିଶ୍ୱାସୀ ଚେଲା କଥା କହିବା ପରେ ମୁଁ କହିଥିଲି ସେଇଭଳି ଆଉ ଗୋଟିଏ କଥା କହିବାକୁ; ତୁମେ କହିଥିଲ ଆଜିକୁ ମନେ ପକେଇ ଦେଲେ କହିବ ବୋଲି । ବର୍ତ୍ତମାନ ମନେ ପକେଇ ଦେଲି, କୁହ ।'' ଦାବି କରି ବସିଲା ଅନୁରକ୍ତା ତା' ଭାଇ ଚିନ୍ମୟ ନିକଟରେ ।

''ଆଚ୍ଛା ହଉ ଶୁଣ । ଆମ ଦେଶର ଦକ୍ଷିଣରେ ଓଡ଼ିଶା ଭଳି ରାଜ୍ୟଟିଏ ଅଛି । ସେ ରାଜ୍ୟ ନା କେରଳ । ଏଇ ରାଜ୍ୟରେ କୋଜିକୋଡ଼ ବୋଲି ଗୋଟିଏ ସ୍ଥାନ ଅଛି । ସେଠି ଜଣେ ପ୍ରସିଦ୍ଧ ବୈଦ୍ୟ ଥିଲେ । ଝଡ଼ା-ଫୁଙ୍କା ବି ତା'ଙ୍କୁ ମାଲୁମ ଥିଲା ।''

''ଝଡ଼ା-ଫୁଙ୍କା କ'ଣ ?'' ପଚାରିଲା ଅନୁରକ୍ତା ।

''କେତେକ ନିର୍ଦ୍ଦିଷ୍ଟ ରୋଗ ପାଇଁ ନିର୍ଦ୍ଦିଷ୍ଟ ମନ୍ତ୍ର ଅଛି । ତା'କୁ ଯେଉଁମାନେ ଶିଖିଥା'ନ୍ତି ସେମାନେ ସେଇ ମନ୍ତ୍ର ପାଠକରି ରୋଗୀ ଶରୀରକୁ ପାଟିରେ ଫୁଙ୍କି ଦେଇ ହାତରେ ଝାଡ଼ିଦେଲେ ରୋଗ ଭଲ ହୋଇ ଯାଇଥାଏ ।''

''ସତରେ ?''

''ସତରେ ନୁହେଁ କ'ଣ ଆଉ ମିଛରେ ?
ଅନେକ ଲୋକ ତ ସାପକାମୁଡ଼ା, ବିଲୁଆକାମୁଡ଼ା, ବିଛାକାମୁଡ଼ା, ଭୂତଲାଗିବା, ଜ୍ୱର ଆଦି ରୋଗରୁ ଏଇ ଝଡ଼ା-ଫୁଙ୍କା ଫଳରେ ମୁକ୍ତିଲାଭ କରିଥା'ନ୍ତି । କିନ୍ତୁ ଏଥିରେ ଉଭୟ ରୋଗୀ ଓ ଡାକ୍ତରଙ୍କର ବିଶ୍ୱାସ ଥିବା ଦରକାର ।''

''ହଉ, ଏଥର କୁହ ସେ ବୈଦ୍ୟଙ୍କ କଥା ।''



''କୋଜିକୋଡ଼ର ସେ ବୈଦ୍ୟ ବେଶୀ ସାପକାମୁଡ଼ା ରୋଗୀଙ୍କୁ ଭଲ କରି ଦେଉଥିଲେ । ସେ ନିଜେ ରୋଗୀମାନଙ୍କଠାରୁ କିଛି ପଇସାପତ୍ର ଦାବି କରନ୍ତି ନାହିଁ । ଯିଏ ଖୁସି ହୋଇ ଯାହା ଦିଏ ନିଅନ୍ତି । ସେ ଅଞ୍ଚଳରେ ବୈଦ୍ୟଙ୍କର ଭାରି ନାଆଁ । ତାଙ୍କ ପାଖରେ କେତେକ ଛାତ୍ର ବି ଅଧ୍ୟୟନ କରୁଥାଆନ୍ତି । ତାଙ୍କ ଗାଁ ପାଖର ଆଉ ଗୋଟିଏ ଗାଁରେ ରାମ ବୋଲି ଗୋଟିଏ ବହୁତ ଗରିବ ପିଲା ଥିଲା । ସେ ଇଚ୍ଛା କଲା କିପରି ଟିକିଏ ଯଦି ଝଡ଼ାଫୁଙ୍କା ମନ୍ତ୍ର ଶିଖନ୍ତା ତେବେ ଲୋକଙ୍କର ଉପକାର କରିପାରନ୍ତା । ତା'ଛଡ଼ା ତା'ର ବି କିଛି ରୋଜଗାର ହୁଅନ୍ତା ଯାହାଫଳରେ ତା'ର ବର୍ତ୍ତମାନର ଶୋଚନୀୟ ଦରିଦ୍ର ଅବସ୍ଥା ଆଉ ରହନ୍ତା ନାହିଁ ।

''କିନ୍ତୁ ବୈଦ୍ୟଙ୍କ ପାଖକୁ ଯିବ କିପରି ? କିପରି ଯାଇ ତାଙ୍କୁ ମନ୍ତ୍ର ଶିଖାଇବା ଲାଗି କହିବ ? କିଛି ଠିକ୍ କରିପାରୁ ନ ଥାଏ । ଶେଷରେ ଗୋଟିଏ ବୁଦ୍ଧି ପାଞ୍ଚିଲା । ସେଠାକୁ ପଢ଼ିବାକୁ ଯାଉଥିବା ଗୋଟିଏ ଛାତ୍ରକୁ ଦିନେ ଦେଖାକରି ପଚାରିଲା, 'ଭାଇ, ମୋର ବହୁତ ଇଚ୍ଛା ସେ ବୈଦ୍ୟଙ୍କଠାରୁ ଝଡ଼ା-ଫୁଙ୍କା ମନ୍ତ୍ର ଶିଖିବାକୁ । କିନ୍ତୁ ମୁଁ ତ ବହୁତ ଗରିବ । ମୋତେ ତାଙ୍କୁ ଯାଇ ଦେଖା କରିବା ଲାଗି କାହିଁକି ଡର ମାଡୁଛି । କ'ଣ କଲେ ସେ ବୈଦ୍ୟଙ୍କୁ ଦେଖାକରି ମୋ ମନ କଥା କହିପାରିବି କହିଲୁ ।'

''ପିଲାଟି କହିଲା, 'ସେ ବୈଦ୍ୟ ସହଜରେ କାହାକୁ ମନ୍ତ୍ର ଶିଖାନ୍ତି ନାହିଁ । ତୁ ଗୋଟିଏ କାମ କର । ଦିନେ କିଛି ଉପହାର ନେଇ ବୈଦ୍ୟଙ୍କୁ ଦେଖା କର । ଦେଖ୍ ସେ କ'ଣ କହୁଛନ୍ତି ।'

''ଏକଥାରେ ରାମ ଟିକିଏ ସାହସ ପାଇଲା । ହେଲେ ଉପହାର କ'ଣ ନେବ ? ତା' ପାଖରେ କ'ଣଟା ବା ଅଛି ? ବହୁତ ଚିନ୍ତା କରି ଶେଷରେ ଦେଖିଲା ତା' ବୋଉ ତା'ଙ୍କ କୁଡ଼ିଆ ଚାଳରେ ଗୋଟିଏ ନାଉ ନଟା ମଡ଼ାଇଥିଲା । ସେଇ ନଟାରେ ବେଶ୍ କେତେଗୁଡ଼ିଏ ନାଉ ହୋଇଛି । ଦିନେ ବୋଉ ଘରେ ନ ଥିବା ସମୟରେ କିଛି ନାଉ ତୋଳି ଗୋଟିଏ ଟୋକେଇରେ

ଉର୍ଜିକରି ଖୁବ୍ ଆଶା ଓ ଆଗ୍ରହ ନେଇ ସେ ବୈଦ୍ୟଙ୍କ ଘରକୁ ଚାଲିଲା । ବାଟଯାକ କେତେ ସ୍ୱପ୍ନ ଦେଖୁଥାଏ – ଗୁରୁ ତା' ଉପହାର ଦେଖି ଖୁସି ହୋଇ ତା'କୁ ସଙ୍ଗେ ସଙ୍ଗେ ମନ୍ତ୍ର ଶିଖାଇ ଦେଉଛନ୍ତି । ସେଇ ମନ୍ତ୍ର ଶିଖି ସେ କେତେ କେତେ ସାପକାମୁଡ଼ା, ବିଲୁଆକାମୁଡ଼ା, କୁକୁରକାମୁଡ଼ା, ବିଛାକାମୁଡ଼ା ଆଦି ରୋଗୀଙ୍କୁ ଭଲ କରିଦେଉଛି । ଲୋକମାନେ ତା' ଉପରେ ଖୁସି ହୋଇ ତାକୁ ଅନେକ ଧନରତ୍ନ ଉପହାର ଦେଉଛନ୍ତି । ସେ କିନ୍ତୁ କାହାକୁ କିଛି ମାଗୁ ନାହିଁ । ସେ ଆଉ ଦୁଇବେଳା ଭଲକରି ମୁଠାଏ ଖାଇବାକୁ ନ ପାଉଥିବା ଗରିବ ହୋଇ ନାହିଁ । ତା' କୁଡ଼ିଆଘର ସ୍ଥାନରେ କୋଠାଘର ଠିଆ ହୋଇଛି । ଏମିତି ଭାବୁ ଭାବୁ ଆସି ବୈଦ୍ୟଙ୍କ ଘର ପାଖରେ ପହଞ୍ଚିଗଲା । ଯୋଗକୁ ବୈଦ୍ୟ ବି ବାହାରକୁ ବାହାରି ଥିଲେ । ରାମ ତା'ଙ୍କୁ ଦେଖୁ ଦେଖୁ ନାଉ ଟୋକେଇଟି ତା'ଙ୍କ ପାଦତଳେ ରଖି ଦେଇ ନ'ମ୍ରହୋଇ ତା'ଙ୍କ ପାଦତଳେ ପଡ଼ିଗଲା । ବୈଦ୍ୟ ସକାଳୁ ସକାଳୁ ନାଉ ଟୋକେଇଟା ଦେଖି ବିରକ୍ତ ହୋଇ କହିଲେ, 'ବୋକା, ଏ ନାଉଗୁଡ଼ାକ ତୋତେ କିଏ କହିଥିଲା ଆଣିବାକୁ ?' ରାମ ଏତେ ଭକ୍ତିଭାବରେ ତନ୍ମୟ ହୋଇ ଯାଇଥିଲା ଯେ ବୈଦ୍ୟଙ୍କ ସମୁଦାୟ କଥା ତା'କୁ ନ ଶୁଭି ଖାଲି 'ବୋକା ନାଉ' ବୋଲି ଶୁଭିଲା । ରାମର ମନେ ହେଲା ଏଇ ବୋଧେ ମନ୍ତ୍ର ଯାହା ଗୁରୁଙ୍କ ପାଟିରୁ ବାହାରି ପଡ଼ିଲା । ଖୁସି ହୋଇ ଉଠିପଡ଼ି ବୈଦ୍ୟଙ୍କ ବିରକ୍ତ ଭାବ ଦେଖି ନାଉ ଟୋକେଇଟି ତାଙ୍କ ପାଖରେ ଛାଡ଼ି ଦେଇ 'ବୋକା ନାଉ' ଜପିଜପିକା ଘରକୁ ଚାଲି ଆସିଲା । ସେ ମନ୍ତ୍ରକୁ ସେ ମୁହୂର୍ତ୍ତେ ଜପିବା ବନ୍ଦ କରୁ ନ ଥାଏ ।

''ଆଉ ଡରି ବୈଦ୍ୟଙ୍କ ପାଖକୁ ଯାଉ ନ ଥାଏ । କିନ୍ତୁ ମନ୍ତ୍ରର ସେ ସିଦ୍ଧ ହେବ କିପରି ? କିପରି ଜାଣିବ ଯେ ତା'ର ମନ୍ତ୍ର ଏଥର କାମ କରିବ ? ପୁଣିଥରେ ପୂର୍ବର ସେ ପିଲା ସହ ଦେଖାହେଲା । ତାକୁ ଦେଖି ତା'ଠାରୁ କିଛି ଉପାୟ ପାଇବା ଆଶାରେ ତାକୁ ପଚାରିଲା, ଗ'ଭାଇ, ମୁଁ ବୈଦ୍ୟଙ୍କଠାରୁ ମନ୍ତ୍ର ପାଇଛି । କିନ୍ତୁ କିପରି ଜାଣିବି ମୋର ମନ୍ତ୍ର ଏଣିକି କାମ କରିବ ବୋଲି ।'



ପିଲାଟି ବି ସେମିତି ତା' ମନକୁ ଯାହା ଆସିଲା ତାକୁ ବତାଇ ଦେଲା । କହିଲା, 'ତୁ ରାତିରେ ସମସ୍ତେ ଶୋଇବା ପରେ ଆଖିବୁଜି ଧ୍ୟାନରେ ବସି ମନ୍ତ୍ରକୁ ୫ ହଜାର ଥର ଜପ କରିବା ପରେ ତୋ ମନ୍ତ୍ର ତେଣିକି କାମ କରିବ । ଆଉ ଯାହାକୁ ଝାଡ଼ିବୁ ତା'କୁ ୧୦୮ ଥର ମନ୍ତ୍ର ଜପକରି ଝାଡ଼ିବୁ । ରାମ ଏଥିରେ ଚଟ୍ କରି ବିଶ୍ୱାସ କରିଗଲା ଓ ସେଇଆ କଲା । ଲୋକଙ୍କୁ ମଧ୍ୟ ଝଡ଼ା-ଫୁଙ୍କା ଆରମ୍ଭ କରିଦେଲା । ଯାହାକୁ ସେ ମନ୍ତ୍ର ପାଠ କରି ଝାଡ଼ିଲା ସମସ୍ତେ ଭଲ ହୋଇଗଲେ ।

''ଏତେ ଦିନେ ତା'ର ସ୍ୱପ୍ନ ସାର୍ଥକ ହେଲା । ନିଜର ସଫଳତାର ଆନନ୍ଦରେ ସେ ଅଧୀର ହୋଇପଡ଼ିଲା । ତା'ର ଆଉ ପୂର୍ବର ସେ ଦାରିଦ୍ର୍ୟ ଅବସ୍ଥା ରହିଲା ନାହିଁ । ତା'ର ମନ୍ତ୍ରଦାତା ଗୁରୁ ସେଇ ବୈଦ୍ୟଙ୍କ ପ୍ରତି ଅନ୍ତରରେ କୃତଜ୍ଞତା ଭରିଗଲା । କିନ୍ତୁ ଭରସିକରି ତା'ଙ୍କ ପାଖକୁ ଆଉ ଯାଇ ପାରୁ ନ ଥାଏ । ସେ ବି ରାମର ଝଡ଼ାଫୁଙ୍କାରେ ସଫଳତା ବିଷୟ ଶୁଣୁଥାଆନ୍ତି । ଭାବୁଥାଆନ୍ତି ସେ ଅନ୍ୟ କାହା ପାଖରୁ ଶିଖିଥିବ ବୋଲି । କାରଣ ତା'ଙ୍କ ପାଖକୁ ସେ ଯେଉଁଦିନ ଆସିଥିଲା ସେ ତ ତାକୁ ତଡ଼ି ଦେଇଥିଲେ ।

''ରାମର ଦିନଗୁଡ଼ିକ ସୁରୁଖୁରୁରେ କଟିବାକୁ ଲାଗିଲା । ଦିନେ ସ୍ୱୟଂ ସେ ଅଞ୍ଚଳର ରାଜାଙ୍କୁ ଏକ ସାପ କାମୁଡ଼ିଲା । ବହୁତ ବିଷଧର ସାପ । ରାଜା ତିନିଦିନ କାଳ ମଲାଭଳି ପଡ଼ିରହିଲେ । କେତେ ଗୁଣୀ, ବୈଦ୍ୟ ଆସି ଝଡ଼ାଫୁଙ୍କା କଲେ, ଔଷଧ ଦେଲେ । କେଉଁଥିରେ କିଛି ହେଲା ନାହିଁ । ରାମ ଯେଉଁ ବୈଦ୍ୟଙ୍କଠାରୁ ମନ୍ତ୍ର ଶିଖିଥିଲା ସେ' ବି ଆସିଥିଲେ । କିନ୍ତୁ ରାଜା ଆଉ ଆଖି ମେଲିଲେ ନାହିଁ, ତିନିଦିନ ପରେ ସମସ୍ତେ ଭାବିଲେ ରାଜା ନିଶ୍ଚୟ ମରିଯାଇଛନ୍ତି । ତେଣୁ ସମସ୍ତେ ତାଙ୍କୁ ପୋଡ଼ିବାର ବ୍ୟବସ୍ଥା କଲେ । ରାମ କାନରେ ଏ ଖବର ଯାଇ ପଡ଼ିଲା । ସେ ଟିକିଏ କାଳ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ଆସି ପହଞ୍ଚିଲା ଓ ରାଜାଙ୍କ ଶବକୁ ଦାହ କରିବାକୁ ମନାକଲା । ସମସ୍ତେ ତାକୁ ଦେଖି ତାଚ୍ଛଲ୍ୟ କରୁଥା'ନ୍ତି । କହୁଥା'ନ୍ତି,

'ବଡ଼ ବଡ଼ ଗଲେ ଫସର ଫାଟି,
ସାନ ଆସିଲେ ବେଶର ବାଟି ।'

''ରାମ କିନ୍ତୁ କାହାରି କଥା ଶୁଣୁ ନ ଥାଏ । ତା'ର ନିଜ ଗୁରୁ ଓ ମନ୍ତ୍ର ଉପରେ ଅଗାଧ ବିଶ୍ୱାସ । ଅନ୍ୟମାନେ କେହି ତା' କଥା ବିଶ୍ୱାସ ନ କଲେ ବି ରାଣୀ ବୁଡ଼ିଯାଉଥିବା ଲୋକ କୁଟାଖିଅକୁ ଆଶ୍ରା କଲାପରି ତାକୁ ଥରେ ସୁଯୋଗ ଦେବାକୁ ସମସ୍ତଙ୍କୁ କହିଲେ । ରାମର ନିଜ ମନ୍ତ୍ର ଉପରେ ଏତେ ବିଶ୍ୱାସ ଯେ ସେ ରାଣୀଙ୍କୁ କହିଲା, 'ଆପଣ ପାୟସ କରି ରଖନ୍ତୁ । ରାଜା ତିନିଦିନ ହେଲା କିଛି ଖାଇ ନାହାନ୍ତି । ଭଲ ହୋଇ ସଙ୍ଗେ ସଙ୍ଗେ ଖାଇବେ । ରାଣୀ ତା' କଥା ମାନି ଭଲ ଭାବେ ପାୟସ ରାନ୍ଧିଲେ । ଅନ୍ୟମାନେ ସମସ୍ତେ ଭାବୁଥା'ନ୍ତି ଏଇଟା ଭଣ୍ଡଟାଏ । ମଲାଲୋକକୁ ଆଉ କିପରି ବଞ୍ଚାଇବ । ଦିନେ ନୁହେଁ, ଦୁଇଦିନ ନୁହେଁ, ତିନିଦିନ ହୋଇଗଲାଣି । ଆଉ କ'ଣ ସେ ଶରୀରରେ ଜୀବନ ଅଛି । ତଥାପି ଘଟଣାର ଶେଷ ପରିଣତି ଦେଖିବା ପାଇଁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥାଆନ୍ତି । ରାମ ବିଧିବଦ୍ଧ ଭାବେ ପୂଜାପାଠକରି ରାଜାଙ୍କୁ ତା'ର ମନ୍ତ୍ରସହ ଝଡ଼ାଫୁଙ୍କା କରିବାକୁ ଲାଗିଲା । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଧୀରେ ଧୀରେ ରାଜାଙ୍କ ଶରୀର ହଲିବାକୁ ଲାଗିଲା ଓ ମନ୍ତ୍ରପାଠ ଶେଷ ହେବାପରେ ସେ ସଂପୂର୍ଣ୍ଣ ଆଖି ଖୋଲି ଚାହିଁ ନିଦରୁ ଉଠିଲା ପରି ଉଠିବସିଲେ । ସମସ୍ତ ଲୋକ ଏ ଘଟଣା ଦେଖି ଅବାକ୍ । କାହାରି ପାଟିରୁ କଥା ବାହାରୁ ନ ଥାଏ । ରାମ ପାୟସ ମଗାଇଲା । ରାଜା ଖୁବ୍ କ୍ଷୁଧା ଲାଗୁଥିଲା ପରି ସେ ପାୟସତକ ଖାଇଦେଲେ । ତା'ଙ୍କୁ ଯେପରି ଲାଗୁଥାଏ ସେ ପୁନର୍ଜନ୍ମ ଲାଭ କଲେ । ସବୁକଥା ଶୁଣି ରାମ ଉପରେ ଖୁବ୍ ସନ୍ତୁଷ୍ଟ ହୋଇ ରାଜା ତାକୁ ବହୁତ ଧନରତ୍ନ ପୁରସ୍କାର ଦେଲେ । ରାମ ଏହା ଭିତରେ ଲକ୍ଷ୍ୟ କରିଛି ଯେ ତା'ର ଗୁରୁ ସେଇ ବୈଦ୍ୟ ଆସି ମଧ୍ୟ ସେଠାରେ ଉପସ୍ଥିତ ଅଛନ୍ତି । ସେ ରାଜାଙ୍କଠାରୁ ଉପହାର ପାଇବା ମାତ୍ରେ ସଙ୍ଗେ ସଙ୍ଗେ ତାକୁ ନେଇ ସେ ବୈଦ୍ୟଙ୍କ ପାଦତଳେ ରଖିଦେଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ବୈଦ୍ୟ



ଆଶ୍ଚର୍ଯ୍ୟ ହୋଇ ତା'କୁ ତଳୁ ଉଠାଇ ଏସବୁର କାରଣ ପଚାରିଲେ । ରାମ ସବୁ କଥା ତା'ଙ୍କୁ କହିଲା । କିପରି ତା'ଙ୍କ ପାଖକୁ ନାଉ ଉପହାର ନେଇ ଯାଇଥିବା ଦିନ ତାଙ୍କଠାରୁ ମନ୍ତ୍ରଶିଖି ସେଇ ମନ୍ତ୍ର ବଳରେ ଏତେ ଲୋକଙ୍କୁ ଓ ରାଜାଙ୍କୁ ଭଲ କରିଛି, ସବୁ କହିଲା ।

''ବୈଦ୍ୟ ରାମ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । କାରଣ ତା'କୁ ସେ କୌଣସି ମନ୍ତ୍ର ଦେଇ ନାହାନ୍ତି । ବରଂ ରାଗି 'ବୋକା, ଏ ନାଉଗୁଡ଼ାକ ତୋତେ କିଏ କହିଲା ଆଣିବାକୁ' କହି ବାହାର କରିଦେଇଥିଲେ । ତେଣୁ ସେ ପଚାରିଲେ, 'ତୋର ମନ୍ତ୍ର କ'ଣ ?'

ରାମ ବିନୀତଭାବରେ କହିଲା, 'ଆଜ୍ଞା ଆପଣଙ୍କର କ'ଣ ମନେ ନାହିଁ, ନା ମୋତେ ପରୀକ୍ଷା କରିବାକୁ ପଚାରୁଛନ୍ତି ?' ସେ ମନ୍ତ୍ର ପରା — **'ବୋକା ନାଉ'** । ଏକଥା ଶୁଣି ବୈଦ୍ୟଙ୍କ ଆଖି ଖୋସି ହୋଇଗଲା । ଗାଳିଦେବାର ଶବ୍ଦ ଭିତରୁ କେତୋଟି ଶବ୍ଦ ଯେ ଏତେ ଶକ୍ତିଶାଳୀ ମନ୍ତ୍ର ହୋଇପାରେ ସେ କଳ୍ପନା ବି କରି ନ ଥିଲେ । ସେ ଜାଣିପାରିଲେ ଏସବୁ ରାମର ସରଳ ବିଶ୍ୱାସର ଫଳ । ସେ ରାମକୁ କିଛି କହିଲେ ନାହିଁ । ନୀରବରେ ସେ ରାମର ଉପହାରରୁ ସାମାନ୍ୟ କିଛି ଗ୍ରହଣ କରି ଅନ୍ୟତକ ତାକୁ ଫେରାଇ ଦେଲେ ।''

''ବିଶ୍ୱାସର ଏତେ ଫଳ !'' ଆଶ୍ଚର୍ଯ୍ୟ ହୋଇ କହିଲା ଅନୁରକ୍ତା ।

''ସେଇଥି ପାଇଁ ତ ମା କହିଛନ୍ତି, 'Faith has a sovereign power.' 'ବିଶ୍ୱାସର ରହିଛି ଏକ ସାର୍ବଭୌମ କ୍ଷମତା ।'

# ବାଗ୍ଦାଦରୁ କାଏରୋ

## (୮)

''ଚିନୁଭାଇ, ଅନେକ ଦିନ ହେଲାଣି ତୁମେ ମୋତେ 'ବିଶ୍ୱାସ' ସମ୍ବନ୍ଧେ କିଛି କହିନା । ଆଜି କିନ୍ତୁ କିଛି ନ କହିଲେ ଛାଡ଼ିବି ନାହିଁ । ଥରେ ତୁମେ କହୁଥିଲ ଯେ ମା କହନ୍ତି, 'Faith is the surest guide in the darkest days.' ଅର୍ଥାତ୍, 'ଗାଢ଼ତମ ଅନ୍ଧକାରମୟ ଦିନଗୁଡ଼ିକରେ ବିଶ୍ୱାସ ହେଉଛି ନିଶ୍ଚିତତମ ପଥପ୍ରଦର୍ଶକ ।' ଆଜି କୁହ କିପରି ଗାଢ଼ତମ ଅନ୍ଧକାରମୟ ଦିନଗୁଡ଼ିକରେ ବିଶ୍ୱାସ ଠିକ୍ ଭାବରେ ବାଟ କଢ଼ାଇ ନେଇଥାଏ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

ବାସ୍ତବରେ ଚିନ୍ମୟ ମଝିରେ କିଛିଦିନ ଯଦିଓ ଅନୁରକ୍ତାକୁ ଠକି ଦେଇ ନ ଥିଲା ତଥାପି ଅନ୍ୟ କାମରେ ବ୍ୟସ୍ତ ରହି ତା' ପ୍ରତି ଅବହେଳା ପ୍ରଦର୍ଶନ କରିଥିଲା । ଆଜି ଆଉ ତା' କଥାକୁ ଏଡ଼େଇ ଦେବାର କୌଣସି ଉପାୟ ନ ପାଇ କହିଲା, ''ତୁ ମା'ଙ୍କର ସେ ବାଣୀଟି ମନେରଖିଛୁ ସେଥିପାଇଁ ମୁଁ ବହୁତ ଖୁସି । ଏବେ ଶୁଣ, ଜୀବନରେ ଅନ୍ଧକାର ସ୍ୱରୂପ ଘୋର ଦୁଃଖ-ଦୁର୍ଦ୍ଦିନରେ ଖାଲି ବିଶ୍ୱାସକୁ ଜାବୁଡ଼ି ଧରିଲେ ବ୍ୟକ୍ତି କିପରି ଉଦ୍ଧାର ପାଇ ଯାଇଥାଏ ସେଇପରି କଥାଟିଏ କହୁଛି ।

''ଆମ ଦେଶର ଉତ୍ତର ପଶ୍ଚିମକୁ ବହୁତ ଦୂରରେ ଏଇ ଏସିଆ ମହାଦେଶରେ ଗୋଟିଏ ଦେଶ ଅଛି । ତା' ନା ଇରାକ୍ ।''

''ହଁ, ହଁ, ମୁଁ ଜାଣେ । ବହୁତ ଦିନ ହେଲାଣି ସେଇ ଦେଶର ଇରାନ ସହିତ ଯୁଦ୍ଧ ଲାଗିଛି । ଏପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହୋଇ ନାହିଁ ।'' କହିଲା ଅନୁରକ୍ତା ।

''ହଁ, ଠିକ୍ ସେଇ ଦେଶ । ସେଇ ଦେଶରେ ବାଗ୍ଦାଦ୍ ବୋଲି ଖୁବ୍



ଗୋଟିଏ ବଡ଼ ସହର ଅଛି । ସେଇ ସହରରେ ଜଣେ ନିହାତି ଗରିବ ଲୋକ ବାସ କରୁଥିଲା । ତା'ର ନିଜର ଘର ବୋଲି କିଛି ନ ଥାଏ । ସହରର ଶେଷ ମୁଣ୍ଡରେ ବହୁଦିନୁ ପଡ଼ିଥିବା ଗୋଟାଏ ଭଙ୍ଗା କୋଠାରେ ପରିବାର ସହ ରହୁଥାଏ । କୋଉ କାଳର ପୁରୁଣା କୋଠା । ସେଇ କୋଠାର ଅଗଣା ଦେଇ ଝରଣାଟିଏ ବହିଯାଇ ଥିବାର ଦେଖାଯାଏ । କିଂତୁ ଝରଣାଟିରେ ଏବେ ପାଣି ନାହିଁ । ତାହା କୋଉକାଳୁ ପୋତି ହୋଇ ପଡ଼ିଲାଣି । ଖାଲି ଶୁଖିଲା ବାଲି । ଠାଏ ଠାଏ ସେଇ ବାଲି ଭିତରେ ଭଙ୍ଗାପଥର, ଇଟା, ବାଲିଗରଡ଼ାସବୁ ପଡ଼ିଥାଏ । ଭଙ୍ଗା କୋଠାର ଅଳ୍ପ ଦୂରକୁ କୂଅଟାଏ । କୂଅଟି ନଷ୍ଟ ହୋଇ ନାହିଁ । ବେଶ୍ ଗଭୀର । ପାଣି ଖୁବ୍ ଭଲ ।

''ଗରିବ ଲୋକଟି ସହରର ଚାରିଆଡ଼େ ବୁଲି ବୁଲି କେଉଁଠି ଚାକିରିଟିଏ ପାଉ ନାହିଁ, ଘରେ ବେଳାଏ ଖାଇଲେ ଆଉ ବେଳାକୁ ଉପାସ । ସ୍ତ୍ରୀ ତା'ର ଏକ ରଣଚଣ୍ଡୀ । ସବୁବେଳେ ବିଚରା ଗରିବ ସ୍ୱାମୀଟି ଉପରେ ଗାଳିବର୍ଷଣ । 'ତୁ ଅଳସୁଆ କୋଡ଼ିଆଟା ! ମାଦଳ ଭଳିଆ ସବୁବେଳେ ଖାଲି ବସିଛୁ । ତୋ ଭଳିଆ କୋଡ଼ିଆକୁ କିଏ କାମ ଦେବ ? ଟିକିଏ ବି ତୋର ଚିନ୍ତା ନାହିଁ, କିପରି ଦି'ପଇସା ରୋଜଗାର ହବ, ପିଲାଛୁଆ ଭଲରେ ଚଳିବେ, ଦି'ବେଳା ଦି'ମୁଠା ଭଲକରି ଖାଇବାକୁ ପାଇବେ । ଆମ ଏ ଅଗଣାର ଝରଣାଟା ଯେମିତି ଶୁଖି ବାଲି ଭର୍ତ୍ତି ହୋଇ ଗଲାଣି ତୋ ଭିତରଟା ବି ସେମିତି ଶୁଖି ଖାଲି ନିରାଶା, ହତାଶାରେ ଭରିଗଲାଣି । ତୋ ହାତ ଧରି ଛୁଆପିଲାଙ୍କୁ ନେଇ ମୁଁ ଯେଉଁ ଦହଗଞ୍ଜ ହଉଚିନା ତା'ଠଉଁ ମରିଗଲେ ଭଲ ହୁଅନ୍ତା ।'

''ବିଚରା ଗରିବ ଲୋକଟି ନୀରବରେ ସବୁ ଶୁଣେ । ଭୟରେ ଓ ଲଜ୍ଜାରେ ସ୍ତ୍ରୀକୁ ପାଟିଫିଟାଏ ନାହିଁ । ପାଟି ଫିଟାଇଲେ ଗାଳି ସହ ପୁଣି ହାତ ଉଠିବ । ସ୍ତ୍ରୀର ଏ ଗାଳି ଓ ତା'ର ଏ ଶୋଚନୀୟ ଅବସ୍ଥା ଛଡ଼ା ଆଉ ଗୋଟିଏ କଥା ତାକୁ ପ୍ରତିଦିନ ଦୁଃଖ ଦିଏ । ସେଇଟି ହେଉଛି ସବୁଦିନେ ରାତିରେ ସେ ଗୋଟିଏ ସ୍ୱପ୍ନ ଦେଖେ ଯେ ସେ ମୁକ୍ତ ଆକାଶ ତଳେ ପିଠିରେ ଗୋଟିଏ

ଓଜନିଆ ବୋଝ ବହି ଚାଲିଛି । ଆଉ ତା' କାନ ପାଖରେ ସବୁବେଳେ ଗୋଟିଏ ସ୍ୱର ବଡ଼ ପାଟିରେ କହିଚାଲିଛି, 'କାଏରୋ ଯା ! କାଏରୋ ଯା ! ସେଇଠି ତୋର ସୌଭାଗ୍ୟ ରହିଛି ।' ସ୍ୱପ୍ନରେ ସେହି ବୋଝ ବହି ଚାଲିବା ଏତେ କ୍ଳାନ୍ତିକର ଓ ସେଇ କାନଫଟା ସ୍ୱର ଏତେ ଭୟଙ୍କର ଯେ ସେ ଉଠିଲା ବେଳକୁ ବହୁତ କ୍ଳାନ୍ତ, ଅବସନ୍ନ ଓ ଭୟଭୀତ ବୋଧକରେ । ଯାହାହେଉ ଏ ସ୍ୱପ୍ନ କଥାରେ ବିଶ୍ୱାସ କରି ସେ କାଏରୋ ଯିବାକୁ ଇଚ୍ଛା କରେ । କିନ୍ତୁ ଯିବ କିପରି ? ସାହସ ପାଏ ନାହିଁ । ବାଗଦାଦ୍‌ଠାରୁ କାଏରୋ କାହିଁ କେତେ ଦୂର !''

''କାଏରୋ କେଉଁଠିକି ?'' ପଚାରିଲା ଅନୁରକ୍ତା ।

''ବାଗ୍‌ଦାଦ୍‌ର ପଶ୍ଚିମ ପଟକୁ ମିଶର ଦେଶରେ ଅବସ୍ଥିତ ।''

''ସେଠିକି ସେ କ'ଣ ଗଲା ?''

''କହୁଚ଼ି ଶୁଣ । ଗରିବ ଲୋକଟି ତା' ସ୍ତ୍ରୀକୁ ଦିନେ ତା' ସ୍ୱପ୍ନ କଥା କହିଲା ଓ କହିଲା ଯେ ତାକୁ ଦିନେ ନା ଦିନେ କାଏରୋ ଯିବାକୁ ହେବ । ତା' ସ୍ତ୍ରୀ ଏକଥା ଶୁଣି ତତଲା ଲୁହାରେ ଯେମିତି ପାଣି ପଡ଼ିଲେ ଚାଉଁ କିନା ହୁଏ ରାଗରେ ସେମିତି ହୋଇଉଠିଲା । ତାଚ୍ଛଲ୍ୟଭରା ସ୍ୱରରେ ଖିଙ୍କାରି ହେଇ କହିଲା, 'କ'ଣ କହିଲୁ, କାଏରୋ ଯିବୁ ! କାଏରୋ ଏଠୁ କେତେ ବାଟ ଜାଣିଛୁ ? ତୋ ଭଳିଆ ନିକମା, ଅଳସୁଆ ଲୋକ ଏତେ ବାଟ ଚାଲିକରି ଯିବ ! କାଏରୋ ଯିବୁ ନାହିଁ ଯେ ଗୋଟାଏ ଫନ୍ଦି କାଢୁଛୁ, ଏଠୁ ଚାଲିଗଲେ ପିଲାଛୁଆଙ୍କ ଜଞ୍ଜାଳରୁ ଆଉ ମୋ ଜଞ୍ଜାଳରୁ ମୁକ୍ତ ହେଇ ନିଶ୍ଚିନ୍ତରେ କାଳ କଟେଇବୁ । ଆଉ ଦିନେ ଯଦି କାଏରୋ ଯିବା ନାଁ ଧରିଛୁ ନା ଦେଖିବୁ ତୋର ଦିନେ କି ମୋର ଦିନେ ।' ଏତିକି କହି ତଳେ ଜୋରରେ ଗୋଡ଼ କଚାଡ଼ି ବୁଲିପଡ଼ି ଚାଲିଗଲା ।

''ବିଚରା ଗରିବ ଲୋକଟି ଚୁପ୍‌ହୋଇ ରହିଲା । କିଛି କହିଲା ନାହିଁ କି ସେଇଦିନଠାରୁ ଆଉ କେବେ କାଏରୋ ଯିବା କଥା ଉଠାଇଲା ନାହିଁ । କିନ୍ତୁ ସବୁଦିନେ ରାତିରେ ସେଇ ଏକା ପ୍ରକାର ସ୍ୱପ୍ନ ଦେଖିବାକୁ ଲାଗିଲା । ଆମେ



ତ ଆଗରୁ ଜାଣିଚ଼ି ତା' ଘରର ଟିକିଏ ଦୂରକୁ କୂଅଟାଏ ଥିଲା । ଏବେ ସେ ସେଇ କୂଅ ପାଖରେ ଯାଇ ବସେ । ସେଇ ବାଟ ଦେଇ ଯାଉଥିବା କେହି ବାଟୋଇ ସେଠି ବିଶ୍ରାମ ନେବାକୁ ଚାହୁଁଥିଲେ ସେ ସେମାନଙ୍କୁ ପଚାରେ ସେମାନଙ୍କ ଲାଗି ସେ କିଛି କାମ କରିପାରିବ କି ନା । ସେମାନେ କହିଲେ ସେମାନଙ୍କ ଲାଗି କୂଅରୁ ପାଣି କାଢ଼ିଦିଏ । ସେମାନଙ୍କ ଲୁଗାପଟା, ବାସନ-କୁସନ ଧୋଇଦିଏ । ସେମାନଙ୍କୁ ରୋଷେଇରେ ସାହାଯ୍ୟ କରେ । ସେମାନେ ଖୁସି ହୋଇ ଗଲାବେଳେ କିଛି ବକ୍‌ସିସ୍ ଦିଅନ୍ତି । ସେଇଥିରେ ସେ କଷ୍ଟେମଷ୍ଟେ କୌଣସିମତେ ସଂସାର ଚଳାଏ ।

''ଦିନେ କ'ଣ ହେଇଚ଼ି ନା ଦଳେ ବଣିକ ଓଟ ପିଠିରେ ବସି ସେଇ ବାଟ ଦେଇ ଯାଉଥିଲେ । ବାଟରେ କୂଅଟିଏ ଦେଖି ସେଠି ଓହ୍ଲାଇ ତାଙ୍କ ଗଧ ଓ ଓଟମାନଙ୍କୁ ପାଣି ଦେଲେ, ନିଜେ ପାଣି ପିଇ କିଛି ସମୟ ସେଠାରେ ବିଶ୍ରାମ କଲେ । ସେମାନେ ପରସ୍ପର ସହ କଥାବାର୍ତ୍ତା ହେଉଥିଲାବେଳେ ଗରିବ ଲୋକଟି ଶୁଣି ପାରିଲା ଯେ ସେମାନେ କାଏରୋ ଯାଉଛନ୍ତି । 'ଏଁ, କାଏରୋ !' ସଙ୍ଗେ ସଙ୍ଗେ ଉଠିପଡ଼ି ସେ ବଣିକମାନଙ୍କ ପାଖକୁ ଗଲା । ଅନୁନୟ ବିନୟ କରି ସେମାନଙ୍କୁ କହିଲା, ଯଦି ସେମାନଙ୍କର କିଛି କାମ ଥାଏ ସେମାନେ ତାକୁ ସଙ୍ଗରେ ନେଲେ ସେ ବହୁତ କୃତଜ୍ଞ ହୁଅନ୍ତା । ସେମାନଙ୍କର ବି ବାଟରେ ସାହାଯ୍ୟ କରିବା ଲାଗି ଲୋକଟିଏ ଦରକାର ଥିଲା । ତେଣୁ ସେମାନେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ ଓ ଶୋଇଥିବା ଗୋଟିଏ ଓଟ ଉପରେ ତାକୁ ବସିବାକୁ କହିଲେ । ଓଟଟି ଉଠିବା ପୂର୍ବରୁ ଗରିବ ଲୋକଟି ଶୀଘ୍ର ଯାଇ ତା' ପିଠିରେ ବସି ପଡ଼ିଲା । ତା'ପରେ ଓଟମାନଙ୍କ ସହ ବଣିକଦଳ ଯାତ୍ରା ଆରମ୍ଭ କଲେ । ଗରିବ ଲୋକଟି ଓଟ ପିଠିରେ ନେପ୍‌ଟେଇ ହୋଇ ପଡ଼ି ନିଜକୁ ଲୁଚାଇ ଦେଇଥାଏ । ନଚେତ୍ ତା ସ୍ତ୍ରୀ ଯଦି ଦେଖିପାରିବ ତେବେ ତା କାଏରୋ ଯିବା ସଅକ୍ ଛଡ଼ାଇ ଦେବ ।

''ଧୀରେ ଧୀରେ ଦିନ ଯାଇ ରାତି ହେଲା । ଗରିବ ଲୋକଟି

ସେତେବେଳକୁ ଘରଠାରୁ ବହୁତ ଦୂର ଚାଲି ଆସିଲାଣି । ଆଉ ସ୍ତ୍ରୀ ପ୍ରତି ତା'ର ଭୟ ନାହିଁ । ଗୋଟିଏ ସ୍ଥାନରେ ସମସ୍ତେ ଯାତ୍ରା ବନ୍ଦ କରି ବିଶ୍ରାମ ନେଲେ । ସେଦିନ ରାତିରେ ମୁକ୍ତ ଆକାଶ ତଳେ ବଣିକ, ଓଟ ଓ ଗଧମାନଙ୍କ ମେଳରେ ଗରିବ ଲୋକଟି ଶୋଇଲା । ପ୍ରଥମକରି ସେଦିନ ସେ ତା'ର ନିତିଦିନର ସ୍ୱପ୍ନ ଆଉ ଦେଖିବାକୁ ପାଇଲା ନାହିଁ । ଆରାମରେ ଶୋଇ ସକାଳୁ ଉଠି ପୁଣି ଯାତ୍ରା ଆରମ୍ଭ କଲେ । ଏଇପରି ଚାଲିଚାଲି ଶେଷରେ ଦିନେ ସେମାନେ ସୂର୍ଯ୍ୟାସ୍ତ ସମୟରେ ଯାଇ କାଏରୋ ନିକଟରେ ପହଞ୍ଚିଲେ । ଅସ୍ତଗାମୀ ସୂର୍ଯ୍ୟଙ୍କର ନାଲିଆ କିରଣ କାଏରୋର କୋଠାଗୁଡ଼ିକର ଅଗ୍ରଭାଗରେ ପଡ଼ି ଦୂରକୁ ସୁନ୍ଦର ଦେଖାଯାଉଥାଏ । ତାକୁ ଦେଖି ଗରିବ ଲୋକଟି ମନେକଲା ସତେ ଯେପରି ତା'ଭିତରେ ସୌଭାଗ୍ୟର ରବି ଉଦୟ ହେଲେ ।

''କାଏରୋରେ ପହଞ୍ଚି ବଣିକମାନେ ଯିଏ ଯୁଆଡ଼େ ଚାଲିଗଲେ । ଗରିବ ଲୋକଟି ଏକା । ଯିବ କୁଆଡ଼େ ? ଅଜଣା ସହର । ପୁଣି ସନ୍ଧ୍ୟା ହୋଇ ଗଲାଣି । ପାଖରେ ଗୋଟିଏ ବି ପଇସା ନାହିଁ । ଭୋକରେ ପେଟ ଜଳୁଛି । କିଛି ସମୟ ସହରର ରାସ୍ତାରେ ଏତେ ତେଣେ ବୁଲି ଭାରି ହାଲିଆ ଲାଗିଲାରୁ ଜଣେ ଲୋକ ଘରର ବନ୍ଦ ଦରଜା ନିକଟରେ ଶୋଇପଡ଼ିଲା । ସକାଳ ହେଇ ନାଇଁ । ଆହୁରି ଅନ୍ଧାରୁଆ ଅନ୍ଧାରୁଆ ଅଛି । ଗରିବ ଲୋକଟି ଅନୁଭବ କଲା ଗୋଟାଏ ଶକ୍ତ ହାତର ଟାଣୁଆ ଆଘାତ ତା କାନ୍ଧକୁ ଦୋହଲାଇ ଦେଉଛି । ଭୟରେ ଆଖି ମେଲାକରି ଚାହିଁଲା ବେଳକୁ ଶୁଣିଲା ଏକ ରୁକ୍ଷ କର୍କଶ ସ୍ୱର, 'କାଏରୋରେ ଆମର ବହୁତ ଭିକାରୀ ହୋଇଗଲେଣି । ଆଉ ଆବଶ୍ୟକ ନାହିଁ । ଉଠ୍ ଉଠ୍ ମାମୁଁ ଘରକୁ ଚାଲ ।'

''ବୋଧହୁଏ ସିଏ ଜଣେ ପୁଲିସବାଲା । କାଏରୋରେ ଭିକ୍ଷା କରିବା ମନା । ତାକୁ ଜଣେ ନୂଆ ଭିକାରୀ ଭାବି ସିଏ ବାଡ଼େଇ ବାଡ଼େଇ ନେଇ ତାକୁ ଜେଲର ଗୋଟିଏ ଅଳିଆ ଗଦା ଉପରେ ଫିଙ୍ଗି ଦେଲା । ସେଠାରେ ଗରିବ ଲୋକଟି ପଡ଼ି ଭୟ ଆଉ କ୍ଷୁଧାରେ ଖାଲି ଗୋଟାପଣେ ଥରୁଥାଏ । ଏଇମିତି



କେତେ ସମୟ ବିତିଗଲା । ତା'ପରେ ଆଉ ଦୁଇଜଣ କନେଷ୍ଟବଳ ଆସି ତାକୁ ଘୋସାରି ଘୋସାରି କୋର୍ଟକୁ ନେଇଗଲେ । କୋର୍ଟରେ ବିଚାରପତି ତା' ଆଡ଼କୁ ଖୁବ୍ ରାଗିକରି ଚାହିଁ ପଚାରିଲେ, 'କେଉଁ ସହରରୁ ଆଗମନ ହେଲା ?'

'ହଜୁର, ଧର୍ମାବତାର, ଗରିବଙ୍କ ମା'ବାପ, ମୁଁ ବାଗ୍‌ଦାଦ୍‌ରୁ ଆସିଛି ।' ଭୟରେ ଥରି ଥରି କହିଲା ଗରିବ ଲୋକଟି ।

'ବାଗ୍‌ଦାଦ୍‌ରୁ ଏତେ ବାଟ ଆସିଲୁ କିପରି ?'

'ଗୋଟିଏ ବଣିକ ଦଳ ସାଙ୍ଗରେ, ଆଜ୍ଞା !'

'ସେ ବଣିକ ଦଳ ଗଲେ କୁଆଡ଼େ ?'

'ସେମାନେ କିଏ କୁଆଡ଼େ ମୋତେ ଏକା ଛାଡ଼ି ଦେଇ ଚାଲିଗଲେ । ଖାଲି ବାଟରେ ତାଙ୍କର ଲୋକ ଦରକାର ବୋଲି କହି ମୋତେ ଆଣିଥିଲେ ।'

'ଆଚ୍ଛା ତୁ ଏଠିକି ଆସିବାର ମତଲବ୍ କ'ଣ ?'

'ଆଜ୍ଞା ସତ କହିଲେ ତ ଆପଣ ମୋତେ ବୋକା ନିର୍ବୋଧ ବୋଲି ଭାବିବେ । ତେବେ ଯାହାହେଉ ମୋତେ ଆପଣଙ୍କୁ ସତ କଥା କହିବାକୁ ହେବ । ମୁଁ ଏଠାକୁ ଆସିଛି ମୋର ଗୋଟିଏ ସ୍ୱପ୍ନ ଯୋଗୁଁ । ମୁଁ ବହୁତ ଗରିବ । ମୋ ପରିବାରକୁ ଦୁଇବେଳା ଦୁଇମୁଠା ଆହାର ଯୋଗାଇ ପାରେ ନାହିଁ । କିନ୍ତୁ ପ୍ରତିଦିନ ରାତିରେ ମୁଁ ସ୍ୱପ୍ନ ଦେଖେ ଯେ କାଏରୋକୁ ଆସିଲେ ମୋର ଭାଗ୍ୟ ପରିବର୍ତ୍ତନ ହୋଇଯିବ । ମୁଁ ଧନବାନ୍ ଓ ସୁଖୀ ହୋଇପାରିବି । କିନ୍ତୁ ଏଠାକୁ ଆସି ମୋତେ ଚୋର ଭଳି ଏକ ବନ୍ଦୀଶାଳାରେ ଭୋକ ଉପାସରେ ସଢ଼ିବାକୁ ପଡୁଚି । ସେଥିରେ ପୁଣି ବିନା କାରଣରେ ପୁଲିସବାଲାଙ୍କର ମାଡ଼ ! ମୁଁ ଯଦି ଜାଣିଥା'ନ୍ତି ଆଜ୍ଞା ଏପରି ହେବ ବୋଲି ତେବେ କେବେବି ଏଠାକୁ ଆସି ନ ଥା'ନ୍ତି ।' ଏହା କହି ଲୋକଟି ମୁଣ୍ଡରେ ହାତଦେଇ କାନ୍ଦି ପକାଇଲା ।

''ଲୋକଟିର ଦୁଃଖ ହୃଦୟଙ୍ଗମ କରି ବିଚାରପତି ଟିକିଏ କୋମଳ ହାଇଗଲେ । ସେ ବୁଝିଲେ ଯେ ସେ ଭିକ୍ଷା କରିବାକୁ ଏଠାକୁ ଆସି ନାହିଁ । ତାକୁ ଟିକିଏ ସାନ୍ତ୍ୱନା ଦେଇ ସେ କହିଲେ, 'ଦୁଃଖ କରିବାର କିଛି କାରଣ

ନାହିଁ । ବାଗ୍‌ଦାଦ୍‌ର ଅବସ୍ଥାଠାରୁ ଏଠାରେ ତ ତୋର ଅବସ୍ଥା ବେଶୀ କିଛି ଖରାପ ହୋଇଯାଇ ନାହିଁ । ପୁଣି ବାଗ୍‌ଦାଦ୍ ଫେରିଯାଇ ତୋର ପୂର୍ବ ଜୀବନ ଯାପନ କରି ପାରିବୁ । ଏଇ ନେ କିଛି ପଇସା ଦେଉଛି । ବାଟରେ କିଛି ଖାଇପିଇ ବାଗ୍‌ଦାଦ୍ ଚାଲିଯିବୁ ।' ଏହା କହି ତାକୁ ଖାଇବା ଲାଗି ସାମାନ୍ୟ କିଛି ପଇସା ଦେଲେ ।

''ଗରିବ ଲୋକଟି ପଇସା ଆଣିଲା । ବିଚାରପତିଙ୍କୁ ଧନ୍ୟବାଦ ଜଣାଇଲା । କହିଲା, 'ଆଜ୍ଞା ବାଗ୍‌ଦାଦ୍ ମୁଁ ଫେରିବି କିପରି ? ବଣିକମାନଙ୍କ ଓଟ ପିଠିରେ ବସି ସିନା ଚାଲି ଆସିଥିଲି ।'

''ଏ କଥାରେ ବିଚାରପତି ପୁଣି ଟିକିଏ ରାଗିଗଲେ । କହିଲେ, 'ତୋତେ ଯେ ଦୟାକରି ଖଲାସ କରିଦିଆଗଲା ସେଇଥିରେ ତୁ କୃତଜ୍ଞ ନ ହୋଇ ଆହୁରି ପୁଣି ପଚାରୁଛୁ କିପରି ଯିବୁ ? ଏ ଦେଶର ନିୟମ ଅନୁଯାୟୀ ଭିକାରୀ, ବାରବୁଲାମାନଙ୍କୁ ଜେଲରେ ଠୁଙ୍କି ଦିଆଯାଏ ଆଉ ସେମାନଙ୍କ କଥା କେହି ବୁଝନ୍ତି ନାହିଁ । ସେଇ ଜେଲରେ ସେମାନଙ୍କ ଜୀବନ କଟେ । ତୁ ସରଳ ଭାବରେ ମୋ ପ୍ରଶ୍ନର ଉତ୍ତର ଦେଇଥିବାରୁ ତୋତେ ଦୟାକରି ଛାଡ଼ି ଦିଆଗଲା । ନଚେତ୍ ତୋ ଅବସ୍ଥା ବି ଅନ୍ୟମାନଙ୍କ ପରି ହୋଇଥା'ନ୍ତା ।' ଗରିବ ଲୋକଟି କହିଲା, 'ନାଇଁ ଆଜ୍ଞା ମୋର ଭୁଲ ହୋଇଛି । ମୁଁ ଯେମିତି ହେଲେ ପୁଣି ବାଗ୍‌ଦାଦ୍ ଚାଲିଯିବି । ଆପଣଙ୍କ ଦୟାଲାଗି ଆପଣଙ୍କ ନିକଟରେ ମୁଁ ଚିରଋଣୀ ।'

''ବିଚାରପତି ଗରିବ ଲୋକଟି ଆଡ଼କୁ ଚାହିଁ ଟିକିଏ ହସିଲେ । କହିଲେ, 'ଆଚ୍ଛା ତୁ ଯିବା ପୂର୍ବରୁ ତୋତେ ଗୋଟିଏ ମଜା କଥା କହିବି । ମୁଁ ବି ତୋରି ଭଳି ଗୋଟିଏ ସ୍ୱପ୍ନ ସବୁଦିନେ ରାତିରେ ଦେଖେ । କିନ୍ତୁ ତୋ ଭଳି ମୁଁ ଏତେ ବୋକା ନୁହେଁ ଯେ ସେଥିରେ ବିଶ୍ୱାସ କରିବି । ସେଥିରେ ଯଦି ମୁଁ ବିଶ୍ୱାସ କରିଥା'ନ୍ତି ତେବେ ତୋରି ଭଳି ଅବସ୍ଥା ମୋର ବି ହୋଇଥାଆନ୍ତା ।' ଏତିକି କହି ବିଚାରପତି ଆଉ କିଛି କହିଲେ ନାହିଁ ।



''ଗରିବ ଲୋକଟି ମନରେ ଶୁଣିବା ପାଇଁ ଯଦିଓ ବେଶୀ ଆଗ୍ରହ ନ ଥିଲା, ତଥାପି ବିଚାରପତି କାଳେ ଅପମାନ ବୋଧ କରିବେ, ସେଥିଲାଗି ତାଙ୍କୁ ଖୁସି କରିବା ପାଇଁ ସେ ବିନମ୍ର ଭାବରେ କହିଲା, 'ହଜୁର, ଆପଣଙ୍କର ସେ ସ୍ୱପ୍ନଟି କ'ଣ ଥିଲା ଯଦି କିଛି ଆପତ୍ତି ନ ଥାଏ, ମୁଁ ଶୁଣିପାରେ କି ?' ବିଚାରପତି କହିଲେ, 'ଯଦି ଶୁଣିବାକୁ ଚାହିଁଲୁଣି ତେବେ କହୁଛି ଶୁଣ ! ମୋ ସ୍ୱପ୍ନରେ ମୁଁ ଦେଖେ ବାଗ୍‌ଦାଦ୍ ସହର ବାହାରେ ଗୋଟିଏ କୋଉକାଳର ପୁରୁଣା ଭଙ୍ଗାରୁଜା କୋଠାଘର । ସେଇ ଘର ପାଖଦେଇ ଗୋଟିଏ ଝରଣା ବହିଯାଇଛି । ସେ ଝରଣାଟି ମଧ୍ୟ କୋଉକାଳର ପୁରୁଣା ଝରଣା ବାଲିରେ ପୋତି ହୋଇ ପଡ଼ିଛି । ମୁଁ ସେଇ ଭଙ୍ଗା ଘରର ଅଗଣାରେ ଝରଣା ପାଖରେ ଠିଆ ହୋଇଥାଏ ।'

''ଏତିକି କଥା ଶୁଣି ଗରିବ ଲୋକଟିର ହୃଦୟରେ ଏକ ଆଶା ଓ ଆଶଙ୍କାର ଅଜଣା ଶିହରଣ ଖେଳିଗଲା । ତା' ପରେ କ'ଣ ଘଟିଲା ଜାଣିବା ପାଇଁ ସେ ଉତ୍କଣ୍ଠିତ ହୋଇ ଉଠିଲା । ଛାତି ଭିତର ତା'ର ଜୋରରେ ଦପ୍‌ଦପ୍ କରିବାକୁ ଲାଗିଲା ।

''ବିଚାରପତି କହିଚାଲିଲେ, 'ମୁଁ ସେଇ ଅଗଣାରେ ଠିଆ ହୋଇଥିବା ବେଳେ ଗୋଟିଏ ସ୍ୱର ତୋରି ଭଳି ଶୁଣେ । ସେ ସ୍ୱରଟି କହେ – ଝରଣାର ସେଇ ଅଧା ପୋତିହୋଇ ପଡ଼ିଥିବା ଭଙ୍ଗା ପଥରଟି ପଛପଟେ ଅନେକ ଗୁପ୍ତଧନ ରହିଛି । ଯିଏ ସେଇ ଜାଗା ଖୋଳିବ ସିଏ ତାକୁ ପାଇବ । ଯା, ଖୋଳ ! କିନ୍ତୁ ମୁଁ ତ ତୋରି ଭଳିଆ ନିର୍ବୋଧ ବୋକା ନୁହେଁ ଯେ ଏ କଥାରେ ବିଶ୍ୱାସ କରି କୋଦାଳଟାଏ କାନ୍ଧରେ ପକାଇ ବାଗ୍‌ଦାଦ୍ ଯାଇ ସେ ଜାଗା ଖୋଳିବି !' ଏତିକି କହି ବିଚାରପତି ହୋ ହୋ ହସି ଉଠିଲେ ।

''ଗରିବ ଲୋକଟି ବି ହସି ଉଠିଲା । କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସଂଯତ କରି ସେ ତା'ର ଆନନ୍ଦର ଆବେଗକୁ ହୃଦୟରେ ଚାପି ରଖିଲା । କିଛି କହିଲା ନାହିଁ । ବିଚାରପତି ହସ ବନ୍ଦ କରି କହିଲେ, 'ଆଚ୍ଛା, ଏଥର

ଘରକୁ ଯା । ଯାତ୍ରା ତୋର ଶୁଭ ହେଉ ! ତୁ ଭଲରେ ଘରେ ପହଞ୍ଚ !'

''ଲୋକଟି ବିଚାରପତିଙ୍କୁ ସଲାମ ଜଣାଇ ଓ ଆଲ୍ଲା ତାଙ୍କର ମଙ୍ଗଳ କରନ୍ତୁ କହି ବାଗ୍‌ଦାଦ୍ ଅଭିମୁଖେ ଚାଲିଲା । ଏତେ ଖୁସି ଆଉ ଏତେ ଜୋରରେ ସେ ଫେରୁଥାଏ ଯେପରି ୧୨ ଦିନର ବାଟ ତାକୁ ୧୨ ଘଣ୍ଟାର ବାଟଭଳି ଲାଗୁଥାଏ । ଶେଷରେ ସେ ଆସି ବାଗ୍‌ଦାଦ୍‌ରେ ତା' ଘର ନିକଟରେ ପହଞ୍ଚିଲା । ଜହ୍ନରାତି । ସମସ୍ତେ ଯିଏ ଯୁଆଡ଼େ ଶୋଇଛନ୍ତି । ନିଝୁମ ରାତିରେ ଖାଲି ଝିଙ୍କାରିର ଝିଁ ଝିଁ ଶବ୍ଦ ଶୁଭୁଛି । ସେ ତା' ଭଙ୍ଗାଘରର ଅଗଣାରେ ଛିଡ଼ା ହେଲା । ଝରଣାର ବାଲି ଆଡ଼କୁ ଚାହିଁଲା । ଝରଣାଟି ଯେପରି ତୋଫା ଜହ୍ନ ଆଲୁଅର ଗୋଟାଏ ଚାଦର ଘୋଡ଼େଇ ହୋଇ ଶୋଇ ପଡ଼ିଛି । ଦରପୋତା ଭଙ୍ଗା ପଥରଟି ତା' ନଜରରେ ପଡ଼ିଲା । ଏକ ଅଜଣା ଆନନ୍ଦରେ ହୃଦୟ ତା'ର ସ୍ପନ୍ଦିତ ହୋଇ ଉଠିଲା । ଆଉଟିକିଏ କାଳବିଳମ୍ବ ନ କରି ସେ ପଥରର ପଛପଟକୁ ଯାଇ ଖାଲି ହାତରେ ଖୋଳିବାକୁ ଲାଗିଲା । ଘରକୁ ଯାଇ ଖୋଳିବା ଲାଗି କିଛି ହତିଆର ଆଣିଲେ କାଳେ ରଣଚଣ୍ଡୀ ତା ସ୍ତ୍ରୀର ନିଜ ଭାଙ୍ଗିଯିବ ସେଥିଲାଗି ଘରକୁ ଗଲା ନାହିଁ । ଏକା ନହସରେ ଖୋଳି ଯାଉଥାଏ । ହାତକୁ କଷ୍ଟ ହେଲେ ବି ଜଣା ପଡୁ ନ ଥାଏ । କିଛିବାଟ ଖୋଳିବା ପରେ ହାତକୁ ତା'ର ଗୋଟିଏ ଚମଡ଼ାଥଳି ଲାଗିଲା । ସମଗ୍ର ଦେହଟା ତା'ର ଶିହରି ଉଠିଲା । ଆଖି ଦୁଇଟି ବିସ୍ଫାରିତ ହୋଇଗଲା । ସେଇଟିକୁ ଉପରକୁ ଆଣି ଖୋଲିଦେବାରୁ ଜହ୍ନ ଆଲୁଅରେ ତା' ଭିତରଟା ଚକ୍ ଚକ୍ କରିଉଠିଲା । ଭିତରେ ଥିବା ଜିନିଷରୁ ହାତରେ ବାହାରକୁ କିଛି ଆଣି ଦେଖିଲା ଖାଲି ହୀରା, ନୀଳା, ମୋତି, ମାଣିକ୍ୟରେ ଥଳିଟି ପୂର୍ଣ୍ଣ । କାଏରୋର ବିଚାରପତି ନିର୍ବୋଧ କି ସେ ନିର୍ବୋଧ ମନେମନେ ଟିକିଏ ଭାବି ହସିଦେଲା । ଖୋଳିଥିବା ଗାତଟିକୁ ପୋତିଦେଇ ଥଳିଟିକୁ ଧରି ଘର ଆଡ଼କୁ ଆସିଲା । ଇଚ୍ଛା ହେଉଥାଏ ଆନନ୍ଦରେ ନାଚି ସ୍ତ୍ରୀ-ପିଲାଙ୍କୁ ଡାକି ସମସ୍ତଙ୍କୁ ଦେଖାଇବ । କିନ୍ତୁ କ'ଣ ଭାବିଲା ନିଜକୁ ପୁଣି ସଂଯତ କରିନେଲା । ଥଳିଟିକୁ ନିଜ ଛିଣ୍ଡା କୋଟ୍ ଭିତରେ ରଖି ଘର



ବାହାର ଅଗଣାରେ ଶୋଇ ପଡ଼ିଲା ।

''ତହିଁ ଆରଦିନ । ରାତିପାହି ସକାଳ ହେଲାଣି । ସୂର୍ଯ୍ୟ ଉଦୟ ନ ହେଲେ ବି ଚାରିଆଡ଼ ଫରଚା ଦେଖାଗଲାଣି । କାଉଗୁଡ଼ାକଙ୍କ କା' କା' ରାବ ସହିତ ଅନ୍ୟ ଚଢ଼େଇଗୁଡ଼ାକଙ୍କ ଚିଁ ଚାଁ ଶବ୍ଦରେ କାନ ଅତଡ଼ା ପଡ଼ିଲାଣି । କିନ୍ତୁ ଗରିବ ଲୋକଟିର ନିଦଭାଙ୍ଗି ନାହିଁ । ବହୁଦିନର ପଥଚଲା ପରିଶ୍ରମ ପରେ ପାହାନ୍ତିଆ ଥଣ୍ଡା ପବନରେ ଗାଢ଼ ନିଦ ହେଇ ଯାଇଚି । ସ୍ତ୍ରୀର କିନ୍ତୁ ନିଦ ଭାଙ୍ଗିଲାଣି । ବାହାରକୁ ଆସି ଦେଖେ ତ ସ୍ୱାମୀ ତା'ର ନିଘୋଡ଼ ନିଦରେ ଶୋଇଚି । ଏତେଦିନ ଧରି ନ କହି କୁଆଡ଼େ ଯାଇଥିବାରୁ ତା' ଉପରେ ରାଗି କରି ଥିଲା । ତା'ଛଡ଼ା ଖାଇବା ପିଇବାକୁ ନ ପାଇ ସେମାନେ ଏହା ଭିତରେ ବହୁତ ଦହଗଞ୍ଜ ହେଲେଣି । ରାଗ ସମ୍ଭାଳି ନ ପାରି ଛାଞ୍ଚୁଣିମୁଠା ଆଣି ଲଗାଇଲା ପାହାରେ । ଏକା ପାହାରକେ ସ୍ୱାମିଦେବଙ୍କର ମଧୁର ନିଦ କୁଆଡ଼େ ଛାଡ଼ି ପଳାଇବାକୁ ବାଟ ପାଇଲା ନାହିଁ । ସେ ଆଖି ମଳି ମଳି ଚାହିଁଲା । ଦେଖିଲା ସହଧର୍ମିଣୀ ତାଙ୍କର ଗର୍ଜନ ତର୍ଜନ ସହ ଛାଞ୍ଚୁଣିମୁଠା ଉଞ୍ଚାଇ ଛିଡ଼ା ହେଇଛନ୍ତି । ବାବାରେ ସେ କି ମୂର୍ତ୍ତି ! ତାକୁ ଦେଖି ଛାଞ୍ଚୁଣିମୁଠାରେ ଆଉ ଥରେ ତାଙ୍କ ଦେହକୁ ଝାଡ଼ି ଦେବା ପୂର୍ବରୁ ଧଡ଼ପଡ଼ ହୋଇ ଉଠି ବସିଲା । କିନ୍ତୁ ଥଳିଟି ପେଟ ପାଖରେ କୋଟ ଭିତରେ ଜାକି ଧରିବାକୁ ଭୁଲିଲା ନାହିଁ ।

''ମେଘ ଗର୍ଜନ ପରି କଣ୍ଠ ଶୁଣାଗଲା, 'କିରେ ଯୋଗିଣୀଖିଆ, ବାଡ଼ିପଡ଼ା, କୋଢ଼ିଆ, ଏତେଦିନଯାକେ କୁଆଡ଼େ ଯାଇଥିଲୁ ? କୁଆଡ଼େ ଗଲୁ ଟିକିଏ କହିକରି ଯାଇଥିଲେ କ'ଣ ପାଟି ଛିଣ୍ଡି ପଡୁଥିଲା ? ଘରେ ଆମେ ତିନିତିନିଟା ପ୍ରାଣୀ ଭୋକ-ଉପାସରେ ସଢୁଚୁ । ତୁ କ'ଣ କରୁଚୁନା ଫନ୍ଦିକାଟି କୁଆଡ଼େ ଆରାମରେ ବୁଲୁଛୁ । ଆଜି ତୋ ବୁଲିବାପଣିଆ ଛଡ଼େଇ ଦଉଚି ! ଆଗେ କହ କୁଆଡ଼େ ଯାଇଥିଲୁ ?'

''ଗରିବ ଲୋକଟି ମଥା ନୁଆଁଇ ଗୋଡ଼ ବୁଢ଼ା ଆଙ୍ଗୁଠିରେ ମାଟିରେ ଗାର ଟାଣି ଟାଣି ନମ୍ରଭାବରେ କହିଲା, 'କାଏରୋ ଯାଇଥିଲି ।'

''ସ୍ତ୍ରୀ ତା'ର ଆହୁରି ଖିଙ୍କାରି ହୋଇ ତା ମୁହଁ ପାଖକୁ ମୁହଁ ଲଗାଇ କହିଲା, 'କାଏରୋ ଯାଇଥିଲୁ ? କ'ଣ ସପନରେ ନା ସତରେ ?' 'ନାଇଁ ସତରେ ଯାଇଥିଲି ।' 'ତା ହେଲେ ତ ବହୁତ ଧନସମ୍ପଦ ପାଇଥିବୁ ! ଏଡ଼ିକି ମୂର୍ଖ ଅଲାଜୁକ ! ଆରେ ସପନ ଦେଖି କିଏ ଛୁଆପିଲାଙ୍କୁ ଛାଡ଼ି ଶହଶହ ମାଇଲ ଯାଏ ଗୁପ୍ତଧନ ପାଇବାକୁ ? ଛାଞ୍ଚୁଣି ମୁଠାରେ ଆଉ ଦି'ଚାରି ପାହାର ଖାଇଲେ ତୋର ଏ ସପନ ଦେଖା ଛାଡ଼ିଯିବ ।' ଏହା କହି ପୁଣି ବାଡ଼େଇବାକୁ ଛାଞ୍ଚୁଣି ଉଠାଇବାରୁ ଲୋକଟି କୋଟ୍ ଭିତରୁ ଥଳିଟି ବାହାର କରି ଦେଖାଇଲା । କହିଲା, 'ଦେଖ ମୋ ସ୍ୱପ୍ନ ମିଛ ନୁହେଁ । ମୁଁ ଯଦି ମୋ ସ୍ୱପ୍ନ ଉପରେ ବିଶ୍ୱାସ କରି ନ ଥା'ନ୍ତି ଆଜି ଏ ଧନ ଆମକୁ ମିଳି ନ ଥା'ନ୍ତା !'

''ସ୍ତ୍ରୀ ତା'ର ପ୍ରଥମେ ତା' ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ହାତରୁ ତା'ର ଛାଞ୍ଚୁଣିମୁଠା ଖସି ପଡ଼ିଲା । କହିଲା, 'ସତରେ କ'ଣ ତା' ଭିତରେ ଧନ ଅଛି ? ଦେଖେଇଲ, ଦେଖେଇଲ !' ଏହା କହି ଥଳିଟିକୁ ନେଇ ତା' ଭିତରକୁ ଚାହିଁ ଦେଇ ଜିଭ କାମୁଡ଼ି ପକେଇଲା । ତାକୁ ନେଇ ଘର କଣରେ ରଖିବାକୁ ତର ସହିଲା ନାହିଁ । ଥଳିଟିକୁ ଥୋଇ ଦେଇ ଆସି ସ୍ୱାମୀ ପାଦତଳେ ପଡ଼ି ଢେର କ୍ଷମା ମାଗିଲା, ଦୁଃଖକଲା, ସ୍ୱାମୀକୁ ଯେତିକି ଗାଳି ଦେଇଥିଲା ନିଜକୁ ତା'ଠାରୁ ବେଶୀ କଟୁ ଭାଷାରେ ଗାଳିଦେଲା । ନିଜର ମରଣ ହୋଇଯାଉ ବୋଲି ତିନି ଚାରିଥର ମଧ୍ୟ କହିଲା । ଶେଷକୁ ସ୍ୱାମୀକୁ ଘର ଭିତରକୁ ପାଛୋଟି ନେଇ ତା' ଛିଣ୍ଡା କୋଟ ଖୋଲିଦେଇ ଦେହ ମୁଣ୍ଡରେ ଉତ୍ତମରୂପେ ତେଲ ମାଲିସ୍ କରି କୂଅମୂଳେ କାଠ ପିଢ଼ାରେ ବସାଇ ଉତ୍ତମରୂପେ ସ୍ନାନ କରାଇ ଦେଲା । ଗରିବ ଲୋକଟି ଖାଲି ଠାକୁରଟିଏ ଭଳି ବସି ସବୁ ସେବାପୂଜା ଗ୍ରହଣ କରୁଥାଏ । ଧନସଂପଦ ଅପେକ୍ଷା ଏ ଆଦର ଯତ୍ନ ଯେପରି ତାକୁ ନୂଆ ଜୀବନ ଦେବାପରି ଲାଗିଲା । ଏବେ ଆଉ ସେ ଲୋକଟିକୁ ସେ ଭଙ୍ଗାଘରେ ଦେଖିବାକୁ ମିଳେ ନାହିଁ । ବାଗ୍‌ଦାଦ୍ ସହର ଭିତରେ ଏକ ବିରାଟ ଅଟ୍ଟାଳିକାରେ ସେମାନେ ରହନ୍ତି । ସହରର ସବୁଠାରୁ ଧନୀ ବ୍ୟକ୍ତି ବୋଲି



ସମ୍ମାନ ପାଆନ୍ତି । କେତେ ଆଡ଼େ କେତେ ବ୍ୟବସାୟ ମାଡ଼ି ଗଲାଣି । ଘରେ ଚାକର-ଚାକରାଣୀ ଖାଲି ଖଇ ଫୁଟୁଛନ୍ତି । କିନ୍ତୁ ବାବୁଆଣୀ ବାବୁଙ୍କ ସେବା ନିଜେ କରନ୍ତି । କହନ୍ତି, 'ପତି ପତ୍ନୀର ସାକ୍ଷାତ୍ ଦେବତା ।'

''ଗପଟି ଶୁଣି ଗରିବ ଲୋକଟି ଧନୀ ହେଲା କି ତା'ର ସ୍ତ୍ରୀର ଆଚରଣ ବଦଳିଗଲା ସେଥିରେ ଆମକୁ କ'ଣ କିଛି ମିଳିଲା ? କିନ୍ତୁ ଆମକୁ ମଧ୍ୟ କିଛି ମିଳିଛି । ଆମକୁ ଯାହା ମିଳିଛି ତାହା ତା'ର ଧନ-ସଂପଦଠାରୁ ବହୁତ ମୂଲ୍ୟବାନ, ବହୁତ ମହାନ୍ ! କହିପାରିବୁ କ'ଣ ଆମକୁ ମିଳିଲା ?''

''ମତେ ଗପଟି ଶୁଣି ବହୁତ ଖୁସି ଲାଗିଲା ଆଉ ଠିକ୍ ଭାବରେ ବିଶ୍ୱାସ ରଖିଲେ ଶେଷରେ କିପରି ତାହା ସତ ହୁଏ – ଏଇଆ ଜାଣିଲି ।'' କହିଲା ଅନୁରକ୍ତା ।

''ଠିକ୍ କହିଛୁ ! ସେଇହିଁ ଆମ ପାଇଁ ଅମୂଲ୍ୟ ସଂପଦ । ଏଇ ବିଶ୍ୱାସ ବଳରେ ଖାଲି ସାଂସାରିକ ଧନ ନୁହଁ ମହାନ୍ ଧନ ଭଗବାନ ବି ମିଳି ଥାଆନ୍ତି । ସେଇଥିପାଇଁ ମା କହିଛନ୍ତି :

'You must watch your faith as one watches the cradle of an infinitely precious life and you must protect it with great care from everything that might alter it.'

'ଅନନ୍ତ ଗୁଣେ ମୂଲ୍ୟବାନ ଏକ ଜୀବନର ଦୋଳିକୁ ଯେପରି ଜଣେ ସତର୍କତାର ସହ ନଜର ରଖିଥାଏ, ସେହିପରି ତୁମକୁ ତୁମ ବିଶ୍ୱାସ ପ୍ରତି ନଜର ରଖିବାକୁ ହେବ । ଏହି ବିଶ୍ୱାସକୁ ଯାହାକିଛି ଏପାଖ ସେପାଖ କରିବାର ସମ୍ଭାବନା ରହିଛି ସେସବୁଥିରୁ ଏହାକୁ ବିରାଟ ଯତ୍ନର ସହ ସୁରକ୍ଷିତ କରି ରଖିବାକୁ ହେବ ।'

# କଙ୍କଡ଼ାବିଛା ନା ସୁନାମୋହର

## (୯)

''ଆଚ୍ଛା ଚିନୁଭାଇ, ତୁମେ ଜାଣିଛ ଆମ ସାଇ ଭଗିଆ ଅଜାର ସ୍ତ୍ରୀ ରାଧୀ ଆଇ ଅନେକ ଦିନ ହେଲାଣି ବେମାର ପଡ଼ିଛି । ଭଗିଆ ଅଜା ତାକୁ ଗାଁ କବିରାଜଙ୍କଠାରୁ ଆଣି ଔଷଧ ଦେଉଛି । ସେଥିରେ ଜମା ଭଲ ହେଉ ନାହିଁ । ସାଇ ଲୋକମାନେ କେତେ କିଏ କହିଲେଣି ତାକୁ କଟକ ବଡ଼ ଡାକ୍ତରଖାନାକୁ ନେଇ ଯିବାକୁ; ତା' ପୁଅମାନେ ବି କେତେଥର ବାହାରିଲେଣି ବୋଉକୁ ବଡ଼ ଡାକ୍ତର ଖାନାକୁ ନେଇ ଯିବାକୁ । କିନ୍ତୁ ବୁଢ଼ା କେଉଁଥିରେ ରାଜି ହେଉ ନାହିଁ । ସବୁବେଳେ ଖାଲି ବେପରୁଆ ହୋଇ କହୁଛି, 'ରଖେ ହରି ମାରେ କିଏ ? ଆଉ, ମାରେ ହରି ରଖେ କିଏ ?' ତାକୁ ଯେତେ ଯିଏ ବୁଝାଉଛନ୍ତି ଯେ କବିରାଜଙ୍କଠାରୁ ଏତେ ଔଷଧ ଖାଇଲଣି ତ ଭଲ ହେଉ ନାହିଁ, ଆଉ ଏହି ଔଷଧରେ ଭଲ ହେବ ବୋଲି କେମିତି ବୁଢ଼ୀଟାକୁ ଏଠି ପକେଇ ରଖିଛୁ । କାହାରି କଥା ସିଏ ଶୁଣୁନାହିଁ, କହୁଛି, 'କେତେ ରୋଗରେ ପଡ଼ି ସେଇ କବିରାଜଠାରୁ ଔଷଧ ଖାଇ ଭଲ ହୋଇଯାଇଛି । ଆଜି କାହିଁକି ଭଲ ହେଉ ନାହିଁ ? ଔଷଧରେ ଯଦି ଭଲ ହୋଇ ଯାଉଥାଆନ୍ତା ତେବେ ଆଜି ତା' ଔଷଧ କାଟୁ କରୁ ନାହିଁ କାହିଁକି ? ତୁମେ କ'ଣ ସବୁ ପାଗଳ ହେଲ ! ଔଷଧରେ କ'ଣ କେବେ ରୋଗ ଭଲ ହୁଏ ? ସବୁ ସେଇ ହରିଙ୍କ କୃପା । ଔଷଧ ଖାଲି ବାଆକୁ ବତା । ବୁଢ଼ୀର ଯଦି ଭଲ ହେବାର ଥିବ, ଦେଖିବ ସେଇ କବିରାଜ ଔଷଧରେ ଝାଡ଼ିଝୁଡ଼ି ହୋଇ ପୁଣି ଉଠି ବସିବ । ଯଦି ଭଲ ନ ହେବାର ଥିବ ତେବେ କଟକ ବଡ଼ ଡାକ୍ତର ଖାନା କ'ଣ ଆମ୍ରିକାକୁ (ବୁଢ଼ା କେଉଁଠୁ ଆମେରିକା ନାଁ ଶୁଣିଛି) ନେଲେ ତ ଭଲ ହେବ ନାହିଁ । ଖାଲି ଯମ



ନେବା ଆଗରୁ ଏଠି ଗୁଡ଼ାଏ ଯମଦଣ୍ଡ ଦବା ସାର ହେବ ।'

''ଲୋକମାନେ ଯେତେବେଳେ କହୁଛନ୍ତି, 'ତେବେ ଆମର ତ ଚେଷ୍ଟା କରିବା କଥା । ହରି ଭଲ କରିଦେବେ ବୋଲି କ'ଣ ଚୁପ୍‌ଚାପ୍ ବସିବା ! ଲୋକମାନଙ୍କର ଏ କଥାରେ ବୁଢ଼ା କହେ, 'ମୁଁ କ'ଣ ଚେରେଷ୍ଟା କରୁ ନାହିଁ ? ବୁଢ଼ୀକି ଔଷଧ ଦଉ ନାହିଁ ନା କବିରାଜ କହିବା ଅନୁଯାୟୀ ପଥି ଦେଉ ନାହିଁ ? ଆଉ ବୋହୂମାନେ ତ ତା'ର ସେବା କରୁଛନ୍ତି । କେଉଁ କଥାରେ ଚେରେଷ୍ଟା ଊଣା ଅଛି ?' ସେ ବୁଢ଼ୀଟା ବି ସେମିତି, ବୁଢ଼ା କଥାରେ ଏକମତ । ପୁଅମାନେ ଯେତେ କହୁଛନ୍ତି ବଡ଼ ଡାକ୍ତରଖାନାକୁ ନେଇଯିବେ ସିଏ ଜମା ରାଜି ହେଉ ନାହିଁ । କହୁଛି, 'ମଲେ ପଛେ ଏଇଠି ଶାନ୍ତିରେ ମରିବି, ମୋତେ ଏଣେତେଣେ କୁଆଡ଼େ ଘୋଷରାଓଟରା କରନା । ମୋର ବଅସବେଳେ ଏଇ କବିରାଜ ଠଉଁ କେତେ ବେମାରୀରେ କେତେ ଔଷଧ ଖାଇ ଭଲ ହୋଇଛି । ଆଜି ତା' ଦୋଷ ଦେବି କାହିଁକି ? ଏଇଛିଣା ତ ମୋର ବୟସ ହୋଇଗଲାଣି, ଆଉ ସେତେବେଳ ଭଳି ମୋର ବଞ୍ଚିବାରେ ମୋହ ନାହିଁ । ସେଇଥି ପାଇଁ ଔଷଧ କାଟୁ କରୁ ନ ଥିବ । ଭଗବାନ ଯଦି ଚାହିଁବେ ତ ଭଲକରି ମୋତେ ପୁଣି ବଞ୍ଚେଇ ରଖିବେ, ନଇଲେ ଏ ଔଷଧ ଆଉ ମୋତେ ବଞ୍ଚେଇ ପାରିବ ନାହିଁ ।'

''ବୁଢ଼ୀ ଯୋଉଠୁ ନିଜେ ଏକଥା କହୁଛି, ଆଉ କିଏ କ'ଣ କରିବ ? ବୁଢ଼ା ତ ଏକଥା ଶୁଣି ଆହୁରି ବେପରୁଆ ହୋଇ ତା' କାମଧନ୍ଦାରେ ଲାଗିଛି । ସଞ୍ଜବୁଡ଼େ ଦାଣ୍ଡପିଣ୍ଡାରେ ବସି ହରିଭଜନ ଲଥେଇ ଦେଉଛି । ସାଇ ଲୋକମାନେ କିନ୍ତୁ କହୁଛନ୍ତି ବୁଢ଼ାଟା ବହୁତ କାମ୍ପି । ଟଙ୍କା ଖର୍ଚ୍ଚ ହୋଇଯିବ ବୋଲି ବୁଢ଼ୀଟାକୁ ଘରେ ପକେଇ ରୋଗ ଭୋଗଉଛି । ସତରେ କ'ଣ ଭଗିଆ ଅଜାଟା କାମ୍ପି ? ଟଙ୍କାଖର୍ଚ୍ଚ ଭୟରେ ରାଧୀ ଆଇକୁ ବଡ଼ ଡାକ୍ତରଖାନାକୁ ନଉ ନାହିଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ନାହିଁ, ନାହିଁ, ଭଗିଆ ଅଜା କାହିଁକି କାମ୍ପି ହେବ, ସିଏ ଠିକ୍

ବୁଝିଛି । ତା'ର ସରଳ, ମୂର୍ଖ ମନରେ ସିଏ ଯାହା ବୁଝିଛି ବଡ଼ ବଡ଼ ପାଠୁଆ ଲୋକଙ୍କ ମୁଣ୍ଡରେ ବି ସେ କଥା ପଶିବ ନାହିଁ । ପଶିଲେ ବି ସେମାନେ ତା' ଭଳି ସମ୍ଭାଳି ହୋଇ ରହି ପାରିବେ ନାହିଁ । ବୁଢ଼ୀକୁ ସେ ଠିକ୍ ଭଲ ପାଏ, ଆଉ ବୁଢ଼ୀର ବି ବୁଢ଼ା ଆଚରଣ ଓ ମନୋଭାବ ଉପରେ ଗଭୀର ଆସ୍ଥା ଅଛି । ବୁଢ଼ାର ଟଙ୍କା ଲୋଭରେ ଯେ ତା'ର ଯତ୍ନ ନେବାରେ ହେଳା କରୁଛି ଏକଥା ସେ ଅନୁଭବ କରେ ନାହିଁ । ବରଂ ବୁଢ଼ାର ପରାମର୍ଶ ଉପରେ ନିଜର ଦାୟିତ୍ୱ ଛାଡ଼ିଦେଇ ସେ ନିଶ୍ଚିନ୍ତ ଓ ଶାନ୍ତିରେ ଅଛି । ବାହାର ଲୋକ କିଏ କେତେ କଥା କହନ୍ତି । ତାଙ୍କ ମୁହଁରେ କ'ଣ କିଏ ବାଡ଼ ବତା ଦବ ?

''ସତରେ କ'ଣ ଟଙ୍କା ଗୁଡ଼ାଏ ଖର୍ଚ୍ଚ କରି ତଥାକଥିତ ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଲେ ସବୁ ବେମାରୀ ଭଲ ହୋଇଯାଏ ? ତା'ହେଲେ ତ ବଡ଼ ଲୋକଗୁଡ଼ାକ ସବୁ ଅମର ହୋଇଯାଆନ୍ତେ । ତୁ କ'ଣ ଜାଣିନୁ ଏଇ ଚାରିବର୍ଷ ତଳେ ଆମ ଗାଁର ସୁନାକର ସାଉ ତା'ର ଭେଣ୍ଡିଆ ପୁଅଟା ଲାଗି କେତେ ଟଙ୍କା ଖର୍ଚ୍ଚ କଲା ! ପାଣିସୁଅ ଭଳି ଖାଲି ଡାକ୍ତର କବିରାଜଙ୍କ ପାଖକୁ ଟଙ୍କାର ସୁଅ ଛୁଟିଲା । କଟକ, ଦିଲ୍ଲୀ, ଭେଲୋର କେତେ କୁଆଡ଼େ ପୁଅକୁ ନେଇ ବୁଲିଲା । କାହିଁ କୋଉଥିରେ ପୁଅ ତା'ର ଭଲ ହେଲା ? ଭଲ ହେବା ତ ଦୂରର କଥା, କେହି ବେମାରିଟା କ'ଣ ବୋଲି ଚିହ୍ନି ପାରିଲେ ନାହିଁ । ସବୁ ବଡ଼ ବଡ଼ ସ୍ପେସିଆଲିଷ୍ଟ ଅଲଗା ଅଲଗା ମତ ଦେଲେ । ଶେଷକୁ ବୁଢ଼ା ବସିଛି, ତା ଆଗରେ ତା' ଭେଣ୍ଡିଆ ପୁଅଟା ମଲା । ଆଉ ରାଧୀ ଆଈ ତ ବୁଢ଼ୀ ହେଲାଣି । ଭଗିଆ ଅଜା ତା' ମୂର୍ଖ ମନରେ ଠିକ୍ ବୁଝିଛି । ସେ ଏକବାଗିଆ ଲୋକ । ତା' ମନକୁ କେହି ବଦଳେଇ ଦେଇ ପାରିବେ ନାହିଁ । ସେ ଠିକ୍ ବୁଝିଛି – ଓଷଧ-ମୋଷଦୀ ବ୍ୟବସ୍ଥା ଆମ ସଖ୍ୟ ଅନୁଯାୟୀ ଆମେ କରିପାରୁ; କିନ୍ତୁ ରୋଗ ଭଲ ହେବା ନିର୍ଭର କରେ ସବୁଠାରୁ ବଡ଼ ଡାକ୍ତର ଭଗବାନଙ୍କ କୃପା ଉପରେ । ରୋଗୀ ଯଦି ଭଲ ହୋଇଯିବା ଲାଗି ଦୃଢ଼ ଇଚ୍ଛା କରି ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରେ ତେବେ ଅସାଧ ରୋଗ ଅଚାନକ ଭାବରେ



କୁଆଡ଼େ ଛାଡ଼ି ପଳାଏ ।

''ଭଗିଆ ଅଜାର ବିଶ୍ୱାସ ସରଳ, ସ୍ୱତଃସ୍ଫୂର୍ତ୍ତ । ସେ କିଛି ଭାବିଚିନ୍ତି ଏ ବିଶ୍ୱାସ ସ୍ଥାପନ କରି ନାହିଁ । ସେଇ ବିଶ୍ୱାସ ଯୋଗୁ ସମସ୍ତେ ବ୍ୟସ୍ତ ହେଉଥିଲେ ବି ସେ ଆଉ ବୁଢ଼ୀ ଆରାମରେ ନିଶ୍ଚିନ୍ତ ଅଛନ୍ତି । ଏପରି ବିଶ୍ୱାସ ସିଧାସଳଖ ଆତ୍ମାରୁ ଆସିଥାଏ । ତାକୁ କିଛି, ଏପରିକି ମୃତ୍ୟୁ ବି ଦୋହଲାଇ ଦେଇ ପାରେ ନାହିଁ । ସେଇଥିପାଇଁ ମା' କହିଛନ୍ତି : 'Faith is the movement of the soul whose knowledge is spontaneous and direct.' 'ବିଶ୍ୱାସ ହେଉଛି ଆତ୍ମାର ଏକ ଆଚରଣ ଯାହାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଓ ସିଧାସଳଖ ।'

''ଶୁଣିବୁ ଗୋଟାଏ କଥା, ଏଇ ଭଗିଆ ଅଜା ଭଳି ଜଣେ ଗାଉଁଲୀ ମୂର୍ଖ ଲୋକର ଭଗବାନଙ୍କ ଉପରେ ବିଶ୍ୱାସର କଥା ?'' ପଚାରିଲା ଚିନ୍ମୟ ଅନୁରକ୍ତାକୁ ।

ଅନୁରକ୍ତା କି ଏ ସୁଯୋଗ ଛାଡ଼େ । ସଙ୍ଗେ ସଙ୍ଗେ ବାଘ ତା' ଶିକାର ଉପରକୁ କୁଦି ପଡ଼ିଲା ପରି କହିଲା, 'ହଁ, ହଁ, କୁହ' ।

''ତେବେ ଶୁଣ । ଆମରି ଗାଁ ପରି ଗାଁଟିଏ । କିନ୍ତୁ ଏପରି ରାସ୍ତାପାଖିଆ ସମତଳ ଜାଗାରେ ନୁହେଁ । ପାହାଡ଼ିଆ ମାଳ ଅଞ୍ଚଳରେ । ସେ ଗାଁରେ ଜଣେ କାଠୁରିଆ ଥାଏ । ନିତି ସେ ଜଙ୍ଗଲକୁ ଯାଏ କାଠ ଆଣିବାକୁ । ଯାହା କାଠ ଆଣେ ତାକୁ ବିକି ଯାହା ଦି ପଇସା ପାଏ ସେଥିରେ ଆନନ୍ଦରେ ତା'ର ସଂସାର ଚଳାଏ । କାହାରି ପ୍ରତି ହିଂସା ନାହିଁ । କାହାକୁ ଠକି ଦି ପଇସା ମାରି ଆଣିବା ତା' ଜୀବନରେ କେବେ ଘଟି ନାହିଁ । ବରଂ ତା'ର ଅଭାବ ଅବସ୍ଥାରେ ସେ ପାରିଲେ ଅନ୍ୟକୁ ସାହାଯ୍ୟ କରିଥାଏ । ସେଥିପାଇଁ ସେ କାହାରିଠାରୁ କିଛି ପ୍ରତିଦାନ ଚାହିଁ ନ ଥାଏ । ସବୁବେଳେ କହେ ଭଗବାନ ଉପରେ ରହି, ଭିତରେ ରହି ସବୁ କରୁଛନ୍ତି, ସବୁ କରାଉଛନ୍ତି । ଆମେ ଯାହା କରୁଛୁ ବୋଲି ଭାବୁଛୁନା ଖାଲି ତୁଚ୍ଛା ମିଛ । ମଲା କଙ୍କଡ଼ାଟାଏ ନେଉଟାଇବାର ଯୁ ଆମର ନାହିଁ । ଏଇ ଦେଖ, ଯେତେ ଗଛବୃଛ, ପାହାଡ଼ ପର୍ବତ, ଫଳ

ଫୁଲ, ଝରଣା, ଜୀବଜନ୍ତୁ, ପଶୁପକ୍ଷୀ ଦେଖୁଛ ସବୁ ସିଏ ଦେଇଛନ୍ତି । ମାଟି, ପାଣି, ପବନ, ଆଲୁଅ ସବୁ ସେଇ ସର୍ଜନା କରିଛନ୍ତି । ଆମେ ତାଙ୍କରି ଯୋଗୁ ବଞ୍ଚି ରହିଛେ । ସେ ଇଚ୍ଛା ନ କଲେ ଆମେ ଦଣ୍ଡେ ବଞ୍ଚି ପାରିବା ନାହିଁ । ଆମର ବିପଦ, ଆପଦ, ସୁଖ, ଦୁଃଖରେ ସବୁବେଳେ ସେ ଛାଇପରି ଆମ ପାଖେ ପାଖେ ଅଛନ୍ତି । ସାହାଯ୍ୟ ମାଗିଲେ, ଡାକିଲେ ଆମ ପାଇଁ ଯାହା ଭଲ ତାହା ସଙ୍ଗେ ସଙ୍ଗେ କରୁଛନ୍ତି ।

''ଗାଁର ଅନ୍ୟ ଲୋକମାନେ କିନ୍ତୁ ତା' କଥାରେ ବିଶ୍ୱାସ କରନ୍ତି ନାହିଁ । କିଏ କିଏ ଭାବନ୍ତି ସିଏ ପାଗଳ । କିଏ କିଏ କହନ୍ତି ମୂର୍ଖଟା ଯାହା ବୁଝିଛି ସେଇଆ । କିଏ କିଏ କହନ୍ତି ଅବଶ୍ୟ ଭଗବାନ ଅଛନ୍ତି, କିନ୍ତୁ ଏତେ ପରିମାଣରେ ତାଙ୍କ ଉପରେ ନିର୍ଭରଶୀଳ ହେବାଟା ବୋକାମି ନୁହଁ ? ଖାଲି ଡାକି ଦେଉଦେଉ ଭଗବାନ ଚାଲି ଆସିବେ ? ଭଗବାନ କ'ଣ ତା' ଓଳିତଳେ ବସିଛନ୍ତି ନା କ'ଣ ? କିଏ କିଏ କହନ୍ତି ସେ କେବେ ବିପଦରେ କି ଅସୁବିଧାରେ ପଡ଼ି ନାହିଁ ତ, ସେଇଥି ପାଇଁ ବାହାଦୁରୀ ଦେଖଉଛି । ଥରେ ପଡ଼ିଗଲେ ଭଗବାନ ଫଗବାନ ଛାଡ଼ିଯିବ ଯେ ।

''କାଠୁରିଆଟି କାହାରି କଥା ଶୁଣେ ନାହିଁ । ସିଏ ତା'ର ଭଗବାନଙ୍କ ବିଶ୍ୱାସରେ ମସଗୁଲ ହୋଇ ଥାଏ । ମୁହଁରେ ତା'ର ଖାଲି ଭଗବାନଙ୍କ ନାମ ଓ ମହିମା କୀର୍ତ୍ତନ । ବେପରୁଆ ନିଶ୍ଚିନ୍ତ ଜୀବନ ତା'ର ସୁଖରେ କଟିଯାଉଥାଏ । ଥରେ କ'ଣ ହୋଇଛିନା ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲା । ଦେଖିଲା ଗୋଟିଏ ବୁଦା ଭିତରେ ଗୋଟିଏ ଗରା ଥୁଆ ହୋଇଛି । ବୁଦା ଆଡ଼େଇ ଦେଖିଲା ଗରା ଭିତରେ ସୁନା-ରୂପାର ମୋହର ଭର୍ତ୍ତି ହୋଇଛି । ମୁହୂର୍ତ୍ତକ ପାଇଁ ତା' ଭିତରେ ଲୋଭର ବିଜୁଳି ଖେଳିଗଲା । ଚକ୍ଷୁ ବିସ୍ଫାରିତ ହୋଇଗଲା । ମନ ଅଜଣା ପୁଲକରେ ଭରି ଉଠିଲା । କିନ୍ତୁ ତା' ଚେତନାର ଆଉ ଗୋଟିଏ ଅଂଶରୁ ଓଲଟା ଭାବଟାଏ ସଙ୍ଗେ ସଙ୍ଗେ ଉଠି ଏସବୁ ଭାବର ନିଆଁ ଉପରେ ପାଣି ପକାଇ ଦେଲା । ତା' ଭିତରର ସବୁ ଉନ୍ମାଦନା କୁଆଡ଼େ ଥପ୍‌କରି



ଲିଭିଗଲା । ସେ ଭାବିଲା କିଏ ଯାକୁ କାଳେ ଛାଡ଼ିଯାଇଥିବ, କି ଚୋରିଜିନିଷ ହୋଇଥିବ, ଯାକୁ ମୁଁ ନେବି ନାହିଁ । ପୁଣି ତା' ଭିତରୁ ନିଭିଲା ପାଉଁଶ ଭିତରୁ ଟିକିଏ ନିଆଁ ଜଳି ଉଠି କହିଲା, 'ବୋକା ନା କ'ଣ ? ଏପରି ପାଇଲା ଧନ ଛାଡ଼ି ଯାଆନ୍ତି ?' କିନ୍ତୁ ତା' ଭିତରର ଅନ୍ୟ ଅଂଶଟି କହିଲା, 'ଏ ଧନ ଯଦି ମୋ ପାଇଁ ହୋଇଥିବ ତେବେ ଭଗବାନ ମୋତେ ଯେପରି ହେଲେ ଦିଆଇବେ । ଯଦି ମୋ ପାଇଁ ନ ହୋଇଥିବ ମୁଁ ନେଲେ କ'ଣ ମୋତେ ପ୍ରାପତ ହେବ ? ଓଲଟି ବିପଦରେ ପଡ଼ିପାରେ ।' ପାଉଁଶ ଭିତରର ନିଆଁ ପୁଣି ପାଉଁଶ ଭିତରେ ପଶିଗଲା । କାଠୁରିଆ ତା'ର କାଠଗୋଛା ଧରି ସବୁଦିନ ଭଳି ଘରକୁ ଫେରିଲା । ଚେହେରାରେ ତା'ର ସେମିତି ବେପରୁଆ ଭାବ । ମୁହଁରେ ଭଗବାନଙ୍କ ନାମକୀର୍ତ୍ତନ । ଘରକୁ ଆସିବା ପରେ ଗାଁର ସବୁ କେତେକ ଲୋକ ତା'ଠାରୁ ସେଇ ସୁନାରୂପା ମୋହର-ପୂର୍ଣ୍ଣ ଗରା କଥା ଶୁଣିଲେ । କହିଲେ 'ନେଇ ଆସିଲୁ ନାହିଁ ?' କାଠୁରିଆ କହିଲା, 'ମୁଁ କାହିଁକି ଆଣିବି ? କାହାର ନାଇଁ କାହାର ହୋଇଥିବ ! ମୋର ହେଲେ ଭଗବାନ ମୋତେ ଯେମିତି ହେଲେ ଦେବେ ।' ସମସ୍ତେ ତାକୁ ମୂର୍ଖ ବୋଲି ଭାବିଲେ । ରାତି ହେଲାରୁ ଯିଏ ସବୁ ଏକଥା ଶୁଣିଥିଲେ ଦଳବାନ୍ଧି ଜଙ୍ଗଲକୁ ଗଲେ । ଦେଖିଲା ବେଳକୁ ସତରେ ସେ କହିଥିବା ବୁଦା ଭିତରେ ଗରାଟିଏ ଅଛି । ପାଖକୁ ଯାଇ ତା' ଭିତରକୁ ଆଲୁଅ ପକାଇଲାବେଳକୁ ଯାହା ଦେଖିଲେ ଭୟରେ ସେମାନଙ୍କ ଛାତି ଥରି ଉଠିଲା ।''

''କ'ଣ ଦେଖିଲେ କି ତା' ଭିତରେ ?'' ପଚାରିଲା ଅନୁରକ୍ତା ।

''ଦେଖିଲେ ବିରାଟ ବିରାଟ କଳା ମଚମଚ ଭୟଙ୍କର କଙ୍କଡ଼ା ବିଛାରେ ଗରାଟି ଭର୍ତ୍ତି । ଭାବିଲେ, 'ପାଜି, ବଦମାସ୍ ! କେଡ଼େ ମିଛୁଆଟାଏ ! ଆଚ୍ଛା ତାକୁ ପାନେ ଦବା । କହୁଥିଲା ତ ତା' ଧନ ହୋଇଥିଲେ ଭଗବାନ ତାକୁ ଯେମିତି ହେଲେ ଦିଆଇବେ । ଠିକ୍ ଅଛି ଏଥର ଭଗବାନଙ୍କଠାରୁ ଧନ ପାଇବ । ସବୁଦିନ ପାଇଁ ମନେ କରୁଥିବ ।' ଯା କହି ସେମାନେ ଗରାର ମୁଖ

ବନ୍ଦକରି ତାକୁନେଇ ଗାଁକୁ ଗଲେ । ଗାଁକୁ ଯାଇ କାଠୁରିଆ କୁଡ଼ିଆ ଉପରେ ଚଢ଼ି ସେ ଯେଉଁ ଜାଗାରେ ଶୋଇଥିଲା ସେଇ ଜାଗାରେ ଚାଳରେ କଣା କରି ଗରା ମୁହଁକୁ ଖୋଲି ଅଜାଡ଼ି ଦେଲେ । ଦେହ ଉପରେ କ'ଣ ଗୁଡ଼ାଏ ପଡ଼ିବାରୁ କାଠୁରିଆର ନିଦ ଭାଙ୍ଗିଗଲା । ଡିବିରି ଜଳେଇ ଯାହା ଦେଖିଲା ସେଥିରେ ତା' ଆଖି ଖୋସି ହୋଇଗଲା । ଦେଖିଲା ତା' ବିଛଣାରେ ଖାଲି ସୁନା-ରୂପା ମୋହର ଭର୍ତ୍ତି ହୋଇଛି । କିଛି ବୁଝିପାରିଲା ନାହିଁ । ଭାବିଲା ଜଙ୍ଗଲରେ ସେ ଯେଉଁ ସୁନା-ରୂପାର ମୋହର ଛାଡ଼ିଆସିଥିଲା, ଭଗବାନ ବୋଧେ ସେଇଆକୁ ତାକୁ ଆଣି ଦେଲେ । ସମସ୍ତଙ୍କୁ ଡାକି ଉଠାଇଲା । ସ୍ତ୍ରୀ-ପିଲା ତା'ର ଗୋଟାଇବାରେ ଲାଗିଲେ । ସିଏ ଖାଲି ଆଖି ବୁଜି ବସି ଭଗବାନଙ୍କ ପ୍ରେମରେ ଭୋଳ ହୋଇଗଲା । ତା' ଭିତରେ ତା' ମନକୁ ଆସୁଥାଏ କିପରି ସେ ଧନକୁ ତା'ର ଟିକି ଗାଁର ଉନ୍ନତିରେ ଲଗାଇବ । ଚାହୁଁ ଚାହୁଁ ରାତି ପାହିଗଲା । ପାହାଡ଼ିଆ ଗାଁରେ ସକାଳ ହେଲା । କୁଡ଼ିଆ ଘରର ଚାଳ ଉପରେ କାଉମାନେ କା' କା' ରାବିଲେ । ଗଞ୍ଜାଗୁଡ଼ାକ ବେକମୂଳ ଲୋମ ଫୁଲାଇ, ମୁକୁଟ ଠିଆକରି, କଣ୍ଠ ଥରାଇ ଡାକିଲେ, 'ଚକ୍‌କରଧର ରଖିଖ' । ଗଛପତ୍ର ଫାଙ୍କରୁ ସକାଳର ସୁନେଲୀ ସୂର୍ଯ୍ୟ କିରଣ ଚକ୍ ଚକ୍ କରି ଉଠିଲା । ମାଇପିଲୋକମାନେ ବାସନ କୁସନ ଆଣି ମାଜିବାକୁ ବସିଗଲେଣି । କିଏ କିଏ ଅଗଣା ଝାଡୁ ଦେଉଛନ୍ତି । ମିଣିପମାନେ ଆଖି ମଳି ମଳି ଉଠି ଯାହା ଦେଖିଲେ ସେଥିରେ ତାଙ୍କର ଆଖି ତାଳୁରେ ଖୋସି ହୋଇଗଲା । ଗରା ଭିତରେ ବିଛା ଦେଖି ଯେତିକି ଆଶ୍ଚର୍ଯ୍ୟ ହୋଇ ନ ଥିଲେ, ତା' ଅପେକ୍ଷା ବେଶୀ ଆଶ୍ଚର୍ଯ୍ୟ ହୋଇଗଲେ ।''

''କ'ଣ ଦେଖିଲେ ?'' ଅନୁରକ୍ତା ବିସ୍ମୟ ସହକାରେ ପଚାରିଲା ।

''ଦେଖିଲେ, କଙ୍କଡ଼ା ବିଛା ଦଂଶନରେ କାଠୁରିଆଟି ନମରି ପୂର୍ବଅପେକ୍ଷା ଆହୁରି ଆନନ୍ଦରେ କାନ୍ଧରେ ଟାଙ୍ଗିଆ ପକାଇ, ମନ ଫୁଲାଣିଆ ଭଜନ ଗାଇ ଗାଇ ଜଙ୍ଗଲ ଭିତରକୁ ସାପଟିଏ ଭଳି ଚାଲିଯାଇଥିବା ସରୁ ବାଟ ଦେଇ ବେପରୁଆ ଭାବରେ ଚାଲିଛି । ତାକୁ ଚାହିଁଲେ ତା'ର ପ୍ରତିଟି



ଗତିଛନ୍ଦରେ ଯେପରି ଫୁଟିଉଠୁଛି ମା'ଙ୍କର ସେଇ ବାଣୀ : 'Very few are those who can stand firm on the rock of their faith and trust in the Divine.'

'ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଭଗବାନଙ୍କ ପ୍ରତି ସେମାନଙ୍କ ବିଶ୍ୱାସ ଓ ଭରସାର ପ୍ରସ୍ତର ଉପରେ ଦୃଢ଼ତାର ସହ ଦଣ୍ଡାୟମାନ ହୋଇପାରନ୍ତି ।'

# ସ୍ୱପ୍ନ-କଇଁ

## (୧୦)

''ଚିନୁ ଭାଇ, ତୁମେ ତ ଆମ ଗାଁ ପାଇକ ପଡ଼ାର ସେ ବୈରାଗୀ ଦାଦାକୁ ଜାଣିଛ, ଯିଏ ଗାଁରେସବୁ ଥିଏଟର ଫିଏଟର କରାଏ, ବେଳେ ବେଳେ ଗାଁ ପିଲାଙ୍କୁ ଧରି ଗାଁ ଦାଣ୍ଡ ସବୁ ପରିଷ୍କାର କରେ ।'' ପଚାରିଲା ଅନୁରକ୍ତା ତା ଭାଇ ଚିନ୍ମୟକୁ ।

''ହଁ, ଜାଣିଛି । କ'ଣ ହେଲା ?'' କହିଲା ଚିନ୍ମୟ ।

''ସିଏ ନା, ଏବେ ଚାହୁଁଥିଲା ଗାଁରେ ଗୋଟାଏ କ'ଣ ସମବାୟ ଷ୍ଟୋର କରିବ । ସେ ଷ୍ଟୋରରେ ସବୁ ଦରକାରୀ ଜିନିଷ ସୁବିଧା ଦରରେ ଲୋକମାନଙ୍କୁ ଯୋଗାଇ ଦେବ । ଆମ ଗାଁର ଚାଷୀମାନେ ଯାହାସବୁ ଚାଷ କରୁଛନ୍ତି ସେସବୁ ସେଠାରେ ନେଇ ଦେଇ ଆସିବେ ଓ ସଙ୍ଗେ ସଙ୍ଗେ ସେମାନଙ୍କ ଜିନିଷର ଉଚିତ ମୂଲ୍ୟ ପାଇଯିବେ । ଗାଁରେ ମଧ୍ୟ ଯେଉଁ ଝିଅ, ବୋହୂ ଓ ଅନ୍ୟମାନେ ହାତକାମ କରୁଛନ୍ତି ସେସବୁ ସେଠାରେ ବିକ୍ରି ହେବ । ସେ ଷ୍ଟୋରରୁ ଯାହା ଲାଭ ହେବ ସେସବୁ ଗାଁର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଖର୍ଚ୍ଚ ହେବ ।''

''ଇଏତ ଖୁବ୍ ଭଲ ଯୋଜନା । ହେଲା କ'ଣ ?''

''ହେଲା କ'ଣ ତୁମେ ଜାଣିନା ? ସିଏ କୁଆଡ଼େ ଗାଁ ଲୋକଙ୍କୁ ଏକଥା କହିବାରୁ ଅନେକ ତା' କଥାକୁ ହସି ଉଡ଼ାଇ ଦେଲେ । ଶେଷରେ ସିଏ ଆମ ଅଞ୍ଚଳର ଯେଉଁ ଏମ୍.ଏଲ୍.ଏ. ମନ୍ତ୍ରୀ ହୋଇଛନ୍ତି ତାଙ୍କ ପାଖକୁ ଗଲା । ସିଏ ବି ହଁ, ହଁ କହି ବିଶେଷ ଆଗ୍ରହ ଦେଖାଇଲେ ନାହିଁ କି ସାହାଯ୍ୟ କଲେ ନାହିଁ । ତେଣୁ ସେ ଆଉ ଏ କାର୍ଯ୍ୟରେ ମନ ବଳାଇଲା ନାହିଁ, ଛାଡ଼ିଦେଲା । ଏଡ଼େ ସୁନ୍ଦର କାର୍ଯ୍ୟ ସିଏ କାହିଁକି ଛାଡ଼ିଦେଲା ? ଛାଡ଼ି ଦେଇ କ'ଣ ଭଲ କଲା ?''



''ଭଲ ଆଉ କଲା କେମିତି ? ଏଡ଼େ ସୁନ୍ଦର କାର୍ଯ୍ୟ ପାଇଁ ପ୍ରେରଣା ପାଇଥିଲା, ତାକୁ ଛାଡ଼ିଦେବା ଠିକ୍ ହେଲା ନାହିଁ । ଏଭଳି କାର୍ଯ୍ୟ କରିବା ଲାଗି ତା' ଭଳି ଉଦ୍ୟମୀ ଓ ନିଃସ୍ୱାର୍ଥପର ଲୋକର ସାମର୍ଥ୍ୟ ଅଛି । କିନ୍ତୁ ବିଚରା କରିବ କ'ଣ ? ତା' ନିଜ ପ୍ରେରଣା, ତା ନିଜ ସାମର୍ଥ୍ୟ ଓ ଭଗବାନଙ୍କ ସାହାଯ୍ୟ ଉପରେ ତା'ର ଯଥେଷ୍ଟ ବିଶ୍ୱାସ ନ ଥିଲା । ଏଡ଼େ ସୁନ୍ଦର ପରିକଳ୍ପନାକୁ କାର୍ଯ୍ୟକାରୀ କରିବାକୁ ଯାଇ ପଥ ମଧ୍ୟସ୍ଥ ସାମାନ୍ୟ ବାଧା-ବିପତ୍ତିରେ ହତୋତ୍ସାହ ହୋଇପଡ଼ିଲା । ସେ ହତୋତ୍ସାହ ନ ହୋଇ ନିଜ ଉପରେ ତଥା ଭଗବାନଙ୍କ ଉପରେ ବିଶ୍ୱାସ ରଖି ଆଗେଇ ଯାଇଥିଲେ ଧୀରେ ଧୀରେ ତା'ର ପଥ ପରିଷ୍କାର ହୋଇ ଯାଇଥା'ନ୍ତା । ସେଇଥି ପାଇଁ ମା କହିଛନ୍ତି, 'Those who have faith will go through.' 'ଯେଉଁମାନଙ୍କର ବିଶ୍ୱାସ ଅଛି ସେମାନେ ସବୁକିଛି ଭିତର ଦେଇ ଶେଷ ପର୍ଯ୍ୟନ୍ତ ଯିବେ ।'

''ଆଚ୍ଛା, ସବୁ ପରିକଳ୍ପନା କ'ଣ ସତରେ ପରିଣତ ହୋଇ ପାରିବ ? ଅସମ୍ଭବ ପରିକଳ୍ପନା କ'ଣ ନାହିଁ ?'' ପଚାରିଲା ଅନୁରକ୍ତା ।

''ଅସମ୍ଭବ ପରିକଳ୍ପନା କିଛି ନାହିଁ । ଅସମ୍ଭବ ଥିଲେ ତାହା ଆମ ମନକୁ ଆସନ୍ତା କିପରି ? ତା'ର ସମ୍ଭାବନା ଏ ବିଶ୍ୱରେ ଥିବାରୁ ତା'ର କଳ୍ପନା ଆମ ମନକୁ ଆସୁଛି । ହୋଇପାରେ, ତାହା ଆଜି ହୋଇ ନ ପାରି ବହୁତ ଦିନ ପରେ ହେବ । କିନ୍ତୁ ଆମ ମନକୁ ଯାହା ଯାହା କଳ୍ପନା ଆସୁଛି ତାହା ନିଶ୍ଚୟ ସମ୍ଭବ । ଆଗେ ଆମ ବିଜ୍ଞାନ-ଗଳ୍ପରୁ କଳ୍ପନାରୁ ଲେଖା ଯାଇଥିବା ଯେଉଁ କଥା ସବୁ ଶୁଣିଥିଲେ ସେସବୁ ଆଜି ସତରେ ପରିଣତ ହେଲାଣି । ସେତେବେଳେ ଯେଉଁମାନେ ଏ ଗଳ୍ପ ସବୁ ଲେଖିଥିଲେ ସେମାନେ ବି ଜାଣି ନ ଥିଲେ ଯେ ଏହା ଦିନେ ସତ ହେବ । କିନ୍ତୁ ବିଶ୍ୱରେ ସେ ସବୁ କଥାର ସମ୍ଭାବନା ଥିବାରୁ ସେମାନଙ୍କ କଳ୍ପନାକୁ ତାହା ଆସିଲା ଓ ସେମାନେ ସେପରି ଗଳ୍ପ ଲେଖିପାରିଲେ । ଆଜି ବି ମଧ୍ୟ ଯେଉଁ ବୈଜ୍ଞାନିକ କାହାଣୀ ଆମେ ଗଳ୍ପ ଆକାରରେ ପଢୁଛୁ ଓ ତାକୁ ଖାଲି କଳ୍ପନାବିଳାସ ବୋଲି ଭାବୁଛୁ ତାହା ବି

ଦିନେ ଯେକୌଣସି ଉପାୟରେ ବାସ୍ତବରେ ପରିଣତ ହେବ । ପରୀ-ରାଇଜର ଯେଉଁ ଅଲୌକିକ କାହାଣୀକୁ ଆମେ କଳ୍ପନା ବୋଲି ଭାବୁଛୁ ତାହା ବି ସତ ହୋଇପାରେ । କାରଣ ଆମେ ନ ଦେଖି ପାରିଲେ ବି ବାସ୍ତବରେ ସେମାନେ ଅଛନ୍ତି ।

''ଆଚ୍ଛା, ଏଇ ପରୀ-ରାଇଜର ଗୋଟିଏ କାହାଣୀ କହିବ, ଯେଉଁଥିରେ ବିଶ୍ୱାସ ବଳରେ ଶେଷକୁ ସଫଳତା ମିଳିଥିବ ?'' ସୁଯୋଗ ପାଇ ଅନୁରକ୍ତା ପ୍ରସ୍ତାବ ବାଢ଼ି ବସିଲା ।

''ମୁଁ ଜାଣେ ତୁ ଏସବୁ କଥା ପଚାରିବା ସହ ଗୋଟିଏ କାହାଣୀ ବି ଫାଇଦା ଉଠାଇବାକୁ ଚାହୁଁ । ଆଚ୍ଛା ହଉ, ତୋତେ ଆଜି ଗୋଟିଏ ରାଜାପୁଅର କାହାଣୀ କହିବି ।

''ବହୁତ ବର୍ଷ ତଳେ ଗୋଟିଏ ଦେଶରେ ଜଣେ ରାଜାଙ୍କର ଗୋଟିଏ ପୁଅ ଥିଲା । ଗୋଟିଏ ବୋଲି ପୁଅ । ଦେଖିବାକୁ ବେଶ୍ ଡଉଲ ଡାଉଲ । ନାଁଟି ତା'ର ସ୍ୱପ୍ନକୁମାର । ସ୍ୱପ୍ନକୁମାର ବଡ଼ ହୋଇଗଲାଣି । ଘୋଡ଼ାଚଢ଼ା, କୁସ୍ତି-କସରତ, ଯୁଦ୍ଧ ବିଦ୍ୟା ଶିଖିବା ସହ ଆଉ କେତେ କ'ଣ ପାଠ ପଢ଼ିଲାଣି । ତା' ନା ଯେମିତି ସ୍ୱପ୍ନକୁମାର ସେ ବି ସେମିତି ସ୍ୱପ୍ନ ପ୍ରିୟ । ଯାହା ସ୍ୱପ୍ନ ଦେଖେ ତାକୁ ବହୁତ ନିର୍ଭୁଲ ଭାବରେ ମନେ ରଖିପାରେ । ଦିନକର ସେ ଶୋଇଛି । ଗୋଟିଏ ଖୁବ୍ ସୁନ୍ଦର ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ଦେଖିଲା ସେ ଏକ ସବୁଜ ବନାନୀଘେରା ସ୍ଥାନରେ ଛିଡ଼ା ହୋଇଛି । ପାଖରେ ଗୋଟିଏ ପାହାଡ଼ । ପାହାଡ଼ ଉପରୁ ଅଙ୍କା ବଙ୍କା ହୋଇ କୁଳୁ କୁଳୁ ନାଦ କରି ଝରଣାଟିଏ ବହିଆସୁଛି । ଝରଣା କୂଳେ କୂଳେ କେତେ ବଣଫୁଲର ଗଛରୁ କେତେ ରଙ୍ଗର, କେତେ ବାସଭରା ଫୁଲ ଝରଣା ପାଣିରେ ପଡ଼ି ତଳକୁ ଭାସି ଆସୁଛନ୍ତି । ସତେ ଯେମିତି ଏଇ ଫୁଲର ଶୋଭା, ଫୁଲର ସୁବାସ ଓ ହସ ଭିତରେ ଉପର ବାଲା ତଳ ବାଲାଙ୍କ ପାଖକୁ ଶୁଭ ବାରତା ପଠାଉଛନ୍ତି । ଘଞ୍ଚ ପତ୍ର ଉହାଡ଼ରୁ ଚଢ଼େଇମାନଙ୍କର ମଧୁର ସ୍ୱର ସତେ ଯେପେରି ବନଦେବୀ ଗୀତ ଗାଇଲା



ପରି ଶୁଭୁଛି । ସେ ସ୍ଥାନରେ ସୂର୍ଯ୍ୟଙ୍କ ଆଭା ଅଛି, କିନ୍ତୁ ଉତ୍ତାପ ନାହିଁ । ଭାରି ସୁଶୀତଳ । ଯେପରି ଖରା ଦିନେଦେହରେ ଚନ୍ଦନ ବୋଳି ଦେଲା ଭଳି ଲାଗୁଛି । ପାଖରେ କିଛି ଅଂଶ ପାହାଡ଼ ଟାଙ୍ଗରା । ଟାଙ୍ଗରା ପଥରର ଉପର ବେଶ୍ ଚିକ୍କଣ । ପଥର ଉପରେ ବସି ଗୋଡ଼କୁ ଝରଣା ପାଣିରେ ରଖିହେବ । ସ୍ୱପ୍ନ କୁମାର ସେ ସ୍ଥାନରେ ଶୋଭାରେ ମୁଗ୍ଧ ହୋଇ ଗୋଟିଏ ପଥର ଉପରେ ଟିକିଏ ବସିପଡ଼ିଲା ।

''କିନ୍ତୁ ହଠାତ୍ ଏ କ'ଣ ହେଲା ? ତା'ର ନୟନ ମନକୁ ପୁଲକିତ କରି ତା' ଆଗରେ ଉଭାହେଲା କଇଁଫୁଲ ଭଳି କଅଁଳ ସୁନ୍ଦର, ଧୋବ ଫରଫର ଏକ ରାଜକନ୍ୟା । ଦେହରୁ ତା'ର କଇଁଫୁଲର ସ୍ନିଗ୍ଧ ମହକ ଝରି ଆସୁଥାଏ । କଇଁଫୁଲର ପତ୍ର ଭଳି ଆଖି ଦୁଇଟି ତା'ର ନୀଳ, କଇଁପତ୍ରର ଧାର ଭଳି ମୁଣ୍ଡର କେଶଗୁଡ଼ିକ ତା'ର କୁଞ୍ଚିତ ଓ କଇଁନାଡ଼ ଭଳି କଳା ତା'ର ବେଣୀ । କଇଁଫୁଲର ମହୁ ଭଳି ମଧୁର ତା'ର ଚାହାଣୀ ଆଉ ଆଚରଣ । ସ୍ୱପ୍ନକୁମାର ମୁଗ୍ଧ ହୋଇ ସେ କନ୍ୟାର ଆଉ ଟିକିଏ ପାଖକୁ ଯେପରି ଚାଲିଯାଇଛି ସଙ୍ଗେ ସଙ୍ଗେ ତା'ର ନିଦ ଭାଙ୍ଗିଗଲା । କିନ୍ତୁ ସ୍ୱପ୍ନର ସ୍ମୃତି ଲିଭିଗଲା ନାହିଁ । ଅଲିଭା ହୋଇ ତା' ମନରେ ରହିଲା ।

''ଏବେ ସ୍ୱପ୍ନକୁମାର ମନରେ ଖାଲି ସେଇ ଚିନ୍ତା । କିପରି ତା'ର ସେଇ ସ୍ୱପ୍ନର ରାଜକୁମାରୀକୁ ପାଇବ । ସୁନ୍ଦର କଇଁଫୁଲଟିଏ ପରି ସେ ହେଇଥିବାରୁ ତା' ନାଁ ଦେଲା 'ସ୍ୱପ୍ନ-କଇଁ' । ଯେତେଯେତେ ସେ ତା' କଥା ଭାବିଲା ସେତେ ସେତେ ତା' ମନରେ ବିଶ୍ୱାସ ଆସିଲା ଯେ ସେ ତା'କୁ ପାଇବ । କିନ୍ତୁ ପାଇବା ଏତେ ସହଜ ନୁହେଁ । ଯାହା ବି କଷ୍ଟହେଉ ଶେଷକୁ ସେ ସ୍ଥିର କଲା ତାକୁ ଖୋଜିବାକୁ ଯିବ । ତାକୁ ଯଦି ନ ପାଏ ଆଉ ବଞ୍ଚି ରହି ବା ଲାଭ କ'ଣ ? ମନେ ମନେ ଭଗବାନଙ୍କୁ ସ୍ମରଣ କରି କିଛି ଖାଦ୍ୟ ପଦାର୍ଥ ନେଇ ଦିନେ ରାତିରେ କାହାକୁ କିଛି ନ କହି ଘରୁ ବାହାରିଗଲା । କେତେ ବିଲ, ବଣ, ନଈ, ନାଳ ପାରି ହୋଇ ଚାଲିଥାଏ । ଅନେକ ଦୂର ଯିବା ପରେ

ଦେଖିଲା ବାଟରେ ଗୋଟିଏ ଖଜୁରୀଗଛ ମୂଳେ ବୁଢ଼ାଟାଏ ଖାଲି ଦେହରେ ପଡ଼ି ଥରୁଛି । ତାକୁ କେହି ଅନାଉ ନାହାନ୍ତି କି କିଛି ପଚାରୁ ନାହାନ୍ତି । ସେ ତା' ପାଖକୁ ଗଲା । ତାକୁ ଉଠାଇ ବସାଇଲା । ନିଜ ଦେହରୁ କୋଟ୍‌ଟି ଖୋଲି ତାକୁ ପିନ୍ଧାଇଦେଲା । ତା' ଖାଇବା ଜିନିଷରୁ କିଛି ବାହାର କରି ତାକୁ ଖାଇବାକୁ ଦେଲା । ବୁଢ଼ା ଟିକିଏ ସୁସ୍ଥ ଅନୁଭବ କରିବାରୁ ସ୍ୱପ୍ନକୁମାରକୁ ପଚାରିଲା, 'ବାବା, ବୁଢ଼ାଟାକୁ ଏତେ ଦୟା କଲୁ ଭଗବାନ ତୋ'ର ମଙ୍ଗଳ କରନ୍ତୁ ! ତୁ'ତ ବାବା ସାଧାରଣ ଘରର ପିଲା ପରି ଦେଖା ଯାଉନୁ । ୟାଡ଼େ କୁଆଡ଼େ ଏକା ଏକା ଯାଉଛୁ ?' ସ୍ୱପ୍ନକୁମାର ତା'ର ସମସ୍ତ କଥା ଫିଟାଇ ବୁଢ଼ାକୁ କହିଲା । ବୁଢ଼ା କହିଲା, 'ଭଗବାନଙ୍କ ଉପରେ ବିଶ୍ୱାସ ରଖି ଚେଷ୍ଟା କର । ତାଙ୍କରି ଦୟାରୁ ତୁ ତୋର ସ୍ୱପ୍ନର ରାଜକୁମାରୀକୁ ପାଇ ପାରିବୁ ବୋଲି ମୋର ଆଶା । ତେବେ ଏଇ ବାଟଟାରେ କିଛି ବାଟ ଆଗକୁ ଗଲେ ଗୁଡ଼ାଏ ଡାହାଣୀ ରହିବା ଜାଗା ପଡ଼ିବ । ସେମାନେ କାହାକୁ ଛାଡ଼ନ୍ତି ନାହିଁ । ଭୟ ଦେଖାଇ ମାରି ରକ୍ତ ପିଇ ଦିଅନ୍ତି । ତୁ ଏଇ ଖଜୁରୀ ଗଛରୁ କିଛି ବାହୁଙ୍ଗା କାଟି ନେଇଯା । ସେମାନେ ଘର ଦ୍ୱାର ସଫା କରିବାକୁ ଝାଡ଼ୁ ଦରକାର କରନ୍ତି । ଖଜୁରୀ ବାହୁଙ୍ଗାରୁ ଝାଡ଼ୁ ତିଆରି କରି ବ୍ୟବହାର କରିବେ । ତା' ଛଡ଼ା କିଛି ଖଜୁରୀ କୋଳି ମଧ୍ୟ ନେଇ ଯା, ତାଙ୍କୁ ଦବୁ ।' ରଜା ପୁଅ ଖଜୁରୀ ଗଛରେ ଚଢ଼ି କିଛି ବାହୁଙ୍ଗା ଓ କୋଳି ଧରି ଆଗକୁ ଚାଲିଲା ।

''ଯାଉ ଯାଉ ସତକୁ ସତ କିଛି ଦିନ ପରେ ଗୋଟାଏ ଜାଗାରେ ପହଞ୍ଚିଲା ବେଳକୁ ମୁଣ୍ଡବାଳଗୁଡ଼ାକ ଆଗକୁ ପକାଇ ବିକଟାଳ ରୂପଧରି କୁଆଡ଼ୁ ଡାହାଣୀଗୁଡ଼ାଏ ଆସି ରଜାପୁଅକୁ ଘେରିଗଲେ । କିରି କିରି ହୋଇ ଭୟଙ୍କର ହସ ହସି ରଜାପୁଅ ଆଡ଼କୁ ମାଡ଼ି ଆସିଲେ ।''

ଏତିକିବେଳେ ଅନୁରକ୍ତା ତା' ଭାଇ ଚିନ୍ମୟ ଆଡ଼କୁ ଟିକିଏ ଲାଗି ଆସି ତା' କୋଳରେ ମୁଣ୍ଡ ଗୁଂଜିଦେଲା ।

ଚିନ୍ମୟ ବୁଝିପାରିଲା ଅନୁରକ୍ତା ଭୟ କରୁଛି । ହସି ହସି କହିଲା,



''ତୁ ଶୁଣୁ ଶୁଣୁ ଏମିତି ଡରୁଛୁ, ଆଉ ରଜାପୁଅ କେମିତି ସେମାନଙ୍କୁ ସାମନା କଲା !''

ସିଧାହୋଇ ବସିପଡ଼ି ଅନୁରକ୍ତା କହିଲା, ''ନାହିଁ, ନାହିଁ କୁହ, ମୁଁ ଆଉ ଡରିବି ନାହିଁ ।''

ମୁହଁରେ କହିଲା ସିନା, କିନ୍ତୁ ରଜାପୁଅ ସେ ଅବସ୍ଥା ପାରି ହୋଇ ଯିବା ସମୟକୁ ଅପେକ୍ଷା କରି ରହିଲା ।

ଚିନ୍ମୟ ଏଥର ଆରମ୍ଭ କଲା, ''ଏତିକି ବିପଦ କ'ଣ ? ଆହୁରି କେତେକେତେ ବିପଦସବୁ ଆସିବ, ସେଥିଲାଗି ପ୍ରସ୍ତୁତ ରହ ।''

''ଶେଷରେ ସେ ତା' ସ୍ୱପ୍ନ-କଇଁକୁ ପାଇବ ତ ?''

''କେଜାଣି ? ସବୁ ବିପଦକୁ ସେ ତା' ବିଶ୍ୱାସ ବଳରେ ଅତିକ୍ରମ କରିପାରିଲେ ସିନା ! ତୁ ସେମିତି ସବୁ ବିପଦକୁ ଧୈର୍ଯ୍ୟର ସହ, ସାହସର ସହ ଶୁଣି ପାରିଲେ ସିନା ଜାଣିବୁ କ'ଣ ହେଲା ! ସବୁ ବାଧା-ବିପଦକୁ ଅତିକ୍ରମ କରି ନ ପାରିଲେ ସେ ବା ପାଇବ କିପରି ଆଉ ତୁ ବି ସେସବୁକୁ ଶୁଣି ନ ସାରିଲେ ଜାଣିବୁ କିପରି ?''

''ହଉ, ହଉ ଏଥରକ କୁହ । ମୁଁ ସବୁଯାକ ଶୁଣିବି । ମୁଁ ଜାଣେ ତୁମେ ଜାଣିକରି କହୁନା ।''

''ରଜାପୁଅ ଡାହାଣୀମାନଙ୍କୁ ଜମା ଡରିଲା ନାହିଁ, କାରଣ ସେ ଆଗରୁ ସେଥିଲାଗି ପ୍ରସ୍ତୁତ ଥିଲା । ଭିତରେ ଭଗବାନଙ୍କ ନାମ ସ୍ମରଣ କରି ହସି ହସି ଖଜୁରି ପିଞ୍ଛତକ ବାହାର କରି ଡାହାଣୀମାନଙ୍କ ଆଡ଼କୁ ବଢ଼ାଇଦେଇ କହିଲା, 'ମାଉସୀ, ଏଇ ନିଅ । ତୁମମାନଙ୍କ ଲାଗି ଏଇ ଖଜୁରି ପିଞ୍ଛତକ ଆଣିଛି । ତୁମର ତ ବହୁତ ଝାଡ଼ୁ ଦରକାର ହୁଏ । ଆଉ ଏଇ ପାଚିଲା ଖଜୁରି କୋଳିତକ ବି ନିଅ, ରଖ, ଖାଇବ । ବାଟରୁ ତୁମମାନଙ୍କ ଲାଗି ତୋଳି ଆଣିଥିଲି ।' ଏତିକିରେ ସବୁ ଡାହାଣୀଙ୍କର ସେ ବିକଟାଳ ରୂପ କୁଆଡ଼େ ଉଭେଇଗଲା । ସେମାନେ ସ୍ନେହଶ୍ରଦ୍ଧାପୂର୍ଣ୍ଣ ଆଈଟିଏ ପରି ହୋଇଗଲେ ।

ଆନନ୍ଦରେ ଖଜୁରି ପିଞ୍ଚ ଓ କୋଳି ରଜାପୁଅଠୁ ନେଇ ତାକୁ ସେ କୁଆଡ଼େ ଯାଉଛି ବୋଲି ପଚାରିଲେ । ରଜାପୁଅ ସବୁ କଥା କହନ୍ତେ ସେମାନେ ସେମାନଙ୍କ ଚୁଲିରେ ସେକିଥିବା କିଛି ରୁଟି ତାକୁ ଦେଲେ । କହିଲେ କିଛି ଦୂରରେ ଗୁଡ଼ାଏ ଭୟଙ୍କର ଗଧିଆ ଅଛନ୍ତି । ସେମାନେ ତୋତେ କାମୁଡ଼ିବାକୁ ଗୋଡ଼ାଇ ଆସିଲେ ତାଙ୍କ ପାଖକୁ ଏଇ ରୁଟି ସବୁ ଫୋପାଡ଼ି ଦେଲେ ସେମାନେ ତୋର କିଛି କରିବେ ନାହିଁ । ରଜାପୁଅ ଖୁସିହୋଇ ରୁଟିତକ ଧରି ସେଠୁ ବିଦାୟ ନେଇଗଲା ।

‘‘ଯାଉ ଯାଉ ବାଟରେ ଖାଲି ବାଲିଜାଗା ପଡ଼ିଲା । ଯୁଆଡ଼େ ଚାହିଁବ ଖାଲି ବାଲି । ରଜାପୁଅର ଗୋଡ଼ ପୋତି ହୋଇ ପଡୁଥାଏ । ଚାଲି ଚାଲି ବହୁତ ଥକ୍‌କା ଲାଗୁଥାଏ । ବେଳେବେଳେ ଶୋଷ କରି ତଣ୍ଟି ଅଠା ଅଠା ହୋଇଯାଉ ଥାଏ । କିନ୍ତୁ ଏସବୁ କିଛି ପ୍ରତି ତା’ର ଭ୍ରୂକ୍ଷେପ ନ ଥାଏ । ଗୋଟାଏ ଲକ୍ଷ୍ୟ ନେଇ ଚାଲିଛି ତ ଚାଲିଛି । ଆଉ ପଛକୁ ଚାହୁଁ ନାହିଁ କି ଆଗକୁ ଚାହିଁ ଡରିଯାଉ ନାହିଁ । ଚାଲୁଥିଲା, ଚାଲୁଥିଲା, କିଛି ନାହିଁ – ହଠାତ୍ କୁଆଡୁ ପଞ୍ଝାଏ ଭୟଙ୍କର ଗଧିଆ ଆଁ କରି ତା’ ଆଡ଼କୁ ଛୁଟି ଆସିଲେ । ସତେ ଯେମିତି ନିମିଷକ ଭିତରେ ତା’ ହାଡ଼-ମାଉଁସ ଝୁଣି ଖାଇ ଶେଷ କରି ଦେବେ ! ରଜାପୁଅ ତ ଏଥିଲାଗି ପ୍ରସ୍ତୁତ ଥିଲା । ସଙ୍ଗେ ସଙ୍ଗେ ଡାହାଣୀ ଦେଇଥିବା ରୁଟିସବୁ ସେମାନଙ୍କ ଆଡ଼କୁ ଫିଙ୍ଗି ଦେଲା । ସେମାନେ ଟାକୁ ଟାକୁ କରି ତାକୁ ଚୋବାଇବାରେ ଲାଗିଲେ ସତେ ଯେମିତି କୋଉ ଯୁଗରୁ ଉପାସ ଥିଲେ । ଖାଇସାରି ଜିଭରେ ମୁହଁ ଚାଟି ଚାଟି ପୋଷା କୁକୁର ଭଳି ରଜାପୁଅ ପାଖକୁ ଲାଗି ଆସିଲେ । ରଜାପୁଅ ସେମାନଙ୍କୁ ଆଉଁସି ଦେଲା । ସେମାନେ ରଜାପୁଅ କୁଆଡ଼େ ଯାଉଛି ସବୁକଥା ବୁଝି ତାକୁ ଗୋଟିଏ ଛୋଟ ପାହାଡ଼ ପାଖକୁ ନେଇଗଲେ । ସେ ପାହାଡ଼ ଖୋଳରେ ଗୋଟାଏ ବଡ଼ ମଲା ଜନ୍ତୁର ଚର୍ବି ତେଲ ହୋଇ ରହିଥାଏ । ରଜାପୁଅକୁ କହିଲେ ସେଇ ତେଲରୁ କିଛି ସଙ୍ଗରେ ନେଇ ଯିବାକୁ । କାରଣ ବାଟରେ ଗୋଟାଏ ବଡ଼ ଗେଟ୍ ପଡ଼ିବ । ସେ ଗେଟ୍‌ର



କବ୍‌ଜାଗୁଡ଼ିକରେ କିଛି ତେଲ ଦେଇ ଦେଲେ ସେ ଆପେ ଫିଟିଯିବ । ରଜାପୁଅ ସେଠୁ କିଛି ତେଲ ଧରି ପୁଣି ଆଗେଇ ଚାଲିଲା । ସତକୁ ସତ କିଛି ଦିନ ଚାଲିବାପରେ ଗୋଟାଏ ବିରାଟ ଲୁହାର ଗେଟ୍ ନିକଟରେ ପହଞ୍ଚିଲା । ଗେଟ୍‌ର କବ୍‌ଜାଗୁଡ଼ିକରେ ଟିକିଏ ଟିକିଏ ତେଲ ଦେଇ ଦେବାରୁ ବିରାଟ ଗେଟ୍‌ଟା ଘଡ଼ ଘଡ଼ କରି ଆପେ ଖୋଲିଗଲା । ରଜାପୁଅଠାରୁ ସବୁକଥା ବୁଝି ଗେଟ୍ ତାକୁ କହିଲା, ‘ଭିତରକୁ ଯା । ସେ ଉଆସ ସାମନାରେ ଯେଉଁ ସୁନ୍ଦର ପୁଷ୍କରିଣୀଟି ଦେଖିବୁ ତା’ ଭିତରେ ତିନୋଟି ଚମତ୍କାର ଧଳା କଇଁ ଫୁଟିଛି । ସେ ତିନୋଟିଯାକ ଛିଣ୍ଡାଇ ନେଇ ଚାଲି ଆସିବୁ । ତୋର ବହୁତ କାମରେ ଲାଗିବ ।’

‘‘ରଜାପୁଅ ଯେମିତି ଭିତରକୁ ଯାଇ ଉଆସ ଆଗରେ ଥିବା ପୁଷ୍କରିଣୀରୁ ଗେଟ୍ କହିଥିବା ସେଇ ଅନିନ୍ଦ୍ୟ ସୁନ୍ଦର କଇଁଫୁଲ ତିନୋଟି ଛିଣ୍ଡାଇଛି କୁଆଡୁ ଗୋଟାଏ ବିରାଟକାୟ ରାକ୍ଷସ ଭୀଷଣ ଗର୍ଜନ କରି ତା’ ଆଡ଼କୁ ମାଡ଼ି ଆସିଲା । ସେ ଉଆସଟା ସେଇ ରାକ୍ଷସର ଥିଲା । ରଜାପୁଅ ତ ଭୟରେ ଛାନିଆ । କଇଁଫୁଲ ତିନୋଟି ଧରି କୁଆଡ଼େ ଯିବ ବୋଲି ବାଟ ପାଇଲା ନାହିଁ ।’’

‘‘ରଜାପୁଅ ଆଗରୁ ତ ଡରୁ ନ ଥିଲା । ବର୍ତ୍ତମାନ କାହିଁକି ଡରିଲା ?’’

‘‘ଆଗରୁ ସେ ଯେଉଁ ବିପଦରେ ପଡ଼ିବ ସେସବୁ କଥା ଜାଣିଥିଲା । ଏଥର କିନ୍ତୁ ଅତର୍କିତ ଭାବରେ ବିପଦ ପହଞ୍ଚି ଗଲା । ଯାହାହେଉ ସେ ପୋଖରୀରୁ ଉଠି ପ୍ରାଣ ମୂର୍ଚ୍ଛା ଦଉଡ଼ିବାରେ ଲାଗିଲା । ଗେଟ୍ ପାଖରେ ପହଞ୍ଚୁ ପହଞ୍ଚୁ ଗେଟ୍ ଖୋଲିଗଲା । ରାକ୍ଷସ ଯେତେ ଚିତ୍କାର କରି ଗେଟ୍‌କୁ ମନା କଲା ଖୋଲ ନା ବୋଲି, ଗେଟ୍ ତା’ କଥା ମାନିଲା ନାହିଁ । କହିଲା, ‘ଏତେ ଦିନ ଧରି ମୋତେ ବ୍ୟବହାର କରୁଛୁ, କୋଉ ଦିନ ତେଲ ଟିକିଏ ମୋ ଠେଇଁ ଦେଇଥିଲୁ ? ଦେଖ୍ ଆଜି ଏ ପିଲା ମୋ ପାଇଁ କେତେ ବାଟରୁ ତେଲ ନେଇ ଆସିଥିଲା !’ ଏହା କହି ରଜାପୁଅ ବାହାରି ଯିବାପରେ ଗେଟ୍ ପୁଣି ବନ୍ଦ

ହୋଇଗଲା । ରାକ୍ଷସ ବହୁତ କଷ୍ଟରେ ଗେଟ୍ ଖୋଲି ବାହାରୁ ବାହାରୁ ରଜାପୁଅ ବହୁତ ଦୂରକୁ ଚାଲିଯାଇ ଥିଲା । ରାକ୍ଷସ କିନ୍ତୁ ଖୁବ୍ ଶୀଘ୍ର ଆସି ତା' ପାଖରେ ପହଞ୍ଚିଗଲା । ରଜାପୁଅକୁ ଧରିବାକୁ ହାତ ବଢ଼ାଉଛି...''

''ନାହିଁ, ନାହିଁ ସିଏ ରଜାପୁଅକୁ ଯେମିତି ଧରି ନ ପାରିବ !''

''ହଉ ଶୁଣ, ଆଗରୁ କାହିଁକି ଏମିତି ବ୍ୟସ୍ତ ହେଉଛୁ ? ରଜାପୁଅକୁ ଧରିବା ଲାଗି ଯେମିତି ହାତ ବଢାଇଛି ଗଧିଆଗୁଡ଼ାକ କୁଆଡ଼େ ଥିଲେ ବାହାରି ପଡ଼ିଲେ । ରାକ୍ଷସ ସେମାନଙ୍କୁ କହିଲା, 'ରଜାପୁଅକୁ କାମୁଡ଼ି ଖାଇଦିଅ ।' ଗଧିଆମାନେ ରଜାପୁଅକୁ ଛାଡ଼ିଦେଇ କହିଲେ, 'ତୋତେ ଆଜି କାମୁଡ଼ି ଖାଇବୁ । କେତେ ଜୀବଜନ୍ତୁ, କେତେ ଦରବ ସବୁ ଖାଉଛୁ, ଦିନେ ଆମକୁ ଶୁଖିଲା ରୁଟି ଖଣ୍ଡେ କେବେ ଦେଇଥିଲୁ ? କିନ୍ତୁ ଏ ପିଲା ତ ଆମଲାଗି କେତେ ବାଟରୁ ସୁନ୍ଦର ରୁଟି ବାନ୍ଧିକରି ନେଇ ଆସିଥିଲା ।' ଏହା କହି ରାକ୍ଷସର ଶାଳଗଛଭଳି ଗୋଡ଼କୁ କାମୁଡ଼ି କାମୁଡ଼ି ଲହୁଲୁହାଣ କରିଦେଲେ । ରାକ୍ଷସ ଛଟପଟ ହୋଇ ସେମିତି ଦଉଡ଼ିଥାଏ । ଗୋଡ଼ରୁ ତାର ରକତ ସୁଅ ଛୁଟିଥାଏ । ସେତେବେଳକୁ ରଜାପୁଅ ବହୁତ ବାଟରେ ହୋଇଗଲାଣି । ରାକ୍ଷସ ପୁଣିଯାଇ ତା' ପାଖ ଧରିଗଲା । ଇଏ ହଉଛି ସେଇ ଡାହାଣୀମାନଙ୍କ ଜାଗା । ରାକ୍ଷସ ଡାହାଣୀମାନଙ୍କୁ ଦେଖି ଗର୍ଜନକରି କହିଲା ରଜାପୁଅକୁ ଧରିବା ଲାଗି । ଡାହାଣୀମାନେ ରଜାପୁଅକୁ ଧରିବେ କ'ଣ ଓଲଟି କହିଲେ, 'ସ୍ୱାର୍ଥପର, ସବାଖିଆ ରାକ୍ଷସ ! କେତେ ମୁଲକ ବୁଲୁଛୁ । କେତେକଥା ଆଣୁଛୁ, କେତେକଥା ଖାଉଛୁ; ଆମପାଇଁ କେବେ ଝାଡୁ ମୁଠାଏ କି କୋଳି ଗଣ୍ଡାଏ ଆଣିଥିଲୁ ? ପିଲାଟାଏ ହେଲେ କ'ଣ ହେଲା, ସିଏ ତ ଆମଲାଗି କେତେ ଯତନରେ ଝାଡୁ ଆଉ କୋଳି ଘେନି କରି ଆସିଥିଲା । ତୁ ବାଡ଼ିପଡ଼ା ! ତୋତେ ଆମେ ଛାଡ଼ିବୁ ଯେ ତୁ ଯାଇ ତାକୁ ଧରିବୁ !'

''ଏଇଆ କହି ଡାହାଣୀମାନେ ବାଟରେ ଏମିତି ନିଆଁ ସୃଷ୍ଟି କଲେ ଯେ ରାକ୍ଷସ ତାକୁ ଡେଇଁ ଆଉ ଯାଇପାରିଲା ନାହିଁ । ଦାନ୍ତ କଡ଼ମଡ଼ କରି



ଖାଲି ରକ୍ତଚାଉଳ ଚୋବାଇ ହେଲା । କିଛି ଲାଭ ହେଲା ନାହିଁ । ଖାଲି କେତେଟା ଦାନ୍ତ ତା'ର ଭାଙ୍ଗି ଗଳିପଡ଼ିଲା ।''

''ଠିକ୍ ହେଇଛି, ଠିକ୍ ହେଇଛି ! ପାଇଛି ପାନେ । କାହିଁକି ରଜା ପୁଅକୁ ଗୋଡ଼ଉ ଥିଲା କି ?'' ତାଳିମାରି କହିଉଠିଲା ଅନୁରକ୍ତା ।

''ରଜାପୁଅ ଦଉଡ଼ି ଦଉଡ଼ି ଅଣନିଶ୍ୱାସୀ ହୋଇ ପଛକୁ ଚାହିଁଲା ବେଳକୁ ଆଉ ରାକ୍ଷସ ନାହିଁ । ଥକ୍କା ମାରି ଠିଆ ହୋଇଗଲା । ଭାରି ଭୋକ, ପୁଣି ତା' ସାଙ୍ଗରେ ଶୋଷ । ପାଖରେ କିଛି ନାହିଁ । ହାତରେ ଧରିଥିବା ତିନୋଟି କଇଁ ଫୁଲରୁ ଗୋଟିକୁ ପାଖୁଡ଼ା କେଶର ସହିତେ ଚୋବାଇ ଯିବାକୁ ବସିଲା । ଯେମିତି ପାଟି ପାଖକୁ ନେଇଛି ସେ କଇଁଫୁଲ କୁଆଡ଼େ ଉଭେଇ ଗଲା । ରଜାପୁଅ ତ କାବା ! ଆଉ କଇଁଫୁଲକୁ ଖାଇବ କ'ଣ ! ଅନ୍ୟ ଦୁଇଟିକୁ ସେମିତି ହାତରେ ଧରି ଚାଲିଲା ଯଦି କୋଉଠୁ କିଛି ପାଣି କି ଫଳମୂଳ ପାଏ ଖାଇ ଜୀବନ ବଞ୍ଚେଇବ ।

''କାହିଁ, ଏତେ ଦୂର ତ ଆସିଲାଣି, କୋଉଠି ଗଛଲତା ଟିକିଏ ଆଖିରେ ପଡୁ ନାହିଁ ! ଖାଲି ଧୂ ଧୂ ବାଲି ! ଶୋଷରେ ତଣ୍ଟି ଶୁଖି ତା'ର ଅଠାଅଠା ହୋଇଗଲା । ହାତରେ କଇଁଫୁଲ ଦୁଇଟି ସେମିତି ସତେଜ ଅଛି । ପେଟଜ୍ୱାଳାରେ ମଣିଷ ସବୁ କିଛି ଭୁଲିଯାଏ । ରଜାପୁଅ ସେମିତି ପୂର୍ବକଥା ଭୁଲିଯାଇ ଆଉ ଗୋଟିଏ କଇଁଫୁଲ ଖାଇବାକୁ ପାଟିପାଖକୁ ନେଲା, ସେଇଟି ବି ପ୍ରଥମଟି ଭଳି ସେମିତି ଉଭେଇ ଗଲା । ଆଉ ଜୀବନ ଗଲେ ବି ତୃତୀୟଟିକୁ କେବେ ଖାଇବା ଲାଗି ମନ ବଳାଇବ ନାହିଁ ବୋଲି ସେ ଶପଥକଲା । ମନେ ପଡ଼ିଲା ତା'ର ସ୍ୱପ୍ନକଥା । ସ୍ୱପ୍ନର ସେ ସୁନ୍ଦର ମଧୁର ପରିବେଶ ଆଉ ମରୁ କାନ୍ତାରର ଏଇ ଧୂ ଧୂ ତତଲା ବାଲି । ଲକ୍ଷ୍ୟଠାରୁ ସେ କାହିଁ କେତେ ଦୂରରେ । ଜୀବନଦୀପ ଯେ ଲିଭି ଆସୁଛି । ଆଉ ଟିକକ ପରେ ସେ ତତଲା ମରୁବାଲିରେ ଭାଜି ହୋଇଯିବ । ଶେଷରେ ସେ ମନେ ମନେ ଭଗବାନଙ୍କୁ ସ୍ମରଣ କଲା । ଏ ଜନ୍ମ ତ ସରିଗଲା । ପରଜନ୍ମରେ ଯେପରି ତା'ର ଏଇ ସ୍ୱପ୍ନ ସଫଳ ହୁଏ !

ଏଇଆ ପ୍ରାର୍ଥନା କରି ତାଙ୍କ ଉଦ୍ଦେଶ୍ୟରେ ଆଖିବୁଜି ତା'ର ଦୁର୍ବଳ ହାତ ଦୁଇଟି ଯୋଡ଼ିଲା । ଏତିକି ବେଳେ ଥରଥର ହାତରୁ ତା'ର ଶେଷ କଇଁଫୁଲଟି ଖସି ପଡ଼ିଲା । ଫୁଲଟି ଖସିପଡ଼ିବାରୁ ହଠାତ୍ ଆଖିଖୋଲି ଦେଖିଲା — ଇଏ କ'ଣ ! ସିଏ ପୁଣି ସ୍ୱପ୍ନ ଦେଖୁ ନାହିଁ ତ ? ମରୁଭୂଇଁର ତତଲା ବାଲିରେ ଇଏ କ'ଣ ମଲାବେଳର ସ୍ୱପ୍ନ ? ଇଏ ଯେ ତା'ର ସେଇ ସ୍ୱପ୍ନକୁମାରୀ 'ସ୍ୱପ୍ନ-କଇଁ' । ଠିକ୍ ସେଇ ଆଖି, ସେଇ କେଶ, ସେଇ ରଙ୍ଗ, ସେଇ ମହକ, ସେଇ ସୌନ୍ଦର୍ଯ୍ୟ, ସେଇ ମଧୁରତା !

''ରଜାପୁଅ ସବୁକିଛି ଭୁଲିଯାଇ ଆନନ୍ଦରେ ଆତ୍ମବିଭୋର ହୋଇ ପଡ଼ିଲା ବେଳକୁ ତା' କପାଳରେ ଆଉ ଏକ ବଜ୍ରପାତ ଯେମିତି ଘଟିଲା । ସେଇ ଅପରୂପା, ଲବଣ୍ୟମୟୀ ସ୍ୱପ୍ନ-କଇଁ ଛଟପଟ ହୋଇ ଚିତ୍କାର କଲା ଟୋପାଏ ଜଳ ପାଇଁ । ଯେପରି ଜଳ ଟୋପାଏ ନ ପାଇଲେ ସଙ୍ଗେ ସଙ୍ଗେ ସେ ମରିଯିବ ।

''ରଜାପୁଅ ମରୁଭୂମିରେ ବା ଜଳ କେଉଁଠୁ ପାଇବ ! ନିଜେ ତ ଜଳବିନା ମରୁଛି । ନିଜ ଦେହକୁ କାମୁଡ଼ି ରକ୍ତ ଦେଇପାରନ୍ତା । କିନ୍ତୁ ଏତେ ସୁକୁମାରୀ କନ୍ୟା କ'ଣ ରକ୍ତପାନ କରିବ ? ଏତେ କଷ୍ଟରେ ଯାହାକୁ ପାଇଥିଲା ତାକୁ ଆଉ ମୁହୂର୍ତ୍ତକରେ ହରାଇବାକୁ ପଡ଼ିବ । ନିରୁପାୟ ସେ । ମଲାଭଳି ଶୁଖିଲା ଦେହଟାରୁ ତା'ର ସମସ୍ତ ଆନ୍ତରିକତାର ଜଳକଣା ନିଗିଡ଼ି ଆସି ଟୋପାଏ ମାତ୍ର ତତଲା ଲୁହ ଆକାରରେ ମରୁଭୂମିରେ ଉତ୍ତପ୍ତ ବାଲିରେ ଝରି ପଡ଼ିଲା । ମରୁଭୂମିର ଉତ୍ତପ୍ତ ବାଲି ଚାଉଁକିନା ତାକୁ କୁଆଡ଼େ ଶୋଷି ନେଲା । କିନ୍ତୁ ସେ ଯେ ଶେଷ ଆନ୍ତରିକତାର ଲୁହ ବୁନ୍ଦା । ତାକୁ କେହି କେବେ ଶୋଷି ନେଇ ନିଶ୍ଚିହ୍ନ, ନିଷ୍ଫଳ କରିପାରିବ ? ସଙ୍ଗେ ସଙ୍ଗେ ସେଇ ମରୁଭୂମିରେ ଫୁଟି ଉଠିଲା ଏକ ସୁନ୍ଦର ସୁଶୀତଳ ମରୁଦ୍ୟାନ । ଠିକ୍ ସ୍ୱପ୍ନର ସେଇ ପରିବେଶ । ଅବିକଳ ସେମିତି ପାହାଡ଼, ସବୁଜ ବନାନୀ, ଟିକି ଟିକି ବଣଫୁଲସବୁ କୋଳରେ ଧରି କୁଳୁ କୁଳୁ ନିନାଦିନୀ ପାହାଡ଼ୀ ଝରଣା ବହି ଯାଉଛି । ଝରଣା କୂଳର



ଗୋଟିଏ ପଥର ଉପରେ ଠିଆ ହୋଇଛି ସ୍ୱପ୍ନ-କଇଁ, ପାଖରେ ତା'ର ସ୍ୱପ୍ନ-କୁମାର । ଦୁହେଁ ଦୁହିଁଙ୍କୁ ଚାହିଁଛନ୍ତି । କାହାରି ମୁଖରେ ଭାଷା ନାହିଁ । କିଛି ସମୟ ପରେ ନୀରବତା ଭଙ୍ଗକରି ସ୍ୱପ୍ନ-କଇଁ ତା'ର ମଧୁର ସୁଲଳିତ କଣ୍ଠରେ କହିଲା, 'ତୁମର ବିଶ୍ୱାସ ଓ ଭଲପାଇବାରେ ମୁଁ ମୁଗ୍ଧ । ମୁଁ ମଣିଷ ନ ହେଲେ ବି ମଣିଷ ପରି ତୁମ ସଙ୍ଗେ ତୁମର ସହଧର୍ମିଣୀରୂପେ ରହିବି, କିନ୍ତୁ ଗୋଟିଏ ସର୍ତ୍ତରେ । କେବେ ଯଦି ତୁମ ହୃଦୟରେ ମୋ ପ୍ରତି କପଟତା ଦେଖାଦିଏ ମୁଁ ଆପେ ଆପେ ଉଭେଇ ଯିବି । ଯେତେ ଚେଷ୍ଟା କଲେବି ରହିପାରିବି ନାହିଁ ।''

''ରଜା ପୁଅ କ'ଣ ରାଜି ହେଲା ତ ?''

''ହବ ନାହିଁ ? ଯାହାଲାଗି ଏତେ କଷ୍ଟ ସ୍ୱୀକାର କରିଛି, ତା' ପ୍ରତି ସେ କ'ଣ କେବେ କପଟତା ଆଚରଣ କରିବା ସ୍ୱପ୍ନରେ ବି ଭାବିପାରେ !''

''ଦୁହେଁ ସାଙ୍ଗ ହୋଇ ଘରକୁ ଆସିଲେ । ରଜାରାଣୀ ପୁଅ-ବୋହୂଙ୍କୁ ଦେଖି କେତେ ଖୁସି ହେଲେ !''

''ଆଚ୍ଛା ସ୍ୱପ୍ନ-କଇଁ ସବୁଦିନେ ରହିଲା ତ ?''

''ତୋର ଯେତିକି ଦରକାର କଥାଟି ସେତିକି କହିଲି । ଏତେ ଆଗକୁ ତୋର କାହିଁକି ପ୍ରଶ୍ନ ?''

''କହୁନା ! ଶୁଣିବାକୁ ଇଚ୍ଛା ହେଉଛି ।''

''ଶୁଣାଯାଏ ସ୍ୱପ୍ନ-କଇଁ ସ୍ୱପ୍ନକୁମାର ବହୁତ ଦିନ ସୁଖରେ ରହିଲେ । ସେମାନଙ୍କ ସନ୍ତାନ ସନ୍ତତି ବି ହୋଇଥିଲେ । କିନ୍ତୁ ଦିନେ ହଠାତ୍ ସ୍ୱପ୍ନକୁମାର ମନରେ ସ୍ୱପ୍ନ-କଇଁ ପ୍ରତି କପଟତା ପ୍ରବେଶ କରିବାରୁ ସେ କୁଆଡ଼େ ଉଭାନ ହୋଇଗଲା ।''

''ସ୍ୱପ୍ନକୁମାର ତାକୁ ଏତେ ଭଲ ପାଉଥିଲା ! ତା' ମନରେ ତା' ପ୍ରତି କିପରି କପଟତା ପଶିଲା ?''

''ସ୍ୱପ୍ନକୁମାର ନ ଚାହିଁଲେ କ'ଣ ହେଲା, ପୃଥିବୀ ତ ପରିବର୍ତ୍ତନ ହୋଇ ନାହିଁ ନା ! ମିଥ୍ୟା, ଛଳନା, କପଟତା, ହିଂସା, ଦ୍ୱେଷ, ଈର୍ଷା, କାମ,

କ୍ରୋଧ ସେମିତି ପୂରି ରହିଛି । ଜଣେ ଲୋକ ଚାହିଁଲେ କ'ଣ ସେଥିରୁ ନିଜକୁ ମୁକ୍ତ ରଖି ପାରିବ ? କେମିତି ହେଲେ ତା' ଅଜାଣତରେ ତା' ଭିତରେ ସେସବୁ ପଶିଯିବ । ପୃଥିବୀରେ ଯେପର୍ଯ୍ୟନ୍ତ ଏସବୁର ରୂପାନ୍ତର ନ ହୋଇଛି ସେପର୍ଯ୍ୟନ୍ତ ପୃଥିବୀ କୌଣସି ଅପରୂପ, ଅବିକୃତ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଲାଳିତ୍ୟକୁ ବେଶୀ କ୍ଷଣ ଧାରଣ କରି ପାରିବ ନାହିଁ ।''

''ଯାହାହେଉ ଏତେ ବାଧାବିପଦ, ଦୁଃଖକଷ୍ଟ ଭିତରେ ନିଜ ଉପରେ ଆଉ ଭଗବାନଙ୍କ ଉପରେ ତା'ର ବିଶ୍ୱାସ ଓ ଆସ୍ଥାକୁ ବଜାୟ ରଖି ଶେଷରେ ସ୍ୱପ୍ନ କୁମାର ତା' ସ୍ୱପ୍ନ-କଇଁକୁ ପାଇ ପାରିଲା ତ ! ସେତିକିରେ ମୁଁ ବହୁତ ଖୁସି ।''

''ସେଇଥି ଲାଗିତ ମା' କହନ୍ତି, With faith in the Divine Grace all difficulties are solved.' 'ଭଗବାନଙ୍କ କୃପା ଉପରେ ବିଶ୍ୱାସ ଫଳରେ ସବୁ ଅସୁବିଧା ସମାହିତ ହୁଏ ।'

## ବିଶ୍ୱାସ ଆଣିଦିଏ ବୀରତ୍ୱ

## (୧୧)

''ଆଚ୍ଛା ଚିନୁ ଭାଇ, ତୁମେ କହୁଥିଲ ଶ୍ରୀଅରବିନ୍ଦ ଯେଉଁ ବୀରତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ବିଶ୍ୱାସ ସମ୍ବନ୍ଧେ ଗୋଟିଏ କଥା କହିଥିଲେ ସେଇଟି କହିବ ବୋଲି । କାହିଁ କହିଲ ତ ନାହିଁ ? ସେଇଟି ଆଜି କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଓ, ଅଧ୍ୟାତ୍ମ ସାଧକମାନଙ୍କ ପକ୍ଷରେ ଗୁରୁଙ୍କ ପ୍ରତି କିପରି ବିଶ୍ୱାସ ଓ ଆନୁଗତ୍ୟ ଦରକାର ତା'ର ତ ସେ ଗପ ଏକ ଜ୍ୱଳନ୍ତ ଉଦାହରଣ ! ଆଜି ନିଶ୍ଚୟ କହିବି । ଏଇ ଶୁଣ :

''ଗୁରୁ ନାନକଙ୍କ ନାମ ଶୁଣିଛୁ ? ସିଏ ଥିଲେ ଶିଖ୍ ସଂପ୍ରଦାୟର ଗୁରୁ । ଜଣେ ସିଦ୍ଧ ମହାତ୍ମା । ତାଙ୍କର ଥିଲେ ଅନେକ ଶିଷ୍ୟ । ଶ୍ରୀଅରବିନ୍ଦ କହନ୍ତି, 'ଗୁରୁ ନାନକଙ୍କ ସଂପର୍କରେ କୁହାଯାଏ ଯେ ତାଙ୍କ ଦେହତ୍ୟାଗ ପୂର୍ବରୁ ତାଙ୍କୁ ପଚରାଗଲା ଯେ ତାଙ୍କ ଉତ୍ତରାଧିକାରୀ ରୂପେ ତା'ଙ୍କ ପରେ କିଏ ଗାଦିରେ ବସିବ । ଏହି ମହାନ୍ ଆତ୍ମାଙ୍କର ପୃଥିବୀପୃଷ୍ଠରୁ ବିଦାୟନେବା ସହ ତାଳ ଦେଇ ପ୍ରକୃତିରେ ଦେଖାଦେଇଥିଲା ଏକ ଅସ୍ଥିରତା, ଏକ ବିରାଟ ଝଡ଼ । ସେତେବେଳକୁ ନାନକ ଗୋଟିଏ ଗଛମୂଳେ ବସିଥା'ନ୍ତି । ତା'ଙ୍କ ଚାରିପଟେ ଶିଷ୍ୟମାନେ ଘେରି ବସିଥା'ନ୍ତି । ସଂଧ୍ୟା ସମୟ । ଚେଲାମାନେ କିଛି ଖାଇ ନ ଥା'ନ୍ତି । ସେମାନଙ୍କର କିଛି ଖାଇବା-ପିଇବା ନିହାତି ଦରକାର ଏକଥା ନାନକ ଜାଣି ପାରି ତାଙ୍କ ଦୁଇ ପୁଅ ଶ୍ରୀଚାନ୍ଦ ଓ ଲକ୍ଷ୍ମୀଚାନ୍ଦଙ୍କୁ ପାଖକୁ ଡାକିଲେ । କହିଲେ, ଯାଇ କିଛି ଖାଦ୍ୟ ଯୋଗାଡ଼ କରି ଆଣିବାକୁ । କିନ୍ତୁ ପୁଅ ହେଲେ କ'ଣ ହେବ, ବାପାଙ୍କର କୌଣସି ଆଧ୍ୟାତ୍ମିକ ଗୁଣର ସେମାନେ ଅଧିକାରୀ ନ

ଥିଲେ । ବାପାଙ୍କର ଏପରି ଅନୁରୋଧକୁ ତାଙ୍କର ମସ୍ତିଷ୍କବିକୃତି ଛଡ଼ା ଆଉ କିଛି ନୁହେଁ ବୋଲି ସେମାନେ ଭାବିଲେ । ତା' ଉପରେ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ବରଂ ସେପରି ପ୍ରବଳ ବର୍ଷା ତୋଫାନ ସମୟରେ ଯେତେବେଳେ କେହି ଘରୁ ପଦାକୁ ଗୋଡ଼ କାଢ଼ିବାକୁ ସାହସ କରେ ନାହିଁ ସେ ସମୟରେ ଯାଇ ଖାଦ୍ୟ ଭିକ୍ଷା କରିବାର ଧାରଣାକୁ ଥଟ୍ଟା ଓ ବିଦ୍ରୂପ କଲେ । ତା'ପରେ ନାନକ ତାଙ୍କ ପ୍ରତି ଅନୁରକ୍ତ ଜଣେ ଶିଷ୍ୟକୁ ଡାକି କିଛି ଖାଦ୍ୟ ସଂଗ୍ରହ କରି ଆଣିବାଲାଗି କହିଲେ । ଶିଷ୍ୟଜଣକ ଖାଲି ନାନକଙ୍କୁ ପଚାରିଲେ ଯେ କୋଉଠୁ ସେ ଖାଦ୍ୟ ସଂଗ୍ରହ କରିବେ ? ନାନକ ତାଙ୍କୁ କହିଲେ ଯେ ସେ କୁଆଡ଼କୁ ଯିବା ଦରକାର ନାହିଁ । ଯେଉଁ ଗଛମୂଳେ ସେମାନେ ବସିଛନ୍ତି ସେଇ ଗଛକୁ ମାଗିଲେ ଆବଶ୍ୟକ ସମସ୍ତ ଖାଦ୍ୟ ସେ ଦେବ । ନାନକଙ୍କ କହିବା ଅନୁଯାୟୀ ଶିଷ୍ୟଜଣକ ଗଛକୁ ଖାଦ୍ୟ ମାଗିଲେ ଓ କୁହାଯାଏ ଯେ ଗଛଠାରୁ ପ୍ରଚୁର ମିଠାଇ ମିଳିଥିଲା ।

''ତା'ପରେ ନାନକ ଶିଷ୍ୟମାନଙ୍କ ସହ ନଈକୂଳ ଆଡ଼କୁ ଚାଲିଲେ । ବାଟରେ ଗୋଟିଏ ମୁର୍ଦାର ପଡ଼ିଥିଲା । ନାନକ ତାକୁ ଦେଖି ତାଙ୍କ ଦୁଇ ପୁଅଙ୍କୁ ସେହି ଅଦ୍ଭୁତ ଖାଦ୍ୟ ଭକ୍ଷଣ କରିବାକୁ କହିଲେ । ପୁଅ ଦୁହେଁ ତାଙ୍କ ବାପାଙ୍କର ଏପରି ଆଦେଶକୁ ତାଙ୍କ ପାଗଳାମୀର ଚୂଡ଼ାନ୍ତ ପ୍ରମାଣ ରୂପେ ଧରିନେଲେ । କିନ୍ତୁ ନାନକ ପୂର୍ବୋକ୍ତ ଶିଷ୍ୟ ଜଣଙ୍କୁ ଏ ଆଦେଶ ଦେବାରୁ ସେ ବିନା ପ୍ରଶ୍ନରେ ସଙ୍ଗେସଙ୍ଗେ ତାହା କରିବାକୁ ପ୍ରସ୍ତୁତ ହୋଇଗଲେ । ଖାଲି ଟିକିଏ ଅଟକି ଗଲେ ଜାଣିବା ଲାଗି ଯେ କୁଆଡୁ ପ୍ରଥମେ ଖାଇବେ, ମୁଣ୍ଡ ଆଡୁ ନା ପାଦ ଆଡୁ । ଶିଷ୍ୟଜଣକଙ୍କର ତାଙ୍କ ପ୍ରତି ଏପରି ଦୃଢ଼ ବିଶ୍ୱାସ ଦେଖି ନାନକ ପୂର୍ଣ୍ଣ ସନ୍ତୋଷ ଲାଭ କଲେ ଓ ତାଙ୍କ ପୁଅମାନଙ୍କ ବଦଳରେ ତାଙ୍କୁ ତାଙ୍କ ଗାଦିର ଉତ୍ତରାଧିକାରୀ ରୂପେ ଘୋଷଣା କଲେ ।''

''ଗପଟିର ଶେଷରେ ଶ୍ରୀଅରବିନ୍ଦ କହିଛନ୍ତି, 'ଏହି ବୀରତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ବିଶ୍ୱାସ ଯାହାକୁ ଯେକୌଣସି କଷ୍ଟକର ସାଧନାର ପ୍ରଥମ



ଆବଶ୍ୟକତା ରୂପେ ଧାର୍ମିକ ଗୁରୁମାନେ ଗୁରୁତ୍ୱ ଦେଇଥା'ନ୍ତି, ସେପରି ବିଶ୍ୱାସର ଅଧିକାରୀ ସମସ୍ତେ ହୋଇ ପାରି ନ ଥା'ନ୍ତି । କିନ୍ତୁ ଏହା ପଶ୍ଚାତରେ ଯେଉଁ ସତ୍ୟ ନିହିତ ଅଛି ସମସ୍ତ ଅନୁଭୂତି ଓ ଅଭିଜ୍ଞତା ତା'ର ଯଥାର୍ଥତା ପ୍ରତିପାଦନ କରିଥାଏ, 'Faith is the first condition of success in every great undertaking. It is no exaggeration to say that faith removes mountains. It is faith that makes the men of will and thought persevere in spite of apparently insurmountable difficulties. They start with a strong confidence in the ultimate success of a noble undertaking, and are therefore never daunted by difficulties, however formidable'– 'ପ୍ରତ୍ୟେକ ମହାନ୍ କାର୍ଯ୍ୟରେ ବିଶ୍ୱାସ ହେଉଛି ସଫଳତାର ପ୍ରଥମ ସର୍ତ୍ତ । ବିଶ୍ୱାସ ଯେ ପର୍ବତ ଟାଳିଦିଏ ଏକଥା ଏକ ଅତିରଞ୍ଜନ ନୁହେଁ । ଆପାତଦୃଷ୍ଟିରେ ଅନତିକ୍ରମଣୀୟ ବାଧା ରହିଥିଲେ ବି ବିଶ୍ୱାସହିଁ ଚିନ୍ତାଶୀଳ ଓ ସଂକଳ୍ପଶୀଳ ମଣିଷକୁ ଅଧ୍ୟବସାୟୀ କରିଥାଏ । ଏକ ମହତ୍ କାର୍ଯ୍ୟର ଚୂଡ଼ାନ୍ତ ସଫଳତାରେ ଏକ ଦୃଢ଼ ଭରସା ସହ ସେମାନେ ଆରମ୍ଭ କରନ୍ତି ଓ ସେଥିଯୋଗୁ ବାଧା ଯେତେ ଦୁରନ୍ତ ହେଲେବି ସେଥିରେ କେବେ ଦବିଯାଆନ୍ତି ନାହିଁ ।''

''ଏଇଭଳି ଜଣେ ରଜାପୁଅର କାହାଣୀ କୁହ ଯିଏକି ଅସମ୍ଭବ ଧରଣର ବାଧାକୁ ବିଶ୍ୱାସ ବଳରେ ଅତିକ୍ରମ କରିଥିବ – ଠିକ୍ ଆରଥର ଯେପରି କହିଥିଲ ।'' ଅନୁରୋଧ କଲା ଅନୁରକ୍ତା ।

''ରଜାପୁଅ କାହାଣୀ ଥରେ ଶୁଣି ମନରେ ଲାଗିଯାଇଛି ନା ? କ'ଣ ରଜାପୁଅଟିଏ ଚାହୁଁ ନା କ'ଣ ?''

''ମୋତେ ଚିଡ଼ାଇଲେ କ'ଣ ଭାବିଛ ମୁଁ ଛାଡ଼ି ଦେବି ନା କ'ଣ ? ଯେମିତି ହେଲେ ରଜାପୁଅ କାହାଣୀଟିଏ ଆଜି କହିବାକୁ ହେବ ।''

ବିଚରା ଚିନ୍ମୟର ସବୁ କୌଶଳ ଅନୁରକ୍ତାର ଦୃଢ଼ତା ଆଗରେ

ହାର ମାନିଲା । ଶେଷକୁ ସେ ଆରମ୍ଭ କଲା :

''ଠିକ୍ ଆମର ଆଗଥରର ସ୍ୱପ୍ନକୁମାର ଭଳି ଥିଲା ରାଜକୁମାରଟିଏ । ନାଁଟି ତା'ର ସୌମ୍ୟକାନ୍ତ । ଭାରି ଶିକାରପ୍ରିୟ । ସିଏ ବି ଥରେ ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ଦେଖିଲା ଗୋଟିଏ ସୁନାରଙ୍ଗର ହରିଣ ଜଙ୍ଗଲସାରା ଡିଆଁମାରି ବୁଲୁଛି । ତା'ପରଦିନ ଯେମିତି ସକାଳ ହେଲା ଲୋକବାକ ଧରି ଚାଲିଲା ଜଙ୍ଗଲକୁ ଶିକାର କରିବାକୁ । ସତରେ ଜଙ୍ଗଲରେ କିଛି ସମୟ ଏଣେତେଣେ ବୁଲିବା ପରେ ଦେଖିଲା ଗୋଟିଏ ସୁନାରଙ୍ଗର ହରିଣ ମନ ଆନନ୍ଦରେ ଡିଆଁମାରି ବୁଲୁଛି । ତା'ର ସମସ୍ତ ଲୋକଙ୍କୁ କହିଲା ହରିଣ ଚାରିପଟେ ଘେରି ତାକୁ ଯେକୌଣସିମତେ ଧରିବାକୁ । ଯଦି କାହାରି ପାଖଦେଇ ହରିଣ ଚାଲିଯାଏ ତେବେ ତା'ର ମୁଣ୍ଡକାଟ ହେବ । ପ୍ରାଣ ଭୟରେ ସମସ୍ତେ ସଜାଗ । ଖଣ୍ଡିଆମଣ୍ଡିଆ ହୁଅନ୍ତୁ ପଛେ ଯେମିତିହେଲେ ହରିଣକୁ ଧରିବାକୁ ତିଆର୍ । କିନ୍ତୁ ହରିଣ ଅନ୍ୟ କାହା ପାଖ ଦେଇ ନ ଯାଇ ରାଜକୁମାର ପାଖ ଦେଇ ବିଜୁଳି ବେଗରେ ପଳାଇଗଲା । ରାଜକୁମାର ତ ତା' ରଙ୍ଗ ଦେଖି ପାଗଳ । ତା' ପଛରେ ବି ଧାଇଁବାକୁ ଲାଗିଲା । ଅନେକ ବାଟ ଧାଇଁବା ପରେ ଗୋଟିଏ ଲଟାରେ ହରିଣର ଶିଙ୍ଗ ଛନ୍ଦି ହୋଇଯିବାରୁ ସେ ଆଉ ଦଉଡ଼ି ପାରିଲା ନାହିଁ । ରାଜକୁମାର ଯାଇ ସଙ୍ଗେ ସଙ୍ଗେ ତା' ଶିଙ୍ଗକୁ ମାଡ଼ି-ବସିଲା । ହରିଣଟି ବହୁତ ଛାଟି ପିଟି ହେଲା ପଳାଇ ଯିବାକୁ; କିନ୍ତୁ ପାରିଲା ନାହିଁ । ଶେଷରେ ମନୁଷ୍ୟ କଣ୍ଠରେ ରାଜକୁମାରକୁ କହିଲା, 'ମୋତେ ଛାଡ଼ି ଦିଅ । ମୁଁ ତୁମକୁ ଅନେକ ଧନରତ୍ନ ଦେବି । ମୋତେ ମାରନା କି ବାନ୍ଧି ରାଜଉଆସକୁ ନିଅନା ।' ରାଜକୁମାର ହସି ହସି କହିଲା, 'ମୋର ଧନରତ୍ନ କ'ଣ ଅଭାବ ଅଛି ନା କ'ଣ ?' 'ଧନରତ୍ନ ଯଦି ଦରକାର ନାହିଁ ତେବେ ମୁଁ ତୁମକୁ ପିଠିରେ ବସାଇ ବିଚିତ୍ର ସ୍ଥାନସବୁ ଦେଖାଇବି । ମୋତେ ଛାଡ଼ିଦିଅ ।' ରାଜକୁମାର ତା' କଥାରେ ବିଶ୍ୱାସ କରି ତାକୁ ଛାଡ଼ି ଦେଲା । ସତକୁ ସତ ହରିଣଟା ରାଜକୁମାରକୁ ପିଠି ଦେଖାଇଲା । ରାଜକୁମାର ତା' ପିଠିରେ ବସିବା ମାତ୍ରେ ତାକୁ କୁଆଡ଼େ ନାଇଁ



କୁଆଡ଼େ ନେଇଗଲା । ଅନେକ ସୁନ୍ଦର ସୁନ୍ଦର ମୁଲକ, ସୁନ୍ଦର ସୁନ୍ଦର ଦୃଶ୍ୟସବୁ ଦେଖାଇଲା । ରାଜକୁମାର ଏସବୁ ଦେଖି କାବା ହୋଇ ଯାଉଥାଏ । ଜୀବନରେ କେବେ ଏତେ ସୁନ୍ଦର ମୁଲକ, ସୁନ୍ଦର ଦୃଶ୍ୟ ଦେଖି ନ ଥିଲା ।

''ହରିଣ ରାଜକୁମାରକୁ କୋଉ ମୁଲକକୁ ନେଲା ?'' ପଚାରିଲା ଅନୁରକ୍ତା ।

''ହରିଣ ଯେଉଁ ମୁଲକରେ ରାଜକୁମାରକୁ ବୁଲାଇଲା ସେସବୁ ହଉଛି କୁହୁକ ରାଇଜ । ସେ ହରିଣ ତ ନିଜେ କୁହୁକ ରାଇଜର ରଜା । ଟିକିଏ ଫୂର୍ତ୍ତି କରିବାକୁ ହରିଣ ରୂପ ଧରି ପୃଥିବୀର ଜଙ୍ଗଲକୁ ଆସିଥିଲା । ରାଜକୁମାର କିନ୍ତୁ ଏସବୁ କଥା ଜାଣି ନ ଥାଏ । ଗୋଟାଏ ସ୍ଥାନ ବୁଲି ଦେଖୁ ଦେଖୁ ହରିଣଟା କୁଆଡ଼େ ଉଭାନ ହୋଇଗଲା । ରାଜକୁମାର ଆଉ ଯିବ କୁଆଡ଼େ । ସେ ଜାଗାରେ ସେ ନୂଆ, କୁଆଡ଼େ ବାଟଘାଟ ଦେଖି ନାହିଁ । ତା'ର ସାଥି ଶିକାରୀମାନେ କୁଆଡ଼େ ରହିଲେଣି ଯେ ସେମାନଙ୍କର ଆଉ ପତ୍ତା ନାହିଁ । ଘରକଥା ମନେ ପଡ଼ିଲା । କିପରି ତା' ବାପାମା ତାକୁ ଖୋଜୁଥିବେ । ଏତିକିବେଳେ ଜଣେ ସୁନ୍ଦର ବୃଦ୍ଧ ଆସି ତା' ଆଗରେ ଉଭା ହେଲେ । ଏ ବୃଦ୍ଧ ହେଉଛି କିଏ ଜାଣୁ ? ସେଇ ହରିଣ, ଯିଏ ହେଉଛି କୁହୁକ ରାଇଜର ରଜା । ରାଜକୁମାର ତା' କଥାରେ ବିଶ୍ୱାସ କରି ତାକୁ ବାନ୍ଧି ନେଇ ନ ଥିବାରୁ ତା' ଉପରେ ତା'ର ଦୟା ହେଲା । ସେ ରାଜକୁମାରକୁ ପଚାରିଲା, 'ବାପ, କୁଆଡ଼େ ଯିବ ?' ରାଜକୁମାର ତା'ର ସମସ୍ତ ହାଲ୍ ତାକୁ କହିବାରୁ ସେ ତାକୁ ସଙ୍ଗରେ ନେଇ ନିଜ ଉଆସକୁ ଗଲା । ସେଇ ରାଇଜରେ ତା'ର ୧୦୦ଟି ଉଆସ ଥାଏ । ସବୁ ଉଆସର ଚାବି ରାଜକୁମାରକୁ ଦେଲା । କହିଲା, 'ତୋର ଯେତେବେଳେ ଯେଉଁ ଉଆସରେ ରହିବାକୁ ଇଚ୍ଛା ହେବ ସେଠାରେ ରହିବୁ ।'

''ରାଜକୁମାର କୁହୁକ ରାଇଜର ଉଆସ ଦେଖି ସବୁକିଛି ଭୁଲିଗଲା । ପ୍ରତିଦିନ ଗୋଟିଏ ଗୋଟିଏ ଉଆସରେ ରହୁଥାଏ । ସବୁ ଉଆସକୁ ଲାଗି ସୁନ୍ଦର ସୁନ୍ଦର ବଗିଚା ଥାଏ । ବଗିଚା ଭିତରେ ଶଙ୍ଖମଲମଲ ପାହାଚ ଥାଇ

ସୁନ୍ଦର ସୁନ୍ଦର ପୁଷ୍କରିଣୀ ଥାଏ । ପୁଷ୍କରିଣୀର ଜଳ ଏତେ ସ୍ୱଚ୍ଛ ଯେ ସେଥିରେ ଖେଳୁଥିବା ରଙ୍ଗବେରଙ୍ଗର ମାଛସବୁ ଦେଖା ଯାଉଥା'ନ୍ତି । ଫଳ, ଫୁଲ, ଗଛରେ ବଗିଚା ଭରା ଥାଏ । କେତେ ଅଦ୍ଭୁତ କିସମର ଚଢ଼େଇସବୁ ଏଗଛରୁ ସେଗଛକୁ ଉଡୁଥା'ନ୍ତି, ମଧୁର କଣ୍ଠରେ ରାବୁଥା'ନ୍ତି । ପ୍ରତି ଉଆସରେ ପହଞ୍ଚିଲା ମାତ୍ରେ ଅପୂର୍ବ ଖାଦ୍ୟ, ପାନୀୟ ଆସି ପହଞ୍ଚିଯାଉଥାଏ । ଶୋଇବା ପାଇଁ ଅପୂର୍ବ ଶେଜ । ରାଜକୁମାର ସବୁ ଉଆସରେ ଦିନେ ଦିନେ ରହିଲା । ଶେଷ ଉଆସଟିରେ ଯେଉଁଦିନ ରହିଲା  ସେଦିନ ଏକ ଅଦ୍ଭୁତ କଥା ଘଟିଲା । ସେ ଉଦ୍ୟାନର ପୁଷ୍କରିଣୀ କୂଳରେ ବସି ବନ୍‌ଶୀ ପକାଉଛି, ଏଇ ସମୟରେ ସେଇ ବାଟ ଦେଇ କୁହୁକ ରାଇଜଠୁ ବହୁତ ଦୂରରେ ଥିବା ମୋତି ପାହାଡ଼ର ରାଜାଙ୍କ କନ୍ୟା ସୌମ୍ୟା ଅଦୃଶ୍ୟ  ଭାବରେ ଉଡ଼ି ଚାଲିଯାଉଥିଲା । ରାଜକୁମାର ଉପରେ ନଜର ପଡ଼ିବା ମାତ୍ରେ ସେ ତା'ର ରୂପରେ ମୁଗ୍ଧ ହୋଇଗଲା ଓ ନିଜ ରୂପ ଧାରଣ କରି ରାଜକୁମାରକୁ ପରିଚୟ ଦେଲା । ଉଭୟ ଉଭୟଙ୍କୁ ବହୁତ ଭଲପାଇଲେ ଓ ବିବାହ କରିବାକୁ ମନ ବଳାଇଲେ । ରାଜକୁମାର ଏକଥା କୁହୁକ ରାଜାକୁ କହିଲେ । କୁହୁକ ରାଇଜର ରଜା ଦେଖିଲା ଯେ ରାଜକୁମାର ସୌମ୍ୟାକୁ ବିବାହ ନ କଲେ ପାଗଳ ହୋଇଯିବ । ଅତିଥି ଉପରେ ଦୟା କରି ସେ ତାକୁ ବିବାହଲାଗି ଅନୁମତି ଦେଲା ।

''ସୌମ୍ୟକାନ୍ତ ଓ ସୌମ୍ୟା ପରସ୍ପରକୁ ବିବାହ କରି ବହୁଦିନ ସେଠାରେ ସୁଖରେ ରହିଲେ । କିନ୍ତୁ ଯେତେ ସୁଖରେ ରହିଲେ ବି ବେଳେବେଳେ ଆଉକିଛିର ଅଭାବବୋଧ ଆସି ପହଞ୍ଚି ମଣିଷକୁ ବ୍ୟତିବ୍ୟସ୍ତ କରିପକାଏ । ସୌମ୍ୟକାନ୍ତର ସେଇଆ ଘଟିଲା । ନିଜ ଘର କଥା, ବିଶେଷ କରି ବାପା-ମା'ଙ୍କ କଥା ମନେ ପଡ଼ିଲା । ଥରେ ସେମାନଙ୍କୁ ଯାଇ ଦେଖାକରିବାକୁ ପ୍ରବଳ ଇଚ୍ଛା ହେଲା । କିନ୍ତୁ ଏକଥା କୁହୁକ ରାଇଜର ରଜାକୁ ସେ ଫିଟାଇ କହିପାରୁ ନ ଥାଏ । ଭାବେ ସେ ତାକୁ ଏତେ ଭଲପାଉଛି, ତା' ଚାଲିଯିବା କଥା ଶୁଣିଲେ କାଳେ ମନଦୁଃଖ କରିବ । କହି ସିନା ପାରିଲା ନାହିଁ, କିନ୍ତୁ ସେ



ଇଚ୍ଛାକୁ ନିଜ ଭିତରେ ହଜମ କରି ପାରିଲା ନାହିଁ । ସବୁବେଳେ ବାପାମା'ଙ୍କୁ ମନେମନେ ଝୁରି ହେଲା । ଖିଆପିଆରେ ଠିକ୍ ରହିଲା ନାହିଁ । ଦେହ ତାର ଶୁଖିଗଲା । କୁହୁକ ରଜା ତା' ଚେହେରା ଦେଖି ସବୁ ଜାଣିପାରିଲା । ଦିନେ ନିଜ ତରଫରୁ ତା' ମନଦୁଃଖର କାରଣ ପଚାରିଲା । ସୌମ୍ୟକାନ୍ତ  ଦୋଦୋ ପାଞ୍ଚ ହୋଇ ଅନେକ କଷ୍ଟରେ ଶେଷକୁ ସବୁକଥା ଫିଟାଇ କହିଲା ।

''କୁହୁକରଜା କହିଲା, 'ତୁ ସିନା ଘରକୁ ଯିବାକୁ ଚାହୁଁଛୁ, କିନ୍ତୁ ସେଠାକୁ ଗଲେ ବହୁତ ହଇରାଣ ହେବୁ । ତୋ ବାପ-ମା ଆଉ ଜୀବନରେ ନାହାନ୍ତି । ଶତ୍ରୁମାନେ ସେମାନଙ୍କୁ ମାରି ରାଜଗାଦି ଅଧିକାର କରିଛନ୍ତି ।' କିନ୍ତୁ ତଥାପି ସୌମ୍ୟକାନ୍ତର ଏକା ଜିଦ୍ ସେ ତା' ରାଇଜକୁ ଯିବ । ସେଠାକୁ ଯିବା ଲାଗି ତା' ପ୍ରାଣ ଆକୁଳରେ ଖାଲି ଛଟପଟ କରୁଛି ।

''କୁହୁକରଜା କହିଲା, 'ହଉ ତୋର ଯିବାରେ ଯଦି ଏତେ ଆଗ୍ରହ ଯା । ଯଦି କେବେ ମୋର ସାହାଯ୍ୟ ଚାହୁଁ ତେବେ ମୋତେ ସ୍ମରଣ କରି ଡାହାଣ ହାତର ମଝି ଆଙ୍ଗୁଠିଟି କାଟିଦେଲେ ମୁଁ ଯାଇ ତୋ ପାଖରେ ହାଜର ହେବି ।'

''ସୌମ୍ୟକାନ୍ତ ତା' ସ୍ତ୍ରୀକୁ ଧରି ନିଜ ରାଇଜକୁ ବାହାରିଲା । ଏତିକିବେଳେ ସେ ସୁନାରଙ୍ଗର ହରିଣଟି କୋଉଠି ଥିଲା ଆସି ତା' ଆଗରେ ଉଭାହେଲା । ଦୁହେଁ ହରିଣ ପିଠିରେ ବସିବାରୁ ସେ ନେଇ ତାଙ୍କ ରାଇଜର ସୀମାରେ ତାଙ୍କୁ ଛାଡ଼ି ଦେଇ ଚାଲିଆସିଲା । ଏହା ମଧ୍ୟରେ ବହୁବର୍ଷ ବିତିଯାଇଛି ଓ ରାଜକୁମାରର ଚେହେରାରେ ଅନେକ ପରିବର୍ତ୍ତନ ହୋଇଛି । କେହି ତାକୁ ଚିହ୍ନିପାରୁ ନ ଥା'ନ୍ତି । ଶେଷକୁ ତା'ସଙ୍ଗେ ଶିକାର କରିବାକୁ ଯାଇଥିବା ଜଣେ ବଂଧୁ ତାକୁ ଚିହ୍ନିଲା । ତାକୁ ଘରକୁ ଡାକିନେଇ ରାଜ୍ୟର ସବୁ ହାଲ୍ କହିଲା । କିପରି ତା'ର ଜଣେ ପଡ଼ୋଶୀ ତାର ବାପାମା'ଙ୍କୁ ମାରି ନିଜେ ରାଜା ହୋଇଛି ଓ ଘୋଷଣା କରିଛି ଯେ ଯିଏ ରାଜକୁମାର ସୌମ୍ୟକାନ୍ତର ମୁଣ୍ଡକାଟି ଆଣି ଦେବ, ତାକୁ ଦୁଇ ଶହ ସ୍ୱର୍ଣ୍ଣମୁଦ୍ରା ଉପହାର ମିଳିବ । ରାଜକୁମାର ଏସବୁ

କଥା ଶୁଣି କୁହୁକରଜା କଥା ମନେପକାଇଲା । ଭାବିଲା ସେ ଠିକ୍ କହୁଥିଲା । କିନ୍ତୁ ଆଉ ବର୍ତ୍ତମାନ ଉପାୟ କ'ଣ ? ଚାଲି ତ ଆସିଲାଣି । ତା'ର ଶିକାରୀ ବନ୍ଧୁ ଜଣକ ତାକୁ ତା'ରି ଘରେ ରହିବାକୁ ଅନୁରୋଧ କଲା । ତା'ର ଘରେ ଖାଲି ଗୋଟିଏ ବୁଢ଼ୀମା ଥାଏ । ତା' ଆଖିକୁ ଭଲକରି ଦେଖାଯାଏ ନାହିଁ । ଦୁଇବନ୍ଧୁ ଶିକାର କରିବାକୁ ଯାଆନ୍ତି । ସୌମ୍ୟା ଘରେ ରୋଷେଇ କରେ । ବୁଢ଼ୀ ତା'କୁ ଦେଖିପାରେ ନାହିଁ । ତେଣୁ ଜାଣିପାରେ ନାହିଁ ଯେ ସୌମ୍ୟା କେଡ଼େ ସୁନ୍ଦରୀ । ପୁଅ ବି ତା'ର କହି ନ ଥାଏ ଯେ ରାଜକୁମାର ସୌମ୍ୟକାନ୍ତ ନିଜେ ଆସି ତାଙ୍କ ଘରେ ଅଛନ୍ତି । ଏହା ଭିତରେ ଅନେକ ଦିନ ସୁଖରେ ବିତିଯାଇଛି । କିନ୍ତୁ ଦୁନିଆ ସବୁବେଳେ ସୁଖ ସହେ ନାହିଁ । ବେଳେବେଳେ ଦୁଃଖର ଚାବୁକ ଦେଇ ମଣିଷର ମୋହ ନିଦ୍ରା ଭାଙ୍ଗିଦିଏ, ତାକୁ ପରଖି ନିଏ ।

''ଶିକାରୀ ବନ୍ଧୁ ଘରର ଖୋଲା ଝରକା ପାଖରେ ଠିଆ ହୋଇ ସୌମ୍ୟା ଦିନେ ମୁଣ୍ଡ କୁଣ୍ଡାଉଛି । ସେଇ ବାଟ ଦେଇ ରାଜାଙ୍କର ସେନାଧକ୍ଷ ଘୋଡ଼ାରେ ଚଢ଼ି ଯାଉଥିଲା । ସୌମ୍ୟାର ଖୋଲା କଳା ମଚ୍ ମଚ୍ କେଶରାଜି ଭିତରେ ତା'ର ମୁହଁଟି ଯେମିତି କଳା ବଉଦ ଫାଙ୍କରେ ପୁନେଇଁ ଜହ୍ନପରି ଦେଖାଯାଉଥିଲା । ସେନାଧକ୍ଷ ଏପରି ଅପୂର୍ବ ରୂପଲାବଣ୍ୟ କେବେ ଜୀବନରେ ଦେଖି ନ ଥିଲା । କ'ଣ ହେଲା କେଜାଣି ଘୋଡ଼ାପିଠିରୁ ଗୁଳୁକିନା ପାଖ ନର୍ଦ୍ଦମା ନାଳୀ ଭିତରେ ଗଳିପଡ଼ିଲା । ସିଏ ପଡ଼ିଲା ଯେ ସେମିତି ପଡ଼ିରହିଲା ଆଉ ଉଠିଲା ନାହିଁ । ଘୋଡ଼ାଟା ଡିଆଁମାରି କୁଆଡ଼େ ଛୁ । ଲୋକମାନେ ଯାଇ ଦେଖିଲାବେଳକୁ ସେ ବେହୋସ୍ । ତାକୁ ଉଠା ଉଠି କରି ନେଇ ଘରେ ଛାଡ଼ିଲେ । ରାଜା ଏକଥା ଶୁଣିଲେ । ଏବଂ ତା'ଠାରୁ ଜାଣିବାକୁ ପାଇଲେ ତା'ର ଏପରି ବେହୋସ ହେବାର କାରଣ । ଏପରି ସୁନ୍ଦର ସ୍ତ୍ରୀଲୋକ ତା'ଙ୍କ ରାଜ୍ୟରେ ଅଛି ବୋଲି ସେ ଜାଣି ନ ଥିଲେ । ସଙ୍ଗେସଙ୍ଗେ ଲୋକ ପଠାଇଲେ ଯାଇ ତାକୁ ଧରି ଆଣିବାକୁ । ଲୋକମାନେ ଯାଇ ବୁଢ଼ୀଘରେ ପହଞ୍ଚିଲେ । ତା' ପୁଅ ଓ ସୌମ୍ୟକାନ୍ତ ଦୁହେଁଯାକ ଶିକାର କରିବାକୁ ଯାଇଥା'ନ୍ତି । ବୁଢ଼ୀ



ଲୋକମାନଙ୍କଠାରୁ ସବୁକଥା ଶୁଣି କହିଲା, 'ମୋ ଘରେ ତ ସେପରି ସୁନ୍ଦର ସ୍ତ୍ରୀଲୋକ କେହି ନାହାନ୍ତି । ଯଦି ସନ୍ଦେହ ହେଉଛି ଯାଇ ଭିତରେ ଦେଖୁନା । ସୌମ୍ୟା ଭିତରେ ଥାଇ ସବୁ ଶୁଣି ପାରିଲା । ଜାଣିପାରିଲା ଆଉ ଟିକିଏ ଗଲେ ରଜାଘରର ଲୋକମାନେ ତାକୁ ଧରିନେବେ । ସେ ଆଉ ସାମାନ୍ୟ ଡେରି ନ କରି ସଙ୍ଗେସଙ୍ଗେ ପ୍ରଜାପତିଟିଏ ହୋଇ ଉଡ଼ି ବାହାରିଗଲା । ଗଲାବେଳେ ବୁଢ଼ୀ କାନ ପାଖରେ କହିଗଲା, 'ମୁଁ ମୋତି ପାହାଡ଼କୁ ଯାଉଛି ।' ବୁଢ଼ୀକୁ ତ ଭଲକରି ଦେଖାଯାଉ ନ ଥାଏ । ସେତେବେଳେ ଏ କଥାର ଅର୍ଥ ସେ କିଛି ବୁଝିପାରିଲା ନାହିଁ । ରଜାଘରର ଲୋକମାନେ ଘରେ ପଶି କାହାକୁ ନ ପାଇ ଫେରିଗଲେ । ତା'ପରେ ସୌମ୍ୟକାନ୍ତ ତା' ବଂଧୁସହ ଶିକାରରୁ ଫେରିଛି । ସୌମ୍ୟାକୁ ଘରେ ନ ଦେଖି ଏଣେତେଣେ ଖୋଜି କୁଆଡ଼େ ନ ପାଇ ଶେଷରେ ବୁଢ଼ୀକୁ ପଚାରିଛି ।

''ବୁଢ଼ୀ ଏସବୁ କଥା ଶୁଣି କାବା । ରଜାଘର ଲୋକମାନେ କିପରି ତାକୁ ନେବାକୁ ଆସିଥିଲେ, ନ ପାଇ ଫେରିଗଲେ – ସବୁକଥା କହିଲା । ଶେଷକୁ ମନେ ପକେଇ କହିଲା, 'ମୋ କାନପାଖରେ କ'ଣ ଗୋଟାଏ ଉଡ଼ିଚାଲିଗଲା ପରି ଲାଗିଲାବେଳେ ମୁଁ ଶୁଣିଲି କିଏ ଯେପରି କହୁଛି – ମୁଁ ମୋତି ପାହାଡ଼କୁ ଯାଉଛି । ଏତିକି କଥା ଶୁଣି ରଜାପୁଅ ସବୁ ବୁଝିପାରିଲା । ବହୁତ ବ୍ୟସ୍ତ ହେଲା । କିନ୍ତୁ ମୋତି ପାହାଡ଼କୁ ସେ ଯିବ କେମିତି ? ସେ କୋଉ ମୋତି ପାହାଡ଼ ଦେଖିଛି ନା ସେଠିକି କୋଉ ମଣିଷ ଯାଇପାରେ ? ଦୁଃଖ ଯନ୍ତ୍ରଣାରେ ଖାଲି ଛଟପଟ ହେଲା । ରାଜକୁମାରୀ ସୌମ୍ୟା ବିନା ଜୀବନଟାକୁ ତୁଚ୍ଛ ମନେକଲା । କୁହୁକ ରଜା କଥା ନ ମାନି ନିଜ ରାଇଜକୁ ଆସିଥିବାରୁ ନିଜକୁ ବହୁତ ଗାଳି ଦେଲା । ଆଉ ଖାଇଲା ନାହିଁ କି ପିଇଲା ନାହିଁ ।

''ବାସ୍ତବରେ ସେ ସୌମ୍ୟାକୁ ଏକାନ୍ତଭାବରେ ଭଲପାଉଥିଲା । ଦିନକୁ ଦିନ ଦେହ ତା'ର ଶୁଖି କଣ୍ଟାଭଳି ହୋଇଗଲା । ଦିନେ ମନଦୁଃଖରେ

ବସିଛି, ହଠାତ୍ ତା'ର କୁହୁକରଜା କଥା ମନେ ପଡ଼ିଗଲା । କୁହୁକରଜା ତାକୁ ବିଦାୟ ଦେବା ସମୟରେ କହିଥିଲା ଯେ ତାକୁ ମନେ ପକାଇ ଡାହାଣ ହାତର ମଝି ଆଙ୍ଗୁଠିଟିକୁ କାଟି ଦେଲେ ସେ ଆସି ରାଜକୁମାର ଆଗରେ ଉଭା ହେବ । ଡାହାଣ ହାତର ମଝି ଆଙ୍ଗୁଠିଟିକୁ କାଟିଦେବା ସହଜ କଥା ନୁହେଁ । ରାଜକୁମାର ସୌମ୍ୟକାନ୍ତ ମନରେ ଅନେକ ଚିନ୍ତା । ଡାହାଣ ହାତର ମଝି ଆଙ୍ଗୁଠିଟିକୁ କାଟିବି, ସତରେ କ'ଣ ସେ ଆସିବ ? ଯଦି ନ ଆସିବ ଆଙ୍ଗୁଠିଟି ତ ଗଲା । ଆସିବ ବୋଲି କୋଉ ନିଶ୍ଚୟତା ଅଛି ? କିନ୍ତୁ ତା' ଭିତରର ଅନ୍ୟ ଅଂଶଟିର ଦୃଢ଼ତା ନିକଟରେ ଏସବୁ ଯୁକ୍ତି କୁଆଡ଼େ ଭାସିଗଲା । ଏଇ ଅଂଶଟି କହିଲା, ନିଶ୍ଚୟ କୁହୁକରଜା ତା' କଥା ଅନୁସାରେ ଆସିବ । ସେ ଆଦୌ ବିଶ୍ୱାସଘାତକ ନୁହେଁ । ନ ଆସିଲେ ବି କ'ଣ ହୋଇଯାଉଛି ? ଏପରି ତ ନ ଖାଇ ନ ପିଇ ରାଜକୁମାରୀ ବିନା ମରିବି, ଆଉ ଆଙ୍ଗୁଠିଟା ଗଲେ କ'ଣ ହୋଇଗଲା ସେଇଠୁ ? ଏହା ଏକ ଆଧାତ୍ମିକ ବିଶ୍ୱାସ ନ ଥିଲେ ବି ଥିଲା ତା'ର ପ୍ରାଣର ଏକ ବୀରତ୍ୱପୂର୍ଣ୍ଣ ବିଶ୍ୱାସ । ଯେଉଁ ବିଶ୍ୱାସ କୌଣସି କିଛିକୁ ଭ୍ରୂକ୍ଷେପ କରେ ନାହିଁ, ଖାତିର କରେ ନାହିଁ, ଯାହାକୁ ଭଲପାଏ ତା' ଲାଗି ଜୀବନ ଦେବାକୁ ତିଳେହେଲେ କୁଣ୍ଠାବୋଧ କରେ ନାହିଁ । ଆଧାତ୍ମିକ କ୍ଷେତ୍ରରେ ଏଇପରି ବିଶ୍ୱାସ ଆସିଲେ ସାଧନାରେ ସିଦ୍ଧି ସୁନିଶ୍ଚିତ ହୋଇଉଠେ । ପଥ ମଧ୍ୟସ୍ଥ ସମସ୍ତ ବାଧା କୁଆଡ଼େ ମିଳେଇ ଯିବାକୁ ବାଟ ପାଆନ୍ତି ନାହିଁ ।

''ଏବେ ଆମ କଥାକୁ ଫେରି ଆସିବା । ସୌମ୍ୟକାନ୍ତ ସଙ୍ଗେସଙ୍ଗେ ଆଉ ଟିକିଏ ଦ୍ୱିଧା ନ କରି ତା' ଡାହାଣ ହାତର ମଝି ଆଙ୍ଗୁଠିଟିକୁ କାଟି ଦେଲା । ରକ୍ତ ପିଚ୍‌ପିଚ୍ ବାହାରିଲା ।''

''ନାହିଁ, ମୁଁ ଆଉ ଶୁଣିବି ନାହିଁ । ମତେ କାହିଁକି ଭଲ ଲାଗୁ ନାହିଁ,'' କହି ଅନୁରକ୍ତା ଦୁଇ ହାତରେ ମୁହଁ ଘୋଡ଼ାଇ ବସିଲା ।

ଚିନ୍ମୟ ବୁଝିପାରିଲା ଅନୁରକ୍ତାର କଅଁଳ ପ୍ରାଣରେ ଆଘାତ ଲାଗିଛି । ଏତେ ବଡ଼ ନିଷ୍ଠୁରତା ସେ ସହିପାରୁ ନାହିଁ । ତେଣୁ ସଙ୍ଗେସଙ୍ଗେ ସେ ସ୍ୱର



ବଦଳାଇ ପରିସ୍ଥିତିଟାକୁ ହାଲୁକା କରିଦେଲା । କହିଲା, ''ରକ୍ତ ବାହାରୁ ବାହାରୁ ତ କୁହୁକରଜା ଆସି ହାଜର୍ ଆଉ... ।''

ମୁହଁରୁ ହାତ ଖୋଲି ଅନୁରକ୍ତା ଖୁବ୍ ଆଶାୟୀ କଣ୍ଠରେ କହି ଉଠିଲା, ''ସେଇଠୁ କ'ଣ ହେଲା ?''

''ସେଇଠୁ ଆଉ ହବ କ'ଣ ? ସାଙ୍ଗେ ସାଙ୍ଗେ ରଜାପୁଅ ଆଙ୍ଗୁଠି ଯେମିତି ଥିଲା ସେମିତି ହୋଇଗଲା । ଟିକିଏ କଟାଦାଗ ନାହିଁ, ଟିକିଏ ଯନ୍ତ୍ରଣା ନାହିଁ, କିଛି ନାହିଁ ।''

''ଭଲ ହୋଇଛି । ନ ହେଲେ କେଡ଼େ ସୁନ୍ଦର ରଜାପୁଅଟା ଖଣ୍ଡିଆ ହୋଇ ଯାଇ ଥାଆନ୍ତା ।''

''ତୋର ତ ରଜାପୁଅ ପ୍ରତି ଭାରି ଦରଦ ଦେଖୁଛି । ଆଚ୍ଛା, ଠିକ୍ ଅଛି ଶୁଣ ! ରଜାପୁଅଠାରୁ ସବୁକଥା ଶୁଣି କୁହୁକରଜା କହିଲା, 'ମୋତି ପାହାଡ଼କୁ ଯିବା ସହଜ କଥା ନୁହେଁ । ସେ ଆଶା ଛାଡ଼ି ଦେ ।' ରଜାପୁଅ କହିଲା, 'ଜୀବନରେ ତ ମୋର ସେଇ ଗୋଟିଏ ଆଶା । ଯେମିତି ହେଲେ ମୋତିପାହାଡ଼କୁ ଯାଇ ରାଜକୁମାରୀକୁ ପାଇବି । ଆଉ ମୋର ଜୀବନରେ କିଛି ଆଶା ନାହିଁ । ତା' ଯଦି ନ ହୁଏ ଏ ଜୀବନ ରଖି ଲାଭ କ'ଣ ?'

''କୁହୁକରଜା ସୌମ୍ୟକାନ୍ତର ମନର ଦୃଢ଼ତା ଓ ତା'ର ଭଲପାଇବାରେ ଆନ୍ତରିକତା ଦେଖି ଜାଣିଲା ଯେ ଯେତେ କଷ୍ଟ ହେଲେ ବି ସୌମ୍ୟକାନ୍ତ ମୋତିପାହାଡ଼ରେ ପହଞ୍ଚି ପାରିବ । ସେ ତାକୁ ତା' କୁହୁକରାଇଜକୁ ନେଇଗଲା ଓ ତାକୁ ଗୋଟିଏ କୁହୁକ ଟୋପି ଦେଲା । କହିଲା ଏ ଟୋପି ପିନ୍ଧିଲେ ତୁ ସମସ୍ତଙ୍କୁ ଦେଖିପାରିବୁ, କିନ୍ତୁ ତୋତେ କେହି ଦେଖିପାରିବେ ନାହିଁ । ତୁ ଯେଉଁ ଠାକୁରଙ୍କୁ ଭଲପାଉ ବାଟରେ ତାଙ୍କରି ନାମ ସ୍ମରଣ କରି କରିକା ଯିବୁ । ତୋର କେହି କିଛି କରି ପାରିବେ ନାହିଁ । ବହୁତ ବାଟ ଉତ୍ତରକୁ ଯିବାପରେ ମୋ ଭାଇ ଇନ୍ଦ୍ରଜାଲର ରାଜ୍ୟ ପଡ଼ିବ । ତାକୁ ଭେଟି ମୋ କଥା କହିଲେ ସେ ବି ତୋତେ ଅନେକ ସାହାଯ୍ୟ କରିବ ।

''ରଜାପୁଅ ଖୁସି ହୋଇ କୁହୁକରଜାଠାରୁ ଟୋପି ନେଇ ତା' କହିବା ମୁତାବକ ନିଜ ଇଷ୍ଟଦେବଙ୍କ ନାମ ସ୍ମରଣ କରିକରିକା ଉତ୍ତର ଦିଗକୁ ଚାଲିଲା । ବାଟରେ କେତେ ବିପଦ, କେତେ ଅସୁବିଧା, କେତେ ଦୁଃଖ କଷ୍ଟ ଆସିଲା ତା'ର ସୀମା ନାହିଁ ! କିନ୍ତୁ ସବୁଥିରୁ ସେ ଠାକୁରଙ୍କ ଦୟାରୁ ଓ କୁହୁକ ଟୋପି ବଳରେ ପାର ହେଲା । ବାଟରେ କେତେ ମାସ ବିତିଗଲାଣି ତାକୁ ଜଣା ନାହିଁ । ଗୋଟାଏ ଲକ୍ଷ୍ୟରେ ଚାଲିଛି ତ ଚାଲିଛି । ଆଉ କୁଆଡ଼କୁ ନିଘା ନାହିଁ । ଶେଷରେ କୁହୁକରଜା ଭାଇ ଇନ୍ଦ୍ରଜାଲର ରାଜ୍ୟରେ ଯାଇ ପହଞ୍ଚିଲା । ଇନ୍ଦ୍ରଜାଲ ତାକୁ ଦେଖିବା ମାତ୍ରେ ହସି ଉଡ଼ାଇ ଦେଲା । କହିଲା ତୋ ଜୀବନଯାକ ଚାଲିଲେ ତୁ ମୋତିପାହାଡ଼ରେ ପହଞ୍ଚି ପାରିବୁ ନା ? ଏସବୁ ଆଶା ଛାଡ଼ । ମୋ ରାଜ୍ୟରେ ରହିଯା ତୋର ସବୁ ସୁବିଧା କରିଦେବି । କିନ୍ତୁ ରଜାପୁଅ କୁହୁକରଜାକୁ ଯେପରି କହିଥିଲା ଯେ ତା' ଜୀବନରେ ଗୋଟିଏ ଆଶା । ସେ ଆଶାକୁ ଛାଡ଼ିଲେ ଆଉ ତା'ର ଜୀବନରେ କିଛି ଆକର୍ଷଣ ନାହିଁ,— ସେହି କଥା ଇନ୍ଦ୍ରଜାଲକୁ କହିଲା । ରଜାପୁଅର ଏପରି ଦୃଢ଼ତା ଦେଖି ଇନ୍ଦ୍ରଜାଲର ଦୟା ହେଲା । ସେ କହିଲା, 'ତୁ କ'ଣ ବିଶ୍ୱାସ କରୁ — ଏ ଜୀବନରେ ତୁ ମୋତି ପାହାଡ଼ରେ ପହଞ୍ଚି ପାରିବୁ ?'

''ରଜାପୁଅ କହିଲା, 'ହଁ ମୋର ଦୃଢ଼ ବିଶ୍ୱାସ ହେଉଛି ଯେ ଠାକୁରଙ୍କ ଦୟାରୁ ତୁମ ସାହାଯ୍ୟ ପାଇଲେ ମୁଁ ଏଇ ଜୀବନରେ ସେଠି ପହଞ୍ଚିପାରିବି ।' ଇନ୍ଦ୍ରଜାଲ ବହୁତ ଖୁସି ହୋଇ ରଜାପୁଅକୁ ଗୋଟିଏ ଅଞ୍ଜନ ଦେଲା । କହିଲା, ଉତ୍ତରକୁ ଯାଇ ଯାଇ ଯୋଉଠି ଖାଲି ବରଫ ଦେଖିବୁ, ଆଉ କିଛି ନ ଥିବ, ଖାଲି ବରଫ, ସେଇଠି ଏ ଅଞ୍ଜନ ଆଖିରେ ଲଗାଇଲେ କୋଟି କୋଟି ମାଇଲ ଦୂରର ସେ ମୋତି ପାହାଡ଼ ତୋ ପାଖକୁ ଚାଲି ଆସିବ । ତା'ପରେ ଦେଖିବୁ ଯଦି ତୁ ତୋ'ର ଠାକୁରଙ୍କ ଦୟାରୁ ଚାହୁଁଥିବା ମଣିଷକୁ ପାଇପାରୁ ! ରଜାପୁଅ ଇନ୍ଦ୍ରଜାଲଠାରୁ ଅଞ୍ଜନ ନେଇ ତାକୁ ବହୁତ ଧନ୍ୟବାଦ ଜଣେଇ ଚାଲିଲା । ଚାଲିଚାଲି ଆହୁରି କେତେ ମାସ ବିତିଗଲା । ଅସରନ୍ତି ପଥ, ତଥାପି ଚାଲିଥାଏ । ଜୀବନରେ ତ ତା'ର ଆଉ ଦ୍ୱିତୀୟ ଆଶା କିଛି ନାହିଁ, ତେଣୁ ଆଉ କରିବ



ବା କ'ଣ ? ଶେଷକୁ ସତକୁ ସତ ଇନ୍ଦ୍ରଜାଲ କହିଥିବା ମୁତାବକ ଏକ ଆଖି ପାଉ ନ ଥିବା ବରଫ ଅଞ୍ଚଳରେ ପହଞ୍ଚିଲା । ଯୁଆଡ଼େ ଚାହିଁବ ଖାଲି ବରଫ । ସେଇଠି ରଜାପୁଅ ତା' ଆଖିରେ ଅଞ୍ଜନ ଲଗାଇଲା । କି ଆଶ୍ଚର୍ଯ୍ୟ ! ଦେଖିଲାବେଳକୁ ତା' ଆଖି ଆଗରେ ଏକ ମୋତିର ପାହାଡ଼ ଉପରେ ଅପୂର୍ବ ସୁନ୍ଦର ଟିକି ରାଇଜଟିଏ । ଘରସବୁ ହୀରା, ନୀଳା, ମୋତି ମାଣିକରେ ତିଆରି । ରାଜକୁମାରର କ'ଣ ଏସବୁ ପ୍ରତି ନିଘା ଅଛି । ସେ ତ ଖୋଜୁଛି ମୋତି ରାଇଜର ରାଜକନ୍ୟାକୁ । କୁହୁକ ଟୋପିଟି ମୁଣ୍ଡରେ ଦେଇ ଚାରିଆଡ଼େ ଖୋଜିଲା । ରାଜକୁମାରୀ ସୌମ୍ୟାର ଚିହ୍ନବର୍ଣ୍ଣ କୋଉଠି ପାଇଲା ନାହିଁ । ତଥାପି ସେ ବିଶ୍ୱାସ ହରାଇଲା ନାହିଁ । ଖୋଜିବାରେ ସେମିତି ଲାଗି ରହିଲା ।''

''ସୌମ୍ୟା କ'ଣ ସେଠି ନ ଥିଲା ?'' ପଚାରିଲା ଅନୁରକ୍ତା ।

''ଥିଲା ଯେ, କିନ୍ତୁ ଯୋଉଠି ଥିଲା ତାକୁ ପାଇବା ବଡ଼ ମୁସ୍କିଲ । ସୌମ୍ୟା ଯେତେବେଳେ ଫେରିଆସି ତା' ବାପାକୁ ସବୁକଥା କହିଲା, ତା' ବାପା ତାକୁ ଆଉ ରାଜକୁମାରର ରାଇଜକୁ ଯିବାକୁ ମନାକଲା । ସୌମ୍ୟା କିନ୍ତୁ ରାଜକୁମାରକୁ ବହୁତ ଭଲପାଏ । ତା' ବିନା ବଞ୍ଚିପାରିବ ନାହିଁ ବୋଲି କହିଲା ଓ କିଛିଦିନ ପରେ ପୁଣି ତା' ପାଖକୁ ଚାଲିଯିବ ବୋଲି ବହୁତ ଅନୁରୋଧ କଲା । ତା' ବାପା କିଛି କଥା ଶୁଣିଲା ନାହିଁ, କହିଲା, 'ସେ ଯଦି କୌଣସି ଉପାୟରେ ଏଠାକୁ ଆସେ ତେବେ ତୋତେ ତା' ସହ ମିଶି ରହିବାକୁ ମୁଁ ଅନୁମତି ଦେବି । ଆଉ ତୋତେ ସେ ମିଥ୍ୟା, କପଟତା, ବିଶ୍ୱାସଘାତକତାପୂର୍ଣ୍ଣ ଜଗତକୁ ପଠେଇବି ନାହିଁ ।' ସୌମ୍ୟା ବହୁତ କାନ୍ଦିଲା । ଭାବିଲା ସତେ କ'ଣ ଆଉ ତା' ରାଜକୁମାର ଏ ଯାଗାକୁ ଜୀବନ ନେଇ ଆସିପାରିବ ! ହେଲେ ତା' କାନ୍ଦ ଶୁଣୁଛି କିଏ ? ତା'କୁ ଗୋଟାଏ ଘରେ ବନ୍ଦୀ କରି ରଖାଗଲା । ସେ ଘରଟି ହେଉଛି ସପ୍ତମ ଗୃହ । ତା' ଚାରିପଟେ ପରକୁ ପର ଛଅଟି ଘର ଅଛି । ସବୁ ଘରେ ତାଲା । ସବୁଦିନେ ଗୋଟିଏ ଦାସୀ କିଛି ଖାଦ୍ୟ ପଦାର୍ଥ ନେଇ ତାଲାସବୁ ଖୋଲି ସୌମ୍ୟା ପାଖକୁ ଆସେ । ତା'ପାଖରେ ଖାଇବା

ଜିନିଷ ସବୁ ରଖି ଦେଇ ଚାଲିଯାଏ । ତା' ଆରଦିନ ଆସିଲାବେଳକୁ ସୌମ୍ୟା କୋଉଥିରୁ ଟିକିଏ କିଛି ଖାଇ ଥାଏ କି ନାହିଁ ସବୁ ସେମିତି ଥୁଆ ହୋଇଥାଏ । ସେ ତ ତା'ର ରାଜକୁମାରକୁ ଝୁରିଝୁରି କଣ୍ଢା ହେଲାଣି, ଆଉ ଖାଇବ କ'ଣ ?''

''ସୌମ୍ୟକାନ୍ତ ବହୁଦିନ ସେଠାରେ ବୁଲିବୁଲି ଶେଷକୁ ସେ ଦାସୀକୁ ଦିନେ ଖାଦ୍ୟ ନେଇ କୁଆଡ଼େ ଯାଉଥିବାର ଦେଖିଲା । ତା' ପଛେ ପଛେ ଗଲା । ଗୋଟିଏ ପରେ ଗୋଟିଏ ଘରର ତାଲା ଖୋଲି ଖୋଲି ଯାଇ ଯାଇ ଶେଷକୁ ସପ୍ତମ ଗୃହରେ ଦାସୀ ପହଞ୍ଚିଲା । ସୌମ୍ୟକାନ୍ତ ତା' ପଛେ ପଛେ ଯାଉଥାଏ, ସପ୍ତମଗୃହରେ ପହଞ୍ଚି ଦେଖିଲା ଯାହା ଲାଗି ସେ ଏତେଦିନ ଦୁଃଖ-କଷ୍ଟରେ ଘୁରୁଛି ଠାକୁର ତାକୁ ଆଣି ତା'ରି ପାଖରେ ପହଞ୍ଚେଇ ଦେଇଛନ୍ତି । ହଠାତ୍ ତାକୁ ହୃଦୟର ଆବେଗରେ କୁଣ୍ଢାଇ ପକାଇବାକୁ ଯାଉଥିଲା । କିନ୍ତୁ ନିଜକୁ ସଂଯତ କରିନେଲା । ଦାସୀଟି ଖାଦ୍ୟ ଦେଇ ଚାଲିଯିବାପରେ ଦେଖିଲା ସୌମ୍ୟା କିଛି ଖାଉ ନାହିଁ, ଖାଲି କାନ୍ଦୁଛି । ସେ ଯାଇ ତା' ପାଖରେ ବସି ସବୁ ଖାଦ୍ୟତକ ଖାଇଦେଲା । ସୌମ୍ୟା ଆଶ୍ଚର୍ଯ୍ୟ ହୋଇ ଭୟରେ ଚିତ୍କାର କରିବାରୁ ସୌମ୍ୟକାନ୍ତ ନିଜ ମୁଣ୍ଡରୁ ଟୋପିଟି ଖୋଲି ଦେଲା । ସୌମ୍ୟା ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ନିର୍ବାକ୍ ନିସ୍ପନ୍ଦ ହୋଇ ଖାଲି ତାକୁ ଚାହିଁ ରହିଲା । ଅନେକ ସମୟ ପରେ ବିସ୍ମୟଭାବ କଟିଯିବାରୁ ଦୁହେଁ ଦୁହିଁଙ୍କ ସହ କଥା କହିଲେ । ଆଖିରୁ ଆନନ୍ଦରେ ଲୁହ ବହି ଯାଉଥାଏ । କଥାବାର୍ତ୍ତା ହେଉ ହେଉ ତା'ଆରଦିନ ହୋଇଗଲାଣି ଜଣା ନାହିଁ । ଦାସୀଟି ସବୁଦିନଭଳି ଖାଦ୍ୟ ଆଣି ଦେଖିଲା ବେଳକୁ ଜଣେ ସୁନ୍ଦର ରାଜକୁମାର ତା'ର ଜେମାଙ୍କ ପାଖରେ ବସିଛି । ସଙ୍ଗେ ସଙ୍ଗେ ଯାଇ ରଜାଙ୍କୁ ଖବର ଦେଲା । ରଜା ଆସି ସବୁକଥା ଦେଖି ବହୁତ ଖୁସି ହେଲେ । ସୌମ୍ୟକାନ୍ତକୁ ଆଉ କୁଆଡ଼େ ଛାଡ଼ିଲେ ନାହିଁ । ଆଉ କୁଆଡ଼େ ବା ସେ ଯିବ ? ନିଜ ରାଜ୍ୟ ତ ଶତ୍ରୁ ହାତରେ । ଶେଷକୁ ସେ ସେଇ ମୋତି ପାହାଡ଼ର ରାଜା ହେଲା । ସୌମ୍ୟା ସହ ମହାଆନନ୍ଦରେ ଜୀବନ କଟେଇଲା ।''



''ଏତେ ଦୁଃଖକଷ୍ଟ ଜଣେ କ'ଣ ସହିପାରେ ? ସୌମ୍ୟକାନ୍ତ ଭଳି ଏତେ ସାହସ କ'ଣ ଜଣେ କରିପାରେ ?

''ହଁ, ନିଜର ଲକ୍ଷ୍ୟ ଉପରେ ବିଶ୍ୱାସ ଓ ସେଥପ୍ରତି ଆନ୍ତରିକତା ଥିଲେ ସବୁ ଦୁଃଖକଷ୍ଟ ସହି ହେବ । ଅସୀମ ସାହସ ନିଜ ଭିତରେ ଆସିବ । କିନ୍ତୁ ବିଶ୍ୱାସ ନ ଥିଲେ ଏସବୁ ସହନଶୀଳତା ଓ ସାହସ କୁଆଡୁ ଆସିବ ? ସେଇଥି ପାଇଁ ମା କହିଛନ୍ତି : 'It is only natures that lack faith that lack also endurance and courage.' ଅର୍ଥାତ୍, 'କେବଳ ଯେଉଁ ପ୍ରକୃତିଗୁଡ଼ିକରେ ବିଶ୍ୱାସର ଅଭାବ ଥାଏ, ସେଇ ପ୍ରକୃତିଗୁଡ଼ିକରେ ସହନଶୀଳତା ତଥା ସାହସର ମଧ୍ୟ ଅଭାବ ଥାଏ ।'

## ସାଧନା – ଟିକି ଚଢ଼େଇର

## (୧୨)

''ଜାଣିଛୁ, ଚାରିଜଣ ଛୋଟ ପିଲା – ନାଁ ତାଙ୍କର ଅମ୍ବୁଜା, ଆଲୋକ, ଶାଶ୍ୱତ ଓ ଶିଖା, ଲେଖିଛନ୍ତି ଗୋଟିଏ ଚିଠି ।'' କହିଲା ଚିନ୍ମୟ ତା'ର ଛୋଟ ଭଉଣୀ ଅନୁରକ୍ତାକୁ ।

''କ'ଣ ଲେଖିଛନ୍ତି ପଢ଼ ।'' କହିଲା ଅନୁରକ୍ତା ।

''ଲେଖିଛନ୍ତି – ମହାଶୟ, ଆମର ପ୍ରଣାମ ନେବେ । ବର୍ଷକ ତଳେ ଥରେ ଆମ ବାପା ଆମକୁ ଗୋଟିଏ ଗପ କହିଥିଲେ । ଭାରି ଛୋଟିଆ ଗପ । ସେ କହୁଥିଲେ ଗୋଟିଏ ଅଗନା ଅଗନି ବନସ୍ତରେ ଥିଲା ଗୋଟିଏ ବଡ଼ ବରଗଛ । ସେ ଗଛରେ ଚଢ଼େଇଟିଏ ବସା କରିଥିଲା । ସେ ଚଢ଼େଇର ଗୋଟିଏ ଛୁଆ ହେଲା । ଦିନେ ରାତିରେ ସେ ଚଢ଼େଇ ଛୁଆ ଆକାଶରେ ଜହ୍ନକୁ ଦେଖିଲା । ତା'ର ଇଚ୍ଛା ହେଲା ସେ ଏ ବଣ ଛାଡ଼ି, ଏ ବସା ଛାଡ଼ି ଜହ୍ନ ପାଖକୁ ପଳାଇବ । ସେ'ତ ଟିକି ଚଢ଼େଇ, ଉଡ଼ି ପାରିବ ନାହିଁ । ତେଣୁ ସେ ଚାଲି ଚାଲି ଯିବାକୁ ଠିକ୍ କଲା । ତା'ପରେ ଦିନେ ତା' ମା ନ ଥିବା ସମୟରେ ବସାରୁ ଡେଇଁ ପଡ଼ି ଚାଲିଲା । ଏତିକି କହି ବାପା କଥା ବନ୍ଦ କରିଦେଲେ । ଆମେ ପଚାରିଲୁ, 'ସେଇଠୁ କ'ଣ ହେଲା ?' ସେ କହିଲେ, 'ଚଢ଼େଇଟି ଚାଲୁଛି, ସେ ଜହ୍ନ ପାଖରେ ପହଞ୍ଚୁ ତା'ପରେ କହିବି ।' ଯେତେବେଳେ ଆମେ ସେ କଥା ପଚାରୁ ସେ କହନ୍ତି ଚଢ଼େଇଟି ଚାଲୁଛି, ପହଞ୍ଚି ନାହିଁ । ବାପା ଏବେ କୋରାପୁଟରେ । କେବେ ଫେରିଲେ ଆମେ ସେ କଥା ପଚାରିଲେ ହସିକରି କହନ୍ତି, 'ଟିକି ଚଢ଼େଇଟି ଚାଲୁଛି । ଏତେ ଶୀଘ୍ର କ'ଣ ପହଞ୍ଚି ପାରିବ ?'

''ବର୍ଷେ ହେଲାଣି ତାଙ୍କ ଟିକି ଚଢ଼େଇ ପହଞ୍ଚୁ ନାହିଁ କି, ତାଙ୍କ କଥା



ସରୁ ନାହିଁ । ଆପଣ ଆମକୁ ଏପରି ଗୋଟିଏ ଗପ କୁହନ୍ତୁ ଯେଉଁଥିରେ ଟିକି ଚଢ଼େଇଟିଏ ଯାଇ ଜହ୍ନ ପାଖରେ ପହଞ୍ଚିବ, ଆଉ ସେଇଠୁ ଫୋନ କରିବ ଓ ଫେରିଲା ବେଳକୁ ଏପରି ଖେଳନା ଆଣିବ, ଯାହା ଏ ପୃଥିବୀରେ ନ ଥିବ । ଗପଟା ନବପ୍ରକାଶରେ ଛପେଇଲେ ସମସ୍ତଙ୍କ ସହ ଆମ ବାପା ବି ପଢ଼ିବେ । ଆଉ ଜାଣିବେ ଯେ ତା'ଙ୍କ ଟିକି ଚଢ଼େଇ ସେଠି ଏତେ ଡେରିରେ ପହଞ୍ଚିଲା ବେଳକୁ ଆଉ ନୂଆ ଅଜଣା କଥା କିଛି ନ ଥିବ । ବହୁତ ମଜା ହେବ !''

''ହଁ, ହଁ, ମୁଁ ବି ସେମିତିଆ ଗୋଟାଏ ଗପ ଶୁଣିବାକୁ ଚାହେଁ । ଆମ ଟିକି ଚଢ଼େଇ କିନ୍ତୁ ଚାଲିବ ନାଇଁ । ଟିକି ଚଢ଼େଇ ତଳେ ଚାଲିଲେ କିଏ ତାକୁ ଖାଇଯିବ । ତା'ଛଡ଼ା ଜହ୍ନ ତ ଆକାଶରେ । ସେଠିକୁ ଚାଲିକରି ଯିବ କେମିତି ? ଆମ ଟିକି ଚଢ଼େଇ ଉଡ଼ି କରି ଯିବ । ଚଢ଼େଇ ତ ଉଡ଼ିବା କଥା ନା ! ଆଉ ଶେଷରେ ସେ ଯାଇ ଜହ୍ନମାମୁଁ ରାଇଜରେ ପହଞ୍ଚିବ ।'' କହିଲା ଅନୁରକ୍ତା ।

''ତୁ ବି ପିଲାମାନଙ୍କର ସପକ୍ଷରେ ହୋଇଗଲୁଣି । ଯାହାହେଉ ତୋତେ ଗୋଟାଏ ସୁଯୋଗ ମିଳିଗଲା ! ଠିକ୍ ଅଛି ଶୁଣ !

''ରାତି ହୋଇ ଗଲାଣି । ଯିଏ ଯୁଆଡ଼େ ଚଢ଼େଇ ସବୁ ନିଜ ନିଜ ବସାରେ ଶୋଇ ପଡ଼ିଲେଣି । ଖାଲି ପେଚାଟାଏ ଡେଣା ଫଡ଼ ଫଡ଼ କରି ଏ ଗଛରୁ ସେ ଗଛକୁ ଉଡ଼ିଯାଉଛି ।''

''ସିଏ କାଇଁ ଶୋଇ ନାହିଁ ?''

''ସିଏତ ରାତିରେ ଶିକାର କରେ, ଆଉ ଶୋଇବ କେମିତି !''

''ହଉ, ସେଇଠୁ କୁହ !''

''ଟିକି ଚଢ଼େଇଟି ଆମର ତା' ମା କୋଳରେ ଆରାମରେ ଶୋଇଛି । ମା ତାକୁ ଡେଣା ଘୋଡ଼େଇ ପକେଇଛି । ରାତି ବହୁତ ହୋଇଗଲାଣି । ଟିକି ଚଢ଼େଇ ତା' ମା'ର ଡେଣା ଭିତରେ ରହି ଟିକିଏ କଡ଼ ଲେଉଟାଇଲା । ଏତିକିବେଳେ ସାମାନ୍ୟ ଟିକିଏ ତା' ଆଖି ଫିଟିଗଲା । ଦେଖିଲା ତା' ମା

ଡେଣାଫାଙ୍କ ଦେଇ ଏକ କଅଁଳିଆ ସୁନ୍ଦର ଆଲୁଅର ସରୁ ରେଖାଟିଏ କୁଆଡୁ ଭାସି ଆସୁଛି । ଦେହକୁ ଭାରି ନରମ, ଭାରି ଶୀତଳ ଲାଗୁଛି । ଦିନବେଳା ତା' ମାଆର ଡେଣାଫାଙ୍କ ଦେଇ ଯେମିତିଆ ଆଲୁଅ ଆସେ ଇଏ ସେମିତିଆ ନୁହଁ । ଭଲକରି ଆଖି ଖୋଲିଲା । ମା'ର ଡେଣା ଭିତରୁ ଟିକିଏ ମୁଣ୍ଡ ବାହାର କରି ବାହାରକୁ ଚାହିଁଲା । ଦେଖିଲା ଗୋଟିଏ ସରୁ ଆଲୁଅର ରେଖା ପତ୍ର ଫାଙ୍କ ଦେଇ ଆସୁଛି । ଆହୁରି ଭଲ କରି ମୁଣ୍ଡ କାଢ଼ି ସେଆଡ଼କୁ ଚାହିଁଲା । ଯାହା ଦେଖିଲା ନା, ତା' ମନ ତ ଏକବାରେ ଖୁସ୍ ଆଉ ! ଦେଖିଲା ରୂପା ଥାଳି ଭଳି ଆକାଶରେ ଏକ ସ୍ନିଗ୍ଧ, କୋମଳ ଆଲୁଅ । ସେଦିନ ହୋଇଥାଏ କୁଆଁର ପୁନେଇ । ଆକାଶକୁ ଯେମିତି କିଏ ସଫା କରି ସାରି ସେଥିରେ ନେଳି ଦେଇଛି, ସେମିତି ଦେଖାଯାଉଛି । ଟିକି ଚଢ଼େଇର ବସାଟି ଥିବା ଗଛର ପତ୍ର ଉପରେ ପୁନେଇ ଜହ୍ନର କିରଣ ପଡ଼ି ଚିକ୍ ଚିକ୍ କରୁଛି । ଟିକି ଚଢ଼େଇ ତା' ମା ଡେଣା ତଳୁ ଆଉ ଟିକିଏ ବାହାରି ଆସିଲା । ତା' ମଥା ଉପରେ ସେଇ କଅଁଳ ଆଲୁଅରୁ ମେଞ୍ଚାଏ ଆସି ପଡ଼ିଲା । ଟିକି ଚଢ଼େଇର ସର୍ବାଙ୍ଗ ଶରୀର ଆନନ୍ଦରେ କୁରୁଳି ଉଠିଲା । ସିଏ ଖାଲି ଆକାଶକୁ ଚାହିଁ ସେଇ ଜହ୍ନ ଆଲୁଅକୁ ପିଇଯିବାରେ ଲାଗିଲା । କେତେବେଳ ଏମିତି ବିତିଗଲାଣି, ତାକୁ ଜଣା ନାହିଁ । ଉପରକୁ ଚାହିଁଛି ତ ସେମିତି ଚାହିଁଛି । ତା' ମା'କୁ କାହିଁ ତା' ଡେଣା ତଳଟା ଖାଲି ଖାଲି ଲାଗିଲା । ଆଖି ଖୋଲି ଦେଖିଲା ବେଳକୁ ତା' କୁନି ଟିକି ଛୁଆଟି ଡେଣା ଭିତରୁ ବାହାରି ଯାଇଛି । ସିଏ ବା କାହିଁକି ତା' କୁନି ଛୁଆର ମନ କଥା ବୁଝିବାକୁ ଯିବ । ନିଦ ବାଉଳାରେ ପୁଣି ତାକୁ ଡେଣା ଭିତରକୁ ଜାକି ଆଣିଲା । ଏଥର ତାକୁ ଭଲ କରି ଡେଣାତଳେ ଜାକି ଧରି ଶୋଇଲା । ଟିକି ଚଢ଼େଇର ଚମତ୍କାର ସ୍ୱପ୍ନ ଭାଙ୍ଗିଗଲା । ଡେଣାତଳେ ରହି ଖାଲି ଖୁଜୁର ବୁଜୁର ହେଲା । ରାତିଯାକ ଆଉ ତାକୁ ନିଦ ହେଲା ନାହିଁ । ଖାଲି ସେଇ କଇଁଫୁଲିଆ ଧୋବଲା ଜହ୍ନଟା ତା' ଆଖି ଆଗରେ ନାଚିଗଲା । ତା' ଆରଦିନ ରାତିରେ ସେମିତି ତା' ମା ଶୋଇପଡ଼ିବାରୁ ସେ ଡେଣାତଳୁ ବାହାରି ଜହ୍ନ ଆଲୁଅକୁ



ଖାଲି ପିଇଯିବାରେ ଲାଗିଲା । ଏଥର ବି ତା' ମା ଜାଣିପାରି ତାକୁ ଡେଣା ତଳକୁ ଟାଣି ଆଣିଲା । ଏମିତି ଲାଗ୍ ଲାଗ୍ ତିନି ରାତି ଟିକି ଚଢ଼େଇ ତା' ମା ଡେଣାତଳୁ ବାହାରି ଆସି ଏଇମିତି କଲା । ଶେଷକୁ ତା' ମା ଜାଣିପାରିଲା କାହିଁକି ସିଏ ତା' ଡେଣାତଳୁ ବାହାରି ଆସୁଛି । ତେଣୁ ତା' ମା କ'ଣ କଲା ନା ତହିଁ ଆରଦିନ ସକାଳୁ ନୂଆ ନୂଆ କାଠିକୁଟା ଆଣି ବସା ଉପରଟା ଏମିତି ନିବୁଜ କରିଦେଲା ଯେ ଆଉ ଜହ୍ନ ଆଲୁଅ ତା' ଫାଙ୍କ ଦେଇ ବସାକୁ ଆସି ପାରିଲା ନାହିଁ । ଟିକି ଚଢ଼େଇ ସେଦିନ ରାତିରେ ତା' ମା ଡେଣାତଳୁ ବାହାରି ଆସି ଦେଖିଲା ଖାଲି ଅନ୍ଧାର । ତା'ର ସେଇ କଇଁଫୁଲ ଭଳି ସ୍ନିଗ୍ଧ ଆଲୁଅ ଆଉ ଆସୁ ନାହିଁ । ରୂପାଥାଳି ଭଳି ଜହ୍ନଟା ବି ଆଉ କୁଆଡ଼େ ଦେଖାଯାଉ ନାହିଁ । ତା'କୁ ଭାରି ନିଃସଙ୍ଗ ଲାଗିଲା, ଛଟପଟ ଲାଗିଲା । ଛୋଟ ମୁଣିଟିଏ ଭିତରେ ବନ୍ଦୀ ହୋଇ ରହିଥିବା ପରି ଲାଗିଲା, ସିଏ ଅଣନିଃଶ୍ୱାସୀ ବୋଧକଲା ।''

''ତା' ମା ବହୁତ ଦୁଷ୍ଟ । ବସା ଉପରଟା ଏମିତି ନିବୁଜ କରିଦେଲା କାହିଁକି ? ଟିକି ଚଢ଼େଇ ମନ ଦୁଃଖରେ କେତେ ଛଟପଟ ହେଲା !'' ବିରକ୍ତ ହୋଇ କହିଲା ଅନୁରକ୍ତା ।

''ସେଇ ଛଟପଟ ହେବାରୁ ତ ନୂଆ ଚିନ୍ତା, ନୂଆ ଉପାୟ ତା' ମନକୁ ଆସିଲା । ପୁରୁଣା କଥାରେ ସିଏ ବିରକ୍ତ ହୋଇଗଲା । ମା'ର ଡେଣା ତଳେ କେତେ ଟିକି ଚଢ଼େଇ ଗୁଞ୍ଜି ଗାଞ୍ଜି ହୋଇ ଶୋଇ ଉଷୁମ ଆଉ ଆରାମ ଅନୁଭବ କରୁଥିଲାବେଳେ ତା'କୁ ଆଉ ସେ ଜାଗା ଭଲ ଲାଗିଲା ନାହିଁ । ସେ ଖାଲି ତା'ର ସୁଦୂର ଆକାଶର ସେଇ ରୂପାଥାଳି ଭଳି ଜହ୍ନଟାର ସ୍ୱପ୍ନ ଦେଖିଲା । ଆଲୁଅ ତା'ର କେମିତି ନରମ ଆଉ କଅଁଳ, ପୁଣି ଚେହେରାଟା ତା'ର କେମିତି ନିଟୋଳ ଗୋଲ ! ଭାବିଲା ମା କୋଳ ଛାଡ଼ି ଜହ୍ନମାମୁଁ ପାଖକୁ ଉଡ଼ିଯିବ । କିନ୍ତୁ କେମିତି ଉଡ଼ିବ ? ସିଏ ତ ଉଡ଼ା ଜମା ଶିଖି ନାହିଁ । ତା' ଆରଦିନ ସକାଳୁ ତା' ମା ବାହାରକୁ ଚାଲିଯିବାରୁ ସେ ଖାଲି ଡେଣା ଫଡ଼

ଫଡ଼ କରି ଉଡ଼ିବାକୁ ଚେଷ୍ଟା କଲା । ଖୁବ୍ ଅଳ୍ପଦିନ ଭିତରେ ଏ ଡାଳରୁ ସେ ଡାଳ, ସେ ଡାଳରୁ ଏ ଡାଳ ଉଡ଼ି ଶିଖିଲା । ମା ତା'ର ବହୁତ ଖୁସି ହେଉଥାଏ, ସାହାଯ୍ୟ ବି କରୁଥାଏ; କାରଣ ଖୁବ୍ ଶୀଘ୍ର ତା'ର ଟିକି ଛୁଆ ଉଡ଼ା ଶିଖିଗଲେ ନିଜେ ବୁଲି ଆହାର ସଂଗ୍ରହ କରିପାରିବ । କିନ୍ତୁ ତା'ର ଟିକି ଛୁଆ ମନରେ ଯେ ଖାଲି ପୋକଜୋକ ସଂଗ୍ରହ କରିବା ଅପେକ୍ଷା ଆଉ ଗୋଟାଏ କେତେ ବଡ଼, କେତେ ଉଚ୍ଚା ଆଶା ବସା ବାନ୍ଧିଲାଣି ସେକଥା ତାକୁ ଆଉ ମାଲୁମ ନ ଥାଏ ।

''ଦିନେ ମା'ଟି ତା'ର ଫେରି ଆସି ଦେଖିଲା ବେଳକୁ ବସା ଖାଲି । ଟିକି ଛୁଆ ନାହିଁ । ଭାବିଲା କୁଆଡ଼େ ନୂଆକରି ଚରିବାକୁ ଯାଇଥିବ । ବଳେ ଆସିବ ନାହିଁ ! କିନ୍ତୁ କାହିଁ, ସୂରୁଜ ଦେବତା ତା'ଙ୍କ ନାଲି ଅଧରର ଶେଷ ହସ ପୃଥିବୀ ଉପରେ ବୁଣି ଦେଇ ତା'ଙ୍କ ମା' କୋଳକୁ ଚାଲିଗଲେ, ଅଥଚ ଟିକି ଚଢ଼େଇ ତା' ମା କୋଳକୁ ଆସିଲା ନାହିଁ । ମା ଚଢ଼େଇ କେତେ ଛଟପଟ ହେଲା, କେତେ ଗଳା ଫଟେଇ ବୋବେଇ ବୋବେଇ ତାକୁ ଡାକିଲା । କିଛି ଜବାବ ପାଇଲା ନାହିଁ । ଆଉ କେତେ ଚଢ଼େଇଙ୍କି ପଚାରିଲା, କେହି ତା'ର ସନ୍ଧାନ ଦେଇପାରିଲେ ନାହିଁ । ସେଦିନ ରାତିଯାକ ମା ଚଢ଼େଇକି ବସା ଆଉ ଭଲ ଲାଗିଲା ନାହିଁ । ଗଛ ଡାଳରେ ସେମିତି ମନ-ଦୁଃଖ କରି ବସି ରହିଲା । ଟିକି ଚଢ଼େଇର ସବୁ ଅଳି, ଅଝଟ, ଦୁଷ୍ଟାମି ମନେ ପଡ଼ି ତା'ଆଖିରୁ ଖାଲି ଧାର ଧାର ଲୁହ ଗଡ଼ିପଡ଼ିଲା । ବେଶୀ ମନେ ପଡ଼ିଲା ରାତିରେ ଶୋଇଲାବେଳେ ସେ ଖୁଜୁବୁଜୁ ହୋଇ ତା' ଡେଣାତଳୁ କେମିତି ବାହାରି ଆସି ଜହ୍ନ ଆଲୁଅକୁ ଚାହିଁ ରହେ । ତା' ଆରଦିନ ସକାଳ ହେବାରୁ ପ୍ରଥମେ ସିଏ ବସା ଉପରଟାକୁ ଯେଉଁ କାଠି କୁଟାରେ ନିବୁଜ କରିଥିଲା ସେସବୁକୁ କାଢ଼ି ଫିଙ୍ଗି ଦେଲା । ବସାଟା ତା'ର ଯେମିତି ଖୋଲା ଆକାଶକୁ ତା'ର ଖାଲି ପେଟଟା ଦେଖେଇ ପଡ଼ିରହିଲା ।

''ଏଣେ କ'ଣ ହୋଇଛି ନା ଟିକି ଚଢ଼େଇଟା ଖଣ୍ଡି ଉଡ଼ା ଦେଇ



ଦେଇକା ଲୁଚି ଲୁଚି ବହୁତ ଦୂର ଚାଲିଯାଇଛି । ଶେଷକୁ ଆଉ ଗୋଟିଏ ଜଙ୍ଗଲରେ ଯାଇ ପହଞ୍ଚିଛି । ସେଠି ଗୋଟିଏ ଖୁବ୍ ବଡ଼ ଝଙ୍କାଳିଆ ଗଛ । ସେ ଝଙ୍କାଳିଆ ଗଛକୁ ଗୋଟାଏ ଲଟା ମାଡ଼ିଛି । ସେ ଲଟାରେ ସୁନ୍ଦର ସୁନ୍ଦର ସୁଆଦିଆ ଫଳ ଭର୍ତ୍ତି ହୋଇଛି । ଟିକି ଚଢ଼େଇକି ବହୁତ ଭୋକ କରୁଥିଲା । ମନଭରି ସେ ଫଳରୁ ପେଟେ ଖାଇଲା । ଯେତେ ଖାଇଲେ କ'ଣ ହେବ ତା' ଭିତରଟା କିନ୍ତୁ ସନ୍ତୁଷ୍ଟ ହେଉ ନ ଥାଏ । ଖାଲି ଗୋଟାଏ ଚିନ୍ତା – କେମିତି ଜହ୍ନମାମୁଁ ପାଖରେ ପହଞ୍ଚିବ ।''

''ଏତେ ଟିକି ଚଢ଼େଇଟା ! ପୁଣି ଏକୁଟିଆ । ଜହ୍ନମାମୁଁ ଯାଇ କାହିଁ, କେତେ ଦୂରରେ ! ତାକୁ ହତାଶ ଲାଗୁ ନ ଥାଏ ? ଘରକୁ ତା' ମା ପାଖକୁ ପଳେଇ ଆସିବାକୁ ଇଚ୍ଛା ହେଉ ନ ଥାଏ ?'' ପଚାରିଲା ଅନୁରକ୍ତା ।

''ନା, ଏଡ଼େ ଟିକିଏ ଚଢ଼େଇ ହେଲେ କ'ଣ ହେବ, ତା' ମନରେ କେମିତି ବିଶ୍ୱାସ ଆସି ଯାଇଥାଏ ଯେ ସେ ନିଶ୍ଚୟ ଜହ୍ନମାମୁଁ ପାଖରେ ଯାଇ ପହଞ୍ଚିବ । ବାହାରକୁ ଏକଥା ଗୋଟିଏ ଟିକି ଚଢ଼େଇ ପକ୍ଷରେ ଅସମ୍ଭବ ବୋଧ ହେଉଥିଲେ ବି ତା' ବିଶ୍ୱାସ ଭିତରେ ଏସବୁ ସମ୍ଭବ ବୋଲି ତାକୁ ବୋଧ ହେଉଥାଏ । ସେଇଥି୍ ପାଇଁ ଶ୍ରୀଅରବିନ୍ଦ କହିଛନ୍ତି : 'Faith is indeed knowledge giving the ignorance an intimation of itself previous to its own manifestation, it is the gleam sent before by the yet unrisen Sun.' 'ବିଶ୍ୱାସହିଁ ବାସ୍ତବରେ ଜ୍ଞାନ । ଏହି ଜ୍ଞାନ ନିଜର ପ୍ରକାଶ ପୂର୍ବରୁ ଅଜ୍ଞାନତା ମଧ୍ୟକୁ ଏହାର ଆଗମନୀର ସଙ୍କେତ ସ୍ୱରୂପ ବିଶ୍ୱାସକୁ ପ୍ରେରଣ କରିଥାଏ । ଏହି ବିଶ୍ୱାସ ହେଉଛି ଉଦୟ ଅପେକ୍ଷାରେ ଥିବା ସୂର୍ଯ୍ୟ ପ୍ରେରଣ କରୁଥିବା ତାଙ୍କର ପୂର୍ବ ଆଭା ସଦୃଶ ।'

''ଏଇ ଆଶା ଓ ବିଶ୍ୱାସକୁ ନେଇତ ଜୀବନ ଆମର ଫୁଲଭରା ଆଉ ଫଳଭରା ହୋଇଉଠେ । ତା' ନ ହେଲେ ଜୀବନଟା ଆମର ନୀରସ ଓ ଦୁର୍ବିଷହ ହୋଇ ଉଠନ୍ତା । ଯାହା ମନରେ ଆଶା ନାହିଁ, ବିଶ୍ୱାସ ନାହିଁ ସେ

ବଞ୍ଚିଥିଲେ ବି ମରିବା ସଙ୍ଗେ ସମାନ । ଟିକି ଚଢ଼େଇ ଆମର ତା' ବିଶ୍ୱାସକୁ ଛାଡ଼ିଲା ନାହିଁ । ଭାବିଲା ମରିଗଲେ ପଛେ ମରିଯିବ, ସାଧାରଣ ଚଢ଼େଇ ଭଳି ଖାଲି ପୋକଜୋକ ଖୁଣ୍ଟି ବଞ୍ଚିରହି ଲାଭ କ'ଣ ? କିପରି ତା' ଲକ୍ଷ୍ୟରେ ପହଞ୍ଚିବ ଏଇଆ ଭାବି ତାକୁ ରାତିରେ ନିଦ ହେଉ ନ ଥାଏ । ଏତିକିବେଳେ ତଳକୁ ଚାହିଁ ଦେଖିଲା ସେ ଗଛମୂଳେ ଜଣେ ଋଷି ଶୀତ ହେଉଥିବାରୁ ଗୋଟିଏ ଧୂନି ଜାଳି ଶୋଇଛନ୍ତି । ଧୂନିଟା ଲିଭି ଆସିଲାଣି । ଟିକି ଚଢ଼େଇର ଭାରି ଦୟା ହେଲା । ଭାବିଲା ତା'ର ସିନା ପର ଅଛି, ତାକୁ ଉଷୁମ ଲାଗୁଛି, ଋଷି ବିଚରାର ତ ଫୁଙ୍ଗୁଳା ଦେହ । ଧୂନି ଲିଭିଗଲେ ଶୀତରେ ଥରିବ ! ଏଇଆ ଭାବି ଗଛରୁ ଶୁଖିଲା କାଠିସବୁ ତା' ଥଣ୍ଟରେ ଭାଙ୍ଗି ସେଇ ଧୂନିରେ ପକେଇଲା । ରାତିଯାକ ଧୂନି ଜଳୁଥାଏ । ଋଷି ଆରାମରେ ଶୋଇଥାଆନ୍ତି । ସକାଳ ହେଲା, ଋଷି ଉଠି ଦେଖିଲେ ତଥାପି ବି ଧୂନି ଜଳୁଛି । ଆଶ୍ଚର୍ଯ୍ୟ ହେଲେ ଏତେ ସମୟ ଧୂନି ଜଳିଲା କିପରି ! ତାକୁ ଭଗବାନଙ୍କ ଦୟା ଭାବି ସ୍ନାନ ଆଦି ନିତ୍ୟକର୍ମ କରିବାକୁ ଚାଲିଗଲେ ।

''ଟିକି ଚଢ଼େଇଟି ଋଷିଙ୍କ ସେବାରେ ମାତି ରହି ଭୁଲିଗଲାଣି ତା'ଲକ୍ଷ୍ୟ । ଅନ୍ୟଠାରୁ କିଛି ନ ଚାହିଁ ତା'କୁ ଆନନ୍ଦ ଦେଲେ ଏତେ ଆନନ୍ଦ ମିଳେ ବୋଲି ସେ ଏଇ ପ୍ରଥମ ଅନୁଭବ କଲା । ଋଷି ସ୍ନାନ ସାରି ଗଛମୂଳକୁ ଆସି କିଛି ସମୟ ଧ୍ୟାନ କଲେ । ଟିକି ଚଢ଼େଇରତ ଋଷିଙ୍କ ସେବାରେ ମନ ଲାଗିଛି । କ'ଣ ଭାବିଲା କେଜାଣି ଋଷି ଯେମିତି ଧ୍ୟାନ ଭାଙ୍ଗିଲେ ଗଛ ଉପରେ ମାଡ଼ିଥିବା ଲଟାରୁ ସେ ସୁଆଦିଆ ଫଳ ସବୁ ଛିଣ୍ଡେଇ ଋଷିଙ୍କ ସାମନାକୁ ପକାଇଲା । ଋଷି ସେସବୁକୁ ଭଗବାନଙ୍କ ଆଶୀର୍ବାଦ ଭାବି ଖାଇ ସନ୍ତୋଷ ହେଲେ । ଭାବିଲେ କିଏ ଏମିତି ଗଛରେ ରହି ଫଳ ପକାଉଛି ? ଇଏତ ମନକୁ ଝଡ଼ିଲା ଭଳି ଜଣାଯାଉନି ! ଏହା ଭାବି ଗଛକୁ ଭଲଭାବେ ନିରୀକ୍ଷଣ କଲେ । କିଛି ସମୟ ପରେ ଦେଖିଲେ ଗୋଟିଏ ସୁନ୍ଦୁରିଆ ଟିକି ଚଢ଼େଇଟିଏ ତା'ଟିକି ଥଣ୍ଟରେ ଟିକିଟିକି ଫଳସବୁ ଛିଣ୍ଡେଇ ପକାଉଛି । ଋଷି ବହୁତ ଖୁସି



ହୋଇ ଟିକି ଚଢ଼େଇକୁ ପାଖକୁ ଡାକିଲେ । ଟିକି ଚଢ଼େଇ ପ୍ରଥମେ ଟିକିଏ ଭୟ କରୁଥିଲା, କିନ୍ତୁ ଋଷିଙ୍କ ଚେହେରା ଦେଖି ଫୁର୍ର କିନା ଉଡ଼ି ଆସି ତାଙ୍କ ଆଗରେ ବସି ପଡ଼ିଲା । ଋଷି ତାକୁ ହାତରେ କୋଳକୁ ଉଠାଇ ଆଣି ଆଉଁସି ଦେଲେ । କହିଲେ, 'ରାତିଯାକ ତୁ ମୋ ଧୂନିରେ ଶୁଖିଲା କାଠି ପକେଇ ଜଳେଇ ରଖିଥିଲୁ ? ଟିକି ଚଢ଼େଇ ଖାଲି ଲାଜରେ ମୁହଁ ପୋତି ଟିକିଏ ହସିଲା । ଋଷିସବୁ ବୁଝି ପାରିଲେ । ତା'ପରେ ତାକୁ ପଚାରିଲେ ତା' ବସା କେଉଁଠି ? ତା' ମା କାହିଁ ? ଟିକି ଚଢ଼େଇ ପ୍ରଥମେ ଲୁଚାଉଥିଲା । କାରଣ ଋଷି କାଳେ ତାକୁ ତା' ମା ପାଖକୁ ପଠାଇ ଦେବେ କି ତା' ମା'କୁ ଖବର ଦେବେ ତାକୁଆସି ନେଇଯିବାଲାଗି । କିନ୍ତୁ ଋଷିଙ୍କ ସ୍ନେହ ଓ ଆଶ୍ୱାସନା ପାଇ ସବୁକଥା ତା'ଙ୍କୁ କହିଦେଲା । ଋଷି କହିଲେ, 'ତୁ କ'ଣ ଏମିତି ଖଣ୍ଡିଉଡ଼ା ଦେଇ ଉଚ୍ଚ ଆକାଶର ଜହ୍ନମାମୁଁ ନିକଟରେ ପହଞ୍ଚି ପାରିବୁ ?' ଟିକି ଚଢ଼େଇ କହିଲା 'ସେଇ ସକାଶେ ତ ମୋ ମା, ବସା, ସମାଜ ସବୁ ଛାଡ଼ି ଆସିଛି । ଯଦି ପହଞ୍ଚି ନ ପାରେ, ସେଇ ଚେଷ୍ଟା କରିକରି ପଛେ ମରିଯିବି ଆଉ ସେ ପୁରୁଣା ଚଢ଼େଇଙ୍କ ଭଳି ଖାଲି ପୋକଜୋକ ଗୋଟାଇବା, ସେଇଥିଲାଗି କଳି କରିବା, ଅଣ୍ଡା ଦେବା, ଛୁଆ ଫୁଟେଇବା, ଛୁଆ ପାଳିବା, ମରିବା – ଏଇ ସବୁକୁ ନେଇ ମୁଁ ବଞ୍ଚିରହି ପାରିବି ନାହିଁ ।'

''ଟିକି ଚଢ଼େଇଟା ମୁହଁରୁ ଏତେ ଆତ୍ମବିଶ୍ୱାସର ସହ ଏତେ ବଡ଼ବଡ଼ କଥା ଶୁଣି ଋଷି ବହୁତ ଖୁସି ହୋଇଗଲେ । 'କିନ୍ତୁ ତୋ ସଂକଳ୍ପ ପୂରଣ ହେବା ବହୁତ କଷ୍ଟ । ଏତେ କଷ୍ଟ, ଏତେ ସାଧନା କ'ଣ ତୁ କରିପାରିବୁ ?' 'ଆନନ୍ଦରେ କରିବି, ସେଇଥିଲାଗିତ ଆସିଛି ।' କହିଲା ଟିକି ଚଢ଼େଇ । ଋଷି କହିଲେ, 'ଠିକ୍ ଅଛି, ମୁଁ ତୋତେ ଯେପରି କହିବି ସେପରି କର । ଯଦି ସଫଳ ହେବୁତ ଜହ୍ନମାମୁଁ ପାଖରେ ପହଞ୍ଚିପାରିବୁ । ନ ହେଲେ ତୁ ଯେପରି ଭାବରେ ଯାଉଛୁ ସେମିତି ଗଲେ ଏ ପୃଥିବୀ ଛାଡ଼ି କୁଆଡ଼େ ଯାଇପାରିବୁ ନାହିଁ ।'

''ଟିକି ଚଢ଼େଇ ଋଷିଙ୍କ ପାଦରେ ମୁଣ୍ଡରଖି କହିଲା, 'ଆପଣ ଯାହା

କହିବେ ମୁଁ ତାକୁ ଯଥାସାଧ୍ୟ ପାଳନ କରିବା ପାଇଁ ଚେଷ୍ଟା କରିବି ।' ସେଇ ଦିନଠାରୁ ଟିକି ଚଢ଼େଇ ଋଷିଙ୍କ ପାଖେପାଖେ ରହିଲା । ଋଷି ଯୁଆଡ଼େ ଗଲେ ତାଙ୍କ ସାଙ୍ଗରେ ଗଲା । ତା'ଙ୍କ ଧୂନିରେ ଶୁଖିଲା କାଠି ପକାଏ । ତାଙ୍କୁ ଫଳଫୁଲ ସଂଗ୍ରହ କରି ଆଣିଦିଏ । ଋଷି ତା'ଠାରୁ ଏତକ ସେବା ନ ଚାହିଁଲେବି ସେ କରେ ।

''କିଛିଦିନ ଚାଲିଗଲା । ଋଷି କିଛି କହୁ ନ ଥା'ନ୍ତି କି ଟିକି ଚଢ଼େଇ କିଛି କହୁ ନ ଥାଏ । ଖାଲି ଯେଝା କାମ ଯେଝା କରି ଚାଲିଥା'ନ୍ତି । ଟିକି ଚଢ଼େଇର ମନରୁ ସମସ୍ତ ଚଞ୍ଚଳତା, ଉଦ୍‌ବେଗ କଟିଗଲା । ସେ ଶାନ୍ତ ସ୍ଥିର ହୋଇଗଲା । ଟାଣ ପବନ ନ ଥିଲେ ପୋଖରୀ ପାଣି ଯେପରି ସ୍ଥିର ଥାଏ । ଋଷି ସବୁ ଭିତରେ ଠଉରଉ ଥାଆନ୍ତି । ଦିନେ ଉପଯୁକ୍ତ ସମୟ ଦେଖି ଟିକି ଚଢ଼େଇକୁ ପାଖକୁ ଡାକିଲେ । କହିଲେ, 'ତୁ ଯଦି ଜହ୍ନମାମୁଁ ପାଖକୁ ଯିବାକୁ ଚାହୁଁ ତେବେ ତୋର ଏଇ ଟିକି ଡେଣାଯୁକ୍ତ ଟିକି ଦେହଟିକୁ ଭୁଲିଯିବାକୁ ପଡ଼ିବ । ତୋତେ ତୋର ହୃଦୟ ମଧ୍ୟରେ ଥିବା ଏକ ଜ୍ୟୋତିର୍ମୟ ବିନ୍ଦୁରେ ଏକାଗ୍ର ହେବାକୁ ହେବ । ସବୁକିଛିକୁ ଭୁଲି ତୁ ଯେତେବେଳେ ସେଇବିନ୍ଦୁରେ କେବଳ ଏକାଗ୍ର ହୋଇ ପାରିବୁ, ତା'ରି ସହ ଏକ ହୋଇଯିବୁ, ସେତେବେଳେ ତୁ ଯାହା ଇଚ୍ଛା କରିବୁ ତା' କରିପାରିବୁ, ଯୁଆଡ଼େ ଯିବାକୁ ଚାହିଁବୁ ଇଚ୍ଛାମାତ୍ରେ ସେଠି ଯାଇ ପହଞ୍ଚିପାରିବୁ ।' ଏହା କହି ଟିକି ଚଢ଼େଇର ମଥା ଆଉଁସି ଦେଇ ତାକୁ ଆଶୀର୍ବାଦ କଲେ ।

''ଟିକି ଚଢ଼େଇ ସେଇ ଦିନଠାରୁ ଦିନରାତି ଖାଲି ଆଖି ବୁଜି ଧ୍ୟାନରେ ଲାଗିଲା । କିଛି ସମୟ ପାଇଁ ଖାଲି ଯାହା ଋଷିଙ୍କ ଲାଗି ଶୁଖିଲା କାଠି ଓ ଫଳ ସଂଗ୍ରହ କରେ, ନଚେତ୍ ଅନ୍ୟ ସମୟତକ ଖାଲି ତା'ର ହୃଦୟ ମଧ୍ୟସ୍ଥ ଏକ ଉଜ୍ଜ୍ୱଳ ବିନ୍ଦୁରେ ଏକାଗ୍ର ହେବାକୁ ଲାଗେ । ପ୍ରଥମେ ପ୍ରଥମେ ଧ୍ୟାନରେ ବସିଲେ, କେତେ କୁଆଡୁ ଜଣା ଅଜଣା ଚିନ୍ତା ଆସି ତାକୁ ଅସ୍ଥିର କରି ପକାଉଥିଲା । ମନେ ହେଉଥିଲା ତା' ଦେଇ କିଛି ହେବ ନାହିଁ । କିନ୍ତୁ ଋଷି ତାକୁ ଏସବୁଥିରେ ହତାଶ ନ ହୋଇ ନିଷ୍ଠାର ସହ ଲାଗି ରହିବାକୁ ଉପଦେଶ ଦେଉଥାଆନ୍ତି ।



ଏଇପରି ଅନେକ ଦିନ ଚାଲିଗଲା । ଏଣିକି ଧ୍ୟାନ ସମୟରେ ଚିନ୍ତା ନ ଆସି ଖାଲି ନିଦ ଆସିଲା । ଆଖି ବୁଜି ଧ୍ୟାନ କରିବାମାତ୍ରେ ନିଦ ଚାଲିଆସେ, ତା'ପରେ ଆଖି ଖୋଲିଲାବେଳକୁ ନିଦରୁ ଉଠିଲା ଭଳି ଲାଗେ । ଟିକି ଚଢ଼େଇ ବହୁତ ବ୍ୟସ୍ତ ହୋଇ ପଡ଼ିଲା । ତା' ଭିତରେ ତାକୁ ଯେପରି କିଏ କହୁଥାଏ, 'ତୋ ଦେଇ ଏଇସବୁ କ'ଣ ହେବ ? ଯାଇ ଆରାମରେ ପୋକଜୋକ ଶିକାର କରି ସଂସାରରେ ଅନ୍ୟ ଚଢ଼େଇଙ୍କ ପରି ଚଳ । ଏମିତି ତୁଚ୍ଛାଟାରେ ଜୀବନଟାକୁ କାହିଁକି ନଷ୍ଟ କରୁଛୁ ?' କିନ୍ତୁ ଟିକି ଚଢ଼େଇ ଋଷିଙ୍କୁ ଚାହିଁଦେବାମାତ୍ରେ ଏସବୁ ସ୍ୱରର ପ୍ରଭାବ କୁଆଡ଼େ ଉଭେଇ ଯାଏ । ଋଷିଙ୍କର ସେଇ ମୁହଁ ଆଉ ଆଖିକୁ ଚାହିଁଲେ ଏ ପୃଥିବୀରେ ଯେପରି ସବୁକିଛି ସମ୍ଭବ ବୋଲି ତାକୁ ବୋଧ ହୁଏ । ଆହୁରି ଉତ୍ସାହର ସହ ସିଏ ତା'ର ସାଧନାରେ ଲାଗି ରହେ । ଦିନେ ଟିକି ଚଢ଼େଇ ତା'ର ଠିକ୍ ଜନ୍ମଦିନରେ ଦେଖିଲା ତା'ର ଅନ୍ତରକୁ ଉଦ୍ଭାସିତ କରି ତା'ର କଳ୍ପନାର ବିନ୍ଦୁ ସ୍ଥାନରେ ପ୍ରକାଶିତ ହୋଇଛି ଏକ ବାସ୍ତବ ଶାନ୍ତ, ସ୍ନିଗ୍ଧ, ଉଜ୍ଜ୍ୱଳବିନ୍ଦୁ । ଏଥିରେ ନ ଥିଲା ତା'ର ନିଦବେଳର ସ୍ୱପ୍ନ କି ଜାଗ୍ରତବେଳର କଳ୍ପନା । ସେ ବିନ୍ଦୁଟି ତା'ର ପ୍ରିୟ ଚନ୍ଦ୍ରଠାରୁ ଥିଲା କୋଟି ଗୁଣରେ ଉଜ୍ଜ୍ୱଳ, କଅଁଳ ଆଉ ସ୍ନିଗ୍ଧ । ତା'ର ଭିତରୁ ବାହାରକୁ, ତନ-ମନ-ପ୍ରାଣକୁ ପୁଲକିତ କରି ଖେଳିଗଲା ଏକ ଆନନ୍ଦର ଢେଉ । ସେଇ ଢେଉ ତାକୁ ଅନେକ ସମୟପର୍ଯ୍ୟନ୍ତ ଆଚ୍ଛନ୍ନ କରି ରଖିଲା, ମାତାଲ କରି ରଖିଲା । ସିଏ ସେଇପରି ଆଚ୍ଛନ୍ନ, ଆନନ୍ଦବିଭୋର ଅବସ୍ଥାରେ ଯାଇ ଋଷିଙ୍କୁ ପ୍ରଣାମ କଲା । ଋଷି ସବୁ ଜାଣିପାରିଲେ । ସ୍ମିତ ହସି ତାକୁ ଆଶୀର୍ବାଦ କଲେ ।''

''ଟିକି ଚଢ଼େଇ କ'ଣ ଜାଣିଥିଲା ସେଦିନ ତା'ର ଜନ୍ମଦିନ ବୋଲି ?'' ପଚାରିଲା ଅନୁରକ୍ତା ।

''ନା, ଋଷି ତାକୁ ପରେ କହି ଦେଇଥିଲେ । କିଛି ସମୟ ପରେ ଟିକି ଚଢ଼େଇର ଏଇ ଅନୁଭୂତି ଚାଲିଗଲା । କିନ୍ତୁ ତା' ମଧ୍ୟରେ ଛାଡ଼ିଗଲା ଏକ ଅବିଚଳିତ ବିଶ୍ୱାସ, ଏକ ଦୁର୍ଜୟ ସଂକଳ୍ପ । ଏଣିକି ସାଧନା ତା'ର ଆହୁରି

ସହଜ ହୋଇ ଉଠିଲା । ଦିନେ ରାତିରେ ଅନ୍ତରରେ ଏକାଗ୍ର ହୋଇଥିବା ସମୟରେ ସେ ଦେଖିଲା ନିଜେ ଯାଇ ଚନ୍ଦ୍ରଲୋକରେ ପହଞ୍ଚି ଯାଇଛି । ଦେହଟି ତା'ର କଇଁଫୁଲ ଭଳି ଧୋବଲା ହୋଇ ଯାଇଛି । ଜହ୍ନମାମୁଁ ହସିହସି ନିଜେ ଆସି ତାକୁ ପାଛୋଟି ନେଉଛି । ରୂପାଥାଳିରେ କେତେ କଥା ତାକୁ ଖାଇବାକୁ ଦେଉଛି । ଚାରିଆଡ଼େ ଖାଲି ରୂପେଲି ସୌନ୍ଦର୍ଯ୍ୟରେ ଭରା । କି ଶାନ୍ତି, କି ଆନନ୍ଦ ! ଏତେ ଶାନ୍ତି, ଏତେ ଆନନ୍ଦ ଟିକି ଚଢ଼େଇ କେବେ ଅନୁଭବ କରି ନ ଥିଲା । ଯେପରି ଖାଲି ଶାନ୍ତି ଆଉ ଆନନ୍ଦ ଉପରୁ ବର୍ଷା ହେଉଛି । କିନ୍ତୁ ଜହ୍ନମାମୁଁ ଦେହଟା ଖଣ୍ଡିଆ ଦେଖାଯାଉଛି ।''

''କାହିଁକି ? ଜହ୍ନମାମୁଁ ଦେହ କାହିଁକି ଖଣ୍ଡିଆ ଦେଖା ଯାଉଛି ?'' କପାଳର ରେଖା କୁଞ୍ଚିତ କରି ପଚାରିଲା ଅନୁରକ୍ତା ।

''ସତରେ ଜହ୍ନମାମୁଁ ଖଣ୍ଡିଆ ହୋଇ ନ ଥିଲା । ସେଦିନ ଥିଲା ଶୁକ୍ଳପକ୍ଷର ପ୍ରଥମ ଦିନ । ପୃଥିବୀର ଛାଇ ତା' ଉପରେ ପଡ଼ି ସେ ସେପରି ଦେଖା ଯାଉଥିଲା । ତା'ପରେ ଜହ୍ନମାମୁଁର ଅନୁରୋଧରେ ଟିକି ଚଢ଼େଇ ସେଠି କିଛିଦିନ ରହିଲା । ଜହ୍ନମାମୁଁର ରୂପ ଯେତେଯେତେ ବଢ଼ି ଗୋଲ ହୋଇ ଆସୁଥାଏ ଟିକି ଚଢ଼େଇ ଭିତରେ ସେତେସେତେ ନୂଆ ଉପଲବ୍ଧିମାନ ହେଉଥାଏ । ଏଇ ନୂଆ ନୂଆ ଉପଲବ୍ଧି ସହ ତା' ଭିତରେ କେତେ ପ୍ରେରଣା, କେତେ କଳ୍ପନା, କେତେ ଉଦ୍ଦୀପନା ଉଛୁଳି ଉଠୁଥାଏ । ସେ ଇଚ୍ଛାକଲେ ସବୁକିଛି ହୋଇପାରିବ ବୋଲି ତା'ର ବୋଧ ଆସୁଥାଏ । ଏଇ ସମୟରେ ପୃଥିବୀ ଉପରେ ଥିବା ତା'ର ବସା କଥା, ତା' ଚଢ଼େଇ ସମାଜର କଥା ମନେ ପଡ଼ିଲା । ତା'ର ମନେପଡ଼ିବା ମାତ୍ରେ ପୃଥିବୀପୃଷ୍ଠର କେତେକ ତରୁଣ ଚଢ଼େଇଙ୍କ ପ୍ରାଣରେ ଆଲୋଡ଼ନ ସୃଷ୍ଟି ହେଲା । ସେମାନେ ତାଙ୍କର ସେଇ ପୋକଜୋକଖିଆ ଗତାନୁଗତିକ ଜୀବନ ପ୍ରତି ବିରକ୍ତ ହୋଇ ଏକ ନୂତନ ଜୀବନର ଚିନ୍ତାରେ ବିଭୋର ହୋଇପଡ଼ିଲେ । କିନ୍ତୁ ଏହା କିପରି ସମ୍ଭବ ସେମାନେ ଜାଣିପାରୁ ନ ଥା'ନ୍ତି । ଯେଉଁ ଚଢ଼େଇଗୁଡ଼ିକ ଗତାନୁଗତିକ ଜୀବନରେ ନର୍ଦ୍ଦମାର ପୋକ



ଭଳି ବୁଡ଼ି ଯାଇଥିଲେ ସେମାନେ ଏଇ ନୂତନ ପ୍ରେରଣା, ନୂତନ ଜୀବନର ଭାବସ୍ପନ୍ଦନକୁ ଠଉରେଇ ପାରିଲେ ନାହିଁ । ଜହ୍ନମାମୁଁର ଶରୀର ଯେତେ ଗୋଲ ହେଉଥିଲା, ଟିକି ଚଢ଼େଇର ସେତେ ନୂଆ ନୂଆ ଉପଲବ୍ଧିମାନ ହେଉଥିଲା ଓ ପୃଥିବୀର ଗ୍ରହଣଶୀଳ ଚଢ଼େଇମାନଙ୍କ ମଧ୍ୟରେ ସେତେ ସେତେ ନୂଆ ନୂଆ ଭାବସ୍ପନ୍ଦନ ଖେଳିଯାଉଥିଲା । ଟିକି ଚଢ଼େଇକୁ ଆଉ ଫୋନ୍ କରି ଜଣାଇବାକୁ ପଡ଼ିଲା ନାହିଁ । ତା' ଶରୀରର ପୃଥିବୀ ସହ ସଂପର୍କ ଥିବାରୁ ଆପେ ତା' ଭିତରେ ଯାହା ଘଟିଲା ତାହା ପୃଥିବୀରେ ସଞ୍ଚାରିତ ହୋଇଗଲା । ଯେଉଁମାନେ ଫୋନ୍ ଧରିଥିଲେ ବା ଗ୍ରହଣଶୀଳ ଥିଲେ ସେମାନେ ସେମାନଙ୍କର ଶୁଣିବାର ସାମର୍ଥ୍ୟ ବା ଗ୍ରହଣ କରିବାର ସାମର୍ଥ୍ୟ ଅନୁଯାୟୀ ତାହା ଲାଭକଲେ ।

''ଏମିତି ଏମିତି ଟିକି ଚଢ଼େଇର ସେଠି ଚଉଦଦିନ କଟିଗଲା । ପନ୍ଦରଦିନ ବେଳକୁ ଜହ୍ନମାମୁଁ ସଂପୂର୍ଣ୍ଣ ଗୋଲ ହୋଇଗଲା । ଟିକି ଚଢ଼େଇର ସର୍ବାଙ୍ଗ ଯେପରି ଆଧ୍ୟାତ୍ମିକ ସଂପଦରେ ଭରିଉଠିଲା । ଜହ୍ନମାମୁଁଠାରୁ ଏତେ ଚିଜ ମିଳିବ ବୋଲି ସେ କଳ୍ପନା କରି ନ ଥିଲା । ଆଜି ପୃଥିବୀକୁ ଫେରି ଆସିବାକୁ ତା'ର ଇଚ୍ଛା ହେଲା । ଜହ୍ନମାମୁଁ ବି ଖୁସିରେ ତାକୁ ବିଦାୟ ଦେଲା । ଆସିଲାବେଳେ ଟିକି ଚଢ଼େଇ ଜହ୍ନମାମୁଁ ପାଖରେ ଶପଥ କଲା ଯେ ପୃଥିବୀକୁ ସେ ଏପରି ଆଲୋକର ସଂଧାନ ଦେବ ଯେଉଁଥିରେ ସମଗ୍ର ପୃଥିବୀରୁ ଅନ୍ଧକାର, ଅଜ୍ଞାନତା ଦୂର ହେବ । ଆଉ ପୃଥିବୀ ସତ୍ୟ ଆଉ ଜ୍ଞାନର ଆଲୋକରେ ଉଦ୍ଭାସିତ ହୋଇଉଠିବ । ତା'ର ଛାଇ ଆଉ ଜହ୍ନମାମୁଁ ଉପରେ ପଡ଼ି ତାକୁ ଖଣ୍ଡିଆ କରିବ ନାହିଁ । ଜହ୍ନମାମୁଁ ବହୁତ ଖୁସି ହୋଇ ଟିକି ଚଢ଼େଇକୁ ତା'କୋଳରେ ବସାଇ ତା'ର କଅଁଳ, ନରମ ହାତର ଉଜ୍ଜ୍ୱଳ ସ୍ପର୍ଶରେ ଆଉଁସି ଦେଲା । ଟିକି ଚଢ଼େଇ ଭିତରେ ଯେପରି ସକଳ ଆଧ୍ୟାତ୍ମିକ ଉପଲବ୍ଧି ସ୍ଥାୟୀ ହୋଇଗଲା ! ଜହ୍ନମାମୁଁ ତାକୁ କହିଲା, ପୃଥିବୀକୁ ସ୍ଥାୟୀଭାବରେ ପରିବର୍ତ୍ତନ କରିବାକୁ ହେଲେ ଏତିକି ଆଲୋକ, ଏତିକି ଉପଲବ୍ଧି ଯଥେଷ୍ଟ ନୁହେଁ । ତୋତେ ଆହୁରି ଅଧିକ ସାଧନା କରିବାକୁ ହେବ, ଆହୁରି ଉଚ୍ଚତର ଆଲୋକ, ଉଚ୍ଚତର

ଚେତନା ଓ ଶକ୍ତି ଲାଭ କରିବାକୁ ହେବ ।' ଏହା କହି ଟିକି ଚଢ଼େଇକୁ ବିଦାୟ ଦେଲା । ଟିକି ଚଢ଼େଇ କେତେ ଦିବ୍ୟ ସଂପଦ ଧରି ତା' ଚିରପରିଚିତ ପୃଥିବୀ ପୃଷ୍ଠକୁ ଖସି ଆସିଲା । ଆସିଲାବେଳେ ବାଟରେ ତା'ର ବାହାର ଚେହେରାର ଉଜ୍ଜ୍ୱଳତା ଅନେକ ପରିମାଣରେ ମଳିନ ପଡ଼ିଗଲା । କିନ୍ତୁ ଭିତରର ଉଜ୍ଜ୍ୱଳତା ସେମିତି ବଜାୟ ରହିଲା । ବାହାରୁ ତା'ର ଚେହେରା ଦେଖି ତା'ର ପରିବର୍ତ୍ତନ ବିଶେଷ କେହି ଲକ୍ଷ୍ୟ କରି ପାରିଲେ ନାହିଁ । ଋଷି କିନ୍ତୁ ସବୁ ଜାଣିପାରିଲେ । ତା'କୁ ତା'ଘରକୁ ପଠାଇ ଦେଲେ । ଟିକି ଚଢ଼େଇର ମା ଟିକି ଚଢ଼େଇକୁ ଦେଖି କୋଟିନିଧି ପାଇଲା ଭଳି ହୋଇଗଲା । କିନ୍ତୁ ଇଏ କ'ଣ ? ସବୁ କଥାରେ ତା'ର ସାଧାରଣ ଚଢ଼େଇଙ୍କଠାରୁ ଭିନ୍ନ ଆଚରଣ ! ନୂଆ ଏକ ତରୁଣ ଚଢ଼େଇ ଦଳ ଗଢ଼ି କ'ଣ ସବୁ ତାଙ୍କୁ ତାଲିମ ଦେଉଛି । ବସା କରିବା, ପୋକଜୋକ ଗୋଟେଇବା, ନୂଆ ସାଥି ଖୋଜି ସଂସାର କରିବା କୋଉଥିରେ ମନ ନାହିଁ ! ମା'କୁ ତା'ର ଏସବୁ ବହୁତ ଅଡୁଆ ଅଡୁଆ ଲାଗୁଥାଏ । ଶେଷକୁ ସିଏ ଟିକି ଚଢ଼େଇକୁ ଖାଲି ଏତିକି କହିଲା, 'ଯାହା କରୁଛୁ କର । ମୁଁ ଥିବା ପର୍ଯ୍ୟନ୍ତ ମୋ ପାଖକୁ ଟିକିଏ ଟିକିଏ ଆସୁଥିବୁ । ମୁଁ ମଲାପରେ ତୋର ଯାହା ଇଚ୍ଛା ତୁ ତା'କରୁଥା ।'

''ଏଇପରି ଭାବରେ ଆମର ଟିକି ଚଢ଼େଇ ତା' ଟିକି ବିଶ୍ୱାସକୁ ନେଇ କେତେ ବଡ଼ ସିଦ୍ଧି ତା' ନିଜ ଲାଗି ଆଉ ତା' ପକ୍ଷୀସମାଜ ଲାଗି ହାସଲ ନ କଲା ! ତା'ର ବିଶ୍ୱାସ ସତରେ ପରିଣତ ହୋଇ ତା'ଜୀବନରେ ଚିରସହଚର ହେବା ସଙ୍ଗେ ସଙ୍ଗେ ତାକୁ ଏକ ନୂଆ ଜୀବନର ପଥ ମଧ ଦେଖାଇ ପାରିଲା । ସେଇଥି ଲାଗି ଶ୍ରୀଅରବିନ୍ଦ କହିଛନ୍ତି : 'When the realisation comes, the faith divinely fulfilled and completed will be transformed into an eternal flame of knowledge.' 'ସିଦ୍ଧି ଆସିଲେ, ଦିବ୍ୟଭାବରେ ଚରିତାର୍ଥ ଓ ପୂର୍ଣ୍ଣତା ପ୍ରାପ୍ତ ହୋଇଥିବା ବିଶ୍ୱାସ ରୂପାନ୍ତରିତ ହୁଏ ଜ୍ଞାନର ଏକ ଶାଶ୍ୱତ ଜ୍ୟୋତିରେ ।' ''

## ଦୁଇ ଦୁଣେ କେତେ

## (୧୩)

''ଚିନୁଭାଇ, କାଲି ମୋର ସାଙ୍ଗ ସୁରଭି ସ୍କୁଲକୁ ଯାଇ ନ ଥିଲା । ଆଗରୁ ନୋଟିସ୍ ଦିଆଯାଇଥିଲା ଯେ ଆଜି ଆମର ପରୀକ୍ଷା ହେବ ବୋଲି । କିନ୍ତୁ ଗତକାଲି ପୁଣି ନୋଟିସ ଦିଆଗଲା ଯେ ପରୀକ୍ଷା କେତେକ କାରଣରୁ ବର୍ତ୍ତମାନ ପାଇଁ ବନ୍ଦ ରହିଲା । ପରେ କେବେ ଆରମ୍ଭ ହେବ ତା'ର ନିର୍ଦ୍ଦିଷ୍ଟ ତାରିଖ ନୋଟିସ ଦ୍ୱାରା ଜଣାଇ ଦିଆଯିବ । ମୁଁ ସେଇ କଥା ସୁରଭିକୁ କହିଲି । ସେ କିନ୍ତୁ ମୋ କଥାକୁ ଜମା ବିଶ୍ୱାସ କଲା ନାହିଁ । କହିଲା, 'ତୁ ମିଛ କହୁଛୁ । ମୁଁ ଆଜି ପାଠ ନ ପଢ଼ି କାଲି ପରୀକ୍ଷାରେ ଖରାପ କରେ ବୋଲି ତୋର ଇଚ୍ଛା । ମୁଁ ତାକୁ ଯେତେ ରାଣନିୟମ ପକାଇ କହିଲି ଜମା ବିଶ୍ୱାସ କଲା ନାହିଁ । ଆଜି ଦୁଆତ କଲମ ପ୍ରଭୃତି ନେଇ, କ୍ଲାସବହି ପ୍ରଭୃତି ନ ନେଇ ପରୀକ୍ଷା ଦେବାକୁ ଯାଇଥିଲା । ସ୍କୁଲରେ ତାକୁ ଦେଖି ସମସ୍ତେ ହସିଲେ । ଲାଜ ଆଉ ରାଗରେ ମୋ ସଙ୍ଗେ କଥା କହୁ ନାହିଁ । ଏଥିରେ ମୁଁ ବା କ'ଣ କରିବି ? ଇଏ କ'ଣ ତା'ରି ଅବିଶ୍ୱାସର ଫଳ ନୁହେଁ ? ମୁଁ ତା'ର ଏତେ ସାଙ୍ଗ ! ମୋ କଥାକୁ କାହିଁକି ସେ ବିଶ୍ୱାସ କରି ପାରିଲା ନାହିଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ସନ୍ଦେହ, ଅବିଶ୍ୱାସ ଏ ତ ସାଧାରଣ ମଣିଷ-ମନର ଏକ ଧର୍ମ । ମଣିଷ-ମନ ଯେପର୍ଯ୍ୟନ୍ତ ଯଥାର୍ଥ ଜ୍ଞାନର ଆଲୋକରେ ଆଲୋକିତ ନ ହୋଇଛି ସେପର୍ଯ୍ୟନ୍ତ ସେ ଠିକ୍ କ'ଣ, ଭୁଲ କ'ଣ ଜାଣିପାରିବ ନାହିଁ । କୌଣସି କଥାକୁ ଜାଣିବାକୁ ହେଲେ ତାକୁ ଆଖିରେ ଦେଖିବାକୁ ହେବ, କାନରେ ଶୁଣିବାକୁ ହେବ, ହାତରେ ଛୁଇଁବାକୁ ହେବ । ତା' ଛଡ଼ା ମଣିଷ ମଣିଷ ପ୍ରତି ଯେପରି

ଆଚରଣ ବର୍ତ୍ତମାନ କରୁଛି, ସେଥିରେ କିଏ ବା କାହାକୁ ବିଶ୍ୱାସ କରିବ ! ଚାରିଆଡ଼େ ଏକ ଅସତ୍ୟ, ମିଥ୍ୟା, ସନ୍ଦେହ, ଅବିଶ୍ୱାସ, ହିଂସା, କପଟତା, ନୃଶଂସତାର ବାତାବରଣ ଖେଳିବୁଲୁଛି । ଏଇ ଦେଖିଲୁ ନାହିଁ ସେଦିନ ଖବର କାଗଜରେ ବାହାରିଥିଲା ପଞ୍ଜାବର ଜଣେ ପାର୍ଲିଆମେଣ୍ଟ ସଭ୍ୟଙ୍କୁ ଦୁଇଜଣ ଯୁବକ ତାଙ୍କ ଘରକୁ ସାକ୍ଷାତ କରିବାକୁ ଆସିଲେ । ସେ କଥାବାର୍ତ୍ତା କରିବାଲାଗି ତାଙ୍କୁ ଡ୍ରଇଂରୁମକୁ ଡାକିନେବା ସମୟରେ ଜଣେ ବାହାରେ ରହିଲା, ଆଉ ଜଣେ ତାଙ୍କ ପଛେପଛେ ଯାଇ ଡ୍ରଇଂରୁମ୍‌ରେ ପହଞ୍ଚିବା କ୍ଷଣି ଗୁଳିକରି ତାଙ୍କୁ ମାରିଦେଇ ତା'ର ଅନ୍ୟସାଥୀ ସହ ବାହାରେ ରଖିଥିବା ମଟର ସାଇକେଲରେ ବସି ପଳାୟନ କଲା । ଏପରି ଅବସ୍ଥାରେ ଜଣେ ଅନ୍ୟଜଣକୁ କିପରି ସହଜରେ ବିଶ୍ୱାସ କରିବ ? ସେଥିରେ ମଣିଷର ବା ଦୋଷ କ'ଣ ? ଆଧୁନିକ ମଣିଷ-ମନର ସନ୍ଦେହ ଆଉ ଅବିଶ୍ୱାସ ସମ୍ବନ୍ଧରେ ଗୋଟିଏ କଥା ଶୁଣିବୁ ? ସେଇଥିରୁ ଜାଣିବୁ ମଣିଷ-ମନର ଅବସ୍ଥା ଆଜି ଆସି କିପରି ଅବସ୍ଥାରେ ପହଞ୍ଚିଲାଣି । ଶୁଣିଲେ ତୁ ଆଉ ତୋ ସାଙ୍ଗ ସୁରଭିକୁ ଦୋଷ ଦେଇପାରିବୁ ନାହିଁ ।''

''ହଁ, ସେ କଥାଟି କ'ଣ କୁହ ।''

''ଥରେ ଜଣେ ଭଦ୍ରଲୋକ ଆଉ ଜଣେ ଭଦ୍ରଲୋକଙ୍କ ଘରକୁ ଆସିଥିଲେ । ଦୁହେଁ କିଛି ସମୟ କଥାବାର୍ତ୍ତା ହେବା ପରେ ଆସିଥିବା ଭଦ୍ରଲୋକ ଜଣକ ଅନ୍ୟ ଭଦ୍ରଲୋକଙ୍କୁ ପଚାରିଲେ 'ଆଜ୍ଞା ଦୁଇରେ ଦୁଇ ଗୁଣିଲେ କେତେ ହେବ କହିପାରିବେ ?' 'ମଲା, ଏ କଥା ପୁଣି କହିବାକୁ ହେବ ? ଦୁଇରେ ଦୁଇ ଗୁଣିଲେ ଚାରି ହେବ ଏ କଥା କିଏ ନ ଜାଣେ ?'

''ଆସିଥିବା ଭଦ୍ରଲୋକ ଜଣକ କହିଲେ, 'ଠିକ୍ କହୁଛନ୍ତି ତ ଆଜ୍ଞା ।' 'ମଲା, ଏଥିରେ ପୁଣି ଭୁଲଥାଇ ପାରେ ? ସୂର୍ଯ୍ୟ ପଛେ ପଶ୍ଚିମରେ ଉଦୟ ହୋଇପାରେ କିନ୍ତୁ ଏକଥାରେ ଟିକିଏ ଏପାଖ ସେପାଖ ହୋଇ ପାରିବ ନାହିଁ । କହିବ ଯଦି ଜୀବନଟାକୁ ବାଜିମାରି ଏକଥା ସତ ବୋଲି କହିପାରେ ।' କହିଲେ ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ ।



''ଆସିଥିବା ଭଦ୍ରବ୍ୟକ୍ତି ଜଣକ ଅନୁରୋଧ ଭଙ୍ଗୀରେ କହିଲେ, 'ଆଜ୍ଞା, ସେଇତକ ଟିକିଏ ଲେଖି ଦିଅନ୍ତୁ ।' 'କ'ଣ ଲେଖିବି ?' 'ଆଜ୍ଞା, ସେଇ ଯୋଉ କଥା କହୁଛନ୍ତି – ଦୁଇ ଦୁଣେ ଚାରି ବୋଲି – ସେତିକି । ଆଉ ତା' ତଳେ ଆପଣଙ୍କ ନା ଦସ୍ତଖତ କରି ଦିଅନ୍ତୁ ।' 'ଏକଥା ଲେଖିବା ଦରକାର କ'ଣ ? ଏହା ତ ସମସ୍ତେ ଜାଣିଛନ୍ତି ।' 'ହଁ, ସେଇଆ ତ, ଲେଖି ଦେଲେ କ୍ଷତି କ'ଣ ?' 'ନାହିଁ, ନାହିଁ ମୁଁ ବର୍ତ୍ତମାନ ଲେଖି ପାରିବି ନାହିଁ ।' 'କାହିଁକି ଆଜ୍ଞା, କ'ଣ ପାଖରେ କାଗଜ କଲମ ନାହିଁ । ଏଇ କାଗଜ କଲମ ଦେଉଛି, ନିଅନ୍ତୁ ! ଲେଖନ୍ତୁ !' କହି ଆସିଥିବା ଭଦ୍ରଲୋକ ଜଣକ କାଗଜ କଲମ ବଢ଼ାଇ ଦେଲେ ।

''ଦ୍ୱିତୀୟ ଭଦ୍ର ବ୍ୟକ୍ତି ଜଣକ ଏଥର ରାଗିଯାଇ କହିଲେ, 'ରଖ, ରଖ ତୁମର କାଗଜ କଲମ । କହିଲି ପରା ମୁଁ ବର୍ତ୍ତମାନ ଲେଖିପାରିବି ନାହିଁ !' 'ତା' ହେଲେ ଆଜ୍ଞା ମୁଁ କାଲି ସକାଳେ ଆପଣଙ୍କ ପାଖକୁ ଆସିବି ।' 'କାଲି ସକାଳୁ ଏଠାକୁ ଯଦି ଆସନା, ତେବେ ଧକ୍‌କା ମାରି ତୁମକୁ ଏଠୁ ନିକାଲି ଦେବି । ଜାଣିଛ ? ଆଉ ବେଶୀ ପାଟି କରନା, ଯାଅ !' ରାଗି ଫଁ ଫଁ ହୋଇ କହିଲେ ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ ।

''ଆସିଥିବା ଭଦ୍ରବ୍ୟକ୍ତି ଜଣକ ଆହୁରି ନରମ ଗଳାରେ କହିଲେ, 'ଆଜ୍ଞା, ଏମିତି ରାଗୁଛନ୍ତି କାହିଁକି ? ମୁଁ ଏକଥା କାହାକୁ କହିବି ନାହିଁ । ଆପଣଙ୍କ ଲେଖାକୁ ତାଲା ପକାଇ ବାକ୍ସରେ ରଖିଦେବି ।' 'ଯଦି ତାଲା ଭାଙ୍ଗି ବାକ୍ସରୁ ସେ କାଗଜକୁ କିଏ ନେଇଯାଏ ?' 'ନେଲେ କ୍ଷତି କ'ଣ ଆଜ୍ଞା ? କ'ଣ ମିଛ କଥା ସେଥିରେ ଲେଖା ହୋଇଛି ଯେ !' 'ନାହିଁ, ନାହିଁ ବାବା, ସେ ଅଡୁଆରେ ମୋତେ ପୂରାଅନା । ଯେତେ କହିଲେ ବି ମୁଁ ଲେଖିପାରିବି ନାହିଁ । କଥା ସରିଲା ।'

''କୌଣସି ଆଉ ଉପାୟ ନ ପାଇ ଆସିଥିବା ଭଦ୍ରବ୍ୟକ୍ତି ଜଣକ କହିଲେ, 'ତେବେ ଆଜ୍ଞା ମୁଁ ଲେଖି ଦେଉଛି । ଆପଣ ତା' ତଳେ ଦସ୍ତଖତ

କରି ନିଜ ପାଖରେ କାଗଜଟି ରଖନ୍ତୁ । ଆଉ ଭବିଷ୍ୟତରେ କିଛି ଅସୁବିଧା ହେବାର ସମ୍ଭାବନା ରହିବ ନାହିଁ ।’ ଏଥର ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ ଟିକିଏ ରାଜି ହୋଇ କହିଲେ, ‘ନାହିଁ, ନାହିଁ ସେପରି କରିବାର କିଛି ଆବଶ୍ୟକତା ନାହିଁ । ଯଦି ଏତେ ବ୍ୟସ୍ତ ହେଉଛ ତେବେ ଆଜିକାଲିକାର ସାମାନ୍ୟ ବିଶ୍ୱାସ ଅନୁଯାୟୀ ମୁଁ ଖାଲି – ଦୁଇ ଦୁଣେ ଚାରି ବୋଲି – ଲେଖି ଦେଉଛି ।’ ‘ଆଉ ଆପଣଙ୍କ ନାଁ ? ନାଁ ଟା ଲେଖିଦେଲେ ତ ସରିଲା ଆଉ !’ ଏଥର ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ ଭୀଷଣ ରାଗିଯାଇ ଉଠିପଡ଼ି କହିଲେ, ‘ଶୀଘ୍ର ଏଠାରୁ ବାହାରି ଯାଅ । ନହେଲେ ଚାକରକୁ ଡାକି ଏଇନେ ଧକ୍କା ଦେଇ ଏଠୁ ବାହାର କରିଦେବି ।’

‘‘ଦ୍ୱିତୀୟ ଭଦ୍ରବ୍ୟକ୍ତିଟି ଏତେ ରାଗୁଛି କାହିଁକି ? ଦୁଇଦୁଣେ ଚାରି ବୋଲି ଲେଖି ଦସ୍ତଖତ କରିଦେଲେ ବା କ୍ଷତି କ’ଣ ? କୋଉ ମାର-ହାଣ କଥା ହୋଇଛି ନା ମିଛ କଥା ହୋଇଛି !’’ ପଚାରିଲା ଅନୁରକ୍ତା ।

‘‘ସିଏ ଜାଣେ ଯେ ଇଏ ମିଛ କଥା ନୁହେଁ କି ମାର-ହାଣ କଥା ନୁହେଁ । ତଥାପି ତା’ର ସନ୍ଦେହ ହେଉଛି ଯେ ଏତକ ଲେଖି ଦସ୍ତଖତ କରିଦେଲେ କାଳେ ଆସିଥିବା ଭଦ୍ରବ୍ୟକ୍ତି ଜଣକ ତାକୁ କିଛି ବିପଦରେ ପକାଇପାରେ । ତା’ ଉପରେ ତା’ର ବିଶ୍ୱାସ ଆସୁ ନାହିଁ ।’’

‘‘ହଉ, ସେଇଠୁ କ’ଣ ହେଲା ?’’

‘‘ସେଇଠୁ କ’ଣ ହେଲା ନା ଆସିଥିବା ଭଦ୍ରବ୍ୟକ୍ତି ଜଣକ କହିଲେ, ‘ଠିକ୍ ଅଛି ଆଜ୍ଞା, ମୁଁ ଯାଉଛି; କିନ୍ତୁ ସମସ୍ତଙ୍କୁ କହିବି ଯେ ଆପଣ କହୁଛନ୍ତି – ଦୁଇ ଦୁଣେ ଚାରି ।’ ଏହା କହି ସେ ଯିବାକୁ ବାହାରି ପଡ଼ିଲେ ।

‘‘ଦ୍ୱିତୀୟ ଭଦ୍ରବ୍ୟକ୍ତି ଜଣକ ଉଠିପଡ଼ି କହିଲେ, ‘ତୁମର ଯାହା ଇଚ୍ଛା ହେଉଛି ତୁମେ ଯାହାକୁ ପାର ତାକୁ କହିପାର । କିନ୍ତୁ ମୋତେ କିଏ ପଚାରିଲେ ମୁଁ ଏକଥା କହି ନାହିଁ ବୋଲି ସଫାସଫା କହିଦେବି । ଏ କଥାଟି ମନେ ରଖି ଯାହାକୁ ଯାଇ କହୁଥାଅ ।’ ’’



ଏତକ ଶୁଣି ଜୋରରେ ହସି ଉଠିଲା ଅନୁରକ୍ତା । କହିଲା, ‘‘ସେଇଠୁ ?’’

‘‘ସେଇଠୁ ଆଉ କ’ଣ ? ବିଚରା ଆସିଥିବା ଭଦ୍ରବ୍ୟକ୍ତି ଜଣକ ନିରାଶ ହୋଇ ହସି ହସି ଚାଲିଗଲେ ଆଉ... ।

‘‘ଏଇ ସନ୍ଦେହ, ଅବିଶ୍ୱାସ ଇଏ ବି ଭଗବାନଙ୍କ ସୃଷ୍ଟିର ଏକ ଏକ ଗୁଣ । ବିଶ୍ୱାସର ଏସବୁ ଶତ୍ରୁ ହେଲେ ବି ଠିକ୍ ଜାଗାରେ ଓ ଠିକ୍ ସମୟରେ ଏହାର ବି ଉପକାରିତା ଅଛି । ସେଇଥିଲାଗି ଶ୍ରୀଅରବିନ୍ଦ କହିଛନ୍ତି :

‘The enemy of faith is doubt, and yet doubt too is a utility and necessity, because man in his ignorance and in his progressive labour towards Knowledge needs to be visited by doubt, otherwise he would remain obstinate in an ignorant belief and limited knowledge and unable to escape from his errors.’ ଅର୍ଥାତ୍, ‘ସନ୍ଦେହ ବିଶ୍ୱାସର ଶତ୍ରୁ । ତଥାପି ସନ୍ଦେହର ମଧ୍ୟ ଏକ ଉପକାରିତା ଏବଂ ଆବଶ୍ୟକତା ଅଛି । କାରଣ ନିଜର ଅଜ୍ଞାନତା ମଧ୍ୟରେ ଓ ଜ୍ଞାନ ଦିଗରେ ଅଗ୍ରଗତିମୂଳକ ପ୍ରଚେଷ୍ଟା ମଧ୍ୟରେ ମଣିଷର ସନ୍ଦେହ ସହ ସାକ୍ଷାତ ହେବା ଦରକାର ପଡ଼ିଥାଏ । ନଚେତ୍ ସେ ଏକ ଅଜ୍ଞାନତାପୂର୍ଣ୍ଣ ବିଶ୍ୱାସ ଓ ସୀମିତ ଜ୍ଞାନ ମଧ୍ୟରେ ପରିବର୍ତ୍ତନବିମୁଖ ହୋଇ ରହିଯାଆନ୍ତା ଓ ନିଜର ଭ୍ରାନ୍ତି ମଧ୍ୟରୁ ମୁକୁଳିବା ପାଇଁ ଅସମର୍ଥ ହୁଅନ୍ତା ।’

‘‘ବାସ୍ତବରେ ଶ୍ରୀଅରବିନ୍ଦଙ୍କର ଏଇ କଥା ଅକ୍ଷରେ ଅକ୍ଷରେ ସତ୍ୟ । ସାଧାରଣ ଅବସ୍ଥାରେ ସନ୍ଦେହ, ଅବିଶ୍ୱାସ ନ ଥିଲେ ମଣିଷ କେବେ ବି ଅଗ୍ରଗତି କରି ପାରନ୍ତା ନାହିଁ । ନିଜର ଭୁଲ, ଭ୍ରାନ୍ତି, ସଂକୀର୍ଣ୍ଣତା, ସୀମିତତା, ଅନ୍ଧବିଶ୍ୱାସ ଆଦିକୁ ନେଇ ସେମିତି ପଡ଼ିଥା’ନ୍ତା । ଏଇ ଯେଉଁ ଶ୍ରୀଅରବିନ୍ଦଙ୍କ ବାଣୀଟି ତୋତେ କହିଲି ସେଇଟିକୁ ବହିରୁ ଟିପିବା ସମୟରେ ପ୍ରଥମେ ବାକ୍ୟରେ ଥିବା doubt too is a utility and ‘necessity’ ସ୍ଥାନରେ ମୁଁ ଲେଖିଥିଲି

'necessary' । ପରେ ଯେତେବେଳେ ପଢ଼ିଲି, ସେ ଶବ୍ଦଟି ଖାପ୍‌ଛଡ଼ା ଲାଗିଲା ଓ ସନ୍ଦେହ ଆସିଲା । କିନ୍ତୁ ମନର ଗୋଟିଏ ଭାଗ ଯୁକ୍ତିକଲା 'necessary' ଠିକ୍ ହୋଇଥିବ । କାରଣ ଏଇପରି ହୋଇପାରେ 'doubt too is a utillity and (is) necessary. 'is'ଟି ଏଠାରେ ଲୁଚିକରି ଅଛି । ଏସବୁ ଯୁକ୍ତିରେ କିଛିଟା ମନ ବୁଝିଲେ ବି ସନ୍ଦେହ ଗଲା ନାହିଁ । ଇଚ୍ଛା ହେଲା ଥରେ ମୂଳ ବହିଟି ପୁଣି ଦେଖିବି । ଅନିଚ୍ଛା ସତ୍ତ୍ୱେ ଦେଖିଲା ବେଳକୁ ସନ୍ଦେହଟି ଠିକ୍ ବୋଲି ଜଣାପଡ଼ିଲା । ଏଇଠି ଯଦି ସନ୍ଦେହ ହୋଇ ନ ଥା'ନ୍ତା ତେବେ ବାଣୀଟିରେ ଭୁଲ୍‌ଟି ତ ସେମିତି ରହିଥାଆନ୍ତା । ମଣିଷର ଆଦିମତମ ଅବସ୍ଥାରୁ ଏଇ ସନ୍ଦେହହିଁ ତାକୁ ଉଚ୍ଚରୁ ଉଚ୍ଚତର ଜ୍ଞାନ ପ୍ରଦାନ କରି ଆସିଛି । ତା'ର ଭୁଲ୍‌କୁ ସଂଶୋଧନ କରି ଆସିଛି । ଏଇ ମଣିଷ ଫସଲ କିଆରିରେ ଭଲ ଫସଲ ହେବ ବୋଲି ମଣିଷକୁ ବଳି ଦେଉଥିଲା । ସ୍ୱାମୀ ମଲେ ସତୀ ହେବା ଆଳରେ ସ୍ତ୍ରୀକୁ ମଲା ସ୍ୱାମୀର ଚିତା ନିଆଁରେ ଜୋର କରି ପୋଡ଼ି ମାରି ଦିଆଯାଉଥିଲା ।  ବାହାଘର କ'ଣ ଜାଣିବା ଆଗରୁ ଛୋଟ ଝିଅଙ୍କୁ ସବୁ ବିବାହ କରି ଦିଆଯାଉଥିଲା । ସେମାନେ ସ୍ୱାମୀ ବୋଲି କ'ଣ ଜାଣିବା ଆଗରୁ ସ୍ୱାମୀ ଯଦି ମରି ଯାଉଥିଲା ତେବେ ସାରା ଜୀବନ ସେମାନଙ୍କୁ ନାନା ଓଷାବ୍ରତ ପାଳନ କରି ବିଧବା ହୋଇ ରହିବାକୁ ପଡୁଥିଲା । ଏଇ ମଣିଷ ଦିନେ ବିଶ୍ୱାସ କରୁଥିଲା ଓ ପ୍ରମାଣ କରି ଦେଖାଉ ଥିଲା ଯେ ପୃଥିବୀ ଚାରିପଟେ ସୂର୍ଯ୍ୟ ବୁଲୁଛି ବୋଲି । ଏଇ ମଣିଷ ବି ଦିନେ ପ୍ରଥମ ରେଳଗାଡ଼ି ଚାଲିବା ସମୟରେ ତା'ର ବିଶାଳ ଶରୀର, କଳାଧୂଆଁ, ଇଞ୍ଜିନ ତଥା ହୁଇସିଲ୍‌ର ବିକଟ ଶବ୍ଦ ଶୁଣି ତାକୁ ଏକ ଭୟଙ୍କର ରାକ୍ଷସ ବୋଲି କହି ଭୟ କରୁଥିଲା । ଆଉ କେତେକ ରେଳରେ ବସିଲେ ଯାତ୍ରାର ସମୟ କମିଯିବା ସଙ୍ଗେ ସଙ୍ଗେ ଜୀବନର ସମୟ ମଧ୍ୟ କମିଯିବ ବୋଲି ବିଶ୍ୱାସ କରି ସେଥିରେ ବସୁ ନ ଥିଲେ । କିନ୍ତୁ ଏଇ ସବୁ ବିଶ୍ୱାସ କରି ସେଥିରେ ବସୁ ନ ଥିଲେ । କିନ୍ତୁ ଏଇ ସବୁ ବିଶ୍ୱାସ ବିରୁଦ୍ଧରେ ସନ୍ଦେହ, ଅବିଶ୍ୱାସ ଜାଗିଉଠିଲା । ସେ ଏସବୁ ବିଶ୍ୱାସ ପ୍ରତି ପ୍ରଶ୍ନବାଚକ ଦୃଷ୍ଟିରେ



ଚାହିଁଲା । ଫଳରେ ଆଜି ଆମେ ଭଲ ଫସଲ ଲାଗି ଫସଲ କିଆରିରେ ମଣିଷବଳି ଦେବା, ମଲା ସ୍ୱାମୀର ଚିତାରେ ସ୍ତ୍ରୀକୁ ଜୋର କରି ପୋଡ଼ି ମାରିବା, ଅଳ୍ପ ବୟସର ଝିଅକୁ ବିବାହ କରିଦେବା, ସୂର୍ଯ୍ୟ ପୃଥିବୀ ଚାରିପଟେ ଘୁରୁଛି ବୋଲି ଭାବିବା, ରେଳଗାଡ଼ିକୁ ଏକ ଭୟାନକ ରାକ୍ଷସ ବୋଲି ଭାବିବା ଆଦି କୁସଂସ୍କାର, ଅନ୍ଧବିଶ୍ୱାସ, ଭୁଲ୍ ଧାରଣା ଆଦିରୁ ମୁକ୍ତ ହୋଇପାରିଛୁ । ସନ୍ଦେହ ଉପୁଜୁ ନ ଥିଲେ ଆମେ ଯେପରି ଥିଲେ ସେଇ ଅବସ୍ଥାରେ ଥାଆନ୍ତେ । ଆମର ସାମାଜିକ, ବୈଜ୍ଞାନିକ, ସାଂସ୍କୃତିକ, ନୈତିକ, ଆଧ୍ୟାତ୍ମିକ ବିକାଶ ଆଦି କିଛି ବି ହୋଇ ପାରି ନ ଥା'ନ୍ତା । ପ୍ରଚଳିତ ସଂସାର-ସୁଖରେ ସନ୍ଦେହ ନ ଆସିଲେ କେହି କ'ଣ କେବେ ସନ୍ନ୍ୟାସୀ ହୁଅନ୍ତା ।

''କିନ୍ତୁ ସବୁକଥାର ଗୋଟିଏ ଉପଯୁକ୍ତତା, ଉପଯୋଗିତା ଓ ସୀମା ଅଛି । ଉପଯୁକ୍ତତା, ଉପଯୋଗିତା ଓ ସୀମା ବାହାରକୁ ଗଲେ ସେସବୁ ଅନୁପଯୁକ୍ତ, ଅନୁପଯୋଗୀ ଓ ଅପକାରୀ ହୋଇ ଉଠିଥାଏ । ଯଥା : ସ୍ନାନ, ବ୍ୟାୟାମ ଆଦି ଶରୀର ପକ୍ଷରେ ହିତକର । କିନ୍ତୁ ଏହା ବୋଲି ଯେତେବେଳେ ଇଚ୍ଛା ସେତେବେଳେ ସ୍ନାନ କରିବା, ଯେତେବେଳେ ଇଚ୍ଛା ସେତେବେଳେ ବ୍ୟାୟାମ କରିବା କି ଦିନମାନଯାକ ବସି ସ୍ନାନ କରୁଥିବା ଅଥବା ବ୍ୟାୟାମ କରୁଥିବା କ'ଣ ଶରୀର ପକ୍ଷରେ ହିତକର ହେବ ? ବରଂ ଓଲଟା ଫଳ ଦେବ । ସନ୍ଦେହ କ୍ଷେତ୍ରରେ ମଧ୍ୟ ସେହିପରି । ଆମେ ଯାହାକୁ ଇଚ୍ଛା ତାକୁ ସନ୍ଦେହ କରିବା, ସନ୍ଦେହକୁ ଏକ ଅଭ୍ୟାସରେ ପରିଣତ କରିବା ଫଳରେ ଏହା ଉପକାର ପରିବର୍ତ୍ତେ ଆମର ଅପକାର କରିଥାଏ ।''

''ସନ୍ଦେହ ପୁଣି ଅଭ୍ୟାସ ହେବ କିପରି ?'' ପଚାରିଲା ଅନୁରକ୍ତା ।

''ଜଣେ ଜଣେ ଲୋକଙ୍କର ସନ୍ଦେହ ଅଭ୍ୟାସ ହୋଇଯାଏ । ବିନା କାରଣରେ ତୁଚ୍ଛାଟାକୁ ସନ୍ଦେହ କରି ସେମାନେ ଅସୁବିଧାରେ ପଡ଼ନ୍ତି । ଜଣେ ଜଣେ ଲୋକ ଟଙ୍କାକୁ ବାରଂବାର ଗଣୁଥିବେ । ଯେତେ ଗଣିଲେ ବି ଭୁଲ ହେଲାକି କ'ଣ ଭାବି ପୁଣି ଗଣୁଥିବେ । ବାକ୍ସରେ ରଖି ଚାବିଦେଇ ସାରିଥିବେ,

ପୁଣି ଖୋଲି ଗଣିବେ । ପୁଣି ଗଣିସାରି ରଖିବା ପରେ ବି ମନେ ମନେ ସନ୍ଦେହ କରୁଥିବେ ବୋଧେ କିଛି ଗଲ୍‌ତି ରହିଗଲା । ବାକ୍ସରେ ଚାବି ପକାଇ ଭଲଭାବେ ପରୀକ୍ଷା କରି ସାରିଥିଲେ ବି ଭାବୁଥିବେ ବୋଧେ ଚାବି ପକାଇ ନାହାନ୍ତି । ନିଜ ଶରୀର ହେଉ ବା ଅନ୍ୟକିଛି ଜିନିଷ ହେଉ ଯେତେ ପରିଷ୍କାର କଲେ ବି ଭାବୁଥିବେ ପୁଣି କେଉଁଠି ମଇଳା ରହିଗଲା । କୌଣସି ଲୋକ ତାଙ୍କୁ ଚାହିଁ ଭଲରେ ହସିଦେଲେ ଭାବିବେ ବୋଧହୁଏ ତାଙ୍କର କିଛି ଗଲ୍‌ତି ଦେଖି ସେ ହସୁଛି । ନ ହସି ଯଦି ନୀରବ ରହି ଚାଲିଗଲା ଭାବିବେ ବୋଧହୁଏ ତାଙ୍କ ଉପରେ ସେ ରାଗିଛି କିଂବା ଅଭିମାନ କରିଛି । ଏସବୁ ନିରର୍ଥକ ସନ୍ଦେହକୁ ମା କହନ୍ତି ମଣିଷର ଭୌତିକ ମନର ଏକ ଯାନ୍ତ୍ରିକ କ୍ରିୟା । ଏପରି ସନ୍ଦେହ ମଣିଷର ଏକ ଅଭ୍ୟାସ, ଏକ ରୋଗରେ ପରିଣତ ହୋଇଥାଏ ।

‘‘ଆହୁରି ମଧ୍ୟ ସାଧାରଣ ଅବସ୍ଥାରେ, ନିମ୍ନତର କ୍ଷେତ୍ରରେ ସ୍ୱାଭାବିକ ସନ୍ଦେହ ବିକାଶରେ ସାହାଯ୍ୟ କରିଥାଏ । କିନ୍ତୁ ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ, ବିଶେଷକରି ଗୁରୁଙ୍କ ସହ ସମ୍ପର୍କ କ୍ଷେତ୍ରରେ, ଉଚ୍ଚତର ସତ୍ୟର କ୍ଷେତ୍ରରେ ଆଉ ସନ୍ଦେହ ସାହାଯ୍ୟ କରି ନ ଥାଏ; ବରଂ ଅଗ୍ରଗତିର ବିରାଟ ପ୍ରତିବନ୍ଧକ ହୋଇ ଦେଖାଦିଏ । ଗୁରୁଙ୍କ କଥାକୁ ଯଦି ଶିଷ୍ୟ ସନ୍ଦେହ କରେ, ଉଚ୍ଚତର ଉପଲବ୍ଧିକୁ ଯଦି ଅବିଶ୍ୱାସ କରେ ତେବେ ତା’ର ବିକାଶ ହେବ କିପରି ? ଥରେ ଜଣେ ଗୁରୁଙ୍କର ଚାରିଜଣ ଶିଷ୍ୟ ତୀର୍ଥକରି ବାହାରିଲେ । ଯିବା ସମୟରେ ଗୁରୁ ସେମାନଙ୍କୁ ଗୋଟିଏ ମନ୍ତ୍ର ଦେଇ କହିଲେ, ‘ଏ ମନ୍ତ୍ରଟି ଜପକଲେ ବାଟରେ କୌଣସି ବିପଦଆପଦ ତୁମର କ୍ଷତି କରିପାରିବ ନାହିଁ ।’ ସେମାନଙ୍କ ମଧ୍ୟରୁ ଜଣେ ଶିଷ୍ୟ ଗୁରୁଙ୍କ କଥାକୁ ଏକବାରେ ବେଦବାକ୍ୟ ବୋଲି ମାନି ନେଇ ସବୁ ସମୟରେ ସେ ମନ୍ତ୍ରଟି ଜପ କରିବାରେ ଲାଗିଲା । ଅନ୍ୟ ତିନିଜଣ ତା’ ଉପରେ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ତୀର୍ଥ କରୁ କରୁ ବାଟରେ ଥରେ ସେମାନେ ଗୋଟାଏ ନଈ ଭିତର ଦେଇ ଯାଉଥିଲେ । ବିରାଟ ନଈ; କିନ୍ତୁ ଶୁଖିଲା । ଏଇ ସମୟରେ ହଠାତ୍ କ’ଣ ହେଲାନା ସମୁଦ୍ରରେ ଜୁଆର ଉଠି



ନଈ ଭିତରକୁ ପାଣି ମାଡ଼ି ଆସିଲା । ଚାହୁଁ ଚାହୁଁ ଶୁଖିଲା ନଈଟା ପାଣିରେ ଉଚ୍ଛୁଳି ପଡ଼ିଲା । ଶିଷ୍ୟ ଚାରିଜଣଙ୍କୁ ପାଣି ବୁଡ଼ାଇ ଦେଲା । ଗୁରୁ ଦେଇଥିବା ମନ୍ତ୍ରଟି ସବୁସମୟରେ ଜପ କରୁଥିବା ଶିଷ୍ୟଟି ମନ୍ତ୍ରଜପ ସହ ଭାବୁଥାଏ ଗୁରୁଙ୍କ କୃପାରୁ ତା’ର କିଛି ହେବ ନାହିଁ । ସତକୁ ସତ ସୋଲଟିଏ ଭଳି ଭାସି ଭାସି ଯାଇ ନିରାପଦରେ ସେ ଆର କୂଳରେ ପହଞ୍ଚିଲା । ଦ୍ୱିତୀୟ ଶିଷ୍ୟଟିର ସେଇ ମୁହୂର୍ତ୍ତରେ ଗୁରୁଙ୍କ ମନ୍ତ୍ରଜପ କଥା ମନେ ପଡ଼ିଲା । କିନ୍ତୁ ପୂରା ବିଶ୍ୱାସ ଆସୁ ନ ଥାଏ, ସତେ କ’ଣ ଏଇ ମନ୍ତ୍ରଜପରେ ଏ ବିପଦରୁ ରକ୍ଷା ମିଳିବ । ପାହାଡ଼ ଉଚ୍ଚାରେ ଏ ଯେଉଁ ପାଣି ଆସୁଛି ଇଏତ କୁଆଡ଼େ ଭସେଇ ନେଇ ବୁଡ଼େଇ ମାରିଦେବ । କିନ୍ତୁ ତଥାପି ପ୍ରାଣ ବିକଳରେ ଗୁରୁଙ୍କ ମନ୍ତ୍ର ଥରଟିଏ ସେ ଜପ କରି ଦେଲା । ପାଣିର ସୁଅ ତାକୁ ବୁଡ଼େଇ ଉଠେଇ, ଭଉଁରୀ ଭିତରେ ଘୁରେଇ ବହୁତ ଦୂରକୁ ନେଇଯାଇ ଗୋଟିଏ ଜାଗାରେ କୂଳକୁ ଫିଙ୍ଗି ଦେଲା । ସେ ସେଇଠି ବେହୋସ ହୋଇ ଅନେକ ସମୟ ପଡ଼ିରହିଲା । ଯୋଗକୁ ଜଣେ ବାଟୋଇ ତାକୁ ଦେଖି ତା’ର ଚିକିତ୍ସା-ବ୍ୟବସ୍ଥା କରିବାରୁ ସେ ବଞ୍ଚିଗଲା । ନହେଲେ ମରିଯାଇଥା’ନ୍ତା । ତୃତୀୟ ଶିଷ୍ୟଟି ପ୍ରାଣ ବିକଳରେ ଯେତେ ଚେଷ୍ଟା କଲା ମନ୍ତ୍ରଟି ମନେ ପକାଇବାକୁ ଆଉ ମନେ ପଡ଼ିଲା ନାହିଁ । ଗୁରୁଙ୍କ ଉପଦେଶର ମହତ୍ତ୍ୱ ହୃଦୟଙ୍ଗମ କଲା । ଭାବିଲା ଏ ଜନ୍ମ ସରିଲା । ଆର ଜନ୍ମକୁ ଯେପରି ଏ ଭୁଲ୍ ନ କରେ ! ଉପାୟହୀନ ହୋଇ ପ୍ରବଳ ଜଳର ତୋଡ଼ରେ ବୁଡ଼ି ଉଠି କୁଆଡ଼େ ଭାସିଯାଇ ସିଏ ମରିଗଲା । ଚତୁର୍ଥ ଜଣକର ମନ୍ତ୍ର ଫନ୍ତ୍ର କଥା କିଛି ମନେ ପଡ଼ିଲା ନାହିଁ । ପାଣି ଆସିଲାତ ତାକୁ ଗୁଡ଼େଇ ତୁଡ଼େଇ ବୁଡ଼େଇ କୁଆଡ଼େ ନିମିଷକ ଭିତରେ ଖତମ କରି ଦେଲା ।

‘‘ତେଣୁ ସନ୍ଦେହ ସବୁ ସମୟରେ ଉପକାରରେ ଲାଗି ନ ଥାଏ । ଆଧ୍ୟାତ୍ମିକ କ୍ଷେତ୍ରରେ ଆମ ନିଜର ସୂକ୍ଷ୍ମଦର୍ଶନ, ଅନୁଭୂତି, ଉପଲବ୍ଧି, ପ୍ରେରଣା ଆଦି ଉପରେ ପ୍ରଥମାବସ୍ଥାରେ ସନ୍ଦେହ ଆସିପାରେ । କାରଣ ଅନେକ ବିରୋଧୀ ଶକ୍ତି ଦିବ୍ୟତାର ଛଦ୍ମବେଶରେ ସାଧକକୁ ବିପଥଗାମୀ କରିବାକୁ

ଚେଷ୍ଟା କରିଥା'ନ୍ତି । କିନ୍ତୁ ଗୁରୁଙ୍କ ବାକ୍ୟ କ୍ଷେତ୍ରରେ ସନ୍ଦେହର ପ୍ରଶ୍ନ ନାହିଁ । ସାଧାରଣ-ଜୀବନ କ୍ଷେତ୍ରରେ ସନ୍ଦେହର ଭୂମିକା ରହିଛି । ଆଧ୍ୟାତ୍ମିକ ଜୀବନ-କ୍ଷେତ୍ରରେ ମଧ୍ୟ ଏକ ଅବସ୍ଥା ଆସିବା ପର୍ଯ୍ୟନ୍ତ କେତେକ ପରିସ୍ଥିତିରେ ସନ୍ଦେହର ଭୂମିକା ରହିଛି । କିନ୍ତୁ ସବୁ ସମୟରେ ନୁହେଁ । ଅତିମାନସ ସତ୍ୟଲାଭ ପରେ ତେଣିକି ସନ୍ଦେହର ଆଉ କୌଣସି ଭୂମିକା ନାହିଁ । ତେଣିକି ବ୍ୟକ୍ତି ସତ୍ୟରୁ ବୃହତ୍ତର ସତ୍ୟ ମଧ୍ୟକୁ, ଜ୍ଞାନରୁ ଅଧିକତର ଜ୍ଞାନ ମଧ୍ୟକୁ ଅଗ୍ରଗତି କରି ଚାଲିବ । ତେଣିକି ଆଉ ସତ୍ୟମିଥ୍ୟା ମଧ୍ୟରେ କୌଣସି ଲୁଚକାଳି ଖେଳ ନ ଥିବ । ଥିବ ଖାଲି ସତ୍ୟ ମଧ୍ୟରୁ ବୃହତ୍ତର ସତ୍ୟ ମଧ୍ୟକୁ ଅଗ୍ରଗତି ।

ସେଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି : 'In the lower knowledge doubt and scepticism have their temporary uses; in the higher they are stumbling-blocks : for there the whole secret is not the balancing of truth and error, but a constantly progressing realisation of revealed truth.' ଅର୍ଥାତ୍ : 'ନିମ୍ନ ଜ୍ଞାନର କ୍ଷେତ୍ରରେ ସନ୍ଦେହ ଓ ଅବିଶ୍ୱାସର ଏକ ଅସ୍ଥାୟୀ ଉପଯୋଗିତା ରହିଛି; କିନ୍ତୁ ଉଚ୍ଚତର ଜ୍ଞାନର କ୍ଷେତ୍ରରେ ସେମାନେ ସବୁ ପ୍ରତିବନ୍ଧକ ସ୍ୱରୂପ । କାରଣ ସେ କ୍ଷେତ୍ରରେ ସମୁଦାୟ ରହସ୍ୟଟି ହେଉଛି ସେଠାରେ ଆଉ ସତ୍ୟ ଓ ମିଥ୍ୟା ମଧ୍ୟରେ ନିକିତି ତଉଲ ନ ଥାଏ, ସେଠାରେ ଥାଏ ବ୍ୟକ୍ତ ସତ୍ୟର ଅଧିକରୁ ଅଧିକ ଏକ ନିରବଚ୍ଛିନ୍ନ ଉପଲବ୍ଧି ।' ''

## ଅସାମର୍ଥ୍ୟ ସ୍ଥାୟୀ ନୁହେଁ

## (୧୪)

— ''ଆମ ଦେଶରୁ ପ୍ରଥମ କରି ମହାକାଶକୁ ଯାଇଥିବା ରାକେଶ ଶର୍ମାଙ୍କ କଥା ଆଜି କୁହ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

— ''କାହିଁକି, ତୋର ମହାକାଶକୁ ଯିବାରେ ଇଚ୍ଛା ହେଲାଣି କି ?'' ଥଟ୍ଟା କରି ପଚାରିଲା ଚିନ୍ମୟ ।

— ''ନାହିଁ, ନାହିଁ, ଏଇ ପୃଥିବୀରେ ମୋର ତ ଯାହା କରିବା କଥା ସେ କାର୍ଯ୍ୟ ମୁଁ ଆରମ୍ଭ କରି ନାହିଁ, ଆଉ ମହାକାଶକୁ ଯାଇ ଏବେ କ'ଣ କରିବି ? ମୁଁ ଚାହେଁ ଏଇ ପୃଥିବୀରେ ରହି ସବୁକଥା ଜାଣିବି । ଏଇ ଆମର ପ୍ରିୟ ପୃଥିବୀ ସୁନାର ପୃଥିବୀରେ ପରିଣତ ହେବ ଓ ସବୁ ଗ୍ରହ ନକ୍ଷତ୍ରଙ୍କ ଭିତରେ ଶ୍ରେଷ୍ଠ ହୋଇଉଠିବ ।''

— ''ତୁ ତୋ ପୃଥିବୀକୁ ଏତେ ଭଲ ପାଉଛୁ ଜାଣି ଖୁସି ହେଲି । ବାସ୍ତବରେ ଏ ପୃଥିବୀ ସମଗ୍ର ସୃଷ୍ଟିର ଏକ କ୍ଷୁଦ୍ର ପ୍ରତିରୂପ । ସମଗ୍ର ସୃଷ୍ଟିରେ ଯାହା ରହିଛି ସେସବୁ ଏ ପୃଥିବୀରେ ରହିଛି । କ୍ରମବିବର୍ତ୍ତନଧାରାରେ ଏଇ ପୃଥିବୀ ଦିନେ ସ୍ୱର୍ଗରେ ପରିଣତ ହେବ । ଏଇଠି ରହି ନୂତନ ମଣିଷ ଜାତି ସମଗ୍ର ସୃଷ୍ଟିର ରହସ୍ୟ ଭେଦ କରିପାରିବ । ସତରେ ଏ ପୃଥିବୀ ଦିନେ ସୁନାର ପୃଥିବୀରେ ପରିଣତ ହେବ । ସେତେବେଳେ ନୂଆ ପୃଥିବୀର ନୂଆ ମଣିଷ ଯାହା ଚାହିଁବ ଜାଣିବାକୁ ତା' ଜାଣିପାରିବ, ଯୁଆଡ଼କୁ ଚାହିଁବ ଯିବାକୁ ଇଚ୍ଛା କଲାମାତ୍ରେ ସିଆଡ଼କୁ ଯାଇ ପାରିବ । ସେତେବେଳେ ସିଏ କୌଣସି ଯାନବାହାନ ଆବଶ୍ୟକ କରିବ ନାହିଁ । ତେବେ ସେ ମାର୍ଗ ହେବ ଯୋଗ ସାଧନାର ମାର୍ଗ, ବିଜ୍ଞାନ-ସାଧନାର ମାର୍ଗ ନୁହେଁ । ଦିନେ ବିଜ୍ଞାନର ଏଇ

କଷ୍ଟସାଧ୍ୟ ଲକ୍ଷ୍ୟ ଯୋଗବଳରେ ଅନାୟାସରେ ସାଧିତ ହେବ । ଏଇ ବୃହତ୍ତର ଲକ୍ଷ୍ୟର ରାସ୍ତାରେ ଗତି କରି ଦୁହେଁ ମିଳି ଏକାକାର ହୋଇଯିବେ ।

''ଯାହାହେଉ, ତୁ ଯଦି ମହାକାଶ ଯିବାକୁ ଚାହୁଁନୁ ତେବେ ରାକେଶ ଶର୍ମାଙ୍କ ବିଷୟରେ ଜାଣିବାକୁ କାହିଁକି ଏତେ ଆଗ୍ରହୀ ?''

– ''ମୁଁ ମହାକାଶ ଯାନରେ ମହାକାଶ ନ ଯିବି ବୋଲି ଯିଏ ମହାକାଶ ଯାଇ ପାରିଲା ତା' କଥା କ'ଣ ଶୁଣିବାକୁ ଆଗ୍ରହ ହେବ ନାହିଁ ? ଜଣେ ସାଧାରଣ ମଣିଷ ହିସାବରେ ଯିଏ ଅସାଧାରଣ କାର୍ଯ୍ୟ କରିପାରିଲା ଆମେ ଯଦିଓ ତାଙ୍କରି କାମ ନ କରୁଛୁ, ତଥାପି ଆମ କାମରେ କ'ଣ ତାଙ୍କ ଉଦାହରଣ ସହାୟକ ହେବ ନାହିଁ ?''

– ''ତା'ହେଲେ ଠିକ୍ ଅଛି ମୁଁ ତାଙ୍କ ବିଷୟରେ ଯେତିକି ଜାଣିଛି କହିବି । ଏକଥା ନିଶ୍ଚିତ ଯେ ପ୍ରତ୍ୟେକ ଅସାଧାରଣ କାର୍ଯ୍ୟ କରୁଥିବା ବ୍ୟକ୍ତିର ସ୍ୱଭାବରେ କିଛି ନା କିଛି ଅସାଧାରଣ ଗୁଣ ଥାଏ ଯାହାକି ଅନ୍ୟମାନଙ୍କ ପାଇଁ, ସେମାନେ ଯାହା କରନ୍ତୁନା କାହିଁକି, ଏକ ଶିକ୍ଷାର ବସ୍ତୁ ହୋଇଥାଏ । ତେବେ ରାକେଶ ଶର୍ମାଙ୍କ ବିଷୟରେ କହିବା ଆଗରୁ ମୋର ଶ୍ରୀଅରବିନ୍ଦଙ୍କର ଗୋଟିଏ କଥା ମନେପଡୁଛି । ସେଇଟି ହେଉଛି : 'Man is given faith in himself, his ideas and his powers that he may work and create and rise to greater things and in the end bring his strength as a worthy offering to the altar of the Spirit.' ଅର୍ଥାତ୍, 'ମଣିଷକୁ ତା' ନିଜ ଉପରେ, ନିଜର ବିଚାର ଉପରେ ଓ ନିଜର କ୍ଷମତା ଉପରେ ବିଶ୍ୱାସ ଦିଆଯାଇଛି ଯାହାଫଳରେ ସେ କର୍ମପ୍ରବୃତ୍ତ, ସୃଷ୍ଟିକ୍ଷମ ଓ ବୃହତ୍ତର ବସ୍ତୁସକଳ ମଧ୍ୟକୁ ଉନ୍ନୀତ ହୋଇପାରେ ଓ ପରିଶେଷରେ ତା'ର ସାମର୍ଥ୍ୟକୁ ଆତ୍ମାର ବେଦୀ ନିକଟରେ ଏକ ଉତ୍ସର୍ଗରୂପେ ସମର୍ପି ଦେଇପାରେ ।'

''ମଣିଷକୁ ଏଇ ତା' ନିଜ ଉପରେ ଯେଉଁ ବିଶ୍ୱାସ ଦିଆଯାଇଛି, ତାକୁ ଯେଉଁମାନେ ନିଜ ଜୀବନରେ କାର୍ଯ୍ୟକାରୀ କରନ୍ତି ସେମାନେ ରାକେଶ



ଶର୍ମାଙ୍କ ପରି ମହାନ ସଫଳତା ଲାଭ କରିଥା'ନ୍ତି ।

''ରାକେଶ ଶର୍ମା ଏହି ବର୍ଷ (୧୯୮୪) ଅପ୍ରେଲ ୩ ତାରିଖ ତାଙ୍କର ମହାକାଶ ଯାତ୍ରା ପୂର୍ବରୁ ଭାରତୀୟ ବିମାନ ବାହିନୀର ଜଣେ ସ୍କ୍ୱାଡ୍ରନ ଲିଡର ଥିଲେ । କିନ୍ତୁ ତାଙ୍କର ସଫଳ ମହାକାଶ ଯାତ୍ରା ପରେ ଭାରତ ସରକାର ତାଙ୍କୁ ଡବଲ ପ୍ରମୋଶନ ଦେବା ଫଳରେ ସେ ବର୍ତ୍ତମାନ ବିମାନ ବାହିନୀର ଗ୍ରୁପ୍ କ୍ୟାପ୍‌ଟେନ । ୧୯୪୯ ମସିହା ଜାନୁଆରୀ ୧୩ ତାରିଖରେ ସେ ପଞ୍ଜାବର ପାତିଆଲାଠାରେ ଜନ୍ମଗ୍ରହଣ କରିଥିଲେ । ପଞ୍ଜାବରେ ଜନ୍ମ ହୋଇଥିଲେ ବି ରାକେଶଙ୍କର ଶିକ୍ଷା ଦୀକ୍ଷା ସବୁକିଛି ଆନ୍ଧ୍ରର ଦୁଇଟି ସହର ହାଇଦ୍ରାବାଦ ଓ ସିକନ୍ଦରାବାଦଠାରେ ହୋଇଥିଲା । କାରଣ ତାଙ୍କ ବାପା-ମା ସେଠାରେ ଚାକିରି କରୁଥିଲେ । ତାଙ୍କ ମା ଥିଲେ ସିକନ୍ଦରାବାଦ ତ୍ରିମୂଳଘେରି କେନ୍ଦ୍ରୀୟ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ବାପା ଥିଲେ ପଞ୍ଜାବ ନେସନାଲ୍ ବ୍ୟାଙ୍କର ଜଣେ ଅଫିସର । ବର୍ତ୍ତମାନ ଦୁହେଁ କାର୍ଯ୍ୟରୁ ଅବସର ଗ୍ରହଣ କରି ସିକନ୍ଦରାବାଦରେ ବାସ କରୁଛନ୍ତି ।

''ତାଙ୍କୁ ଯେତେବେଳେ ସାଢ଼େ ତିନି ବର୍ଷ ବୟସ ସେତେବେଳେ ସେ ସିକନ୍ଦରାବାଦର ବିମାନବାହିନୀ ସ୍କୁଲର ଶିଶୁ ଶ୍ରେଣୀରେ ଭର୍ତ୍ତି ହେଲେ । ୬ ମାସ ପରେ ସେ ସିକନ୍ଦରାବାଦର ସେଣ୍ଟ ଆନେ ସ୍କୁଲରେ ନାମ ଲେଖାଇଲେ । ସେଠାରେ ବର୍ଷକୁ ଗୋଟିଏ କ୍ଲାସ ନ ଉଠି ସେ ଡବଲ ପ୍ରମୋଶନ ପାଉଥିଲେ । ସେ ସ୍କୁଲରୁ ପଢ଼ା ଶେଷ କରି ସେଣ୍ଟ ଜର୍ଜ ସ୍କୁଲ ଓ ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟୟନ କରିଥିଲେ । ସ୍କୁଲରେ ପଢୁଥିବା ସମୟରେ ସେ ଅଙ୍କରେ ଦୁର୍ବଳ ଥିଲେ । କିନ୍ତୁ ଜଣେ ପାଇଲଟ ହେବାର ଅଭିଳାଷ ପିଲାଦିନୁ ଥିବାରୁ ସେ ସମସ୍ତ ଜଟିଳ ଅଙ୍କ ଅଧ୍ୟୟନ କଲେ । ତାଙ୍କ ମା କହନ୍ତି 'ସେ ଏବେ ଅଙ୍କ କରିବାରୁ ଆନନ୍ଦ ପାଏ' ।

''ସ୍କୁଲ ଜୀବନରେ ତାଙ୍କର ଆଗ୍ରହର ବସ୍ତୁ ଥିଲା ସମବେତ ସଙ୍ଗୀତ, ତର୍କସଭା ଓ ଡ୍ରାମା ଇତ୍ୟାଦିରେ ଭାଗ ନେବା । ସ୍କୁଲ ଓ କଲେଜ ଜୀବନରେ

ସେ ଜଣେ ଖୁବ୍ ଭଲ କ୍ରିକେଟ ଖେଳାଳୀ ଥିଲେ ଓ ତାଙ୍କ ସ୍କୁଲ ଓ କଲେଜ କ୍ରିକେଟ ଦଳର ଜଣେ ଖେଳାଳୀରୂପେ ମନୋନୀତ ହୋଇଥିଲେ । ଅଳ୍ପ ବୟସରୁ ତାଙ୍କର ବିଶେଷ ଆଗ୍ରହ ଥିଲା ଆକାଶରେ ଉଡ଼ିବାର ଦୁଃସାହସିକ କାହାଣୀପୂର୍ଣ୍ଣ ବହି ପଢ଼ିବା, ପାଇଲଟମାନଙ୍କର ଜୀବନୀ ପଢ଼ିବା । ଉଡ଼ାଜାହାଜଟିଏ ଉଡ଼ିଗଲେ ତାଙ୍କ ଭିତର ଉନ୍ମାଦନାରେ ଭରି ଉଠୁଥିଲା । ଉଡ଼ାଜାହାଜଟିଏ ଉଡୁଥିବାର ଶବ୍ଦ ଶୁଣିବା ମାତ୍ରେ ସେ ତାଙ୍କ ଘରର ଟେରାସକୁ ଦଉଡ଼ି ଆସି ତାକୁ ଭଲଭାବରେ ନିରୀକ୍ଷଣ କରୁଥିଲେ । ଉଡ଼ାଜାହାଜ କିପରି ଅବତରଣ କରୁଛି ଓ କିପରି ଉଡ଼ିବାକୁ ଆରମ୍ଭ କରୁଛି ତାହା ଘଣ୍ଟା ଘଣ୍ଟା ଧରି ଗଭୀର ଆଗ୍ରହର ସହ ଲକ୍ଷ୍ୟ କରୁଥିଲେ । ବିଭିନ୍ନ ପ୍ରକାରର ବିମାନର ଛବି ସେ ଯେଉଁଠୁ ପାଉଥିଲେ ତାକୁ କାଟି ରଖୁଥିଲେ । ଆକାଶରେ ଉଡ଼ିବା ତାଙ୍କ ଜୀବନର ଚରମ ଅଭିଳାଷ । ଏହା କରିବା ଲାଗି ନିଜର ସାମର୍ଥ୍ୟ ଉପରେ ଗଭୀର ଆତ୍ମବିଶ୍ୱାସ ତାଙ୍କୁ ଆଜି ଖାଲି ଜଣେ ବିମାନ ଚାଳକରେ ପରିଣତ କରି ନାହିଁ, ତାଙ୍କୁ ଭାରତର ପ୍ରଥମ ସଫଳ ମହାକାଶଯାତ୍ରୀରେ ପରିଣତ କରିଛି ।

''ସେ ବିମାନବାହିନୀ ସଂପର୍କରେ ଶିକ୍ଷାଲାଭ କରିବା ଲାଗି ହାଇଦ୍ରାବାଦର ନିଜାମ କଲେଜରୁ ତାଙ୍କର ଉପାଧି ଶ୍ରେଣୀର ପଢ଼ା ଛାଡ଼ିଦେଇ ଖଡ଼ଗଭସ୍‌ଲାସ୍ଥିତ ପ୍ରତିରକ୍ଷା ଏକାଡ଼େମୀରେ ଜଣେ ବିମାନବାହିନୀ ଛାତ୍ର ହିସାବରେ ଯୋଗ ଦେଇଥିଲେ । ସାଢ଼େ ଚାରିବର୍ଷ ପରେ ତାଲିମ ସମାପ୍ତ କରି ୧୯୭୦ ମସିହା ଜାନୁଆରୀ ୧୩ ତାରିଖ ଦିନ ସେ ଭାରତୀୟ ବିମାନ ବାହିନୀରେ ଅଫିସର ପାହ୍ୟାରେ ଯୋଗ ଦେଇଥିଲେ । ସେ ୧୯୭୧ ମସିହା ଭାରତ-ପାକିସ୍ଥାନ ଯୁଦ୍ଧରେ ଅଂଶ ଗ୍ରହଣ କରି ମିଗ୍ ବିମାନ ସାହାଯ୍ୟରେ ୨୧ଟି ଆକ୍ରମଣରେ ଦକ୍ଷତାର ସହ ଅଂଶ ଗ୍ରହଣ କରିଥିଲେ । ସେ ମିଗ୍, ଅଜିତ୍, ମାରୁତ, ହଣ୍ଟର, କ୍ୟାନ୍‌ବେରା, ଏଚ୍, ଏମ୍. ୭୪୮, କାରିବୋ, ଇସ୍‌କାରା, କିରଣ, ଏଚ୍. ପି. ଟି. ୩୨ ବିମାନ ସବୁ ପ୍ରାୟ ୧୬୦୦ ଘଣ୍ଟାରୁ ଉର୍ଦ୍ଧ୍ୱ ଚାଳନା କରିଛନ୍ତି ।



''ରାକେଶ ଶର୍ମା ବିବାହ କରିଛନ୍ତି । ତାଙ୍କ ସ୍ତ୍ରୀଙ୍କ ନାମ ମଧୁ । ତାଙ୍କର 'କପିଳ' ନାମରେ ୯ ବର୍ଷର ଗୋଟିଏ ପୁଅ ଅଛି । ୧୯୮୩ ମସିହା ମେ ଏକ ତାରିଖରେ ତାଙ୍କର ୬ ବର୍ଷର ଏକ ଝିଅ ମସ୍କୋର ନକ୍ଷତ୍ର ନଗରୀରେ ପ୍ରାଣ ହରାଇଥିଲା ।

''ରାକେଶଙ୍କର ପିଲାଦିନର ଗୋଟିଏ କଥା ଶୁଣିବାକୁ ତୋତେ ବହୁତ ଭଲ ଲାଗିବ । ସେତେବେଳକୁ ସେ ମାଟ୍ରିକ୍ୟୁଲେସନ ପଢୁଥାଆନ୍ତି । ଖରାଦିନ । ପରୀକ୍ଷା ସମୟ । ସେଇଦିନ ସଂଧ୍ୟାରେ ତାଙ୍କୁ ହାଇଦ୍ରାବାଦରୁ ବେଜୱାଡ଼ା ଯିବାକୁ ପଡ଼ିବ ପରୀକ୍ଷା ଦେବାକୁ । ଯୋଗକୁ ସେଇଦିନ ତାଙ୍କର ଚାକର ଆସି ନାହିଁ । ଘରର ଅନେକ କାମ ବାକି । ରୋଷେଇ ଘରେ ଚୁଲି ଜଳା ହେବା ତ ଦୂରର କଥା, ବାସନ-କୁସନ ସବୁ ଅପରିଷ୍କାର ହୋଇ ଏଣେତେଣେ ପଡ଼ିଛି । ରାକେଶଙ୍କର ମାଆ ଜଣେ ସ୍କୁଲ ଶିକ୍ଷୟିତ୍ରୀ । ଜଣେ କର୍ତ୍ତବ୍ୟବୋଧଯୁକ୍ତ ଶିକ୍ଷୟିତ୍ରୀ ହୋଇଥିବାରୁ ଓ ସ୍କୁଲକୁ ଯିବା ଆବଶ୍ୟକ ଥିବାରୁ ସେ ବାଧ ହୋଇ ସ୍କୁଲକୁ ଚାଲିଗଲେ । ଘରେ ସବୁ ସେମିତି ପଡ଼ିଛି । ସେ ପୁଣି ଘରକୁ ଫେରୁ ଫେରୁ ସଂଧ୍ୟା । ଘରକୁ ଫେରି ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲେ ନାହିଁ ।''

''କ'ଣ ଦେଖିଲେ ?'' ପଚାରିଲା ଅନୁରକ୍ତା ।

''ଦେଖିଲେ ରୋଷେଇ ଘର ଏକଦମ୍ ପରିଷ୍କାର ପରିଚ୍ଛନ୍ନ । ବାସନ କୁସନ ସବୁ ମଜା ହୋଇ ଚକ୍ ଚକ୍ କରୁଛି । ଚଟାଣ ଧୁଆ ହୋଇ ପୋଛା ହୋଇ ଯାଇଛି । ରୋଷେଇ ଘରର ବାସନ-କୁସନଠାରୁ ଆରମ୍ଭ କରି ଯାବତୀୟ ଜିନିଷ ଯଥା ସ୍ଥାନରେ ସଜା ହୋଇ ରହିଛି । କିଏ ୟାକୁ ସବୁ କଲା ? ଆଶ୍ଚର୍ଯ୍ୟ ହେଲେ ସେ । ରାକେଶଙ୍କୁ ଡାକି ପଚାରିଲେ, 'କିଏ ଏସବୁ କଲା ? କ'ଣ ଚାକର ମୁଁ ଯିବାପରେ ଆସିଥିଲା କି ?' 'ନା, ମା, ଚାକର ଆସି ନ ଥିଲା । ମୁଁ ୟାକୁ ସବୁ କରିଛି । ଭାବିଲି ତୁ ସଂଧ୍ୟାବେଳେ ସ୍କୁଲରୁ କ୍ଳାନ୍ତ ହୋଇ ଫେରିବୁ । ୟାକୁ ସବୁ କେମିତି କରିବୁ ?' କହିଲେ ରାକେଶ ।

'ଏଇଭଳି ପିଲା, ପରୀକ୍ଷାର ପୂର୍ବ ମୁହୂର୍ତ୍ତରେ ଯିଏ ମା'ର ଅସୁବିଧା, ଘରର ଅସୁବିଧା ବୁଝି ମା'କୁ ତା'ର କାର୍ଯ୍ୟରେ ସାହାଯ୍ୟ କରିପାରେ, ତା' ପକ୍ଷରେ ଅନନ୍ତ ମହାକାଶକୁ ଯାତ୍ରା ଏକ ବଡ଼ କଥା ନୁହେଁ । ତାଙ୍କର ସ୍ନେହଶୀଳା ଗର୍ବିତା ମା' (ତାଙ୍କୁ ପାଇ) କହନ୍ତି, 'ପିଲାଦିନରୁ ରାକେଶ ବହୁତ ଶୃଙ୍ଖଳିତ, ନିୟମିତ ଓ ଆତ୍ମନିର୍ଭରଶୀଳ । ନିଜ କାମ ଲାଗି ସେ କାହାରି ଉପରେ ନିର୍ଭର କରେ ନାହିଁ । ସେ ଯେତେବେଳେ ସ୍କୁଲରେ ପଢୁଥିଲା ମୁଁ ତା'ର ପୋଷାକ, ଜୋତା, ବହିପତ୍ର ନେଇ ଆଦୌ ମୁଣ୍ଡ ଖେଳାଏ ନାହିଁ । ଅତି ଛୋଟବେଳୁ ସେ ତା'ର ନିଜର ଖବର ନିଜେ ବୁଝେ । କିନ୍ତୁ ତା' ସାନଭାଇ ମୁକ୍ତେଶ ତା'ଭଳି ନୁହେଁ । ସେ ତା'ର ନିଜର ବ୍ୟବହାର୍ଯ୍ୟ ଜିନିଷର ଯତ୍ନ ରାକେଶ ଭଳି ନେଇପାରେ ନାହିଁ । କିନ୍ତୁ ଜୀବନରେ ମୁଁ ଗୋଟିଏ କଥା ଲାଭ କରି ପାରି ନାହିଁ । ତା' ହେଉଛି ମୋ ପିଲାମାନଙ୍କର ଦୁଷ୍ଟାମି । ମୋର ଦୁଇଟି ଯାକ ପୁଅ ଓ ଏପରିକି ସ୍କୁଲର ପିଲାମାନେ ମଧ୍ୟ ମୋ ସାମନାରେ ସବୁବେଳେ ବହୁତ ଶୃଙ୍ଖଳା ପ୍ରଦର୍ଶନ କରିଥା'ନ୍ତି । ରାକେଶ ବହୁତ ସ୍ନେହଶୀଳ । ଦୁଇଭାଇ ଯେତେବେଳେ ଘରକୁ ଆସନ୍ତି ସବୁବେଳେ ଏକାଠି ସମୟ କଟାନ୍ତି ।''

''ତାଙ୍କ ସାନଭାଇ ମୁକ୍ତେଶ କ'ଣ କରନ୍ତି ?'' ପଚାରିଲା ଅନୁରକ୍ତା ।

''ସେ ବର୍ତ୍ତମାନ ଭାରତର ବାଣିଜ୍ୟ ନୌବିଭାଗର ଜଣେ କ୍ୟାପ୍ଟେନ । ରାକେଶଙ୍କ ସଂପର୍କରେ ଆଉ ଏକ କୌତୂହଳପୂର୍ଣ୍ଣ କଥା ଶୁଣିବାକୁ ତୋତେ ଭଲ ଲାଗିବ । ତାଙ୍କର ଗୋଟିଏ ଶୁଭ ସଂଖ୍ୟା ଅଛି । କହିପାରିବୁ ସେଇଟି କେତେ ?''

''ନା'' ।

''ସମସ୍ତେ ଯେଉଁ ସଂଖ୍ୟାଟିକୁ ଅଶୁଭ ଭାବନ୍ତି ସେଇଟି ତାଙ୍କର ଶୁଭ ସଂଖ୍ୟା । ସେଇଟି ହେଉଛି ୧୩ । ୧୯୪୯ ଜାନୁଆରୀ ୧୩ ତାରିଖରେ ସେ ଜନ୍ମ ହୋଇଥିଲେ । ୧୯୭୦ ଜୁନ୍ ୧୩ ତାରିଖରେ କମିଶନଡ୍ ହୋଇଥିଲେ । ୧୯୭୩ ଜାନୁଆରି ୧୩ ତାରିଖରେ ବିବାହ କରିଥିଲେ,



ମହାକାଶକୁ ଯିବାରେ ସେ ହେଉଛନ୍ତି ୧୩୮ ତମ ବ୍ୟକ୍ତି, ସେ ନକ୍ଷତ୍ର ନଗରୀର ତ୍ରୟୋଦଶ ମହଲାରେ ବାସ କରୁଥିଲେ ଓ ମହାକାଶରେ ସେ ୧୩ଟି ବିଷୟରେ ପରୀକ୍ଷା କରିଥିଲେ । ଜାନୁଆରୀ ମାସଟି ପ୍ରତି ମଧ୍ୟ ତାଙ୍କର ବିଶେଷ ଆକର୍ଷଣ । କାରଣ ତାଙ୍କର ବାପା ଜାନୁଆରୀ ୧୬ରେ ଜନ୍ମ ହୋଇଥିଲେ, ସେ ଜାନୁଆରୀ ୧୩ରେ ଓ ତାଙ୍କ ପୁଅ କପିଳ ଜାନୁଆରୀ ୧୮ରେ ଜନ୍ମ ହୋଇଥିଲେ । ତେବେ ସେସବୁ କଥା ଛାଡ଼ ।

''ରାକେଶ ଶର୍ମାଙ୍କ ଭଳି ପ୍ରତ୍ୟେକ ମହାନ ବ୍ୟକ୍ତି, ଯେଉଁମାନେ ଜୀବନରେ କିଛି ସଫଳତା ଅର୍ଜନ କରିଥା'ନ୍ତି ଓ ତା' ଫଳରେ ମଣିଷସମାଜ ଉପକୃତ ହୋଇଥାଏ, ସେମାନେ ପିଲାଦିନରୁହିଁ ଏକ ମହାନ୍ ଆକାଙ୍କ୍ଷା ପୋଷଣ କରିଥା'ନ୍ତି ଓ ତାକୁ ଜୀବନରେ ଲାଭ କରିପାରିବାର ବିଶ୍ୱାସ ରଖିଥା'ନ୍ତି । ତୁ ମାଇକେଲ୍ ଫାରାଡେଙ୍କ କଥା ଜାଣିଥିବୁ, ଯିଏ ବିଦ୍ୟୁତ୍‌ଶକ୍ତି ଉଦ୍ଭାବନ କରିଥିଲେ ?

''ହଁ, ମୁଁ ତାଙ୍କ ନାମ ଶୁଣିଛି, କିନ୍ତୁ... ତୁମେ ତାଙ୍କ ବିଷୟରେ କିଛି କୁହ ।'' ଅନୁରୋଧ ଭଙ୍ଗୀରେ କହିଲା ଅନୁରକ୍ତା ।

''ମାଇକେଲ ଫାରାଡେ ୧୭୯୧ ମସିହା ସେପ୍ଟେମ୍ବର ୨୨ ତାରିଖରେ ଲଣ୍ଡନ ସହର ନିକଟସ୍ଥ ଏକ ପଲ୍ଲୀ ଗାଁରେ ଗୋଟିଏ ଗରିବ କମାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନେ ଚାଟଶାଳୀରେ ସେ ସାମାନ୍ୟ ଲେଖାପଢ଼ା ଶିଖିଥିଲେ । ତା'ଙ୍କ ଗରିବ ବାପା ତା'ଙ୍କୁ ଅଧିକ ପଢ଼ାଇ ପାରି ନ ଥିଲେ । ଗାଁରେ ଭଲ କାମ ନ ଚଳିବାରୁ ତାଙ୍କ ବାପା ପରିବାରକୁ ଧରି ଲଣ୍ଡନ ସହରକୁ ଚାଲିଗଲେ । ସେଠାରେ ବି କାମ ଭଲ ଚଳିଲା ନାହିଁ । ତାଙ୍କର ପରିବାର ଏକ ବଡ଼ ପରିବାର ହୋଇଥିବାରୁ ତାଙ୍କୁ ପ୍ରତିଦିନ ପେଟପୂରା ମୁଠାଏ ଖାଇବାକୁ ମିଳିଲା ନାହିଁ । ମାଇକେଲଙ୍କୁ ସେତେବେଳକୁ ୧୩ ବର୍ଷ ବୟସ । ତାଙ୍କ ବାପା ତାଙ୍କୁ ଜଣେ ବହିଦୋକାନୀ ପାଖରେ କାମ କରିବା ପାଇଁ ଦେଇଦେଲେ । ପ୍ରଥମେ ସେ ବହିପତ୍ର ଓ

କାଗଜ ଗରାଖମାନଙ୍କୁ ବିକ୍ରି କରୁଥିଲେ । ଏ କାର୍ଯ୍ୟ ନିଷ୍ଠାର ସହ କରିବାରୁ ବହିଦୋକାନୀ ଖୁସି ହୋଇ ତାଙ୍କୁ ବହି ବାନ୍ଧିବା କାମ ଦେଲେ ଓ ଦରମା ଟିକିଏ ମଧ୍ୟ ବଢ଼ାଇ ଦେଲେ । ଏଇଠି ମାଇକେଲ୍ ତାଙ୍କ ଭିତରର ଅଭୀପ୍ସାକୁ ଚରିତାର୍ଥ କରିବା ପାଇଁ ସୁଯୋଗ ପାଇଲେ । ବଡ଼ବଡ଼ ଲେଖକମାନଙ୍କର ବହିସବୁ ବନ୍ଧା ହେବାକୁ ଆସେ । ମାଇକେଲ ଟିକିଏ ସମୟ ପାଇଲେ ସେସବୁ ବହିକୁ ପଢ଼ିପକାନ୍ତି । ବିଶେଷ କରି ବିଜ୍ଞାନ ବହିସବୁ ପଢ଼ିବାକୁ ତାଙ୍କୁ ଭଲ ଲାଗିଲା ।

''ସେତେବେଳେ ସାର୍ ହଂଫ୍ରିଡାଭି ନାମକ ଜଣେ ବୈଜ୍ଞାନିକ ବିଶେଷ ଖ୍ୟାତି ଅର୍ଜନ କରିଥା'ନ୍ତି । ସେ ଯେଉଁ ସଭାମାନଙ୍କରେ ବକ୍ତୃତା ଦିଅନ୍ତି ମାଇକେଲ୍ ସେଠାକୁ ଯାଇ ଯାହା ଶୁଣନ୍ତି ସେସବୁ ମନେରଖି ଗୋଟିଏ ନୋଟ୍ ଖାତାରେ ଟିପି ରଖନ୍ତି । ସେ ଯେଉଁ ନୋଟ ଖାତାରେ ଏସବୁ ବକ୍ତୃତା ଟିପି ରଖୁଥିଲେ ଥରେ ସେ ନୋଟ୍ ଖାତାକୁ ଭଲକରି ବନ୍ଧାଇ ବୈଜ୍ଞାନିକ ଡାଭିଙ୍କୁ ଉପହାର ଦେଲେ । ନୋଟ୍ ଖାତାରୁ ନିଜ ବକ୍ତୃତାଗୁଡ଼ିକର ସୁନ୍ଦର ସାରାଂଶ ଦେଖି ଡାଭି ବହୁତ ଖୁସି ହୋଇଗଲେ ଓ ସେହି ଦରିଦ୍ର ବାଳକ ଉପରେ ଦୟାପରବଶ ହୋଇ ତାକୁ ନିଜ ଗବେଷଣାଗାରରେ ଜଣେ ସହକାରୀ କର୍ମଚାରୀ ରୂପେ ନିଯୁକ୍ତି ଦେଲେ ।

''ମାଇକେଲ୍ ଏବେ ତାଙ୍କ ମନମୁତାବକ କାମଟିଏ ପାଇଗଲେ । ବିଭିନ୍ନ ବିଷୟର ପରୀକ୍ଷାରେ ଡାଭିଙ୍କୁ ସାହାଯ୍ୟ କଲେ । ତାଙ୍କ କାର୍ଯ୍ୟତତ୍ପରତା ଓ ନିଷ୍ଠାରେ ଡାଭି ବହୁତ ଖୁସି ହୋଇଗଲେ । ଥରେ ଇଉରୋପର ବିଭିନ୍ନ ଦେଶରୁ ବିଜ୍ଞାନ ସମ୍ବନ୍ଧରେ ଭାଷଣ ଦେବାପାଇଁ ଡାଭିଙ୍କୁ ନିମନ୍ତ୍ରଣ ଆସିଲା । ସେ ଏହି ଭ୍ରମଣରେ ମାଇକେଲ୍‌ଙ୍କୁ ନିଜ ସଙ୍ଗରେ ସହକାରୀ ଭାବରେ ନେଲେ । ଏହା ଥିଲା ମାଇକେଲ୍‌ଙ୍କ ଅଭିଳାଷ-ପୂରଣର ଅପୂର୍ବ ସୁଯୋଗ । ଧୀରେ ଧୀରେ ସେ ଚାରିଆଡ଼େ ଜଣାଶୁଣା ହୋଇଉଠିଲେ । ବେଳେବେଳେ ବିଜ୍ଞାନ ସମ୍ବନ୍ଧେ ବକ୍ତୃତା ଦେବା ଆରମ୍ଭ କଲେ । ଫାରାଡ଼େ ରସାୟନ ଓ ପଦାର୍ଥ ବିଦ୍ୟାରେ ବିଶେଷ କୃତିତ୍ୱ ଅର୍ଜନ କରି ସମସ୍ତଙ୍କୁ ଚମତ୍କୃତ କରିଦେଲେ !



ପିଲାଦିନୁ ତାଙ୍କର ଲକ୍ଷ୍ୟ ଥିଲା ଯେ କିପରି ଏକ ନୂତନ ତଥ୍ୟ ଉଦ୍ଭାବନ କରି ସମଗ୍ର ଜଗତକୁ କିଛି ଦେଇଯିବେ ଏବଂ ଏହା କରିପାରିବେ ବୋଲି ତାଙ୍କ ନିଜ ଉପରେ ତାଙ୍କର ଏକ ପ୍ରଚ୍ଛନ୍ନ ବିଶ୍ୱାସ ଥିଲା । ଶେଷରେ ତାହା ସେ କରିପାରିଲେ । ପଦାର୍ଥ ବିଜ୍ଞାନରେ ତାଙ୍କର ସର୍ବପ୍ରଧାନ ଆବିଷ୍କାର ହେଉଛି ଚୁମ୍ବକ ଓ ବିଦ୍ୟୁତ୍ । ଦିନେ ସେ ଦୁଇଖଣ୍ଡ ଚୁମ୍ବକ ରଖି ମଝିରେ ଏକ ଲୁହାର ଚକ ବୁଲାଉଥିବା ସମୟରେ ଦେଖିଲେ ସେଥିରୁ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହେଉଛି । ଏହା ଥିଲା ଏକ ନୂତନ ଆବିଷ୍କାର । ଆଜି ଆମେ ବିଦ୍ୟୁତ୍‌ଶକ୍ତି ବଳରେ ଯେଉଁସବୁ ଅଦ୍ଭୁତ କାର୍ଯ୍ୟମାନ ଦେଖୁଛୁ ସେସବୁ ମୂଳରେ ମାଇକେଲ୍ ଫାରାଡେଙ୍କ ଏଇ ତଥ୍ୟ ରହିଛି । ଜଣେ ସାଧାରଣ ଗାଉଁଲୀ ଗରିବ କମାର ପିଲା ନିଜର ଲକ୍ଷ୍ୟସାଧନର ସାମର୍ଥ୍ୟ ଉପରେ ବିଶ୍ୱାସ ବଳରେ ଦିନେ ପୃଥିବୀପ୍ରସିଦ୍ଧ ବୈଜ୍ଞାନିକ ହୋଇ ପାରିଥିଲେ । ନିଜର ଦାରିଦ୍ର୍ୟ ଓ ଅଶିକ୍ଷା ଯୋଗୁ ସେ କେବେ ତାଙ୍କର ମହାନ୍ ଲକ୍ଷ୍ୟସାଧନା ଉପରୁ ବିଶ୍ୱାସ ତୁଟାଇ ନ ଥିଲେ । ତେଣୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାହା ବିଜ୍ଞାନ ହେଉ, କଳା ହେଉ, ସାହିତ୍ୟ ହେଉ, କ୍ରୀଡ଼ା ହେଉ, ରାଜନୀତି ହେଉ, ସମାଜନୀତି ହେଉ, ବ୍ୟବସାୟ ହେଉ, ଯୋଗସାଧନା ହେଉ ବା ଅନ୍ୟକିଛି ହେଉ, ଆମର ବର୍ତ୍ତମାନର ଅସାମର୍ଥ୍ୟକୁ ନେଇ ଯଦି ଆମେ ହତୋତ୍ସାହିତ ହୋଇପଡୁ ତେବେ ଆମର ଲକ୍ଷ୍ୟସାଧନ ସୁଦୂର ପରାହତ ହୁଏ । ସବୁକିଛି ଅସାମର୍ଥ୍ୟ ଆମ ବିଶ୍ୱାସ ପାଇଁ ଏକ ପରୀକ୍ଷାରୂପେ ଆସିଥାଏ । ଆମେ ଯଦି ସେଥିରେ ଉତ୍ତୀର୍ଣ୍ଣ ହେଉ ତେବେ ଅଚିରେ ଲକ୍ଷ୍ୟସାଧନ କରୁ । କାରଣ ଲକ୍ଷ୍ୟସାଧନର ସଫଳତା ନିମନ୍ତେ ସବୁକିଛି ଶକ୍ତି ଓ ସାମର୍ଥ୍ୟ ଆମ ଭିତରେ ଲୁଚିକରି ରହିଛି । ଆମେ ଖାଲି ଆମ ଉପରେ ବିଶ୍ୱାସ ରଖିପାରିଲେ ସେସବୁ ଆମକୁ ନେଇ ଲକ୍ଷ୍ୟରେ ଦିନେ ପହଞ୍ଚାଇ ଦିଅନ୍ତି । ସେଇଥି ପାଇଁ ଶ୍ରୀଅରବିନ୍ଦ କହିଛନ୍ତି :

'A present incapacity however heavy may seem its pressure, is only a trial of faith and a temporary difficulty

and to yield to the sense of inability is for the seeker of the integral Yoga a nonsense, for his object is a development of a perfection that is there already, latent in the being, because man carries the seed of the divine life in himself, in his own spirit, the possibility of success is involved and implied in the effort and victory is assured because behind is the call and guidance of an omnipotent power.' ଅର୍ଥାତ୍, 'ବର୍ତ୍ତମାନର ଅସାମର୍ଥ୍ୟର ଚାପ ଯେତେ ଓଜନଦାର ମନେହେଉ ଥାଉନା କାହିଁକି ଏହା ଖାଲି ବିଶ୍ୱାସର ଏକ ପରୀକ୍ଷା ଏବଂ ଏକ ଅସ୍ଥାୟୀ ବାଧା । ଏଇ ଅସାମର୍ଥ୍ୟବୋଧ ନିକଟରେ ମୁଣ୍ଡ ନୁଆଁଇବା ପୂର୍ଣ୍ଣଯୋଗର ସାଧକ ପକ୍ଷରେ ଏକ ନିର୍ବୋଧତା, ଯେହେତୁ ତା' ଲକ୍ଷ୍ୟ ହେଉଛି ଏକ ପୂର୍ଣ୍ଣତାର ବିକାଶ ଯାହାକି ତା'ର ସତ୍ତା ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ପୂର୍ବରୁ ରହିଛି, କାରଣ ମଣିଷ ନିଜ ମଧ୍ୟରେ, ନିଜ ଆତ୍ମା ମଧ୍ୟରେ ଦିବ୍ୟ ଜୀବନର ବୀଜ ବହନ କରି ଚାଲିଛି, ସଫଳତାର ସମ୍ଭାବନା ଉଦ୍ୟମ ମଧ୍ୟରେହିଁ ଅନ୍ତର୍ନିହିତ ଓ ସଂପୃକ୍ତ ହୋଇ ରହିଛି ଓ ବିଜୟ ସମ୍ବନ୍ଧରେ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଛି କାରଣ ପଶ୍ଚାତରେ ରହିଛି ଏକ ସର୍ବଶକ୍ତିମାନ୍ ସାମର୍ଥ୍ୟର ଆହ୍ୱାନ ଓ ପରିଚାଳନା ।'

''କିନ୍ତୁ ନିଜ ଉପରେ ନିଜ ଉଦ୍ୟମରେ ଏଇ ବିଶ୍ୱାସ ଯେପରି ଗର୍ବ ଓ ଅହଂକାର ଉପରେ ପ୍ରତିଷ୍ଠିତ ନ ହୁଏ । ନିଜ ଉପରେ ବିଶ୍ୱାସ ଅର୍ଥ ନିଜ ସାମର୍ଥ୍ୟ, ନିଜ ଉଦ୍ୟମ, ନିଜ ଲକ୍ଷ୍ୟ ପଶ୍ଚାତ୍‌ରେ ଏକ ସର୍ବଶକ୍ତିମାନ୍ ରହିଛନ୍ତି ଯାହାଙ୍କ ପକ୍ଷରେ କିଛି ବି ଅସମ୍ଭବ ନୁହେଁ – ଏଇ ଧାରଣା । ନଚେତ୍ ମୁଁ କରୁଛି, ମୁଁ ସବୁ କରିପାରିବି, ମୁଁ ଜଣେ ବଡ଼ ସାଧକ, ବଡ଼ ଯୋଗୀ – ଏଇ ଭାବ ବ୍ୟକ୍ତିର ସବୁ ଉଦ୍ୟମକୁ ପଣ୍ଡ କରିଦିଏ । ବାହାର ଦୃଷ୍ଟିରୁ କିଛି ବିଚାର କରିହେବ ନାହିଁ । ସବୁକିଛି ଆମ ଭିତରର ଭାବ ଉପରେ ନିର୍ଭର କରେ । ତେଣୁ ଭଗବାନଙ୍କ ସମ୍ପର୍କରେ ସବୁବେଳେ କୁହାଯାଏ 'ଭାବକୁ ନିକଟ ସେ ଅଭାବେ ଦୂର ।'

## ବେଙ୍ଗ ଆଈଙ୍କ ରୋଗ ମୁକ୍ତି

## (୧୫)

''ଚିନୁ ଭାଇ ଜାଣିଛ ? ଆମ ଗାଁ ପାତ୍ର ସାଇର ସେ ଯୋଉ ଧଡ଼ିଆ ଅଜାକୁ ସାପ କାମୁଡ଼ିଥିଲା ସିଏ ଭଲ ହୋଇଯାଇଛି । କେମିତି ଭଲ ହେଲା ଜାଣିଛ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ଧଡ଼ିଆ ଅଜାକୁ ବିଲରେ କାମ କରୁଥିବାବେଳେ ଗୋଟାଏ ବିଷାକ୍ତ ତମ୍ପ ସାପ କାମୁଡ଼ିଥିଲା ବୋଲି ଜାଣିଛି । କିନ୍ତୁ ସେ କେମିତି ଭଲ ହେଲା ଜାଣି ନାହିଁ ।'' କହିଲା ଚିନ୍ମୟ ।

''ତୁମେ କେମିତି ଜାଣିବ ? ତୁମେତ ସେଇଦିନ ମାମୁଁ ଘରକୁ ଚାଲିଗଲ । ଧଡ଼ିଆ ଅଜାକୁ ସମସ୍ତେ କହିଲେ ଡାକ୍ତରଖାନାକୁ ଯାଇ ଇଂଜେକସନ ନେବାକୁ । ସେ କାହାରି କଥା ଶୁଣିଲା ନାହିଁ । କହିଲା, 'ମୋତେ ନେଇ ମୁକ୍ତେଶ୍ୱର ମହାଦେବଙ୍କ ବେଢ଼ା ଭିତରେ ପକେଇ ଦିଅ । ସେଇଠି ମଲେ ମରିବି, ବଞ୍ଚିଲେ ବଞ୍ଚିବି ।' ସମସ୍ତେ ସେଇଆ କଲେ । ତାକୁ ନେଇ ଆମ ଗାଁ ମହାଦେବଙ୍କ ମନ୍ଦିର ବେଢ଼ା ଭିତରେ ଶୁଆଇ ଦେଲେ । ସେ ବେହୋସ ହୋଇ ପଡ଼ିଥାଏ । ଦିହ ସାରା ବିଷ ଚରି ନୀଳ ଦେଖାଯାଉଥାଏ । ନାଡ଼ି ଫାଡ଼ି ବନ୍ଦ ହୋଇଯାଇଥାଏ । ସମସ୍ତେ ଭାବୁଥା'ନ୍ତି ମରିଗଲାଣି । ତଥାପି ତାକୁ ରାତିରେ ପୋଡ଼ିବାକୁ ନ ନେଇ ସକାଳୁ ନେବେ ବୋଲି ସ୍ଥିର କରିଥା'ନ୍ତି । ସକାଳ ହେଲା । ଦେଖିଲା ବେଳକୁ ଧଡ଼ିଆ ଅଜା ଝାଡ଼ିଝୁଡ଼ି ହୋଇ ନିଦରୁ ଉଠିଲା ପରି ଉଠି ମହାଦେବଙ୍କୁ ଦଣ୍ଡବତ କରି ଘରକୁ ଫେରୁଛି । ସମସ୍ତେ ତ କାବା ! ଏମିତି କ'ଣ ହୁଏ ? ବିନା ଔଷଧ, ଇଂଜେକସନରେ ଏତେ ବିଷାକ୍ତ ସାପର ବିଷ କ'ଣ ଖାଲି ଠାକୁରଙ୍କ ଉପରେ ବିଶ୍ୱାସ ବଳରେ ଭଲ ହୋଇଯାଇ ପାରେ ?''

''ଭଲ ହୋଇ ଯାଇ ପାରେ ନାହିଁ ତ ଭଲ ହେଲା କେମିତି ? ନୀଳକଣ୍ଠ ତା'ର ସବୁ ନୀଳ ଶୋଷି ନେଲେ । ବିଶ୍ୱାସ ଯେତେବେଳେ ଅବିଚଳିତ ହୁଏ ଜାଣିବାକୁ ହେବ ସେ ବିଶ୍ୱାସ ମଣିଷ ଭିତରେ ଥିବା ସ୍ୱୟଂ ଭଗବାନଙ୍କଠାରୁ ଆସୁଛି । ତାହା ପ୍ରମାଣିତ କରିଦିଏ ଯେ ବିଶ୍ୱାସର ବସ୍ତୁଟି ନିଶ୍ଚିତରୂପେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ଘଟିବାକୁ ଯାଉଛି । ଧଡ଼ିଆ ଅଜା କ୍ଷେତ୍ରରେ ସେଇଆ ହେଲା । ସେ ଆଉ କିଛି ଉପରେ ଭରସା ନ ରଖି ଠାକୁରଙ୍କ କୃପା ଉପରେ ବିଶ୍ୱାସ ରଖି ନିଜର ସବୁ ଦାୟିତ୍ୱ ତାଙ୍କ ଉପରେ ଛାଡ଼ିଦେଲା । ଔଷଧ, ଇଂଜେକସନ ଫଳରେ ଯେଉଁ ଶକ୍ତି କାର୍ଯ୍ୟ କରିଥା'ନ୍ତା ତାହାରି ଉଚ୍ଚତର ସ୍ୱରୂପ ଏକ ମହାନ୍ ଶକ୍ତି ସିଧାସଳଖ କୌଣସି କିଛିକୁ ମାଧ୍ୟମ ନ କରି ତା' ମଧ୍ୟରେ କାର୍ଯ୍ୟ କଲା । ଫଳରେ ସିଏ ଖାଲି ଭଲହେଲା ନାହିଁ, ଭଗବତ୍ କୃପା ପ୍ରତି ଆସ୍ଥା ଓ କୃତଜ୍ଞତାରୂପକ ମହାନ ସଂପଦ ନିଜେ ଲାଭ କଲା ଓ ଅନ୍ୟମାନଙ୍କୁ ମଧ୍ୟ କିଛି କିଛି ଲାଭ କରାଇଲା । ସେଇଥି ପାଇଁ ମା' କହିଛନ୍ତି : 'An unshakable faith is a sign of the presence of the Divine Will, an evidence of what shall be.' ଅର୍ଥାତ୍, 'ଏକ ଅବିଚଳିତ ବିଶ୍ୱାସ ହେଉଛି ଦିବ୍ୟ ସଂକଳ୍ପର ଉପସ୍ଥିତିର ଏକ ନିଦର୍ଶନ, ଯାହା ଘଟିବ ତା'ର ଏକ ପ୍ରମାଣ ।'

''ଧଡ଼ିଆ ଅଜାର ତ ଖାଲି ସାପ ବିଷ ଠାକୁରଙ୍କ ଉପରେ ବିଶ୍ୱାସ ରଖି ଭଲ ହୋଇଗଲା । ଲୋକ ଅଛନ୍ତି ଗଳିତ କୃଷ୍ଟରୋଗରେ ହାତ ଗୋଡ଼ର ଆଙ୍ଗୁଠି ଛିଡ଼ିଯାଇଛି, ସେପରି ଅବସ୍ଥାରେ ବି ଭଗବାନଙ୍କ ଉପରେ ବିଶ୍ୱାସ ରଖି ପୂରା ଭଲ ହୋଇ ଯାଇଛନ୍ତି । ହାତ ଗୋଡ଼ର ଆଙ୍ଗୁଠି ପୁଣି ପୂର୍ବପରି ହୋଇଯାଇଛି ।''

''କାହାର ସେମିତି ହୋଇଛି କୁହ ।'' କହିଲା ଅନୁରକ୍ତା ।

''କଟକ ଜିଲ୍ଲାର ରଘୁନାଥପୁର ପାଖରେ ଗୋଟିଏ ଗାଁ ଅଛି । ନାଁ ହେଉଛି ପଦ୍ମପୁର । ବହୁତ ବର୍ଷ ତଳର କଥା । ପ୍ରାୟ ଗତ ଶତାବ୍ଦୀର ଆରମ୍ଭ ସମୟ । ସେଇ ସମୟରେ ସେ ଗାଁରେ ଜଣେ ସ୍ତ୍ରୀଲୋକ ରହୁଥିଲେ । ସନ୍ତାନ



ଭିତରେ ତାଙ୍କର କେବଳ ଥିଲା ପୁଅଟିଏ । ପୁଅଟି ହେବା ପରେ ତାଙ୍କ ଶରୀରରେ ଧୀରେ ଧୀରେ ପ୍ରକାଶ ପାଇଲା କୁଷ୍ଠରୋଗ । ଏକଥା ଜଣାପଡ଼ିବାରୁ ତାଙ୍କର ସ୍ୱାମୀ ପ୍ରଭୃତି ତାଙ୍କୁ ଆଉ ଘରେ ରଖିଲେ ନାହିଁ । ଦୂରରେ ଗୋଟିଏ କୁଡ଼ିଆ କରିଦେଲେ । ସେ ସେଇଠି ରହିଲେ । ତଥାପି ଗାଁ ଲୋକ ତାଙ୍କୁ ଘୃଣା କରୁଥା'ନ୍ତି । ଦେହସାରା ଘା ହୋଇଯାଇଥାଏ, ହାତ ଓ ଗୋଡ଼ର ଆଙ୍ଗୁଠି ସବୁ ଧୀରେ ଧୀରେ ଛିଣ୍ଡିଯାଉଥାଏ ।

''ସେ ଗାଁରେ ଗୋଟିଏ ମହାଦେବ ମନ୍ଦିର ଅଛି । ସେ ମହାଦେବଙ୍କ ନାମ ରୁଦ୍ରେଶ୍ୱର । ରୁଦ୍ରେଶ୍ୱରଙ୍କ ପାଖରେ ଲୋକମାନେ ଦୁଃଖ କଷ୍ଟରେ ପଡ଼ିଲେ ଅଧିଆ ପଡ଼ିଥା'ନ୍ତି ।''

''ଅଧିଆ ପଡ଼ିବା କ'ଣ ?'' ପଚାରିଲା ଅନୁରକ୍ତା ।

''ଅଧିଆ ପଡ଼ିବା ଅର୍ଥ ହେଉଛି ଠାକୁରଙ୍କ ପାଖରେ କୌଣସି ଗୋଟାଏ କଥା ମାନସିକ କରି ବା ପ୍ରାର୍ଥନା କରି ଲୋକମାନେ ଠାକୁରଙ୍କ ବେଢ଼ା ଭିତରେ ଗୋଟିଏ ସ୍ଥାନରେ ଶୋଇ ପଡ଼ିରହନ୍ତି । ସକାଳୁ ଠାକୁରଙ୍କ ପାଦୁକ ପାଇ ସେମିତି ପଡ଼ିଥା'ନ୍ତି । ଦିନରେ ଥରେ ଠାକୁରଙ୍କ ପାଖରେ ଯେଉଁ ଭୋଗଭାତ ହୁଏ ସେଥିରୁ ବାଟୁଳାଏ ପଣ୍ଡା ତାଙ୍କୁ ଦେଇଯାଏ । ଦିନମାନରେ ସେତିକି ଖାଆନ୍ତି । ୨୧ ଦିନ ପର୍ଯ୍ୟନ୍ତ ପଡ଼ିରହନ୍ତି । ତା' ଭିତରେ ସେମାନଙ୍କର ମାନସିକ ଯଦି ପୂରଣ ନ ହୋଇପାରେ କିଂବା ଠାକୁରଙ୍କଠାରୁ କିଛି ନିର୍ଦ୍ଦେଶ ନ ପାଆନ୍ତି ତେବେ ଉଠିଯାଆନ୍ତି ।

''ଆମେ ଯେଉଁ ସ୍ତ୍ରୀ ଲୋକଙ୍କ କଥା କହୁଥିଲେ ସେ ଦେଖିଲେ ଯେ ରୁଦ୍ରେଶ୍ୱରଙ୍କ ପାଖରେ ଦୁଃଖକଷ୍ଟରେ ପଡ଼ି ଅନେକ ଲୋକ ଅଧିଆ ପଡୁଛନ୍ତି । ତେଣୁ ସିଏ ବି କାହିଁକି ନିଜ ଭିତରୁ ଅଧିଆ ପଡ଼ିବା ଲାଗି ଅନୁଭବ କଲେ । ଦିନେ ସକାଳୁ ଶୁଦ୍ଧପୂତ ମନରେ ଠାକୁରଙ୍କ ଉପରେ ଗଭୀର ବିଶ୍ୱାସ ସହ ସେ ତାଙ୍କର ଅଧିଆ ପଡ଼ିବା ଆରମ୍ଭ କରିଦେଲେ । ଅଧିଆ ପଡ଼ିବାର ୨୧ଦିନ ଯେଉଁ ଦିନ ପୂରିଲା ସେଇ ଦିନ ରାତି ପାହାନ୍ତାରେ ସେ ସ୍ୱପ୍ନ ଦେଖିଲେ ଯେ

ରୁଦ୍ରେଶ୍ୱର ତାଙ୍କୁ ଦେଖାଦେଇ କହୁଛନ୍ତି, 'ଯା ମୋ ପାଦୁକ କୁଣ୍ଡ ଭିତରୁ ଯାହା ପାଇବୁ ତାକୁ ଖାଇଦେବୁ ।'

''ରାତି ପାହି ଆସୁଛି । ଫରଚା ହୋଇ ଆସିଲାଣି । ସ୍ତ୍ରୀ ଲୋକଟିର ଜୀବନର ରାତି ବି ପାହି ଆସୁଛି । ତାଙ୍କୁ ବି ତାଙ୍କ ଭିତରଟା ଫରଚା ଦେଖାଗଲାଣି । ଦୁଃଖକଷ୍ଟର ଗାଢ଼ ଅନ୍ଧକାର ତାଙ୍କର ଯେପରି ଭାଗବତ କୃପାରେ କୁଆଡ଼େ ମିଳେଇ ଯାଉଛି । ଧୀରେ ଧୀରେ ଉଠି ସେ ମହାଦେବଙ୍କ ପାଦୁକ କୁଣ୍ଡଆଡ଼କୁ ଚାଲିଲେ । କିନ୍ତୁ ସେଇ ବିରାଟ ପାଦୁକ କୁଣ୍ଡ ଭିତରେ ଦେଖିଲେ କ'ଣ ?''

''କ'ଣ ଦେଖିଲେ ?'' ଉତ୍‌କଣ୍ଠିତ ହୋଇ ପଚାରିଲା ଅନୁରକ୍ତା ।

''ଦେଖିଲେ ବିରାଟ ପାଦୁକ କୁଣ୍ଡ ଭିତରେ ଦୁଧ, ଲହୁଣୀ, ବେଲପତ୍ର ଇତ୍ୟାଦି ସଢୁଛି । ସଢ଼ି ଗନ୍ଧ ହେଲାଣି, କିନ୍ତୁ ସେଥିରେ ଗୋଟିଏ ବି ପୋକ ନାହାନ୍ତି । ଆଉ ସେଇ ପାଦୁକ କୁଣ୍ଡ ଉପରେ ଗୋଟାଏ କଳା ମଚମଚ ବିରାଟ ଭୟଙ୍କର ସାପ । ସେ ସାପ ଯେମିତି ସେ ସ୍ତ୍ରୀ ଲୋକଟିକୁ ଦେଖିଲା ବିରାଟ ଆଁ କରି ତାଙ୍କୁ ଚାହିଁ ରହିଲା ।''

''ଇଲୋ ବୋପାଲୋ ! ସେ ସ୍ତ୍ରୀ ଲୋକ କ'ଣ ଡରି କରି ପଳେଇ ଗଲେ ?'' ଭୟଭୀତ ହୋଇ ପଚାରିଲା ଅନୁରକ୍ତା ।

''ନା, ନା, ସେ ଭୟଭୀତ ହେଲେ ନାହିଁ । ବିଶ୍ୱାସର ପ୍ରଭାବରେ ତାଙ୍କ ଭିତରେ ଟିକିଏ ବିଚଳିତତା ଦେଖାଗଲା ନାହିଁ । ସେ ଭାବିଲେ ଠାକୁର ମତେ ଠିକ୍ ଜାଗାକୁ ପଠେଇ ଦେଇଛନ୍ତି । ଏ ପଚାସଢ଼ା ଜୀବନକୁ ନେଇ ଆଉ ବୋଧେ ମୋର ବଞ୍ଚିବାର ଆବଶ୍ୟକତା ନାହିଁ । ସେଇଥିପାଇଁ ଆଜି ଏଇ ସାପ ମୁହଁରେ ମୋତେ ମୁକ୍ତିଦେବା ଲାଗି ପଠାଇଛନ୍ତି । ଏଇଆ ଭାବି ସେଇ ସାପ ପାଟି ଭିତରକୁ ଡେଇଁ ପଡ଼ିଲେ । କିନ୍ତୁ ଇଏ କ'ଣ ହେଲା ? ସାପ କାହିଁ ? କୁଆଡ଼େ ଗଲା ତା'ର ଏତେ ବଡ଼ ପାଟି ? ସ୍ତ୍ରୀ ଲୋକଟି ଦେଖିଲେ ସେ ପାଦୁକ କୁଣ୍ଡ ଭିତରୁ ଧୀରେ ଧୀରେ ଉଠୁଛନ୍ତି, ହାତରେ ତାଙ୍କର ଫେଣାଏ ପାଚିଲା କଦଳି । ହାତରେ ତ ତାଙ୍କର ଗୋଟିଏ ବୋଲି ଆଙ୍ଗୁଠି ନ ଥିଲା । କଦଳି ଫେଣାଟିକୁ କିପରି ଧରିଛନ୍ତି ଚାହିଁଲା ବେଳକୁ ଦେଖିଲେ ତାଙ୍କ ଦୁଇ ହାତରେ ପୂର୍ବପରି ସବୁ ଆଙ୍ଗୁଠି ବଢ଼ିଉଠିଛି । ଉପରକୁ ଉଠିଆସି ଦେଖିଲେ ଗୋଡ଼ ପାଦରେ ବି ସବୁ ଆଙ୍ଗୁଠି ପୂର୍ବପରି ହୋଇଯାଇଛି, ଦେହରେ କୋଉଠି ବି ଟିକିଏ କୁଷ୍ଠର ଦାଗ ନାହିଁ ।



''ସେତେବେଳକୁ ପୂର୍ବ ଦିଗରେ ସୂର୍ଯ୍ୟ ଉଇଁଲେଣି । ତାଙ୍କ ଅନ୍ତରର ପୂର୍ବାକାଶରେ ବି ଦିବ୍ୟ କରୁଣାର ସୂର୍ଯ୍ୟ ଉଦୟ ହୋଇ ଅନ୍ତରକୁ ତାଙ୍କର ଦିବ୍ୟଶାନ୍ତି ଆଉ ଆଲୋକରେ ଭରି ଦେଲେଣି । ପାଦୁକ କୁଣ୍ଡ ଉପରେ ବସି ଠାକୁରଙ୍କ କହିବା ଅନୁଯାୟୀ ଗୋଟି ଗୋଟି କରି ସବୁ କଦଳୀ ଖାଇଲେ । ଖାଲି କଦଳୀ ଖାଇଲେ ନାହିଁ ତା' ଚୋପା, ତା, ଡେମ୍ଫକୁ ଭାଗବତ ପ୍ରସାଦ ବୋଲି ଭାବି ସବୁ ଚୋବେଇ ଖାଇଲେ । ଖାଇସାରି ତାଙ୍କ ଘରକୁ ଆସିଲେ । ଲୋକେସବୁ ତାଙ୍କୁ ଦେଖିବାଲାଗି ଥାଟପଟାଳି ଭାଙ୍ଗୁଥାଆନ୍ତି । ତାଙ୍କର କିନ୍ତୁ କୁଆଡ଼କୁ ନଜର ନାହିଁ । ଘର ଦୁଆର ମୁହଁରେ ଠିଆହୋଇ କହିଲେ, 'ମୋତେ ଦୁଇ ତିନିଖଣ୍ଡ ଲୁଗା ଖାଲି ଦିଅ । ମୋର ଆଉ କିଛି ଦରକାର ନାହିଁ ।' ଘର ଲୋକେ ତାଙ୍କୁ ଯେତେ ଘର ଭିତରକୁ ଡାକିଲେ ସେ ଜମା ଗଲେ ନାହିଁ । ଶେଷକୁ ସେମାନେ ଦୁଇ ତିନିଖଣ୍ଡ ଲୁଗା ଦେବାରୁ ସେଥିରୁ ଖଣ୍ଡିଏ ପିନ୍ଧି ଅନ୍ୟଗୁଡ଼ିକୁ ଧରି ସେ ଏକମୁହାଁ ହୋଇ ଚାଲିଲେ । ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କର ଘରଦ୍ୱାର, ସ୍ୱାମୀପୁତ୍ର, ଗାଁଗଣ୍ଡା ସବୁ ପଛରେ ରହିଗଲା । ପଛରେ, ବହୁ ପଛରେ ରହିଗଲା ତାଙ୍କର ସମସ୍ତ ପୁରୁଣା ଜୀବନ । ବିଶ୍ୱାସର ସୂର୍ଯ୍ୟ ତାଙ୍କର ଦୁଃସାଧ୍ୟ ରୋଗକୁ ଖାଲି ଭଲ କରିଦେଲା ନାହିଁ, ସବୁଦିନ ପାଇଁ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଲା । ସଂସାରର ମୋହମାୟାର ପାଶରୁ ତାଙ୍କୁ ଚିରଦିନ ଲାଗି ମୁକ୍ତ କରି ତାଙ୍କର ପରମ ଆଶ୍ରୟଦାତାଙ୍କ କୋଳକୁ ନେଇଗଲା । ଏଣିକି ତାଙ୍କର ଜୀବନ ରହିଲା, କିନ୍ତୁ ବନ୍ଧନ ରହିଲା ନାହିଁ । କର୍ମ ରହିଲା, କିନ୍ତୁ ସେ କର୍ମ ଆଉ ଗଧର ଭାର ବୋହିବା ହୋଇ ନ

ରହି ଦେବମନ୍ଦିରର ପୂଜା-ଅର୍ଚ୍ଚନା ହୋଇଗଲା । କିଛି ଭଲ ଜିନିଷ ପାଇବା ପରିବର୍ତ୍ତେ ବିରାଟ ଭୟଙ୍କର ସାପର ବିକଟାଳ ମୁଖ ଦେଖି ସେ ଭୟଭୀତ ହୋଇପଡ଼ି ନାହାନ୍ତି । ଭଗବାନଙ୍କ କୃପା ଉପରେ ତାଙ୍କର ସନ୍ଦେହ ଆସି ନାହିଁ । ସେ ପ୍ରଶ୍ନ କରି ନାହାନ୍ତି କାହିଁକି ଏମିତି ହେଲା ? ପରିଣାମ ବି କ'ଣ ହେବ ସେ ବିଷୟରେ ଟିକିଏ ଚିନ୍ତା କରି ନାହାନ୍ତି । ନିଜକୁ ଖାଲି ଭୟଶୂନ୍ୟ ଅକୁଣ୍ଠିତ ଚିତ୍ତରେ ସେ ଭଗବତ୍ ନିର୍ଦ୍ଦେଶ ନିକଟରେ ଉତ୍ସର୍ଗ କରି ଦେଇଛନ୍ତି । ତା'ପରେ ଯାହା ହୋଇଛି ତା' ହୋଇଯାଇଛି ସେଇ ଗାଁ ପାଇଁ ଓ ଅନ୍ୟମାନଙ୍କ ପାଇଁ ଏକ ଅମୂଲ୍ୟ ଇତିହାସ । ଯେଉଁ ଇତିହାସ ଚିରକାଳ ପ୍ରେରଣା ଯୋଗାଇ ପାରିବ, ପଥ ଦେଖେଇ ପାରିବ । ସେଇଥିପାଇଁ ମା କହିଛନ୍ତି : 'Faith does not put any questions, does not think of the results : it gives itself entirely – it gives itself and then that's all.' ଅର୍ଥାତ୍, 'ବିଶ୍ୱାସ କେବେ ପ୍ରଶ୍ନ କରେ ନାହିଁ, ପରିଣାମ ବିଷୟରେ ଚିନ୍ତା କରେ ନାହିଁ : ଏହା ନିଜକୁ ସଂପୂର୍ଣ୍ଣରୂପେ ଦେଇଦିଏ – ନିଜକୁ ଖାଲି ଦେଇଦିଏ, ସେତିକି ।'

''ଆଚ୍ଛା, ସେ ସ୍ତ୍ରୀଲୋକ ଜଣକ ଘରୁ ବାହାରି ଯାଇ କୁଆଡ଼େ ଗଲେ ?'' ପୁଣି ପଚାରିଲା ଅନୁରକ୍ତା ।

''ଚାଲି, ଚାଲି ଶେଷରେ ଯାଇ କଟକ ସହରରେ ପହଞ୍ଚିଲେ । ଷ୍ଟେସନ ବଜାରରୁ ଆରମ୍ଭ କରି ବିଭିନ୍ନ ଲୋକଙ୍କୁ ପଚାରିଗଲେ କେହି ଯଦି ତାଙ୍କୁ ଚାକରାଣୀ ଭାବେ ରଖନ୍ତି । ତାଙ୍କର ସର୍ତ୍ତ ଥିଲା ସେ ଯାହା ଘରେ ରହିବେ ସବୁକାମ କରିବେ, କିନ୍ତୁ ତାଙ୍କ ଅଇଁଠା ବାସନ ଧୋଇବେ ନାହିଁ, ଦରମା ନେବେ ନାହିଁ, ଦିନରେ ଖାଲି ଥରେ ଖାଇବେ । କେହି ତାଙ୍କୁ ରଖିଲେ ନାହିଁ । ପଚାରି ପଚାରି ଶେଷକୁ ଆସି କଲିଜିଏଟ ସ୍କୁଲ ପାଖ ଗୋଟିଏ ଗଳିରେ ପହଞ୍ଚିଲେ । ସେଠାରେ ଗୋଟିଏ ମେସ୍ ଥାଏ । ସେ ମେସ୍‌ରେ କଲେକ୍ଟୋରେଟ ଅଫିସରେ ଚାକିରୀ କରୁଥିବା କେତେକ ଲୋକ ରହୁଥା'ନ୍ତି । ସେମାନଙ୍କର ରୋଷେଇବାସ କରିବା ଲାଗି ଜଣେ ଲୋକ ଦରକାର ଥିଲା ।



ସେମାନେ ତାଙ୍କ ସର୍ତ୍ତ ଶୁଣି ଖୁସିରେ ରାଜି ହୋଇ ତାଙ୍କୁ ରଖିଲେ । ସେଠାରେ ସେ ରାତି ଚାରିଟାରୁ ଉଠି ଗାଧୋଇ ପଡ଼ନ୍ତି । ପାଖଆଖରେ ଯେଉଁଠି ତରାଟଫୁଲ ଥାଏ ସେସବୁ ଯାଇ ତୋଳିଆଣି ଗୋଟିଏ ଭିଜା କନାରେ ଗୁଡ଼ାଇ ରଖନ୍ତି । ରନ୍ଧାବଢ଼ା ସାରି ସମସ୍ତଙ୍କୁ ଖାଇବାକୁ ଦେଇ ପୁଣି ଉପରବେଳା ସନ୍ଧ୍ୟାର ରୋଷେଇ ପାଇଁ ସବୁ ବ୍ୟବସ୍ଥା କରନ୍ତି । ତା'ପରେ ଗାଧୋଇ ଆସି ସକାଳୁ ଆଣିଥିବା ତରାଟ ଫୁଲକୁ ସବୁ ମାଳ ଗୁନ୍ଥନ୍ତି । ମାଳ ଗୁନ୍ଥିସାରି ତାକୁ ଯତ୍ନର ସହ ରଖିଦେଇ ସଞ୍ଜବେଳେ ରୋଷେଇ ବାସ କରନ୍ତି । ରୋଷେଇ ବାସସାରି ସମସ୍ତଙ୍କୁ ଖାଇବାକୁଦେଇ ପୁଣିଥରେ ଗାଧାନ୍ତି । ଗାଧୋଇ ସାରି ଗୁନ୍ଥିଥିବା ମାଳତକ ନେଇ ସେଠାରେ ଯେତେସବୁ ମହାଦେବ ମନ୍ଦିର ଥାଏ ବୁଲି ବୁଲି ସବୁ ମନ୍ଦିରରେ ଦେଇ ଆସନ୍ତି । ମେସ୍‌କୁ ଫେରି ନିଜେ ଗଣ୍ଡିଏ ଖାଇ ଶୁଅନ୍ତି । ଏଇ ରାତିରେ କେବଳ ସେ ଥରେ ଖାଆନ୍ତି ।

''ପ୍ରଥମେ ମେସର ଲୋକମାନେ ତାଙ୍କୁ ଚାକରାଣୀ ଭଳି ରଖିଥିଲେ । କିନ୍ତୁ ପରେ ତାଙ୍କର ଆଚରଣ ଦେଖି ଓ ତାଙ୍କ ସମ୍ବନ୍ଧେ ଜାଣି ତାଙ୍କୁ ମା'ପରି ଜ୍ଞାନ କଲେ । ସେ ଦୀର୍ଘ ୩୦ ବର୍ଷ କାଳ କଟକରେ ରହିଲେ । ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ସେଇ ମେସ୍‌ରେ ଥିଲେ । ସେ ଯେତେବେଳେ ଶରୀର ତ୍ୟାଗ କଲେ ତାଙ୍କ ନାତି ସେତେବେଳକୁ କଟକରେ ଟିଉସନ କରି ରହୁଥିଲେ । ଖବର ପାଇ ସେ ଆସି ତାଙ୍କର ଅନ୍ୟାନ୍ୟ ସଂପର୍କୀୟ ଲୋକଙ୍କ ସହଯୋଗରେ ତାଙ୍କର ଶବ ସତ୍କାର କରିଥିଲେ । ଏହି ଘଟଣା ପ୍ରାୟ ୧୯୩୮-୩୯ ସାଲର କଥା ହେବ । ତାଙ୍କର ନାତି ହିସାବରେ ଲୋକଙ୍କଠାରୁ ଜଣାଯାଏ ତାଙ୍କୁ ସମସ୍ତେ 'ବେଙ୍ଗ ଆଈ' ବୋଲି ଡାକୁଥିଲେ । ଠାକୁରଙ୍କ ପ୍ରତି ତାଙ୍କର ସରଳ ଅଥଚ ଦୃଢ଼ବିଶ୍ୱାସ ତାଙ୍କୁ ଖାଲି ଦୁରାରୋଗ୍ୟ ରୋଗରୁ ମୁକ୍ତ କରି ନ ଥିଲା, ତାଙ୍କୁ ଏକ ଦିବ୍ୟ ଜୀବନର ସଂଧାନ ଦେଇ ତାଙ୍କର ଅବଶିଷ୍ଟ ଜୀବନ ଓ ପରବର୍ତ୍ତୀ ଜୀବନକୁ ଆଲୋକିତ କରିପାରିଥିଲା । ସେ ସବୁଦିନ ପାଇଁ ସଚେତନ ଭାବେ ଠାକୁରଙ୍କର ହୋଇଗଲେ ।

# ସେ ବାଘଟି ଟମ୍ ନ ଥିଲା

## (୧୬)

''ମୁଁ ଆଜି ଆମ ସ୍କୁଲରୁ ଏକ ସୁନ୍ଦର କଥା ଶୁଣିଲି ।'' ଖୁସି ହୋଇ କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''କି କଥା ଶୁଣିଲୁ ?'' ପଚାରିଲା ଚିନ୍ମୟ ।

''ଗୋଟିଏ ବାଘର କଥା ।''

''କି ବାଘ ?''

''ମହାବଳ ବାଘ ।''

''କ'ଣ ଶୁଣିଲୁ କହ ।''

''ଶୁଣିଲି – ଜଣେ ସୈନ୍ୟ ବିଭାଗର ଅଫିସର ତାଙ୍କର ଚାକିରି ସମୟ ଶେଷ ହୋଇଯିବା ପରେ ପେନ୍‌ସନ ପାଇ ଘରେ ଥିଲେ । ଖୁବ୍ ସାହସୀ ଓ ସଉକିଆ ଲୋକ । ଥରେ ବାହାରକୁ ବୁଲିଯାଇଥିଲେ, ଦେଖିଲେ କେତେକ ବଣୁଆ ଜାତିର ଲୋକ ଗୋଟିଏ ବାଘଛୁଆ ଧରିଛନ୍ତି । ତାକୁ ଦେଖି ପାଳିବା ପାଇଁ ତାଙ୍କର ବହୁତ ଲୋଭ ହେଲା । ସେ ସେହି ଲୋକମାନଙ୍କୁ କିଛି ପଇସା ଦେଇ ବାଘଛୁଆଟି ନେଇଆସିଲେ । ନେଇ ଆସିଲେ ସିନା, କିନ୍ତୁ ଘରେ ତାଙ୍କ ସ୍ତ୍ରୀଙ୍କ ପ୍ରକୃତି ସେ ଜାଣନ୍ତି । ସେ ଜମା ଏସବୁ ଜୀବ ପାଳିବାକୁ ପସନ୍ଦ କରିବେ ନାହିଁ । ଲୁଚାଇ ଲୁଚାଇ ଆଣି ନାତିକୁ ପ୍ରଥମେ ଦେଖାଇଲେ । ନାତି ଦେଖି ବହୁତ ଖୁସି ହୋଇଗଲା । ଅଜାନାତି ଦୁହେଁ ଚେଷ୍ଟାକଲେ ବୁଢ଼ୀଠାରୁ ବାଘଛୁଆକୁ ଲୁଚାଇ ରଖିବାକୁ । କିନ୍ତୁ ସିଏ କି ଲୁଚି ରହିବା ଜୀବ ! ଦିନେ ସେ ଲୁଚାଇ ରଖିଥିବା ଜାଗାରୁ କେମିତି ଖସି ଆସି ଖାଇବା ଟେବୁଲ ପାଖରେ ହାଜର । ବୁଢ଼ୀ ଦେଖି ପାଟିକରି ଛାନିଆ ହୋଇଗଲା । କିନ୍ତୁ ପରେ ଜଣା ପଡ଼ିଲା ଯେ



ଏଇ ଅଜାନାତି ଦୁହିଁଙ୍କର କାରସାଦି । ବହୁତ ଗାଳିବର୍ଷଣ ହେଲା ବୁଢ଼ା ଉପରେ । ଶେଷକୁ ନାତିର ଫୁସୁଲା ଫୁସୁଲି ଓ ଅନୁରୋଧରେ ବାଘଛୁଆଟି ପରିବାରର ଜଣେ ହୋଇ ରହିବାକୁ ଅନୁମତି ପାଇଲା । ବାଘଛୁଆଟି ଖୁବ୍ ଶୀଘ୍ର ବଢ଼ି ଏକ ସୁନ୍ଦର ମହାବଳ ବାଘରେ ପରିଣତ ହେଲା । ଅଜାନାତିଙ୍କର ବାଘଟି ଖୁବ୍ ପ୍ରିୟ ହୋଇ ଉଠିଲା । ସେମାନେ ତା'ର ନାମ ଦେଇଥା'ନ୍ତି ଟମ୍ । ଟମ୍ ସହ ଅଧିକାଂଶ ସମୟ ଖେଳିବା ବୁଲିବାରେ ସେମାନେ କଟାଇ ଦିଅନ୍ତି । ଏକା ଖାଇବା ଟେବୁଲ୍‌ରେ ସେ ସେମାନଙ୍କ ସହ ଖାଏ ଓ ବେଳେ ବେଳେ ତାଙ୍କ ବିଛଣାରେ ମଧ୍ୟ ଶୋଇପଡ଼େ । ଟମ୍ ସିନା ଅଜାନାତିଙ୍କର ଏତେ ପ୍ରିୟ କିନ୍ତୁ ଅନ୍ୟମାନଙ୍କର ଟମ୍‌କୁ ପ୍ରାଣେ ଭୟ । ସେ ଟିକିଏ ଖାଲି ଖେଳିବା ଲାଗି ଝପଟିଗଲେ ସେମାନଙ୍କର ପାଟି ପଡ଼ିଯିବ । ସେଇଥିପାଇଁ ଅଜାନାତି ବୁଲିବାକୁ ଗଲାବେଳେ ଟମ୍‌କୁ ଗୋଟିଏ ଚେନ୍‌ରେ ବାନ୍ଧିକରି ନିଅନ୍ତି । କିନ୍ତୁ ତଥାପି ସେ ବାଟରେ ଯାଉଥିବା ସମୟରେ ଲୋକମାନେ ତାକୁ ଦେଖିଲେ ତାଙ୍କ ପିଳେହି ପାଣି ହୋଇଯାଏ ।

''ଟମ୍ ସବୁବେଳେ ସୁନାପିଲା ଭଳି ଚଳେ । କିନ୍ତୁ ବେଳେ ବେଳେ ଅବାଧ୍ୟ ହୁଏ । ଟିକିଏ ଦୁଷ୍ଟାମି କରି ଏଣେ ତେଣେ ଦଉଡ଼ା ଦଉଡ଼ି କରେ । ଜିନିଷପତ୍ର ବି ବେଳେବେଳେ ଭାଙ୍ଗିଦିଏ । କିନ୍ତୁ କାହାକୁ କେବେ ଆଘାତ କରେ ନାହିଁ । ଯେତେହେଲେ ବି ବାହାର ଲୋକମାନେ ତାକୁ ଦେଖିଲେ ଭୟ କରନ୍ତି । ଥରେ ଅଜାନାତି ଦୁହେଁ ଟମ୍‌କୁ ସାଙ୍ଗରେ ନେଇ ସହରର ଗୋଟିଏ ପାଖରେ ଥିବା ପାର୍କକୁ ବୁଲିବାକୁ ଯାଇଥିଲେ । ପାର୍କରେ ଅଜାନାତି ଦୁହେଁ ବସି ଚେନାଚୂର ଖାଉଛନ୍ତି । ପାଖରେ ଟମ୍ ଖେଳୁଛି । ଖେଳୁ ଖେଳୁ କ'ଣ ତା'ର ମନ ହେଲା ଚେନ୍ ସହିତେ ମାରିଲା ଡିଆଁ ଯେ ଅଜାନାତି ଦୁହେଁ ତ କାବା ଆଉ ! ଧଡ଼ପଡ଼ ହୋଇ ଉଠି ତା'ପଛରେ ଦୁହେଁଯାକ ଦଉଡ଼ିଲେ । ଟମ୍, ଟମ୍ ବୋଲି ଯେତେ ପଛରୁ ଡାକିଲେ ଟମ୍ କି ଆଉ ଶୁଣୁଛି ! ବରଂ ବେଶୀ ବେଶୀ କୁଦାମାରି ଦଉଡ଼ିବାରେ ଲାଗିଛି । ରାସ୍ତାସାରା ଚହଳ । ତାକୁ

ଦେଖି, ବାଘଟାଏ ଦଉଡୁଛି ବୋଲି ଶୁଣି, କିଏ କୁଆଡ଼େ ଛାନିଆ ହୋଇ ଲୁଚିବେ ବୋଲି ବାଟ ପାଉ ନାହାନ୍ତି । ଦୋକାନ ବଜାର ସବୁ ବନ୍ଦ ହୋଇଗଲା । କେତେ ଗାଡ଼ି ଘୋଡ଼ାରୁ ଲୋକେ ତଳକୁ ପଡ଼ି ଖଣ୍ଡିଆ ହୋଇଗଲେ । ଅନେକ ସ୍ତ୍ରୀଲୋକ ଛାନିଆ ହୋଇ ଦଉଡ଼ି ନ ପାରି ସେଇ ରାସ୍ତାରେ ପଡ଼ି ମୂର୍ଚ୍ଛା ହୋଇଗଲେ । ଟମ୍‌ର କିନ୍ତୁ କୁଆଡ଼କୁ ଲକ୍ଷ୍ୟ ନାହିଁ । ସେ ତା'ର ଖୁସିରେ କୁଦାମାରି ଦଉଡ଼ିବାରେ ଲାଗିଛି । ଯେମିତି ଖୁଣ୍ଟରେ ବନ୍ଧା ହୋଇଥିବା ଦାମୁଡ଼ିଟାଏ ହଠାତ୍ ଫିଟି ଯାଇଛି । ଅଜାନାତି ଦୁହେଁଯାକ ପଛରେ ଅଣନିଃଶ୍ୱାସୀ ହୋଇ ଦଉଡୁଛନ୍ତି । ଚିତ୍କାର କରି ଡାକୁଛନ୍ତି 'ଟମ୍ ଲିସନ୍, ଡୋଣ୍ଟ ରନ୍ !' ଟମ୍‌କୁ ଏସବୁ କିଛି ଶୁଭୁ ନାହିଁ । ସେ ବହୁତ ଦୂରରେ । ଏତେ ଦୂରକୁ ଚାଲିଗଲା ଯେ ଅଜାନାତି ଆଉ ତାକୁ ଦେଖି ପାରିଲେ ନାହିଁ ।

''ଅଜାନାତିଙ୍କର ରାଗ କହିଲେ ନ ସରେ । ଆଜି ତାକୁ ସାବାଡ଼ ବନେଇ ଦେବେ । କିନ୍ତୁ ଗଲା କୁଆଡ଼େ ? କାଳେ କାହାକୁ କାମୁଡ଼ି ପକେଇବ କି କ'ଣ ? ଭୟରେ ସେମାନେ ଖାଲି ପ୍ରମାଦ ଗଣୁଛନ୍ତି । ସେମାନେ ଆଉ ବେଶୀ ନ ଦଉଡ଼ି ପ୍ରଥମେ ଘରକୁ ଆସି ତାକୁ ଦେଖିବାକୁ ସ୍ଥିର କଲେ । ସତକୁ ସତ ଘରକୁ ଆସି ଦେଖିଲା ବେଳକୁ ଟେବୁଲ ତଳେ ଦୋଷୀଟିଏ ଭଳି ଲାଙ୍ଗୁଡ଼ ଜାକି ଟମ୍ ବସିଛି । ବୁଢ଼ୀ ପାଟିକରି ଘରଦ୍ୱାର କମ୍ପାଉଛି । ଟମ୍ ଅଜା ଓ ନାତିଙ୍କଠାରୁ ବହୁତ ଗାଳିଖାଇ ଟେବୁଲ ତଳୁ ବାହାରି ଉଁ ଉଁ ହୋଇ ସେମାନଙ୍କ ଗୋଡ଼ରେ ଘସିହୋଇ ଭୁଲ ମାଗିଲା । ହେଲେ ଅଜା ବାଡ଼ିରୁ ତାକୁ ଦି ପାହାର ଖାଇବାକୁ ହେଲା । ବଜାରର ବହୁତ ଲୋକଙ୍କଠାରୁ ଗାଳି ତାଗିଦ୍ ଶୁଣି ଅଜା ଶେଷକୁ ସ୍ଥିର କଲେ ତାକୁ ନେଇ ଚିଡ଼ିଆଖାନାରେ ଛାଡ଼ିଦେବେ । ସେଇଆ ହେଲା । ଦିନେ ଅଜାନାତି ତାକୁ ନେଇ ଏକ ଚିଡ଼ିଆଖାନାରେ ଛାଡ଼ି ଆସିଲେ । ଚିଡ଼ିଆଖାନାର ପରିଚାଳକ ଆନନ୍ଦରେ ଟମ୍‌କୁ ଗ୍ରହଣ କଲେ । ଅଜାନାତି ଦୁହେଁ ମନଦୁଃଖରେ ଟମ୍‌ଠାରୁ ବିଦାୟ ନେଇ ଫେରିଲେ ।

''ଏହା ଭିତରେ ପାଖାପାଖି ୬-୭ ମାସ ବିତିଗଲାଣି ।



ଅଜାନାତିଙ୍କର ଭାରି ମନ ହେଲା, ଥରେ ଯାଇ ଟମ୍‌କୁ ଦେଖା କରି ଆସିବେ । ଦିନେ ଛୁଟିଦିନ ଦେଖି ଗଲେ । ଦେଖିଲେ ସେ ଯାହାଙ୍କ ଜିମା ଟମ୍‌କୁ ଦେଇ ଯାଇଥିଲେ ଚିଡ଼ିଆଖାନାର ସେ ବାବୁ ନାହାନ୍ତି । ବୋଧହୁଏ ଛୁଟିରେ ଅଛନ୍ତି । ବାଘମାନଙ୍କ ଖବର ବୁଝୁଥିବା ଲୋକଟି ମଧ୍ୟ ବଦଳି ଯାଇଛି । ତେଣୁ ଅଜାନାତିଙ୍କୁ କେହି ଚିହ୍ନିପାରିଲେ ନାହିଁ । ଦୁହେଁ କିନ୍ତୁ ସିଧା ଟମ୍ ଥିବା ଯନ୍ତା ପାଖକୁ ଚାଲିଗଲେ । ବାଘଟିକୁ ଦେଖି ନାତିର ମନରେ କାହିଁକି ଟିକେ ଭୟ ଆଉ ସନ୍ଦେହ ଦେଖା ଦେଲା । ସେ ଟିକିଏ ତା'ର ପାଖକୁ ଯିବାକୁ କୁଣ୍ଠାବୋଧ କଲା । କିନ୍ତୁ ଅଜା ଟିକିଏ ବି କୁଣ୍ଠା ନ କରି ସିଧା ଆବେଗପୂର୍ଣ୍ଣ ହୃଦୟରେ ଯନ୍ତା ପାଖକୁ ଚାଲିଗଲେ । 'ଟମ୍ କମ୍ ହିଅର । ସି, ଉଇ ହାଭ୍ କମ୍ ।' କହି ଯନ୍ତା ଭିତରକୁ ହାତ ବଢ଼ାଇଦେଲେ । ବାଘଟି ଟିକିଏ ତାଙ୍କ ଆଡ଼କୁ ଆଖି ତରାଟି ଚାହିଁଲା । ସେତେବେଳକୁ ବାଘ ଜଗୁଆଳ ସେ ଲୋକଟି ଓ ଅନ୍ୟମାନେ ତଟସ୍ଥ ହୋଇ ଚାହିଁଛନ୍ତି । କାହାରି ମୁହଁରୁ ଭୟରେ କଥା ବାହାରୁ ନାହିଁ । ଶେଷରେ ବାଘ ଜଗୁଆଳ ଲୋକଟି କହିଲା, 'ବାବୁ, ସେ ଜନ୍ତା ପାଖକୁ ଯାଆନ୍ତୁ ନାହିଁ । ଶୀଘ୍ର ପଳେଇ ଆସନ୍ତୁ ।' କିନ୍ତୁ ଅଜା କହିଲେ, 'ଇଏତ ମୋ ବାଘ । ତୁମେ ଜାଣିନ, ମୁଁ ତ ଛଅ ମାସ ତଳେ ୟାକୁ ଏଠାରେ ଛାଡ଼ି ଯାଇଛି ।' ୟା କହି ବାଘକୁ ଆଉଁସିବାକୁ ଆହୁରି ଟିକିଏ ଝୁଙ୍କି ପଡ଼ିଲେ । ଏଥର ବାଘଟି ଧୀରେ ଧୀରେ ତାଙ୍କ ପାଖକୁ ଆସିଲା । ସେ ତାକୁ ଆଉଁସି ଦେଲେ । ତା' ପାଟିରେ କିଛି ଖାଇବାକୁ ଦେଲେ । ଶେଷରେ ପୁଣି ପରେ ଆସିବେ ବୋଲି କହି ତା'ଠାରୁ ବିଦାୟ ନେଇ ଆସିଲେ । ସେତେବେଳ ପର୍ଯ୍ୟନ୍ତ ଦେଖଣାହାରୀ କାହାରି ପିଣ୍ଡରେ ପ୍ରାଣ ନ ଥାଏ ।

''ଅଜା ଜନ୍ତା ପାଖରୁ ଫେରିବା ପରେ ବାଘ ଜଗୁଆଳ ଜଣକ ତାଙ୍କ ପାଖକୁ ଆସି କହିଲା, 'ଆଜ୍ଞା, ଆପଣ କ'ଣ କରୁଥିଲେ ! ଭାଗ୍ୟ ଭଲ ସେ ବାଘ କବଳରୁ ବର୍ତ୍ତିକରି ଆସିଲେ । ତିନି ମାସ ହେଲାଣି ଜଙ୍ଗଲରୁ ଧରା ହୋଇ ଆସିଛି, ଆଜିପର୍ଯ୍ୟନ୍ତ ଆମେ କେହି ତା' ପାଖ ପଶିପାରୁନୁ । ଏତେ

ଦୁର୍ଦ୍ଧାନ୍ତ ବାଘ ଆଉ କେବେ ବି ମୁଁ ଦେଖି୍ ନାହିଁ ।’ ଅଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ‘ଇଏ ତା’ହେଲେ ମୋ ବାଘ ନୁହେଁ ? ଏହାକୁ ମାତ୍ର ତିନି ମାସ ହେଲା ଜଙ୍ଗଲରୁ ଆଣିଛ ? ମୋ ବାଘ ତେବେ ଗଲା କୁଆଡ଼େ ?’ ବାଘ ଜଗୁଆଳ ଜଣକ କହିଲା, ‘ଆଜ୍ଞା, ଆଗରୁ ଯେଉଁ ବାଘଟି ଥିଲା ସିଏ ଯଦି ଆପଣଙ୍କ ବାଘ ହୋଇଥାଏ ତେବେ ସିଏ ବର୍ତ୍ତମାନ ଦିଲ୍ଲୀ ଚିଡ଼ିଆଖାନାରେ । ସେ ବାଘଟିର ବହୁତ ସୁନ୍ଦର ବ୍ୟବହାର ଯୋଗୁଁ ତାକୁ ଦିଲ୍ଲୀ ଚିଡ଼ିଆଖାନା ପଠାଇ ଦିଆଗଲା । ତା’ ସ୍ଥାନରେ ଏ ବାଘଟିକୁ ନୂଆ କରି ଅଣାଯାଇଛି । କିନ୍ତୁ ଆଜ୍ଞା, ଆଜି ପର୍ଯ୍ୟନ୍ତ ତା’ ପାଖକୁ ଆମେ କେହି ଯାଇପାରୁନୁ । ଖାଦ୍ୟ ଦୂରରେ ରହି ଫୋପାଡ଼ି ଦେଉଛୁ । ତା’ ପାଖକୁ ଗଲେ ଗର୍ଜନ କରି ଗୋଡ଼େଇ ଆସୁଛି । କୌଣସି ଦର୍ଶକଙ୍କୁ ସେ ଜନ୍ତୁ ପାଖ ପୂରାଇ ଦେଉ ନାହିଁ । ଆପଣଙ୍କ ସହ ତା’ର ବ୍ୟବହାର ଦେଖି୍ ଆମେ ଆଶ୍ଚର୍ଯ୍ୟ ହେଉଛୁ । ଏକଥା ଶୁଣି ଅଜାନାତି ଦୁହିଁଙ୍କ ଆଖି୍ ଖୋସି ହୋଇଗଲା । ଆକାଶରୁ ଖସି ପଡ଼ିଲା ପରି ହୋଇ ସେମାନେ ଠାକୁରଙ୍କୁ କେତେ କୃତଜ୍ଞତା ଜଣାଇ ଚୁପ୍‌ଚାପ୍ ଘରକୁ ଫେରିଗଲେ ।

ଏଇଠି ମା’ଙ୍କର ଗୋଟିଏ ବାଣୀ ମନେପଡ଼େ : “It is not really by what is called blind faith that people are misled. They often say, ‘Oh, I have believed in this or that man and he has betrayed me !’ But in fact the fault lies not with the man but with the believer : it is some weakness in himself. If he had kept his faith intact he would have changed the man : it is because he did not remain in the same faith-consciousness that he found himself betrayed and did not make the man what he wanted him to be. If he had integral faith, he would have obliged the man to change. It is always by faith that miracles happen. A person goes



to another and has a contact with the Divine Presence, if he can keep this contact pure and sustained, it will oblige the Divine Consciousness to manifest in the most material. But all depends on your own standard and your own sincerity; and the more you are physically ready the more you are led to the right source, the right master. The psychic and its faith are always sincere, but if in your exterior being there is insincerity and if you are seeking not spiritual life but personal powers, that can mislead you. It is that and not your faith that misleads you. Pure in itself, faith can get mixed up in the being with low movements and it is then that you are misled.”

ଅର୍ଥାତ୍, ‘ବାସ୍ତବରେ ଲୋକମାନେ, ଅନ୍ଧବିଶ୍ୱାସ ବୋଲି ଯାହାକୁ କୁହାଯାଏ, ତା’ଦ୍ୱାରା ପ୍ରତାରିତ ହୋଇ ନ ଥା’ନ୍ତି । ଅନେକ ସମୟରେ ସେମାନେ କହିଥା’ନ୍ତି, ‘ଓହୋ, ଅମୁକ ଅଥବା ସମୁକ ଲୋକ ଉପରେ ମୁଁ କେତେ ବିଶ୍ୱାସ ରଖିଥିଲି, ଶେଷକୁ ସେ ମତେ ଚିତାକାଟି ଦେଲା !’ ପ୍ରକୃତରେ କିନ୍ତୁ ଭୁଲ୍‌ଟି ସେ ଲୋକ ମଧ୍ୟରେ ନାହିଁ, ରହିଛି ବିଶ୍ୱାସ କରୁଥିବା ଲୋକଟି ମଧ୍ୟରେ, ତା’ ମଧ୍ୟସ୍ଥ କୌଣସି ଏକ ଦୁର୍ବଳତା ମଧ୍ୟରେ । ସେ ଯଦି ତା’ର ବିଶ୍ୱାସକୁ ଅତୁଟ ରଖି୍ ପାରିଥା’ନ୍ତା ତେବେ ସେ ସେହି ଲୋକଟିକୁ ପରିବର୍ତ୍ତିତ କରିଦେଇ ପାରି ଥା’ନ୍ତା । ସେହି ଏକା ବିଶ୍ୱାସଚେତନା ମଧ୍ୟରେ ରହି ନ ପାରିବା ହେତୁ ନିଜକୁ ସେ ପ୍ରତାରିତ ହୋଇଥିବାର ଦେଖିଲା ଓ ସେ ଲୋକକୁ ଯାହା ହେବାକୁ ଚାହୁଁଥିଲା ସେଥିରେ ତାକୁ ପରିଣତ କରିପାରିଲା ନାହିଁ । ତା’ର ଯଦି ଏକ ପରିପୂର୍ଣ୍ଣ ବିଶ୍ୱାସ ଥାଆନ୍ତା ତେବେ ସେ ସେହି ଲୋକକୁ ପରିବର୍ତ୍ତିତ ହେବାକୁ ବାଧ୍ୟ କରିପାରିଥା’ନ୍ତା । ବିଶ୍ୱାସ ବଳରେହିଁ ସବୁବେଳେ

ଅଲୌକିକ କଥା ଘଟିଥାଏ । ଜଣେ ଲୋକ ଯାହାର ଦିବ୍ୟ ଉପସ୍ଥିତି ସହ ସଂଯୋଗ ଅଛି ସେ ଯଦି ଅନ୍ୟ ଜଣେ ଲୋକ ପାଖକୁ ଯାଏ ଓ ସେହି ସଂଯୋଗକୁ ଶୁଦ୍ଧ ଏବଂ ବଜାୟ ରଖିପାରେ ତେବେ ତାହା ଜଡ଼ତମ ବସ୍ତୁ ମଧ୍ୟରେ ବି ଦିବ୍ୟ ଚେତନାକୁ ପ୍ରକାଶ କରିବା ନିମନ୍ତେ ବାଧ୍ୟ କରିପାରିବ । କିନ୍ତୁ ସବୁ-କିଛି ନିର୍ଭର କରେ ତୁମର ଅବସ୍ଥା ଓ ତୁମର ଆନ୍ତରିକତା ଉପରେ । ଚୈତ୍ୟିକ ଦୃଷ୍ଟିରୁ ତୁମେ ଯେତେ ଅଧିକ ପ୍ରସ୍ତୁତ ହୋଇଥାଅ ସେତେ ଅଧିକ ତୁମେ ଯଥାର୍ଥ ଉତ୍ସ ଓ ଯଥାର୍ଥ ଗୁରୁଙ୍କ ଆଡ଼କୁ ପରିଚାଳିତ ହୋଇଥାଅ । ଚୈତ୍ୟପୁରୁଷ ଏବଂ ତାଙ୍କର ବିଶ୍ୱାସ ସବୁବେଳେ ଆନ୍ତରିକ, କିନ୍ତୁ ଯଦି ତୁମ ବାହ୍ୟ ସତ୍ତାରେ ଅନାନ୍ତରିକତା ଥାଏ ଓ ତୁମେ ଆଧ୍ୟାତ୍ମିକ ଜୀବନ ନ ଚାହିଁ ବ୍ୟକ୍ତିଗତ କ୍ଷମତା ଆଶା କରୁଥାଅ ତାହେଲେ ତାହା ତୁମକୁ ବିପଥଗାମୀ କରାଇଥାଏ । ନିଜେ ଶୁଦ୍ଧ ଥିଲେ ବି ବିଶ୍ୱାସ ସତ୍ତାର ନିମ୍ନଗତିବୃତ୍ତି ସହ ମିଶିଯାଇପାରେ ଓ ତା' ଫଳରେ ତୁମେ ତା'ଦ୍ୱାରା ପ୍ରତାରିତ ବା ବିପଥଗାମୀ ହୋଇଥାଅ ।'

''ମା'ଙ୍କର ଏଇ ବାଣୀରୁ ଜଣା ପଡ଼େ ଯଥାର୍ଥ ବିଶ୍ୱାସ କେବେବି ଆମକୁ ପ୍ରତାରିତ ଅଥବା ବିପଥଗାମୀ କରି ନ ଥାଏ । ନିଜ ବାଘ ଚମ୍ ପ୍ରତି ଅଜାଙ୍କର ଯେଉଁ ସ୍ନେହ ଓ ବିଶ୍ୱାସ ଥିଲା ସେ ସେଇ ସ୍ନେହ ଓ ବିଶ୍ୱାସ ନେଇ ଜଙ୍ଗଲୀ ଦୁର୍ଦାନ୍ତ ବାଘଟି ପାଖକୁ ଗଲେ । ମନ-ପ୍ରାଣରେ ଟିକିଏ ତାଙ୍କର ସନ୍ଦେହ କି ଭୟ ନ ଥିଲା । ତାଙ୍କର ସେଇ ନିର୍ଭୀକ ସ୍ନେହ ଓ ନିଃସନ୍ଦେହ ବିଶ୍ୱାସର ସ୍ପନ୍ଦନ ସେଇ କ୍ରୋଧୀ ବାଘଟିକୁ ସଂଯତ ଓ ଗ୍ରହଣଶୀଳ କରିଦେଇ ପାରିଥିଲା । ସନ୍ଦେହହୀନ ବିଶ୍ୱାସ ବଳରେ ଦୁର୍ଦାନ୍ତ ବାଘଟିର ପ୍ରକୃତିରେ ଯେମିତି ପରିବର୍ତ୍ତନ ଆଣିହେଲା ସେମିତି ଦୁର୍ଦାନ୍ତ ମଣିଷ ପ୍ରକୃତିରେ ମଧ୍ୟ ପରିବର୍ତ୍ତନ ଆଣି ହେବ । ଆମେ ଯାହା କହୁ ଯେ ଲୋକଟି ଉପରେ ମୁଁ ଏତେ ବିଶ୍ୱାସ ରଖିଥିଲି କିନ୍ତୁ ଶେଷକୁ ସେ ମୋତେ ଠକି ଦେଲା – ଏଥିରେ ପ୍ରକୃତରେ ଲୋକଟି ଆମକୁ ଠକି ଦେବାର କାରଣ ଆମ ନିଜ ଭିତରେ ଲୋକଟି ପ୍ରତି



ବିଶ୍ୱାସରେ କେଉଁଠି ଖଇଚା ଥିଲା, କେଉଁଠି ସନ୍ଦେହ ଥିଲା । ତା' ନ ହେଲେ ଲୋକଟି ସାଧାରଣତଃ ଯେତେ ଖରାପ ପ୍ରକୃତିର ହେଲେ ବି ଆମକୁ ଠକି ନ ଥା'ନ୍ତା ।''

''ଏପରି କ'ଣ କେବେ ଘଟିଛି ଯେ ସନ୍ଦେହହୀନ ବିଶ୍ୱାସ ବଳରେ ଅତିଶୟ ଦୁର୍ଦାନ୍ତ ଲୋକର ବି ପରିବର୍ତ୍ତନ ହୋଇଛି ?'' ପଚାରିଲା ଅନୁରକ୍ତା ।

''ହଁ, ସେପରି ଅନେକ କ୍ଷେତ୍ରରେ ହୋଇଛି । ଶୁଣିବୁ ଗୋଟାଏ କଥା ?''

''ହଁ, କୁହ ।''

''ବୁଦ୍ଧଦେବଙ୍କ ସମୟର କଥା । କୋଶଳ ବୋଲି ଥିଲା ଗୋଟିଏ ରାଜ୍ୟ । ସେ ରାଜ୍ୟର ଏକ ଜଙ୍ଗଲରେ ରହୁଥାଏ ଏକ ଦସ୍ୟୁ । ଠିକ୍ ଦସ୍ୟୁ ବୋଲି କହିହେବ ନାହିଁ । ତେବେ ତାକୁ ସମସ୍ତେ ଦସ୍ୟୁ କହୁଥା'ନ୍ତି । ସେ ବାଟ ଦେଇ ଯେଉଁମାନେ ଯାଆନ୍ତି ସେମାନଙ୍କୁ ମାରି ସେମାନଙ୍କ ଜିନିଷପତ୍ର ଛଡ଼ାଇ ନେବା ସହ ସେ ସେମାନଙ୍କର ବୁଢ଼ା ଆଙ୍ଗୁଠିଟି କାଟି ବେକରେ ମାଳ କରି ପିନ୍ଧେ । ସେଇଥିପାଇଁ ତାକୁ ସମସ୍ତେ ଦସ୍ୟୁ ଅଙ୍ଗୁଳିମାଳା ବୋଲି କହନ୍ତି । ତା' ନାଁ ଶୁଣିଲେ ଲୋକେ ଭୟରେ ଥରି ଉଠନ୍ତି । କାରଣ ପାଖରେ କିଛି ଟଙ୍କାପଇସା ନ ଥିଲେ ବି ସେ ଲୋକଙ୍କୁ ମାରି ତାଙ୍କ ଆଙ୍ଗୁଠି ମାଳକରି ପିନ୍ଧେ ।''

''ସେ ଲୋକଙ୍କ ବୁଢ଼ା ଆଙ୍ଗୁଠିଗୁଡ଼ିକ କାଟି ମାଳ କରି କାହିଁକି ପିନ୍ଧେ ?'' ପଚାରିଲା ଅନୁରକ୍ତା ।

''ସେଇଠି ତ ତା'ର ଦସ୍ୟୁ ହେବାର କାରଣ ରହିଛି । ସେ ସମୟର କୋଶଳର ରାଜାଙ୍କ ନାମ ଥିଲା ପ୍ରସେନ୍‌ଜିତ୍ । ତା'ଙ୍କ ପୁରୋହିତଙ୍କ ନାମ ଥିଲା ଭାର୍ଗବ । ରାଜପୁରୋହିତ ଭାର୍ଗବଙ୍କର ପୁଅଟିଏ ହେଲା । ତା'ର ନାମ ସେ 'ଅହିଂସକ' ବୋଲି ରଖିଲେ । କିନ୍ତୁ ଜ୍ୟୋତିଷୀ ଗଣନାରେ ଜଣାଗଲା ଯେ ଏଇ ପୁଅଟି ଗୋଟିଏ ଦସ୍ୟୁରେ ପରିଣତ ହେବ । ତେଣୁ ଭବିଷ୍ୟତକୁ

ଏକ କଣ୍ଟକ ରଖି ଲାଭ କ'ଣ ? ତାକୁ ଜନ୍ମବେଳୁ ମାରିଦେଲେ କାମ ସରିଲା । ଏଇଆ ଭାବି ଭାର୍ଗବ ତାକୁ ମାରିଦେବାକୁ ବସିଲେ । କିନ୍ତୁ ରାଜା ପ୍ରସେନ୍‌ଜିତ୍ ଏଥିରେ ବାଧା ଦେଲେ । ଫଳରେ ପିଲାଟି ବଞ୍ଚିଗଲା ଓ ତା' ମାଆ ବି ଶାନ୍ତି ପାଇଲା ।

''ଅହିଂସକ ବଡ଼ ହେଲା । ବିଦ୍ୟାଳୟରେ ପଢ଼ିଲା । ଖୁବ୍ ଭଲ ପଢ଼ିଲା । କିନ୍ତୁ ଅନ୍ୟ ପିଲାମାନେ ତାକୁ ବହୁତ ହିଂସା କଲେ । ତା' ନାମରେ ନାନା ପ୍ରକାର ମିଛ ସତ କରି ଶିକ୍ଷକଙ୍କୁ କହିଲେ । ଶିକ୍ଷକ ବାରଂବାର ତା' ବିରୁଦ୍ଧରେ ଅଭିଯୋଗ ଶୁଣି ତାକୁ ବିଦ୍ୟାଳୟରୁ ତଡ଼ି ଦେବାପାଇଁ ଉପାୟ ପାଞ୍ଚିଲେ । କିନ୍ତୁ ଅହିଂସକର ପଢ଼ାରେ ଯେପରି ଆଗ୍ରହ ସେ ତ ସହଜରେ ବିଦ୍ୟାଳୟ ଛାଡ଼ିବ ନାହିଁ । ତେଣୁ ସେ ତାକୁ କହିଲେ, 'ବତ୍ସ, ତୁମର ସବୁ ବିଦ୍ୟା-ଶିକ୍ଷା ପ୍ରାୟ ସମାପ୍ତ ହେବା ଉପରେ । କେବଳ ଆଉ ଗୋଟିଏ ମାତ୍ର ବିଦ୍ୟା-ଶିକ୍ଷା ତୁମର ବାକି ଅଛି । ସେଇଟି ସରିଲେ ତୁମର ଶିକ୍ଷା ସମାପ୍ତ ହୋଇଯିବ ।'

''କ'ଣ ସେ ବିଦ୍ୟା ? କୁହନ୍ତୁ ମୁଁ ଯେତେ କଷ୍ଟ ପଡ଼ିଲେ ବି ଶିଖିବି ।''

'ତୁମେ ତାହା ପାରିବ ମୁଁ ଜାଣେ । ତଥାପି...'

'ତଥାପି କ'ଣ ଗୁରୁଦେବ ? କୁହନ୍ତୁନା ମୋତେ କ'ଣ କରିବାକୁ ହେବ ।' ଉତ୍କଣ୍ଠିତ ହୋଇ ପଡ଼ିଲା ଅହିଂସକ ।

'ତୁମକୁ ଯେଉଁ ବିଦ୍ୟା ମୁଁ ଶିକ୍ଷା ଦେବି ସେ ହେଉଛି 'ପରାବିଦ୍ୟା' । ସବୁ ବିଦ୍ୟାର ଉର୍ଦ୍ଧ୍ୱରେ । ସେ ବିଦ୍ୟା-ଶିକ୍ଷା କରିବା ପୂର୍ବରୁ ତୁମକୁ ହଜାରେ ଲୋକଙ୍କୁ ହତ୍ୟା କରିବାକୁ ହେବ । କିନ୍ତୁ ତୁମେ ହଜାରେ ଲୋକଙ୍କୁ ମାରିଛ, ତା'ର ପ୍ରମାଣ ସ୍ୱରୂପ ତୁମକୁ ମୋତେ ହଜାରେ ବୁଢ଼ା ଆଙ୍ଗୁଠି ଦେଖାଇବାକୁ ପଡ଼ିବ । ତା'ପରେ ଯାଇ ତୁମକୁ ମୁଁ ପରାବିଦ୍ୟା ଦାନ କରିବି ।'

''ଗୁରୁ ଆଜ୍ଞା ଶିରୋଧାର୍ଯ୍ୟ । ଯେପରି ହେଲେ ତାକୁ ପାଳନ କରିବାକୁ ହେବ । ଟିକିଏ କିଛି ଦ୍ୱିଧା ନ କରି, ଗୁରୁଙ୍କ ପାଦତଳେ ପ୍ରଣାମ



କରି ଅହିଂସକ ଚାଲିଲା ଅରଣ୍ୟ ପଥରେ । ଅରଣ୍ୟ ମଧ୍ୟରେ ଯେଉଁଠି ଆଠଟି ରାସ୍ତା ଆସି ମିଳିଛି ସେଇଠି ସେ ନିଜର ଆସ୍ଥାନ ଜମେଇଲା । ହାତରେ ତୀକ୍ଷ୍ଣଧାର କୃପାଣ, ଆଖିରେ ହିଂସ୍ର ଚାହାଣୀ । ନିର୍ବିଚାରରେ ମାତିଗଲା ନରହତ୍ୟା କର୍ମରେ । ଯେତେ ଲୋକ ସେ ବାଟ ଦେଇ ଗଲେ ସମସ୍ତଙ୍କୁ ହତ୍ୟା କରି ସେମାନଙ୍କ ହାତର ବୁଢ଼ା ଆଙ୍ଗୁଠିରୁ ଗୋଟିଏ କାଟି ବେକରେ ମାଳ କରି ପିନ୍ଧିଲା । ସେହିଦିନଠାରୁ ଅହିଂସକ ପରିଣତ ହେଲା ଦସ୍ୟୁ ଅଙ୍ଗୁଳିମାଳାରେ । ଦିନରାତି ଖାଲି ନରହତ୍ୟା ଚିନ୍ତା । ପରାବିଦ୍ୟା ଲାଭ କରିବାକୁ ହେଲେ ହଜାରେମଣିଷ ମାରିବାକୁ ହେବ । ଗୋଟି ଗୋଟି କରି ୯୯୯ ଲୋକଙ୍କୁ ସେ ବଧ କରିସାରିଲାଣି । ଆଉ ଗୋଟିଏ ବାକି । ସେତକ ହୋଇଗଲେ ସେ ହେବ ପରାବିଦ୍ୟାର ଅଧିକାରୀ ।

''କଥାଟା ରାଜା ପ୍ରସେନ୍‌ଜିତ୍‌ଙ୍କ କାନକୁ ଗଲା । ପ୍ରଜାମାନଙ୍କ ଉପରେ ଦସ୍ୟୁର ଏ ଅତ୍ୟାଚାର ସେ ବରଦାସ୍ତ କରପାରିଲେ ନାହିଁ । ସୈନ୍ୟ ସାମନ୍ତ ଧରି ଜଙ୍ଗଲ ଆଡ଼କୁ ଚାଲିଲେ ଅଙ୍ଗୁଳିମାଳାକୁ ଦମନ କରିବା ନିମନ୍ତେ । ଅହିଂସକର ବାପମା ମଧ୍ୟ ଜାଣିଲେ ଯେ ଅଙ୍ଗୁଳିମାଳାଦସ୍ୟୁ ଆଉ କେହି ନୁହେଁ ତାଙ୍କରି ପୁତ୍ର ଅହିଂସକ । ବାପା କିଛି ଚିନ୍ତା କଲେ ନାହିଁ । କିନ୍ତୁ ମାଆ ମନ ଥୟ ଧରିଲା ନାହିଁ । ଯେତେହେଲେ ସେ ତାଙ୍କ ପୁଅ ତ ! ଦଉଡ଼ିଯାଇ ରାଜାଙ୍କ ପଥ ଓଗାଳିଲେ । ରାଜା ତାଙ୍କୁ ସମ୍ମାନର ସହ କୋମଳ ସ୍ୱରରେ କହିଲେ, 'ମା, ଅଙ୍ଗୁଳିମାଳାର ଅତ୍ୟାଚାର ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ପ୍ରଜାମାନଙ୍କୁ ତା' କବଳରୁ ରକ୍ଷା କରିବାକୁ ହେଲେ ତାକୁ ଦମନ କରିବା ତ ଦରକାର ।'

'କିନ୍ତୁ ମହାରାଜ, ସେ ଦସ୍ୟୁ ହେଲେ ବି ମୋ ପୁଅ । କୁହନ୍ତୁ, ଆପଣ ତାକୁ ଧରିପାରନ୍ତି, କିନ୍ତୁ ବଧ କରିବେ ନାହିଁ ତ ?'

'ହଁ ସେଇଆ ହେବ ମାଆ । ମୁଁ ତୁମ ପୁଅକୁ ବଧ ନ କରି ଜବତ୍ କରିବାକୁ ଚେଷ୍ଟା କରିବି ।'

''ତଥାପି ମାଆ ମନ ଏଥିରେ ବୁଝିଲା ନାହିଁ । ସେ ଦଉଡ଼ିଲେ

ମହାକାରୁଣିକ ଭଗବାନ ବୁଦ୍ଧଙ୍କ ନିକଟକୁ । ଯାଉ ଯାଉ ବାଟରେ ବୁଦ୍ଧଙ୍କ ସହ ଦେଖାହେଲା । ସେ ବି ଅଙ୍ଗୁଳିମାଳାର ନୃଶଂସତା କଥା ଶୁଣି ତାକୁ ଜବତ୍ କରିବାକୁ ବାହାରିଛନ୍ତି । ଅଙ୍ଗୁଳିମାଳାର ମାଆ ଏକଥା ଜାଣିବା ମାତ୍ରେ ବହୁତ ଖୁସି ହେଲା ଓ ଆଶ୍ୱସ୍ତ ହେଲା । ବୁଦ୍ଧଦେବଙ୍କୁ କହିଲା, 'ଆପଣ ଯେତେବେଳେ ଯାଉଛନ୍ତି ତାକୁ ଦମନ କରିବାକୁ ମୋର ଆଉ କୌଣସି ଭୟ ନାହିଁ । ମୋର ଆଉ କୌଣସି ଶୋଚନା ନାହିଁ ।' ବୁଦ୍ଧ କରୁଣାପୂର୍ଣ୍ଣ ସ୍ୱରରେ କହିଲେ, 'ତୁମେ ଫେରିଯାଅ ମା – କିଛି ଚିନ୍ତା କର ନାହିଁ । ଅଙ୍ଗୁଳିମାଳାର ଭଲମନ୍ଦର ଦାୟିତ୍ୱ ମୁଁ ନେଲି ।' ବୁଦ୍ଧଙ୍କୁ ପ୍ରଣାମ କରି ଆନନ୍ଦମନରେ ଫେରି ଆସିଲେ ଅଙ୍ଗୁଳିମାଳାର ମାଆ ।

''ବୁଦ୍ଧ ଅରଣ୍ୟ ପଥଦେଇ ଅଙ୍ଗୁଳିମାଳାର ଆଡ୍ଡା ସ୍ଥାନକୁ ଚାଲିଲେ । ଦୂରରୁ ଅଙ୍ଗୁଳିମାଳା ତାଙ୍କୁ ଦେଖିପାରି ବହୁତ ଖୁସି ହୋଇଗଲେ । ଏଥର ତା'ର ନରମେଧ ଯଜ୍ଞର ପୂର୍ଣ୍ଣାହୁତି । ହଜାରେ ଆଙ୍ଗୁଳି ପୂର୍ଣ୍ଣ ହୋଇଯିବ । ସେ ହେବ ପରାବିଦ୍ୟାର ଅଧିକାରୀ । କୃପାଣ ହସ୍ତରେ ବୁଦ୍ଧଙ୍କ ଆଡ଼କୁ ଦଉଡ଼ିଲା । କିନ୍ତୁ ଇଏ କ'ଣ ? ସେ ଯେତେଯେତେ ବୁଦ୍ଧଙ୍କ ନିକଟକୁ ଯାଉଛି, ବୁଦ୍ଧ ସେତେସେତେ ଦୂରେଇ ଯାଉଛନ୍ତି । ଦଉଡ଼ି ଦଉଡ଼ି ସେ କ୍ଳାନ୍ତ ହୋଇପଡ଼ିଲା । କିନ୍ତୁ ଏଇ ଲୋକକୁ ମାରିଲେ ଯେ ତା'ର ଗୁରୁ ଆଜ୍ଞା ପୂରଣ ହେବ । ସେ ପରାବିଦ୍ୟା ପାଇଁ ଯୋଗ୍ୟ ହେବ । ଆଉ ବିଳମ୍ବ ତା' ପକ୍ଷରେ ଅସହ୍ୟ । କ୍ଳାନ୍ତ କଣ୍ଠରେ ବୁଦ୍ଧଙ୍କୁ ଡାକ ପକେଇଲା । ଭକ୍ତର ଡାକରେ ବୁଦ୍ଧ ଆଉ ଦୂରରେ ରହିପାରିଲେ ନାହିଁ । ହୃଦୟରେ ଅସୀମ ସ୍ନେହ ଓ କରୁଣାର ସ୍ପନ୍ଦନ ବହନ କରି ଆଗେଇ ଆସିଲେ ଦସ୍ୟୁ ଅଙ୍ଗୁଳିମାଳା ପାଖକୁ । ଅମୀୟ ହସର ଛଟାରେ ଚତୁର୍ଦ୍ଦିଗ ମହକେଇ ଦେଇ ବୁଦ୍ଧ କହିଲେ, 'ଏଇ ତ ମୁଁ ଆସିଛି ।'

''କିନ୍ତୁ ଇଏ କ'ଣ ହେଲା ? ବୁଦ୍ଧଙ୍କୁ ଦେଖି, ସାମନାରେ ପାଇ ଅଙ୍ଗୁଳିମାଳା ଯେ ଆଉ ତା'ର କୃପାଣ ଉଠାଇ ପାରୁ ନାହିଁ ! କ'ଣ ହେଲା ତା'ର ? କୁଆଡ଼େ ଗଲା ତା'ର ସେଇ ଦୁର୍ଦ୍ଦାନ୍ତ ଶକ୍ତି ? କାତର କଣ୍ଠରେ



ବୁଦ୍ଧଙ୍କୁ କହିଲା, 'ନା, ମୁଁ ଆଉ ପାରୁ ନାହିଁ, ତୁମ ନିକଟରେ ଆଜି ପରାଜିତ ହେଲି । ହଜାରେ ମଣିଷ ବଧ କରିବା ବ୍ରତ ପୂରଣ କରିପାରିଲି ନାହିଁ । ମୋର ପରାବିଦ୍ୟା ଲାଭ ଆଶା ଶେଷ ହୋଇଗଲା ।'

''କୋମଳ, ମଧୁର ହସର ଛଟା ଖେଳାଇ ସ୍ନେହ ଆଶ୍ୱାସନା ଭରା କଣ୍ଠରେ ବୁଦ୍ଧ କହିଲେ, 'ଅଙ୍ଗୁଳିମାଳା, ତୁମେ ହଜାରେ ଲୋକଙ୍କୁ ବଧ କରିବା ବ୍ରତ ପୂର୍ଣ୍ଣ କରିଛ । ତୁମର ପରାବିଦ୍ୟା ନିଶ୍ଚୟ ଲାଭ ହେବ ।' ଆଶ୍ଚର୍ଯ୍ୟ ହୋଇ ଅଙ୍ଗୁଳିମାଳା କହିଲା, 'କିପରି ? ମୁଁ ତ ମାତ୍ର ୯୯୯ ଜଣଙ୍କୁ ବଧ କରିଛି ।'

''ହସି ହସି, ତା' କାନ୍ଧରେ ହାତ ରଖି ବୁଦ୍ଧ କହିଲେ, 'ତୁମେ ବର୍ତ୍ତମାନ ତୁମ ନିଜକୁ ହତ୍ୟା କରି ହଜାରେ ପୂରଣ କରି ସାରିଛ । ତୁମେ ଆଉ ପୂର୍ବ ଅଙ୍ଗୁଳିମାଳା ନାହଁ । ଦସ୍ୟୁ ଅଙ୍ଗୁଳିମାଳାର ମୃତ୍ୟୁ ଘଟିଛି । ଉଠ ବତ୍ସ !' ଏହା କହି ବୁଦ୍ଧ ଅଙ୍ଗୁଳିମାଳାକୁ ଗଭୀର ସ୍ନେହରେ ନିଜ ଛାତିରେ ଜାବୁଡ଼ି ଧରିଲେ । ଦୁର୍ଦ୍ଦାନ୍ତ ଦସ୍ୟୁ ଅଙ୍ଗୁ ଳିମାଳାର ସବୁ ପାପ ଧୋଇ ହୋଇଗଲା । ହୃଦୟ ପବିତ୍ର ହୋଇ ଉଠିଲା । ଆଖିରୁ ତା'ର କୃତଜ୍ଞତାର ଅଶ୍ରୁ ଝରିପଡ଼ିଲା । ବୁଦ୍ଧଙ୍କ ପାଦତଳେ ପଡ଼ି ତାଙ୍କୁ ତାଙ୍କର ଶିଷ୍ୟ କରିନେବା ଲାଗି ଆକୁଳ ପ୍ରାର୍ଥନା କଲା । ବୁଦ୍ଧ ତାକୁ ତାଙ୍କର ଅଭୟ ବାହୁଛାୟା ତଳେ ଆଶ୍ରୟ ଦେଲେ । ଶିଷ୍ୟରୂପେ ଗ୍ରହଣ କରିନେଲେ । ଏଣିକି ଯଥାର୍ଥ ପରାବିଦ୍ୟାର ସାଧନା ତା'ର ଆରମ୍ଭ ହୋଇଗଲା ।

''ରାଜା ପ୍ରସେନ୍‌ଜିତ୍ ଜଙ୍ଗଲରେ ପହଞ୍ଚି ଅଙ୍ଗୁଳିମାଳା ପ୍ରତି ବୁଦ୍ଧଙ୍କର ଏପରି ଆଚରଣରେ ଆଶ୍ଚର୍ଯ୍ୟ ହେଲେ । କହିଲେ, 'ମହାଭାଗ, ସେ ଯେ ମହାପାପୀ, ନରହନ୍ତା ଦସ୍ୟୁ ।'

''ପୁଣି ସେଇ ଦିବ୍ୟ ଅମାୟିକ ହସର ଛଟା ଖେଳାଇ ବୁଦ୍ଧ କହିଲେ, 'ସେଇଥିପାଇଁ ତ ମୋର ସାଧନା ବିନିମୟରେ ମୁଁ ତାକୁ ମୁକ୍ତ କଲି । ସେ ଆଉ ଦସ୍ୟୁ ଅଙ୍ଗୁଳିମାଳା ହୋଇ ନାହିଁ । ସେ ବର୍ତ୍ତମାନ ବୁଦ୍ଧଶିଷ୍ୟ, ପରାବିଦ୍ୟାର ସାଧକ ଅହିଂସକ ।'

''ରାଜା ହତବାକ୍ ହେଲେ । ଅଙ୍ଗୁଳିମାଳାକୁ ସେ ଆଉ ଦମନ କରିବେ କ'ଣ ? ସେ ତ ବୁଦ୍ଧଙ୍କ ପ୍ରଭାବରେ ଦମିତ ହୋଇସାରିଛି । ଆଉ ସେଇ ପରମକାରୁଣିକଙ୍କର ଆଶ୍ରୟ ଓ ଅଭୟ ଲାଭ କରିସାରିଛି । ତା'ର ଆଉ ଭୟ କାହାକୁ । ତା' ମୁଖରୁ ଖାଲି ନିସୃତ ହେଉଛି 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘ ଶରଣଂ ଗଚ୍ଛାମି ।'

''ମା'ଙ୍କ ବାଣୀରେ ଆମେ କ'ଣ ଦେଖି ନ ଥିଲେ କିପରି ବିଶ୍ୱାସ ବଳରେ ଅଲୌକିକ କଥା ଘଟିଥାଏ । ଶୁଦ୍ଧ, ଅବିଚଳିତ ବିଶ୍ୱାସ ସହ ଭଗବାନଙ୍କ ଉପସ୍ଥିତି ବହନ କରି ଜଣେ ଯଦି ଅନ୍ୟଜଣକ ପାଖକୁ ଯାଏ ଓ ସେଇ ଉପସ୍ଥିତିକୁ ବଜାୟ ରଖିପାରେ ତେବେ ସେ ଲୋକ ମହାନ ଧୂର୍ତ୍ତ ଜଡ଼ ପାଷାଣତୁଲ୍ୟ ହୋଇଥିଲେ ବି ପରିବର୍ତ୍ତିତ ହେବାକୁ ବାଧ୍ୟ ହୋଇଥାଏ । ଅଙ୍ଗୁଳିମାଳା ମଧ୍ୟରେ ଥିବା ମହାନତାର ଦିଗଟି ଉପରେ ବୁଦ୍ଧଙ୍କର ଥିଲା ଅଖଣ୍ଡ ଅଟଳ ବିଶ୍ୱାସ । ସେଇ ବିଶ୍ୱାସର ପ୍ରଭାବରେ ସେ ତା'ର ହୃଦୟକୁ ପ୍ରଭାବିତ କରି ତା' ଜୀବନର ଗତିପଥ ବଦଳାଇ ଦେଲେ । ତେଣୁ ଯଥାର୍ଥ ବିଶ୍ୱାସ କେବେ ବି ଆମକୁ ପ୍ରତାରିତ କରି ନ ଥାଏ । ପ୍ରତାରିତ କରିଥାଏ ବିଶ୍ୱାସ ସହ ଯେଉଁ ଅବିଶ୍ୱାସର ଓ ଅନ୍ୟାନ୍ୟ ନିମ୍ନ ପ୍ରକୃତିର ବିଷ ମିଶି ରହିଥାଏ ।''

## ରକ୍ତପଦ୍ମ ହେଲା ଶ୍ୱେତପଦ୍ମ

## (୧୭)

''ଚିନୁଭାଇ, ତୁମେ ଆରଥରକ କହୁଥିଲ ଯେ ଅନ୍ଧବିଶ୍ୱାସ ଆମକୁ ପ୍ରତାରିତ କରି ନ ଥାଏ କି ବିପଦରେ ପକାଇ ନ ଥାଏ, ପକାଇଥାଏ ଆମ ଭିତରେ ଥିବା ସନ୍ଦେହ ଓ ଅବିଶ୍ୱାସ । ଗୋଟିଏ ଦୁର୍ଦାନ୍ତ ବଣୁଆ ବାଘକୁ ନିଜର ପୋଷାବାଘ ବୋଲି ଭାବି ତା' ପାଖକୁ ନିର୍ଭୟରେ ଚାଲିଯିବା ଫଳରେ ସେ ବି ପୋଷାବାଘ ଭଳି ଆଚରଣ କରିଥିଲା । ବୁଦ୍ଧଦେବ ଦୁର୍ଦାନ୍ତ ଦସ୍ୟୁ ଅଙ୍ଗୁଳିମାଳାର ପରିବର୍ତ୍ତନର ସମ୍ଭାବନା ଉପରେ ଦୃଢ଼ବିଶ୍ୱାସ ରଖି ତା'ର ସମ୍ମୁଖୀନ ହେବାରୁ ସେ ପରିବର୍ତ୍ତିତ ହୋଇ ତାଙ୍କର ଶିଷ୍ୟରେ ପରିଣତ ହୋଇଥିଲା । ବିଶ୍ୱାସ ବଳରେ ଏସବୁ ଭିତରର ଗୁଣ ପରିବର୍ତ୍ତିତ ହୋଇପାରିଲା । କିନ୍ତୁ ବିଶ୍ୱାସ ବଳରେ ବାହାରର ଚେହେରା କ'ଣ ପରିବର୍ତ୍ତନ ହୋଇପାରେ ? ଧର, କାଉଟାକୁ ଆମେ ଧଳା ବୋଲି ବିଶ୍ୱାସ କଲେ ସେ କ'ଣ ଧଳା ହୋଇଯିବ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ବିଶ୍ୱାସ ଯଦି ଅନାବିଳ, ଶୁଦ୍ଧ, ସରଳ ହୁଏ ତେବେ ତା' ହୋଇପାରିବ । କଳା କାଉଟା ସେ ବ୍ୟକ୍ତି ଲାଗି ଧଳା ଦିଶିପାରେ, ଅନ୍ୟମାନଙ୍କ ଲାଗି ତା' ନ ହୋଇପାରେ । କିନ୍ତୁ ବିଶ୍ୱାସୀ ବ୍ୟକ୍ତି ପକ୍ଷରେ ସେପରି ହୋଇପାରେ । ସେଇଥିଲାଗି ଯେ ଯେପରି ବିଶ୍ୱାସ କରେ ଭଗବାନ ତାକୁ ସେଇ ରୂପରେ ଦେଖା ଦେଇଥା'ନ୍ତି । ବାସ୍ତବରେ ଭଗବାନଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ବିଶ୍ୱାସ ବଳରେ କିପରି ବାହାରର ରୂପ ବି ବଦଳି ଯାଇପାରେ, ଅବଶ୍ୟ ବିଶ୍ୱାସ କରୁଥିବା ଲୋକପାଇଁ, ଶୁଣିବୁ ସେପରି ଏକ କଥା ?'' ପଚାରିଲା ଚିନ୍ମୟ ।

''ହଁ, ନିଶ୍ଚୟ ।''

''ବହୁ ପୁରାକାଳରେ ବିନ୍ଧ୍ୟପର୍ବତର ପାଦଦେଶରେ ଜଣେ ଋଷି ରହୁଥିଲେ । ଅଳ୍ପ କେତେକ ଶିଷ୍ୟ ମଧ୍ୟ ତାଙ୍କ ସହ ରହୁଥିଲେ । ଋଷି ବେଶୀ ଶିଷ୍ୟ ଗ୍ରହଣ କରନ୍ତି ନାହିଁ । ଗ୍ରହଣ କରିବା ପୂର୍ବରୁ ପ୍ରତ୍ୟେକ ଶିଷ୍ୟକୁ ସେ ଅଧ୍ୟାତ୍ମ ସାଧନା ପାଇଁ ଉପଯୁକ୍ତ କି ନା, ପରୀକ୍ଷା କରି ଗ୍ରହଣ କରିଥା'ନ୍ତି ।

''ଥରେ ଋଷି ତାଙ୍କ ଶିଷ୍ୟମାନଙ୍କ ଗହଣରେ ଆଳାପ କରୁଛନ୍ତି, ଏଇପରି ସମୟରେ ୩ ଜଣ ଯୁବକ ଆସି ତାଙ୍କୁ ପ୍ରଣାମ କରି ସେମାନଙ୍କୁ ତାଙ୍କ ଶିଷ୍ୟରୂପେ ଗ୍ରହଣ କରିନେବା ଲାଗି ଅନୁରୋଧ କଲେ । ସେମାନଙ୍କ ମଧ୍ୟରୁ ଜଣକ ନାମ ବିଶୁ, ଆଉ ଜଣକ ନାମ ବାସୁ ଓ ତୃତୀୟ ଜଣକ ନାମ ବସୁ । ତିନିଜଣଙ୍କର ବହୁତ ଆଗ୍ରହ ଋଷିଙ୍କର ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କରି ନିକଟରୁ ପରା, ଅପରା ସବୁବିଦ୍ୟା ଶିକ୍ଷା କରିବେ । ଋଷି କିନ୍ତୁ ସଙ୍ଗେ ସଙ୍ଗେ ସେମାନଙ୍କୁ ଗ୍ରହଣ କରିପାରିଲେ ନାହିଁ । ଆଶ୍ରମରେ ଦିନେ ଦୁଇଦିନ ଅପେକ୍ଷା କରିବାକୁ କହିଲେ ।

''ତା'ପର ଦିନ ଋଷି ବାହାରକୁ ଭ୍ରମଣରେ ଯିବା ସମୟରେ ସେ ତିନିଜଣଙ୍କୁ ସଙ୍ଗରେ ନେଲେ । ବାଟରେ ଯାଉ ଯାଉ ଏକ ସୁନ୍ଦର ପୁଷ୍କରିଣୀ ପଡ଼ିଲା । ପୁଷ୍କରିଣୀ ଜଳରେ ସକାଳର ସୂର୍ଯ୍ୟକିରଣ ପଡ଼ି ଚିକ୍ ଚିକ୍ କରୁଛି । ପଦ୍ମଫୁଲ ସବୁ ହସି ହସି ପାଖୁଡ଼ା ମେଲି ପବନରେ ଦୋହଲି ଦୋହଲି ତାଙ୍କର ପ୍ରିୟବନ୍ଧୁ ସୂର୍ଯ୍ୟଙ୍କୁ ସ୍ୱାଗତ ଜଣାଉଛନ୍ତି । ଋଷି ଓ ତିନିଜଣ ଯୁବକ ସେ ଦୃଶ୍ୟ ଦେଖି ମୁଗ୍ଧ ହୋଇ ଘଡ଼ିଏ ସେଠି ଛିଡ଼ା ହୋଇଗଲେ । ନୀରବତା ଭଙ୍ଗକରି ଋଷି କହିଲେ, 'କି ସୁନ୍ଦର ରକ୍ତପଦ୍ମଗୁଡ଼ିଏ ଫୁଟିଛି ଦେଖିଲ !'

''ତିନିଜଣ ଯାକ ଯୁବକ ଏକ ସଙ୍ଗେ କହି ଉଠିଲେ, 'ବାସ୍ତବରେ ଫୁଲଗୁଡ଼ିକ ତ ସୁନ୍ଦର, ତା' ସାଙ୍ଗକୁ ପବନରେ ସେମାନଙ୍କର ଦୋଳି ଖେଳ ଆହୁରି ସୁନ୍ଦର !'

''ଋଷି ଆଉ କିଛି ସମୟ ପଦ୍ମ ଫୁଲଗୁଡ଼ିକ ଆଡ଼େ ଚାହିଁ କହିଲେ,



'ମୁଁ ଦେଖୁଛି ଏଗୁଡ଼ିକ ତ ରକ୍ତପଦ୍ମ ନୁହେଁ, ଏଗୁଡ଼ିକ ଶ୍ୱେତ ପଦ୍ମ ।'

''ବିଶୁ ସଙ୍ଗେ ସଙ୍ଗେ କହିଲା, 'ହଁ ତ, ଏଗୁଡ଼ିକ ଶ୍ୱେତ ପଦ୍ମ ।' ବାସୁ କହିଲା, 'ନା, ନା, ଏଗୁଡ଼ିକ ତ ରକ୍ତ ପଦ୍ମ । ସଫା ଦେଖାଯାଉଛି । ଆଉ ଶ୍ୱେତ ପଦ୍ମ ହବ କିପରି ?' ବସୁ କହିଲା, 'ନା, ନା, ବାସୁ, ତୁ ଭୁଲ କହୁଛୁ । ଏଗୁଡ଼ିକ ତ ଶ୍ୱେତ ପଦ୍ମ ।'

''ଋଷି ପୁଣି ତାଙ୍କ ଭ୍ରମଣ ଆରମ୍ଭ କଲେ । ତିନି ଜଣ ଯାକ ଋଷିଙ୍କ ପଛେ ପଛେ ଚାଲିଥା'ନ୍ତି । ସମସ୍ତେ ନୀରବ । ଋଷିଙ୍କ ପ୍ରାତଃ ଭ୍ରମଣ ଶେଷ ହେଲା । ସେ ତିନି ଜଣ ଯୁବକଙ୍କୁ ଡାକି କହିଲେ, 'ତୁମେ ତିନି ଜଣ ଯାକ ଏବେ ଘରକୁ ଫେରି ଯାଅ । ସମୟ ହେଲେ ମୁଁ ତୁମମାନଙ୍କୁ ଡକାଇ ପଠାଇବି । ସେପର୍ଯ୍ୟନ୍ତ ତୁମେମାନେ ଭଗବାନଙ୍କୁ ଧ୍ୟାନ ପ୍ରାର୍ଥନା କରି ତାଙ୍କୁ ତୁମ ସାଧନାର ସମସ୍ତ ଦାୟିତ୍ୱ ଅର୍ପଣ କରି ସତ୍ୟନିଷ୍ଠ ଓ ଆନ୍ତରିକ ଭାବରେ ନିଜ ନିଜ କାର୍ଯ୍ୟ କରୁଥାଅ ।'

''ଯୁବକ ତିନିଜଣ ନିଜ ନିଜ ଘରକୁ ଫେରିଗଲେ । ଠିକ୍ ପରଦିନ ପ୍ରଭାତରେ ଋଷିଙ୍କ ପାଖରୁ ଜଣେ ଶିଷ୍ୟ ଯାଇ ବିଶୁ ପାଖରେ ପହଞ୍ଚି ତାକୁ ଋଷି ଡକାଇ ପଠାଇଛନ୍ତି ବୋଲି କହିଲା । ବିଶୁ ଆଶା ଆଉ ଆଶଙ୍କାରେ ଆସି ଋଷିଙ୍କ ପାଖରେ ପହଞ୍ଚିଲା । ଋଷି ତାକୁ ଦେଖି ଖୁସି ହୋଇ ସଙ୍ଗେ ସଙ୍ଗେ ଦୀକ୍ଷା ଦେଇ ନିଜର ଶିଷ୍ୟ କରିନେଲେ । ବିଶୁର ଆନନ୍ଦ କହିଲେ ନସରେ । ଦିନେ ସେ ଋଷିଙ୍କୁ ପଚାରିଲା, 'ଗୁରୁଦେବ, ବାସୁ ଓ ବସୁଙ୍କୁ ଆପଣ କେବେ ଡକାଇବେ ?' ଋଷି କହିଲେ, ବାସୁକୁ ଆଉ ପାଞ୍ଚ ବର୍ଷ ପରେ ଡକାଯିବ । ବସୁ କଥା କିନ୍ତୁ ମୁଁ କହିପାରୁ ନାହିଁ ।'

''ଏହା ମଧ୍ୟରେ ୫ ବର୍ଷ ବିତିଯାଇଛି । ଋଷି ବାସୁକୁ ଡକାଇ ବିଧିମୁତାବକ ଦୀକ୍ଷା ଦେଲେ । କିଛି ଦିନ ପରେ ବାସୁ ମନରେ ବି ବିଶୁ ଭଳି ପ୍ରଶ୍ନ ଆସିଲା । ସେ ଋଷିଙ୍କୁ କହିଲା, 'ଗୁରୁଦେବ, ବସୁକୁ କେବେ ଡକାଇବେ ?' ଋଷି କହିଲେ, 'ସେକଥା ମୁଁ ଜାଣେ ନାହିଁ ।'

''ଋଷିଙ୍କ ଉତ୍ତରରେ ବାସୁ ଆଶ୍ଚର୍ଯ୍ୟ ହେଲା । ପାଖରେ ବିଶୁ ବି ଥିଲା । ଉଭୟେ କୌତୂହଳୀ ହୋଇ ଋଷିଙ୍କୁ ପଚାରିଲେ, 'ଗୁରୁଦେବ, ଆପଣ କିପରି ଆମମାନଙ୍କୁ ଆପଣଙ୍କ ଶିଷ୍ୟରୂପେ ନିର୍ବାଚନ କଲେ କହିବେ କି ?' ଋଷି କହିଲେ, 'ହଁ, ବର୍ତ୍ତମାନ ମୁଁ କହିପାରିବି । କାରଣ ତୁମେ ଦୁହେଁ ମୋର ଶିଷ୍ୟ ହୋଇସାରିଲଣି । ଆଚ୍ଛା, ତୁମମାନଙ୍କର ମନେ ଅଛି ସେଦିନ ପ୍ରାତଃ ଭ୍ରମଣରେ ଯାଉଥିବା ସମୟରେ ଯେଉଁ ପଦ୍ମ ପୁଷ୍କରିଣୀ ଦେଖିଥିଲେ ?'

''ଉଭୟେ ଏକସଙ୍ଗେ କହି ଉଠିଲେ, 'ହଁ, ଗୁରୁଦେବ, ମନେଅଛି ।'

''ଋଷି ଟିକିଏ ହସି କହିଲେ, 'ସେଦିନ ସେ ଯେଉଁ ପଦ୍ମଫୁଲ ଆମେ ଦେଖିଥିଲେ ତାହା ବାସ୍ତବରେ ରକ୍ତପଦ୍ମ ଥିଲା । କିନ୍ତୁ ମୁଁ ଯେତେବେଳେ କହିଲି ତାହା ଶ୍ୱେତପଦ୍ମ ବୋଲି, ବିଶୁ ସଙ୍ଗେ ସଙ୍ଗେ ସେଥିରେ ହଁ ଭରିଲା । ସେ ଯେ ମୋତେ ସନ୍ତୁଷ୍ଟ କରିବା ଲାଗି ହଁ ଭରିଲା ତା' ନୁହେଁ । ତା'ର ମୋ ଉପରେ ଏତେ ବିଶ୍ୱାସ ଯେ ମୁଁ ଲାଲ୍ ପଦ୍ମକୁ ଧଳା ପଦ୍ମ ବୋଲି କହିବା ମାତ୍ରେ ଲାଲ୍‌ପଦ୍ମଗୁଡ଼ିକ ବାସ୍ତବରେ ତାକୁ ଧଳା ଦେଖାଗଲା । ଏହା ତା'ର ମୋ ଉପରେ ଅଖଣ୍ଡ, ଅବିଚଳିତ, ଦ୍ୱିଧାହୀନ ବିଶ୍ୱାସର ଫଳ । ତେଣୁ ସେ ମିଛ କହି ନାଇଁ, ସେ ଯାହା ଦେଖିଲା ତାହାହିଁ କହିଲା । ସାଧନାପଥରେ ଏଇ ବିଶ୍ୱାସହିଁ ବହୁତ ପ୍ରୟୋଜନ । ଅନ୍ଧକାରମୟ ଦୁର୍ଗମ ପଥରେ ଗୁରୁଙ୍କ ଉପରେ ବିଶ୍ୱାସ, ଭଗବାନଙ୍କ ଉପରେ ବିଶ୍ୱାସ, ଲକ୍ଷ୍ୟସାଧନରେ ନିଜର ନିଷ୍ଠା ଉପରେ ବିଶ୍ୱାସହିଁ ପଥ କଢ଼ାଇ ସାଧକକୁ ତା'ର ଲକ୍ଷ୍ୟଦିଗରେ ନେଇ ଯାଇଥାଏ । ପରେ ସେ ତା'ର ବିଶ୍ୱାସର ବସ୍ତୁକୁ ସତରେ ସାକ୍ଷାତ୍ କରେ । ଏଇ ଗୁଣଟି ଯୋଗୁ ବିଶୁକୁ ମୁଁ ସଙ୍ଗେ ସଙ୍ଗେ ଡକାଇ ଦୀକ୍ଷା ଦେଲି । ବାସୁର ବିଶ୍ୱାସ ବିଶୁ ଭଳି ନ ଥିଲା । ତେଣୁ ସେ ଲାଲ୍ ପଦ୍ମଗୁଡ଼ିକୁ ସେଇ ଲାଲ୍ ରୂପରେହିଁ ଦେଖିବାକୁ ପାଇଲା । କିନ୍ତୁ ସେ ଛଳନା ନ କରି, ମିଛ ନ କହି ଯାହା ଦେଖିଲା ସ୍ପଷ୍ଟ ଭାବରେ ତାହା କହିଲା । ମୋତେ ସନ୍ତୁଷ୍ଟ କରିବା ଲାଗି ମିଥ୍ୟାର ଆଶ୍ରୟ ନେଲା ନାହିଁ । ସେଇଥିଯୋଗୁଁ ବିଳମ୍ବ ହେଲେ ବି ୫ ବର୍ଷ ପରେ ତାକୁ



ଡକାଇଲି । କିନ୍ତୁ ବସୁ ମୋତେ ଖାଲି ସନ୍ତୁଷ୍ଟ କରିବା ଲାଗି କହିଲା ଯେ ସେ ପଦ୍ମଗୁଡ଼ିକ ଧଳା । ବାସ୍ତବରେ ସେ ସେଗୁଡ଼ିକୁ ଧଳା ରୂପରେ ଦେଖୁ ନ ଥିଲା । ତା'ର ଅବଶ୍ୟ ମୋ ପ୍ରତି ଶ୍ରଦ୍ଧା ଅଛି । ସେ ମୋତେ ଅପମାନିତ କରିବାକୁ ଚାହିଁଲା ନାହିଁ । ହେଲେ ଯଥାର୍ଥ ସାଧନା ପାଇଁ ଯେଉଁ ବିଶ୍ୱାସ, ସତ୍ୟନିଷ୍ଠତା ଓ ଗୁରୁଙ୍କ ନିକଟରେ ସ୍ପଷ୍ଟବାଦିତା ଦରକାର ସେ ଗୁଣ ତା'ର ନ ଥିଲା । ସେଇଥିପାଇଁ ମୁଁ ତାକୁ ଏପର୍ଯ୍ୟନ୍ତ ଡକାଇ ନାହିଁ । କେବେ ପୁଣି ତା'ର ସମୟ ଆସିପାରେ, କିନ୍ତୁ ବର୍ତ୍ତମାନ ସେକଥା ମୁଁ କହିପାରିବି ନାହିଁ ।'

''ବାସୁ କହିଲା, 'ଗୁରୁଦେବ, ବିଶୁର ସେପରି ବିଶ୍ୱାସ କ'ଣ ଅନ୍ଧବିଶ୍ୱାସ ନୁହେଁ ?''

''ଋଷି କହିଲେ, 'ଅନ୍ଧ ବିଶ୍ୱାସ ସତ, କିନ୍ତୁ ଅପାତ୍ରରେ ସେ ଅନ୍ଧ ବିଶ୍ୱାସ କରି ନାହିଁ । ଯାହା ନିକଟରେ ସେ ତା'ର ଜୀବନ, କର୍ମ, ସାଧନାର ଭାର ଅର୍ପଣ କରିବାକୁ ଆସିଥିଲା ସେଇ ଗୁରୁ ବାକ୍ୟରେ ସେ ଅନ୍ଧ ବିଶ୍ୱାସ କରିଛି । କାରଣ ସେ ଜାଣେ ସେ ସର୍ବଶକ୍ତିମାନ ଓ ସର୍ବଜ୍ଞାତା । ନିଜର ବିବେକ ବୁଦ୍ଧି ଖେଳେଇବାକୁ ସେ ଚାହିଁ ନାହିଁ । ସଙ୍ଗେ ସଙ୍ଗେ ସ୍ଥୂଳରେ ବି ସେ ତା'ର ଫଳ ପାଇଛି । ତା'ର ଅନ୍ଧ ବିଶ୍ୱାସ ନିରର୍ଥକ ହୋଇ ନାହିଁ । ତା' ପାଇଁ ରକ୍ତପଦ୍ମ ଶ୍ୱେତପଦ୍ମରେ ପରିଣତ ହୋଇଛି ।'

''ବିଶୁ ଓ ବାସୁ ଦୁହେଁ ଋଷିଙ୍କ କଥା ବୁଝିପାରି ଖୁସି ମନରେ ନିଜ ନିଜ କାମ କରିବାକୁ ଚାଲିଗଲେ । ଏଇଠି ମୋର ଶ୍ରୀଅରବିନ୍ଦଙ୍କର ଗୋଟିଏ ବାଣୀ ମନେ ପଡ଼େ :

'And even a blind and ignorant faith is a better possession than the sceptical doubt which turns its back on our spiritual possibilities or the constant carping of the narrow pettily critical uncreative intellect, *asuya*, which persues our endeavour with a paralysing incertitude. The

seeker of the Integral Yoga must however conquer both these imperfections.'

'ଏପରିକି ଏକ ଅନ୍ଧ ଓ ଅଜ୍ଞାନ ବିଶ୍ୱାସ – ଏକ ସଂଶୟାଚ୍ଛନ୍ନ ସନ୍ଦେହ ଯାହାକି ଆମ ଆଧ୍ୟାତ୍ମିକ ସମ୍ଭାବନା ପ୍ରତି ପିଠି ବୁଲାଇ ଦିଏ ଅଥବା ଏକ ସଂକୀର୍ଣ୍ଣ, ହୀନତାଯୁକ୍ତ କୁଟିଳ ନିଷ୍ଫଳ ବୁଦ୍ଧିର ନିରନ୍ତର ଛିଦ୍ରାନ୍ୱେଷଣ, ଏକ ଅଚଳକାରୀ ଅନିଶ୍ଚୟତା ସହ ଆମ ସାଧନାକୁ ଅନୁସରଣ କରୁଥିବା ଅସୂୟା ଆଦି ଅପେକ୍ଷା ମଧ୍ୟ ଅଧିକ ଉତ୍ତମ ଗୁଣ । ପୂର୍ଣ୍ଣଯୋଗର ସାଧକକୁ ଏହି ଉଭୟ ଅପୂର୍ଣ୍ଣତାକୁ ଜୟ କରିବାକୁ ହେବ ।''

## କୁକୁର ମାନଙ୍କର ସାଧୁସଙ୍ଗତ

## (୧୮)

''ଆଜି ସ୍କୁଲରୁ ଫେରିଲା ବେଳେ ଦେଖିଲି ଗୋଟିଏ ଦୁଷ୍ଟପିଲା ରାସ୍ତାରୁ ଗୋଟିଏ ମାଙ୍କଡ଼ା ପଥର ଉଠେଇ ଗୋଟିଏ କୁକୁରକୁ ମାରିଲା ଯେ ପଥରଟି ଖୁବ୍ ଜୋରରେ ଯାଇ ତା' ପଛ ଡାହାଣ ଗୋଡ଼ରେ ବାଜିଲା । କୁକୁରଟି ବିକଳରେ ଭ୍ୟାଉ ଭ୍ୟାଉ ହୋଇ ଗୋଡ଼ଟାକୁ ଟେକି ଛଟ ଛଟ କରି କିଛି ବାଟ ଦଉଡ଼ିଗଲା । ତା'ପରେ ତାକୁ ଟିକିଏ ଚାଟି ଦେଇ ପୁଣି ତା' ଖାଦ୍ୟ ଖୋଜିବାରେ ଲାଗିଗଲା । ଅବଶ୍ୟ ସେମିତି ଗୋଟାଏ ଗୋଡ଼ ଟେକି ତିନି ଗୋଡ଼ରେ ଚାଲୁଥାଏ । କିନ୍ତୁ ସିଏ ଯେମିତି ବୁଲୁଥାଏ, ତା'ର ଯେପରି କିଛି ହୋଇ ନାହିଁ । ଅଥଚ ଯେଦିନ ଆମ ଗାଁ ଅଧୀର ପିଉସା ସାଇକେଲରୁ ପଡ଼ିଯାଇ ତାଙ୍କ ଗୋଡ଼ ଟିକେ ମୋଡ଼ି ହୋଇଗଲା ବୋଲି କେତେ ବ୍ୟସ୍ତ ହୋଇ ପଡ଼ିଲେ । ବ୍ୟାଣ୍ଡେଜ କରି ୧୫ ଦିନ ଯାଏ ଘରେ ଶୋଇଲେ । ଯନ୍ତ୍ରଣାରେ କେତେ ଚିତ୍କାର, କେତେ ସେବା-ଶୁଶ୍ରୂଷା, ଜଣେ ନ ଧରିଲେ ଉଠି କୁଆଡ଼େ ଯିବେ ନାହିଁ । ଯିଏ ତାଙ୍କ ପାଖକୁ ଯିବ ସବୁବେଳେ ତାଙ୍କ ଗୋଡ଼ର ଯନ୍ତ୍ରଣା କେଡ଼େ ଭୟାନକ, ସିଏ ବୋଲି ସହିକରି ଅଛନ୍ତି, ଆଉ କିଏ ହୋଇଥିଲେ ଆତ୍ମହତ୍ୟା କରି ସାରନ୍ତାଣି ବୋଲି କହନ୍ତି ।

''ଆଚ୍ଛା, କୁକୁରଟି ତାଙ୍କଠାରୁ ଏତେ ବେଶୀ ଆଘାତ ପାଇ ଓ ସେବା-ଶୁଶ୍ରୂଷା କରିବା ଲାଗି ତା' ପାଖରେ କେହି ନ ଥିଲେ ବି ଏତେ ନିଶ୍ଚିନ୍ତ କାହିଁକି ? ତାକୁ କ'ଣ ଆଘାତରେ ଯନ୍ତ୍ରଣା ଲାଗେ ନାହିଁ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ହଁ, ଲାଗେ । କିନ୍ତୁ ତା'ର ମନର ବିକାଶ ହୋଇ ନ ଥିବାରୁ ସେ

ତା'ର ଯନ୍ତ୍ରଣା ବିଷୟରେ ଗୁଡ଼ାଏ ଚିନ୍ତା କରି ତାକୁ ଅଧୀର ପିଉସା ଭଳି ବଢ଼ାଇ ଦିଏ ନାହିଁ । ମଣିଷର ମନର ବିକାଶ ହେତୁ ଯନ୍ତ୍ରଣା ବିଷୟରେ ଏବଂ ତା'ର ପରିଣାମ ବିଷୟରେ ଚିନ୍ତା ଓ ଆଶଙ୍କା ବେଳେବେଳେ ସାମାନ୍ୟ ଯନ୍ତ୍ରଣାକୁ ବିରାଟ ଆକାର ପ୍ରଦାନ କରିଥାଏ ପ୍ରାଣନାଶର କାରଣରେ ବି ପରିଣତ କରିଥାଏ । କିନ୍ତୁ କୁକୁର ଯନ୍ତ୍ରଣା ସହ ନିଜର ମନର ଚିନ୍ତା ମିଶାଇ ତାକୁ ବଡ଼ କରି ନ ଥାଏ । ସହଜ, ସରଳ ଭାବେ ତାକୁ ଗୋଟାଏ ସାଧାରଣ ଘଟଣା ବୋଲି ଧରିନେଇ ସେ ତା'ର ଆପେ ଠିକ୍ ହୋଇଯିବ ଏଇ ଭାବ ତଥା ବିଶ୍ୱାସ ଅଜାଣତରେ ଗ୍ରହଣ କରି ସ୍ୱାଭାବିକ ଭାବେ ନିଜର ଦୈନନ୍ଦିନ କାର୍ଯ୍ୟରେ ଲାଗିଯାଏ । ଫଳରେ ଖୁବ୍ ଅଳ୍ପସମୟ ମଧ୍ୟରେ ସେ ଆରୋଗ୍ୟ ହୋଇଯାଏ । ଠିକ୍ ଶିଶୁ ଅବସ୍ଥାରେ ଆମେ ବି ସେଇପରି ଥାଉ । ଆମର କୌଣସି ଜାଗା ଖଣ୍ଡିଆ ହୋଇଗଲା କି ମୋଡ଼ି ହୋଇଗଲା, ଆମେ ସେ ବିଷୟରେ ଚିନ୍ତା କରୁ ନାହିଁ । ବରଂ ଆମର ପରିବାର ଲୋକେ ସେ ବିଷୟରେ ବେଶୀ ଚିନ୍ତା କରି ଆମ ଭିତରକୁ କିଛିଟା ଚିନ୍ତା, ଆଶଙ୍କା ପ୍ରବେଶ କରାଇ ଥାଆନ୍ତି । କିନ୍ତୁ ଆମେ ସେସବୁକୁ ଖାତିର ନ କରି ଯେତେଦୂର ସମ୍ଭବ ଖେଳିବୁଲୁଥାଉ କି କିଛି କାର୍ଯ୍ୟରେ ଲାଗିଥାଉ । ଆମ ଭିତରେ ଗୋଟାଏ ସ୍ୱାଭାବିକ ବିଶ୍ୱାସବୋଧ ଥାଏ ଯେ ତାହା କିଛି ନୁହେଁ, ଭଲ ହୋଇଯିବ । ଅବଶ୍ୟ ସଚେତନ ଭାବେ ପିଲା ବୟସରେ ଆମେ ଏକଥା ଜାଣୁନା । ତେବେ ଏହି ଭାବ ଯୋଗୁ ବଡ଼ ମଣିଷଙ୍କ ଅପେକ୍ଷା ଆମେ ଖୁବ୍ ଶୀଘ୍ର ଆରୋଗ୍ୟ ହୋଇଯାଇଥାଉ । ଛୋଟ ପିଲା ନିଜ ବିଷୟରେ କିଛି ଚିନ୍ତା କରେ ନାହିଁ । ଯେପରି ତା' ଭିତରେ ଏଇ ବିଶ୍ୱାସ ବୋଧ ଥାଏ ଯେ ତା'ର ଯାହା ଦରକାର ଆପେ ତା' ପାଖକୁ ତାହା ଆସିବ । ବାସ୍ତବରେ ମଧ୍ୟ ସେଇଆ ଘଟିଥାଏ । ମା-ବାପା ଓ ଅନ୍ୟମାନେ ଯଥାସମ୍ଭବ ପିଲାର ଆବଶ୍ୟକତା ଅନୁଯାୟୀ ସବୁକଥା ଯୋଗାଇ ଥାଆନ୍ତି । ଖୁବ୍ ବେଶୀ ଆବଶ୍ୟକ ବୋଧକରି ସେ ଟିକିଏ କାନ୍ଦିଦେଲେ ସମସ୍ତଙ୍କ ହୃଦୟ ତରଳିଯାଏ । ମା' କହିଛନ୍ତି ଅଧ୍ୟାତ୍ମ ସାଧନା-କ୍ଷେତ୍ରରେ ମଧ୍ୟ ଭଗବାନଙ୍କ



ଉପରେ ବିଶ୍ୱାସ ଆଉ ଭରସା ଛୋଟ ଶିଶୁର ବିଶ୍ୱାସ ଭଳି ସହଜ, ସରଳ, ଶୁଦ୍ଧ, ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ ହେବା ଉଚିତ । ତା'ଙ୍କ ଭାଷାରେ, 'The most important condition is an almost childlike trust, the candid trust of a child who is sure that it will come, who does not even ask himself about it; when he needs something he is sure that it is going to come. Well it is this, this kind of trust – this indeed is the most important condition.' ଅର୍ଥାତ୍, 'ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂରାପୂରି ଏକ ଶିଶୁସୁଲଭ ଆସ୍ଥା, ଏକ ଶିଶୁର ସରଳ ଆସ୍ଥା ଯିଏ ସ୍ଥିର ନିଶ୍ଚିତ ଯେ ଏହା ଆସିବ, ଏପରିକି ଯିଏ ନିଜକୁ ଏ ସମ୍ବନ୍ଧେ ପ୍ରଶ୍ନ କରେ ନାହିଁ; ଯେତେବେଳେ ସେ କିଛି ଆବଶ୍ୟକ କରେ, ସେ ଦୃଢ଼ ନିଶ୍ଚିତ ଯେ ତାହା ତାକୁ ମିଳିବାକୁ ଯାଉଛି । ଠିକ୍ ଏହି, ଏହି ପ୍ରକାର ଆସ୍ଥା, – ବାସ୍ତବରେ ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା ।'

''କିନ୍ତୁ ବଡ଼ ମଣିଷଙ୍କର କ'ଣ ଛୋଟ ପିଲା ଭଳି ସରଳ, ସହଜ ବିଶ୍ୱାସ, ଭରସା ଆସିବ ? ସେମାନେ କ'ଣ ଛୋଟ ପିଲା ଭଳି ନିଜର ଦରକାରୀ କଥା ପାଇବା ସଂପର୍କରେ ବିନା ଚେଷ୍ଟାରେ ସ୍ୱାଭାବିକ ଭାବେ ପୂରା ନିଶ୍ଚିତ ହୋଇପାରିବେ ?'' ପଚାରିଲା ଅନୁରକ୍ତା ।

''ଅବଶ୍ୟ ସବୁ ବଡ଼ ମଣିଷ ନୁହନ୍ତି । କାରଣ ବଡ଼ ହୋଇଯିବା ପରେ ମନର ବିକାଶ ଫଳରେ ନାନା ପ୍ରକାର ଚିନ୍ତା, ନାନା ପ୍ରକାର ଯୁକ୍ତି, ବିଚାର ଦେଖାଦେଇଥାଏ । ଶିଶୁସୁଲଭ ସରଳତା, ସ୍ୱାଭାବିକତା ନଷ୍ଟ ହୋଇଥାଏ । କିନ୍ତୁ ଯେଉଁମାନେ ମନକୁ ପ୍ରାଧାନ୍ୟ ନ ଦେଇ ହୃଦୟକୁ ପ୍ରାଧାନ୍ୟ ଦିଅନ୍ତି, ହୃଦୟର ଭାବକୁ ଆଶ୍ରୟ କରି ଚଳନ୍ତି, ସେମାନଙ୍କ ମଧ୍ୟରେ ଅନ୍ତରାତ୍ମାର ଶିଶୁସୁଲଭ ସରଳତା, ନିଶ୍ଚିନ୍ତତା ଓ ଭଗବାନଙ୍କ ଉପରେ ବିଶ୍ୱାସ ଓ ନିର୍ଭରଶୀଳତା ଗୁଣ ପୂର୍ଣ୍ଣମାତ୍ରାରେ ପ୍ରଭାବ ବିସ୍ତାର କରି ରହେ । ଜ୍ଞାନ,

ଅଭିଜ୍ଞତା ଓ ଅନୁଭୂତି ବଢ଼ିବା ସଙ୍ଗେ ସଙ୍ଗେ ସେମାନେ ଅଧିକରୁ ଅଧିକ ସରଳ ଓ ବିନମ୍ର ହୋଇଉଠନ୍ତି । ବିନା ସନ୍ଦେହରେ ଭଗବାନଙ୍କ ଉପରେ ସବୁକଥା ଲାଗି ବିଶ୍ୱାସ ଓ ଆସ୍ଥା ରଖନ୍ତି । ଶୁଣିବୁ ଜଣେ ସାଧୁଙ୍କ କଥା ଯାହାଙ୍କ ସହଜ ସରଳ ବିଶ୍ୱାସ କୁକୁରମାନଙ୍କୁ ବି ମଣିଷ ପରି ଆଚରଣ କରାଇ ପାରିଥିଲା ?''

''ହଁ, କୁହ । ମୋ ପ୍ରଶ୍ନର ଉତ୍ତର ଗପରୁ ମୁଁ ଭଲ ବୁଝିପାରେ ।''

''ହଉ ଶୁଣ । ନଦିଆର ନବଦ୍ୱୀପଠାରେ ଶ୍ରୀଶ୍ରୀ ରାଧାରମଣ ଦେବ ନାମରେ ଜଣେ ସାଧୁ ମହାତ୍ମା ଥିଲେ । ସେ ଥିଲେ ଚୈତନ୍ୟ ସଂପ୍ରଦାୟର ବୈଷ୍ଣବ । ସେମାନେ ଖୋଳ କରତାଳ ବଜାଇ ଅଧିକାଂଶ ସମୟରେ ଭଗବାନଙ୍କ ନାମ-ସଂକୀର୍ତ୍ତନରେ ଭୋଳ ରହନ୍ତି । ବିଭିନ୍ନ ସ୍ଥାନରେ ବୁଲି କୀର୍ତ୍ତନ କରନ୍ତି । ରାଧାରମଣ ଦେବ ବାବାଜିଙ୍କ ସଂକୀର୍ତ୍ତନ ଦଳ ଯୁଆଡ଼େ ଯାଆନ୍ତି ତାଙ୍କ ପଛେ ପଛେ ଗୋଟିଏ ମାଈକୁକୁର ସବୁବେଳେ ଗୋଡ଼ାଇ ଥାଏ । ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ କରିସାରିବା ପରେ ସେ ଜାଗାର ଧୂଳିରେ ସେ ବହୁତ ଗଡ଼ାଗଡ଼ିକରେ । କେବଳ ଠାକୁରଙ୍କ ପ୍ରସାଦ ଦେଲେ ଖାଏ, ଅନ୍ୟକିଛି ଖାଏ ନାହିଁ । କେବେ ଅନ୍ୟ କୌଣସି କୁକୁର ସହ ଝଗଡ଼ା କରି କାମୁଡ଼ା କାମୁଡ଼ି ହୁଏ ନାହିଁ । ସଂକୀର୍ତ୍ତନ ଦଳର ସାଙ୍ଗ ଜମା ଛାଡ଼େ ନାହିଁ । କୁକୁରଟିର ଅଦ୍ଭୁତ ଭକ୍ତିଭାବ ଦେଖି ସମସ୍ତେ ତାକୁ ବହୁତ ଭଲ ପାଆନ୍ତି ଓ ଶ୍ରଦ୍ଧାରେ ତାକୁ 'ଭକ୍ତିମା' ବୋଲି ଡାକନ୍ତି ।

''ଥରେ 'ଭକ୍ତିମା'ର ଶରୀର ଅସୁସ୍ଥ ହେଲା । ବୈଷ୍ଣବମାନେ ତା'ର ବହୁତ ସେବା ଶୁଶ୍ରୂଷା କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଦିନକୁ ଦିନ ତା'ର ଦେହ ଦୁର୍ବଳ ହୋଇ ଆସିଲା । ତା'ର ଶେଷ ସମୟ ଆସିବା ଦେଖି ବୈଷ୍ଣବମାନେ ତା' ଚାରିପାଖେ ବୁଲି ପ୍ରଭୁଙ୍କ ନାମ ସଂକୀର୍ତ୍ତନ କଲେ । ସେଇ ପବିତ୍ର ନାମ ସଂକୀର୍ତ୍ତନ ଶୁଣିଶୁଣି 'ଭକ୍ତିମା' ପରମଶାନ୍ତିରେ ଦେହ ଛାଡ଼ିଲା । ବୈଷ୍ଣବମାନେ ତା'କଥା ମନେ ପକାଇ ବହୁତ କାନ୍ଦିଲେ । ଶେଷରେ ତା'ର



ଶରୀରକୁ ନେଇ ଗଙ୍ଗାରେ ଜଳସମାଧି ଦେଲେ । ଜଣେ ମଣିଷ ମରିଗଲେ ଯେପରି ଶୁଦ୍ଧିକ୍ରିୟା ହୁଏ, ରାଧାରମଣ ଦେବ ବାବାଜିଙ୍କ ନିର୍ଦ୍ଦେଶରେ ସେହିପରି ତା'ପାଇଁ ଶୁଦ୍ଧିକ୍ରିୟା କରାଗଲା । କିନ୍ତୁ ରାଧାରମଣ ଦେବ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । ସେ ଚାହିଁଲେ 'ଭକ୍ତିମା' ଦେହତ୍ୟାଗର ପନ୍ଦର ଦିନରେ ଏକ ମହୋତ୍ସବ କରାଯିବ । ମହୋତ୍ସବରେ ବୈଷ୍ଣବମାନଙ୍କର ଯେପରି ସେବାଚର୍ଚ୍ଚା କରାଯାଏ ସେହିପରି ସେଠାରେ ଥିବା 'ଭକ୍ତିମା'ର ଜାତିଭାଇ ସବୁ କୁକୁରଙ୍କୁ ନିମନ୍ତ୍ରଣ କରି ସେମାନଙ୍କର ସେବାଚର୍ଚ୍ଚା କରାଯିବ । ପନ୍ଦରଦିନର ଦିନକ ପୂର୍ବରୁ ଶିଷ୍ୟମାନଙ୍କୁ ଡାକି ଏକଥା ସେ ଜଣାଇ ଦେଲେ । କହିଲେ ଏକ ମହୋତ୍ସବ କରି 'ଭକ୍ତିମା'ର ଜାତିଭାଇଙ୍କୁ ଡକାଇଲେ ଭଲ ହୁଅନ୍ତା । ତୁମେମାନେ ଏବେ ଯାଇ ନବଦ୍ୱୀପର ଗଳିକନ୍ଦିରେ ବୁଲି କୁକୁରମାନଙ୍କୁ ନିମନ୍ତ୍ରଣ କରି ଆସ । ଅଦ୍ଭୁତ ଏ ପରିକଳ୍ପନା ! ଶିଷ୍ୟମାନେ ଗୁରୁଙ୍କର ଏ ପିଲାଳିଆମିରେ ଆଶ୍ଚର୍ଯ୍ୟ ହେଲେ । କାହାରି ପାଟିରୁ କିଛି କଥା ବାହାରୁ ନ ଥାଏ । ଅଜବ କଥା ! କୁକୁରଙ୍କୁ କିପରି ନିମନ୍ତ୍ରଣ କରିବେ ? କିଏ ତା'ଙ୍କ କଥା ଶୁଣିବ ? ଶୁଣିଲେ ବା ବୁଝିବେ କିପରି ? ଖାଇବା ଜିନିଷଗୁଡ଼ିକ ଖାଲି ନଷ୍ଟ ହେବ ସିନା ! କିନ୍ତୁ ବାବାଜି ରାଧାରମଣଙ୍କର ଏକା ଜିଦ୍ 'ଭକ୍ତିମା' ପାଇଁ ମହୋତ୍ସବ କରାଯିବ । ଆଉ ତାଙ୍କର ବିଶ୍ୱାସ ଯେ ନିଶ୍ଚୟ ସବୁ କୁକୁର ତାଙ୍କ ନିମନ୍ତ୍ରଣ ରକ୍ଷା କରିବେ ।

''ଶେଷରେ ନବଦ୍ୱୀପ ବାବା' ନାମରେ ବାବାଜିଙ୍କର ଜଣେ ବିଶେଷ ଅନୁଗତ ଶିଷ୍ୟ ଉଠିପଡ଼ି କହିଲେ, 'ଆଚ୍ଛା ଠିକ୍ ଅଛି । ସବୁକିଛି କରାଯିବ । କିନ୍ତୁ କୁକୁରମାନଙ୍କୁ କିପରି ନିମନ୍ତ୍ରଣ କରାଯିବ ଆମକୁ କୁହନ୍ତୁ ।'

''ବାବାଜି ରାଧାରମଣ କହିଲେ, 'ବାଟରେ ଯେତେ କୁକୁରଙ୍କୁ ଭେଟିବ ସେମାନଙ୍କୁ ଦଣ୍ଡବତ କରି ହାତଯୋଡ଼ି ବିନୟତା ସହ କହିବ — ଆମର 'ଭକ୍ତିମା' ଦେହ ଛାଡ଼ିଦେଲେ, ଆଗାମୀ କାଲି ତାଙ୍କର ମହୋତ୍ସବ, ଆପଣମାନେ ଅନୁଗ୍ରହ କରି ସବାନ୍ଧବେ ବଡ଼ାଳଘାଟ ନିକଟସ୍ଥ ଆମ୍ଭମାନଙ୍କର

ପରମଗୁରୁଦେବଙ୍କ ଆଶ୍ରମକୁ ଆସି ମଧ୍ୟାହ୍ନରେ ମହାପ୍ରସାଦ ସେବନ କରିବା ହେବେ ।'

''ନବଦ୍ୱୀପ ବାବା ଗୁରୁଙ୍କର ଏପରି ପିଲାଳିଆମି ସରଳ ବିଶ୍ୱାସ ଓ କୁକୁରଟିଏ ଲାଗି ହୃଦୟରେ ଏତେ ସମ୍ମାନ, ଶ୍ରଦ୍ଧା ଓ ଦରଦ ଦେଖି ଭକ୍ତି ଗଦ୍‌ଗଦ୍ ହୋଇ ତାଙ୍କ ପାଦ ଧରି କାନ୍ଦି ପକାଇଲେ । ବାବାଜି ରାଧାରମଣ ସ୍ନେହରେ ତାଙ୍କ ଶିଷ୍ୟଙ୍କ ପିଠି ଥାପୁଡ଼େଇ ଦେଇ କହିଲେ, 'ଯାଅ ବାବା, ଆଉ ବିଳମ୍ବ କରନା, ଶୀଘ୍ର ନିମନ୍ତ୍ରଣ କରି ଆସ ।'

''ନବଦ୍ୱୀପ ବାବା ଏଥର ଉଠି ଢଳି ଢଳି ଭାବବିହ୍ୱଳ ହୋଇ ଚାଲିଲେ କୁକୁରମାନଙ୍କୁ ନିମନ୍ତ୍ରଣ କରିବାକୁ । ଯେମିତି ପ୍ରଥମେ କୁକୁରଟିଏ ଦେଖିଲେ ଦଣ୍ଡବତ କରି ହାତଯୋଡ଼ି ବିନୟତାର ସହ କହିଲେ, 'ଆମ ଗୁରୁଦେବ ଆପଣମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ପଠାଇଛନ୍ତି । ଆଗାମୀ କାଲି ଆମ 'ଭକ୍ତିମା'ଙ୍କର ଶ୍ରାଦ୍ଧ ଉତ୍ସବ । ଏହି ଉପଲକ୍ଷେ ଆପଣମାନେ ଅନୁଗ୍ରହ କରି ସବାନ୍ଧବେ ଆମ ପରମଗୁରୁଦେବଙ୍କ ଆଶ୍ରମକୁ ଯାଇ ମହାପ୍ରସାଦ ସେବନ କରିବେ । ଆପଣ ବନ୍ଧୁବାନ୍ଧବ, ସାଙ୍ଗସାଥି ଆଉ ଯାହା ସହ ଦେଖାହେବ ସେମାନଙ୍କୁ ଏକଥା କହିଦେବେ – ସମସ୍ତେ ଯେମିତି ଆସିବେ ।' ଯେତେ କୁକୁରଙ୍କୁ ଭେଟିଲେ ସମସ୍ତଙ୍କୁ ଏହିପରି ନିମନ୍ତ୍ରଣ କରି ଶେଷକୁ ନବଦ୍ୱୀପ ବାବା ଆଶ୍ରମକୁ ଫେରି ଆସିଲେ ।

''ତା' ଆରଦିନ ସକାଳୁ ବୈଷ୍ଣବ ପୂଜାରୀମାନେ ରୋଷେଇବାସ ଆରମ୍ଭ କଲେ । ନିମନ୍ତ୍ରିତ ବୈଷ୍ଣବମାନେ ମଧ୍ୟ ଆସି ପହଞ୍ଚିଲେ । ସେମାନଙ୍କ ରହିବା ବ୍ୟବସ୍ଥା କରାଗଲା । ଦ୍ୱିପ୍ରହର ବେଳକୁ ରନ୍ଧାରନ୍ଧି ଶେଷ ହେଲା । ଏତିକିବେଳେ କେହି ଜଣେ ହଠାତ୍ ଅନ୍ୟମାନଙ୍କୁ କହିଦେଲେ, 'କୁକୁରମାନଙ୍କ ମହୋତ୍ସବରେ ବୈଷ୍ଣବମାନେ କ'ଣ ଯୋଗଦେବା ସଙ୍ଗତ ହେବ ?' ଏତିକି କଥାରେ ବୈଷ୍ଣବମାନେ ଆଉ ଜମା ଖାଇବାକୁ ଆସିଲେ ନାହିଁ, ଯେତେ ତାଙ୍କୁ ଡକାଗଲା ମନା କଲେ । ଏଣେ କୌଣସି କୁକୁର ବି ଆସିବାର ଦେଖାଗଲା



ନାହିଁ । ବାବାଜି ରାଧାରମଣ ନବଦ୍ୱୀପ ବାବାଙ୍କୁ ଡାକି କହିଲେ, 'କାହିଁ, 'ଭକ୍ତିମା'ର ସ୍ୱଜାତି ବୈଷ୍ଣବ ତ କେହି ଆସିଲେ ନାହିଁ ?'

''ଲୋକମାନେ ପରସ୍ପର ମଧ୍ୟରେ ଟୁପୁର ଟାପୁର ହେଲେ, କହିଲେ, 'ହୁଃ, କୁକୁରଗୁଡ଼ାକୁ ପୁଣି ନିମନ୍ତ୍ରଣ ! ସେଗୁଡ଼ାକ ଏଥିରୁ କ'ଣ ବୁଝିବେ ? ଏହା କ'ଣ କେବେ ସମ୍ଭବ ହୋଇପାରେ ?' ରାଧାରମଣ ବାବାଜିଙ୍କଠାରୁ ବୟସରେ ବଡ଼ ରାଧାଶ୍ୟାମ ବାବାଜି ମଧ୍ୟ ଠିକ୍ ଏଇ କଥା କହିଲେ । କିନ୍ତୁ ଏସବୁ କିଛି ରାଧାରମଣ ବାବାଙ୍କ ବିଶ୍ୱାସକୁ ଟଳାଇ ପାରିଲା ନାହିଁ । ସେ ଅବିଚଳିତଭାବେ କହିଲେ, 'ପ୍ରଭୁ ନିତାଇଚାନ୍ଦ ସବୁଠାରେ ବିଦ୍ୟମାନ । ସେ ମଣିଷଠାରେ ଯେମିତି ଅଛନ୍ତି, କୁକୁରଠାରେ ବି ସେଇପରି ଅଛନ୍ତି । ଅପେକ୍ଷା କରନ୍ତୁ ନବଦ୍ୱୀପର ସବୁ କୁକୁର ନିଶ୍ଚୟ ଆସିବେ ।'

''ବାବାଜି ରାଧାରମଣ କୁକୁରଙ୍କ ମଧ୍ୟରେ ଯାହାଙ୍କୁ ନିମନ୍ତ୍ରଣ କରିଥିଲେ ତାଙ୍କ ଉପରେ ତାଙ୍କର ବିଶ୍ୱାସ ଅଟଳ । ସତକୁ ସତ ସଂଧ୍ୟା ହୋଇ ଆସିବା ମାତ୍ରେ ଗୋଟିକ ପରେ ଗୋଟିଏ କୁକୁର ଗଡ଼ିବାକୁ ଲାଗିଲେ । ବାବାଜି ମହାଶୟ ପ୍ରତ୍ୟେକ କୁକୁରକୁ ଦଣ୍ଡବତ କରି ସେମାନଙ୍କର ବସିବା ପାଇଁ ବ୍ୟବସ୍ଥା କଲେ । ବେଳକୁ ବେଳ କୁକୁରମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । କୁକୁରମାନଙ୍କ ମହୋତ୍ସବ ଦେଖିବା ଲାଗି ଦେଖଣାହାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଲା । ଦଳକୁ ଦଳ କୁକୁର ଆସି ଧାଡ଼ି ବାନ୍ଧି ଚୁପ୍‌ଚାପ୍ ବସିଥା'ନ୍ତି । ନୂଆ ବଂଧୁଘରେ ଅତିଥିମାନେ ଯେପରି ସଂଭ୍ରମ ଓ ନୀରବତାରେ ବସନ୍ତି । ଉଁ କି ଚୁଁ କିଛି ନାହିଁ । ଗୋଟିଏ ଗଳିର କୁକୁର ଆର ଗଳି କୁକୁରକୁ ଦେଖିଲେ ଭୁକି ରାସ୍ତା କଂପାଇ ଦିଏ ଓ କାମୁଡ଼ି ଝୁଣି ଦେବାକୁ ଗୋଡ଼େଇ ଯାଏ; କିନ୍ତୁ ଏଠି ସେସବୁ ବୈରଭାବ କିଛି ନାହିଁ । ଲୋକମାନେ ସ୍ତବ୍ଧ ଚକିତ ହୋଇ ଦେଖୁଥା'ନ୍ତି ।

''ପଚାଶ ଷାଠିଏରୁ ଅଧିକ କୁକୁର ଆସି ଧାଡ଼ିବାନ୍ଧି ବସିଯିବା ପରେ ରାଧାରମଣ ବାବା ସେମାନଙ୍କୁ ହାତଯୋଡ଼ି କହିଲେ, 'ଆପଣମାନଙ୍କ ଆଜ୍ଞା ହେଲେ ପତର ଲଗାଯିବ । ପରେ ଯେଉଁମାନେ ଆସିବେ ସେମାନଙ୍କ ଲାଗି

ଅଲଗା ବ୍ୟବସ୍ଥା କରାଯିବ ।' କୁକୁରମାନେ ଏକଥା ଶୁଣି ସମସ୍ତେ ମୁହଁ ଟେକି ବାବାଜି ମହାଶୟଙ୍କୁ ଚାହିଁଲେ । ସେମାନଙ୍କ ଅକୁହା ଭାଷା ବାବାଜି ମହାଶୟ ବୁଝିଲେ । ସଙ୍ଗେ ସଙ୍ଗେ କୁକୁରମାନଙ୍କ ଆଗରେ ପତର ଲାଗିଲା । ଭାତ, ଡାଲି, ତରକାରୀ, ଦହି, କ୍ଷୀରୀ ଯାହାସବୁ ହୋଇଥିଲା ଡେକ୍‌ଚି ଡେକ୍‌ଚି ଅଣାଯାଇ ପତରରେ ସବୁ ପରଷାଗଲା । ହରି ହରି ଧ୍ୱନି, ହୁଳହୁଳି ଧ୍ୱନିରେ ଚାରିଆଡ଼ କମ୍ପି ଉଠିଲା । ସବୁ ପତରରେ ମହାପ୍ରସାଦ ଲାଗିଯିବା ପରେ ବାବଜି ମହାଶୟ ଆଖି ଛଳ ଛଳ, ବାଷ୍ପ ଗଦ୍ ଗଦ୍ କଣ୍ଠରେ ହାତଯୋଡ଼ି ଉପସ୍ଥିତ କୁକୁରମାନଙ୍କୁ କହିଲେ, 'ଏଣିକି ଦୟାକରି ପ୍ରସାଦ ସେବା ଆରମ୍ଭ କରନ୍ତୁ ।' ଏକଥା ଶୁଣିବା ମାତ୍ରେ ଗୋଟିଏ କଳାରଙ୍ଗର କୁକୁର ଧାଡ଼ିରୁ ଉଠି ଆସି ସମସ୍ତଙ୍କ ପତ୍ର ଶୁଙ୍ଘି ଦେଇଗଲା । ସେ ଯାଇ ନିଜ ଜାଗାରେ ବସିବା ପରେ ସବୁ କୁକୁର ଏକ ସଙ୍ଗେ ଖାଇବା ଆରମ୍ଭ କଲେ । ଏସବୁ ଦେଖିବା ପାଇଁ ଲୋକମାନେ ଥାଟପଟାଳି ଭାଙ୍ଗୁଥାଆନ୍ତି । କିନ୍ତୁ କୁକୁରମାନଙ୍କର କୁଆଡ଼କୁ ନିଘା ନାହିଁ । ଚୁପଚାପ ଖାଉଥାଆନ୍ତି । ଲୋକମାନଙ୍କ ମୁହଁରେ ଖାଲି ବାବାଜି ମହାଶୟଙ୍କ ପ୍ରଶଂସା । 'ଧନ୍ୟ ରାଧାରମଣ ବାବା, ଧନ୍ୟ ତୁମର ଲୀଳା ! ଯୋଉ କଥା କେବେ ଦେଖା ନ ଥିଲା କି ଶୁଣା ନ ଥିଲା ସେଇ କଥା ତୁମେ ଘଟାଉଛ !'

''କୁକୁରମାନଙ୍କ ଖିଆ ଚାଲିଛି । ଯାହାର ଯୋଉ ଜିନିଷ ସରିଯାଉଛି ତାକୁ ପୁଣି ସେ ଜିନିଷ ଦିଆଯାଉଛି । ନୂଆ ନୂଆ କୁକୁର ଆସିବାରେ ଲାଗିଛନ୍ତି । ତାଙ୍କ ଚର୍ଚ୍ଚା ପୃଥକଭାବେ କରାଯାଉଛି । ଯେଉଁ କୁକୁରର ଖିଆ ଶେଷ ହୋଇଯାଉଛି ସେ ମୁହଁ ବୁଲାଇ ଦେଉଛି । ଯେତେ ଯାଚିଲେ ବି ଆଉ ନେବାକୁ ରାଜି ନ ହେବାର ଭାବ ପ୍ରକାଶ କରୁଛି । ସେମାନଙ୍କର ଖିଆ ସରିବାପରେ ସେମାନଙ୍କ ଆଗରେ ମାଟିର ସରା ରଖି ପାଣି ଦିଆଗଲା । ସମସ୍ତେ ସନ୍ତୋଷରେ ପିଇଲେ । ପଙ୍ଗତ ଶେଷ ହେଲା । ବାବାଜି ମହାଶୟ ଅତିଥିମାନଙ୍କ ଚରଣାମୃତ ସଂଗ୍ରହ କରିବା ପାଇଁ ଶିଷ୍ୟମାନଙ୍କୁ କହିଲେ । ନବଦ୍ୱୀପ ବାବା ଗୋଟିଏ



ଡାଳରେ ପାଣି ନେଇ ସବୁ କୁକୁରଙ୍କ ଚରଣାମୃତ ସଂଗ୍ରହ କଲେ ।''

''ଚରଣାମୃତ କ'ଣ ?'' ପଚାରିଲା ଅନୁରକ୍ତା ।

''ଚରଣାମୃତ ଅର୍ଥ ପାଦଧୁଆ ପାଣି । ଏଠାରେ କୁକୁର ମାନଙ୍କର ଗୋଟିଏ ଗୋଟିଏ ପାଦ ସେ ଡାଳରେ ଟିକିଏ ବୁଡ଼ାଇ ଦିଆଗଲା ।''

''ଏତେ ଭକ୍ତି ?''

''ଏଠାରେ ତ ସେ କୁକୁରମାନଙ୍କୁ ସାଧାରଣ କୁକୁର ବୋଲି ବିବେଚନା କରୁ ନ ଥା'ନ୍ତି ନା । ଏଠାରେ କୁକୁରମାନଙ୍କୁ ସେ କୁକୁରରୂପୀ ଭଗବାନ ରୂପରେ ଚର୍ଚ୍ଚା କରୁଥାଆନ୍ତି ।''

''ହଉ, ସେଇଠୁ କ'ଣ ହେଲା କୁହ ।''

''ସେଇଠୁ ଚରଣାମୃତ ସଂଗ୍ରହ ପରେ ବାବାଜି ମହାଶୟ ହାତଯୋଡ଼ି କୁକୁରମାନଙ୍କୁ କହିଲେ, 'ଆପଣମାନେ ଯଦି ପ୍ରସାଦ ସେବନ କରି ସନ୍ତୋଷଲାଭ କରିଥାଆନ୍ତି ତେବେ ମୋର ସକଳ ଦୋଷତ୍ରୁଟି ମାର୍ଜନା କରି ନିଜ ସ୍ଥାନକୁ ବାହୁଡ଼ିଯିବା ପାଇଁ କୃପା ହେଉ ।' ଏକଥା ଶୁଣି କୁକୁରମାନେ ଧୀରେ ଧୀରେ ନୀରବରେ ନିଜ ନିଜ ସ୍ଥାନକୁ ବାହୁଡ଼ିଗଲେ । ଚାରିଆଡ଼େ ହରିଧ୍ୱନିରେ ଫାଟି ପଡୁଥାଏ । ଲୋକମାନେ ଆଗ୍ରହରେ କୁକୁରମାନଙ୍କ ଅଧରାମୃତ ଓ ଚରଣାମୃତ ପାନ କରିବାକୁ ଲାଗିଲେ ।''

''ଅଧରାମୃତ କ'ଣ ?'' ପଚାରିଲା ଅନୁରକ୍ତା ।

''କୁକୁରମାନେ ମାଟି ସରାରୁ ପାଣି ପିଇସାରି ଯାହା ବଳିଥିଲା ।''

''ତାକୁ ବି ଲୋକମାନେ ପିଇଲେ ?''

''ଖାଲି ସେତିକି ନୁହେଁ । ବାବାଜି ମହାଶୟ ନିଜେ ଆନନ୍ଦରେ ଅଧୀର ହୋଇ କୁକୁରମାନେ ଖାଉଥିବା ପତ୍ର ଉପରେ ଗଡ଼ିବାକୁ ଲାଗିଲେ । ତା'ପରେ ସେ ପତ୍ରଗୁଡ଼ିକ କୁଆଡ଼େ ଉଭେଇ ଗଲା ତାକୁ ଆଉ କେହି ଦେଖିପାରିଲେ ନାହିଁ । ଖାଇବା ସ୍ଥାନ ଆଉ ସଫା କରିବାକୁ ପଡ଼ିଲା ନାହିଁ । ଭକ୍ତମାନେ ପଡ଼ିଥିବା ଅଇଁଠାକୁ ମହାପ୍ରସାଦ ଭାବି ଗୋଟେଇ ନେଲେ ଓ

କେତେକ ଭକ୍ତ କୁକୁରମାନେ ବସିଥିବା ଜାଗାରୁ ଧୂଳି ସଂଗ୍ରହ କରି ରଖିଲେ । ସମସ୍ତେ ଏକ ଦିବ୍ୟ ଭାବରେ ଆବିଷ୍ଟ । ମନରେ ଟିକିଏ ବିକାର ନାହିଁ ।

''ରାତି ବେଶୀ ହୋଇ ଆସିଲା । ବାବାଜି ମହାଶୟ ଶିଷ୍ୟମାନଙ୍କ ସହ ଗଙ୍ଗାସ୍ନାନ କରି ବିଶ୍ରାମ ନେବାକୁ ଆସିଲେ । ଏତିକିବେଳେ ଚୈତନ୍ୟ ଦାସ ନାମରେ ଜଣେ ଶିଷ୍ୟ ଆସି କହିଲେ, 'ଗୁରୁଦେବ ! ଠାକୁରଙ୍କ ଭୋଗର ଗୋଟିଏ ପାରୁଶ ସେବା ନ ହୋଇ ଘରର ଗୋଟିଏ କୋଣରେ ରହିଛି । ଏତେ ରାତିରେ ତାକୁ ଆଉ କିଏ ଖାଇବ ?''

''ବାବାଜି ମହାଶୟ କହିଲେ, 'କି ଅଦ୍ଭୁତ ! ଗଙ୍ଗାସ୍ନାନ ବେଳେ ମୋର ମନେହେଲା ଯେପରି ନିମନ୍ତ୍ରିତ ମହାତ୍ମାମାନଙ୍କ ମଧ୍ୟରୁ କେହି ଜଣେ ଆସି ନାହାନ୍ତି । ସେ ପାରୁଶ ବୋଧେ ପ୍ରଭୁ ନିତାଇଚାନ୍ଦ ତାଙ୍କରି ଲାଗି ରଖିଛନ୍ତି । ତାକୁ ନଷ୍ଟ କରନା । ମୋର ମନେ ହେଉଛି ସେ ମହାତ୍ମା ଖୁବ୍ ଶୀଘ୍ର ଆସି ପହଞ୍ଚିବେ । ଯଦି ପାରୁଶଟି ନ ଥା'ନ୍ତା ଆମେ ବଡ଼ ଅଡୁଆରେ ପଡ଼ିଥା'ନ୍ତେ ।' ଏତକ କହି କିଛିସମୟ ପରେ ବାବାଜି ମହାଶୟ ଘରୁ ବାହାରିଲା ବେଳକୁ ଦେଖିଲେ ଦ୍ୱାର ମୁହଁରେ ଗୋଟିଏ ଲାଲରଙ୍ଗର କୁକୁର ଶୋଇଛି । ବାବାଜିଙ୍କୁ ଦେଖି କୁକୁରଟି ଉଠି ଠିଆହୋଇପଡ଼ି ତାଙ୍କୁ ଚାହିଁ ରହିଲା । ବାବଜି ବହୁତ ଖୁସି ହୋଇ ଚୈତନ୍ୟଙ୍କୁ ଡାକି କହିଲେ, 'ସେ ପାରୁଶଟି ଆଣି ଏଇ ମହାତ୍ମାଙ୍କୁ ଦିଅ ।'

''ସେ କୁକୁରଟି ଏତେ ଡେରିରେ କାହିଁକି ଆସିଲା ? ପଚାରିଲା ଅନୁରକ୍ତା ।

''ନବଦ୍ୱୀପ ବାବା ବି ତୋରି ଭଳି ସେଇ କଥା ପଚାରିଲେ । ସେ କୁକୁରଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ 'ମୁଁ ନିମନ୍ତ୍ରଣ କରିବାକୁ ଯିବା ସମୟରେ ଏଇ କୁକୁର ମହାଶୟଙ୍କୁ ପ୍ରଥମେ ଭେଟିଥିଲି । କିନ୍ତୁ ଇଏ ଏତେ ବିଳମ୍ବରେ କାହିଁକି ଆସିଲେ ?'

''ବାବାଜି ମହାଶୟ ପଚାରିଲେ, 'ତୁମେ ୟାଙ୍କୁ ଭେଟି କ'ଣ



କହିଥିଲ ?' ନବଦ୍ୱୀପବାବା କହିଲେ, 'ମୁଁ ୟାଙ୍କୁ ଭେଟି ସାଷ୍ଟାଙ୍ଗ ଦଣ୍ଡ ପ୍ରଣାମ କରି କହିଥିଲି – ଆସନ୍ତା କାଲି ଆମ 'ଭକ୍ତିମା'ଙ୍କର ଶ୍ରାଦ୍ଧ ମହୋତ୍ସବ, ଆପଣମାନେ ସବାନ୍ଧବେ ବଡ଼ାଳବାଡ଼ି ସମ୍ମୁଖସ୍ଥ ଆମର ପରମ ଗୁରୁଦେବଙ୍କ ଆଶ୍ରମରେ ଉପସ୍ଥିତ ହୋଇ ମହାପ୍ରସାଦ ସେବା କରିବେ । ଆପଣଙ୍କ ସ୍ୱଜାତି ଯାହା ସହ ଆପଣଙ୍କ ଭେଟ ହେବ ସମସ୍ତଙ୍କୁ ଦୟାକରି ଏ ସମ୍ବାଦ ଦେବେ ।'

''ବାବାଜି ମହାଶୟ କହିଲେ, 'ସେଇଥିଯୋଗୁ ତ ଏ ମହାତ୍ମାଙ୍କର ଆସିବା ବିଳମ୍ବ ହେଲା । ଏହାଙ୍କ ଉପରେ ତୁମେ ପ୍ରଥମେ ସମସ୍ତଙ୍କୁ ନିମନ୍ତ୍ରଣ କରିବାର ଭାର ଦେଇଥିଲ । ତେଣୁ ସେ ଚାରିଆଡ଼େ ବୁଲି ସମସ୍ତଙ୍କୁ ନିମନ୍ତ୍ରଣ କରିସାରି ପଛରେ ଆସିଲେ । ଅନ୍ତର୍ଯ୍ୟାମୀ ନିତାଇଚାନ୍ଦ ବି ଏ ମହାତ୍ମାଙ୍କ କଥା ଜାଣି ତାଙ୍କ ପାଇଁ ଗୋଟିଏ ପାରୁଶ ରଖି ଦେଇଥିଲେ । ଧନ୍ୟ ତାଙ୍କର ମହିମା ! ଧନ୍ୟ ତାଙ୍କର କରୁଣା !' ଏଇ କୁକୁର ମହାତ୍ମା ଜଣଙ୍କ ଖିଆପିଆ ଶେଷ କରି ଚାଲିଯିବା ପରେ ରାଧାରମଣ ବାବା ତାଙ୍କର ଅଧରାମୃତ ଗ୍ରହଣ କରି ବିଶ୍ରାମ ନେଲେ । ରାତି ସେତେବେଳକୁ ବହୁତ ହୋଇଯାଇଥିଲା । କିନ୍ତୁ ଏକ ଅପୂର୍ବ ଆନନ୍ଦରେ ବିଭୋର ଥିବାରୁ କାହାକୁ କିଛି ଜଣାପଡୁ ନ ଥିଲା ।''

# ଯେଉଁଠି ଇଚ୍ଛା ସେଠି ପାଇ ହେବ

## (୧୯)

''ଥରେ ମା'ଙ୍କୁ ଜଣେ ପଚାରିଲେ, 'ମା', ଯୋଗସାଧନା ପାଇଁ ବିଶ୍ୱାସ କାହିଁକି ଏତେ ବେଶୀ ଗୁରୁତ୍ୱପୂର୍ଣ୍ଣ ?' ମା' ତା'ର ଉତ୍ତରରେ କହିଲେ, 'Because we are aiming at something quite new that has never been done before.' 'କାରଣ ଆମେ ଏପରି କିଛି କଥା ଲକ୍ଷ୍ୟ ରଖିଛୁ ଯାହା ପୂର୍ବରୁ କେହି କେବେ କରି ନାହିଁ ।' ଅବଶ୍ୟ ମା' ଏଠି ଶ୍ରୀଅରବିନ୍ଦଙ୍କ ଅତିମାନସ ପୂର୍ଣ୍ଣଯୋଗର କଥା କହିଛନ୍ତି । କାରଣ ଏକ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଏଇ ପାର୍ଥିବ ଜଗତରେ ସ୍ଥୂଳଭାବେ ଭଗବାନଙ୍କର ପୂର୍ଣ୍ଣ ପ୍ରକାଶ ଆଗରୁ କେବେ ଘଟି ନାହିଁ କିଂବା ଶୁଣା ନ ଥିଲା । ସାଧାରଣତଃ ଯୋଗକ୍ଷେତ୍ରରେ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ହେଲେ ଶ୍ରୀଅରବିନ୍ଦଙ୍କ ଯୋଗକ୍ଷେତ୍ରରେ ତାହା ଆହୁରି ବେଶୀ ଗୁରୁତ୍ୱପୂର୍ଣ୍ଣ ।'' କହିଲା ଚିନ୍ମୟ ତା'ର ଛୋଟ ଭଉଣୀ ଅନୁରକ୍ତାକୁ ।

''ଆଚ୍ଛା ଜଣେ ଯଦି କିଛି ଯୋଗସାଧନା ନ କରି ଖାଲି ବିଶ୍ୱାସ ରଖେ, ତେବେ ତା'ର କ'ଣ ଲକ୍ଷ୍ୟ ପୂରଣ ହୋଇଯିବ ?'' ପଚାରିଲା ଅନୁରକ୍ତା ।

''ଏକ ଅବିମିଶ୍ରିତ, ଶୁଦ୍ଧ, ସହଜ, ସରଳ, ସନ୍ଦେହହୀନ ବିଶ୍ୱାସ ନିଜେ ତ ଏକ ପରମ ସାଧନାର ଫଳ । ତାହା ଏ ଜନ୍ମର ସାଧନାର ଫଳ ହୋଇପାରେ କିଂବା ଜନ୍ମଜନ୍ମର ସାଧନାର ଫଳ ହୋଇପାରେ । ବର୍ଷ ବର୍ଷ ଧରି ଖାଲି ତୁଚ୍ଛା ଆଚାର ନିୟମ ଦୃଷ୍ଟିରୁ ସାଧନାରେ ଲାଗି ରହି ବ୍ୟକ୍ତି ଯେଉଁ ଫଳ ନ ପାଇଥାଏ ମୁହୂର୍ତ୍ତକରେ ସରଳ ଅକପଟ ବିଶ୍ୱାସ ଫଳରେ ତାହା



ଅନାୟାସରେ ମିଳିଥାଏ । ଶୁଣିବୁ ସେଇପରି ଏକ ସରଳ ବିଶ୍ୱାସର କାହାଣୀ ?''

''ହଁ, ମୁଁ ଶୁଣିବାକୁ ଚାହେଁ ।'' ଖୁସି ହୋଇ କହିଲା ଅନୁରକ୍ତା ।

''ଜଣେ ବହୁତ ଧନୀ ଜମିଦାର ଥିଲେ । ତାଙ୍କର ଥିଲେ ଅନେକ ଗାଈଗୋରୁ । ଜମିଦାରଙ୍କ ଘରଠାରୁ କିଛି ଦୁରରେ ସେମାନେ ରହନ୍ତି । ପାଖରେ ବିସ୍ତୀର୍ଣ୍ଣ ପଡ଼ିଆ ଥାଏ, ସେଠି ଦିନବେଳା ଚରି ବୁଲନ୍ତି । ରାତିରେ ଆସି ଗୁହାଳରେ ରହନ୍ତି । ସେମାନଙ୍କ ଜଗାରଖା ଓ ଖବର ବୁଝିବା ଲାଗି ଜମିଦାର ଜଣେ ଲୋକ ନିଯୁକ୍ତ କରିଥା'ନ୍ତି । ନାଁଟି ତା'ର ଭରତ । ତାକୁ ଭରତିଆ ବୋଲି ସମସ୍ତେ ଡାକନ୍ତି । ଜାତିରେ ସେ ଗଉଡ଼ । ସ୍ତ୍ରୀକୁ ନେଇ ଗୋରୁ ଗୁହାଳ ପାଖରେ ଗୋଟିଏ କୁଡ଼ିଆ କରି ରହିଥାଏ । ସକାଳ ହେଲେ ଗୋରୁଗାଈମାନଙ୍କୁ ଚରେଇବାକୁ ନେଇଯାଏ । ଫେରେ ଯାଇ ସଂଧ୍ୟାରେ । ଦିପହରବେଳେ ସ୍ତ୍ରୀ ତା'ର କିଛି ଖାଇବା ଜିନିଷ ନେଇ ତାକୁ ପଡ଼ିଆରେ ଦେଇ ଆସେ । ନିତିଦିନ ତା'ର ଏମିତି ଗୋରୁଗାଈଙ୍କ ମେଳରେ କଟିଯାଏ । ଟିକିଏ ଫୁର୍‌ସତ୍ ନ ଥାଏ । ଜମିଦାରଙ୍କ ପାଖରୁ ଲୋକ ଆସି ତା' ପାଖରୁ ଦୁଧ, ଗୋବର ଆଦି ନେଇଯା'ନ୍ତି ।

''ଥରେ କ'ଣ ଗୋଟାଏ ବିଶେଷ ଜରୁରୀକାମ ପଡ଼ିବାରୁ ଭରତିଆ ଜମିଦାରଙ୍କ ପାଖକୁ ଯାଇଥିଲା । ଜମିଦାରଙ୍କ ଘରକୁ ଲାଗି ଗୋଟିଏ ଛୋଟ ମନ୍ଦିର ଥାଏ । ସେଥିରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଆନ୍ତି । ଜମିଦାର ସେଥିରେ ଜଣେ ପୂଜକ ରଖି ସବୁ ସେବାପୂଜାର ଭାର ବୁଝନ୍ତି । ଭରତିଆ ଜମିଦାରଙ୍କ ପାଖରୁ ଫେରିଲା ବେଳେ ଟିକିଏ ମନ୍ଦିରକୁ ଯାଇ ଠାକୁର ଦର୍ଶନ କରିବାକୁ ଇଚ୍ଛା କଲା । ମନ୍ଦିର ଭିତରକୁ ଯାଇ ମୟୂରଚୂଳିଆ, କଦମ୍ବମୂଳିଆ ଶ୍ରୀକୃଷ୍ଣଙ୍କର ତ୍ରିଭଙ୍ଗୀ ଠାଣିରେ ବଂଶୀ ବଜାଉଥିବା ରୂପକୁ ଦେଖି ସେ ମୋହିତ ହୋଇଗଲା । ପ୍ରଣାମ କରି ଅପଲକ ନୟନରେ ଘଡ଼ିଏ ତାଙ୍କରି ଆଡ଼େ ଚାହିଁ ରହିଲା । ସେଠାରୁ ତା'ର ଫେରିବାକୁ ଜମା ମନ ହେଉ ନ ଥାଏ । କିନ୍ତୁ ତେଣେ ଗାଈ-

ଗୋରୁଙ୍କ ଚିନ୍ତା ଆସି ତାକୁ ଟାଣୁଥାଏ । ମନ ହେଉଥାଏ ଏ ସବୁଦିନେ ଟିକିଏ ଟିକିଏ ସୁଯୋଗ ମିଳନ୍ତା କି ଆସି ଦର୍ଶନ କରି ଯାଉଥା'ନ୍ତା । କିନ୍ତୁ ସେ ଯେଉଁ କାମ କରୁଛି ସେଥିରେ କ'ଣ ଏହା ସମ୍ଭବ ? ଶେଷରେ ମନ କଥା ପୂଜକଙ୍କୁ କହିଲା । କହିଲା, 'ଗୋସେଇଁ, ତୁମେ କେଡ଼େ ଭାଗ୍ୟବାନ୍ । ସବୁଦିନେ ଠାକୁରଙ୍କ ଦର୍ଶନ ପାଉଛ । ମୁଁ ହେଲେ ସପ୍ତାହରେ ଥରେ ଏ ସୁଯୋଗ ପାଆନ୍ତି ।'

''ପୂଜକ କହିଲେ, 'କାହିଁକି, ଏଠାକୁ ଆସି ଠାକୁର ଦର୍ଶନ କରିବାର ଅସୁବିଧା କ'ଣ ?' ଭରତିଆ କହିଲା, 'ମୋର ଯେଉଁ କାମ, ମୁଁ ଯଦି ଏଠିକି ଆସିବି, ତାକୁ ଦେଖିବ କିଏ ? ତୁମେ ଗୋସେଇଁ, ଯଦି ମୋ ପାଇଁ ଟିକିଏ ଦୟାକରି ଜମିଦାରଙ୍କୁ କୁହନ୍ତ, ତେବେ ସିଏ ସପ୍ତାହରେ ଥରେ କାହାକୁ ଘଡ଼ିକ ଲାଗି ପଠେଇଲେ ମୁଁ ଆସି ଠାକୁର ଦର୍ଶନ କରି ଯାଇପାରନ୍ତି ।'

''ପୂଜକ ଚାହିଁଲେ ନାହିଁ ଭରତିଆ ଲାଗି ଯାଇ ଜମିଦାରଙ୍କ ପାଖରେ ଏକଥା କହିବା ଲାଗି । ସେ କାହିଁକି ଯିବେ ଗୋଟାଏ ସାମାନ୍ୟ ଗାଈଆଳ ଟୋକା ଲାଗି ଜମିଦାରଙ୍କୁ ଅନୁରୋଧ କରିବାକୁ । ତେଣୁ ତାକୁ ଭୁଲାଇ ଦେବାଲାଗି ସେ କହିଲେ, 'ଠାକୁରଙ୍କର ଯିଏ ଭକ୍ତ ସିଏ ତ ତାଙ୍କୁ ଯେଉଁଠି ଇଚ୍ଛା ସେଠି ଯେତେବେଳେ ଇଚ୍ଛା କରିବ ସେତେବେଳେ ଦେଖିପାରିବ । ତା'ର ମନ୍ଦିରକୁ ଆସିବା ଦରକାର କ'ଣ ? ଠାକୁର କ'ଣ ପଡ଼ିଆରେ ଦେଖା ଦେଇ ପାରିବେ ନାହିଁ ?'

'ସତେ ? ଠାକୁର ଯେଉଁଠି ଇଚ୍ଛା ସେଠି ବି ଦେଖା ଦେଇ ପାରିବେ ! ମୁଁ ଏକଥା ଜାଣି ନ ଥିଲି ଗୋସେଇଁ । ତୁମକୁ ବହୁତ ଧନ୍ୟବାଦ୍ ।' ଖୁସି ହୋଇ ଭରତିଆ କହିଲା ।

''ପୂଜକ ତା'ର ସରଳ ବିଶ୍ୱାସ ଦେଖି ଆଉ ଟିକିଏ ଥଟ୍ଟା କରି କହିଲେ 'ତୋତେ ବୋଲି ମୁଁ ଏକଥା କହିଲି । ଆଉ କାହାକୁ ଏକଥା ଆଜି ପର୍ଯ୍ୟନ୍ତ କହି ନାହିଁ । ଏହା ବହୁତ ଗୁପ୍ତ କଥା ।'

''ଏକଥା ଶୁଣି ଭରତିଆର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହୋଇଗଲା । ସେ କୃତଜ୍ଞତା ଭରା ହୃଦୟରେ ପୂଜକଙ୍କୁ ପ୍ରଣାମ କରି ତା' ଗାଈଗୋଠକୁ ଚାଲିଗଲା ।



''ଏହା ଭିତରେ ଅନେକ ଦିନ ବିତିଯାଇଛି । ଦିନେ ପୂଜକ କୌଣସି କାମରେ ତା'ଙ୍କ ବନ୍ଧୁ ଘରକୁ ଯାଇ ଭରତିଆର ଗାଈଗୋଠ ବାଟଦେଇ ଫେରୁଛନ୍ତି । ଗାଈମାନେ ସବୁ ଚରୁଛନ୍ତି, ଭରତିଆ ଗୋଟାଏ ନିମଗଛ ଛାଇରେ ଆରାମରେ ବସିଛି । ନିମଫୁଲ ବାସନାରେ ସେ ସ୍ଥାନ ମହକି ଉଠୁଛି । ନିମଗଛରେ କେତେ ଚଢ଼େଇ କିଚିରି ମିଚିରି ହୋଇ ନିମଫଳ ଖାଉଛନ୍ତି । ଗୋଟାଏ ଖଣ୍ଡିଆ ନିମଫଳ ଭରତିଆ ଉପରେ ପଡ଼ିବାରୁ ତା'ର ନିବିଷ୍ଟତା ଭାଙ୍ଗିଗଲା । ସେ ସିଧା ହୋଇ ବସି ଗଛକୁ ଚାହୁଁ ଚାହୁଁ ପୂଜକଙ୍କ ଉପରେ ନଜର ପଡ଼ିଗଲା । ସଙ୍ଗେ ସଙ୍ଗେ ଦଉଡ଼ିଯାଇ ତାଙ୍କୁ ପ୍ରଣାମ କରି ହାତଯୋଡ଼ି ତାଙ୍କ ସାମନାରେ ଠିଆହୋଇ କୃତଜ୍ଞତାଭରା ଭଙ୍ଗୀରେ କହିଲା, 'ଗୋସେଇଁ, ତୁମେ ସେ ଗୁପ୍ତକଥା ମୋତେ କହି ମୋର କେତେ ଉପକାର ନକଲ ! ତୁମ ଉପକାର ମୁଁ ଜୀବନରେ ସୁଝି ପାରିବି ନାହିଁ ।'

''ପୂଜକ କାବା ହୋଇଗଲେ । ତାଙ୍କର କିଛି ମନେ ପଡୁ ନ ଥାଏ । ସେ କହିଲେ, 'କେଉଁ ଗୁପ୍ତ କଥା ?' ଭରତିଆ କହିଲା, 'ସେଇ ଯେଉଁ ଗୁପ୍ତ କଥା ତୁମେ ମୋତେ କହିଲ ନାହିଁ ଯେ ଠାକୁରଙ୍କୁ ଇଚ୍ଛା କଲେ ଯେଉଁଠି ଇଚ୍ଛା ସେଠି ଦେଖିହେବ; ମନ୍ଦିରକୁ ଆସିବା ଦରକାର କ'ଣ ?'

''ପୂଜକଙ୍କର ଏଥରକ ଟିକିଏ ଅସ୍ପଷ୍ଟ ହୋଇ କଥାଟା ମନେ ପଡ଼ିଲା । ସେ କହିଲେ, 'ହଁ କହିଥିଲି । କ'ଣ ହେଲା ?' 'କ'ଣ ଆଉ ହେବ ଗୋସେଇଁ ! ତୁମେ ଯାହା କହିଥିଲ ସେଇଆ ହେଲା । ମୁଁ ଆଖିବୁଜି ଟିକିଏ କୃଷ୍ଣଙ୍କୁ ପ୍ରାର୍ଥନା କରିବା ମାତ୍ରେ ସେ ଆସି ସଙ୍ଗେ ସଙ୍ଗେ ଦେଖା ଦେଉଛନ୍ତି । ଯୁଆଡ଼େ ମୁଁ ଚାହୁଁଛି ସବୁଆଡ଼େ ତାଙ୍କର ସେଇ ସୁନ୍ଦର ମୂର୍ତ୍ତି ଦେଖୁଛି । ସେ ବଇଁଶୀ ବଜେଇ ବେଳେବେଳେ ମୋ ଗାଈମାନଙ୍କ ସାଙ୍ଗରେ ଖେଳୁଛନ୍ତି । ତା'ଙ୍କର ବଇଁଶୀର ସ୍ୱନ କି ମଧୁର ! ତାଙ୍କର ରୂପ କି ଚମତ୍କାର ! ଆଉ

ସେତେବେଳର ଅନୁଭୂତି କି ସୁଖକର ! ତୁମକୁ ଗୋସେଇଁ ମୁଁ ଅଧିକା କ'ଣ କହିବି । ତୁମେ ତ ସବୁବେଳେ ତାଙ୍କ ପାଖରେ ରହିଛ । ସବୁବେଳେ ତାଙ୍କୁ ଦେଖୁଛ । କେଡ଼େ ଭାଗ୍ୟବାନ ତୁମେ । ତେବେ ମୋର ତୁମ ଉପରେ ଈର୍ଷା ହେଉ ନାହିଁ । କାରଣ ଠାକୁରଙ୍କ ସହ ସେଇ ମୁହୂର୍ତ୍ତକ ଦେଖା ମୋ ପାଇଁ ଯଥେଷ୍ଟ । ମୋର ମନ୍ଦିର ଯିବା ଆଉ ଦରକାର ପଡୁ ନାହିଁ ।'

''ପୂଜକ ଏତେ ବିସ୍ମିତ ହୋଇଗଲେ ଯେ ତା'ଙ୍କ ପାଟିରୁ କିଛି କଥା ବାହାରିଲା ନାହିଁ । ଚୁପ୍‌ଚାପ୍ ମୁହଁ ତଳକୁ ପୋତି ମନ୍ଦିରକୁ ଚାଲି ଆସିଲେ । ଠାକୁରଙ୍କ ପାଖରେ ପଡ଼ିଯାଇ କାନ୍ଦି କାନ୍ଦି କହିଲେ, 'ଠାକୁର, ମୁଁ ଜୀବନସାରା ତୁମର ସେବାପୂଜା କରିକରି ଯାହା ନ ପାଇଛି ସେ ଛାର ଗାଈଆଳ ଟୋକାଟା ଏତେ ସହଜରେ ତା' ପାଇଗଲା । ତା'ର ସେଇ ସରଳ ଅକପଟ ବିଶ୍ୱାସର କାଣିଚାଏ ଭଲା ମୋତେ ମିଳନ୍ତା ! ସେ ସିନା ମୋତେ ଈର୍ଷା କରୁ ନାହିଁ, କିନ୍ତୁ ମୁଁ ତାକୁ ବହୁତ ଈର୍ଷା କରୁଛି ।''

## ସାହସ – ବିଶ୍ୱାସର ଅଙ୍ଗ

## (୨୦)

''ଏତେ ଜାତି, ଏତେ ଧର୍ମ, ଏତେ ଭାଷା, ଏତେ ସଂପ୍ରଦାୟ ଥିବା ଗୋଟିଏ ଏତେ ବଡ଼ ଦେଶର ପ୍ରଧାନ ମନ୍ତ୍ରୀ ହୋଇ ସେଥିରେ ପୁଣି ଦେଶଭିତରେ ଓ ଦେଶ ଚାରିପାଖ ଯାକ ଶତ୍ରୁ ପରିପୂର୍ଣ୍ଣ ହୋଇ, ଯେଉଁଥିରେ କି ନିଜ ଜୀବନ ଉପରକୁ କେତେବେଳେ ଆଞ୍ଚ ଆସିବ ତାହା କହି ହେବ ନାହିଁ, ଇନ୍ଦିରା ଗାନ୍ଧି କିପରି ଶେଷ ପର୍ଯ୍ୟନ୍ତ ଏତେ ନିର୍ଭୀକ ଭାବରେ କାମ କରିଗଲେ ? ପୁଣି ଜଣେ ସ୍ତ୍ରୀ ଲୋକ ହୋଇ ସେ କିପରି ଏତେ ଭୟଶୂନ୍ୟା, ଦୁଃସାହସୀ ହୋଇପାରିଲେ ଯେଉଁଥିରେ ସାରା ବିଶ୍ୱ ଆଜି ସ୍ତମ୍ଭିତ ?'' ପଚାରିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

''ତାଙ୍କ ସାହସର କାରଣ ସମ୍ବନ୍ଧେ ଗତ ନଭେମ୍ବର ୧୯୮୪ ସଂଖ୍ୟା ନବପ୍ରକାଶରୁ କ'ଣ ପଢ଼ିନୁ ? ତାଙ୍କର ସେଇ ନିକଟ ସଂପର୍କୀୟ ବ୍ୟକ୍ତି ପି. ଡ଼ି. ଟଣ୍ଡନ କିପରି କହିଛନ୍ତି ସମସ୍ୟାସଙ୍କୁଳ, ବିପଦସଙ୍କୁଳ ପରିସ୍ଥିତି ମଧ୍ୟରେ ଯାହା ତାଙ୍କୁ ସାହସ ସାମର୍ଥ୍ୟ ଯୋଗାଉଥିଲା ତାହା ହେଉଛି ଆଧ୍ୟାତ୍ମିକତା ପ୍ରତି ତାଙ୍କ ମଧ୍ୟରେ ଏକ ସାମାନ୍ୟ ଉନ୍ମୀଳନ । ଶ୍ରୀମା'ଙ୍କ ପାଖକୁ ତାଙ୍କର ଗଭୀର ଭକ୍ତିଭରା ଚିଠି ଓ ଉତ୍ତର ପାଇବାଲାଗି ବ୍ୟାକୁଳତା ଓ ମା'ଙ୍କର ତାଙ୍କ ପାଖକୁ ଚିଠି କ'ଣ ଗତ ସଂଖ୍ୟାରେ ପଢ଼ିନୁ ? ସେଇ କ'ଣ ତାଙ୍କର ଆଧ୍ୟାତ୍ମିକ ଶକ୍ତି ପ୍ରତି ଉନ୍ମୀଳନର ଯଥେଷ୍ଟ ପ୍ରମାଣ ନୁହେଁ ? ତାଙ୍କର ଆଧ୍ୟାତ୍ମିକ ଶକ୍ତି ଉପରେ ବିଶ୍ୱାସ ଓ ସେଥିପ୍ରତି ଉନ୍ମୀଳନହିଁ ତାଙ୍କୁ ଅଦୃଷ୍ଟବାଦୀ କରିଥିଲା ।''

''ଅଦୃଷ୍ଟବାଦୀ କ'ଣ ?'' ପଚାରିଲା ଅନୁରକ୍ତା ।

''ଅଦୃଷ୍ଟବାଦୀ ହେଉଛି ଯେଉଁମାନେ ବିଧିନିର୍ଦ୍ଦିଷ୍ଟ କଥା ଉପରେ ବିଶ୍ୱାସ କରନ୍ତି । ସେ ବିଶ୍ୱାସ କରୁଥିଲେ ଜୀବନରେ ଯାହା ଯେତେବେଳେ

ଘଟିବା କଥା ଘଟିବ । ସେଥିନେଇ ଚିନ୍ତା ନ କରି ବର୍ତ୍ତମାନ ସମ୍ମୁଖରେ ଯେଉଁ କାର୍ଯ୍ୟ ଆସୁଛି ତାକୁ କରିଯିବା ଉଚିତ । ଗତ ଅକ୍‌ଟୋବର ୩୧ ତାରିଖ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ଯେତେବେଳେ କାଶ୍ମୀର ଭ୍ରମଣରେ ଯାଇଥିଲେ ସେତେବେଳେ ତାଙ୍କ ଜୀବନ କିପରି ବିପଦାପନ୍ନ ସେ ସମ୍ପର୍କରେ କଥା ପଡ଼ିବାରୁ ସେ ସେଠାକାର ମୁଖ୍ୟ ଶାସନ ସଚୀବଙ୍କ ନିକଟରେ ପ୍ରକାଶ କରିଥିଲେ, 'ମୁଁ ଜଣେ ଅଦୃଷ୍ଟବାଦୀ । ଯେତେବେଳେ ମୋର ସେ ମୁହୂର୍ତ୍ତ ଆସିବ, ମୋତେ କେହି ରକ୍ଷା କରି ପାରିବେ ନାହିଁ ।' ସେଇଥି ଲାଗି ତାଙ୍କ ଜୀବନ-ନାଶ ନିମନ୍ତେ ଯେତେ ଯେତେ ଉଦ୍ୟମ ହୋଇଛି ସେଥିରେ ସେ ଟିକିଏ ବିଚଳିତ ହୋଇ ନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ଯେ ତାଙ୍କର ଯେତେବେଳେ ମରିବାର ଥିବ ସେ ମରିବେ । ତା' ପୂର୍ବରୁ ତାଙ୍କୁ ଯେତେ ଚେଷ୍ଟା କଲେ ବି କେହି ମାରିପାରିବେ ନାହିଁ । ଏଇ ବିଶ୍ୱାସ ତାଙ୍କୁ ତାଙ୍କ ଜୀବନର ଯାତ୍ରାପଥରେ ନିର୍ଭୀକ ଓ ଅଟଳ ରଖି ପାରିଥିଲା ।''

''ତାଙ୍କୁ କ'ଣ ପୂର୍ବରୁ ବହୁବାର ମାରିବାର ଚେଷ୍ଟା ବିଫଳ ହୋଇଛି ?'' ପଚାରିଲା ଅନୁରକ୍ତା ।

''ଖାଲି ବିଫଳ ହୋଇ ନାହିଁ, ସେପରି ଅନେକ ଅପଚେଷ୍ଟା ପ୍ରକାଶ ପାଇ ଯାଇଛି । ଥରେ ସେ ଯେଉଁ ଉଡ଼ାଜାହାଜରେ ଯିବାର ଥିଲା ସେ ଉଡ଼ାଜାହାଜର ଇଂଜିନକୁ ଖରାପ କରିଦିଆ ଯାଇଥିଲା ଯାହାଫଳରେ ଅଳ୍ପ ବାଟ ଉଡ଼ିବାପରେ ତାହା ଧ୍ୱଂସ ପାଇଯାଇଥା'ନ୍ତା । କିନ୍ତୁ ସୌଭାଗ୍ୟବଶତଃ ତାହା ଧରା ପଡ଼ିଗଲା । ଏଇ ଘଟଣାରେ ସେ କହିଥିଲେ, 'ଏପରି ବିପଦ ମୋ ଜୀବନର ଏକ ଅଙ୍ଗ ।' ଠିକ୍ ଗତ ଅକ୍‌ଟୋବର ମାସରେ, ଯେଉଁମାସ ଶେଷ ଦିନ ତାଙ୍କର ହତ୍ୟାକାଣ୍ଡ ଘଟିଲା, ଜଣେ ବିଦେଶୀ ସାମ୍ବାଦିକଙ୍କ ପ୍ରଶ୍ନୋତ୍ତରରେ ସେ କହିଥିଲେ, 'ନା, ନା, ମୁଁ ଆତତାୟୀ ହାତରେ ମରିବା ନିମନ୍ତେ ଆଦୌ ଭୟଭୀତ ନୁହେଁ । ମୋତେ ଅନେକ ବାର ଆକ୍ରମଣ କରାଯାଇଛି । ଥରେ ମୋ ଆଡ଼କୁ ଜଣେ ବନ୍ଧୁକ ଦେଖାଇଥିଲା, ଦିଲ୍ଲୀରେ ମୋ ଉପରକୁ ଛୁରୀ ଫିଙ୍ଗା ହୋଇଥିଲା ।' ୧୯୭୫ ମାର୍ଚ୍ଚ ୧୮ ତାରିଖରେ ଏହ୍ଲାବାଦ ହାଇକୋର୍ଟରେ ଏକ ନିର୍ବାଚନ ସଂକ୍ରାନ୍ତୀୟ ମୋକଦ୍ଦମାରେ ପ୍ରମାଣପତ୍ର ଦାଖଲ କରିବାକୁ ଯାଉଥିବା ସମୟରେ ଗୁଳିଭରା ପିସ୍ତଲ ସହ ଗୋବିନ୍ଦ ମିଶ୍ର ନାମରେ ଜଣେ ସାମ୍ବାଦିକ ତାଙ୍କୁ ମାରିବାକୁ ଅନୁସରଣ କରୁଥିବା ସମୟରେ ଧରାପଡ଼ିଯାଇଥିଲା । ଏସବୁ ବାହାରକୁ ଜଣାଶୁଣା ଘଟଣା ଛଡ଼ା ଭିତରେ ଅନେକ ବାର ନ୍ୟସ୍ତସ୍ୱାର୍ଥ ଗୋଷ୍ଠିସବୁ ତାଙ୍କୁ ମାରିବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି । କିନ୍ତୁ ଯେତେବେଳେ ସେ ସମୟ ଆସିଛି ଓ ତାଙ୍କ ନିଜର ତଥା ରାଷ୍ଟ୍ରର କଲ୍ୟାଣ ନିମନ୍ତେ ତାଙ୍କ ଆତ୍ମା ଚାହିଁଛି ଆତ୍ମବଳି ଦେବା ନିମନ୍ତେ ସେତେବେଳେ ଆଉ ତାଙ୍କୁ କେହି ରକ୍ଷାକରି ପାରି ନାହାଁନ୍ତି । ସେ ମୃତ୍ୟୁବରଣ କରିଛନ୍ତି ସତ, କିନ୍ତୁ ମୃତ୍ୟୁର ଦିନକ ପୂର୍ବରୁ ଓଡ଼ିଶାର ରାଜଧାନୀରେ ଗୋଟିଏ ପ୍ରକାଣ୍ଡ ଜନସଭାରେ ଏକ ସହଜାତ ପୂର୍ବବୋଧ ସହ ଆବେଗପୂର୍ଣ୍ଣ ଭାବରେ ସେ ଯାହା କହି ଯାଇଥିଲେ, 'ଦେଶ ସେବାରେ ମୁଁ ଯଦି ମୃତ୍ୟୁବରଣ କରେ ସେଥିଲାଗି ମୁଁ ଗୌରବ ଅନୁଭବ କରିବି । ମୃତ୍ୟୁ ପରେ ମୋର ପ୍ରତିଟି ରକ୍ତବିନ୍ଦୁ ଦେଶକୁ ମଜବୁତ୍ ଓ ପ୍ରଗତିଶୀଳ କରିବ ବୋଲି ମୁଁ ନିଶ୍ଚିତ'— ତାହା ଅକ୍ଷରେ ଅକ୍ଷରେ ସତ୍ୟ ହେଲା । ମୃତ୍ୟୁ ତାଙ୍କୁ ଅସୁମାରି ସମ୍ମାନ ଓ ଅକ୍ଷୟ ଜୀବନ ପ୍ରଦାନ କଲା । ସେ ଥିଲେ ଏ ଶତାବ୍ଦୀର ସର୍ବଶ୍ରେଷ୍ଠ ମହିଳା ଓ ସେଇଆ ହୋଇ ରହିଗଲେ ଆଗାମୀ କେତେ କେତେ ଶତାବ୍ଦୀ ପାଇଁ ।''



''ଇନ୍ଦିରା ଗାନ୍ଧିଙ୍କ ଜୀବନରୁ ବୁଝିଲି ମନରେ, ହୃଦୟରେ କେଉଁଠି ଏତେଟିକିଏ ଦୃଢ଼ ବିଶ୍ୱାସ ଗୋଟାଏ ବ୍ୟକ୍ତିର ଜୀବନକୁ ନୁହେଁ ଗୋଟିଏ ରାଷ୍ଟ୍ରର ଜୀବନକୁ ବି ନିର୍ଭୀକ କରି ଗଢ଼ିପାରେ ।'' ଖୁସି ହୋଇ କହିଲା ଅନୁରକ୍ତା ।

ସେଇଥିପାଇଁ ତ ମା କହିଛନ୍ତି : "Faith is surely a gift made to us by the Divine Grace." ''ବିଶ୍ୱାସ ନିଶ୍ଚିତରୂପେ ଭଗବତ୍ କୃପାର ଆମପ୍ରତି ଏକ ଉପହାର ।'' ଶୁଣିବୁ ଜଣେ ଲୋକର ବିଶ୍ୱାସର ପୂର୍ବ ଅବସ୍ଥା ଓ ବିଶ୍ୱାସ ପରର ଅବସ୍ଥାର କଥା ?''

''ହଁ, କୁହ ।'' ଖୁବ୍ ଆଗ୍ରହର ସହ କହିଲା ଅନୁରକ୍ତା ।

''ବାଟୋଇଟିଏ । ବିଶେଷ କାମ ପଡ଼ିବାରୁ ତା' ଛୋଟ ଗାଁରୁ ଗୋଟିଏ ବଡ଼ ସହରକୁ ଯାଉଛି । ସହରକୁ ଗାଡ଼ିବାଟ ବି ଅଛି । କିନ୍ତୁ ବହୁତ ଖର୍ଚ୍ଚ ପଡ଼ିବ । ସେଥିଲାଗି ସେ ଗୋଟିଏ ଜଙ୍ଗଲ ବାଟ ଦେଇ ଅଳ୍ପବାଟ ପଡ଼ିବ ବୋଲି ଚାଲି ଚାଲି ସହରକୁ ଯାଉଛି । ଘଞ୍ଚ ଜଙ୍ଗଲ, କେହି କୁଆଡ଼େ ନାହାନ୍ତି । ତାକୁ ଭାରି ଡର ମାଡୁଛି । ଟିକିଏ କୋଉଠି ଖସ୍ ଖସ୍ ହେଲାବେଳକୁ ସେ ଚମକି ପଡୁଛି । ଡାକୁଟାଏ କି ବାଘଟାଏ ଆସିଲା କି ? ସେ ଜୀବନ ନେଇ ଆଉ ଏ ଜଙ୍ଗଲରୁ ଘରକୁ କି ସହରକୁ ଯାଇପାରିବ ବୋଲି ତା'ର ବିଶ୍ୱାସ ହେଉ ନାହିଁ । କାହିଁକି ଏ ଜଙ୍ଗଲ ବାଟେ ଆସିଲା ବୋଲି ଭାବି ବେଳେବେଳେ କାନ୍ଦି ପକାଉଛି; କିନ୍ତୁ ଜୀବନବିକଳେ ଆଗକୁ ବି ଚାଲୁଛି । ଗୋଡ଼ ଦୁଇଟି ତା'ର ଅବଶ ହୋଇପଡୁଥାଏ, ଛାତି ଥରୁଥାଏ । ମନେ ହେଉଥାଏ ଯେପରି ଏକ ବିକଟାଳ ବିପଦ ଆଗରେ ତାକୁ ଛକି କରି ବସିଛି, ସେ ସେଠି ପହଞ୍ଚିବାମାତ୍ରେ ତାକୁ ଖାପୁକିନା ମାଡ଼ିବସିବ । ଏତିକିବେଳେ ଜଙ୍ଗଲର ଏକ ସରୁବାଟ ଦେଇ ଜଣେ ସନ୍ନ୍ୟାସୀ ଆସିଲେ । ସେ ତାଙ୍କର ଗୁଣୁ ଗୁଣୁ ହୋଇ କ'ଣ ମନ୍ତ୍ର କି ଭଗବତ୍ ନାମ ସ୍ମରଣ କରି ଫଳମୂଳ ସଂଗ୍ରହ କରୁଥା'ନ୍ତି । ତାଙ୍କୁ ହଠାତ୍ ଦେଖିପକାଇ ବାଟୋଇଟି ଚମକିପଡ଼ି ଭାବିଲା ଏଇତ ତା' ବିପଦ ଆସି ପହଞ୍ଚି ଗଲାଣି । ଏଥର ତାକୁ ଗ୍ରାସ କରିବ ଭାବି ଭୟରେ ଚିତ୍କାର କରି ଉଠିଲା ।

''ସନ୍ନ୍ୟାସୀ ଜଣକ ସ୍ଥିର ଶାନ୍ତଭାବେ ତାକୁ ଚାହିଁ ଛିଡ଼ା ହେଲେ । ଖୁବ୍ ସ୍ନେହ ଓ ଆଶ୍ୱାସନାପୂର୍ଣ୍ଣ ସ୍ୱରରେ କହିଲେ, 'ବାବା, ସେପରି କାହିଁକି ଚିତ୍କାର କଲ ? କ'ଣ ହେଲା ?' ତାଙ୍କର ସୌମ୍ୟ ଶାନ୍ତ ଚେହେରା ଓ ଆଶ୍ୱାସନାପୂର୍ଣ୍ଣ କଥା ଶୁଣି ବାଟୋଇଟି ଟିକିଏ ଆଶ୍ୱସ୍ତ ହେଲା । ଛେପଢ଼ୋକି ଦୀର୍ଘ ନିଃଶ୍ୱାସ ପକାଇ କହିଲା, 'ମୋତେ ଏହି ଜଙ୍ଗଲରେ ଭାରି ଭୟ ଲାଗୁଛି । ଆପଣ କିଏ ?'



''ସନ୍ନ୍ୟାସୀ ଜଣକ କହିଲେ, 'ମୁଁ ଜଣେ ସନ୍ନ୍ୟାସୀ । ଏଇ ଜଙ୍ଗଲରେ ରହେ ।'

– ଆପଣଙ୍କ ସାଙ୍ଗରେ ଆଉ ସବୁ କିଏ ଅଛନ୍ତି ?

– ନା, ମୁଁ ଏକା ରହେ । ମୋ ସାଙ୍ଗରେ ଏଠି କେହି ନାହାନ୍ତି ।

– ଏଁ ... ଏ ଭୀଷଣ ଜଙ୍ଗଲରେ ଆପଣ ଏକା ରହନ୍ତି ! ଡର ଲାଗେ ନାହିଁ ? – ଆଖିଟାମାନ ଏଡ଼େ ଏଡ଼େ କରି ପଚାରିଲା ବାଟୋଇଟି ।

– ନାହିଁ ବାବା, ଡର କାହିଁକି ଲାଗିବ ? ମୋ ସାଙ୍ଗରେ ସବୁବେଳେ ସେଇ ସର୍ବଦୁଃଖଭୟହାରୀ ଭଗବାନ ଅଛନ୍ତି । ତାଙ୍କରି ଦୟାରୁ ମୋତେ କିଛି ଦୁଃଖଭୟ ସ୍ପର୍ଶ କରେ ନାହିଁ – ଅଳ୍ପ ହସି କହିଲେ ସନ୍ନ୍ୟାସୀ ଜଣକ ।

– ମତେ କିନ୍ତୁ ବାବା ବହୁତ ଭୟ ଲାଗୁଛି । କେମିତି ଏଇ ଜଙ୍ଗଲ ପାରି ହେବି ସେଇକଥା ଚିନ୍ତା କରୁଛି ।

– ଭୟ କରିବାର କିଛି କାରଣ ନାହିଁ । ଖାଲି ଭଗବାନଙ୍କ ଉପରେ ବିଶ୍ୱାସ ରଖ । ସେ ତୁମ ଭିତରେ ଓ ତୁମ ବାହାରେ ଅଛନ୍ତି । ତାଙ୍କରି ଦୟାରୁ ତୁମର କିଛି ହେବ ନାହିଁ । ସବୁ ବିପଦ କଟିଯିବ । ସବୁଥିରୁ ସେ ତୁମକୁ ରକ୍ଷା କରିବେ । ଆମମାନଙ୍କ ଠାରୁ ସେ ଅନେକ ଗୁଣରେ ଶକ୍ତିଶାଳୀ ।

''ସନ୍ନ୍ୟାସୀଙ୍କର କହିବାର ଭଙ୍ଗୀ ତଥା ତାଙ୍କର ନିଜର ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ ବାଟୋଇ ଜଣକୁ ପ୍ରଭାବିତ କଲା । ତା'ର ଅନେକ ଭୟ କଟିଯିବାର ସେ ଅନୁଭବ କଲା । ସନ୍ନ୍ୟାସୀଙ୍କୁ ପ୍ରଣାମ କରି ସେ ଭଗବାନଙ୍କୁ ସ୍ମରଣ କରି କରିକା ନିର୍ଭୟଚିତ୍ତରେ ଚାଲିଲା । ତାକୁ ଆଉ ନିଃସଙ୍ଗ ଲାଗିଲା ନାହିଁ ।

''ଯାଉ ଯାଉ କିଛି ସମୟ ପରେ ଦେଖିଲା ଗୋଟିଏ ବୁଦା ଉହାଡ଼ରୁ ଏକ ବୀଭତ୍ସ ଲୋକ ହାତରେ ଛୁରୀଟିଏ ଧରି ହଠାତ୍ ଆସି ତା' ଆଗରେ ଛିଡ଼ା ହେଲା । ବାଟୋଇଟି ଅନୁଭବ କଲା ତାକୁ ଯେପରି ଗୋଟାଏ କିଛି ଆବୋରି ରହିଛି । ଟିକିଏ ବି ଭୟ କି ବିଚଳିତତା ତା' ଭିତରେ ପ୍ରବେଶ

କରିପାରୁ ନାହିଁ । ସେ ଭୀଷଣକାୟ ଲୋକଟା ବାଟୋଇକୁ କହିଲା, 'କ'ଣସବୁ ରଖିଛୁ ଶୀଘ୍ର ବାହାର କରିପକା । ନହେଲେ ଏ ଛୁରୀକୁ ଦେଖ୍ ।'

''ବାଟୋଇଟି ଜାଣିଲା ଇଏ ଗୋଟାଏ ଡାକୁ । ତେଣୁ ସେ କାଳବିଳମ୍ବ ନ କରି ତା' ପାଖରେ ଯାହା ଥିଲା ସବୁ ତା' ଆଗରେ ଥୋଇଦେଲା । ଡାକୁ ଶଗଡ଼ ଚକ ଭଳିଆ ନାଲି ନାଲି ଆଖି ଘୁରାଇ କହିଲା, 'ଆଉ କିଛି ରଖିନୁ ତ ?' ବାଟୋଇଟି ବିନମ୍ର ଭାବରେ କହିଲା, 'ଯଦି ସନ୍ଦେହ ହେଉଛି, ଦେଖିନିଅ ।'

''ଏଥର ଡାକୁଟି ଆହୁରି ମୁଖ ବିକଟାଳ କରି କହିଲା, 'ବେଶ୍ ଏଥର ମରିବାକୁ ପ୍ରସ୍ତୁତ ହୁଅ ।' ବାଟୋଇଟି ଆହୁରି ବିନୟ ହୋଇ କହିଲା, 'ମୋତେ ମାରିବ କାହିଁକି ? ମୋ ପାଖରେ ତ ଯାହା ଥିଲା ସବୁ ଦେଲି । ଆଉ ମୋତେ ମାରିଲେ ତୁମର ଲାଭ କ'ଣ ହେବ ?' ହାଃ... ହାଃ... ହାଃ... ଗୋଟାଏ ବିକଟାଳ ହସ ହସି ଡାକୁଟି କହିଲା 'କହିଲା ଲାଭ କ'ଣ ହେବ ? ସେସବୁ ଲାଭକ୍ଷତି ହିସାବ ମତେ ଦେଖାନା । କିଛି ନ ପାଇ ଖାଲି ମଣିଷଟିଏ ମାରିଲେ ବି ମୋତେ ବହୁତ ଖୁସି ଲାଗେ । ଅନେକ ଦିନ ହେଲା ଏ ଛୁରୀ ମୋର ମଣିଷ ରକ୍ତ ଚାଖି ନାହିଁ । ଆଜି ତୋତେ ମାରିଲେ ଯାଇ ମୋ ମନ ତୃପ୍ତ ହେବ ।''

''କି ବୀଭତ୍ସ ଲୋକଟା ! ଖାଲିଖାଲି କାହିଁକି ମଣିଷ ମାରିବ ? ଇଲୋ ମାଆଲୋ କି ନିଷ୍ଠୁର ହୃଦୟ ତା'ର !'' ଏହା କହି ଅନୁରକ୍ତା ତା' ଦୁଇ ହାତରେ ମୁହଁକୁ ଘୋଡ଼ାଇ ପକାଇଲା ।

''ଏସବୁ ଲୋକ ଏକ ବୀଭତ୍ସ ନିମ୍ନ ପ୍ରାଣଶକ୍ତିର ଅଧୀନ ହୋଇଥା'ନ୍ତି ଯେଉଁ ଶକ୍ତି ଲୋକମାନଙ୍କୁ ବିପଦରେ ପକାଇବାରେ, ଦୁର୍ଘଟଣାର ସମ୍ମୁଖୀନ କରାଇ ସେମାନଙ୍କ ଜୀବନନାଶ କରିବାରେ ଆନନ୍ଦ ପାଏ ।''

''ମୁଁ ଆଉ ଶୁଣିବି ନାହିଁ । ମୋତେ ଭାରି ଡର ଲାଗୁଛି ।'' ମୁହଁ ଘୋଡ଼ାଇ କହିଲା ଅନୁରକ୍ତା ।



''ତେବେ କଥାଟାର ମଜା ଅଂଶଟା ତୁ ଆଉ ଶୁଣିପାରିବୁ ନାହିଁ ।''

''ଯଦି ବାଟୋଇକୁ ସେ ଡାକୁ ନ ମାରିବ ତେବେ କୁହ ।''

''ମୁଁ କିପରି ଜାଣିବି ସେ ମାରିବ କି ନାହିଁ । କଥା ସରିଲେ ଯାଇ ଯାହା ଜଣାପଡ଼ିବ ନା ।''

''ଜମା ଜାଣି ନ ଥିବ, ଆଉ କଥା କହୁଛ କେମିତି ? ଠିକ୍ ଅଛି କୁହ । ତୁମ କଥାରୁ ଜଣା ପଡୁଛି ସେ ଡାକୁ ବାଟୋଇକି ମାରି ପାରିବ ନାହିଁ ।'' ଟିକିଏ ଭୟଶୂନ୍ୟ ହୋଇ ମୁହଁରୁ ହାତ ଖୋଲି କହିଲା ଅନୁରକ୍ତା । ତଥାପି ତା'ର ସନ୍ଦେହ ଯାଇ ନ ଥାଏ, କିନ୍ତୁ କାହାଣୀଟା ଶେଷ ପର୍ଯ୍ୟନ୍ତ ଶୁଣିବାର ଉତ୍କଣ୍ଠା ତା'ର ପ୍ରବଳ ହୋଇ ଉଠିଲା । କୃତ୍ରିମ ସାହସ ଦେଖାଇ ସେ କହିଲା, 'ହଉ ଯାହା ହେଉ କୁହ ।' ''

''ହଁ, ଡାକୁର ଏପରି କଥା ଶୁଣି ବାଟୋଇଟି ତଥାପି ବି ଭୟଭୀତ ହେଲା ନାହିଁ । ସନ୍ନ୍ୟାସୀଙ୍କ କଥା ତା' ମନରୁ ଯାଇ ନ ଥାଏ । ଭଗବାନଙ୍କୁ ସ୍ମରଣ କଲେ କିଛି ଭୟ ରହିବ ନାହିଁ ବୋଲି ଗୋଟାଏ ବିଶ୍ୱାସ ତା'ର ଦୃଢ଼ୀଭୂତ ହୋଇଯାଇଥାଏ । ନିରୁପାୟ ହୋଇ ସେ କହିଲା, 'ତୁମ ଇଚ୍ଛା, ଯାହା କରିବାର କର । ମୋର ଆଉ ଚାରା କ'ଣ ? ମୋ ପାଖରେ ତ ଯାହା ଥିଲା ତୁମକୁ ଦେଲି । ତା' ସତ୍ତ୍ୱେ ତୁମେ ଯଦି ମାରିବାକୁ ଚାହଁ, ଆଉ ମୁଁ କ'ଣ କରିବି ?'

''ବାଟୋଇଟିର ନିର୍ଭୀକ ଶାନ୍ତ, ବିନୟ ଭାବ ଓ କଥା ଡାକୁ ହୃଦୟରେ କି ପ୍ରଭାବ ପକାଇଲା କେଜାଣି ସେ ତାକୁ କହିଲା, 'ହଉ, ମରିବା ପୂର୍ବରୁ ତୋର ଯଦି କିଛି ଶେଷ ଇଚ୍ଛା ଥାଏ ତେବେ ପ୍ରକାଶ କର । ମୁଁ ଯଦି ପାରେ ତାହା ପୂରଣ କରିବି । କିନ୍ତୁ ତୋ ଜୀବନ ଭିକ୍ଷା କଲେ ତାହା ମୁଁ ଦେଇ ପାରିବି ନାହିଁ ।' ବାଟୋଇଟିର ହଠାତ୍ କାହିଁକି ମନେହେଲା ଶେଷ ସମୟରେ ଟିକିଏ ଭଗବାନଙ୍କୁ ଧୀରସ୍ଥିର ଭାବରେ ପ୍ରାର୍ଥନା କରିବ । ତେଣୁ ସେ ଡାକୁକୁ କହିଲା, 'ମୋତେ ପାଞ୍ଚ ମିନିଟ ସମୟ ଦିଅ । ମୁଁ ଟିକେ ଭଗବାନଙ୍କୁ ପ୍ରାର୍ଥନା କରିବି । ତା'ପରେ ମୋତେ ତୁମେ ମାରିବ ।' ଡାକୁ ଏଥିରେ ରାଜି

ହୋଇଗଲା । ସେ ଛୁରୀ ଉଞ୍ଚାଇ ଛିଡ଼ା ହେଲା । ବାଟୋଇଟି ହାତ ଯୋଡ଼ି ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କଲା । ମନେ ମନେ ଭଗବାନଙ୍କୁ ଅଶେଷ କୃତଜ୍ଞତା ଜଣାଉ ଥାଏ । କହୁଥାଏ, 'ପ୍ରଭୁ, ମୁଁ ଏତେ ଡରକୁଳା ଥିଲି । ତୁମେ ମୋତେ ଆଜି ଏତେ ନିର୍ଭୀକ କରିଦେଇଛ ଯାହାଫଳରେ ଆଗରେ ମୋର ଯମଦୂତ ଭଳି ଛୁରୀଧରି ଭୀଷଣକାୟ ଡାକୁ ମାରିବାକୁ ଠିଆ ହୋଇଥିଲେ ବି ମୋତେ କିଛି ଡର ଲାଗୁ ନାହିଁ । ତୁମରି ଇଚ୍ଛା ପ୍ରଭୁ ପୂରଣ ହେଉ । ମୋର ଯଦି ମରିବାର ଥାଏ ମୋତେ ମରିବାକୁ ଦିଅ ।' ଏହା କହି ସେ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବା ପାଇଁ ଆଣ୍ଠୋଇ ପଡ଼ିଲା । ଏତିକିବେଳେ ତା' ପଛଆଡୁ ଛକି ରହିଥିବା ଗୋଟିଏ ଚିତାବାଘ ତା' ଉପରକୁ ଲମ୍ଫପ୍ରଦାନ କଲା । କିନ୍ତୁ ସେ ଭଗବାନଙ୍କୁ ପ୍ରଣାମ କରିବା ନିମନ୍ତେ ହଠାତ୍ ଆଣ୍ଠୋଇ ପଡ଼ିବାରୁ ଚିତା ଯାଇ ଡାକୁ ଉପରେ ପଡ଼ିଲା । ଡାକୁଟି ହଠାତ୍ ଚିତାର ଆକ୍ରମଣରେ ତଳେ ପଡ଼ିଗଲା ଓ କିଛି ସମୟ ଚିତା ସହ ଯୁଦ୍ଧ କରି ତା' ଦାନ୍ତ ଓ ନଖର ଆଘାତରେ ମୃତ୍ୟୁ ବରଣ କଲା । ସେ ଛୁରୀ ଉଞ୍ଚାଇ ଧରିଥିବା ସମୟରେ ଚିତାଟି ଆସି ତା' ଉପରେ ପଡ଼ିଥିବାରୁ ଛୁରୀଟି ବି ଚିତା ଛାତିରେ ଭୁଷି ହୋଇ ଯାଇଥିଲା । ଫଳରେ ଚିତା ବି ମରିଗଲା । ପ୍ରଣାମ କରି ଉଠି ନିମିଷକ ମଧ୍ୟରେ ଏସବୁ କାଣ୍ଡ ଘଟିଯିବାର ଦେଖି ବାଟୋଇଟି ତା' ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । କାବା ହୋଇ ଘଡ଼ିଏ କାଳ ସେ ଥକ୍କାମାରି ଛିଡ଼ା ହୋଇଗଲା । ତା' ପରେ କି ଭାଷାରେ ସନ୍ନ୍ୟାସୀଙ୍କୁ ଓ ଭଗବାନଙ୍କୁ କୃତଜ୍ଞତା ଜଣାଇବ ଜାଣିପାରିଲା ନାହିଁ । ନିଜ ଟଙ୍କାପଇସା ସହ ଡାକୁ ପାଖରେ ଯାହା ଟଙ୍କାପଇସା ଥିଲା ଓ ଚିତାର ବହୁ ମୂଲ୍ୟ ଚମଡ଼ାଟି ଧରି ସେ ସହର ଅଭିମୁଖେ ଚାଲିଲା । ସେଇ ଦିନଠାରୁ ବିଶ୍ୱାସର ମାହାତ୍ମ୍ୟ ସଂପର୍କରେ ତାକୁ କିଛି ପଢ଼ିବାକୁ ପଡ଼ିଲା ନାହିଁ କି ଶୁଣିବାକୁ ପଡ଼ିଲା ନାହିଁ ! ତା' ହୋଇଗଲା ତା' ଜୀବନର ଏକ ଅଙ୍ଗେ ନିଭେଇବା ଘଟଣା । ସବୁ ପରିସ୍ଥିତିରେ ସେ ବିଶ୍ୱାସକୁ ବଜାୟ ରଖି ପାରିଥିବାରୁ ବହୁତ ଖୁସିହେଲା ।



''ଏଇଠି ମା'ଙ୍କର ଗୋଟିଏ ବାଣୀ ମନେପଡ଼େ : 'Continue to have full faith in the Divine's Grace, Will and Action and all will be all right.' 'ଭଗବାନଙ୍କ କୃପା, ତାଙ୍କର ଇଚ୍ଛା ଓ ତାଙ୍କ କ୍ରିୟା ଉପରେ ପୂର୍ଣ୍ଣ ବିଶ୍ୱାସ ବଜାୟ ରଖ, ସବୁକିଛି ଠିକ୍ ହୋଇଯିବ ।''

## ମୃତ୍ୟୁ ବିଶ୍ୱାସର ଅଧୀନ

## (୨୧)

''ଚିନୁଭାଇ, ସବୁଦିନେ ତୁମେ ମୋତେ ଗପ କହିଛ, ଆଜି ମୁଁ ତୁମକୁ ଗୋଟିଏ ଗପ କହିବି । କିନ୍ତୁ ସେ ଗପର ଉତ୍ତରରେ ତୁମେ ଯଦି ମୋତେ ଗୋଟିଏ ଗପ କହିବ ତେବେ ଯାଇ କହିବି, ନ ହେଲେ ନାହିଁ ।'' କହିଲା ଅନୁରକ୍ତା ତା' ଭାଇ ଚିନ୍ମୟକୁ ।

ଟିକି ଭଉଣୀର ସରଳ ପିଲାଳିଆମି ସର୍ତ୍ତ ଶୁଣି ବହୁତ ଖୁସି ହେଲା ଚିନ୍ମୟ ଓ ତାକୁ ନିରୁତ୍ସାହିତ ନ କରି କହିଲା, ''ହଉ, ତୁ ତୋ ଗପଟି କହ, ଶୁଣି ସାରିଲେ ମୁଁ ଚେଷ୍ଟା କରିବି ତା'ର ଉତ୍ତରରେ କିଛି କହିବାକୁ ।''

''ଗପଟି ମୁଁ ସ୍କୁଲରୁ ଶୁଣିଛି । ମୋ ଗପଟି ହେଉଛି – ଜଣେ ରାଜା ଥିଲେ । ତାଙ୍କର ଅଚଳାଚଳ ସମ୍ପତ୍ତି, କେତେ ଦାସଦାସୀ, କେତେ ରାଣୀ; କିନ୍ତୁ ସନ୍ତାନଟିଏ ନାହିଁ । ରାଜା ବହୁତ ଦୁଃଖୀ । ଶେଷକୁ ବହୁତ ଦେବାଦେବୀଙ୍କୁ ପୂଜା କରି ତାଙ୍କ ବଡ଼ ରାଣୀଙ୍କ ଗର୍ଭରୁ ପୁଅଟିଏ ଜନ୍ମହେଲା । ରାଜଉଆସର ଆନନ୍ଦ ଆଉ ଦେଖେ କିଏ ? କେତେ ସଜାସଜି ହେଲା, କେତେ ବାଜା ବାଜିଲା, ଆଲୁଅ ଲାଗିଲା, କେତେ ରକମର ଖାଇବା ଜିନିଷ ତିଆରି ହୋଇ ଦିନରାତି ବଣ୍ଟା ଚାଲିଲା । ନାଚଗୀତ, ଧୂମଧାମରେ ରାଜପୁର କମ୍ପିଲା । ରାଜାଙ୍କର କେଉଁଥିରେ ଅଭାବ ଅଛି ଯେ – ଖାଲି ସିନା ସନ୍ତାନଟିଏ ଅଭାବ ଥିଲା । କିନ୍ତୁ ଏତେ ଆନନ୍ଦ ସବୁ ପାଣି ଫାଟିଗଲା ।''

''କାହିଁକି, କ'ଣ ହେଲା ?'' ପଚାରିଲା ଚିନ୍ମୟ ।

''କାରଣ ରାଜଜ୍ୟୋତିଷ ପିଲାଟିର ଜାତକ ତିଆରି କରି ଦେଖିଲେ ଯେ ପିଲାଟି ପାଞ୍ଚ ବର୍ଷରେ ସାପକାମୁଡ଼ାରେ ମରିଯିବ । କିନ୍ତୁ କୌଣସିମତେ ପାଞ୍ଚବର୍ଷ କଟିଗଲେ ତେଣିକି ସେ ଦୀର୍ଘଜୀବୀ ହେବ । ରାଜାରାଣୀଙ୍କର ସବୁବେଳେ ସେଇ ଚିନ୍ତା । ଶେଷକୁ ସ୍ଥିରକଲେ ପାଞ୍ଚବର୍ଷ ପର୍ଯ୍ୟନ୍ତ ପୁଅ ଖାଲି ଉଆସ ଭିତରେ ରହିବ । କୁଆଡ଼େ ବାହାରକୁ ଯିବ ନାହିଁ । ସବୁବେଳେ ତାକୁ ଲୋକ ଜଗିରହିବେ । ସାପ କେଉଁଠୁ ଆସିବେ ଯେ ତାକୁ କାମୁଡ଼ିବେ ! ଏସବୁ ବ୍ୟବସ୍ଥା ସହ ନିତି ରାଜା କେତେ ଦିଅଁଦେବତାଙ୍କ ପୂଜା କରିଚାଲିଲେ । ଉଆସ ଭିତରେ ରାଜକୁମାର ଶୁକ୍ଳପକ୍ଷର ଚାନ୍ଦଭଳି ବଢ଼ି ଚାଲିଲେ । ପାଞ୍ଚବର୍ଷ ପୂରିଯିବା ଉପରେ ହୋଇଗଲା । ଆଉ ଅଳ୍ପଦିନ ବାକିଥାଏ । ଖୁବ୍‌ହେଲେ ଚାରି ପାଞ୍ଚ ଦିନ । ରାଜକୁମାର ଉଆସ ଭିତରେ ଅଗଣାରେ ଖେଳୁଥିଲେ । ଦାସଦାସୀ ଚାରିପାଖଯାକ ବେଢ଼ିକରି ଅଛନ୍ତି । ରାଜାରାଣୀଙ୍କଠାରୁ ଆରମ୍ଭ କରି ସମସ୍ତେ ତାଙ୍କ ଖେଳ ଉପଭୋଗ କରୁଛନ୍ତି । ଏଇ ସମୟରେ ଅକାଳ ବଜ୍ରଭଳି ଗୋଟିଏ କଳା ବିଷଧର ସାପ ତାଙ୍କ ମୁଣ୍ଡ ଉପରେ ପଡ଼ି ତାଙ୍କୁ ଦଂଶନ କଲା । ମୁହୂର୍ତ୍ତକ ମଧ୍ୟରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା ।''

''ସେ କଳା ବିଷଧର ସାପ କେଉଁଠୁ ଆସିଲା ?'' ପଚାରିଲା ଚିନ୍ମୟ ।

''ଗୋଟିଏ ଚିଲ ସେ ସାପକୁ ଧରି ଆକାଶରେ ଉଡ଼ିଉଡ଼ି ଯାଉଥିଲା । ସେ ସାପଟି ଚିଲ କବଳରୁ ଖସିବା ପାଇଁ ଛାଟିପିଟି ହେଉଥିଲା । ଯୋଗକୁ ସେଇଠି ରାଜକୁମାରଙ୍କ ମୁଣ୍ଡ ଉପରେ ଖସିପଡ଼ିଲା । ରାଜଉଆସର ଚାନ୍ଦକୁ ଯେପରି ରାହୁ ଗ୍ରାସ କରିଦେଲା । ସମଗ୍ର ରାଜଉଆସରେ ଗଭୀର ଦୁଃଖର ଘନଛାଇ ଘୋଟିଗଲା । ଆଉ ମାତ୍ର ଚାରିପାଞ୍ଚଟି ଦିନ ଯାଇଥିଲେ ରାଜକୁମାର ଦୀର୍ଘଜୀବୀ ହୋଇ ପାରିଥା'ନ୍ତେ । କିନ୍ତୁ ନିଷ୍ଠୁର ନିୟତି ତାହା କରାଇ ଦେଲା ନାହିଁ । ମୋ ମନରେ ଏଇଠି ପ୍ରଶ୍ନ ଉଠେ ରାଜାରାଣୀ ବାହାର ସତର୍କତା ସହ କେତେ ଦିଅଁଦେବତାଙ୍କୁ କେତେ ବିଶ୍ୱାସ ସହ ପୂଜାକଲେ; କିନ୍ତୁ ଶେଷକୁ ସେମାନଙ୍କ ବିଶ୍ୱାସର ଫଳ କ'ଣ ଏଇଆ ହେଲା ?'' ଅନୁରକ୍ତା ମୁହଁରେ ଅସନ୍ତୋଷ ଓ ପ୍ରଶ୍ନବାଚୀ ଚିହ୍ନ ।

''ତୁ କିପରି ଜାଣିଲୁ ରାଜାରାଣୀଙ୍କର ବିଶ୍ୱାସ ଥିଲା ବୋଲି ? ଯଦି ବିଶ୍ୱାସ ପରିପୂର୍ଣ୍ଣ ହୋଇଥା'ନ୍ତା ତେବେ ସେଇ ଅନୁଯାୟୀ ଫଳ ବି ନିଶ୍ଚୟ ମିଳିଥା'ନ୍ତା । ଖାଲି ବାହାରେ ପୂଜା କଲେ ଯେ ଅନ୍ତରରେ ପୂର୍ଣ୍ଣ ବିଶ୍ୱାସ ଥାଏ ତାହା ନୁହେଁ । ରାଜାରାଣୀ ବାହାରେ ପୂଜାଅର୍ଚ୍ଚନା ଆଦି କରିବା ସହ ଅନ୍ତରରେ ସବୁବେଳେ ସେହି ବିଷୟ ନେଇ ଘାରି ହେଉଥିଲେ – ଯଦି ପୁଅର କେତେବେଳେ କ'ଣ ଘଟେ ? ଏଇ ସନ୍ଦେହ ଆଶଙ୍କାହିଁ ସେମାନଙ୍କ ବିଶ୍ୱାସର କାନ୍ଥକୁ ଫୁଟାଇ ଧୀରେ ଧୀରେ ଭିତରକୁ ପ୍ରବେଶ କରି ସେମାନଙ୍କ କାର୍ଯ୍ୟ ହାସଲ କରିନେଲେ । ସେଇଥି ପାଇଁ ମା' କହନ୍ତି, 'Very few are those who can stand on the rock of faith and trust in the Divine.' 'ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଭଗବାନଙ୍କ ଉପରେ ବିଶ୍ୱାସ ଓ ଭରସାର ପ୍ରସ୍ତର ଉପରେ ଦୃଢ଼ ହୋଇ ଦଣ୍ଡାୟମାନ ହୋଇ ପାରନ୍ତି ।' ମୃତ୍ୟୁ ଯାହାକି ବିରୋଧୀ ଶକ୍ତିର ସର୍ବଶ୍ରେଷ୍ଠ ଓ ସର୍ବଶେଷ ଅସ୍ତ୍ର ତାକୁ ଜୟ କରିବାଲାଗି କେତେ ଯେ ବିଶ୍ୱାସ ଦରକାର ତାହା କହିହେବ ନାହିଁ ।''

''ବିଶ୍ୱାସ ବଳରେ କ'ଣ ମୃତ୍ୟୁ କବଳରୁ କେହି ରକ୍ଷା ପାଇ ନାହାନ୍ତି ?'' ପଚାରିଲା ଅନୁରକ୍ତା ।

''ହଁ, ଅନେକ ପାଇଛନ୍ତି । ମୃତ୍ୟୁ ହେବାପରେ ମଧ୍ୟ ମୃତ୍ୟୁ ମୁଖରୁ ବିଶ୍ୱାସ ବଳରେ ପୁଣି ବ୍ୟକ୍ତିର ଜୀବନ ଫେରେଇ ଅଣା ଯାଇ ପାରିଛି । ତୁ କ'ଣ ସାବିତ୍ରୀ-ସତ୍ୟବାନଙ୍କ କଥା ଶୁଣିନୁ ? ସାବିତ୍ରୀ କିପରି ତାଙ୍କ ମୃତ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମଙ୍କଠାରୁ ଫେରେଇ ଆଣି ପାରିଥିଲେ । ଏଇ ଅସମ୍ଭବକୁ ସମ୍ଭବ କରିପାରିବାରେ ତାଙ୍କ ଅନ୍ତରରେ ଥିଲା ଅଜେୟ ଅଟଳ ଦୃଢ଼ ବିଶ୍ୱାସ ଯାହାକୁ କି ମୃତ୍ୟୁର ଭୟାବହତା କିଂବା ଅନିବାର୍ଯ୍ୟତା ଟଳେଇ ପାରି ନ ଥିଲା ।''

''ସିଏତ ମୃତ୍ୟୁ ପରେ ତାଙ୍କ ସ୍ୱାମୀଙ୍କ ଜୀବନ ପୁଣି ଫେରାଇ ଆଣି ପାରିଥିଲେ ତାହା ତ ଆହୁରି କଷ୍ଟ । ନାହିଁ, ମୁଁ କହୁଛି ମୃତ୍ୟୁ ପୂର୍ବରୁ ଯାହାର



ରାଜକୁମାରଙ୍କ ପରି ମରିବାର ଥିବ ସେ କ'ଣ ବିଶ୍ୱାସ ବଳରେ ନିଜକୁ ଦୀର୍ଘଜୀବୀ କରି ପାରିବ ନାହିଁ ?'' ପଚାରିଲା ଅନୁରକ୍ତା ।

''ହଁ, ସେମିତି ତ ଅନେକ ଲୋକଙ୍କ ଜୀବନରେ ଘଟେ । ମା' ଶ୍ରୀଅରବିନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଯେଉଁମାନଙ୍କର ଜ୍ୟୋତିଷ ଗଣନା ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ମୃତ୍ୟୁଯୋଗ ଥିଲା ସେମାନେ ଦୃଢ଼ ବିଶ୍ୱାସର ସହ ମା'ଙ୍କୁ ଏକଥା ଜଣାଇ ମା'ଙ୍କ କୃପା ବଳରେ ସେ ମୃତ୍ୟୁଘାଟି ପାରି ହୋଇ ଏବେବି ସଫଳ ସାଧନା-ଜୀବନ ଯାପନ କରୁଛନ୍ତି ।''

''ସେଇଭଳି ଗୋଟିଏ କଥା କୁହ, ଯିଏ ରାଜକୁମାର ଭଳି ମରିବାର ଥିବ, କିନ୍ତୁ ଭଗବାନଙ୍କ ଉପରେ ବିଶ୍ୱାସ ବଳରେ ସେ ଅବସ୍ଥାକୁ ପାର ହୋଇ ଦୀର୍ଘାୟୁ ହୋଇ ପାରିଥିବ ।''

''ମୁଁ ଜାଣେ ତୁ ସବୁବେଳେ ଶେଷକୁ ଗୋଟିଏ କଥା ଶୁଣିବା ଉପରକୁ ଆସିବୁ । ହଉ ଶୁଣ । ବହୁ ପୂର୍ବ କାଳରେ ଜଣେ ଋଷି ଥିଲେ । ତା'ଙ୍କ ନା ମୃକଣ୍ଡୁ । ତାଙ୍କ ପତ୍ନୀଙ୍କ ନାମଥିଲା ମରୁଦ୍ବତୀ । ଋଷି ଦମ୍ପତିଙ୍କର ଅନେକ ଦିନ ଧରି କିଛି ସନ୍ତାନସନ୍ତତି ହେଲେ ନାହିଁ । ଦୁହିଁଙ୍କ ମନ ସେଥିଲାଗି ଭଲ ନ ଥାଏ । ଶେଷକୁ ମୃକଣ୍ଡୁ ପୁତ୍ର କାମନା କରି ମହାଦେବ ଶିବଙ୍କ ଆରାଧନା କଲେ । ଶେଷରେ ଶିବ ତାଙ୍କ ପ୍ରାର୍ଥନା ଶୁଣିଲେ । ତା'ଙ୍କୁ ଦେଖା ଦେଇ ତାଙ୍କର ଯାହାଇଚ୍ଛା ତାହା ବର ମାଗିବା ଲାଗି କହିଲେ । ମୃକଣ୍ଡୁ କରଯୋଡ଼ି ଖାଲି ପୁତ୍ରଟିଏ ଲାଗି ପ୍ରାର୍ଥନା କଲେ ।

''ଶିବ କହିଲେ, 'ତୁମେ ପୁତ୍ରଟିଏ ଲାଭ କରିବ; କିନ୍ତୁ ଦୁଇ ପ୍ରକାର ପୁତ୍ର ମଧ୍ୟରୁ କେଉଁଟି ତୁମେ ଚାହଁ ତା' ତୁମକୁ ବାଛି ନେବାକୁ ହେବ । ଗୋଟିଏ ପ୍ରକାର ପୁତ୍ର ସୁନ୍ଦର ସର୍ବଗୁଣସଂପନ୍ନ ହେବ ଓ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିବ; ମାତ୍ର ତା'ର ବୟସ ଷୋଳ ବର୍ଷରୁ ଟପିବ ନାହିଁ । ଆଉ ଗୋଟିଏ ପ୍ରକାର ହେଉଛି ସାଧାରଣ ମଣିଷ ଭଳି ଜନ୍ମନେଇ ବଢ଼ିବ । କୌଣସି ପ୍ରତିଭାର ଅଧିକାରୀ ହେବ ନାହିଁ, କିନ୍ତୁ ଦୀର୍ଘାୟୁ ହେବ । ସାଧାରଣ ମଣିଷ ଭଳି ଘର-

ସଂସାର କରି ମୃତ୍ୟୁ ବରଣ କରିବ । ଏ ଦୁହିଁଙ୍କ ମଧ୍ୟରୁ ଯାହାକୁ ଚାହଁ, ଶୀଘ୍ର କୁହ ।'

''ଋଷି ବହୁତ ଅଡୁଆରେ ପଡ଼ିଲେ । ଦୀର୍ଘାୟୁ ପୁତ୍ର ଚାହିଁଲା ବେଳକୁ ସେ ପ୍ରତିଭାହୀନ, ପ୍ରତିଭାବାନ ପୁତ୍ର ଚାହିଁଲା ବେଳକୁ ସେ ଆୟୁହୀନ ହେଉଛି । କରିବେ କ'ଣ ? ଶେଷକୁ ବହୁତ ଚିନ୍ତା କରି କହିଲେ, 'ଅଳ୍ପାୟୁ ହେଉପଛେ ମୁଁ ସେଇ ସୁନ୍ଦର ସର୍ବଗୁଣସଂପନ୍ନ ପୁଅ ଚାହେଁ ।' ଶିବ ତଥାସ୍ତୁ କହି ଚାଲିଗଲେ । ଯଥା ସମୟରେ ଋଷିପତ୍ନୀ ମରୁଦ୍‌ବତୀଙ୍କର ଏକ ସୁନ୍ଦର ସର୍ବଗୁଣଯୁକ୍ତ ପୁତ୍ର ଜାତ ହେଲା । ଋଷିଦମ୍ପତି ଶ୍ରଦ୍ଧାରେ ପୁଅର ନାମ ରଖିଲେ ମାର୍କଣ୍ଡେୟ । ମାର୍କଣ୍ଡେୟ ଯହୁଁ ଯହୁଁ ବଡ଼ ହେଉଥା'ନ୍ତି ତାଙ୍କର ଜ୍ଞାନ, ସୌନ୍ଦର୍ଯ୍ୟ, ସୁଗୁଣ, ଲୋକପ୍ରିୟତା ତହୁଁ ତହୁଁ ବଢ଼ି ଚାଲିଥାଏ । ସେ' ବି ତୋ ରାଜକୁମାର ଭଳି ଶୁକ୍ଳ ପକ୍ଷର ଚାନ୍ଦ ଭଳି ବଢ଼ି ଚାଲିଥା'ନ୍ତି । ପିତାମାତା ଏକ ଦିଗରେ ପୁଅର ସୁଗୁଣ ଦେଖି ଓ ଲୋକ ମୁଖରେ ତା'ର ପ୍ରଶଂସା ଶୁଣି ଅତି ଖୁସି ହେଉଥା'ନ୍ତି, କିନ୍ତୁ ଅନ୍ୟ ଦିଗରେ ପୁଅର ଅକାଳ ମୃତ୍ୟୁ କଥା ଭୁଲି ନ ଥା'ନ୍ତି । ଚାହୁଁ ଚାହୁଁ ମାର୍କଣ୍ଡେୟଙ୍କୁ ଷୋଳ ବର୍ଷ ହୋଇଗଲା । କେତେବେଳେ ଯେ ସେ ମୃତ୍ୟୁ ବରଣ କରିବେ ତା' କହି ହେବ ନାହିଁ । ପିତା ମାତାଙ୍କ ବିମର୍ଷ ଭାବ ଦିନୁ ଦିନ ବଢ଼ି ଚାଲିଲା । ମାର୍କଣ୍ଡେୟ ଏକଥା ଲକ୍ଷ୍ୟକରି ଦିନେ ସେମାନଙ୍କୁ ଏହାର କାରଣ ପଚାରିଲେ । ଅନିଚ୍ଛାସତ୍ତ୍ୱେ ମୃକଣ୍ଡୁ ସବୁକଥା ଖୋଲି କହିଲେ ଓ କହିବା ସଙ୍ଗେ ସଙ୍ଗେ ପିତା-ମାତା ଦୁହେଁ ବିକଳ ହୋଇ କାନ୍ଦିବାକୁ ଲାଗିଲେ ।

''ମାର୍କଣ୍ଡେୟ ପିତାମାତାଙ୍କ ବିକଳ ଭାବ ଦେଖି ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ, 'ତୁମେମାନେ ଆଦୌ ମନଦୁଃଖ କରନା କି କାନ୍ଦନା । ଯେଉଁ ଦେବ ଦେବ ମହାଦେବ ଶିବଙ୍କ ବରରେ ମୁଁ ଜନ୍ମ ହୋଇଛି ସେ କ'ଣ ମୃତ୍ୟୁଞ୍ଜୟୀ ନୁହଁନ୍ତି ? ସେ କ'ଣ ଚାହିଁଲେ ମୋତେ ମୃତ୍ୟୁର କବଳରୁ ଉଦ୍ଧାର କରି ଅମର କରିପାରିବେ ନାହିଁ ? ମୁଁ ତାଙ୍କୁହିଁ ପ୍ରାର୍ଥନା କରିବି ଓ ମୋର ଦୃଢ଼ ବିଶ୍ୱାସ ସେ ନିଶ୍ଚୟ ମୋର ପ୍ରାର୍ଥନା ଶୁଣିବେ । ତୁମମାନଙ୍କର ବ୍ୟସ୍ତ ହେବାର କୌଣସି



କାରଣ ନାହିଁ । ମୋତେ ଏକଥା କହିଦେଇ ଖୁବ୍ ଭଲ କଲ ।' ଏହାକହି ମାର୍କଣ୍ଡେୟ ପିତାମାତାଙ୍କଠାରୁ ବିଦାୟ ନେଇ ଶିବଙ୍କୁ ତପସ୍ୟା କରିବା ନିମନ୍ତେ ଘରଛାଡ଼ି ଚାଲିଗଲେ । ସମୁଦ୍ର କୂଳରେ ଏକ କଳା ଚିକ୍‌କଣ ବଡ଼ ବାଲିଗରଡ଼ାଟିକୁ ଶିବଲିଙ୍ଗରୂପେ ଥାପି ତାଙ୍କର ତପସ୍ୟା ଆରମ୍ଭ କଲେ । ଦିନରେ ତିନିଥର ସକାଳେ, ମଧ୍ୟାହ୍ନରେ ଓ ରାତିରେ ଗାଧୋଇ ଶିବଲିଙ୍ଗ ସମ୍ମୁଖରେ ପୂଜା ଧ୍ୟାନାଦି କରିସାରିବା ପରେ ପ୍ରତିଥର ଶିବଙ୍କ ସ୍ତୁତିଗାନ କରି ପ୍ରାର୍ଥନା କରନ୍ତି ।

''ଦିନେ ରାତିରେ ଧ୍ୟାନ କରି ସାରି ମାର୍କଣ୍ଡେୟ ଶିବଙ୍କ ପ୍ରାର୍ଥନା ଗାନ କରିବାକୁ ଯାଉଛନ୍ତି ଏଇସମୟରେ ତାଙ୍କ ସମ୍ମୁଖରେ ଏକ ବିକଟାଳ କୃଷ୍ଣକାୟ ମୂର୍ତ୍ତିକୁ ଦେଖିବାକୁ ପାଇଲେ । ହାତରେ ତାଙ୍କର କାଳପାଶ । ମାର୍କଣ୍ଡେୟ ଜାଣିପାରିଲେ ଏ ଯମରାଜଙ୍କ ଛଡ଼ା ଅନ୍ୟ କେହି ନୁହନ୍ତି । ଯମରାଜ କାଳପାଶ ପ୍ରୟୋଗ କରି ତାଙ୍କ ଜୀବନକୁ କାଢ଼ି ନେବା ପୂର୍ବରୁ ମାର୍କଣ୍ଡେୟ ତାଙ୍କୁ ଅନୁରୋଧ କରି କହିଲେ, 'ମୃତ୍ୟୁରାଜ, ଆଉ ଅଳ୍ପକ୍ଷଣ ଅପେକ୍ଷା କରନ୍ତୁ । ମୁଁ ମୋର ଉପାସ୍ୟ ଦେବତା ଶିବଙ୍କ ସ୍ତୁତି ଶେଷ କରିଦିଏ; ତା'ପରେ ମୋତେ ନେଇଯିବେ ।''

''ଏକଥା ଶୁଣି ଯମ ରାଗି ଅଗ୍ନିଶର୍ମା ହୋଇଗଲେ । ଆଖି ଦି'ଟାକୁ ଲାଲ ଲାଲ କରି କହିଲେ, 'ତୋର ଏତେ ସାହସ ! ମୋତେ ଅପେକ୍ଷା କରିବାକୁ କହୁଛୁ । ଭାବିଛୁ ଏଇମିତି ମେ ପାଶ କବଳରୁ ରକ୍ଷା ପାଇଯିବୁ । ଜାଣିଛୁ ଅସୁମାରୀ ବ୍ରହ୍ମା ବି ଏଇ ପାଶ କବଳରୁ ରକ୍ଷା ପାଇ ନାହାନ୍ତି । ଏଇ ପାଶରେ ସେମାନଙ୍କୁ ବାନ୍ଧି ଆଣିଛି ।' ଏହା କହି ମାର୍କଣ୍ଡେୟଙ୍କ ବେକରେ ତାଙ୍କ ପାଶ ଲଗାଇ ଟାଣିବାକୁ ଲାଗିଲେ । ଏତିକିବେଳେ ସେ କଳା ପଥରର ଲିଙ୍ଗ ମଧ୍ୟରୁ ସ୍ୱୟଂ ଶିବ ଆବିର୍ଭୂତ ହେଲେ । ତାଙ୍କ ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ତାଙ୍କ ପୂଜା କରୁଥିବା ତାଙ୍କର ପ୍ରିୟ ଭକ୍ତ ମାର୍କଣ୍ଡେୟଙ୍କ ବେକରେ ଯମଙ୍କର କାଳପାଶ ଦେଖି କ୍ରୋଧରେ ପାଦ ଉଠାଇ ଯମଙ୍କର ଛାତିରେ ଏକ ଶକ୍ତ ଗୋଇଠା ପ୍ରହାର କଲେ ଓ ଯମକୁ ସେଇଦିନଠାରୁ ଆଉ ସେ ନ କହିବା

ପର୍ଯ୍ୟନ୍ତ ମର୍ତ୍ତ୍ୟମଣ୍ଡଳକୁ ଆସି କୌଣସି ଜୀବକୁ ନେବା ଲାଗି ମନା କରିଦେଲେ ।

''ମାର୍କଣ୍ଡେୟ ଦେଖିଲେ ଯମ ପରାଜୟର ଗ୍ଲାନି ନେଇ ଧୀରେ ଧୀରେ ଅପସରି ଯାଉଛନ୍ତି । ହୃଦୟର କୃତଜ୍ଞତା ନିବେଦନ କରି ସେ ଶିବଙ୍କୁ ପ୍ରଣାମ କଲେ । ଶିବ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ସେ ଚିର ଅମର ହୁଅନ୍ତୁ ବୋଲି ବର ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

''ମାର୍କଣ୍ଡେୟ ଆନନ୍ଦ ମନରେ ଘରକୁ ଫେରିଲେ । ପିତାମାତାଙ୍କ ଚରଣ ବନ୍ଦନା କରି ସବୁ କଥା କହିଲେ । ପୁଅର ଅମରତ୍ୱ ସମ୍ବାଦ ଶୁଣି ପିତାମାତା କେତେ ଯେ ଆନନ୍ଦ ହେଲେ ଆଉ ଛଳଛଳ ଆଖିରେ କେତେ ଯେ ଶିବଙ୍କୁ କୃତଜ୍ଞତା ଜଣେଇଲେ ତା' କେବଳ ସେଇମାନେ ଜାଣନ୍ତି ! କାଗଜ-କଲମରେ ତାକୁ ଲେଖିହେବ ନାହିଁ । ଅବିଚଳିତ ଦୃଢ଼ ବିଶ୍ୱାସ ସହ ଶିବଙ୍କୁ ଉପାସନା କରି ମାର୍କଣ୍ଡେୟଙ୍କର ନିଜକୁ ନିଶ୍ଚିତ ମୃତ୍ୟୁର କବଳରୁ ବଞ୍ଚାଇ ଚିର ଅମର କରିପାରିବାର କାହାଣୀ କେବଳ ତାଙ୍କ ପିତାମାତାଙ୍କୁ ନୁହେଁ, ସମସ୍ତଙ୍କୁ ସ୍ତମ୍ଭିତ ଓ ପ୍ରଭାବିତ କରିଥିଲା । ସେଇଥିପାଇଁ ମା' କହିଛନ୍ତି 'The Grace will never fail us – such is the faith we must keep constantly in our heart.' 'ଭଗବାନଙ୍କ କୃପା କେବେ ବି ଆମକୁ ନିରାଶ କରିବ ନାହିଁ – ଏଇ ବିଶ୍ୱାସକୁ ନିରନ୍ତର ଆମକୁ ହୃଦୟରେ ପୋଷଣ କରିବାକୁ ହେବ ।' ''

''ଆଚ୍ଛା ଶିବ ତ ଯମଙ୍କୁ ମନାକଲେ ଆଉ ଏ ମର୍ତ୍ତ୍ୟମଣ୍ଡଳକୁ ଆସି ଜୀବମାନଙ୍କୁ ନେବାଲାଗି, କିନ୍ତୁ ସେ ଏବେ କିପରି ପୁଣି ଆସୁଛନ୍ତି ? ଜୀବମାନେ ପୁଣି ମରୁଛନ୍ତି ?'' ପଚାରିଲା ଅନୁରକ୍ତା ।

''ଭୋଳାନାଥ ଶିବଙ୍କର ମନ ପରିବର୍ତ୍ତନ ହୋଇଯିବାରୁ ପୁଣି ସେ ଘଟଣା ଚକ୍ରରେ ପଡ଼ି ଯମଙ୍କୁ ପୃଥିବୀକୁ ଆସିବା ଲାଗି ଅନୁମତି ଦେଇଥିଲେ ।''

''କିପରି ତାଙ୍କର ମନ ପରିବର୍ତ୍ତିତ ହେଲା ?'' ପୁଣି ପଚାରିଲା ଅନୁରକ୍ତା ।



''ଯମରାଜା ତ ଅପମାନିତ ହୋଇ ଯମପୁରକୁ ଚାଲିଗଲେ । ଶିବଙ୍କ ଭୟରେ ସିଏ କି ତାଙ୍କ ଦୂତ କେହି ଆଉ ପୃଥିବୀକୁ ଆସିଲେ ନାହିଁ । ପୃଥିବୀରେ ପଶୁ, ପକ୍ଷୀ, କୀଟ, ପତଙ୍ଗ, ମଣିଷ ଆଉ ମଲେ ନାହିଁ । କିନ୍ତୁ ଏଣେ ଅଧିକରୁ ଅଧିକ ଜନ୍ମ ହେବାକୁ ଲାଗିଲେ । ପୃଥିବୀ ଏତେ ଜୀବଜନ୍ତୁଙ୍କୁ ଧାରଣ କରିପାରିଲା ନାହିଁ । ତେଣୁ ପୃଥ୍ୱୀମାତା ଶିବଙ୍କ ପାଖକୁ ଯାଇ ତାଙ୍କୁ ପ୍ରାର୍ଥନା କରି କହିଲେ, ପ୍ରଭୁ, ଏ ବଢ଼ି ବଢ଼ି ଯାଉଥିବା ଓ ଆଦୌ ମରୁ ନ ଥିବା ଜୀବକୂଳଙ୍କୁ ମୁଁ ଆଉ ସମ୍ଭାଳି ପାରୁ ନାହିଁ । ଯମରାଜାଙ୍କୁ ଦୟାକରି ଆଦେଶ ଦିଅନ୍ତୁ; ପ୍ରତ୍ୟେକ ଜୀବର ସମୟ ଅନୁଯାୟୀ ସେ ତାକୁ ମୃତ୍ୟୁପୁରୀର ଶାନ୍ତି, ବିସ୍ମୃତି ଓ ନିଦ୍ରା ମଧ୍ୟକୁ ନେଇ ଆସନ୍ତୁ । ଯାହାଫଳରେ ମୋ ଉପରୁ ସେମାନଙ୍କ ଭାରା କମିବ ଓ ସେମାନେ ମଧ୍ୟ ପୁଣି ଜନ୍ମ ହୋଇ ବିକାଶ କରିପାରିବେ । ଏମିତି ଖାଲି ଯିଏ ଯେମିତି ଅଛି ସେମିତି ରହି ଅମର ରହିଲେ ଲାଭ କ'ଣ ?'

''ଶିବ ତ ଭାରି ମନୁଆ । ଯାହା ମନ ହୋଇଥିବ ସେଇଆ । ଯମଙ୍କ ଉପରୁ ତାଙ୍କ ରାଗ ଯାଇ ନ ଥାଏ । ପୃଥ୍ୱୀମାତାଙ୍କୁ ମୁଣ୍ଡ ହଲାଇ ମନା କରିଦେଲେ । କହିଲେ, 'ନା, ତାଙ୍କୁ ମୁଁ ଥରେ ବାରଣ କରିଦେଇଛି, ଆଉ ଅନୁମତି ଦେଇ ପାରିବି ନାହିଁ ।'

''ପୃଥ୍ୱୀମାତା ବହୁ ଅଡୁଆରେ ପଡ଼ିଲେ । ଶିବଙ୍କୁ ଆଉ ଭରସି କିଛି କହିପାରିଲେ ନାହିଁ । ଶେଷକୁ ଗୋଟିଏ ବୁଦ୍ଧି ପାଞ୍ଚି ଯାଇ ପାର୍ବତୀଙ୍କ ପାଖରେ ପହଞ୍ଚିଲେ । ତାଙ୍କୁ ନିଜର ଦୁଃଖ ଜଣାଇ ଶିବଙ୍କୁ ମନେଇବା ଲାଗି ଅନୁରୋଧ କଲେ ।

''ଦେବୀ ପାର୍ବତୀ ପୃଥ୍ୱୀମାତାଙ୍କ ଅସୁବିଧା ବୁଝିଲେ । ଶିବଙ୍କ ପାଖକୁ ଯାଇ ତାଙ୍କର ଅସୁବିଧା ଜଣାଇ ଯମଙ୍କୁ ପୁଣି ପୃଥିବୀକୁ ଯିବାଲାଗି ଅନୁମତି ଦେବାପାଇଁ ପ୍ରାର୍ଥନା କଲେ । ମାତ୍ର ଶିବ କିଛି ଶୁଣିଲେ ନାହିଁ । ବରଂ ବେଶୀ ରାଗି କହିଲେ, 'ଯମ ମୋର ଲିଙ୍ଗକୁ ଅବମାନନା କରି ମୋର ଭକ୍ତ ପ୍ରତି ନିଷ୍ଠୁର ଆଚରଣ କରିଛି । ତାଙ୍କୁ ମୁଁ କ୍ଷମା ଦେଇ ପାରିବି ନାହିଁ ।'

''ପାର୍ବତୀ ସିଧା କାର୍ଯ୍ୟହାସଲ ନ ହେବା ଦେଖି କଥାଟାକୁ ପୁଣି ବୁଲାଇ ଉପସ୍ଥାପିତ କଲେ । କହିଲେ, 'ପ୍ରଭୁ, ଆପଣ ନିଜେ ତ କହିଥିଲେ ମାର୍କଣ୍ଡେୟର ବୟସ ଷୋଳ ବର୍ଷରୁ ଟପିବ ନାହିଁ । ଏଥିରେ ଯମଙ୍କର କ'ଣ ଦୋଷ ହେଲା ? ସିଏତ ତାଙ୍କର କର୍ତ୍ତବ୍ୟ କରିବା ପାଇଁ ଠିକ୍ ଷୋଳବର୍ଷରେ ତାକୁ ନେବାପାଇଁ ଆସିଥିଲେ ।'

''ଏଇ କଥାଟା ଶିବଙ୍କ ମରମକୁ ଲାଗିଲା । ସେ ଟିକିଏ ଚିନ୍ତିତ ଜଣା ପଡ଼ିଲେ । ସତେ ତ, ସେ ନିଜେ ମୃକଣ୍ଡଙ୍କୁ ଏ ବର ଦେଇଥିଲେ । ବର୍ତ୍ତମାନ ତ ସବୁ ଅଡୁଆ ହୋଇ ଗଲାଣି । କରିବେ କ'ଣ ?

''ଶିବଙ୍କୁ ଅଡୁଆରେ ପଡ଼ିବା ଦେଖି ପାର୍ବତୀ ସବୁ କଥା ରହିଲା ପରି ଏକ ବାଟ ବାହାର କଲେ । ଶିବଙ୍କୁ ଅଡୁଆମୁକ୍ତ କରି ଖୁସି କରିବା ପାଇଁ କହିଲେ, 'ପ୍ରଭୁ, ଆପଣ ଅବଶ୍ୟ କହିଥିଲେ ମାର୍କଣ୍ଡେୟର ବୟସ ଷୋଳ ବର୍ଷରୁ ଟପିବ ନାହିଁ । ଏହାର ତ ଅର୍ଥ ନୁହେଁ ଯେ ସେ ଷୋଳ ବର୍ଷରେ ମରିଯିବ । ଏହାର ଅର୍ଥ ହୋଇପାରେ ସେ ସବୁବେଳେ ଷୋଳ ବର୍ଷର ହୋଇ ରହିବ । ଆଉ ବୁଢ଼ା ହେବ ନାହିଁ । କିନ୍ତୁ ଯମଙ୍କର ତ ଟିକିଏ ବୁଦ୍ଧି ନାହିଁ । ତାଙ୍କ ମୋଟା ବୁଦ୍ଧିରେ ସେ ଭାବି ନେଲେ ଯେ ଆପଣ କହିଛନ୍ତି ସେ ଷୋଳ ବର୍ଷରେ ମରିବେ । ବାସ୍ତବରେ ସେ ଆପଣଙ୍କୁ ଅବମାନନା କରି ନାହାନ୍ତି, ବରଂ ଆପଣଙ୍କ କଥାକୁ ଭୁଲ ବୁଝି ଆପଣଙ୍କ ଆଦେଶ ପାଳନ କରିବାକୁ ଯାଇଥିଲେ ।

''ଶିବ ବର୍ତ୍ତମାନ ପୂରା ଆଶ୍ୱସ୍ତ ଅନୁଭବ କଲେ । କହିଲେ ଠିକ୍ ଅଛି ।'

''ପାର୍ବତୀ କହିଲେ, 'ପ୍ରଭୁ, ଖାଲି ଠିକ୍ ଅଛି କହିଲେ ଚଳିବ ? ଯମଙ୍କୁ ପୁଣି ପୃଥିବୀକୁ ଯିବାଲାଗି ଅନୁମତି ଦେବାକୁ ହେବ ।'

''ଶିବ କହିଲେ, 'ଠିକ୍ ଅଛି, ପୃଥିବୀରୁ କେବଳ ପାଚିଲା ପତ୍ର ଝଡ଼ି ପଡୁ ।' ଏତିକି କହି ଭୋଳାନାଥ ତାଙ୍କର ଅନ୍ୟ କାମରେ ମନ ଦେଲେ ।

''ଏ ଆଦେଶ ପାଇ ଯମ ଏତେ ଖୁସି ହୋଇଗଲେ ଯେ ତାଙ୍କ



ବିଚାର-ଜ୍ଞାନ ଲୋପ ପାଇଲା । ରଙ୍କାଳିଆ ହୋଇ ଆସି ପୃଥିବୀରୁ ଖାଲି ପାଚିଲା ପତ୍ର କ'ଣ କଞ୍ଚା, କଅଁଳିଆ ଯାହା ପାଇଲେ ସବୁ ନେବାକୁ ଆରମ୍ଭ କଲେ । ତେଣୁ ଖାଲି ବୁଢ଼ା ଲୋକ ନୁହେଁ, ଯୁବକ, ଶିଶୁବି ମୃତ୍ୟୁ ମୁଖରେ ପଡ଼ିଲେ । ଯେତେବେଳେ ଯାହାକୁ ତାଙ୍କର ଇଚ୍ଛା ହେଲା ନେଲେ । ସବୁସମୟରେ ଏଇପରି କ୍ଷମତାର ଟିକିଏ ଅପବ୍ୟବହାର ଦେଖାଦେଇଥାଏ । ଏ କ୍ଷମତାର ଅପବ୍ୟବହାର ଓ ଉପବ୍ୟବହାର ସବୁ କେବଳ ଅତିମାନସ ନୂତନ ଜଗତରେହିଁ ରୋକାଯାଇ ପାରିବ । ତା' ପୂର୍ବରୁ ନୁହେଁ ।''

# ବିଶ୍ୱାସର ବିସ୍ମୟ

## ନିରଂଜନ ନାୟକ

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସମର୍ପଣ ହେଉଛି ପ୍ରଧାନ କଥା । ବ୍ୟକ୍ତି ଯେତେବେଳେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିବାର ସଂକଳ୍ପ ନିଏ ସେତେବେଳେ ସେହି ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବାଲାଗି ପାଞ୍ଚଟି ଗୁଣ ଦରକାର । ସେହି ପାଞ୍ଚଟି ଗୁଣ କାଠଚଂପା ଫୁଲର ପାଞ୍ଚଟି ପାଖୁଡ଼ାର ଅର୍ଥରେ ନିହିତ ଅଛି । ସେଗୁଡ଼ିକ ହେଉଛି ୧. ଆନ୍ତରିକତା ବା ସ୍ୱଚ୍ଛତା, ୨. ବିଶ୍ୱାସ ବା ଆସ୍ଥା, ୩. ଭକ୍ତି ବା କୃତଜ୍ଞତା, ୪. ସାହସ ବା ଅଭୀପ୍ସା ଏବଂ ୫. ସହିଷ୍ଣୁତା ବା ଅଧ୍ୟବସାୟ ।

ଏଇ ପାଞ୍ଚଟି ପାଖୁଡ଼ାର ଗୁଣାବଳିକୁ ନେଇ ମାସିକ ପତ୍ରିକା 'ନବପ୍ରକାଶ'ର 'କଳିକା ଲାଗି ପାଳିକା' ଶୀର୍ଷକ ସିରିଜରେ ଚିନ୍ମୟ ଓ ତା' ଛୋଟ ଭଉଣୀ ଅନୁରକ୍ତାର କଥୋପକଥନ ମଧ୍ୟଦେଇ ସାଧନାର ବିଭିନ୍ନ ଦିଗ ଉପରେ ଶ୍ରୀ ନିରଂଜନ ନାୟକ ଆଲୋକପାତ କରିଛନ୍ତି । ସେହି ପଞ୍ଚବିଧ ଗୁଣର ଆଲୋଚନା ମଧ୍ୟରୁ ଆମେ ପ୍ରଥମ ଗୁଣ ଆନ୍ତରିକତା ବିଷୟରେ ଗୋଟିଏ ପୁସ୍ତକ ପ୍ରକାଶ କରିଥିଲୁ । ଅନ୍ୟ ଗୁଣଗୁଡ଼ିକ ବିଷୟରେ ପୁସ୍ତକ ପ୍ରକାଶ ଲାଗି ଦାବି ହେବାରୁ ଆମେ ଦ୍ୱିତୀୟ ଗୁଣ 'ବିଶ୍ୱାସ' ସଂପର୍କରେ ଏହି ପୁସ୍ତକଟି ପ୍ରକାଶ କରୁଛୁ । ପରେ ଅବଶିଷ୍ଟ ଗୁଣଗୁଡ଼ିକ ବିଷୟରେ ପୁସ୍ତକ ସବୁ ପ୍ରକାଶ ପାଇବ । ଆଶା 'ଆନ୍ତରିକତା' ସାଧନା ପିପାସୁ ପାଠକପାଠିକାମାନଙ୍କ ଦ୍ୱାରା ଯେପରି ଆଦୃତ ହୋଇଛି ଏହି ପୁସ୍ତକଟି ମଧ୍ୟ ସେହିପରି ଆଦୃତ ହେବ ।

— ପ୍ରକାଶକ

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ୧. ବିଶ୍ୱାସର ଭିତ୍ତି | ... | ... | ୧ |
| ୨. ସବୁକିଛିର ଅନ୍ତରରେ ଓ ପଶ୍ଚାତରେ ସେ ଅଛନ୍ତି | ... | ... | ୧୧ |
| ୩. କିଏ ସେହି ଡାକ୍ତର ? | ... | ... | ୧୯ |
| ୪. ନୈରାଶ୍ୟର ଘନ ଅନ୍ଧାର ମଧ୍ୟରେ | ... | ... | ୩୦ |
| ୫. ହରିନାମ ବିହ୍ୱଳା ପତ୍ନୀ | ... | ... | ୩୭ |
| ୬. ବିଶ୍ୱାସ ବଳେ ମୂର୍ଖ ଜ୍ଞାନୀ | ... | ... | ୪୩ |
| ୭. ଅମନ୍ତ୍ର ବି ମନ୍ତ୍ର ହୁଏ | ... | ... | ୫୦ |
| ୮. ବାଗ୍‌ଦାଦରୁ କାଏରୋ | ... | ... | ୫୬ |
| ୯. କଙ୍କଡ଼ାବିଛା ନା ସୁନାମୋହର | ... | ... | ୬୮ |
| ୧୦. ସ୍ୱପ୍ନ-କଇଁ | ... | ... | ୭୬ |
| ୧୧. ବିଶ୍ୱାସ ଆଣିଦିଏ ବୀରତ୍ୱ | ... | ... | ୮୯ |
| ୧୨. ସାଧନା – ଟିକି ଚଢ଼େଇର | ... | ... | ୧୦୪ |
| ୧୩. ଦୁଇ ଦୁଣେ କେତେ | ... | ... | ୧୧୭ |
| ୧୪. ଅସାମର୍ଥ୍ୟ ସ୍ଥାୟୀନୁହେଁ | ... | ... | ୧୨୭ |
| ୧୫. ବେଙ୍ଗ ଆଇଙ୍କ ରୋଗ ମୁକ୍ତି | ... | ... | ୧୩୭ |
| ୧୬. ସେ ବାଘଟି ଟମ୍ ନ ଥିଲା | ... | ... | ୧୪୪ |
| ୧୭. ରକ୍ତପଦ୍ମ ହେଲା ଶ୍ୱେତପଦ୍ମ | ... | ... | ୧୫୭ |
| ୧୮. କୁକୁର ମାନଙ୍କର ସାଧୁପଙ୍ଗତ | ... | ... | ୧୬୩ |
| ୧୯. ଯେଉଁଠି ଇଚ୍ଛା ସେଠି ପାଇ ହେବ | ... | ... | ୧୭୪ |
| ୨୦. ସାହସ – ବିଶ୍ୱାସର ଅଙ୍ଗ | ... | ... | ୧୭୯ |
| ୨୧. ମୃତ୍ୟୁ ବିଶ୍ୱାସର ଅଧୀନ | ... | ... | ୧୮୮ |


**ବିଶ୍ୱାସର ବିସ୍ମୟ**


ଲେଖକ : ଶ୍ରୀ ନିରଂଜନ ନାୟକ



ପ୍ରଥମ ମୁଦ୍ରଣ : ୨୦୦୫



ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୦୫



ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ,
ପଣ୍ଡିଚେରୀ - ୬୦୫ ୦୦୨


**BISWASARA BISMAYA** (Oriya)


Written by : Sri Niranjan Naik



1st Edition : 2005

Price Rs. 60/-



© Sri Aurobindo Ashram Trust, 2005



Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA